O·1399

ଜଗନ୍ନାଥ ଦାସଙ୍କ ରଚନାବଳୀ

ସଂପାଦନା :

ଡକ୍ଟର ବଂଶୀଧର ଷଡ଼ଙ୍ଗୀ

ଡକ୍ଟର୍ କୁଞ୍ଜବିହାରୀ ମହାନ୍ତି

ଜଗନ୍ନାଥ ଦାସଙ୍କ ରଚନା ବଳୀ

ସମ୍ପାଦନା :
ଡକ୍ଟର ବଂଶୀଧର ଷଡ଼ଙ୍ଗୀ
ଡକ୍ଟର କୁଞ୍ଜବିହାରୀ ମହାନ୍ତି

ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ,
ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪

ପ୍ରଚ୍ଛଦ :
ହରେକୃଷ୍ଣ ରାଉତ

ମୁଦ୍ରଣ :
ଶ୍ରୀ ମା' ପ୍ରିଣ୍ଟର୍ସ, ଭୁବନେଶ୍ୱର
ମୂଲ୍ୟ : ୧୭୦.୦୦ ଟଙ୍କା ମାତ୍ର

Jagannath Dasanka Rachanabali

Edited by :
Dr. Bansidhar Sarangi
Dr. Kunjabihari Mohanty

Published by :
Orissa Sahitya Akademi
Sanskruti Bhabana,
Bhubaneswar-751014

Designed by :
Harekrushna Rout

Printed at :
Shree Maa Printers, Bhubaneswar
Price : Rs. 170.00

ISBN - 81 - 7586 - 039 - 1

ଅଗ୍ରଲେଖ

ମଧ୍ୟଯୁଗୀୟ ସୃଜନଶୀଳ କାବ୍ୟ ପରମ୍ପରାର ଅନନ୍ୟ ଦାୟାଦ ଅତିବଡ଼ୀ ନାଥ ଦାସ ସମସ୍ତ ଓଡ଼ିଆ ପରିବାର ପାଇଁ ପ୍ରାଣପ୍ରାଚୁର୍ଯ୍ୟର ଉତ୍ସ । ସେ ଥିଲେ ଜଗନ୍ନାଥଙ୍କ ପରମ ଭକ୍ତ ତଥା ଶ୍ରୀମନ୍ଦିରର ଯଶସ୍ୱୀ ପଣ୍ଡା । ଶ୍ରୀକ୍ଷେତ୍ରରେ ରାୟ ମାନନ୍ଦ, ବାସୁଦେବ ସାର୍ବଭୌମ ତଥା ଶ୍ରୀଚୈତନ୍ୟଙ୍କ ସହିତ ତାଙ୍କ ମହାମିଳନ ଜାତିର ସାଂସ୍କୃତିକ ଚେତନାକୁ ଦୀପ୍ତିମନ୍ତ କରିଥିଲା । ସଂସ୍କୃତ ଭାଗବତ ପରି ବିତ୍ର ଧର୍ମଶାସ୍ତ୍ରକୁ ତାର ଦୁର୍ବୋଧ ଶିବିରରୁ ମୁକୁଳେଇ ପ୍ରତିଟି ଓଡ଼ିଆର ମନପ୍ରାଣକୁ ଲୋଡିତ କରୁଥିବା ଓଡ଼ିଆ 'ଶ୍ରୀମଦ୍ ଭାଗବତ'କୁ ଏକ ସ୍ନିଗ୍ଧ, ମଂଜୁଳ କାବ୍ୟଛନ୍ଦରେ କୃତ କରେଇବାର ମହାନ୍ ଦାୟିତ୍ୱର ସିଏ ଥିଲେ ଅଗ୍ରସୂରୀ । ଫଳତଃ ଉତ୍କଳର ତିଟି ପଲ୍ଲୀରେ ସଂଜୀବିତ ହେଲା ସଂଧ୍ୟାଦୀପ ଭାଗବତ ଟୁଙ୍ଗିକୁ ଉଦ୍‌ଭାସିତ କରି । ାଗବତ ଭଳି ଗ୍ରନ୍ଥର ମହାନୁଭବତାରେ ଉଦ୍‌ବୁଦ୍ଧ ହେଲେ ଅସଂଖ୍ୟ ଉତ୍କଳବାସୀ । ିଗତ ପାଞ୍ଚଶହ ବର୍ଷ ଧରି ଏଇ ମୌଳିକ କାବ୍ୟଗ୍ରନ୍ଥ ଏ ଜାତିର ପ୍ରତିଟି ସ୍ନାୟୁକୁ ମନ୍ତ୍ରମୁଗ୍ଧ କରି ଆସିବା ସାଙ୍ଗକୁ ସାଧାରଣ ଭକ୍ତଜୀୟଙ୍କ ହୃଦୟକୁ ଅଭିଷିକ୍ତ କରିବା ଦିଗରେ ସମର୍ଥ ହୋଇପାରିଛି । ଅଶେଷ ରାଜନୈତିକ, ସାମାଜିକ ତଥା ଭୌଗୋଳିକ ପରିବର୍ତ୍ତନ ସାଙ୍ଗକୁ ପ୍ରଶାସନିକ ବିନ୍ୟାସ ଏଇ ମହାନ୍ ଗ୍ରନ୍ଥର ଶ୍ରୀବୃଦ୍ଧି ସାଧନ କରିଛି ସିନା ଏହାକୁ କେବେହେଲେ ଓଡ଼ିଆ ଜନଜୀବନଠୁ ଦୂରେଇ ରଖିପାରି ନାହିଁ । ଯେମିତି ଏହି ଇନ୍ଦ୍ରିଯୋଉର କାବ୍ୟଶୈଳୀ ପ୍ରତିଟି ସ୍ୱାଭିମାନୀ ଓଡ଼ିଆ ପାଇଁ ତ୍ୟାଗ, ବଳୀଦାନ ତଥା କରୁଣାର ଦିଗବାରେଣୀ । ହୁଏତ ଭାଗବତ ସଂହତିର ସେଇ ମିଳନ ପୀଠ ଭାଗବତ ଟୁଙ୍ଗିର 'ବିଚାରଶାଳା' ଆଜି ଆମ ଗହଣରୁ ସାମୟିକ ମେଲାଣି ନେଇଛି କିନ୍ତୁ ଓଡ଼ିଆ ଗ୍ରାମୀଣ ଜୀବନର ଅନ୍ତରାଳେ ଏହା ଆଜିବି ଅନ୍ତଃପ୍ରେରଣିତ ଉତ୍ସଭାବେ ଯେ ବଳଶାଳୀ ଏହା ଅନୁଭବି ମାତ୍ରେ ହିଁ କହିବ ।

ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଚେତନାର ଏଇ ନିରବଚ୍ଛିନ୍ନ ପ୍ରବାହକୁ ଆଜି ଉଜ୍ଜୀବିତ କରି ରଖିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ନିଜର ନୈତିକ ଦାୟିତ୍ୱ

ବିଷୟ ସୂଚୀ

ପ୍ରଥମ ପରିଚ୍ଛେଦ :

ଜୀବନୀ ୧-୫୧

ଜଗନ୍ନାଥ ଦାସଙ୍କ ଜନ୍ମସ୍ଥାନ - ପିତାମାତା - ଜନ୍ମକାଳ - ଶିକ୍ଷା-ବୈରାଗ୍ୟ-ଦୀକ୍ଷାଗ୍ରହଣ-ଶ୍ରୀମନ୍ଦିରରେ ସେବା-ମହାପ୍ରୟାଣ-ଅଲୌକିକତା - ଅତିବଡ଼ୀ ଉପାଧି-ଅତିବଡ଼ୀ ସମ୍ପ୍ରଦାୟ-ଧର୍ମ ଓ ଦର୍ଶନ-ରଚନାଳୀ

ଦ୍ୱିତୀୟ ପରିଚ୍ଛେଦ :

ସମ୍ପାଦନା ପଦ୍ଧତି ୫୩-୧୧୧

ସୂଚନା- 'ରାସ ପଞ୍ଚାଧାୟୀ' ପ୍ରାପ୍ୟ ସାମଗ୍ରୀ-ପ୍ରାପ୍ୟ ସାମଗ୍ରୀର ବିସ୍ତୃତ ବିବରଣ-ଶୁଦ୍ଧ ପାଠ ନିମିତ୍ତ ଗୃହୀତ ପାଠର ବୈଶିଷ୍ଟ୍ୟ-ସଂକୀର୍ଣ୍ଣ ସମ୍ବନ୍ଧ ଓ ପରିବାର ନିର୍ଣ୍ଣୟ-'ରାସ ପଞ୍ଚାଧାୟୀ' ଅଧିକା ପଦର ବିଚାର- 'ରାସ ପଞ୍ଚାଧାୟୀ'ରେ ନଥିବା ପଦର ବିଚାର- ପାଠ ନିର୍ଣ୍ଣୟ ଓ ପ୍ରସ୍ତୁତ ସଂକଳନ ସିଦ୍ଧାନ୍ତ

ତୃତୀୟ ପରିଚ୍ଛେଦ :

ରଚନାବଳୀ ୧୧୩-୪୦୨

ରାସ ପଞ୍ଚାଧାୟୀ-୧୧୫, ଧ୍ରୁବ ଚରିତ- ୧୬୦, ଛଡ଼ରସ ଭାଗବତ - ୨୦୨, ଗୁପତ ଗୀତା- ୨୩୪, ଦାରୁବ୍ରହ୍ମ ଗୀତା-୨୪୮, ପଞ୍ଚଭୂତ ଗୀତା-୨୮୨, ବ୍ରହ୍ମଗୀତା ବା ଦୂତୀ ବୋଧ - ୨୯୬, ନାମ ଚନ୍ଦ୍ରିକା-୩୦୦, ଶୋକ ଚଉପଦୀ - ୩୨୬, ଶ୍ରୀଗୁଣ୍ଡିଚା ବିଜୟ-୩୭୦, ଗଜ ନିସ୍ତାରଣ-୩୮୦, ଉଦ୍ଧବ ଜଣାଣ-୩୮୮, ପାହାନ୍ତି ଅବକାଶ-୩୯୪, ହାତୀ ଝୁଲଇରେ-୩୯୭, ଗୁରୁ ନିରାକାର ତୁମ୍ଭେ-୩୯୯

ପ୍ରଥମ ପରିଚ୍ଛେଦ

ଜୀବନୀ

ଭାରତର ମଧ୍ୟଯୁଗୀୟ ସନ୍ଥ ପରଂପରାରେ ଅତିବଡ଼ୀ ଜଗନ୍ନାଥ ଦାସ ଅନ୍ୟତମ । ସାଧକ କବୀର, ନାନକ, ତୁଳସୀ ଦାସ, ସୁରଦାସ ପ୍ରଭୃତିଙ୍କ ପରି ସେ ଜନସାଧାରଣଙ୍କୁ ଆଧ୍ୟାତ୍ମିକ ଚେତନା ଦ୍ୱାରା ପ୍ରଭାବିତ କରିଥିଲେ । ସେ ଥିଲେ ଏକାଧାରାରେ କବି, ଭକ୍ତ, ପଣ୍ଡିତ ଓ ଯୋଗାରୁଢ଼ ପୁରୁଷ । ଓଡ଼ିଶାର ଘରେ ଘରେ ପ୍ରତ୍ୟହ ତାଙ୍କ ରଚିତ ଭାଗବତ ପାଠ କରାଯାଏ ଓ ପ୍ରତ୍ୟେକ ଗ୍ରାମରେ ଏକାଧିକ ଭାଗବତ ଗାଦି ପୂଜିତ ହୁଏ । ଏହି ଭାଗବତ ଗାଦି ଓଡ଼ିଶାର ଗ୍ରାମ୍ୟ ଜୀବନର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବୋପରି ଓଡ଼ିଶାର ଧର୍ମ,ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଜନ୍ମସ୍ଥାନ - ଭକ୍ତକବି ଜଗନ୍ନାଥ ଦାସ ଶ୍ରୀକ୍ଷେତ୍ର ଠାରୁ ପଶ୍ଚିମରେ ନଅକିଲୋମିଟର ଦୂରରେ ଅବସ୍ଥିତ କପିଳେଶ୍ୱରପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । କଥିତ ଅଛି ମହାରାଜା କପିଳେନ୍ଦ୍ରଦେବ ଏହି ଶାସନ ପ୍ରତିଷ୍ଠା କରିଥିବାରୁ, ତାଙ୍କ ନାମାନୁସାରେ ଗ୍ରାମର ନାମ ହେଲା କପିଳେଶ୍ୱରପୁର । ଉକ୍ତ ଗ୍ରାମରେ ଚାରୋଟି 'ଶ' ଓ ତେରଟି ପଡ଼ା ଅଛି । କପିଳେନ୍ଦ୍ରଦେବ ପ୍ରତି 'ଶ'ରେ ଏକଶହ ବ୍ରାହ୍ମଣ ଘର ବସାଇ ସେମାନଙ୍କୁ ଦାନ ଦେବା ସଙ୍ଗେ ସଙ୍ଗେ ଅତିବଡ଼ୀଙ୍କ ପୂର୍ବ ପୁରୁଷ ଶ୍ରୀ ପୁରୁଷୋତ୍ତମ ଦାସଙ୍କୁ ଭୂମି ଦାନ କରିଥିଲେ । ଏହି ଗ୍ରାମର ପ୍ରଥମାଂଶରେ କୌଶିକ ଗୋତ୍ରୀୟ 'ଦାଶ' ଉପାଧିଧାରୀ ଏକ ବ୍ରାହ୍ମଣ ବଂଶ ଥିଲା । 'ଦାସ' ଶବ୍ଦର ଅର୍ଥ ସେବକ । ଜଗନ୍ନାଥଙ୍କ ସେବକ ହୋଇଥିବାରୁ ଜଗନ୍ନାଥ ଦାସ 'ଦାଶ' ପରିବର୍ତ୍ତେ 'ଦାସ' ଶବ୍ଦ ବ୍ୟବହାର କରୁଥିଲେ[୧] । ଏବେ ଏହି ଗ୍ରାମରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଡିହ ଉପରେ ଗୋଟିଏ କୋଠାଘର ନିର୍ମାଣ କରାଯାଇ ଅତିବଡ଼ୀଙ୍କର ଏକ ପ୍ରସ୍ତର ମୂର୍ତ୍ତି ପୂଜା ପାଉଅଛି ।

ଏହି କପିଳେଶ୍ୱରପୁର ଶାସନରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିବା କଥା ତାଙ୍କ ନାମ ଭଣିତା ଥିବା କ୍ଷେତ୍ରବର ଚଉତିଶା[୨] ଓ ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ[୩] ଗ୍ରନ୍ଥରୁ ଜଣାଯାଏ ।

---

୧. ଅତିବଡ଼ୀ ଜଗନ୍ନାଥ ଦାସ ଗୋସ୍ୱାମୀ - ପୃ.୩ ପ୍ରକାଶକ - ବଡ଼ ଓଡ଼ିଆ ମଠ, ୧୯୭୩

୨. କପିଳେଶ୍ୱର ଯେ ଶାସନ ଗରିଷ୍ଠ ।
ବିପ୍ର କୁଳେ ଜନ୍ମ ମୁହିଁ ଏକ ବ୍ରହ୍ମନିଷ୍ଠ ।

ପିତାମାତା :- ଜଗନ୍ନାଥ ଦାସଙ୍କ ପିତାଙ୍କ ନାମ ଥିଲା ଭଗବାନ ଦାସ ଓ ମାତାଙ୍କ ନାମ ପଦ୍ମାବତୀ[୪]। କିନ୍ତୁ ଅନ୍ୟ ଏକ ଗ୍ରନ୍ଥ 'ପ୍ରେମସାର ତନ୍ତ୍ର'ରେ ତାଙ୍କ ପିତାଙ୍କନାମ 'ଭଗବାନ' ଥିବା ସ୍ଥଳେ ମାତାଙ୍କ ନାମ 'କମଳା ଦେବୀ' ବୋଲି ଉଲ୍ଲେଖ ଅଛି[୫]। ତେବେ ପଦ୍ମାବତୀ ଓ କମଳା ଉଭୟ ଏକାର୍ଥବୋଧକ ହୋଇଥିବାରୁ ସାଧାରଣତଃ ଏ ଦୁଇଟି ନାମରେ କୌଣସି ପାର୍ଥକ୍ୟ ନାହିଁ ।

ଜନ୍ମକାଳ :-

ଭକ୍ତ କବି ଜଗନ୍ନାଥ ଦାସଙ୍କ ଜନ୍ମ ବର୍ଷ ସଂପର୍କରେ ସମାଲୋଚକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ପରିଲକ୍ଷିତ ହୁଏ । ସେହିପରି କେତେକ ମତାମତ ବିଶେଷ ପ୍ରଣିଧାନଯୋଗ୍ୟ ହୋଇ ଥିବାରୁ ଏଠାରେ ସେ ସବୁର ଉଲ୍ଲେଖ କରାଗଲା ।

କ) ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ଜଗନ୍ନାଥ ଦାସ ୧୪୮୦ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ କାଳରେ ଜନ୍ମ ଗ୍ରହଣ କରି ନଥିବେ[୬]

---

୩. ନାମ କପିଳେଶ୍ୱରପୁର,
ଶାସନ ମଧ୍ୟେ ତାଙ୍କ ଘର ।
୧ମ ଅଧ୍ୟାୟ

୪. ପୁରାଣ ପଣ୍ଡା ଭଗବାନ, ସ୍ୱପତ୍ନୀ ପଦ୍ମାବତୀ ନାମ ।
ପୂର୍ବେ ତପସ୍ୟା ସାଧିଥିଲେ, ତେଣୁ ସେ ତାହାଙ୍କୁ ପାଇଲେ ।
ଜଗନ୍ନାଥ ଚରିତାମୃତ - ୧ମ ଅଧ୍ୟାୟ

ପିତା ମୋର ଭଗବାନ ଦାସ ମହାଶୟ
ପଦ୍ମାବତୀ ମାତା ମୋର ସଦ୍‌ଗୁଣ ସଞ୍ଚୟ ।
କ୍ଷେତ୍ରବର ଚଉତିଶା ।

୫. ଅତିବଡ଼ୀ ଜଗନ୍ନାଥ ପରିକ୍ରମା - ପୃ.୯୨ । ପ୍ରକାଶକ - ପୂଜ୍ୟପୂଜା ସଂସଦ, ୧୯୭୫ ।

୬. ଓଡ଼ିଆ ସାହିତ୍ୟର ଇତିହାସ - ୧୯୬୨, ପୃ ୬୨

ଖ) ଆଲୋଚକ ବିଜୟ ଚନ୍ଦ୍ର ମଜୁମଦାର[୭], ପଣ୍ଡିତ ସୂର୍ଯ୍ୟନରାୟଣ ଦାସ[୮], ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର[୯], ଡକ୍ଟର ବଂଶୀଧର ମହାନ୍ତି[୧୦] ସୁରେନ୍ଦ୍ର ମହାନ୍ତି,[୧୧] ପ୍ରମୁଖ ୧୪୮୦ ରୁ ୧୪୯୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ସମୟ ନିରୂପଣ କରିଛନ୍ତି ।

ଗ) ସମାଲୋଚକ ପ୍ରଭାତ ମୁଖର୍ଜୀ[୧୨] ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ[୧୩] ଦେବେନ୍ଦ୍ର

---

୭. "As Jagannath was converted to Vaishnavism by Chaitanya Deva himself Shortly after his arrival in Orissa in 1510, the poet was very likely born some time in the 9th decade of the 15th century."
Typical Selections from Oriya Literature - Vol.I, 1921, P.XXV

୮. ଅଚ୍ୟୁତାନନ୍ଦଙ୍କ ଉଦୟ କାହାଣୀରେ ଅଛି,
ତିନି ସତର ପକ୍ଷ ପୁର ଯେବେ, ଅନନ୍ତ ଶିଶୁ ଜନମିଛି ତେବେ ।
ତାର ସଙ୍ଗେ ଯେବେ ଭୁଜ ମିଶିଲା, ଜଗନ୍ନାଥ ଦାସ ଉଦୟ ହେଲା ।
୩+୧୭+୨(ପକ୍ଷ)+୩ପୁର=୨୫, ପୁରୁଷୋତ୍ତମ ଦେବଙ୍କ ୨୫ ଅଙ୍କ ଅର୍ଥାତ୍ ଖ୍ରୀ.୧୪୮୬ ରେ ଶିଶୁ ଅନନ୍ତଙ୍କ ଜନ୍ମ । ଏହି ୨୫ ସଙ୍ଗେ ଭୁଜ ଅର୍ଥାତ୍ ୨ ମିଶାଇ ପୁରୁଷୋତ୍ତମ ଦେବଙ୍କ ୨୭ ଅଙ୍କ ଅର୍ଥାତ୍ ୧୪୮୭ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ଦାସଙ୍କ ଜନ୍ମ ।
ଓଡ଼ିଆ ସାହିତ୍ୟର ଇତିହାସ -୧ମ ଭାଗ, ୧୯୭୮, ପୃ.୪୯୮

୯. ୧୪୧୨ ଶକାବ୍ଦ (ଖ୍ରୀ:୧୪୯୦) ଭାଦ୍ର ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ଅନୁରାଧା ନକ୍ଷତ୍ର ଅର୍ଥାତ୍ ଶ୍ରୀରାଧା ଜନ୍ମାଷ୍ଟମୀ ବୁଧବାର ଦିନ ମଧ୍ୟାହ୍ନ ସମୟ ଏହି ମହାତ୍ମାଙ୍କ ଆବିର୍ଭାବ କାଳ ।
ଅତିବଡ଼ୀ ଶ୍ରୀଜଗନ୍ନାଥ ଦାଶ ଗୋସ୍ୱାମୀ- ପୃ. ୩-୪

୧୦. କବି ଜଗନ୍ନାଥ ଦାସ ଖ୍ରୀ:୧୪୮୭ରେ ଜନ୍ମଗ୍ରହଣ କରିଥିଲେ ।
ଭକ୍ତ କବି ଜଗନ୍ନାଥ ଦାସ ଏକ ସମୀକ୍ଷା, ୧୯୭୭, ପୃ.୩

୧୧. ଜଗନ୍ନାଥ ଦାସ ୧୪୧୨ ଶକାବ୍ଦ ବା ଖ୍ରୀ.ଅ. ୧୪୯୦ ଭାଦ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଅନୁରାଧା ନକ୍ଷତ୍ର ବୁଧବାର ଦିନ ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ ।
ଓଡ଼ିଆ ସାହିତ୍ୟର ମଧ୍ୟପର୍ବ - ୧୯୬୭, ପୃ ୨୭୧

୧୨. "The Master came to Puri, for the first time in 1510 A.D. Thus Jagannatha Dasa was born not before 1491 A.D."
The History of Medieval Vaishnivism in Orissa - P.78

୧୩. ଜଗନ୍ନାଥ ଦାସ ୧୪୯୨ ରୁ ୧୫୫୨ ଖୀଷ୍ଟାବ୍ଦ ପର୍ଯ୍ୟନ୍ତ ଜୀବିତ ଥିଲେ ।
ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ୧୯୭୭, ପୃ.୧୦୯.

ମହାନ୍ତି,[୧୪] ପ୍ରମୁଖ ୧୪୯୧ ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ ସମୟରେ ଜଗନ୍ନାଥ ଦାସ ଜନ୍ମ ଗ୍ରହଣ କରିଥିଲେ ବୋଲି ମତ ଦେଇଛନ୍ତି ।

ଘ) ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ ଜଗନ୍ନାଥ ଦାସ ୧୪୬୬ରୁ ୧୪୯୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜନ୍ମଗ୍ରହଣ କରିଥିଲେ । [୧୫]

ଙ) ଜଗନ୍ନାଥ ଦାସ ୧୪୯୦ କି ୧୪୯୧ ସାଲରେ ଜନ୍ମଗ୍ରହଣ କରି ୧୫୫୦ ବା ୧୫୫୧ ସାଲରେ ଦେହତ୍ୟାଗ କରିଥିବା କଥା ସମାଲୋଚକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରକାଶ କରିଛନ୍ତି[୧୬] ।

ଚ) ୧୪୯୮ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିବା କଥା ଡକ୍ଟର କୃଷ୍ଣଚରଣ ସାହୁ ସ୍ୱୀକାର କରିଛନ୍ତି[୧୭]

ଏହିପରି ସମାଲୋଚକମାନେ ଭିନ୍ନ ମତ ପୋଷଣ କରିଥିଲେ ହେଁ ବଳିଷ୍ଠ ପ୍ରମାଣ ଦ୍ୱାରା କେହି ନିର୍ଦ୍ଦିଷ୍ଟ ସମୟ ସ୍ଥିର କରି ନାହାନ୍ତି । ଅପ୍ରାମାଣିକ ଗ୍ରନ୍ଥ 'ପ୍ରେମସାର ତନ୍ତ୍ର'ରୁ ସେ ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀ ଦିନ ଜନ୍ମ ଗ୍ରହଣ କରିଥିବାର ସୂଚନା ମିଳୁଥିଲେ[୧୮] ମଧ୍ୟ ଏହା ଗ୍ରହଣୀୟ ନୁହେଁ ।

ସମାଲୋଚକ ଡକ୍ଟର ଦୀନେଶ ଚନ୍ଦ୍ର ସେନ୍‌ଙ୍କ ମତରେ ଚୈତନ୍ୟ ୨୪ ବର୍ଷ ବୟସରେ ସନ୍ନ୍ୟାସ ଧର୍ମ ଗ୍ରହଣ କରି ୧୫୧୦ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୯ ତାରିଖ ଅପରାହ୍ନରେ ପୁରୀ ଠାରେ ଆସି ପହଞ୍ଚିଥିଲେ[୧୯]। ପ୍ରଥମ ଥର ପୁରୀ ଆସୁଥିବାରୁ

---

୧୪. ଶ୍ରୀ ଚୈତନ୍ୟଙ୍କ ଉତ୍କଳ ଆଗମନ କାଳ ୧୫୧୦ ସାଲ ଏବଂ ସେତେବେଳକୁ ଜଗନ୍ନାଥ ଦାସଙ୍କର ବୟସ ଅଠର ବର୍ଷ ହେଲେ ତାଙ୍କର ଜନ୍ମ ୧୪୯୨ ବା ୧୪୯୩ ସାଲ ବୋଲି ଅନୁମାନ କରାଯାଇ ପାରେ । ପଞ୍ଚସଖା ଓଡ଼ିଆ ସାହିତ୍ୟ - ୧୯୭୩, ପୃ.୭୫ ।

୧୫. ଓଡ଼ିଶା ଇତିହାସ - ୧ମ ଖଣ୍ଡ, ପୃ. ୨୬୪

୧୬. ପରଚେ ଗୀତା - ମୁଖବନ୍ଧ, ପୃ.୪-ପ୍ରକାଶକ-ପ୍ରାଚୀ ସମିତି, ୧୯୨୯

୧୭. ପ୍ରାଚୀନ ସାହିତ୍ୟ - ୧୯୭୮, ପୃ.୨୬୧

୧୮. ଅତିବଡ଼ୀ ଜଗନ୍ନାଥ ପରିକ୍ରମା - ୧୯୭୫, ପୃ ୯୨.

୧୯. Chaitanya and His Companions - Dr. Dinesh Ch. Sen, 1917.

ସେ କାହାରି ସାହଚର୍ଯ୍ୟ ଲାଭ କରି ନଥିଲେ । ରାଗାନୁଗା ଭକ୍ତିଭାବ ସଂପର୍କରେ ଆଲୋଚନା କରି କିଛି ଶିକ୍ଷା କରିବା ପାଇଁ ସେ ମଧ ଉପଯୁକ୍ତ ବ୍ୟକ୍ତି ପାଇଲେ ନାହିଁ । ତେଣୁ ବାସୁଦେବ ସାର୍ବଭୌମଙ୍କ ନିର୍ଦ୍ଦେଶ କ୍ରମେ ସେ ରାୟରାମାନନ୍ଦଙ୍କ ସହିତ ସାକ୍ଷାତ କରିବା ପାଇଁ ଦାକ୍ଷିଣାତ୍ୟ ଯାତ୍ରା କଲେ । ପ୍ରଥମ ଥର ପୁରୀ ଆଗମନ କରି ସେ ମାତ୍ର ଦୁଇମାସ[୨୦] ମତାନ୍ତରେ ୧୮ଦିନ[୨୧] ପୁରୀରେ ଅବସ୍ଥାନ କରିବା ପରେ ଦାକ୍ଷିଣାତ୍ୟ ଯାତ୍ରା କରିଥିଲେ । 'ଶ୍ରୀ ଚୈତନ୍ୟ ଚରିତାମୃତ'ରେ ତାଙ୍କର ଛଅବର୍ଷ ତୀର୍ଥ ଭ୍ରମଣ କରିବା କଥା ଉଲ୍ଲେଖ ଥିବା ସ୍ଥଳେ[୨୨] ପ୍ରକୃତରେ ୩ବର୍ଷ ୬ମାସର ବର୍ଣ୍ଣନା ପ୍ରଦାନ କରାଯାଇଛି । ଆଲୋଚକ ଶ୍ରୀ ବିମାନ ବିହାରୀ ମଜୁମଦାର ଏହି ତିନି ବର୍ଷ ଛଅ ମାସର ବିବରଣୀ ଦେଇଛନ୍ତି[୨୩], ସେଥି ମଧ୍ୟରୁ ଦାକ୍ଷିଣାତ୍ୟ ଯାତ୍ରା ଦୁଇ ବର୍ଷ, ଗୌଡ଼ ଯାତ୍ରା ପ୍ରାୟ ଆଠମାସ, ବୃନ୍ଦାବନ ଯାତ୍ରା ପ୍ରାୟ ଦଶମାସ-ଏହିପରି ସର୍ବମୋଟ ବୟାଳିଶ ମାସ ବା ତିନି ବର୍ଷ ଛଅମାସ, ପୁଣି ସେ ଚୈତନ୍ୟଙ୍କର ଛଅ ବର୍ଷ ତୀର୍ଥ ଯାତ୍ରାକୁ ୧୪୩୧ରୁ ୧୪୩୭ ଶକାବ୍ଦ ବା ୧୫୦୯ରୁ ୧୫୧୫ ଖ୍ରୀଷ୍ଟାବ୍ଦ ସମୟସୀମା ମଧ୍ୟରେ ଅବସ୍ଥାପିତ କରିଛନ୍ତି[୨୪] । କିନ୍ତୁ ଯଦୁନାଥ ସରକାରଙ୍କ ମତରେ ଶ୍ରୀ ଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରୁ ଛଅବର୍ଷ ପୁରୀ ସମେତ ସମଗ୍ର ଭାରତବର୍ଷ ଭ୍ରମଣ କରିବା ପରେ ତିରିଶ ବର୍ଷ ବୟସରେ ପୁରୀଠାରେ ଅବସ୍ଥାନ କରି ତାଙ୍କର ଶେଷ ଜୀବନ ଅତିବାହିତ କରିଥିଲେ[୨୫] । ତେଣୁ ଶ୍ରୀ ଚୈତନ୍ୟ ପ୍ରାୟ ୧୫୧୬ ଖ୍ରୀଷ୍ଟାବ୍ଦରୁ ପୁରୀରେ ସ୍ଥାୟୀ ଭାବରେ ଅବସ୍ଥାନ କଲେ ।

ଜଗନ୍ନାଥ ଦାସ ଦୀର୍ଘ ଛଅ ବର୍ଷ କାଳ ଶ୍ରୀ ଚୈତନ୍ୟଙ୍କର ସେବାଧିକାର ଲାଭ କରିଥିଲେ ବୋଲି 'ଜଗନ୍ନାଥ ଚରିତାମୃତ'ରେ ଉଲ୍ଲେଖ ଅଛି[୨୬] । ଶ୍ରୀ ଚୈତନ୍ୟ

---

୨୦. ଚୈତନ୍ୟ ଚନ୍ଦ୍ରୋଦୟ - କବି କର୍ଣ୍ଣପୁର, (VI. 9)

୨୧. ଚୈତନ୍ୟ ଚରିତାମୃତ ମହାକାବ୍ୟ - କବି କର୍ଣ୍ଣପୁର

୨୨. ତାର ମଧ୍ୟେ ଛୟ ବସର ଗମନା ଗମନ
ନୀଳାଚଳେ ଗୌଡ଼ ସେତୁବନ୍ଧ ବୃନ୍ଦାବନ ।
ମଧ୍ୟଲୀଳା, ୧ମ ପରିଚ୍ଛେଦ

୨୩. ଶ୍ରୀ ଚୈତନ୍ୟ ଚରିତେର ଉପାଦାନ - ପୃ. ୧୬

୨୪. ଶ୍ରୀ ଚୈତନ୍ୟ ଚରିତେର ଉପାଦାନ - ପୃ. ୨୦

25. Chaitanya's Life and Teachings - P. 10

୨୬. ଷଡ଼ ବରଷ ନିରନ୍ତର । ସେବିଲେ ଚୈତନ୍ୟ ପୟର ।
୨୪ ଶ ଅଧ୍ୟାୟ

ପୁରୀରେ ସ୍ଥାୟୀ ଭାବରେ ବାସ କରିବା ପରେ ଅର୍ଥାତ୍ ୧୫୧୬ ପରେ ଜଗନ୍ନାଥ ଦାସ ନିରନ୍ତର ଛଅ ବର୍ଷ ତାଙ୍କର ସେବା କରିବାର ସୁଯୋଗ ଲାଭ କରିଥିବେ । ଶ୍ରୀ ଚୈତନ୍ୟ ଛଅବର୍ଷ ତୀର୍ଥ ଭ୍ରମଣ କରି ୧୫୧୬ ଖ୍ରୀଷ୍ଟାବ୍ଦରେ ପୁରୀରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଜଗନ୍ନାଥ ଦାସଙ୍କ ସହିତ ସାକ୍ଷାତ ହୋଇ ନଥିବ । ଉଭୟଙ୍କର ପରିଚୟ ହେଉ ହେଉ କିଛିଦିନ ଚାଲିଯାଇଥିବ ଓ ସେତେବେଳକୁ ୧୫୧୭ ଖ୍ରୀଷ୍ଟାବ୍ଦ ବୋଲି ଗ୍ରହଣ କରାଯାଇ ପାରେ । ଶ୍ରୀ ଚୈତନ୍ୟ ଓ ଜଗନ୍ନାଥ ଦାସଙ୍କର ସାକ୍ଷାତ ସମୟକୁ ଜଗନ୍ନାଥ ଦାସଙ୍କୁ ୧୮ ବର୍ଷ ବୟସ ହୋଇଥିବା କଥା 'ଜଗନ୍ନାଥ ଚରିତାମୃତ'ରେ ଉଲ୍ଲେଖ ଅଛି[୨୭] । ତେଣୁ ୧୫୧୭ ଖ୍ରୀଷ୍ଟାବ୍ଦ ବେଳକୁ ତାଙ୍କୁ ଅଠର ବର୍ଷ ହୋଇଥିଲା ଓ ତାଙ୍କର ଜନ୍ମ ବର୍ଷ ଥିଲା ୧୪୯୯ ଖ୍ରୀଷ୍ଟାବ୍ଦ ।

'ଜଗନ୍ନାଥ ଚରିତାମୃତ' ରେ ତାଙ୍କର ଜନ୍ମତିଥି ନିର୍ଦ୍ଦିଷ୍ଟ ଭାବରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ବୁଧବାର, ଅନୁରାଧା ନକ୍ଷତ୍ର ବିଛା ରାଶି, ମଧ୍ୟାହ୍ନ ମାହେନ୍ଦ୍ର ବେଳା [୨୮] ବୋଲି ପ୍ରଦତ୍ତ ହୋଇଛି । ଇଣ୍ଡିଆନ୍ ଏଫିମେରିଜ୍[୨୯] ରୁ ଦେଖାଗଲା ଯେ ୧୪୯୯ ଖ୍ରୀଷ୍ଟାବ୍ଦରେ ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ବୁଧବାର ଦିନ ପଡ଼ିଥିଲା ଓ ସେଦିନ ଥିଲା ଅଗଷ୍ଟ ୧୪ ତାରିଖ । ଏଥିରେ ଆଲୋଚିତ ବିଭିନ୍ନ ତଥ୍ୟ ଅନୁଯାୟୀ ୧୪୯୯ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୪ ତାରିଖକୁ ଜଗନ୍ନାଥ ଦାସଙ୍କ ଜନ୍ମଦିନ ଭାବେ ନିଃସନ୍ଦେହରେ ଗ୍ରହଣ କରାଯାଇ ପାରେ ।

---

୨୭. ଅଷ୍ଟାଦଶ ବରଷ ଠାରେ । ଶ୍ରୀ ଚୈତନ୍ୟ ଭେଟ ହେଲେ ।
୨୪ ଶ ଅଧ୍ୟାୟ

୨୮. ଭାଦ୍ର ଯେ ଶୁକ୍ଳାଷ୍ଟମୀ ଦିନ । ମଧ୍ୟାହ୍ନ କାଳେ ହେଲେ ଜନ୍ମ ।
ବୁଧ ଅନୁରାଧା ବିଛାରେ । ମାହେନ୍ଦ୍ର ଗୁରୁଙ୍କ ବେଳାରେ ।
୧ମ ଅଧ୍ୟାୟ

୨୯. An Indian Ephemeris - L.D.Swami Kannu Pillai, Vol. V, 1922, P. 201

ଶିକ୍ଷା :

ଚାରିବର୍ଷ ବୟସ ସମୟରେ ଜଗନ୍ନାଥ ଦାସଙ୍କର କର୍ଣ୍ଣବେଧ ବିଦ୍ୟାରମ୍ଭ ଓ ଉପନୟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସେ ପ୍ରଥମେ ଗ୍ରାମ ପାଠଶାଳାରେ ବର୍ଣ୍ଣପାଠ ଓ ଅଙ୍କ ଆଦି ଶିକ୍ଷା ଲାଭ କରିଥିଲେ । ଏହାପରେ ସେ କଳାପ ଓ ବର୍ଦ୍ଧମାନ ନାମକ ଦୁଇଟି ବ୍ୟାକରଣ ଗ୍ରନ୍ଥ କଣ୍ଠସ୍ଥ କଲେ । ଦ୍ୱାଦଶ ବର୍ଷରେ ସେ ଅଧ୍ୟୟନ କଲେ ଋକ୍,ସାମ, ଯଜୁର୍ବେଦ ସଂହିତା, ନ୍ୟାୟ, ବେଦାନ୍ତ, ଦର୍ଶନ ଶାସ୍ତ୍ର ପ୍ରଭୃତି । ଏ ସବୁ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭ କରିବା ପରେ ସେ ମହାଭାରତ, ରାମାୟଣ ଓ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ସମୂହ ପାଠ କରିଥିଲେ[୩୦]

ବୈରାଗ୍ୟ :

ଜଗନ୍ନାଥ ଦାସ ଦ୍ୱାଦଶ ବର୍ଷ ବୟସରେ ବିବାହ କରିବା ପାଇଁ ତାଙ୍କ ପିତା ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରିନଥିଲେ[୩୧] ଏବଂ ଡୋର କୌପୁନି ନେଇ ବୈରାଗୀ ହେଲେ[୩୨] । କିନ୍ତୁ କେତେକ ଅପ୍ରାମାଣିକ ରଚନାରେ ସେ ବିବାହ କରିଥିବା କଥା ଉଲ୍ଲେଖ ଅଛି । 'ପ୍ରେମସାର ତନ୍ତ୍ର'ରୁ ସେ ବନମାଳୀ ରାଜଗୁରୁଙ୍କ ପ୍ରେରଣାରେ କୃଷ୍ଣପ୍ରିୟା ନାମ୍ନୀ କନ୍ୟାଙ୍କ ପାଣି ଗ୍ରହଣ କରି ଥିବାର ଜଣାଯାଏ[୩୩] । 'ଅନାଦି ସଂହିତା' ଅନୁଯାୟୀ ତାଙ୍କ ପତ୍ନୀଙ୍କ ନାମ ଥିଲା ରଙ୍ଗବତୀ[୩୪] ।

ସେ ଥିଲେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଓ ଶ୍ରୀମନ୍ଦିରର ପୁରାଣ ପଣ୍ଡା । ଶ୍ରୀକ୍ଷେତ୍ରଠାରେ ଶ୍ରୀଚୈତନ୍ୟ, ବାସୁଦେବ ସାର୍ବଭୌମ ଓ ରାୟ ରାମାନନ୍ଦ ପ୍ରମୁଖ ବୈଷ୍ଣବଙ୍କ ସଂସ୍ପର୍ଶରେ ଆସିବା ଫଳରେ ତାଙ୍କ ଏହି ବୈରାଗ୍ୟ ଭାବ ଅଧିକ ସୁଦୃଢ଼ ହୋଇଥିଲା । ଭାଗବତ ପରି ଶ୍ରେଷ୍ଠ ଧର୍ମ-ଶାସ୍ତ୍ରର ଅଧ୍ୟୟନ ଓ ଅନୁବାଦ କରିବା ଦ୍ୱାରା ସେ ଧର୍ମପୂତ ବ୍ରହ୍ମଚାରୀ ଜୀବନ ଯାପନ କରିବା ପାଇଁ ପ୍ରେରଣା ଲାଭ କରିଥିବା ଅନୁମାନ କରାଯାଇ ପାରେ ।

---

୩୦. ଜଗନ୍ନାଥ ଚରିତାମୃତ - ୧ମ ଅଧ୍ୟାୟ

୩୧. ଦ୍ୱାଦଶ ବରଷର ବେଳେ । ପିତା ବିବାହ ବିଚାରିଲେ ।
ପିତାଙ୍କୁ ବିଭା ବୋଲି ନାସ୍ତି । ସିଦ୍ଧାନ୍ତ ବେଦାନ୍ତ ପଢ଼ନ୍ତି ।
ଜଗନ୍ନାଥ ଚରିତାମୃତ - ୧ମ ଅଧ୍ୟାୟ

୩୨. ଏଣୁ ବୈରାଗୀ ବେଶ ହେଲେ । ଡୋର କୌପୀନ ଆରାଧିଲେ ।
ଜ.ଚ. - ୧୦ମ ଅଧ୍ୟାୟ

୩୩. ଅତିବଡ଼ୀ ଜଗନ୍ନାଥ ପରିକ୍ରମା-ଲେ- ପଣ୍ଡିତ କୁରାମଣି ପାଠୀଶର୍ମା, ପୃ. ୯୨

୩୪. ଲେ-ଅଚ୍ୟୁତାନନ୍ଦ ଦାସ, ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, ୧୯୬୭, ପୃ. ୩୯

ଦୀକ୍ଷା ଗ୍ରହଣ :

ଶ୍ରୀଚୈତନ୍ୟ ଦୀର୍ଘ ଛଅବର୍ଷ ଦାକ୍ଷିଣାତ୍ୟ ସମେତ ଭାରତରେ ବିଭିନ୍ନ ସ୍ଥାନ ଭ୍ରମଣ କରିବା ପରେ ୧୫୧୬-୧୭ ଖ୍ରୀଷ୍ଟାବ୍ଦ ଠାରୁ ଶ୍ରୀକ୍ଷେତ୍ରରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିବା କଥା ପୂର୍ବରୁ ଆଲୋଚନା କରାଯାଇଛି । ଜଗନ୍ନାଥ ଦାସଙ୍କ ସହିତ ତାଙ୍କର ସାକ୍ଷାତ ହେଲା ୧୫୧୬-୧୭ ଖ୍ରୀଷ୍ଟାବ୍ଦରେ ଓ ସେ ସମୟରେ ଜଗନ୍ନାଥ ଦାସଙ୍କୁ ବୟସ ହୋଇଥିଲା ୧୮ ବର୍ଷ । ସେ ୧୮ ବର୍ଷ ବୟସ କିମ୍ବା ତା' ପରେ ଦୀକ୍ଷା ଗ୍ରହଣ କରିଥିବା ଅନୁମିତ ହୁଏ । ତାଙ୍କର ଦୀକ୍ଷା ଗ୍ରହଣ ସଂପର୍କରେ ଦୁଇଟି ସ୍ୱତନ୍ତ୍ର ଉପାଖ୍ୟାନ ପ୍ରଚଳିତ ଅଛି ।

'ଜଗନ୍ନାଥ ଚରିତାମୃତ' ଅନୁଯାୟୀ ଗୌଡ଼ୀୟ ବୈଷ୍ଣବଗଣ ଜଗନ୍ନାଥ ଦାସଙ୍କୁ ''ଅଣ ଉପଦେଶିଆ କହି ଉପହାସ କରିଥିବାରୁ ସେ ଦୀକ୍ଷା ନେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ସେଥିପାଇଁ ସେ ଦୁଇ ହାତରେ ଦୁଇଟି ଛୋଟ କୁଡୁଆ ମହାପ୍ରସାଦ ଧରି ଶ୍ରୀ ଚୈତନ୍ୟଙ୍କ ନିକଟକୁ ଗଲେ ଓ ତାଙ୍କୁ 'ହରେ ରାମ କୃଷ୍ଣ' ମନ୍ତ୍ରରେ ଦୀକ୍ଷା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଶ୍ରୀଚୈତନ୍ୟ ଏହି ମନ୍ତ୍ରରେ ଦୀକ୍ଷା ଦେବାପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଜଗନ୍ନାଥ ଦାସ ଉକ୍ତ ମନ୍ତ୍ରର ମହାତ୍ମ୍ୟ ବର୍ଣ୍ଣନା କରିଥିଲେ । ତତ୍ପରେ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ହେବାରୁ ଶ୍ରୀଚୈତନ୍ୟଙ୍କ ଆଦେଶରେ ଜଗନ୍ନାଥ ଦାସ 'ମତ୍ତବଳରାମ ଦାସ'ଙ୍କ ଠାରୁ ଦୀକ୍ଷା ଗ୍ରହଣ କଲେ ।

'ଶ୍ରୀ ଚୈତନ୍ୟ ଭାଗବତ'ରୁ ଅନ୍ୟ ଏକ ଉପାଖ୍ୟାନର ସୂଚନା ମିଳେ । ତଦନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ବଳରେ ଜଗନ୍ନାଥ ଦାସ ଶ୍ରୀମତ୍ତ ବଳରାମ ଦାସଙ୍କୁ ଦୀକ୍ଷା ଗୁରୁ ରୂପେ ଗ୍ରହଣ କରିଥିଲେ । ଶ୍ରୀ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଥିଲା ଯେ ଯେଉଁ ବ୍ୟକ୍ତି ପ୍ରତାପରୁଦ୍ରଙ୍କ ମତ୍ତହସ୍ତୀକୁ ଦମନ କରି ପାରିବ, ସେହି ହେବ ଜଗନ୍ନାଥ ଦାସଙ୍କ ଦୀକ୍ଷା ଗୁରୁ । ଦିନେ ଶ୍ରୀ ଚୈତନ୍ୟଙ୍କୁ ଦର୍ଶନ କରିବା ପାଇଁ ରାଜା ପ୍ରତାପରୁଦ୍ର ସୈନ୍ୟ ସାଜି ସହସ୍ରେ ହସ୍ତୀ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ସେତିକିବେଳେ ଗୋଟିଏ ହାତୀ ପାଗଳ ହୋଇ ମାହୁନ୍ତକୁ ମାରି ବୈରାଗୀମାନଙ୍କୁ ଆକ୍ରମଣ କଲା । ସେହି ମତ୍ତହସ୍ତୀକୁ ବଳରାମ ଦାସ ଆୟତ୍ତ କରି ହରିନାମ ପ୍ରଦାନ କରିଥିଲେ । ଏହା ଦେଖି ଜଗନ୍ନାଥ ଦାସ ତାଙ୍କ ଠାରୁ ଦୀକ୍ଷା ଗ୍ରହଣ କଲେ[୩୫] ।

---

୩୫. ଲେ-ଈଶ୍ୱର ଦାସ, ୪୭ ଅଧ୍ୟାୟ, ପ୍ର.ଉତ୍କଳ ବିଶ୍ୱବିଦ୍ୟାଳୟ, ୧ମ ସଂସ୍କରଣ

ଉଭୟ ଗ୍ରନ୍ଥରେ ମତ୍ତବଲରାମ ଦାସଙ୍କ ଠାରୁ ଦୀକ୍ଷା ନେବା କଥା ଉଲ୍ଲେଖ ଥିଲେ ମଧ୍ୟ । 'ଜଗନ୍ନାଥ ଚରିତାମୃତ'ରେ ମତ୍ତହସ୍ତୀ ଉପାଖ୍ୟାନ ନାହିଁ ।

ଶ୍ରୀମନ୍ଦିରରେ ସେବା :

ଜଗନ୍ନାଥ ଦାସ ଥିଲେ ଶ୍ରୀମନ୍ଦିରର ଜଣେ ସାଧାରଣ ସେବକ । ଏହି ସେବାରେ ନିଜକୁ ନିୟୋଜିତ କରୁଥିବାବେଳେ ସେ ସର୍ବଦା ହରେ ରାମକୃଷ୍ଣ ଉଚ୍ଚାରଣ କରୁଥାନ୍ତି । ବେଳେ ବେଳେ ତାଙ୍କ ଶରୀରରେ ଅଷ୍ଟ ସାତ୍ତ୍ୱିକ ଲକ୍ଷଣ ପ୍ରକାଶ ପାଏ ଓ ସେ ଉନ୍ମାଦ ହୋଇଯାନ୍ତି । ପ୍ରଭାତରୁ ଦ୍ୱିତୀୟ ଧୂପ ପର୍ଯ୍ୟନ୍ତ ଜଗମୋହନରେ ରହି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଥିଲା ତାଙ୍କର ପ୍ରତିଦିନର କାର୍ଯ୍ୟ । ଏହା ବ୍ୟତୀତ ନିର୍ମାଲ୍ୟ ସେବା, ଜଗନ୍ନାଥଙ୍କ ଗୁଣ କୀର୍ତ୍ତନ, ଶ୍ରୀଅଙ୍ଗ ତୁଳସୀ ଆଘ୍ରାଣ, ଛଡ଼ା ଚନ୍ଦନ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗରେ ଲେପନ, ନୀଳଗିରି ପରିକ୍ରମା, ସମୁଦ୍ର ସ୍ନାନ, କଳ୍ପବଟ ପ୍ରଦକ୍ଷିଣ ପ୍ରଭୃତି ତାଙ୍କ ସେବାର ଅନ୍ତର୍ଭୁକ୍ତ । ତାଙ୍କ ମତରେ ଜଗମୋହନ ହେଉଛି ନିତ୍ୟଧାମ, କଳ୍ପବଟ ହେଉଛି ରାସସ୍ଥଳୀ ଓ ବିମଳା ଦେବୀ ହେଉଛନ୍ତି ଲଳିତା । ସେଥିପାଇଁ ସେ ଅନ୍ୟାନ୍ୟ ତୀର୍ଥ ବାଞ୍ଛା ନ କରି ଗରୁଡ଼ ପଛରେ ଜଗନ୍ନାଥ ଜଣାଣ ପାଠ କରୁଥାନ୍ତି । ଏତଦ୍‌ବ୍ୟତୀତ ସେ ଶ୍ରୀମନ୍ଦିରରେ ତିନିଧୂପ, ପଞ୍ଚଅବକାଶ ଓ ଅଷ୍ଟକାଳ ସେବା ମଧ୍ୟ କରୁଥିଲେ ।

ମହାପ୍ରୟାଣ :

ଭକ୍ତକବି ଜଗନ୍ନାଥ ଦାସ ମକର ମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ପରଲୋକ ଗମନ କରିଥିବା କଥା ଜଗନ୍ନାଥ ଚରିତାମୃତରେ ବର୍ଣ୍ଣିତ ହୋଇଛି ।

ଶୁକଳ ସପ୍ତମୀ ମକର । ଅପ୍ରକଟ ସେହି ଦିନର । ୨୪ ଶ ଅଧ୍ୟାୟ ପୂର୍ବ ଆଲୋଚନାରେ ସେ ୧୪୯୯ ଖ୍ରୀଷ୍ଟାବ୍ଦରେ ଆବିର୍ଭାବ ହୋଇଥିବା ଗ୍ରହଣ କରାଯାଇଛି । ପୁଣି ତାଙ୍କର ସମଗ୍ର ଜୀବନ କାଳ ଥିଲା ଷାଠିଏ ବର୍ଷ[୩୬] । ତେଣୁ ୧୫୫୯ ଖ୍ରୀଷ୍ଟାବ୍ଦ ମାଘ (ମକର) ଶୁକ୍ଳ ସପ୍ତମୀ ଦିନ ତାଙ୍କର ତିରୋଧାନ ହୋଇଥିବା ଅନୁମିତ ହୁଏ । ତିଥି ଗଣନା ଅନୁଯାୟୀ ଏହି ଦିନ ଥିଲା ସୋମବାର ଜାନୁୟାରୀ ୧୬ ତାରିଖ[୩୭] ପୁରୀ ବଡ଼ ଓଡ଼ିଆ ମଠ, ସାତ ଲହଡ଼ି ମଠ ସମେତ ସମଗ୍ର ଅତିବଡ଼ୀ ସଂପ୍ରଦାୟ

୩୬. ଷାଠିଏ ବର୍ଷ ସମୟରେ । ପ୍ରେମ ସ୍ଥାପି ସ୍ଥାନେ ଗମିଲେ ।
ଜଗନ୍ନାଥ ଚରିତାମୃତ - ୨୪ଶ ଅଧ୍ୟାୟ

୩୭. An Indian Ephemeris - L.D. Swami Kanna Pillai, Vol. V, P. 320, 1922

ଦ୍ୱାରା ପ୍ରତିବର୍ଷ ଏହି ଦିନଟି ଅତିବଡ଼ୀଙ୍କ ତିରୋଧାନ ଦିବସ ରୂପେ ପାଳିତ ହୁଏ ।

'ପାଦପଦ୍ମ ସୁଧାନିଧି'ନାମକ ଗୋଟିଏ ଗ୍ରନ୍ଥର ପ୍ରଣେତା ଶିଷ୍ୟ ଜଗନ୍ନାଥ ଦାସଙ୍କ ମତରେ ବୈଶାଖ ମାସ ଶୁକ୍ଳ ପୂର୍ଣ୍ଣମୀ ଦିନ ଅତିବଡ଼ୀଙ୍କ ମହାପ୍ରୟାଣ ହୋଇଥିଲା[୩୮] କିନ୍ତୁ ଏହା ପ୍ରାମାଣିକ ଗ୍ରନ୍ଥ ହୋଇ ନଥିବାରୁ ଉକ୍ତ ମତକୁ ଗ୍ରହଣ କରିବା ସମୀଚୀନ ନୁହେଁ ।

ଜଗନ୍ନାଥ ଦାସଙ୍କ ବୈକୁଣ୍ଠ ପ୍ରାପ୍ତି ସଂପର୍କରେ କେତେକ ଅଲୌକିକ ପ୍ରସଙ୍ଗର ଅବତାରଣା କରାଯାଇଛି । 'ଜଗନ୍ନାଥ ଚରିତାମୃତ ଅନୁଯାୟୀ ସେ ନିଜର ସ୍ଥୂଳ ଶରୀର ପରିତ୍ୟାଗ କରି ଦିବ୍ୟ ଦେହରେ ଶ୍ରୀ ଜଗନ୍ନାଥଙ୍କ ଅଙ୍ଗରେ ଲୀନ ହୋଇ ଯାଇଥିଲେ[୩୯] । 'ପାଦପଦ୍ମ ସୁଧାନିଧି'ରେ ଅଛି ଶ୍ରୀ ଜଗନ୍ନାଥଙ୍କ ରତ୍ନ ସିଂହାସନ ନିକଟରେ ପହଞ୍ଚିବା ମାତ୍ରେ ଅତିବଡ଼ୀଙ୍କ ଅଙ୍ଗରୁ ମାଳ, ଚନ୍ଦନ, କୌପୀନ ତଳେ ଖସି ପଡ଼ିଲା ଓ ତାଙ୍କର ପୁରୁଷ ଅଙ୍ଗ ସ୍ତ୍ରୀ ହୋଇଗଲା । ସେ ଗୋଟିଏ ମଶାଲ ଆକୃତି ହୋଇ ଜଗନ୍ନାଥଙ୍କ ରଙ୍ଗାଧର ମଧ୍ୟରେ ପ୍ରବେଶ କଲେ[୪୦] ।

---

୩୮. ବଇଶାଖ ଶୁକ୍ଳ ପୂର୍ଣ୍ଣମୀ ଦିନ
ନିତ୍ୟକୁ ଯିବା ବାଞ୍ଛା କରି ମନ ।
୨୬ଶ ଅଧ୍ୟାୟ

୩୯. ବିଜୁଳି ଯେସନେ ଚଞ୍ଚଳେ । ଚମକି ଦିଶେ ମେଘମାଳେ ।
ସେହି ରୂପରେ ସ୍ୱାମୀ ଗଲେ । ଜଗନ୍ନାଥ ଅଙ୍ଗେ ମିଶିଲେ ।
୨୪ଶ ଅଧ୍ୟାୟ

୪୦. ଶ୍ରୀ ଅଙ୍ଗ ମାଳ କପଡ଼ା ଚନ୍ଦନ । ବେଶ ଭୂଷା ଯେ କଉପୁନିମାନ ।
ସମସ୍ତ ଦେହରୁ ଖସି ପଡ଼ିଲା । ପୁରୁଷ ଅଙ୍ଗ ସ୍ତିରୀ ଯେ ହୋଇଲା ।
X X X X
ମଶାଲ ଆକୃତି ଝଟକ କାନ୍ତି । ଝଟକ ରଙ୍ଗା ଅଧରେ ପଶନ୍ତି ।
୨୭ଶ ଅଧ୍ୟାୟ

ଅଲୌକିକତା :

ଅଲୌକିକତା ବର୍ଣ୍ଣନା କରିବା ସାଧୁ ଓ ସନ୍ଥ ପରଂପରାର ଏକ ବିଶିଷ୍ଟ ପ୍ରବୃତ୍ତି ଏହି ଅଲୌକିକ ଘଟଣା ଉତ୍ପତ୍ତିର କେତେକ କାରଣ ନିରୂପଣ କରାଯାଇ ପାରେ । ତନ୍ତ୍ର ସାଧନା ଦ୍ୱାରା ସାଧକମାନେ କେତେକ ଅଲୌକିକ ଘଟଣା ପ୍ରଦର୍ଶନ କରି ପାରୁ ଥିଲେ । ଭକ୍ତ ଓ ଶିଷ୍ୟମାନେ ନିଜ ଗୁରୁଙ୍କ ମହିମା ପ୍ରଚାର କରିବା ପାଇଁ ଅନେକ ଅଲୌକିକ କଥା କଳ୍ପନା କରୁଥିଲେ ଓ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ଥିଲା ଏହାର ଲକ୍ଷ୍ୟ ।

ନାନା ପ୍ରକାର ଯାଦୁ ବିଦ୍ୟା ସାହାଯ୍ୟରେ ସରଳ ବିଶ୍ୱାସୀ ଲୋକଙ୍କୁ ସାଧୁମାନେ ଭୁଲାଇ ପାରୁଥିଲେ । ପୁଣି ସାମାନ୍ୟ ଘଟଣା କାଳକ୍ରମେ ଲୋକ ମୁଖରେ ଅତିରଞ୍ଜିତ ହୋଇ ବଳିଷ୍ଠ ଅଲୌକିକ ଘଟଣାରେ ପରିଣତ ହେଉଥିଲା ।

ଆଦିମ ଯୁଗରୁ ବହୁ ଦେବଦେବୀଙ୍କ ସଂପର୍କରେ ବହୁ ଅଲୌକିକ ପ୍ରସଙ୍ଗର ଅବତାରଣା କରାଯାଇଛି । ଦେବଦେବୀଙ୍କ ସଂପର୍କରେ ସଂଯୋଜିତ ଘଟଣାକୁ ଭକ୍ତମାନେ ଗୁରୁ ଓ ମହାପୁରୁଷଙ୍କ ନାମରେ ଯୋଗ କରୁଥିବାର ପରଂପରା ମଧ ଚଳି ଆସୁଛି । ଏ ପ୍ରକାର ଧର୍ମ ବିଶ୍ୱାସ 'ଅଥର୍ବବେଦ' ସମୟରୁ ପ୍ରଚଳିତ ହୋଇ କାଳକ୍ରମେ ବୌଦ୍ଧ, ହିନ୍ଦୁ ଓ ଅନ୍ୟାନ୍ୟ ସଂପ୍ରଦାୟ ଦ୍ୱାରା ଗୃହୀତ[୪୧] । ଯୀଶୁଖ୍ରୀଷ୍ଟ ପାଞ୍ଚଖଣ୍ଡ ରୁଟିରେ ପାଞ୍ଚହଜାର ଲୋକଙ୍କୁ ପେଟପୁରା ଭୋଜନ ଦେଇ ପାରିଥିଲେ । ବାବା ଲାଲ ତାଙ୍କର ଦୁଇ ଜଂଘ ଉପରେ ହାଣ୍ଡି ରଖି ଓ ତାହା ମଝିରେ ଜାଳି ପାକକ୍ରିୟା ସଂପାଦନ କରୁଥିଲେ । ନାମଦେବ ବାଲିକୁ ପରଶ ପଥର କରି ପାରୁଥିଲେ ଓ ପୁଣି ପରଶ ପଥରକୁ ଶୂନ୍ୟକୁ ପିଙ୍ଗିଲେ ସେ ଆଉ ତଳକୁ ଫେରୁ ନଥିଲା । ସ୍ୱୟଂ ଭଗବାନ ଆସି ତାଙ୍କର ଛତା ମଧ ମରାମତି କରି ଦେଇ ଯାଉଥିଲେ । ମୃତ ବ୍ୟକ୍ତିକୁ ଜୀବଦାନ ଦେବା, ଖଣ୍ଡିଆ କାଛରେ ବସି ଉଡ଼ିବା ଓ ଗୋଟିଏ ମଇଁଷି ମୁହଁରେ ବେଦ ପାଠ

---

୪୧. In the history of Indian religion occultism is associated with religious beliefs and practices from the time of the Atharva-Veda, and henceforth it is associated with all esoteric religious systems in the Hindu, Buddhist and other religious schools.

Obscure Religious Cults - Shashibhusan Dasgupta 1976, P. 211

କରାଇବା ପ୍ରଭୃତି ଅଲୌକିକ ମହିମାର ଅଧିକାରୀ ହେଉଛନ୍ତି ସନ୍ଥ ଜ୍ଞାନେଶ୍ୱର । ତୁଳସୀ ଦାସ ସ୍ୱଚକ୍ଷୁରେ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିଥିଲେ । ତୁକାରାମ ବିମାନରେ ବସି ସ୍ୱଦେହରେ ବୈକୁଣ୍ଠ ଗମନ କଲେ ଓ ଗୋଟିଏ ପାଲିଙ୍କିକୁ ଶୂନ୍ୟରେ ଅନ୍ତର୍ଦ୍ଧାନ କରିଥିଲେ ।

ଦେଖିବାକୁ ଗଲେ ଏହିପରି ଅଗଣିତ ଅଲୌକିକ ଘଟଣା ସମଗ୍ର ପୃଥିବୀର ଜନଜୀବନକୁ ଆଚ୍ଛନ୍ନ କରି ରଖିଛି । କିନ୍ତୁ ଏ ସବୁ ଅଦ୍ଭୁତ କାହାଣୀକୁ ସହଜରେ ବିଶ୍ୱାସ କରି ହୁଏ ନାହିଁ । ଆଲୋଚକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଏ ସବୁରୁ କେତେ ଗୁରୁଙ୍କ କରଣି, କେତେ ବା ଶିଷ୍ୟଙ୍କ କୀର୍ତ୍ତି ସେ କଥା କୁହାଯାଇ ନ ପାରେ । କିନ୍ତୁ ଅଦ୍ଭୁତ କ୍ରିୟାରେ ଲୋକ ବଡ଼ ଶୀଘ୍ର ଶିଷ୍ୟ ହୁଏ ଓ ଲୋକେ ନିଜ ପ୍ରଭାବ ବିସ୍ତାର ଲୋଡ଼ନ୍ତି ସନ୍ଦେହ ନାହିଁ । ଅନେକ ମଧ ଅଦ୍ଭୁତ କ୍ରିୟାର ଆରୋପ ନ କଲେ କାହାରିଠାରେ ମହାପୁରୁଷତ୍ୱ କଳ୍ପନା କରି ପାରନ୍ତି ନାହିଁ ।[୪୨]

ଜଗନ୍ନାଥ ଦାସଙ୍କ ସଂପର୍କରେ ବହୁ ଅଲୌକିକ କ୍ରିୟା କଳାପର ଅବତାରଣା କରାଯାଇଛି । ସେଥି ମଧ୍ୟରୁ କେତେକ ଜଗନ୍ନାଥ ଦାସଙ୍କ ନାମରେ ପ୍ରଚଳିତ ରଚନା ଓ ଅନ୍ୟ କେତେକ ଅନ୍ୟାନ୍ୟ ଗ୍ରନ୍ଥକାରଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଉପରେ ଆଧାରିତ । ଗ୍ରନ୍ଥକାରମାନଙ୍କ ସମୟରେ ସମାଜରେ ଜଗନ୍ନାଥ ଦାସଙ୍କ ମହିମା ଯେଉଁ ପରି ଭାବରେ କିମ୍ବଦନ୍ତୀ ରୂପ ଧାରଣ କରିଥିଲା ସେମାନେ ସେହିପରି ତାର ଉଲ୍ଲେଖ କରିଛନ୍ତି । ଏ ସବୁ ଅଲୌକିକତା ପଛରେ ସତ୍ୟତା ଯାହା ଥାଉନା କାହିଁକି କଳ୍ପନା ବା ଅତିରଞ୍ଜନଯେ ଅଧିକ ପରିମାଣରେ ରହିଛି ଏହା ନିଃସନ୍ଦେହ । ଜଗନ୍ନାଥ ଦାସଙ୍କ ନାମରେ ପ୍ରଚଳିତ କେତେକ ଅଲୌକିକ ଘଟଣାର ଅବତାରଣା ନିମ୍ନରେ କରାଗଲା ।

କ) ସ୍ତ୍ରୀ ଅଙ୍ଗ ପ୍ରଦର୍ଶନ :

ସ୍ତ୍ରୀ ଅଙ୍ଗ ପ୍ରାପ୍ତି ଜଗନ୍ନାଥ ଦାସଙ୍କ ଅଲୌକିକ ମହିମା ମଧ୍ୟରୁ ଅନ୍ୟତମ । ସେ ପ୍ରତାପରୁଦ୍ର ଦେବଙ୍କ ରାଣୀଙ୍କ ଦୀକ୍ଷା ଗ୍ରହଣର ଆବଶ୍ୟକତା ଦୃଷ୍ଟିରୁ ସ୍ତ୍ରୀ ଅଙ୍ଗ

---

୪୨. ଶ୍ରୀମଦ୍ ଭଗବଦ୍ ଗୀତା (ଗୀତା ପ୍ରବେଶ) - ପୃ. ୩୧୭

ହୋଇଥିବା ପ୍ରସଙ୍ଗ ବିଭିନ୍ନ ଗ୍ରନ୍ଥ ବର୍ଣ୍ଣନାରୁ ଜଣାଯାଏ ।[୪୩] ଦାଢ୍ୟତା ଭକ୍ତିରେ ଅଛି ସ୍ତ୍ରୀମାନଙ୍କ ସମ୍ମୁଖରେ ଭାଗବତ ପାଠ କରିବାରୁ ଖଳଲୋକମାନେ ଅସହିଷ୍ଣୁ ହୋଇ ରାଜା ପ୍ରତାପରୁଦ୍ରଙ୍କ ନିକଟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଫଳରେ ରାଜାଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ଜଗନ୍ନାଥ ଦାସଙ୍କୁ ସ୍ତ୍ରୀ ଅଙ୍ଗ ପ୍ରଦର୍ଶନ କରିବାକୁ ପଡ଼ିଥିଲା । ଶିଷ୍ୟ ହରିଦାସ ମଧ୍ୟ ଗୁରୁ ଜଗନ୍ନାଥ ଦାସଙ୍କର ଦିବ୍ୟ ଅନୁପମ ସ୍ତ୍ରୀ ରୂପ ଦର୍ଶନ କରିଥିଲେ[୪୪] । ସେ ମାସରେ ୨୭ ଦିନ ପୁରୁଷ ଓ ୩ ଦିନ ସ୍ତ୍ରୀ ଅଙ୍ଗ ହେବା କଥା 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି[୪୫] । ତାଙ୍କର ସ୍ତ୍ରୀ ଅଙ୍ଗ ହେବା ପ୍ରସଙ୍ଗ 'ଗୁପ୍ତଭକ୍ତ ମାଳିକା' ଦ୍ୱାରା ମଧ୍ୟ ସମର୍ଥିତ[୪୬] । ଏହି ସ୍ତ୍ରୀ ଅଙ୍ଗ ପ୍ରାପ୍ତି ଘଟଣାରୁ ବିଶେଷତଃ ତାଙ୍କ ସାଧନା ମାର୍ଗର ପରିଚୟ ମିଳିଥାଏ ।

---

୪୩. ତଦହଂ ତଂ ବଦାମ୍ୟତ୍ର ପୁଂସୋ କି ମପି ଗଚ୍ଛତି
ତଦାଜ୍ଞାଂଚ ଦଦୌ ଶୀଘ୍ରଂ ତ୍ୱାଂ ସ୍ତ୍ରୀ ପ୍ରକଟଂଭବ ।
ପ୍ରଭୋରାଜ୍ଞାଚ ବଳବାନ୍ ସ୍ତ୍ରୀ ପ୍ରକାଶଂ ଭବେଦଦା
ଅତି ବୃହତ୍ତତା ନାମ ମହାପ୍ରଭୁଷ୍ଟ ଦତ୍ତବାନ୍ ।
ନିତ୍ୟଗୁପ୍ତ ଚୂଡ଼ାମଣି - ଜଗନ୍ନାଥ ଦାସ, ୨୦ଶ ଆସ୍ୱାଦ୍ୟ ପ୍ର. ବଡ଼ ବଡ଼ିଆ ମଠ, ପୁରୀ ।

ରାଣୀହଂସ ପୁରେ ଯାଇ — ସ୍ତିରୀ ଅଙ୍ଗ ହେଲି ମୁହିଂ
ଦୀକ୍ଷା ଦେଇ ରାଣୀ — ହଂସ ପୁରେ ସଂଯୋଗ
ଶୁଣି ନୃପ ଆନନ୍ଦ ।
ପାଦପଦ୍ମ ସୁଧାନିଧି - ୧୩ଶ ଅଧ୍ୟାୟ ।

ଯେବେ ତୁ ସ୍ତିରୀ ଅଙ୍ଗ ହୋଇ । — ରାଣୀହଂସଙ୍କୁ ଦୀକ୍ଷା ଦେଇ ।
X X X X
ଜଗନ୍ନାଥ ଦାସର ବେଶ । — ପ୍ରତ୍ୟକ୍ଷେ ଦିଶେ ସ୍ତିରୀ ଅଂଶ ।
ଚୈତନ୍ୟ ଭାଗବତ - ୪୯ଶ ଅଧ୍ୟାୟ ।

୪୪. ଦିବ୍ୟ ଅଙ୍ଗନା ସ୍ୱରୂପ ହୋଇ ତହିଁ । ଦରଶନ ଦେଲେ ଶିଷ୍ୟେ ଦୟା ବହି ।
ନିରୂପମ ସେ ମୋହିନୀ ରୂପ ଦେଖି । ହରି ଆନନ୍ଦେ ବୁଜିଲେ ବେନି ଆଖି ।
ନିତ୍ୟ ନୀଳାଦ୍ରି ବିଳାସ - ହଂସ ଦାସ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ Orms. 260

୪୫. ମାସରେ ସପ୍ତବିଂଶ ଦିନ । — ମୋହର ପୁରୁଷ ଲକ୍ଷଣ ।
ତିନି ଦିନଟି ସ୍ତିରୀ ଚିହ୍ନ । — ରଜସ୍ୱଳା ମୁଁ ହୁଏ ଜାଣ ।
୧୧ଶ ଅଧ୍ୟାୟ ।

୪୬. ସ୍ତିରୀ ହୁଅନ୍ତି ପୁରୁଷ ହୁଅନ୍ତି ପ୍ରେମ ଗଦଗଦ ହୋଇ
ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଉପାସନା ଅଙ୍ଗରେ ବାନ୍ଧିଲେ ନେଇ ।
ବାଳିଗାଁ ଦାସ - ୨ୟ ଅଧ୍ୟାୟ ।

ଖ) ଦେବକନ୍ୟା ସେବା :

ପ୍ରତ୍ୟହ ରାତ୍ରିରେ ମେଧା, ସୁମେଧା, ନାମ୍ନୀ ଦୁଇ ଜଣ ଦେବକନ୍ୟା ଜଗନ୍ନାଥ ଦାସଙ୍କ ସେବା କରୁଥିବା କଥା 'ପାଦପଦ୍ମ ସୁଧାନିଧି'ରେ ଉଲ୍ଲେଖ ଅଛି[୪୭] 'ଜଗନ୍ନାଥ ଚରିତାମୃତ'ରେ ଏହି ଉପାଖ୍ୟାନ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ତଦନୁଯାୟୀ ଦେବକନ୍ୟାମାନେ ସେବା କରିବା ପରେ ଅନ୍ତର୍ହିତ ହୋଇ ଯାଉଥିଲେ । ରାଜା ଏ କଥା ଜାଣି ଏହି ଗୁପ୍ତ କାର୍ଯ୍ୟରେ ଅନୁସଂଧାନ ପାଇଁ ଗୁପ୍ତଚର ନିଯୁକ୍ତ କରି କଥାର ସତ୍ୟତା ଉପଲବ୍ଧି କଲେ । ତତ୍ପରେ ରାଜରୋଷରୁ ରକ୍ଷା ପାଇବା ପାଇଁ ଜଗନ୍ନାଥ ଦାସ ଦେବକନ୍ୟାମାନଙ୍କ ସେବାର କାରଣ ପ୍ରକାଶ କରିବାକୁ ଯାଇ କହିଥିଲେ, ସେ ନିଜେ ହେଉଛନ୍ତି ସ୍ତ୍ରୀ ଓ ଜଗନ୍ନାଥଙ୍କ ଦାସୀ, ଦେବକନ୍ୟା ଦୁଇଜଣ ନିତ୍ୟଗୋଲକବାସୀ ହୋଇ ଥିବାରୁ ତାଙ୍କୁ ସେବା କରନ୍ତି[୪୮] । ଦିବ୍ୟ ଯୁବତୀମାନଙ୍କ ସହିତ ଗୁହ୍ୟ ସାଧନାରେ ରତ ହେବା ଭାରତର ପ୍ରାଚୀନ ପରଂପରା । ନିଜେ ଜଗନ୍ନାଥ ଦାସ ଏହି ସାଧନା ପଦ୍ଧତି ସହିତ ପରିଚିତ ଥିବା ଏଥିରୁ ସୂଚିତ ହୁଏ ।

ଗ) ଅଷ୍ଟଭୁଜ ମୂର୍ତ୍ତି ପ୍ରଦର୍ଶନ :

ଜଗନ୍ନାଥ ଦାସଙ୍କ ଅଲୌକିକ ମହିମା ମଧ୍ୟରୁ ଅଷ୍ଟଭୁଜ ମୂର୍ତ୍ତି ଧାରଣ ଅନ୍ୟତମ । ସେ ରାଜା ପ୍ରତାପରୁଦ୍ରଙ୍କୁ ଅଷ୍ଟଭୁଜ ମୂର୍ତ୍ତି ପ୍ରଦର୍ଶନ କରାଇଥିଲେ । ତାଙ୍କର ଚାରୋଟି ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଦୁଇଟି ହସ୍ତରେ ଧନୁଶର ଓ ଅପର ଦୁଇଟି ହସ୍ତରେ ଥିଲା ବଂଶୀ[୪୯] ।

---

୪୭. ଲାଗିଲା ଲୟ ରାଧା ପାଦାମ୍ବୁଜ । ମେଧା ସୁମେଧା ଦୁଇ ସଖୀ ସଙ୍ଗ ।
ଦୁଇ ସଖୀ ଆସି ପ୍ରବେଶ ହେଲେ । ସ୍ୱାମୀଙ୍କ ପାଦେ ନିଯୋଗ ଖଟିଲେ ।
୨୬ଶ ଅଧ୍ୟାୟ ।

୪୮. ସ୍ତିରୀକୁ ସ୍ତିରୀ ସେବା କରେ । ଏକଥା ଅଛି ସର୍ବଠାରେ ।
ମୁହିଁଟି ଜଗନ୍ନାଥ ଦାସୀ । ଏ ବେନି ନିତ୍ୟ ଲୋକ ବାସୀ ।
୧୧ଶ ଅଧ୍ୟାୟ ।

୪୯. ଅଷ୍ଟବାହୁ - ଜଗନ୍ନାଥ ଦାସୋ ବଂଶୀ - ଧନୁଃଶରାନ୍
ଶଙ୍ଖ ଚକ୍ର ଗଦା ପଦ୍ମଂ ବିଭ୍ରଦ୍ଦୃଷ୍ୟାମୋଽଭବତ୍ତଦା ।
ସୁଧାଦ୍ରୟ - ଜୀବ ଗୋସ୍ୱାମୀ, ପୃ. ୧୫, ପ୍ର. ବଡ଼ ଓଡ଼ିଆ ମଠ, ୧୯୫୨ ।

ଘ) ଶ୍ରୀଖଣ୍ଡ ଚନ୍ଦନ ପ୍ରସଙ୍ଗ :

କାଶୀରାମ ନାମକ ଜଣେ ବୋଇତ ବେପାରୀ ରାଜାଙ୍କୁ ଦେଇଥିବା ଶ୍ରୀଖଣ୍ଡ ଚନ୍ଦନକୁ ଜଗନ୍ନାଥ ଦାସ ନିଜ ମଠ କାନ୍ଥରେ ଲେପି ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ନାଗି କରିଛନ୍ତି ବୋଲି କହିଥିଲେ । ରାଜା ଏ କଥା ଶୁଣିବାକୁ ପାଇ ଦେଖନ୍ତି ତ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗ ସେହି ଚନ୍ଦନରେ ବିମଣ୍ଡିତ ହୋଇଛି (୫୦)।

ଙ) ବଉଳ ମାଳା :

ଏକଦା ଜଗନ୍ନାଥ ଦାସ ଗରୁଡ଼ ସ୍ତମ୍ଭ ନିକଟରେ ଜଗନ୍ନାଥଙ୍କୁ ଦେଖି ତନ୍ମୟ ଅବସ୍ଥାରେ ଥିବାବେଳେ ଶ୍ରୀଚୈତନ୍ୟ ମାନସିକ ପୂଜା କରୁଥିଲେ । ସେ ଗୋଟିଏ ମାନସିକ ବଉଳ ଫୁଲର ମାଳା ଜଗନ୍ନାଥଙ୍କ ଗଳାରେ ଦେବାରୁ ହୀରା ଚିତା ଅଟକି ଗଲା ଓ ଶ୍ରୀଚୈତନ୍ୟ ଭାବାବେଶରେ ଚମକି ପଡ଼ିଲେ । ସଙ୍ଗେ ସଙ୍ଗେ ଜଗନ୍ନାଥ ଦାସ କହ୍ନାଇ ଖୁଣ୍ଟିଆଙ୍କୁ ଶୁଣାଇବା ପରି ଜଗନ୍ନାଥଙ୍କ ଧଣ୍ଡାର ସ୍ୱଭାବ ପ୍ରକାଶ କରିବାରୁ ଶ୍ରୀଚୈତନ୍ୟ ତାଙ୍କୁ ଆଲିଙ୍ଗନ କଲେ । (୫୧)

ଏତଦ୍ ବ୍ୟତୀତ ତାଙ୍କ ଆଜ୍ଞାରେ ସମୁଦ୍ର ସାତ ଲହଡ଼ି ପଛକୁ ଘୁଞ୍ଚିଯିବା, କୁଷ୍ଠ ରୋଗାକ୍ରାନ୍ତ ହରିଦାସଙ୍କୁ ସେ ରୋଗମୁକ୍ତ କରିବା, ସ୍ୱଦେହରେ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗରେ ଲୀନ ହୋଇଯିବା, ପଣସ ମଞ୍ଜି ପୋତି ସଙ୍ଗେ ସଙ୍ଗେ ବାଳୁତ ବୃକ୍ଷରେ ପରିଣତ କରିବା ପ୍ରଭୃତି ବହୁ ଅଲୌକିକ ଘଟଣା ତାଙ୍କ ନାମରେ ପ୍ରଚଳିତ ଅଛି ।

ଅତିବଡ଼ୀ ଉପାଧି :

ଜଗନ୍ନାଥ ଦାସ ଶ୍ରୀ ଚୈତନ୍ୟଙ୍କଠାରୁ ଅତିବଡ଼ୀ ଉପାଧି ପାଇ ଅତିବଡ଼ୀ ଗୋସାଇଁ ନାମରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଏହାଦ୍ୱାରା ତାଙ୍କର ଶିଷ୍ୟ ଓ ଅନୁଗାମୀମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ଅତିବଡ଼ୀ ବୈଷ୍ଣବ ସଂପ୍ରଦାୟ ସୃଷ୍ଟି ହେଲା । ତାଙ୍କର ଏହି ଉପାଧି ଲାଭ ସଂପର୍କରେ ସାଧାରଣତଃ ତିନି ପ୍ରକାର ଉପାଖ୍ୟାନ ପରିଲକ୍ଷିତ ହୁଏ । ପ୍ରଥମ ଉପାଖ୍ୟାନ ଅନୁଯାୟୀ ଦିନେ ଶ୍ରୀଚୈତନ୍ୟ ଓ ଜଗନ୍ନାଥ ଦାସଙ୍କର ଧର୍ମ ତତ୍ତ୍ୱ ଆଲୋଚନା ହେଉଥିବା ସମୟରେ ଜଗନ୍ନାଥ ଦାସ ନିଚକ୍ର, ବୈକୁଣ୍ଠ ଧାମ, ରାଧାକୃଷ୍ଣ ଲୀଳା ପ୍ରସଙ୍ଗ ଅତି ସରଳ ଭାଷାରେ ବୁଝାଇ

୫୦. ଜଗନ୍ନାଥ ଚରିତାମୃତ - ୧୧ଶ ଅଧ୍ୟାୟ ।

୫୧. ଚାରଣ, ପୃ. ୫୭ ।

ଥିଲେ । ପୁଣି ଶ୍ରୀକୃଷ୍ଣଙ୍କ ହାସ୍ୟରୁ ଚୈତନ୍ୟ ଓ ରାଧାଙ୍କ ହାସ୍ୟରୁ ସେ ନିଜେ ଜନ୍ମଗ୍ରହଣ କରିଥିବା କଥା ପ୍ରକାଶ କଲେ । ତାଙ୍କର ବ୍ୟାଖ୍ୟାରେ ମୁଗ୍ଧ ହୋଇ ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟ ତାଙ୍କ ମୁଣ୍ଡରେ ବାନ୍ଧି ଦେଇ ତାଙ୍କୁ 'ଅତିବଡ଼ୀ ଉପାଧି' ଦେଲେ ଓ ସେହିଦିନୁ 'ଅତିବଡ଼' ବୋଲି ସମ୍ବୋଧନ କଲେ । [୫୨]

ଦ୍ୱିତୀୟ ଉପାଖ୍ୟାନ ଅନୁଯାୟୀ ଜଗନ୍ନାଥ ଦାସ ଶ୍ରୀମନ୍ଦିରର ବଟ ଗଣେଶଙ୍କ ନିକଟରେ ଭାଗବତ ପାଠ କରୁଥିଲେ । ତାଙ୍କର ଭାଗବତ ପାଠ ଓ ତତ୍ତ୍ୱ ବ୍ୟାଖ୍ୟାରେ ମୁଗ୍ଧ ହୋଇ ଶ୍ରୀ ଚୈତନ୍ୟ ତାଙ୍କୁ 'ଅତିବଡ଼' ବା 'ଅତିବଡ଼ୀ' ଉପାଧି ଦେଇଥିବା କେତେକ ଗ୍ରନ୍ଥ ଦ୍ୱାରା ସମର୍ଥିତ[୫୩] ।

ତୃତୀୟ ଉପାଖ୍ୟାନଟି ହେଉଛି -ଜଗନ୍ନାଥ ଦାସ ରାଣୀ ଗୌରା ପାଟ ମହାଦେଈଙ୍କୁ ସ୍ତ୍ରୀ ଅଙ୍ଗ ହୋଇ ଦୀକ୍ଷା ପ୍ରଦାନ କରିଥିଲେ । ତାଙ୍କର ଏହି ସ୍ତ୍ରୀ ଅଙ୍ଗ ଲାଭ ଶ୍ରୀଚୈତନ୍ୟଙ୍କୁ ବିମୁଗ୍ଧ କରିବାରୁ ସେ ତାଙ୍କୁ 'ଅତିବଡ଼ୀ' ଉପାଧି ଦେଇଥିଲେ[୫୪] ।

---

୫୨. ଆପଣା ଶ୍ରୀଅଙ୍ଗ ପାଛୋଡ଼ି । ପଟ୍ଟ ବସନ ଅଙ୍ଗୁ କାଢ଼ି ।
ଦାସଙ୍କ ଶିରେ ବାନ୍ଧି ଦେଲେ । ଅତିବଡ଼ି ବୋଲି ବୋଇଲେ ।
ଜଗନ୍ନାଥ ଚରିତାମୃତ - ୩ୟ ଅଧ୍ୟାୟ ।

୫୩. କ୍ଷେତ୍ରବରେ କଳ୍ପବଟ ବଟ ଗଣେଶ ନିକଟ
ମୁହିଁ ଜଗନ୍ନାଥ ଦାସ ଶ୍ରୀ ଭାଗବତ
ଗ୍ରନ୍ଥ କହଇ ମୁହିଁ ।
ଦେଖା କରି ଶ୍ରୀ ଚୈତନ୍ୟ ମୋତେ ଦେଲେ ବଡ଼ ନାମ
ଅତିବଡ଼ୀ ଜଗନ୍ନାଥ ଦାସ ତୋ ନାମ ।
ପାଦପଦ୍ମ ସୁଧାନିଧି - ୧୩ଶ ଅଧ୍ୟାୟ ।
ଶ୍ରୀ ଭାଗବତ ପୁରାଣ ତାଙ୍କ ଠାରୁ ଶୁଣି ମୁଁ ଭୋଳ ହୋଇବି
ଅତିବଡ଼ ଜଗନ୍ନାଥ ଦାସ ପଦ ସେଠାରେ ତାହାଙ୍କୁ ଦେବି ।
ଭକ୍ତି ଚନ୍ଦ୍ରିକା - ୧ମ ଅଧ୍ୟାୟ ।
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 420.

୫୪. ପ୍ରଭୋରାଜ୍ଞାଚ ବଳବାନ୍ ସ୍ତ୍ରୀ ପ୍ରକାଶଂ ଭବେତ୍ତଦା
ଅତିବୃହତ୍ତ୍ରତ ନାମଂ ମହାପ୍ରଭୁସ୍ତ ଦତ୍ତବାନ୍ ।
ନିତ୍ୟଗୁପ୍ତ ଚୂଡ଼ାମଣି - ୨୦ଶ ଆସ୍ୱାଦ୍ୟ ।

ଆଉ କାହାରି ମତରେ ମହାମନ୍ତ୍ର ଅର୍ଥାତ୍ ହରେ ରାମ କୃଷ୍ଣ ଏହି ମନ୍ତ୍ରର ଉପଯୋଗିତା ତଥା ପ୍ରାମାଣିକତା ସମ୍ବନ୍ଧରେ ଉଭୟ ଜଗନ୍ନାଥ ଓ ଶ୍ରୀ ଚୈତନ୍ୟଙ୍କ ମଧ୍ୟରେ ବିତର୍କ ଉପୁଜି ଥିଲା । ଶ୍ରୀଚୈତନ୍ୟ ହରେ କୃଷ୍ଣ ରାମର ମହତ୍ତ୍ୱ ପ୍ରଖ୍ୟାପନ କଲାବେଳେ ଜଗନ୍ନାଥ ହରେ ରାମକୃଷ୍ଣ ମନ୍ତ୍ରର ଗୌରବ ଓ ଶାସ୍ତ୍ର ସିଦ୍ଧାନ୍ତ ଉପରେ ଅଧିକ ଜୋର ଦେଇଥିଲେ । ଚୈତନ୍ୟ ହରେକୃଷ୍ଣ କୃଷ୍ଣ ରାମ ମନ୍ତ୍ରକୁ ଗହଣ କରିବାକୁ ବାଧ୍ୟ କରନ୍ତେ, ଜଗନ୍ନାଥ ତାହା ନ କରି ଦେବଦେବ ଜଗନ୍ନାଥଙ୍କ ଶରଣାପନ୍ନ ହେଲେ, ଫଳରେ ସ୍ୱୟଂ ଜଗନ୍ନାଥ ଚୈତନ୍ୟଙ୍କୁ ସ୍ୱପ୍ନରେ କହିଲେ ଯେ ମୋର ଭକ୍ତ ଜଗନ୍ନାଥ ଯେଉଁ ମନ୍ତ୍ର ଗହଣ କରିବାକୁ ଇଚ୍ଛା କରୁଛି ତାହାହିଁ ଠିକ୍ । ଜଗନ୍ନାଥ ଦାସଙ୍କର ନିଷ୍ଠା ଅବିଚଳିତ ଭକ୍ତି ଓ ଜଗନ୍ନାଥୈକ ପ୍ରାଣତା ଦେଖି ଚୈତନ୍ୟ ତାଙ୍କୁ ଅତିବଡ଼ି ବୋଲି କହିଲେ ।

ଏତଦ୍ ବ୍ୟତୀତ ଦୂତୀବୋଧ, ଗୁପ୍ତ ଭକ୍ତ ମାଳିକା ଓ ପଦ୍ମକଳ୍ପ ପୁରାଣ ପ୍ରଭୃତି କେତେକ ଗ୍ରନ୍ଥରେ ତାଙ୍କର 'ଅତିବଡ଼ୀ' ଉପାଧି ଲାଭର କୌଣସି ନିର୍ଦ୍ଦିଷ୍ଟ କାରଣ ଉଲ୍ଲେଖ କରାଯାଇ ନାହିଁ । କେବଳ ଉପାଧି ପ୍ରାପ୍ତି କଥା କୁହାଯାଇଛି[୫୫] ।

ସାଧାରଣତଃ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ 'ଅତିବଡ଼' ପଦ ପ୍ରୟୋଗ କରାଯାଏ । ଶ୍ରୀଚୈତନ୍ୟଙ୍କ ନିକଟରେ ଜଗନ୍ନାଥ ଦାସ 'ଅତିବଡ଼' କଥା ପ୍ରକାଶ କରି ଥିବାରୁ ତାଙ୍କୁ 'ଅତିବଡ଼' ଉପାଧି ମିଳିଥିଲା[୫୬] । 'ପାଦପଦ୍ମ ସୁଧାନିଧି' ଅନୁଯାୟୀ ସମଗ୍ର ପୃଥିବୀରେ ଆଉ କେହି ଏପରି ସମ୍ମାନାସ୍ପଦ ପଦବୀ ଲାଭ କରି ନାହାନ୍ତି[୫୭]। ଶ୍ରୀଚୈତନ୍ୟ, ଜଗନ୍ନାଥ ଦାସଙ୍କୁ 'ଅତିବଡ଼ୀ' ଉପାଧିରେ ଭୂଷିତ କରିବା ଦ୍ୱାରା ଗୌଡ଼ୀୟ ବୈଷ୍ଣବମାନେ କ୍ରୁଦ୍ଧ ହୋଇ ଶ୍ରୀକ୍ଷେତ୍ର ପରିତ୍ୟାଗ କରି ଯାଜପୁର ଗାଲିଗଲେ । ସେମାନଙ୍କୁ ଫେରାଇ ଆଣିବା ପାଇଁ ହରିଦାସଙ୍କୁ ପଠାଗଲା । କିନ୍ତୁ ସେମାନେ ନ ଫେରିବାରୁ ନିଜେ ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କୁ ସଙ୍ଗରେ ନେଇ ଯାଜପୁର ଯାତ୍ରା କଲେ । ସେଠାରେ ମଧ ବୈଷ୍ଣବମାନଙ୍କ ସମ୍ମୁଖରେ ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କୁ

---

୫୫. ଜଗନ୍ନାଥ ଦାସ ଓ ଅତିବଡ଼ୀ ଉପାଧି - ଶ୍ରୀ କୁଞ୍ଜବିହାରୀ ମହାନ୍ତି ।
ଝଙ୍କାର, ମାର୍ଚ୍ଚ ୧୯୭୯, ପୃ. ୧୦୨୬

୫୬. ଅତିବଡ଼ କଥା କହିଲ
ତେଣୁ ଅତିବଡ଼ ହୋଇଲ ।
ଜଗନ୍ନାଥ ଚରିତାମୃତ - ୩ୟ ଅଧ୍ୟାୟ ।

୫୭. ଅତିବଡ଼ୀ ପଦ କେହି ବହି ନାହିଁ
ଦେଖ ଏ ଯେତେ ସଂସାର ସେ
କାହିଁ ପୁରୁଷ ସିରୀ । ୨୫ଶ ଅଧ୍ୟାୟ ।

'ଅତିବଡ଼ ଦାସେ' ବୋଲି ସମ୍ବୋଧନ କରିବାରୁ ବୈଷ୍ଣବଗଣ ଅତ୍ୟଧିକ କ୍ରୁଦ୍ଧ ହୋଇ ଆଉ ଶ୍ରୀକ୍ଷେତ୍ର ଫେରିଲେ ନାହିଁ(୫୮)।

ଅତିବଡ଼ୀ ସଂପ୍ରଦାୟ :

'ଅତିବଡ଼ୀ' ଉପାଧି ପ୍ରାପ୍ତି ପରେ ଜଗନ୍ନାଥ ଦାସ 'ଅତିବଡ଼ୀ ଗୋସାଇଁ' ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କ ପ୍ରତିଭା ଦ୍ୱାରା ଆକୃଷ୍ଟ ହୋଇ ବହୁ ଭକ୍ତ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଯେଉଁ ଶିଷ୍ୟମାନେ ତାଙ୍କଠାରୁ ଦୀକ୍ଷା ନେଲେ ସେମାନେ ଅତିବଡ଼ୀ ସଂପ୍ରଦାୟଭୁକ୍ତ ବୈଷ୍ଣବ ରୂପେ ପରିଚିତ ହେଲେ । ଏହାଦ୍ୱାରା ଏକ ସ୍ୱତନ୍ତ୍ର ବୈଷ୍ଣବ ସଂପ୍ରଦାୟ ସୃଷ୍ଟି ହେଲା । ରାମାନୁଜ, ବିଷ୍ଣୁସ୍ୱାମୀ, ନିମ୍ବାର୍କ ଓ ମାଧ୍ୱାଚାର୍ଯ୍ୟ ପ୍ରଭୃତି ବୈଷ୍ଣବ ସଂପ୍ରଦାୟ ଥିଲେ ମଧ ଆଚାର, ତତ୍ତ୍ୱ, ଦର୍ଶନରେ ଥିବା ପାର୍ଥକ୍ୟ ଦୃଷ୍ଟିରୁ ଅତିବଡ଼ୀ ସଂପ୍ରଦାୟର ସ୍ୱତନ୍ତ୍ରତା ସ୍ୱୀକୃତି ଲାଭ କଲା ।

ଜଗନ୍ନାଥ ଚରିତାମୃତ, ପାଦପଦ୍ମ ସୁଧାନିଧି, ହରିଭକ୍ତି ପ୍ରେମ କାରିକା, ଗୁରୁ ପ୍ରଣାଳୀ ଓ ଚାରଣ ପ୍ରଭୃତି ଗ୍ରନ୍ଥ ଏବଂ ପତ୍ରିକାରେ ଜଗନ୍ନାଥ ଦାସଙ୍କ ଶିଷ୍ୟମାନଙ୍କ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଅଗଣିତ ଭକ୍ତ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ଥିଲେ ହେଁ ସାଧାରଣତଃ ସେମାନଙ୍କ ମଧ୍ୟରୁ ଷୋଳଜଣଙ୍କୁ ନେଇ ଷୋଡ଼ଶ ଶିଷ୍ୟ ପରଂପରା ସୃଷ୍ଟି କରାଯାଇଛି । କିନ୍ତୁ ଉପରୋକ୍ତ ଗ୍ରନ୍ଥଗୁଡ଼ିକରେ ଷୋଡଶ ଶିଷ୍ୟଙ୍କ ନାମ ତାଲିକାରେ କେତେକ ବୈଷମ୍ୟ ପରିଲକ୍ଷିତ ହେଉଥିବାରୁ, ଷୋଳ ଜଣ ଶିଷ୍ୟଙ୍କ ସ୍ଥାନରେ କୋଡ଼ିଏ ଜଣଙ୍କ ନାମ ମିଳେ । ସେ ସବୁ ହେଲା, ଉଦ୍ଧବ ଦାସ, ରାମଚନ୍ଦ୍ର ଦାସ, ଗୋପୀନାଥ ଦାସ, ହରିଦାସ, ବାମନି ମହାପାତ୍ର, ନନ୍ଦିନୀ ଆଚାର୍ଯ୍ୟ, ରାଣୀ ଗୌରା ପାଟ ମହାଦେଇ, ଗୋପାଳ ଦାସ, ଆଖଣ୍ଡଳ ମେକାପ, ଜନାର୍ଦ୍ଦନ ପତି, କୃଷ୍ଣ ଦାସ, ବନମାଳୀ ଦାସ, ଗୋବର୍ଦ୍ଧନ ମହାପାତ୍ର, କହ୍ନେଇ ଖୁଣ୍ଟିଆ, ପୂର୍ଣ୍ଣ ଶିଷ୍ୟ ଜଗନ୍ନାଥ ଦାସ, ମଧୁସୂଦନ ଦାସ, ଗୋଦାବରୀ, ଅମୃତ ବାଣୀ ଦାସ, ଆନନ୍ଦ ଓ ନରଣୀ ଦାସ ।

ଏମାନଙ୍କ ବ୍ୟତୀତ ଆହୁରି ଅନେକ ଭକ୍ତ ମଧ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଅତିବଡ଼ୀଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଦୀକ୍ଷା ପ୍ରଦାନ କରି ଶିଷ୍ୟ

---

୫୮. ଜଗନ୍ନାଥ ଚରିତାମୃତ - ୩ୟ ଅଧ୍ୟାୟ ।
ପାଦପଦ୍ମ ସୁଧାନିଧି -୧୩ଶ ଅଧ୍ୟାୟ ।

ଗ୍ରହଣ କରିଥିଲେ ଓ ସେହି ଶିଷ୍ୟମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମଠ ସ୍ଥାପନ କରି ରହିଥିଲେ । ଉକ୍ତ ସଂପ୍ରଦାୟର ରୀତି-ନୀତି, ଆଚାର-ବ୍ୟବହାର ଓ ଧର୍ମ-ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ହଜାର ହଜାର ଧର୍ମପ୍ରାଣ ବ୍ୟକ୍ତି ଅତିବଡ଼ୀ ଧର୍ମରେ ଦୀକ୍ଷିତହେବା ଫଳରେ କାଳକ୍ରମେ ଏହା ଗୋଟିଏ ବଳିଷ୍ଠ ବୈଷ୍ଣବ ସଂପ୍ରଦାୟ ଭାବରେ ମୁଣ୍ଡଟେକି ଉଠିଥିଲା । ଏବେ ମଧ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ସଂପ୍ରଦାୟର ଶତାଧିକ ମଠ ରହିଛି ଓ ଅଗଣିତ ଶିଷ୍ୟ ସାଧନାରତ ଅଛନ୍ତି । ତେବେ ସେ ଶିଷ୍ୟମାନଙ୍କ ମଧ୍ୟରୁ କେତେକ ଗୃହୀ ବୈଷ୍ଣବରେ ପରିଣତ ହେବା ସଙ୍ଗେ ସଙ୍ଗେ କେତେକ ପ୍ରଭାବଶାଳୀ ସନ୍ୟାସ ମଠ ମଧ୍ୟ କାଳକ୍ରମେ ଗୃହୀ ମଠରେ ପରିଣତ ହୋଇ ଯାଇଛି ।

ଧର୍ମ ଓ ଦର୍ଶନ :

ଭାରତୀୟ ସଂସ୍କୃତି ଓ ସଭ୍ୟତା ଧର୍ମ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଏବଂ ବ୍ରହ୍ମ ସଂପର୍କରେ ଜିଜ୍ଞାସା ଉପନିଷଦ୍ କାଳରୁ ମନୁଷ୍ୟ ମନରେ ସୃଷ୍ଟି ହୋଇଛି । ସ୍ରଷ୍ଟା ଓ ସୃଷ୍ଟିର ସ୍ୱରୂପ ନିର୍ଣ୍ଣୟ ଜନିତ ପ୍ରଶ୍ନ ଓ ଚିନ୍ତା ପଦ୍ଧତି ହିଁ ଦର୍ଶନ[୧] ଏବଂ ଏହି ପରମ ତତ୍ତ୍ୱ ବା ପରଂବ୍ରହ୍ମ ସଂପର୍କୀୟ ବିବେଚନା ଦର୍ଶନର ମୁଖ୍ୟକଥା । ଭକ୍ତ ଓ ଦାର୍ଶନିକମାନେ ଭଗବାନଙ୍କୁ ରାମ, କୃଷ୍ଣ ଆଦି ଭିନ୍ନ ଭିନ୍ନ ନାମରେ ନାମିତ କରିଥିଲେ ହେଁ ମୂଳତଃ ପରଂବ୍ରହ୍ମଙ୍କ ସ୍ୱରୂପ ପ୍ରକାଶ ସେମାନଙ୍କର ପ୍ରଧାନ ଲକ୍ଷ୍ୟ । ସାଧକ ସେହି 'ବ୍ରହ୍ମପ୍ରାପ୍ତି' ମାର୍ଗରେ ଧାବିତ ହେବା ସମୟରେ କେତେକ ନିର୍ଦ୍ଦିଷ୍ଟ ନୀତି ଗ୍ରହଣ କରିଥାଏ ଏବଂ ସେ ସବୁ ନୀତିରୁ ସାଧନା ମାର୍ଗର ବିଶେଷତ୍ୱ ଜଣାପଡ଼େ । ରୀତି-ନୀତି, ଆଚାର ବ୍ୟବହାର ଚିନ୍ତା ଚେତନା ଇତ୍ୟାଦିର ସ୍ୱତନ୍ତ୍ରତା ଦୃଷ୍ଟିରୁ ଜଣେ ସାଧକ ଠାରୁ ଅନ୍ୟ ଜଣେ ସାଧକର ପାର୍ଥକ୍ୟ ସହଜରେ ନିର୍ଣ୍ଣୟ କରିହୁଏ । ଏ ସବୁ ଦୃଷ୍ଟିରୁ ଜଗନ୍ନାଥ ଦାସଙ୍କ ଧର୍ମ ଓ ଦର୍ଶନ ବିଚାର୍ଯ୍ୟ । ତାଙ୍କ ରଚିତ ଗ୍ରନ୍ଥ ସମୂହ ଓ ଅନ୍ୟାନ୍ୟ ଲେଖକଙ୍କ ରଚନାବଳୀରୁ ଏ ସଂପର୍କରେ ସୂଚନା ମିଳେ ।

---

1. 'The Brahma Sutra' - S. Radhakrishnan
Pub : George Allen and Unwin, London (1960), p. 20

ଭାରତର ମୁଖ୍ୟ ଚାରିଧାମ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ତଥା ଜଗନ୍ନାଥ ଧାମ ଅନ୍ୟତମ । ଉକ୍ତ ପବିତ୍ର କ୍ଷେତ୍ର ସଂପର୍କରେ ବହୁ ପୁରାଣ, ଶାସ୍ତ୍ର ଆମ ଦେଶରେ ରଚିତ ହୋଇଛି । ମହାଭାରତ, ବିଷ୍ଣୁ, ବ୍ରହ୍ମ, କୂର୍ମ, ନାରଦ, ପଦ୍ମ, ସ୍କନ୍ଦ, ନୀଳାଦ୍ରି ମାହୋଦୟ, କପିଳ ସଂହିତା, କ୍ଷେତ୍ର ମାହାତ୍ମ୍ୟ ପ୍ରଭୃତି ବିଭିନ୍ନ ଗ୍ରନ୍ଥରେ ଶ୍ରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥଙ୍କର ମହିମା ବହୁଳ ଭାବରେ ବର୍ଣ୍ଣନା କରାଯାଇଛି । ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି,

ଶ୍ରୀ ପୁରୁଷୋତ୍ତମାଦ୍ କ୍ଷେତ୍ରଂ ନାସ୍ତ୍ୟତ୍ର ପୃଥିବୀ ତଳେ ।

ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲଭମ୍ ।

ଏହି ମୋକ୍ଷପ୍ରଦ କ୍ଷେତ୍ରରେ ଜନ୍ତୁପତି ଯମରାଜଙ୍କର କର୍ତ୍ତୃତ୍ୱ ନାହିଁ । ଏଠାରେ କୀଟ, ପକ୍ଷୀ, ମନୁଷ୍ୟ, ଯେ କେହି ପ୍ରାଣତ୍ୟାଗ କଲେ ଭଗବାନ ତାକୁ ମୁକ୍ତି ପ୍ରଦାନ କରନ୍ତି, ତେଣୁ ସ୍କନ୍ଦ ପୁରାଣ କହେ,

ସିନ୍ଧୁ ରାଜସ୍ୟ ସଲିଳାଦ ଯାବନ୍ନୃଙ୍ଗଂ ବଟସ୍ୟ ବୈ

କୀଟ, ପକ୍ଷୀ, ମନୁଷ୍ୟାଣାଂ ମରଣାନ୍ମୁକ୍ତିଦୋ ମତଃ ।

ପ୍ରାଚୀନ କାଳରୁ ଶ୍ରେଷ୍ଠ କ୍ଷେତ୍ରରୂପେ ଗୃହୀତ ପୁରୁଷୋତ୍ତମ କ୍ଷେତ୍ରକୁ ଜଗନ୍ନାଥ ଦାସ ମଧ୍ୟ ସର୍ବଶ୍ରେଷ୍ଠ ଧାମ ଭାବରେ ଗ୍ରହଣ କରିଥିଲେ । ଗୌଡ଼ୀୟ ବୈଷ୍ଣବମାନେ ବୃନ୍ଦାବନ ଅନ୍ତର୍ଗତ ବିଭିନ୍ନ ଲୀଳାସ୍ଥଳୀକୁ ସେମାନଙ୍କ ସାଧନା ମାର୍ଗରେ ଗୁରୁତ୍ୱ ଦେଇଥାନ୍ତି । କିନ୍ତୁ ଜଗନ୍ନାଥ ଦାସ ବୃନ୍ଦାବନର ସମସ୍ତ ଲୀଳା ସ୍ଥଳୀକୁ ଶ୍ରୀକ୍ଷେତ୍ରରେ ଆରୋପ କରି ଥିବାର ଦେଖାଯାଏ । ତାଙ୍କ ମତରେ ଶ୍ରୀକୃଷ୍ଣ, ଗୋବର୍ଦ୍ଧନ, ଯମୁନା, ଶ୍ୟାମବଟ, ରାଧାକୁଣ୍ଡ ଯଥାକ୍ରମେ ଶ୍ରୀଜଗନ୍ନାଥ, ନୀଳାଚଳ, ଭାର୍ଗବୀ, କଳ୍ପବଟ ଓ ସୁନାକୂଅ । ଜଗନ୍ନାଥ ଦାସଙ୍କ ସମେତ ଅତିବଡ଼ୀ ସଂପ୍ରଦାୟ ଅନ୍ତର୍ଭୁକ୍ତ, ବୈଷ୍ଣବଗଣ ଏହି କ୍ଷେତ୍ରର ମାହାତ୍ମ୍ୟ ଉପଲବ୍ଧି କରି ଅନ୍ୟ କୌଣସି ତୀର୍ଥ ପର୍ଯ୍ୟଟନ କରି ନାହାନ୍ତି । ସେମାନେ ପ୍ରତ୍ୟେକ ଦିନ ଶ୍ରୀକ୍ଷେତ୍ରର ଏ ସବୁ ତୀର୍ଥ ସ୍ଥାନ ଭ୍ରମଣ କରିଥାନ୍ତି । ଦିବାକର ଦାସଙ୍କ ରଚିତ 'ଜଗନ୍ନାଥ ଚରିତାମୃତ'ରେ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣନା କରାଯିବା ସଙ୍ଗେ ସଙ୍ଗେ ବୃନ୍ଦାବନର ବିଭିନ୍ନ ଲୀଳା ସ୍ଥାନକୁ ଶ୍ରୀକ୍ଷେତ୍ର ମଧ୍ୟରେ ଚିହ୍ନାଇ ଦିଆଯାଇଛି ।

ସେହିପରି ଶ୍ରୀ ଜଗନ୍ନାଥଙ୍କର ଶ୍ରେଷ୍ଠତ୍ୱ ସ୍ୱୀକାର କରିବାକୁ ଯାଇ ତାଙ୍କୁ 'ପୂର୍ଣ୍ଣବ୍ରହ୍ମ' ବା 'ଅବତାରୀ' ଭାବରେ ପରିକଳ୍ପନା କରିଛନ୍ତି ଜଗନ୍ନାଥ ଦାସ । ତାଙ୍କ ମତରେ

''ଶ୍ରୀ ଜଗନ୍ନାଥ କରୁଣା ସାଗର ।
ବିଶ୍ରାମ ଯହିଁ କୋଟି ଅବତାର
ନୀଳାଦ୍ରି ନାୟେକ
ତାଙ୍କ ଦ୍ରଶନେ ମୂକତି ଦାୟେକ ।''
-ଷୋଳ ଚଉପଦୀ

ପୁଣି ସେ ହେଉଛନ୍ତି ସର୍ବତତ୍ତ୍ୱର ମୂର୍ତ୍ତିମନ୍ତ ବିଗ୍ରହ[୨] ଓ ବିଭିନ୍ନ ମନ୍ତ୍ର ସାଧନାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଶ୍ରୀ ଅଙ୍ଗରେ ମନ୍ତ୍ର ଭେଦାଇ ସାଧନା କଲେ ସାଧକ ସିଦ୍ଧିଲାଭ କରେ । ଜଗନ୍ନାଥ ଦାସ 'ହରେ ରାମ କୃଷ୍ଣ', ମହାମନ୍ତ୍ର ଓ ଷୋଡ଼ଶାକ୍ଷର ମନ୍ତ୍ରରାଜର ସ୍ଥିତି ଶ୍ରୀ ଜଗନ୍ନାଥଙ୍କ ଶରୀରରେ ନିର୍ଣ୍ଣୟ କରିଛନ୍ତି । ପୁଣି ରତି, ପ୍ରୀତି ଓ ଶ୍ରୁତି ଉପରେ ଆଧାରିତ ଦ୍ୱାଦଶ ପ୍ରେମ ଭକ୍ତିର ସ୍ରଷ୍ଟା ସ୍ୱୟଂ ଜଗନ୍ନାଥ । ଶ୍ରୀ ଜଗନ୍ନାଥ ଯେ ସବୁକିଛି ସାଧନାର କେନ୍ଦ୍ରବିନ୍ଦୁ ଏହା ଏଥିରୁ ସ୍ପଷ୍ଟ ଭାବରେ ସୂଚିତ ହୁଏ । ତାଙ୍କ ବ୍ୟତୀତ ସାଧନାରେ ସିଦ୍ଧି ଲାଭ କରିବା ସମ୍ଭବ ନୁହେଁ । ନିଜର ବିଭିନ୍ନ ରଚନାରେ ଜଗନ୍ନାଥ ଦାସ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଛନ୍ତି ।

ଶ୍ରୀ ମନ୍ଦିରରେ ବିଜେ କରିଥିବା ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ରୂପେ ପରିଚିତ ଓ ଉତ୍କଳୀୟ ସାଧକମାନଙ୍କ ଦ୍ୱାରା ଯୁଗେ ଯୁଗେ ନାନା ପ୍ରକାର ରୂପ, ରଙ୍ଗ, ତତ୍ତ୍ୱ ଓରହସ୍ୟ ମଧ୍ୟରେ ଲୁକ୍‌କାୟିତ । ସାରଳା ଦାସ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଯଥାକ୍ରମେ ହରି,ହର, ବ୍ରହ୍ମା ଭାବରେ ଗ୍ରହଣ କରିଛନ୍ତି[୩]

---

୨. ଯେଉଁ ପ୍ରଭୁ ଜଗନ୍ନାଥ ତହିଁ ସିନା ସର୍ବ ତତ୍ତ୍ୱ ।
ଚାରି ଚଉପଦୀ ।

୩. ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା
ଶ୍ରୀ ପୁରୁଷୋତ୍ତମ ବିଜେ ହଳୀ, ହରି, ବ୍ରହ୍ମା ।
ସାରଳା ମହାଭାରତ ମୂଷଳୀ ପର୍ବ

ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କୁ ବଳରାମ ଦାସଙ୍କ ଦ୍ୱାରା ଯଥାକ୍ରମେ ସାମ, ଋଗ୍,ଯଜୁ ଓ ଅଥର୍ବ ବେଦ ରୂପେ ବର୍ଣ୍ଣିତ(୪) ।

ଜଗନ୍ନାଥ ଦାସ ଚତୁର୍ଦ୍ଧା ମୂର୍ତ୍ତିରେ ବିଭିନ୍ନ ବୀଜ ମନ୍ତ୍ର, ଷୋଡ଼ଶାକ୍ଷର ମନ୍ତ୍ରରାଜ, ମହାମନ୍ତ୍ର, ଗୋପାଳ ମନ୍ତ୍ର ପ୍ରଭୃତିକୁ ଭେଦାଇଛନ୍ତି । ତାଙ୍କ ମତରେ ହ୍ଲୀଂ ବଳଭଦ୍ର, ଶ୍ଲୀଂ ସୁଭଦ୍ରା, କ୍ଲୀଂ ଜଗନ୍ନାଥ ଓ ଧ୍ଲୀଂ ସୁଦର୍ଶନ(୫)। ପୁଣି ଶେଷଦେବ ଓଁ ମତି, ସୁଭଦ୍ରା ଅର୍ଦ୍ଧମାତ୍ରା, ଜଗନ୍ନାଥ ବିନ୍ଦୁ ଓ ସୁଦର୍ଶନ ହରେ । ସାଧକ ଶରୀର ମଧ୍ୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅବସ୍ଥିତି ପରିକଳ୍ପନା କରି ସାଧନା ପଥରେ ଅଗ୍ରସର ହୋଇଥାଏ । ଜପ, ତପ, ଯୋଗ, ମନ୍ତ୍ର ଯନ୍ତ୍ର, ତନ୍ତ୍ର ପ୍ରଭୃତି ସାଧନା ଏବଂ ସମସ୍ତ ପ୍ରକାର ଦାର୍ଶନିକ ତତ୍ତ୍ୱର ସ୍ରଷ୍ଟା ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଜଗନ୍ନାଥ ଦାସ ଏ ପ୍ରକାର ମତବାଦକୁ ତାଙ୍କ ରଚନାରେ ପ୍ରକାଶ କରିଛନ୍ତି ।

ସାଧକ ମନରେ ଏକାଗ୍ରତା ଆଣି ତାକୁ ସାଧନା ମାର୍ଗରେ ପରିଚାଳିତ କରିବାରେ ମନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଚରିତ୍ର ବିକାଶ, ମନୋବଳ ବୃଦ୍ଧି ଓ ଆସୁରୀ ପ୍ରବୃତ୍ତିର ବିନାଶ ପ୍ରଭୃତି ମନ୍ତ୍ରଦ୍ୱାରା ସମ୍ଭବ ହୁଏ । ଏ ସବୁ ଦୃଷ୍ଟିରୁ ସାଧକମାନେ ବିଭିନ୍ନ ପ୍ରକାର ମନ୍ତ୍ରକୁ ନିଜର ସାଧନା ମାର୍ଗରେ ଗ୍ରହଣ କରିଥାନ୍ତି । ସାଧକ ଜଗନ୍ନାଥ ଦାସ ସେହିପରି ମହାମନ୍ତ୍ର, ଷୋଡ଼ଶାକ୍ଷର ମନ୍ତ୍ରରାଜ, ଗୋପାଳ ମନ୍ତ୍ର, ଗାୟତ୍ରୀ ଅଜପାଜପ ପ୍ରଭୃତି ବିଭିନ୍ନ ମନ୍ତ୍ରକୁ ସାଧନା କ୍ଷେତ୍ରରେ ଗ୍ରହଣ କରିଥିଲେ । ପୁଣି ସେ ଏ ସବୁ ମନ୍ତ୍ରକୁ ଜଗନ୍ନାଥ ତଥା ଚତୁର୍ଦ୍ଧା ମୂର୍ତ୍ତିଙ୍କ ଶରୀରରେ ଆରୋପ କରିଛନ୍ତି ।

ଷୋଳ ନାମ ବତିଶ ଅକ୍ଷର ବିଶିଷ୍ଟ ମହାମନ୍ତ୍ରରେ 'ହରେ' ନାମ ଆଠଥର 'ରାମ' ନାମ ଚାରିଥର ଓ 'କୃଷ୍ଣ'ନାମ ଚାରିଥର ରହିଛି । 'ହରେ କୃଷ୍ଣ ରାମ' କ୍ରମ ଗୌଡ଼ୀୟ ବୈଷ୍ଣବମାନଙ୍କ ଦ୍ୱାରା ଗୃହୀତ ହୋଇଥିବା ସ୍ଥଳେ ଜଗନ୍ନାଥ ଦାସ 'ହରେ ରାମ କୃଷ୍ଣ' କ୍ରମକୁ ଗ୍ରହଣ କରିଛନ୍ତି ଓ ଏହା 'କଳି ସନ୍ତରଣ ଉପନିଷଦ୍' ଦ୍ୱାରା

---

୪. ବଳଭଦ୍ର ଯେ ସାମ ହୋଇ । ଋକ ଯେ ସୁଭଦ୍ରା ଅଟଇ ।
ଯଜୁର୍ବେଦ ଶ୍ରୀ ଜଗନ୍ନାଥ । ଅଥର୍ବ ସୁଦର୍ଶନ ପାର୍ଥ ।
ଗୁପ୍ତଗୀତା - ୭ମ ଅଧ୍ୟାୟ

୫. ହ୍ଲୀଂବୀଜ ବଳଭଦ୍ରସ୍ୟ ଶ୍ଲୀଂ ସୁଭଦ୍ରିକା ତଥା
କ୍ଲୀଂ ବୀଜ ଜଗନ୍ନାଥ ଧ୍ଲୀଂ ସୁଦର୍ଶନଂ ଭବେତ୍ ।
ଚାରି ଚଉପଦୀ ।

ସ୍ୱୀକୃତ[୬] । ତାଙ୍କ ମତରେ ମହାମନ୍ତ୍ର ଠାରୁ ବଳି ଆଉ କିଛି ଶ୍ରେଷ୍ଠ ଜପ ନାହିଁ[୭] । ଶ୍ରୀଁ ହ୍ରୀଁ କ୍ଲୀଁ ଗୋପୀଜନ ବଲ୍ଲଭାୟ ସ୍ୱାହା କ୍ଲୀଁ ହ୍ରୀଁ ଶ୍ରୀଁ ମନ୍ତ୍ରରାଜ ନାମରେ ବିଦିତ । ଏଥିରେ ବୀଜ ତ୍ରୟ ପ୍ରଥମେ ଓ ଶେଷରେ ବିପରୀତ କ୍ରମରେ ରହି ମଧ୍ୟରେ ଦଶାକ୍ଷର ଥାଏ । ପ୍ରେମଭକ୍ତି ପ୍ରଦାୟକ ମାୟା ମୁକ୍ତକାରୀ ଓ ସିଦ୍ଧି ଦାତା ଏହି ମନ୍ତ୍ର ସାଧକକୁ ଚୌଷଠୀ ଅଙ୍ଗ ଭକ୍ତି ପ୍ରଦାନ କରେ । ''କ୍ଲୀଁ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହା'' ଗୋପାଳ ମନ୍ତ୍ର ବା କୃଷ୍ଣ ମନ୍ତ୍ର ଭାବରେ ପରିଚିତ । ଜଗନ୍ନାଥ ଦାସଙ୍କ ପ୍ରବର୍ତ୍ତିତ ଅତିବଡ଼ୀ ସଂପ୍ରଦାୟଭୁକ୍ତ ସାଧକମାନେ ଏହି ମନ୍ତ୍ରରେ ନୈବେଦ୍ୟ ଏବଂ ସମର୍ପଣ ସମାପନ କରନ୍ତି । ଉକ୍ତ ମନ୍ତ୍ର ସାହାଯ୍ୟରେ ସାଧକ ଜ୍ଞାନ, ପୁତ୍ର, ଧନ ଓ ମୋକ୍ଷ ଲାଭ କରେ । ବୈଷ୍ଣବମାନଙ୍କ ଦିନଚର୍ଯ୍ୟାରେ ବିଭିନ୍ନ ଗାୟତ୍ରୀ ମନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୁକ୍ତି ପ୍ରଦାନ କାରୀ ଏହି ଗାୟତ୍ରୀ ଜପିଲେ ପ୍ରାଣୀ ଅମର ହୁଏ ଓ ତା' ହୃଦୟରେ ସପ୍ତଲୋକ ଜ୍ୟୋତି ପ୍ରକାଶ ପାଏ । ଜଗନ୍ନାଥ ଦାସଙ୍କ ନାମରେ ପ୍ରଚଳିତ କେତେକ ରଚନାରେ ଗାୟତ୍ରୀ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ସାଧାରଣ ଲୋକେ ବୁଝିବା ପାଇଁ ସେ ଗାୟତ୍ରୀର ପ୍ରତୀକ ଭାବରେ ଗାଈକୁ ଗ୍ରହଣ କରି ଜଟିଳ ତତ୍ତ୍ୱକୁ ସରଳୀକରଣ କରିଛନ୍ତି । 'ପାଦପଦ୍ମ ସୁଧାନିଧି' ଓ 'ଜଗନ୍ନାଥ ଚରିତାମୃତ' ନାମକ ଗ୍ରନ୍ଥରୁ ଅତିବଡ଼ୀ ସାଧକମାନେ ଯୁଗଳ ଗାୟତ୍ରୀ ବ୍ରହ୍ମ ଗାୟତ୍ରୀ, ଗୋପାଳ ଗାୟତ୍ରୀ, ଜଗନ୍ନାଥ ଗାୟତ୍ରୀ, ରାଧା ଗାୟତ୍ରୀ, ଚୈତନ୍ୟ ଗାୟତ୍ରୀ ଓ ଗୁରୁ ଗାୟତ୍ରୀ ପ୍ରଭୃତି ଜପ କରୁଥିବାର ଜଣାଯାଏ । ମନ୍ତ୍ରପାଠ କରିବା ସମୟରେ ସାଧକ ନିର୍ଦ୍ଦିଷ୍ଟ ଅଙ୍ଗନ୍ୟାସ କରେ । ଏହା କରିବା ଦ୍ୱାରା ସିଦ୍ଧିଲାଭ ସହଜ ସାଧ୍ୟହୁଏ ।

ସେହିପରି ମନ୍ତ୍ରର ସଫଳତା ପାଇଁ ଯନ୍ତ୍ରର ଆବଶ୍ୟକତା ରହିଛି । ଯନ୍ତ୍ର ଦେବୀଙ୍କର ପ୍ରତୀକ । ପ୍ରଥମେ ଯନ୍ତ୍ରକୁ ଦେବତା ରୂପେ କଳ୍ପନା କରି ମନ୍ତ୍ର ଦ୍ୱାରା ଭେଦି ପାରିଲେ ଦେବତା ପ୍ରସନ୍ନ ହୁଅନ୍ତି । ବିଭିନ୍ନ ଦେବଦେବୀଙ୍କର ନିର୍ଦ୍ଦିଷ୍ଟ ରୂପ ଓ

---

୬. ହରେ ରାମ ହରେ ରାମ ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ଇତି ଷୋଡ଼ଶକଂ ନାମ୍ନାଂ କଳି କଲ୍ମଷ ନାଶନମ୍ ।
ନାତଃ ପରତରୋପାୟଃ ସର୍ବ ବେଦେଷୁ ଦୃଶ୍ୟତେ ।

୭. ହରେ କୃଷ୍ଣ ମହାମନ୍ତ୍ର, ଯେଥୁ ନାହିଂ ଜପ ଯନ୍ତ୍ର ।
ଚାରି ଚଉପଦୀ ।

ରଙ୍ଗ ରହିଛି । ଯନ୍ତ୍ରର ଗଠନ ସେହି ରୂପ ଓ ରଙ୍ଗକୁ ପ୍ରତିନିଧିତ୍ୱ କରେ । ପ୍ରତ୍ୟେକ ଯନ୍ତ୍ରରେ ନିର୍ଦ୍ଦିଷ୍ଟ ଦେବତାଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରପାଠ ହୁଏ ଓ ତଦନୁଯାୟୀ ଯନ୍ତ୍ରରେ ଅକ୍ଷର ବସାଣ ହୁଏ । ଜଗନ୍ନାଥ ଦାସ ତାଙ୍କ ରଚନାରେ ବିଭିନ୍ନ ଯନ୍ତ୍ର ପ୍ରସଙ୍ଗ ଆଲୋଚନା କରିଛନ୍ତି ।

ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀ ବେଳକୁ ବୈଷ୍ଣବ ଧର୍ମର ଦୁଇଟି ଭାବ ଧାରା ପ୍ରସାର ଲାଭ କରିଥିଲା । ଗୋଟିଏ ଜଗନ୍ନାଥଙ୍କୁ କେନ୍ଦ୍ର କରି କର୍ମ,ଜ୍ଞାନ, ଯୋଗ, ଭକ୍ତି, ତନ୍ତ୍ର ଓ ବେଦାନ୍ତ ଉପରେ ପ୍ରତିଷ୍ଠିତ ମାର୍ଗ । ଅନ୍ୟଟି ରାଧାକୃଷ୍ଣଙ୍କୁ କେନ୍ଦ୍ର କରି ଶୁଦ୍ଧାଭକ୍ତି ବା ପ୍ରେମ ଭକ୍ତିର ମାର୍ଗ । ଚୈତନ୍ୟ ଦ୍ୱିତୀୟ ମାର୍ଗର ଉପାସକ ଥିବାରୁ ଜଗନ୍ନାଥଙ୍କ ଠାରେ ରାଧାକୃଷ୍ଣତ୍ୱ ଆରୋପ କରି ଜ୍ଞାନମାର୍ଗ ପ୍ରତି ଦୃଷ୍ଟିପାତ କରି ନଥିଲେ । କିନ୍ତୁ ଜଗନ୍ନାଥ ଦାସ ଥିଲେ ଜ୍ଞାନମିଶ୍ରା ଭକ୍ତିମାର୍ଗର ଉପାସକ । ଭକ୍ତି ଅପେକ୍ଷା ମୁକ୍ତି ଥିଲା ତାଙ୍କର କାମ୍ୟ । ଉତ୍କଳୀୟ ଯୋଗସାଧନା ସହିତ ପ୍ରେମଭକ୍ତିର ସମନ୍ୱୟ କରି ସେ ଏକ ନୂଆ ମାର୍ଗର ସନ୍ଧାନ ଦେଇଥିଲେ ।

ମନୁଷ୍ୟ ମଧ୍ୟରେ ଯେଉଁ ବ୍ରହ୍ମ ବିଦ୍ୟମାନ ତାର ପ୍ରକୃତ ପରିଚୟ ପାଇବା ହିଁ ଜ୍ଞାନ ବୋଲି ସାଧକମାନେ ମତବ୍ୟକ୍ତ କରିଛନ୍ତି[୮] । ଜପ, ତପସ୍ୟା, ସଂଯମ ଆଚରଣ, ଯୋଗ ସାଧନ ଦ୍ୱାରା ଏହି ଜ୍ଞାନ ଲାଭ ହୋଇଥାଏ । ଯୁଗେ ଯୁଗେ ସାଧକମାନେ ଏହି ଜ୍ଞାନ ଲାଭ କରି ସଂସାର ବନ୍ଧନରୁ ମୁକ୍ତି ପାଇବା ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ମୁକ୍ତି ବା ମୋକ୍ଷ ହେଉଛି ଜୀବର ଏକାନ୍ତ କାମ୍ୟ[୯] ।

---

୮. ଜ୍ଞାନ ଯେ ପରମ ଅଟଇ । ପୂର୍ବେ ଯେ କେହି ନ ଜାଣଇ ।
ଯେ ଜ୍ଞାନ ହୋଇଛି ଗୁପତ । ଓଁ କାର ଭିତରେ ଏ ତତ୍ତ୍ୱ ।
ଗୁପ୍ତଗୀତା - ବଳରାମ ଦାସ - ୨ୟ ଅଧ୍ୟାୟ ।

ଈଶ୍ୱର ବ୍ରହ୍ମଜ୍ଞାନ ସାଧି । ସଂସାରେ ହୋଇଲେ ଯୋଗାଧି ।
ତୁଳାଭିଣା - ଜଗନ୍ନାଥ ଦାସ

ଦେବଦାସ ବୋଇଲା ହୋ ବ୍ରହ୍ମଜ୍ଞାନ ମୂଳ
ବ୍ରହ୍ମଜ୍ଞାନ ଭକ୍ତି କି ଆଉ କେହି ନାହିଁ ତୂଳ ।
ବିଷ୍ଣୁଗର୍ଭ ପୁରାଣ - ଚୈତନ୍ୟ ଦାସ - ୭ମ ଅଧ୍ୟାୟ

୯. ଜାଣିବୁ ଭଗତି ଭାବ । ମୁକତି କରିବୁ ଠାବ ।
ଚାରି ଚଉପଦୀ - ଜଗନ୍ନାଥ ଦାସ

ଦେବବ୍ରତ ବୋଇଲା ମୋର ବରେ କାର୍ଯ୍ୟ ନାହିଁ
ମୁକ୍ତି ହୋଇବାକୁ ମୋର କଳ୍ପଣା ଅଛଇ ।
ବିଷ୍ଣୁଗର୍ଭ ପୁରାଣ - ୭ମ ଅଧ୍ୟାୟ

କର୍ମ, ଜ୍ଞାନ ଓ ଯୋଗ ତୁଳନାରେ ଭକ୍ତି ସହଜ । ଏଥିରେ ଯୋଗ ସାଧନା ମାଧ୍ୟମରେ ଶରୀରକୁ କଷ୍ଟ ସ୍ୱୀକାର କରିବାକୁ ପଡ଼େ ନାହିଁ । କେବଳ ଭକ୍ତି ଓ ଆନୁଗତ୍ୟ ମାଧ୍ୟମରେ ଭଗବତ୍‌ ପ୍ରାପ୍ତି ସମ୍ଭବ ହୁଏ । ସେଥିପାଇଁ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଜ୍ଞାନ, କର୍ମ, ତପସ୍ୟା ଓ ସମସ୍ତ ସାଧନା ଠାରୁ ଭକ୍ତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି । ଭକ୍ତି ନଥିଲେ ଜ୍ଞାନର କୌଣସି ମୂଲ୍ୟ ନାହିଁ । ଜ୍ଞାନ ଦ୍ୱାରା ବ୍ରହ୍ମଙ୍କର ଉପାସନା ସମ୍ଭବ ମାତ୍ର ତାଙ୍କୁ ଲାଭ କରିବା ସମ୍ଭବ ନୁହେଁ । ଜ୍ଞାନ ଓ ଯୋଗ ଅହେତୁକୀ ନୁହେଁ ; କାରଣ ଏଥିରେ ମୋକ୍ଷ ଲାଭର ଆକାଂକ୍ଷା ନିହିତ । ଭକ୍ତି ବା ଶୁଦ୍ଧାଭକ୍ତି ଅହେତୁକୀ ହୋଇ ଥିବାରୁ ଜ୍ଞାନଠାରୁ ଏହା ଉତ୍କୃଷ୍ଟ । ଉତ୍କଳୀୟ ବୈଷ୍ଣବମାନେ ଭକ୍ତି ଓ ମୁକ୍ତି ଉଭୟ ଚାହୁଁଥିବାରୁ ଜ୍ଞାନ ସହିତ ଭକ୍ତିକୁ ମଧ୍ୟ ଗ୍ରହଣ କରିଛନ୍ତି । କାରଣ ଜ୍ଞାନମିଶ୍ରା ଭକ୍ତିରେ ଜ୍ଞାନ ଓ ଭକ୍ତି ଉଭୟର ପ୍ରାଧାନ୍ୟ ଥାଏ । ଏ ସବୁ ଦୃଷ୍ଟିରୁ ଜଗନ୍ନାଥ ଦାସ ଥିଲେ ଜ୍ଞାନ ମିଶ୍ରା ଭକ୍ତି ମାର୍ଗର ଉପାସକ ।

ସେ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି ପ୍ରଭୃତି ଅଷ୍ଟାଙ୍ଗଯୋଗ ସାଧନା କରୁଥିବା ପ୍ରସଙ୍ଗ 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥରେ ଉଲ୍ଲେଖ ଅଛି । ଏଥିରେ ସାଲୋକ୍ୟ, ସାରୂପ, ସାମୀପ୍ୟ ଓ ସାଯୁଜ୍ୟ ପ୍ରଭୃତି ଚାରି ପ୍ରକାର ମୁକ୍ତି ନିହିତ ଥିଲେ ମଧ୍ୟ ଭକ୍ତି ନାହିଁ ।

ସାଧାରଣତଃ ଭକ୍ତି ବୈଧୀ ଓ ରାଗାନୁଗା ଭେଦରେ ଦ୍ୱିବିଧ । ଶାସ୍ତ୍ର ନିର୍ଦ୍ଦିଷ୍ଟ ବା ଆଚାରଶୀଳ ଭକ୍ତି ବୈଧୀ ଭକ୍ତି ଭାବରେ ପରିଚିତ । ମନ୍ତ୍ର ଦୀକ୍ଷା, ଗୁରୁ ପାଦାଶ୍ରୟ, ଗଙ୍ଗାସ୍ନାନ, ସାଧୁସେବା, ସଦ୍ଧର୍ମ ଶିକ୍ଷା, ଏକାଦଶୀ ଉପବାସ, କାର୍ତ୍ତିକ ବ୍ରତ, ଗୋ ବିପ୍ର-ବୈଷ୍ଣବ ପୂଜା, ନିତ୍ୟାଚାର, ହରିନାମ ସ୍ମରଣ ପ୍ରଭୃତି ବୈଧୀ ଭକ୍ତି ସାଧନାର ପ୍ରଧାନ ଅଙ୍ଗ[୧୦] । ଜଗନ୍ନାଥ ଦାସ ବୈଧୀ ଭକ୍ତିର ଏହି ସବୁ ନିୟମ ପାଳନ କରିଥିବା କଥା ବିଭିନ୍ନ ଗ୍ରନ୍ଥରୁ ଜଣାପଡ଼େ । ତାଙ୍କ ମତରେ ସବୁ ଧର୍ମ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲାଉଥିବା ବୈଷ୍ଣବଙ୍କୁ ଭଜନ କରିବା ଉଚିତ୍[୧୧] । ଯଜ୍ଞ, ତପ ଓ ବ୍ରତ

---

୧୦. ଜଗନ୍ନାଥ ଚରିତାମୃତ — ୧୫ଶ ଅଧ୍ୟାୟ

୧୧. ସଂସାରେ ଯେତେ ଧର୍ମ ଭାବ, ସବୁରି ଉପରେ ବୈଷ୍ଣବ ।
ବୈଷ୍ଣବ ପରେ ଧର୍ମ ନାହିଂ । ଶୁଣ ଅର୍ଜୁନ ମନ ଦେଇ ।
x x x x
ଯେତେ ଦେବତା ଆରାଧିବ । ସକଳ ପରେ ମୋ ବୈଷ୍ଣବ ।
ଛତ୍ରିଶ ଭାଗବତ - ୧ମ ଅଧ୍ୟାୟ

ଆଚରଣ କଲେ ସାଧକ ଅନାମିକା ତତ୍ତ୍ୱ ହୃଦୟଙ୍ଗମ କରିପାରେ[୧୨] । ଏତଦ୍‌ବ୍ୟତୀତ ସାଧୁ ସ୍ତୁତି କପଟୀସାଧୁଙ୍କୁ ନିନ୍ଦା, ସତ୍‌ସଙ୍ଗ ଆଚରଣ, ସୁରାପାନ ନିଷେଧ, ସାଧୁ-ବିପ୍ର ଓ ବେଦ ନିନ୍ଦା ସହ୍ୟ ନ କରିବା, ଅତିଥି ସେବା, କୂପ-ତଡାଗ ଖନନ, ଅସାଧୁ ସଙ୍ଗ ବର୍ଜନ, କ୍ରୋଧ ତ୍ୟାଗ, ସକଳ ବସ୍ତୁରେ ବୈରାଗ୍ୟ, ଇନ୍ଦ୍ରିୟ ଜୟୀ, କ୍ଷମା ଆଚରଣ, ଦୟାଶୀଳ, ପ୍ରୀତି ପରାୟଣ, ନିର୍ଲୋଭ, ନିଃସ୍ୱାର୍ଥପର, ଭୟ ଓ ଶୋକ ବର୍ଜନ, ଭକ୍ତିମାର୍ଗ ଅନୁସରଣ ପ୍ରଭୃତି ଥିଲା ତାଙ୍କ ଆଚରିତ ପନ୍ଥା ।

ଗୌଡ଼ୀୟ ବୈଷ୍ଣବମାନେ ମଥୁରା ବାସ, ବୃନ୍ଦାବନ ପର୍ଯ୍ୟଟନ, ଗିରି ଗୋବର୍ଦ୍ଧନ ଭ୍ରମଣ, ଯମୁନା ସ୍ନାନ ଓ ଶ୍ରଦ୍ଧାର ସହିତ କୃଷ୍ଣ ସେବାକୁ ବୈଧୀ ଭକ୍ତିର ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଅତିବଡ଼ୀ ସାଧକମାନେ ଜଗନ୍ନାଥଙ୍କୁ ପରମ ବ୍ରହ୍ମ ଭାବରେ ଗ୍ରହଣ କରିଛନ୍ତି । ଗୁଣ୍ଡିଚା ଘର, ଭାର୍ଗବୀ ନଦୀ, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେଶ୍ୱର, ଅଠରନଳା, ବଳଗଣ୍ଡି, ନରେନ୍ଦ୍ର, ଶ୍ୱେତଗଙ୍ଗା, ଲୋକନାଥ ପ୍ରଭୃତି ବୃନ୍ଦାବନର ବିଭିନ୍ନ ଲୀଳାସ୍ଥାନ ଭାବରେ ସେମାନଙ୍କ ଦ୍ୱାରା ଗୃହୀତ । ସେଥିପାଇଁ ପୁରୁଷୋତ୍ତମ କ୍ଷେତ୍ର ତ୍ୟାଗ କରି ଜଗନ୍ନାଥ ଦାସ ଅନ୍ୟ କୌଣସି ତୀର୍ଥ ପର୍ଯ୍ୟଟନ କରିବାକୁ ଯାଇ ନଥିଲେ[୧୩] ।

ଭକ୍ତ ସ୍ତ୍ରୀ ଭାବରେ ଭଗବାନଙ୍କର ସାନ୍ନିଧ ଲାଭ କରିବା ପ୍ରେମ ଭକ୍ତିର ମୂଳ କଥା । ଅର୍ଜୁନ ଓ ନାରଦ ସ୍ତ୍ରୀତ୍ୱ ପ୍ରାପ୍ତି ପରେ ଭଗବାନଙ୍କ ଲୀଳା ଦର୍ଶନ କରିଥିବା କଥା 'ପଦ୍ମପୁରାଣ'ରେ ଉଲ୍ଲେଖ ଅଛି । ଦେବୀ ଭାଗବତ ଅନୁଯାୟୀ ଦେବୀ ପୀଠରେ ଆଦ୍ୟାଶକ୍ତିଙ୍କ ସହିତ ଦର୍ଶନ କାଳରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ମଧ୍ୟ ସ୍ତ୍ରୀତ୍ୱ ପ୍ରାପ୍ତି ହୋଇଥିଲା । ସ୍ତ୍ରୀ ଭାବରେ ବଶବର୍ତ୍ତୀ ହୋଇ ପରମାତ୍ମାଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମନିବେଦନ କରିବା ତତ୍ତ୍ୱ ଉପରେ ଜଗନ୍ନାଥ ଦାସ ବିଶ୍ୱାସ କରୁଥିଲେ । ତାଙ୍କ ମତରେ ଆତ୍ମା ଶ୍ରୀରାଧା ଓ ପରମାତ୍ମା ଶ୍ରୀକୃଷ୍ଣ । ରାଧା ଭାବରେ ହିଁ କୃଷ୍ଣଙ୍କୁ ନିଜର

---

୧୨. କୋଟି ଯଜ୍ଞ ବାରବ୍ରତ ତପ କରିଥିଲେ
ଯେ ଭେଦ ଜାଣଇ ପୂର୍ବ ତପ ଫଳ ବଳେ ଗୋ ।
ଦୂତୀବୋଧ

୧୩. ବୃନ୍ଦାବନ ଯେ ମଧୁପୁରୀ । ଅଯୋଧ୍ୟା ଯେ ଗୋପ ନଗରୀ ।
ଦ୍ୱାରକା ବଦରିକା ପୁଣ । କୁଞ୍ଜ ସଦନ ପୁଣ୍ୟ ସ୍ଥାନ ।
କୁରୁ ଯେ ମେରୁ ଆଦିକରି । ଶ୍ରେଷ୍ଠ ଧାମ ଯେ କାଶୀପୁରୀ ।
ଏ ମାନ ମନେ ନଘେନଇ । ଏକା ଜଗନ୍ନାଥେ ଭାବଇ ।
ଜଗନ୍ନାଥ ଚରିତାମୃତ - ୧୦ମ ଅଧ୍ୟାୟ

କରି ପ୍ରେମ ଭକ୍ତିରସ ଆସ୍ୱାଦନ କରିହୁଏ । ଏହି ପ୍ରକାର ପ୍ରେମ ଭକ୍ତି ଦ୍ୱାରା ବ୍ରହ୍ମ ପ୍ରାପ୍ତି ସହଜ । ଏହି ରାଧାକୃଷ୍ଣ ଜଗନ୍ନାଥଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି[୧୪] । ବିଭିନ୍ନ ଅଲୌକିକ ଲୀଳାରୁ ଜଗନ୍ନାଥ ଦାସଙ୍କର ସ୍ତ୍ରୀ ଭାବର ପରିଚୟ ମିଳେ । ମେଧା, ସୁମେଧା ନାମକ ଦୁଇଜଣ ଦେବକନ୍ୟା ପ୍ରତିଦିନ ତାଙ୍କର ସେବା କରୁଥିବା ପ୍ରସଙ୍ଗରେ ସେ ଜଗନ୍ନାଥଙ୍କ ଦାସୀ ବୋଲି ପ୍ରକାଶ କରିଛନ୍ତି । ସେ ମାସରେ ୨୭ ଦିନ ପୁରୁଷ ଓ ୩ ଦିନ ସ୍ତ୍ରୀ ହେବା କଥା 'ଜଗନ୍ନାଥ ଚରିତାମୃତ'ରେ ଉଲ୍ଲେଖ ଅଛି[୧୫] । ତାଙ୍କର ସ୍ତ୍ରୀ ଅଙ୍ଗ ହେବା ପ୍ରସଙ୍ଗ 'ନିତ୍ୟଗୁପ୍ତ ଚୂଡ଼ାମଣି', ପାଦପଦ୍ମ ସୁଧାନିଧି, 'ନିତ୍ୟ ନୀଳାଦ୍ରି ବିଳାସ', 'ଚୈତନ୍ୟ ଭାଗବତ' 'ଗୁପ୍ତ ଭକ୍ତ ମାଳିକା' ଓ 'ଦାର୍ଢ୍ୟତା ଭକ୍ତି' ପ୍ରଭୃତି ଗ୍ରନ୍ଥ ଦ୍ୱାରା ସମର୍ଥିତ । ସଖୀ ଅଙ୍ଗରେ ସାଧନା କରିବା ପାଇଁ ଜଗନ୍ନାଥ ଦାସ ନିଜର ଶିଷ୍ୟ ହରି ଦାସଙ୍କୁ ଉପଦେଶ ପ୍ରଦାନ କରିଥିଲେ[୧୬] । ଜଗନ୍ନାଥ ଦାସଙ୍କୁ ମଧ୍ୟ ଶ୍ରୀରାଧା ଭାବରେ ସ୍ୱୀକାର କରାଯାଇଛି[୧୭] । ଏ ସବୁରୁ ଜଗନ୍ନାଥ ଦାସ ସ୍ତ୍ରୀ ଅଙ୍ଗ ସାଧନାରେ ବିଶ୍ୱାସ କରୁଥିବା ସୂଚିତ ହୁଏ ।

ବୈଧୀ ଭକ୍ତିର ମନ୍ତ୍ର ଦୀକ୍ଷା ଶାସ୍ତ୍ରଚର୍ଚ୍ଚା, ତୀର୍ଥ ପର୍ଯ୍ୟଟନ, ବ୍ରତ ବିଧାନ ପ୍ରଭୃତି ରାଗାନୁଗା ଭକ୍ତିରେ ବର୍ଜିତ ହୋଇଛି । ଏହି ଭକ୍ତି ସଂପୂର୍ଣ୍ଣ ରୂପେ ଭକ୍ତ ଓ ଭଗବାନଙ୍କ ବ୍ୟକ୍ତିଗତ ସଂପର୍କ ଉପରେ ପ୍ରତିଷ୍ଠିତ । ନିତ୍ୟରେ ଗୋପୀମାନେ ଯେଉଁ ସେବାଧିକାର ପାଉଛନ୍ତି ତାହାହିଁ ରାଗାନୁଗା ଭକ୍ତି ନାମରେ ବିଦିତ[୧୮] । 'ଜଗନ୍ନାଥ ଚରିତାମୃତ'

---

୧୪. ସେହୁ ରାଧାକୃଷ୍ଣ ଏହୁ ଜଗନ୍ନାଥ ଦୁଇ ଅଙ୍ଗ ଭେଦ ନୁହନ୍ତି ।
ଷୋଡ଼ଶ ଚତୁଷ୍ପଦୀ

୧୫. ପୁରୁଷ ସତାଇଶ ଦିନ । ସ୍ତିରୀ ସ୍ୱଭାବ ତିନି ଦିନ ।
୧୧ଶ ଅଧ୍ୟାୟ

୧୬. ସଖୀ ଅଙ୍ଗେ ସଖୀ ସଙ୍ଗେ ଥିବ ମିଳି
ଧ୍ୟାନେ ବହି ଥିବ ଯେହି ବାକ୍ୟ ବୋଲି ।
ନିତ୍ୟ ନୀଳାଦ୍ରି ବିଳାସ - ହଂସଦାସ

୧୭. ଶ୍ରୀ ଜଗନ୍ନାଥ ଦାସ ଯେହି । ଶ୍ରୀରାଧା ଅଟନ୍ତି ଟି ସେହି ।
ଜଗନ୍ନାଥ ଚରିତାମୃତ - ୨ୟ ଅଧ୍ୟାୟ

୧୮. ନିତ୍ୟରେ ଗୋପୀମାନଙ୍କର । ସେବାରେ ଯେଉଁ ଅଧିକାର ।
ତାହାକୁ ରାଗଭକ୍ତି କହି । ପୁଣି ସେ ଚାରି ରୂପ ହୋଇ ।
ଜଗନ୍ନାଥ ଚରିତାମୃତ - ୭ମ ଅଧ୍ୟାୟ

ଅନୁଯାୟୀ ଶୁଦ୍ଧ ରାଗାନୁଗା ଭକ୍ତିର ଦଶଟି ଲକ୍ଷଣ ଅଛି । ଯଥା - ଅକ୍ରୋଧ, ବୈରାଗ୍ୟ, ଜିତେନ୍ଦ୍ରିୟ, କ୍ଷମା, ଦୟା, ସର୍ବଜନ ପ୍ରିୟତ୍ୱ, ନିର୍ଲୋଭ, ଦାନଶୀଳତା, ଭୀତି ଓ ଶୋକ ରହିତ । ରାଗାନୁଗା ଭକ୍ତି ଲାଭ କଲେ ଭକ୍ତ ଭଗବାନଙ୍କର ସାନିଧ୍ୟ ଲାଭ କରେ । ଏହି ଭକ୍ତିର ବିଭିନ୍ନ ଅଙ୍ଗ ନବଧାଭକ୍ତି ଭାବରେ ପରିଚିତ । ସେ ସବୁ ହେଲା ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବା, ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ । ଜଗନ୍ନାଥ ଦାସ ଏହି ନବଧାଭକ୍ତିକୁ ନିଜ ସାଧନା ମାର୍ଗରେ ସ୍ୱୀକାର କରୁଥିଲେ ହେଁ ସାଧାରଣତଃ ସେ ଭଗବାନଙ୍କ ନାମ ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ସଂସ୍କୃତ ଭାଗବତରେ ନଥିଲେହେଁ ସେ ଅନୁବାଦ କରିବା ସମୟରେ ବହୁ ନୂତନ କଥାବସ୍ତୁ ସଂଯୋଗ କରିଛନ୍ତି ଓ ଭଗବାନଙ୍କ ନାମ ଶ୍ରବଣ କୀର୍ତ୍ତନ ଓ ସ୍ମରଣ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ଜଗନ୍ନାଥ ଦାସଙ୍କ ସାଧନ ପ୍ରଣାଳୀରେ ରତି, ପ୍ରୀତି ଓ ସ୍ଫୂର୍ତ୍ତି ତତ୍ତ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରତି, ପ୍ରୀତି ଓ ସ୍ଫୂର୍ତ୍ତିର ଅର୍ଥ ଯଥାକ୍ରମେ ଅନୁରକ୍ତି, ପ୍ରେମ ଓ ଜ୍ଞାନ ପ୍ରକାଶ[୧୯] । ରାମନାମ ସଂକୀର୍ତ୍ତନ କଲେ ଭକ୍ତ ହୃଦୟରେ ଅନୁରକ୍ତି ଓ ହରିନାମ ସଂକୀର୍ତ୍ତନ କଲେ ଅନ୍ତରରେ ପ୍ରେମଭାବ ସୃଷ୍ଟି ହୁଏ । କୃଷ୍ଣନାମ ସଂକୀର୍ତ୍ତନରେ ଭକ୍ତ ହୃଦୟରେ ଜ୍ଞାନ ପ୍ରକାଶ ହୁଏ । ରତି, ପ୍ରୀତି ଓ ସ୍ଫୂର୍ତ୍ତି ଉପରେ ପ୍ରତିଷ୍ଠିତ ଦ୍ୱାଦଶପ୍ରେମ ଯେଉଁ ବ୍ୟକ୍ତି ଜାଣେ ନାହିଁ ସେ ବୈଷ୍ଣବ ନୁହେଁ[୨୦] । ରସ, ନାମ, ମନ୍ତ୍ର, ମୂର୍ତ୍ତି ପ୍ରତ୍ୟେକରେ ରତି, ପ୍ରୀତି, ଓ ସ୍ଫୂର୍ତ୍ତି ରହି ଦ୍ୱାଦଶ ପ୍ରେମ ଭକ୍ତି ସୃଷ୍ଟି କରେ[୨୧] । ପ୍ରକୃତରେ ଯୋଗ, ଜ୍ଞାନ, ବୈରାଗ୍ୟ, କର୍ମ, ଜପ, ତପ, ହୋମ, ଓ ଯଜ୍ଞରେ ଯାହା ନ ମିଳେ ତାହା ରତି, ପ୍ରୀତି ଓ ସ୍ଫୂର୍ତ୍ତି ଦ୍ୱାରା ଲାଭ କରିହୁଏ । ଜଗନ୍ନାଥ ଦାସ ଚତୁର୍ଦ୍ଧା ମୂର୍ତ୍ତିରେ ଏହି ଦ୍ୱାଦଶ ପ୍ରେମ ଭକ୍ତିକୁ ନିରୂପଣ କରିଛନ୍ତି । ତେଣୁ ଜଗନ୍ନାଥଙ୍କୁ ଦର୍ଶନ

---

୧୯. ପ୍ରୀତି ଯେ ପ୍ରେମ ବୋଲାଯାଇ । ରତି ଯେ ଅନୁରକ୍ତି କହି ।
ସ୍ଫୂର୍ତ୍ତି ଯେ ଜ୍ଞାନ ପରକାଶ । ଏ ସବୁ ତା ଅର୍ଥ ବିଶେଷ ।
ଜଗନ୍ନାଥ ଚରିତାମୃତ - ୮ମ ଅଧ୍ୟାୟ

୨୦. ଯେ ଦ୍ୱାଦଶ ପ୍ରେମ ନ ଜାଣେ । ବୈଷ୍ଣବରେ ତାକୁ ନ ଗଣେ ।
ଜଗନ୍ନାଥ ଚରିତାମୃତ - ୮ମ ଅଧ୍ୟାୟ

୨୧. ରସରେ ପ୍ରୀତି ରତି-ସ୍ଫୂର୍ତ୍ତି । ନାମରେ ପ୍ରୀତି ରତି ସ୍ଫୂର୍ତ୍ତି ।
ମନ୍ତ୍ରରେ ପ୍ରୀତି ରତି ସ୍ଫୂର୍ତ୍ତି । ମୂର୍ତ୍ତିରେ ପ୍ରୀତି ରତି ସ୍ଫୂର୍ତ୍ତି ।
ଏପରି ଦ୍ୱାଦଶ ଯେ ପ୍ରେମ । କହି ଅଛନ୍ତି ଉତ୍ତୋରମ ।
ଜଗନ୍ନାଥ ଚରିତାମୃତ - ୮ମ ଅଧ୍ୟାୟ

କଲେ ଭକ୍ତ ଏ ସବୁ ଭକ୍ତି ଲାଭ କରେ । 'ଜଗନ୍ନାଥ ଚରତାମୃତ' ରେ ଉକ୍ତ ପ୍ରସଙ୍ଗ ବିଶଦ ଭାବରେ ବର୍ଣ୍ଣିତ ହୋଇଛି ।

ସଗୁଣ ଓ ନିର୍ଗୁଣ ଉପାସନା ତାଙ୍କ ସାଧନା ମାର୍ଗର ଅନ୍ୟ ଗୋଟିଏ ଦିଗ । ପରଂବ୍ରହ୍ମ ବା ଶୂନ୍ୟ ପୁରୁଷ ସର୍ବବ୍ୟାପୀ, ଅଲେଖ, ଅଣାକାର । ବିବିଧ ସାତ୍ତ୍ୱିକ ଗୁଣଯୁକ୍ତ ହୋଇ ଅବତାର ଗ୍ରହଣ କଲେ ସେ ସଗୁଣ ବ୍ରହ୍ମ ଏବଂ କୌଣସି ଗୁଣର ପରିକଳ୍ପନା କରା ନଗଲେ ସେ ହୁଅନ୍ତି ନିର୍ଗୁଣ ବ୍ରହ୍ମ । ବୈଦିକ ଯୁଗରୁ ଭାରତୀୟ ମଧ୍ୟଯୁଗୀୟ ସନ୍ଥ ପରଂପରା ପର୍ଯ୍ୟନ୍ତ ସମସ୍ତ ଧର୍ମ ଓ ଦର୍ଶନତତ୍ତ୍ୱରେ ସଗୁଣ ଓ ନିର୍ଗୁଣ ଉଭୟର ପ୍ରାଧାନ୍ୟ ସ୍ୱୀକାର କରାଯାଇଛି । ସଗୁଣ ମାଧ୍ୟମରେ ହିଁ ନିର୍ଗୁଣ ବ୍ରହ୍ମର ଉପାସନା ସମ୍ଭବ । ସେଥିପାଇଁ ସୂରଦାସ କୃଷ୍ଣଙ୍କର ସଗୁଣ ଲୀଳା ଗାନ କରୁଥିଲେ ହେଁ ତାଙ୍କ ଭିତରେ ସେ ନିର୍ଗୁଣ ପରମେଶ୍ୱରଙ୍କୁ ଦେଖୁଥିଲେ । ସେହପରି କବୀର, ରାମାନନ୍ଦ ଓ ତୁଳସୀ ଦାସ ଦଶରଥ ସୁତ ସାକାର ରାମଙ୍କ ଭିତରେ ନିରାକାର ନିର୍ଗୁଣ ରାମଙ୍କୁ ଉପାସନା କରୁଥିଲେ ।

ଭାରତୀୟ ସାଧକମାନଙ୍କ ପରି ଜଗନ୍ନାଥ ଦାସ ସଗୁଣ ମାଧ୍ୟମରେ ନିର୍ଗୁଣ ଉପାସନା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତାଙ୍କ ମତରେ ସେବା ଦ୍ୱାରା ଏହି ନିର୍ଗୁଣ ଭକ୍ତି ଲାଭ କରିବା ସମ୍ଭବ[୨୨] । ଭାଗବତରେ ଜଗନ୍ନାଥ ଦାସ ସଗୁଣ ଓ ନିର୍ଗୁଣ ବ୍ରହ୍ମ ପ୍ରସଙ୍ଗ ବିଶଦ ଭାବରେ ଆଲୋଚନା କରିଛନ୍ତି । ସେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ରାଧା, କୃଷ୍ଣ ପ୍ରଭୃତି ଦେବଦେବୀଙ୍କୁ ଉପାସନା କରୁଥିଲେ ହେଁ ସେମାନଙ୍କ ଭିତରେ ଅରୂପ ବ୍ରହ୍ମର ସତ୍ତା ଉପଲବ୍ଧି କରୁଥିଲେ । ତାଙ୍କ ଦ୍ୱାରା ଆରାଧିତ ଜଗନ୍ନାଥ ଶୂନ୍ୟ ପୁରୁଷ ନିରକାର ଓ ନିର୍ଗୁଣ ରୂପୀ । 'ଜଗନ୍ନାଥ ଚରିତାମୃତ'ରେ ବ୍ରହ୍ମାନନ୍ଦ ପଣ୍ଡିତଙ୍କ ସହିତ ତତ୍ତ୍ୱ ଚର୍ଚ୍ଚା ସମୟରେ ଜଗନ୍ନାଥ ଦାସ ବ୍ରହ୍ମଙ୍କୁ ସଚ୍ଚିଦାନନ୍ଦ, ନିର୍ବିକାର, ନିର୍ଗୁଣ, ଅବ୍ୟୟ, ନିରଞ୍ଜନ ରୂପେ ଅଭିହିତ କରିଛନ୍ତି । ତାଙ୍କ ମତରେ ରୂପ ଭିତରେ ଅରୂପର ବ୍ୟଞ୍ଜନା ଦେଇ ରୂପ ଠାରୁ ଦୂରରେ ରହିଲେ ସିଦ୍ଧିଲାଭ ସମ୍ଭବ[୨୩] ।

---

୨୨. ମୋ ବିନୁ ଅନ୍ୟ ଯେ ନଜାଣେ । ବିଶ୍ୱାସ ମୋର ଭକ୍ତ ଜଣେ ।
ମୋର ସେବାରେ ନିତ୍ୟେ ଥାଇ । ନିର୍ଗୁଣ ଭକ୍ତି ସେ ଲଭଇ ।
ଛତ୍ରରସ ଭାଗବତ - ୫ମ ଅଧ୍ୟାୟ

୨୩. ରୂପକୁ ଅରୂପରେ ଭରି । ରୂପର ସ୍ନେହ ଦୂର କରି ।
ସକଳ ଶୂନ୍ୟ ରୂପେ ଦେଖି । ପବନ ବ୍ରହ୍ମ ରନ୍ଧ୍ରେ ରଖି ।
ଗୁପତ ଗୀତା - ୪ର୍ଥ ଅଧ୍ୟାୟ

ଭାରତୀୟ ଧର୍ମ ସାଧନାରେ ଶୂନ୍ୟବ୍ରହ୍ମକୁ କେନ୍ଦ୍ରକରି ପରିକଳ୍ପିତ 'ଶୂନ୍ୟବାଦ' ବୈଦିକ ଯୁଗରୁ ପ୍ରଚଳିତ । ବେଦ, ଉପନିଷଦ୍, ଶ୍ରୀମଦ୍ ଭାଗବତ, ବୌଦ୍ଧ ଧର୍ମ, ନାଥଧର୍ମ, ଶୈବଧର୍ମ ପ୍ରଭୃତି ଦ୍ୱାରା ଏହି ଶୂନ୍ୟବାଦର ବ୍ୟାଖ୍ୟା ବହୁଳ ଭାବରେ କରାଯାଇଛି । ଓଡ଼ିଶାର ମଧ୍ୟଯୁଗୀୟ ସନ୍ଥ ସାହିତ୍ୟ 'ଶୂନ୍ୟବାଦ' ଦ୍ୱାରା ସୁସମୃଦ୍ଧ । ଗୋରେଖ ସଂହିତାରେ ଏହି ଶୂନ୍ୟ ଅଲେଖ ପୁରୁଷ ରୂପେ ପରିକଳ୍ପିତ । ସାରଳା ଦାସ ଶୂନ୍ୟବ୍ରହ୍ମକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ[୨୪] ମହାଭାରତରେ ଶୂନ୍ୟ, ମହାଶୂନ୍ୟ, ନିରାକାର ଶୂନ୍ୟ ଓ ପରମ ନିରାକାର ଶୂନ୍ୟର ଉଲ୍ଲେଖ କରିଛନ୍ତି । ଶୂନ୍ୟ ମଧ୍ୟରେ ଜ୍ୟୋତି ରୂପ ଜଗନ୍ନାଥ ଦାସଙ୍କ ଦ୍ୱାରା ସ୍ୱୀକୃତ ହୋଇଅଛି[୨୫] । ତାଙ୍କ ମତରେ ସାଧକ ପଦ୍ମାସନରେ ବସି ସାଧନା କଲେ ଆକାଶରେ ଦଗ୍ଧ କାଞ୍ଚନ ବର୍ଣ୍ଣ ମଧ୍ୟରେ ନୀଳଘନ ଜ୍ୟୋତି ଦର୍ଶନ କରେ । ଏହା ଅବନା, ଅକ୍ଷୋଭ[୨୬] ।

ବିଶ୍ୱ ସୃଷ୍ଟିର ରହସ୍ୟ ଉଦ୍‌ଘାଟନ ପାଇଁ ଆଦିମ ଯୁଗରୁ ମଣିଷ ବ୍ୟାକୁଳ । ସେଥିପାଇଁ ବେଦ, ଉପନିଷଦ ସମେତ ବିଭିନ୍ନ ଧର୍ମରେ ଏହି ସୃଷ୍ଟିତତ୍ତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଚତୁର୍ଦ୍ଦିଗରେ ବ୍ୟାପି ରହିଥିବା 'ଜଳଧି ମଧ୍ୟସ୍ଥ କଳ୍ପବଟ ଉପରେ ପ୍ରଥମେ ପରମାତ୍ମା ନିଦ୍ରାମଗ୍ନ ଥିଲେ । ପରମାତ୍ମା ବା ଶୂନ୍ୟ ପୁରୁଷଙ୍କୁ ଏକା ଏକା ଭଲ ନ ଲାଗିବାରୁ ନିଜ ଇଚ୍ଛାରେ ସେ ଦୁଇ ହେଲେ ଓ ସେଥିରୁ ପୁଣି ସ୍ଥାବର, ଜଙ୍ଗମାଦି ସୃଷ୍ଟି ହେଲେ । ଏହି ସୃଷ୍ଟି ତତ୍ତ୍ୱକୁ ଭିତ୍ତି କରି ବୌଦ୍ଧ, ହିନ୍ଦୁ, ମୁସଲମାନ୍ ଓ ଖ୍ରୀଷ୍ଟ ଧର୍ମରେ ଆଦି ପୁରୁଷର ପରିକଳ୍ପନା କରାଯାଇଛି । ଭାରତୀୟ ସନ୍ଥ ପରଂପରାରେ ନାନକ, କବୀର, ନାମଦେବ, ଏକନାଥ ପ୍ରମୁଖ ଉକ୍ତ ସୃଷ୍ଟିତତ୍ତ୍ୱ ପ୍ରସଙ୍ଗ ବହୁଳ ଭାବରେ ବର୍ଣ୍ଣନା କରିଛନ୍ତି । ଓଡ଼ିଶାର ଅଚ୍ୟୁତାନନ୍ଦ, ବଳରାମ, ଯଶୋବନ୍ତ, ଜଗନ୍ନାଥ, ଶିଶୁଅନନ୍ତ ପ୍ରମୁଖ ସାଧକଗଣ ଏହି ପ୍ରକାର ସୃଷ୍ଟିତତ୍ତ୍ୱକୁ ସ୍ୱୀକାର କରିଛନ୍ତି । ଜଗନ୍ନାଥ ଦାସଙ୍କ ମତରେ ସର୍ବପ୍ରଥମେ ଥିଲା ମହାଶୂନ୍ୟ । ସେହି ମହାଶୂନ୍ୟର ଜ୍ୟୋତି ରୂପରୁ ଠୁଳ ରୂପ, ଠୁଳରୁ ଅର୍ଦ୍ଧମାତ୍ରା, ଅର୍ଦ୍ଧମାତ୍ରାରୁ ଓଁକାର ଏବଂ ଓଁକାରରୁ ବ୍ରହ୍ମ, ଜଗତ ସୃଷ୍ଟି ହେଲା । ଜଗତ ଅନ୍ଧକାର ଥିବା ସମୟରେ ଜ୍ୟୋତି ରୂପରୁ ଜନ୍ମ ନେଲା

---

୨୪. ସମସ୍ତେ କୌତୁକ ଦେଖିଲେ ଅନାଦି
ଶୂନ୍ୟ ପୁରୁଷ ଭେଦି ପଶିଲେ ବ୍ରହ୍ମ ଭେଦି । ମହାଭାରତ - ଆଦିପର୍ବ

୨୫. ମହାଶୂନ୍ୟ ଯେ ଜ୍ୟୋତି ରୂପ । ଜ୍ୟୋତିରୁ ଜାତ ଠୁଳ ରୂପ ।
ତୁଳାଭିଣା - ୧ମ ଅଧ୍ୟାୟ

୨୬. ନାମ ଚନ୍ଦ୍ରିକା - ୧୧ଶ ଅଧ୍ୟାୟ ।

ଓଁକାର, ସକାର, ମକାର, ରାକାର, ପ୍ରଭୃତି, ତା ପରେ ଅନ୍ଧକାର ଗୁପ୍ତ ହେବା ସଙ୍ଗେସଙ୍ଗେ ଓଁକାର ବ୍ରହ୍ମରୁ ଦିବସ ଓ ସେହି ଦିବସରୁ ଜଗତ ସୃଷ୍ଟି ହେଲା[୨୭] । ଏହି ସୃଷ୍ଟିତତ୍ତ୍ୱରେ ଶୂନ୍ୟ ପୁରୁଷଙ୍କୁ ସର୍ବସ୍ରଷ୍ଟା ରୂପେ ଗ୍ରହଣ କରାଯାଇଛି । ସେ ହେଉଛନ୍ତି ଯଥାର୍ଥରେ ଆଦି ପୁରୁଷ ।

ଜଗନ୍ନାଥ ଦାସଙ୍କ ଦ୍ୱାରା ଗୃହୀତ ବିଭିନ୍ନ ଦାର୍ଶନିକ ଭାବଧାରା ମଧ୍ୟରେ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ ଅନ୍ୟତମ । ସାଧାରଣତଃ ପିଣ୍ଡକୁ କାୟା ଅର୍ଥରେ ଗ୍ରହଣ କରାଯାଇଛି । କାୟାକୁ ପବିତ୍ର କଲେ ବ୍ରହ୍ମାଣ୍ଡ ଉପଲବ୍ଧିର ମାର୍ଗ ସୁଗମ ହୋଇଥାଏ । ସର୍ବଘଟରେ ବିଦ୍ୟମାନ ଶୂନ୍ୟ ପୁରୁଷଙ୍କୁ ନିଜ ଭିତରେ ଉପଲବ୍ଧି କରିବା ଏହି ସାଧନାର ଅନ୍ୟତମ ଉଦ୍ଦେଶ୍ୟ । ସେଥିପାଇଁ ସାଧକମାନେ କାୟାକୁ ବ୍ରହ୍ମାଣ୍ଡର ପ୍ରତୀକ ରୂପେ ପରିକଳ୍ପନା କରି ଯୋଗ ସାଧନାରେ ଏହାକୁ ଉଚ୍ଚ ସ୍ଥାନ ଦେଇଥାନ୍ତି । ଏହି ଶରୀର ମଧ୍ୟରେ ସମସ୍ତ ଦେବ ଦେବୀ, ତୀର୍ଥ -ବ୍ରତ ଅଛନ୍ତି । ସାଧକ ଶରୀର ସାଧନା ଦ୍ୱାରା ନିଜ ଭିତରେ ପରମାତ୍ମାଙ୍କୁ ଦର୍ଶନ କରି ବାହାରର କୌଣସି ତୀର୍ଥ ବ୍ରତ, ଦେବଦେବୀଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ ।

ସାରଳା ଦାସ ଶିର ଓ ତାଳୁରେ ବ୍ରହ୍ମା, କପାଳ ଓ ପାଟିରେ ନାରାୟଣ, ଦୁଇ ଚକ୍ଷୁରେ ଚନ୍ଦ୍ର-ସୂର୍ଯ୍ୟ ଏବଂ ନାସାରେ ପବନ ପ୍ରଭୃତିଙ୍କର ସ୍ଥିତି ସ୍ୱୀକାର କରିଛନ୍ତି[୨୮] । ଅଚ୍ୟୁତାନନ୍ଦଙ୍କ ମତରେ ପାଦ-ଯାଜପୁର, କଟି-କଟକ ଓ ନାଭି-ଭୁବନେଶ୍ୱର[୨୯] । ଜଗନ୍ନାଥ ଦାସ ଏହି ଶରୀର ମଧ୍ୟରେ ବିଭିନ୍ନ ଦ୍ୱୀପ, ସମୁଦ୍ର, ଶ୍ରୀକ୍ଷେତ୍ରର ନାନା ତୀର୍ଥସ୍ଥାନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ଚତୁର୍ଦ୍ଦଶ

---

୨୭. ତୁଳାଭିଣା ୧ମ ଅଧ୍ୟାୟ ।

୨୮. ପ୍ରଥମେଣ ଶିର ଯେ ତାଳୁରେ ବସେ ବ୍ରହ୍ମା
କପାଳ ପାଟିରେ ନାରାୟଣ ମହାତ୍ମା ।
ଚନ୍ଦ୍ର ସୂର୍ଯ୍ୟ ଦେବତାଯେ ଅଛନ୍ତି ଚକ୍ଷୁ ବେନି
ନାସାଯେ ବସଇ ହୋ ପବନ ମହାଜ୍ଞାନୀ

ମହାଭାରତ - ଆଦିପର୍ବ

୨୯. ପାଦ ଯାଜପୁର କଟି ତୋ କଟକ
ନାଭି ତୋ ଭୁବନେଶ୍ୱର
ତୁଳସୀ ଚଉରା ଯେ ଅଠର ନଳା
ବଡ଼ଦାଣ୍ଡ ବେଦସାର ।

ଗରୁଡ଼ ଗୀତା - ୧ମ ଅଧ୍ୟାୟ

ଭୁବନ, ଭାରତର ସମସ୍ତ ତୀର୍ଥ ପ୍ରଭୃତିର ସ୍ଥିତି ନିର୍ଣ୍ଣୟ କରିଛନ୍ତି । ତାଙ୍କ ସାଧନାକ୍ଷେତ୍ରରେ ଏହି ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଜଗନ୍ନାଥ ଦାସ ଯୋଗାଚାରୀ ସାଧକ ଥିଲେ ମଧ୍ୟ ସାଧନା ମାର୍ଗରେ ଜ୍ଞାନ ମିଶ୍ରା ଭକ୍ତି ତତ୍ତ୍ୱ ଗ୍ରହଣ କରିଥିଲେ । ପରଂବ୍ରହ୍ମ ଜଗନ୍ନାଥ ଥିଲେ ତାଙ୍କ ସାଧନାର ପ୍ରାଣକେନ୍ଦ୍ର । ସେଥିପାଇଁ ଜଗନ୍ନାଥଙ୍କୁ ସେ ସବୁ କିଛି ମନ୍ତ୍ର ତତ୍ତ୍ୱର ସ୍ରଷ୍ଟା ଭାବରେ ସ୍ୱୀକାର କରିଛନ୍ତି । ଷୋଡ଼ଶ ଶତାବ୍ଦୀର ସମାଜରେ ଭଗବାନଙ୍କ ନାମ ଶ୍ରବଣ, ସ୍ମରଣ ଓ କୀର୍ତ୍ତନ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ, ସେ ମଧ୍ୟ ଏ ସବୁ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଓଡ଼ିଶାର ମଧ୍ୟଯୁଗୀୟ ଧର୍ମ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସେ ଯେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲେ ଏହା ନିଃସନ୍ଦେହରେ କୁହାଯାଇ ପାରେ ।

ରଚନାବଳୀ

ଜଗନ୍ନାଥ ଦାସଙ୍କ ନାମରେ ପ୍ରଚଳିତ ରଚନା ମଧ୍ୟରୁ ଅଳ୍ପ ପ୍ରକାଶିତ ଓ ଅଧିକାଂଶ ଅପ୍ରକାଶିତ । ପ୍ରଚଳିତ କେତେକ ରଚନାରେ ନାମ ସହିତ ଦାସ, ବିପ୍ର, ଦ୍ୱିଜ, ବ୍ରାହ୍ମଣ ଥିବାବେଳେ ଅନ୍ୟ କେତେକରେ କେବଳ ଜଗନ୍ନାଥ, ଜଗା ବୋଲି ଭଣିତା କରାଯାଇଛି । ଏପରି ଭଣିତା ଥିବା ଗ୍ରନ୍ଥ ସବୁକୁ ଆଲୋଚକମାନେ ଭାଗବତକାର ଜଗନ୍ନାଥ ଦାସଙ୍କ ରଚନା ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ ଭାଗବତକାରଙ୍କ ବ୍ୟତୀତ ବିଭିନ୍ନ ସମୟରେ ବହୁ ଜଗନ୍ନାଥ ବିଭିନ୍ନ ଗ୍ରନ୍ଥ ରଚନା କରିଥିବା ଜଣାଯାଏ । ସେମାନଙ୍କ ମଧ୍ୟରୁ କେତେକଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ପ୍ରଦତ୍ତ ହେଲା ।

୧) ଶିଷ୍ୟ ଜଗନ୍ନାଥ ଦାସ - ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଷୋଳ ଶିଷ୍ୟଙ୍କ ମଧ୍ୟରୁ, ଶିଷ୍ୟ ଜଗନ୍ନାଥ ଦାସ ଅନ୍ୟତମ । ସେ 'ରସ ଭାଗବତ'[୧] 'ଭକ୍ତି ରତ୍ନ ଚିନ୍ତାମଣି'[୨] ଓ 'ପାଦପଦ୍ମ ସୁଧାନିଧି' ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ ।

(୨) ଜଗନ୍ନାଥ ଦାସ - ଗଦାଧର ପଣ୍ଡିତଙ୍କ ଶିଷ୍ୟ ଥିଲେ ଜଗନ୍ନାଥ ଦାସ । ଆଲୋଚକ ଡଃ ସୁକୁମାର ସେନଙ୍କ ମତରେ ସେ କେତେକ ବ୍ରଜବୋଲୀ ଭାଷାରେ ରଚିତ ପଦାବଳୀର ରଚୟିତା[୩] ।

---

୧. ପ୍ର. ବ୍ରଜେନ୍ଦ୍ର ପ୍ରେସ ଓ ପୁସ୍ତକାଳୟ, ଚୌଧୁରୀ ବଜାର, କଟକ
୨. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - OL - 603
୩. History of Brajabali Literature.

୩) ଜଗନ୍ନାଥ ଦାସ - ଆନୁମାନିକ ସମୟ ୧୭ଶ ଶତାବ୍ଦୀ । ସେ କରଣ ବୈଷ୍ଣବ ଥିଲେ । 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ର ଲେଖିକା ବୃନ୍ଦାବତୀ ଦାସୀଙ୍କର ସେ ଶ୍ୱଶୁର ଓ ଭୀମଦାସଙ୍କ ପିତାମହ । ତାଙ୍କ ଘର ଖୋର୍ଦ୍ଧା ନିକଟବର୍ତ୍ତୀ ମଳିପଡ଼ା ଗଡ଼ । ସେ 'ଲାବଣ୍ୟବତୀ ଚଉତିଶା' (ଅପ୍ରକାଶିତ)ର ଲେଖକ । ଏହାର ପ୍ରଥମ ପଂକ୍ତି - ''କହେ ରାଧା ଚନ୍ଦ୍ରମୁଖୀ, ଦୂତିକା ଆଗରେ ହୋଇ କାମାକ୍ଷୀ ଗୋ'' । ରାଧାକୃଷ୍ଣଙ୍କ ପ୍ରେମ ଏଥିରେ ବର୍ଣ୍ଣିତ ।

୪) ଜଗନ୍ନାଥ ଦାସ - ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଷୋଡଶ ଶିଷ୍ୟଙ୍କ ମଧ୍ୟରୁ ଗୋଦାବରୀ ଅନ୍ୟତମ । ଏହି ଗୋଦାବରୀଙ୍କ ଶିଷ୍ୟ ପରଂପରାରୁ ଜଣେ ଜଗନ୍ନାଥ ଦାସଙ୍କ ପରିଚୟ ମିଳେ । ସପ୍ତଦଶ ଶତାବ୍ଦୀର ଏହି ଭକ୍ତକବିଙ୍କ ପିତାଙ୍କ ନାମ ଗଦାଧର । ତାଙ୍କ ରଚିତ 'ବ୍ରହ୍ମାଣ୍ଡ ଭୂଗୋଳ ଚୂଡ଼ାମଣି'(୪) ଗ୍ରନ୍ଥରେ ସେ ସ୍ୱପରିଚୟ ପ୍ରଦାନ କରିଛନ୍ତି । ଏହି ଗ୍ରନ୍ଥରେ ଚାରି ସଂପ୍ରଦାୟ, ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ, ବଡ଼ସିଂହାର ବେଶ ପ୍ରଭୃତି ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ।

୫) ଦ୍ୱାରକା ଜଗନ୍ନାଥ ଦାସ - ଓଡ଼ିଆ ତ୍ରୟୋଦଶ ସ୍କନ୍ଧ ଭାଗବତର ଏଗାରଟି ଅଧ୍ୟାୟର ଭଣିତାରେ କବିଙ୍କ ନାମ 'ଦ୍ୱାରକା ଜଗନ୍ନାଥ ଦାସ' ବୋଲି ରହିଛି(୫) । ଦ୍ୱାରକା ନାମଧାରୀ ଜଗନ୍ନାଥ ମହାପ୍ରଭୁଙ୍କ ଭକ୍ତ କିମ୍ବା ଜଗନ୍ନାଥ ଦାସଙ୍କ ଶିଷ୍ୟ ପରଂପରାର ଜନୈକ ବ୍ୟକ୍ତି ନିଜ ନାମ ସହିତ ଜଗନ୍ନାଥ ପଦ ଯୋଗ କରି ଭାଗବତ ରଚନା କରିଛନ୍ତି(୬) । ପ୍ରଖ୍ୟାତ ଆଲୋଚକ ସ୍ୱର୍ଗତଃ ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି 'ପରଚେ ଗୀତା'ର ମୁଖବନ୍ଧରେ ଲେଖିଛନ୍ତି, ''ଯେତେବେଳେ ସେ ବଳରାମ ଦାସଙ୍କ ଭାବରେ ଅନୁପ୍ରାଣିତ ହୋଇ ଗୁପ୍ତଗୀତାର ୩୫ ଅଧ୍ୟାୟ ଲେଖିଲେ, ସେତେବେଳେ ସେ ଦ୍ୱାରକା -ବଳରାମ ଦାସ ଓ ଭାଗବତର ତ୍ରୟୋଦଶ ସ୍କନ୍ଧ ଲେଖି ଭଣିତାରେ ଦ୍ୱାରକା - ଜଗନ୍ନାଥ

---

୪. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. OL - 1045

୫. ଦ୍ୱାରକା ଜଗନ୍ନାଥ ଦାସ । ଆନନ୍ଦେ କଲେ ପରକାଶ ।
ବ୍ରହ୍ମାଣ୍ଡ ମଧ୍ୟେ ମହାରସ । ଦ୍ୱାରକା ଜଗନ୍ନାଥ ଦାସ ।
ଦ୍ୱାରକା ଜଗନ୍ନାଥ ଦାସ । ଯେତେ କହିଲେ କୃଷ୍ଣରସ ।

୬. ଅତିବଡ଼ୀ ଜଗନ୍ନାଥ ପରିକ୍ରମା- 'ଓଡ଼ିଆ ଭାଗବତର ଶୁଦ୍ଧ ସଂସ୍କରଣ'
- ଶ୍ରୀ ନୀଳମଣି ମିଶ୍ର, ୧୯୨୫, ପୃ. ୭୮

ଦାସ ଲେଖିବାରେ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି । ''ତେଣୁ ଏହି ଦ୍ୱାରକା ଜଗନ୍ନାଥ ଦାସ ହେଉଛନ୍ତି ଦ୍ୱାରକା ଦାସ । ସେ ୧୬୬୨ ସାଲରେ ଜନ୍ମ ଗ୍ରହଣ କରି ୧୭୪୦ ବା ତତ୍ ସମୀପବର୍ତ୍ତୀ କାଳରେ ଦେହ ତ୍ୟାଗ କରିଥିବା ସମ୍ଭବପର[୭] । ତାଙ୍କର ଆଶ୍ରମ ଥିଲା ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭଗିପୁର ଗ୍ରାମରେ । ସେ ଶିବପୁରାଣ, ପ୍ରେମରସ ଚନ୍ଦ୍ରିକା, ସପ୍ତପୋଇ ଓ ପରଚେ ଗୀତା ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ ।

୬) ଜଗନ୍ନାଥ ମିଶ୍ର - ଆନୁମାନିକ ସମୟ ୧୮ଶ ଶତାବ୍ଦୀ 'କବି' 'ଗୀତଗୋବିନ୍ଦ ଟୀକା'[୮] 'ରସକଳ୍ପ ଦ୍ରୁମ'[୯] ଓ 'ନାରଦ ଗୀତା'[୧୦] ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ ।

୭) ଜଗନ୍ନାଥ ଦାସ - ନବାକ୍ଷରୀରେ ରଚିତ ଅଷ୍ଟାଦଶ ପର୍ବ ସମ୍ୱଳିତ ମହାଭାରତର ରଚୟିତା । ରାୟ ବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ଏହାଙ୍କୁ ଭାଗବତକାର ବୋଲି ଗ୍ରହଣ କରିଛନ୍ତି[୧୧] । କିନ୍ତୁ ଏହି ମହାଭାରତକାରଙ୍କ ଘର ଯାଜପୁର ଓ ସେ ଊନବିଂଶ ଶତାବ୍ଦୀର କବି[୧୨] ।

୮) ଜଗନ୍ନାଥ ଦାସ (ରାଜକୁମାର) - ଆନୁମାନିକ ୧୮ଶ ଶତାବ୍ଦୀ । ଧଳଭୂମିର ରାଜକୁମାର, ୧୫ ଛାନ୍ଦ ବିଶିଷ୍ଟ 'ପ୍ରେମଲତା' ର ରଚୟିତା ।

୯) ଜଗନ୍ନାଥ ଦାସ - 'ଇନ୍ଦ୍ର ଗୋବିନ୍ଦ ସମ୍ବାଦ' ବା 'ଇନ୍ଦ୍ର ମାଳିକା'[୧୩] ଗ୍ରନ୍ଥର ଲେଖକ । ତାଙ୍କର ଶ୍ରୀକ୍ଷେତ୍ରରେ ମଠ ଥିବା ପ୍ରସଙ୍ଗ ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ଏଥିରେ ସନ୍ନିବେଶିତ ଐତିହାସିକ ତଥ୍ୟରୁ କବିଙ୍କ ସମୟ ୧୮ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବୋଲି ଜଣାଯାଏ ।

---

୭. ପରଚେ ଗୀତା - ମୁଖବନ୍ଧ, ପୃ . ୬
୮. ଓଡ଼ିଆ ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 192
୯. ଓଡ଼ିଆ ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Al. 68
୧୦. ଓଡ଼ିଆ ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. B. 147
୧୧. ଭକ୍ତ କବି ଜଗନ୍ନାଥ ଦାସ, ପୃ. ୨୬
୧୨. ଭକ୍ତ କବି ଜଗନ୍ନାଥ ଦାସ - ଏକ ସମୀକ୍ଷା - ଡଃ ବଂଶୀଧର ମହାନ୍ତି, ୧୯୭୭, ପୃ. ९୬
୧୩. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 16

୧୦) ବିପ୍ର ଜଗନ୍ନାଥ - ପୁରୁଷୋତ୍ତମ ମାହାତ୍ମ୍ୟ[୧୪] ଗ୍ରନ୍ଥର ରଚୟିତା । ପିତାଙ୍କ ନାମ ଗୌରାଙ୍ଗ ମହାପାତ୍ର ଓ ଘର ଗଞ୍ଜାମ ଜିଲ୍ଲା, ଟିକିଲି ନିକଟବର୍ତ୍ତୀ ରଘୁନାଥ ପୁର । ୧୮୦୫ ଶକାବ୍ଦ ବା ୧୮୮୩ ଖ୍ରୀଷ୍ଟାବ୍ଦରେ ସେ ଉକ୍ତ ଗ୍ରନ୍ଥ ରଚନା କରିଥିଲେ । ନବାକ୍ଷରୀରେ ରଚିତ ଏହି ଗ୍ରନ୍ଥର ପ୍ରତ୍ୟେକ ଅଧ୍ୟାୟ ଶେଷରେ ବିପ୍ରଜଗନ୍ନାଥ ଭଣିତା ଅଛି । କିନ୍ତୁ ଗୋଟିଏ ସ୍ଥାନରେ ସେ ନିଜର ନାମ ଜଗନ୍ନାଥ ପାତ୍ର ବୋଲି ଉଲ୍ଲେଖ କରିଛନ୍ତି[୧୫] ।

୧୧) ଜଗନ୍ନାଥ ଦାସ - ୧୯ଶ ଶତାବ୍ଦୀର ଶେଷ ଭାଗ । ବିରଜା ମଣ୍ଡଳସ୍ଥ ସମଳ ଗ୍ରାମର ଅଧିବାସୀ । ଦରିଦ୍ର କରଣ କୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଭଣିତାରେ 'ଗୋପାଳ ଚରିତାମୃତ'[୧୬] ନାମକ ନବାକ୍ଷରୀ ବୃତ୍ତରେ ରଚିତ ଗୋଟିଏ ଗ୍ରନ୍ଥ ଦେଖାଯାଏ । ଏହା ତେରଟି କଳ୍ପ ବା ଭାଗରେ ବିଭକ୍ତ । ଏହାର ପ୍ରକୃତ ରଚୟିତା ଏହି ଜଗନ୍ନାଥ ଦାସଙ୍କର ଜଣେ ଶିଷ୍ୟ ଶ୍ରୀ ମଦନ ମୋହନ ପଟ୍ଟନାୟକ[୧୭] ।

୧୨) ଜଗନ୍ନାଥ ପାଣି - ୧୯ଶ ଶତାବ୍ଦୀ (୧୮୩୬-୧୮୯୫) ସମୟର କବି । ଭଦ୍ରକ ନିକଟସ୍ଥ ନଳାଙ୍ଗ ଗ୍ରାମରେ ତାଙ୍କର ଜନ୍ମ । ସେ ଛାନ୍ଦନାଟକର ରଚୟିତା । ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ହେଲା । ମହାଭାରତ[୧୮] ପ୍ରମୋଦ ଚନ୍ଦ୍ରମଣି[୧୯] ସୀତା ବନବାସ[୨୦], ହାରାବତୀ ହରଣ[୨୧], ବିଲଙ୍କା ଚରିତ[୨୨], ପାରିଜାତ ହରଣ[୨୩], ପ୍ରହ୍ଲାଦ ଚରିତ[୨୪], ଓ ଉଷାବତୀ ହରଣ[୨୫] ପ୍ରଭୃତି ।

---

୧୪. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 591
୧୫. ଶ୍ରୀହରି ଗୁରୁ କୃପା ପାତ୍ର । ନାମରେ ଜଗନ୍ନାଥ ପାତ୍ର । ୭ମ ଅଧ୍ୟାୟ ।
୧୬. ପ୍ର. ଶ୍ରୀ ମଦନ ମୋହନ ପଟ୍ଟନାୟକ, ମନୋହର ପୁର, କଟକ, ୧୯୩୧
୧୭. ମୁଖବନ୍ଧ
୧୮. ଓଡ଼ିଶା ରାଜ୍ୟ ସଂଗ୍ରହ[illegible] - ପୋଥି ନଂ. Cy. 936
୧୯. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 370
୨୦. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 229
୨୧. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 231
୨୨. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 235
୨୩. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 233
୨୪. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 234
୨୫. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Orms. 232
ଓ ଜଗନ୍ନାଥ ପାଣି ଗ୍ରନ୍ଥାବଳୀ ୧ମ, ୨ୟ, ଓ ୩ୟ ଖଣ୍ଡ

୧୩) ଜଗନ୍ନାଥ ଦାସ - ପୁରୀ ପାପୁଡ଼ିଆ ମଠର ମହନ୍ତ ଥିଲେ । ଏ ଜମାଉତମାନଙ୍କର ନେତା ହୋଇ ଭାରତର ସର୍ବତ୍ର ସୁପରିଚିତ ଥିଲେ । ଭାରତର ସବୁ ଅଞ୍ଚଳରେ ତାଙ୍କର ଅନେକ ଗଣ୍ୟମାନ୍ୟ ଶିଷ୍ୟ ଧର୍ମ ପ୍ରଚାରରେ ଲାଗିପଡ଼ିଥିଲେ । ୧୯୨୩ ଖ୍ରୀଷ୍ଟାବ୍ଦରେ ତାଙ୍କର ସ୍ୱର୍ଗବାସ ହୋଇଥିଲା[୨୬] ।

୧୪) ଜଗନ୍ନାଥ ଦ୍ୱିଜ - ପରିଚୟ ଜଣାଯାଏ ନାହିଁ । ସେ 'ବାଇମନ କୋଇଲି' 'ଯୁଗଧର୍ମ କୋଇଲି' ଓ 'ଦଶାବତାର କୋଇଲି' ର ରଚୟିତା ।

ପ୍ରଦତ୍ତ କବି ପରିଚୟ ବ୍ୟତୀତ ଜଗନ୍ନାଥ ନରପତି, ଜଗନ୍ନାଥ ମର୍ଦ୍ଦରାଜ, ଜଗନ୍ନାଥ ରାଜେନ୍ଦ୍ର, ଜଗନ୍ନାଥ ଦେବ ପ୍ରମୁଖ ବହୁ କବିଙ୍କ କେତେକ ରଚନା ପରିଦୃଷ୍ଟ ହୁଏ । ଏଥି ମଧ୍ୟରେ ଜଗନ୍ନାଥ ମର୍ଦ୍ଦରାଜ ଓ ଜଗନ୍ନାଥ ନାରାୟଣ ଦେବ ଯଥାକ୍ରମେ ଖଲ୍ଲିକୋଟ ଓ ପାରଳାଖେମୁଣ୍ଡିର ରାଜାଥିଲେ[୨୭] ।

ଜଗନ୍ନାଥ ନାମଧେୟ କବିମାନେ ପ୍ରତ୍ୟେକ ସ୍ୱକୃତ ଗ୍ରନ୍ଥରେ ନିଜର ବିସ୍ତୃତ ପରିଚୟ ପ୍ରଦାନ କରି ନଥିବାରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚନାବଳୀ ସଂପର୍କରେ ସ୍ୱତଃ ସନ୍ଦେହ ଜାତ ହୁଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କବିମାନେ ପ୍ରଭୁ ଜଗନ୍ନାଥ ବା ଭଗବାନଙ୍କର ସେବକ ଭାବରେ ନିଜକୁ ଅଭିହିତ କରିଛନ୍ତି । ଫଳରେ ଜଗନ୍ନାଥ ନାମ ସହିତ ଦାସ ଶବ୍ଦଟି ଯୋଗ କରି ସ୍ୱପରିଚୟ ସଂପର୍କରେ ଅନ୍ୟ ଏକ ସମସ୍ୟା ମଧ୍ୟ ସୃଷ୍ଟି କରିଛନ୍ତି ।

ଜଗନ୍ନାଥ ଦାସଙ୍କ ନାମ ଭଣିତାରେ ବହୁ ରଚନା ପ୍ରଚଳିତ ଥିବାର ନିମ୍ନଲିଖିତ କାରଣ ସମୂହ ଲକ୍ଷ୍ୟ କରାଯାଇ ପାରେ ।

କ) ଭାରତର ବହୁ ପ୍ରାଚୀନ କାଳରୁ ଶିଷ୍ୟ ଓ ଭକ୍ତମାନେ ଗ୍ରନ୍ଥ ରଚନା କରି ଗୁରୁଙ୍କ ନାମରେ ଭଣିତା କରିବାର ପରଂପରା ପ୍ରଚଳିତ ଅଛି । ସଂସ୍କୃତ କବି କାଳିଦାସ, ବଂଗଳା କବି ଚଣ୍ଡୀଦାସ, ମୈଥିଳି କବି ବିଦ୍ୟାପତିଙ୍କ ନାମ ଭଣିତା ଦେଇ ବହୁ କବି ପ୍ରସିଦ୍ଧି ଲାଭ କରିଥିଲେ । ଓଡ଼ିଶାରେ ମଧ୍ୟ ଜୟଦେବ, ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଦୀନକୃଷ୍ଣ,

---

୨୬. ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ - ୩ୟ ଖଣ୍ଡ, ପୃ. ୨୮୬୧

୨୭. Descriptive Catalogue of Sanskrit Mss. Vol - II ଓ ଓଡ଼ିଆ କବି ଓ କାବ୍ୟ ଦ୍ରଷ୍ଟବ୍ୟ ।

ଉପେନ୍ଦ୍ର ମଧ୍ୟ ଲୋକପ୍ରିୟତା ଦୃଷ୍ଟିରୁ ନିଜର ନାମରେ ବହୁ କବିଙ୍କୁ ପରବର୍ତ୍ତୀ ସମୟରେ ଜନ୍ମ ଦେଇଛନ୍ତି[୨୮] ।

ଜଗନ୍ନାଥ ଦାସଙ୍କ ବହୁ ଶିଷ୍ୟ ଓ ଅନୁଗାମୀ ଭକ୍ତି ଭାବ ତଥା ଗୁରୁ ସେବାର ବଶବର୍ତ୍ତୀ ହୋଇ ସ୍ୱରଚିତ ଗ୍ରନ୍ଥକୁ ଜଗନ୍ନାଥ ଦାସଙ୍କ ନାମରେ ଭଣିତା କରିଥିବାର ଦେଖାଯାଏ । ମହାଦେବ ଦାସ ଓ ଦ୍ୱାରକା ଦାସ ଯଥାକ୍ରମେ ଭାଗବତର ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଦ ରଚନା କରି ଜଗନ୍ନାଥ ଦାସଙ୍କ ନାମ ଭଣିତା କରିଛନ୍ତି । ସେହିପରି କବିଙ୍କ ନାମ ଭଣିତା ଥିବା 'ତଅପୋଇ' ବା 'ଖୁଦୁରୁକୁଣି'ର ରଚୟିତା ତାଙ୍କର ଶିଷ୍ୟ ଗୋପୀନାଥ ଦାସ ।

ଖ) ଭାଗବତର ଲୋକପ୍ରିୟତା ଦୃଷ୍ଟିରୁ ଗ୍ରନ୍ଥ ରଚନା କଲେ ଜଗନ୍ନାଥ ଦାସଙ୍କ ନାମରେ ଭଣିତା କରିବାକୁ ହୁଏ ବୋଲି ଲୋକଙ୍କର ଧାରଣା ଥିଲା ।

ଗ) ପ୍ରସିଦ୍ଧି ଦୃଷ୍ଟିରୁ ଭଣିତା ନଥିବା କେତେକ ବ୍ରହ୍ମଜ୍ଞାନ ମୂଳକ ରଚନାକୁ ଜଗନ୍ନାଥ ଦାସଙ୍କ ନାମରେ ଚଳାଇ ନେବାର ଚେଷ୍ଟା ହୋଇଛି । ଯଥା - ଅଦ୍ଭୁତ ଚନ୍ଦ୍ରିକା, ରସକଳ୍ପ ଚନ୍ଦ୍ରିକା, ଉଦ୍ଧବ ଚନ୍ଦ୍ରିକା, ପାଷାଣ୍ଡ ଦଳନ ପ୍ରଭୃତି ।

ଘ) ଅନ୍ୟ ନାମ ଭଣିତା ଥିବା ଗ୍ରନ୍ଥକୁ ମଧ୍ୟ ଜଗନ୍ନାଥ ଦାସଙ୍କ ରଚନା ରୂପେ ସ୍ୱୀକାର କରାଯାଇଛି । ଯଥା - ଅଳସୁଆ ଭାଗବତ, ଇତିହାସ ପୁରାଣ ।

ଙ) ଗ୍ରନ୍ଥ ପ୍ରଦତ୍ତ ଐତିହାସିକ ବିବରଣୀରୁ କେତେକ ରଚନା ପରବର୍ତ୍ତୀ ସମୟର ହୋଇଥିଲେ ମଧ୍ୟ ଏ ସବୁ କବିଙ୍କ କୃତି ଭାବରେ ଗୃହୀତ । ଯଥା - କଳି ଭବିଷ୍ୟ, ଇନ୍ଦ୍ରଗୋବିନ୍ଦ ସମ୍ବାଦ,ଭକ୍ତି ଚନ୍ଦ୍ରିକା, ଅନନ୍ତ ଲୀଳା, ରୁକ୍ମିଣୀ ମାଳିକା ।

ଚ) ଗ୍ରନ୍ଥର ସାମାନ୍ୟ ପରିବର୍ତ୍ତିତ ଭିନ୍ନ ଭିନ୍ନ ନାମକୁ ଗୋଟିଏ ସ୍ୱତନ୍ତ୍ର ଗ୍ରନ୍ଥ ରୂପେ ଗ୍ରହଣ କରାଯାଇଛି । ଉଦାହରଣ ସ୍ୱରୂପ -

୧) ଗଜସ୍ତୁତି, ଗଜେନ୍ଦ୍ର ମୋକ୍ଷଣ, ଗଜ ନିସ୍ତାରଣ

୨) ପୂର୍ଣ୍ଣରସ ଚନ୍ଦ୍ରିକା, ପୂର୍ଣ୍ଣାମୃତ ଚନ୍ଦ୍ରିକା, ପୂର୍ଣ୍ଣାରସ ଚନ୍ଦ୍ରିକା

୩) ନାମ ଚନ୍ଦ୍ରିକା, ଗୀତା ନାମ ଚନ୍ଦ୍ରିକା, ଷୋଳନାମ ଚନ୍ଦ୍ରିକା

---

୨୮. ପ୍ରାଚୀନ ସାହିତ୍ୟ - ଡଃ କୃଷ୍ଣ ଚରଣ ସାହୁ, ୧୯୭୮, ପୃ. ୧୫୪-୫୫

ଛ) ଗୋଟିଏ ଗ୍ରନ୍ଥର କେତେକ ଅଂଶ ମଧ୍ୟ ସ୍ୱତନ୍ତ୍ର ଗ୍ରନ୍ଥ ରୂପେ ପ୍ରଚଳିତ ଅଛି । ଯଥା - ''ଷୋଳ ଚଉପଦୀର ଅଂଶ ବିଶେଷ'' ''ଚାରି ଚଉପଦୀ'' ଓ ''ଏକାକ୍ଷର ପ୍ରଶ୍ନୋତ୍ତର'' । କବିଙ୍କ ନାମରେ ପ୍ରଚଳିତ ରଚନାଗୁଡ଼ିକୁ ଓଡ଼ିଶାର ବିଭିନ୍ନ ଗ୍ରନ୍ଥାଳୟ ଓ ସହୃଦୟ ବ୍ୟକ୍ତି ବିଶେଷଙ୍କ ଠାରୁ ସଂଗ୍ରହ କରାଯାଇଛି । ଗ୍ରନ୍ଥାଳୟ ମଧ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ (ଭୁବନେଶ୍ୱର), ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର, ପୁରୀ ରଘୁନନ୍ଦନ ପାଠାଗାର, ବଡ଼ ଓଡ଼ିଆ ମଠ ପାଠାଗାର ଓ ବାରିପଦାସ୍ଥିତ ସଂଗ୍ରହାଳୟ ପ୍ରଧାନ । ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପ୍ରାଧ୍ୟାପକ ଡଃ କୃଷ୍ଣ ଚରଣ ସାହୁ, ଡଃ ବଂଶୀଧର ଷଡ଼ଙ୍ଗୀ, ଡଃ କୁଞ୍ଜବିହାରୀ ମହାନ୍ତି, ପଣ୍ଡିତ ଶ୍ରୀନିବାସ ରଥ, ଶ୍ରୀ ଦାମୋଦର କାନୁନ୍‌ଗୋ, ଶ୍ରୀ ବୈରାଗୀ ଚରଣ ନାୟକ, ସ୍ୱର୍ଗତ ନେତ୍ରାନନ୍ଦ ନାୟକ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ବହୁ ପ୍ରଚେଷ୍ଟା ସତ୍ତ୍ୱେ ଅନ୍ୟ କେତେକଙ୍କ ନିକଟରେ ଥିବା ରଚନା ଗୁଡ଼ିକୁ ଦେଖିବାର ସୁଯୋଗ ମିଳିନାହିଁ । ତେଣୁ ସେ ସବୁ ରଚନା ଉପରେ ହୋଇଥିବା ଆଲୋଚନାକୁ ଉପଜୀବ୍ୟ କରି ଅଗ୍ରସର ହେବାକୁ ପଡ଼ିଛି । ଯେଉଁ ସବୁ ଗ୍ରନ୍ଥର କେବଳ ନାମୋଦ୍ଧାର ହୋଇଛି ଓ ପାଠ କରିବାର ସୁଯୋଗ ମିଳିନାହିଁ ସେ ସବୁକୁ ସନ୍ଦେହାତ୍ମକ ରଚନାର ଅନ୍ତର୍ଭୁକ୍ତ କରାଯାଇଛି । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଏକମାତ୍ର ପ୍ରାମାଣିକ ଗ୍ରନ୍ଥ ଭାଗବତ । ସେଥିପାଇଁ ଏହାର ଭାଷାକୁ ମୂଳଭିତ୍ତି କରି, କବିଙ୍କ ଧର୍ମତତ୍ତ୍ୱ ଓ ଗ୍ରନ୍ଥ ସବୁରେ ସନ୍ନିବେଶିତ ଐତିହାସିକ ଘଟଣା ଅବଲମ୍ବନରେ ପ୍ରଚଳିତ ଗ୍ରନ୍ଥ ସବୁ ଆଲୋଚିତ ହୋଇଛି ।

ଓଡ଼ିଆ ଭାଷା ବ୍ୟତୀତ କବିଙ୍କ ନାମରେ ପ୍ରଚଳିତ ସର୍ବୋତ୍ତମ ଶବ୍ଦ ଓ କେତେକ ପଦାବଳୀରେ ବ୍ରଜବୋଲୀ ଭାଷାର ବ୍ୟବହାର ଦେଖାଯାଏ । କିନ୍ତୁ ଏ ସବୁ ରଚନାରୁ କବିଙ୍କର ନିର୍ଦ୍ଦିଷ୍ଟ ପରିଚୟ ମିଳେ ନାହିଁ । ହିନ୍ଦୀ ଓ ବଙ୍ଗଳା ଭାଷାରେ ମଧ୍ୟ କେତେକ ପଦ୍ୟରେ ଜଗନ୍ନାଥ ଦାସଙ୍କ ନାମ ଭଣିତା କରାଯାଇଛି[୨୯] ।

କବିଙ୍କ ନାମରେ ପ୍ରଚଳିତ ରଚନା ସବୁର ପ୍ରାମାଣିକତା ସ୍ଥିର କରିବା ଏକ ସ୍ୱତନ୍ତ୍ର ସମସ୍ୟା । ଏ ସବୁ ରଚନା ଲୋକପ୍ରିୟ ଓ ପରଂପରା ସମ୍ମତ ହୋଇ ଥିବାରୁ ବର୍ତ୍ତମାନ ପରିସ୍ଥିତରେ ସେ ସବୁକୁ ବାଦ ଦେବା କିମ୍ବା ସେ ସବୁର ପ୍ରାମାଣିକତା ଆଲୋଚନା କରିବା ସମ୍ଭବ ନୁହେଁ । କେବଳ କବିଙ୍କ ଧର୍ମତତ୍ତ୍ୱ ଭାଗବତର ଭାଷା ଓ

---

୨୯. ନବଜୀବନ - ୩ୟ ବର୍ଷ, ୧ମ, ୪ର୍ଥ, ୫ମ ସଂଖ୍ୟା

ଐତିହାସିକ ଉପାଦାନକୁ କେନ୍ଦ୍ର କରି କେତେକ ରଚନାର ପ୍ରାମାଣିକତା ସ୍ଥିର କରାଯାଇଛି । ଅନେକ ଗ୍ରନ୍ଥର ପ୍ରାମାଣିକତା ଆଲୋଚନା ପାଇଁ କୌଣସି ଉଲ୍ଲେଖନୀୟ ଉପାଦାନ ମିଳେ ନାହିଁ । ସେଥିପାଇଁ ଉକ୍ତ ପରିଚ୍ଛେଦରେ ପରଂପରା ଉପରେ ନିର୍ଭର କରି ଗ୍ରନ୍ଥ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ପ୍ରଚଳିତ ରଚନା ସବୁର ସଂକ୍ଷିପ୍ତ ସୂଚନା ଦିଆଯାଇଛି । ଆଲୋଚନାର ସୁବିଧା ଦୃଷ୍ଟିରୁ କବିଙ୍କ ନାମରେ ପ୍ରଚଳିତ ଗ୍ରନ୍ଥରାଜିକୁ ନିମ୍ନୋକ୍ତ ତିନି ଭାଗରେ ବିଭକ୍ତ କରାଯାଇଛି ।

୧ - ନିଷେଧାତ୍ମକ ରଚନା

୨ - ସନ୍ଦେହାତ୍ମକ ରଚନା

୩ - ପ୍ରାମାଣିକ ରଚନା

ସଂସ୍କୃତ ହିନ୍ଦୀ ଓ ବ୍ରଜବୋଲୀ ରଚନା ସମୂହ ଆମ ସଂକଳନ ପରିସରଭୁକ୍ତ ହୋଇ ନଥିବାରୁ ବିଚାର ଆଲୋଚନାରେ ମଧ୍ୟ ସେ ସବୁକୁ ଗ୍ରହଣ କରାଯାଇ ନାହିଁ । ସେହି କାରଣରୁ ମଧ୍ୟ ସମଗ୍ର ଭାଗବତକୁ ସଂକଳିତ କରାଯାଇ ନାହିଁ । ମାତ୍ର 'ଷୋଳ ଚଉପଦୀ' ଗ୍ରନ୍ଥଟିରେ ସଂସ୍କୃତ ଓ ଓଡ଼ିଆ ଉଭୟେ ଥିବାରୁ ସଂସ୍କୃତକୁ ବାଦ ଦେଲେ କବିଙ୍କର ରଚନା -ଗଠନ-ଶୈଳୀ ବ୍ୟାହତ ହେଉଥିବାରୁ ବଡ଼ ଓଡ଼ିଆ ମଠ ଦ୍ୱାରା ପ୍ରକାଶିତ ଗ୍ରନ୍ଥର ସଂସ୍କୃତ ଅଂଶ ତଦନୁରୂପ ଗୃହୀତ ହୋଇଛି । କେବଳ ଓଡ଼ିଆ ଅଂଶତକ ବିଭିନ୍ନ ପୋଥି ସହାୟତାରେ ସଂପାଦନା କରାଯାଇଛି ।

ନିଷେଧାତ୍ମକ ରଚନା :

୧) ଅନନ୍ତ ବ୍ରହ୍ମ ଏକାକ୍ଷର :-

୧୯ ପଦ ବିଶିଷ୍ଟ ଉକ୍ତ ରଚନାଟି[୩୦] କାର୍ତ୍ତିକେଶ୍ୱର ଗ୍ରନ୍ଥର ଅଂଶ ବିଶେଷ[୩୧] । ଏଥିରେ ଥିବା 'କେଶରୀ ତେର ଅଙ୍କ'ରୁ ପ୍ରଭାବଶାଳୀ ଖୁରୁଧା ଭୋଇ ବଂଶର ବୀରକେଶରୀ ଦେବଙ୍କ କଥା ଗ୍ରହଣ କରାଯାଇ ପାରେ । ବୀର କେଶରୀ ଦେବ ୧୭୩୭ରୁ ୧୭୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ[୩୨] । ତେଣୁ ଏହା ଭାଗବତକାରଙ୍କ ରଚନା ନୁହେଁ ।

---

୩୦. ବ୍ରହ୍ମ ଏକାକ୍ଷର ଗୀତା - ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, କଟକ, ୪ର୍ଥ ସଂସ୍କରଣ

୩୧. ଜଗନ୍ନାଥ ଦାସ କହନ୍ତି ବାଣୀ
କାର୍ତ୍ତିକେଶ୍ୱର ଗ୍ରନ୍ଥେ ଏହା ଭଣି ।

୩୨. ଖୁରୁଧା ଇତିହାସ - ଶ୍ରୀ କେଦାର ନାଥ ମହାପାତ୍ର, ପୃ. ୧୯୭

ଐତିହାସିକ ଉପାଦାନକୁ କେନ୍ଦ୍ର କରି କେତେକ ରଚନାର ପ୍ରାମାଣିକତା ସ୍ଥିର କରାଯାଇଛି । ଅନେକ ଗ୍ରନ୍ଥର ପ୍ରାମାଣିକତା ଆଲୋଚନା ପାଇଁ କୌଣସି ଉଲ୍ଲେଖନୀୟ ଉପାଦାନ ମିଳେ ନାହିଁ । ସେଥିପାଇଁ ଉକ୍ତ ପରିଚ୍ଛେଦରେ ପରଂପରା ଉପରେ ନିର୍ଭର କରି ଗ୍ରନ୍ଥ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ପ୍ରଚଳିତ ରଚନା ସବୁର ସଂକ୍ଷିପ୍ତ ସୂଚନା ଦିଆଯାଇଛି । ଆଲୋଚନାର ସୁବିଧା ଦୃଷ୍ଟିରୁ କବିଙ୍କ ନାମରେ ପ୍ରଚଳିତ ଗ୍ରନ୍ଥରାଜିକୁ ନିମ୍ନୋକ୍ତ ତିନି ଭାଗରେ ବିଭକ୍ତ କରାଯାଇଛି ।

୧ - ନିଷେଧାତ୍ମକ ରଚନା
୨ - ସନ୍ଦେହାତ୍ମକ ରଚନା
୩ - ପ୍ରାମାଣିକ ରଚନା

ସଂସ୍କୃତ ହିନ୍ଦୀ ଓ ବ୍ରଜବୋଲି ରଚନା ସମୂହ ଆମ ସଂକଳନ ପରିସରଭୁକ୍ତ ହୋଇ ନଥିବାରୁ ବିଚାର ଆଲୋଚନାରେ ମଧ୍ୟ ସେ ସବୁକୁ ଗ୍ରହଣ କରାଯାଇ ନାହିଁ । ସେହି କାରଣରୁ ମଧ୍ୟ ସମଗ୍ର ଭାଗବତକୁ ସଂକଳିତ କରାଯାଇ ନାହିଁ । ମାତ୍ର 'ଷୋଳ ଚଉପଦୀ' ଗ୍ରନ୍ଥଟିରେ ସଂସ୍କୃତ ଓ ଓଡ଼ିଆ ଉଭୟେ ଥିବାରୁ ସଂସ୍କୃତକୁ ବାଦ ଦେଲେ କବିଙ୍କର ରଚନା -ଗଠନ-ଶୈଳୀ ବ୍ୟାହତ ହେଉଥିବାରୁ ବଡ଼ ଓଡ଼ିଆ ମଠ ଦ୍ୱାରା ପ୍ରକାଶିତ ଗ୍ରନ୍ଥର ସଂସ୍କୃତ ଅଂଶ ତଦନୁରୂପ ଗୃହୀତ ହୋଇଛି । କେବଳ ଓଡ଼ିଆ ଅଂଶତକ ବିଭିନ୍ନ ପୋଥି ସହାୟତାରେ ସଂପାଦନା କରାଯାଇଛି ।

ନିଷେଧାତ୍ମକ ରଚନା :

୧) ଅନନ୍ତ ବ୍ରହ୍ମ ଏକାକ୍ଷର :-

୧୯ ପଦ ବିଶିଷ୍ଟ ଉକ୍ତ ରଚନାଟି[୩୦] କାର୍ତ୍ତିକେଶ୍ୱର ଗ୍ରନ୍ଥର ଅଂଶ ବିଶେଷ[୩୧] । ଏଥିରେ ଥିବା 'କେଶରୀ ତେର ଅଙ୍କ'ରୁ ପ୍ରଭାବଶାଳୀ ଖୁରୁଧା ଭୋଇ ବଂଶର ବୀରକେଶରୀ ଦେବଙ୍କ କଥା ଗ୍ରହଣ କରାଯାଇ ପାରେ । ବୀର କେଶରୀ ଦେବ ୧୭୩୭ରୁ ୧୭୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ[୩୨] । ତେଣୁ ଏହା ଭାଗବତକାରଙ୍କ ରଚନା ନୁହେଁ ।

---

୩୦. ବ୍ରହ୍ମ ଏକାକ୍ଷର ଗୀତା - ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, କଟକ, ୪ର୍ଥ ସଂସ୍କରଣ

୩୧. ଜଗନ୍ନାଥ ଦାସ କହନ୍ତି ବାଣୀ
କାର୍ତ୍ତିକେଶ୍ୱର ଗ୍ରନ୍ଥେ ଏହା ଭଣି ।

୩୨. ଖୁରୁଧା ଇତିହାସ - ଶ୍ରୀ କେଦାର ନାଥ ମହାପାତ୍ର, ପୃ. ୧୯୭

୨- ଅନନ୍ତଲୀଳା

ଏହି ଗ୍ରନ୍ଥର ପ୍ରତ୍ୟେକ ପାଦ ୧୨ରୁ ୧୫ ଅକ୍ଷର ବିଶିଷ୍ଟ[୩୩] । ମାଳିକା ଶୈଳୀରେ ରଚିତ ଉକ୍ତ ଗ୍ରନ୍ଥରେ ଚୈତନ୍ୟ, ପଞ୍ଚସଖା, ରାଜାମାନଙ୍କ ରାଜତ୍ୱ ଓ କଳିଯୁଗରେ ନାନା ଅନ୍ୟାୟ ଅନୀତି ପ୍ରସଙ୍ଗର ଅବତାରଣା କରାଯାଇଛି । ରାମଚନ୍ଦ୍ର ଦେବଙ୍କ ପରେ ବୀର କେଶରୀ ରାଜା ହୋଇ ଫିରିଙ୍ଗି ଦ୍ୱାରା ବନ୍ଦୀ ହେବେ ଓ ମୁକୁନ୍ଦ ଦେବ କଟକର ବାରବାଟୀ କିଲାରେ ବନ୍ଦୀ ହୋଇ ୨୪ ଅଙ୍କରେ ଦେହତ୍ୟାଗ କରିବା କଥା ଏଥିରେ ଉଲ୍ଲେଖ ଅଛି ।

୩- ଅଳସୁଆ ଭାଗବତ

ନବାକ୍ଷରୀରେ ରଚିତ ଏହି ଗ୍ରନ୍ଥ କଥାବସ୍ତୁ ଦୃଷ୍ଟିରୁ ଶ୍ରୀମଦଭାଗବତର ଏକ ସଂକ୍ଷିପ୍ତ ସଂସ୍କରଣ । ଏହାର ପ୍ରତ୍ୟେକ ଅଧ୍ୟାୟ ଶେଷରେ ଅଳସୁଆ ଦାସଙ୍କ ନାମ ଭଣିତା କରାଯାଇଛି[୩୪] ।

୪- ଇତିହାସ ପୁରାଣ

ଏହି ଗ୍ରନ୍ଥର ଦୁଇଟି ସ୍ୱତନ୍ତ୍ର ରୂପ ଦେଖିବାକୁ ମିଳେ । ବୟାଳିଶ ଅଧ୍ୟାୟ ଯୁକ୍ତ ପ୍ରକାଶିତ ଗ୍ରନ୍ଥଟି ଏଗାର ଅକ୍ଷରୀ ବିଶିଷ୍ଟ ଓ ଏଥିରେ କବି ମହାଦେବ ଦାସଙ୍କ ନାମ ଭଣିତା ରହିଛି[୩୫] । ନବାକ୍ଷରୀରେ ରଚିତ ୪୧ ଅଧ୍ୟାୟ ବିଶିଷ୍ଟ ଅନ୍ୟ ଏକ ଇତିହାସ ପୁରାଣ'[୩୬] ର କେବଳ ଗୋଟିଏ ସ୍ଥାନରେ ଉଲ୍ଲେଖ ଅଛି;

ପୁରୁଷୋତ୍ତମ ନରଇନ୍ଦ୍ର

ଚିତ୍ତେ ଚିନ୍ତୋଇ କୃଷ୍ଣଚନ୍ଦ୍ର । ୨୨ଶ ଅଧ୍ୟାୟ

---

୩୩. ପୋଥି - ଡଃ କୃଷ୍ଣ ଚରଣ ସାହୁ, ରିଡର, ବାଣୀବିହାରଙ୍କ ଠାରୁ ପ୍ରାପ୍ତ

୩୪. ରଘୁନନ୍ଦନ ପାଠାଗାର, ପୁରୀ - ପୋଥି ନଂ. ୩୪୫

୩୫. ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, କଟକ

୩୬. ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର - ପୋଥି ନଂ OL - 26
ବଡ଼ ଓଡ଼ିଆ ମଠ, ପୁରୀ - ପୋଥି ନଂ. ୭୬

୫ - ଇନ୍ଦ୍ର ଗୋବିନ୍ଦ ମାଳିକା

ମାଳିକା ଶୈଳୀରେ ରଚିତ ଏହି ଗ୍ରନ୍ଥର ବିଭିନ୍ନ ନାମ କରଣ ଦେଖାଯାଏ । ଯଥା - ଇନ୍ଦ୍ର ଗୋବିନ୍ଦ ମାଳିକା[୩୭], ଇନ୍ଦ୍ର ଗୋବିନ୍ଦ ସମ୍ବାଦ[୩୮], ଇନ୍ଦ୍ର ମାଳିକା[୩୯], କଳି ମାଳିକା[୪୦] ଓ ଇନ୍ଦ୍ର ଗୋବିନ୍ଦ ଭବିଷ୍ୟମାଳିକା[୪୧] । ଶ୍ରୀକ୍ଷେତ୍ର ନିବାସୀ କବି ଜଗନ୍ନାଥ ଦାସ ଜାତିରେ ବ୍ରାହ୍ମଣ ଥିଲେ ଓ ଜଗନ୍ନାଥଙ୍କ ଅଜ୍ଞାତରେ ଉକ୍ତ କାବ୍ୟ ରଚନା କରିଥିବା କଥା ଉକ୍ତ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଏତଦ୍ ବ୍ୟତୀତ ପ୍ରତାପରୁଦ୍ରଙ୍କ ରାଜତ୍ୱ, ମୁକୁନ୍ଦ ଦେବଙ୍କ ସମୟରେ କଳାପାହାଡ଼ ଆକ୍ରମଣ, ଦୀନ କୃଷ୍ଣ, ଉପେନ୍ଦ୍ର ପ୍ରମୁଖ କବିଙ୍କ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଛି ।

୬- ଏକାଦଶୀ ମାହାତ୍ମ୍ୟ

ରାମଚନ୍ଦ୍ର ଦାସ, ମହାଦେବ ଦାସ, ଦିବାକର ଦାସ, ମଧୁସୂଦନ ଦାସ ଓ କୃଷ୍ଣ ଦାସଙ୍କ ନାମରେ 'ଏକାଦଶୀ ମାହାତ୍ମ୍ୟ' ପ୍ରଚଳିତ ଥିବା ସ୍ଥଳେ ବିପ୍ର ଜଗନ୍ନାଥଙ୍କ ନାମରେ ଖଣ୍ଡିଏ ଗ୍ରନ୍ଥ[୪୨] ଭଣିତା କରା ଯାଇଛି । ଭାଗବତର ଭାଷା ସହିତ ଏହି ଗ୍ରନ୍ଥ ଭାଷାର କୌଣସି ସାଦୃଶ ନାହିଁ ଏବଂ ପୌରାଣିକ ଶୈଳୀରେ ଉପାଖ୍ୟାନ ପରିବେଷଣ ବ୍ୟତୀତ କୌଣସି ତତ୍ତ୍ୱ ଏଥିରେ ସନ୍ନିବେଶିତ ହୋଇ ନାହିଁ ।

୭- କମଳ କେଶର ଚଉତିଶା :-

ଚଉତିଶା ନିୟମରେ ରଚିତ ଉକ୍ତ ରଚନାଟି ଆଠ ପଦ ବିଶିଷ୍ଟ[୪୩] । ଜ୍ୟୋତି ସ୍ୱରୂପ ଅଲେଖ ବ୍ରହ୍ମଙ୍କୁ ଲାଭ କରିବା ପାଇଁ ସାଧନାର ମାର୍ଗ ଏଥିରେ ସୂଚିତ ହୋଇଛି । ଭାଗବତର ଭାଷା ସହିତ ଏହାର କୌଣସି ସାଦୃଶ ନାହିଁ ଓ ଏଥିରେ କେବଳ 'ଛାର ଅଧମ ଜଗା' ବୋଲି ଭଣିତା କରାଯାଇଛି ।

---

୩୭. ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, କଟକ
୩୮. ପୋଥି - ଡଃ କୃଷ୍ଣ ଚରଣ ସାହୁ, ରିଡର, ବାଣୀବିହାର
୩୯. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 16
୪୦. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 355
୪୧. ଅତିବଡ଼ୀ ଜଗନ୍ନାଥ ପରିକ୍ରମା - ପୃ. ୧୦୫
୪୨. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ Cy. 405
୪୩. ପୋଥି - ପଣ୍ଡିତ ଶ୍ରୀନିବାସ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

୮- କଳି ଭବିଷ୍ୟ :-

ଏଗାର ଅକ୍ଷର ବିଶିଷ୍ଟ ଉକ୍ତ ରଚନାର ପଦ ସଂଖ୍ୟା ୩୪[୪୪] ଜଗନ୍ନାଥ ଦାସଙ୍କ ଧର୍ମ ଦର୍ଶନ ସହିତ ଏହି ରଚନାର କୌଣସି ସଂପର୍କ ନାହିଁ । ଭାଷା ଅପେକ୍ଷାକୃତ ଆଧୁନିକ ଓ ଭାଗବତ ଭାଷାର ସମକକ୍ଷ ନୁହେଁ ।

୯- ଗୋପଲୀଳା :-

ଅସଂପୂର୍ଣ୍ଣ ଥିବା ଉକ୍ତ ଗ୍ରନ୍ଥଟି ବିଭିନ୍ନ ରାଗ ରାଗିଣୀରେ ରଚିତ[୪୫] । ରାମକୃଷ୍ଣଙ୍କ ଜନ୍ମ ଠାରୁ ପୂତନା, ତୃଣା, ଧେନୁକା ଓ ବ୍ୟୋମାସୁର ବଧ ପର୍ଯ୍ୟନ୍ତ କଥାବସ୍ତୁ ଏଥିରେ ସନ୍ନିବେସିତ । ଷୋଡ଼ଶ ଶତାବ୍ଦୀର ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା କେତେକ ରାଗ ଓ ବାଣୀ ରଚନାରେ ପ୍ରଦତ୍ତ ହୋଇଛି । ଜଗନ୍ନାଥ ଦାସ ନିଜର ପ୍ରତ୍ୟେକ ରଚନାରେ ନାମ ସହିତ 'ଦାସ' ଶବ୍ଦ ବ୍ୟବହାର କରିଥିଲେ ମଧ୍ୟ ଏହି ରଚନାରେ କୌଣସି ସ୍ଥାନରେ ନାମ ସହିତ 'ଦାସ' ଶବ୍ଦ ଯୋଗ କରାଯାଇ ନାହିଁ ।

୧୦- ଜ୍ୱରାବଳୀ :-

ଭାଗବତ ୧୦ମ ସ୍କନ୍ଧ ଅନ୍ତର୍ଗତ ୬୭ ଓ ୬୮ ଅଧ୍ୟାୟରେ ଥିବା ''ଉଷା ଅନିରୁଦ୍ଧ ଉପାଖ୍ୟାନ'' ଏହି ରଚନାଟିର ପୃଷ୍ଠଭୂମି[୪୬] । ଏକ ପକ୍ଷରେ ଶିବ ବାଣାସୁର ଓ ଅପର ପକ୍ଷରେ ଶ୍ରୀକୃଷ୍ଣ, ବଳରାମଙ୍କ ମଧ୍ୟରେ ଯୁଦ୍ଧ ପ୍ରସ୍ତୁତି ଏହାର ଅନ୍ତର୍ଗତ । ଶିବ ଓ ଶ୍ରୀକୃଷ୍ଣ ଉଭୟ ନିଜ ନିଜ ଶରୀରରୁ ଜ୍ୱର ସୃଷ୍ଟି କଲେ ଏବଂ ଜ୍ୱରମାନଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ଲାଗିଲା । ଶେଷରେ ଶିବଜ୍ୱର ପରାସ୍ତ ହେଲେ । ଏହି ଦୃଷ୍ଟିରୁ ଗ୍ରନ୍ଥଟିର ନାମ ହୋଇଛି 'ଜ୍ୱରାବଳୀ' । ଭାଗବତରେ ଅନେକ ପଦ ଅପରିବର୍ତ୍ତିତ ଭାବରେ ବ୍ୟବହୃତ ହୋଇଛି । ଭାଗବତରେ ''ଉଷା ଅନିରୁଦ୍ଧ ଉପାଖ୍ୟାନ''କୁ କେନ୍ଦ୍ର କରି ପୁଣି ଏକ କାବ୍ୟ ରଚନା କରିବା କବିଙ୍କ ପକ୍ଷେ ସମ୍ଭବ ନୁହେଁ ।

---

୪୪. କଳିଯୁଗ କଳି କାହାଣୀ - ପ୍ର. ପରମାନନ୍ଦ ଦାସ, ୧୯୭୨, ପୃ ୫୨

୪୫. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 932

୪୬. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. OL. 1341

୧୧- ଟୀକା ଭାଗବତ :-

ଓଡ଼ିଆ ଭାଗବତର ଲୋକପ୍ରିୟତା ଦୃଷ୍ଟିରୁ ତାର ସଂକ୍ଷିପ୍ତ ରୂପ 'ଟୀକା ଭାଗବତ'[୪୭] ଓଡ଼ିଶାରେ ପ୍ରଚଳିତ ଅଛି । ଏଥିରେ ପ୍ରତ୍ୟେକ ସ୍କନ୍ଧ ପ୍ରାରମ୍ଭରେ ସେହି କଥାବସ୍ତୁକୁ ଗୋଟିଏ ମାତ୍ର ସଂସ୍କୃତ ଶ୍ଳୋକରେ ବର୍ଣ୍ଣନା କରାଯାଇ ପରେ ପରେ ତାର ଓଡ଼ିଆ ଅନୁବାଦ ପ୍ରଦତ୍ତ ହୋଇଛି । ଓଡ଼ିଆ ଭାଗବତର ଅଧ୍ୟାୟ ସଂଖ୍ୟା ମଧ୍ୟ ଏଥିରେ ନିର୍ଭୁଲ୍ ଭାବରେ ଉଲ୍ଲେଖ ଅଛି । ଭାଗବତର ଦ୍ୱାଦଶ ସ୍କନ୍ଧ ମହାଦେବ ଦାସଙ୍କ ଦ୍ୱରା ରଚିତ ହୋଇଥିବା ଜଣାଯାଏ[୪୮] । କିନ୍ତୁ 'ଟୀକାଭାଗବତ'ରେ ଦ୍ୱାଦଶ ସ୍କନ୍ଧ କଥା ଉଲ୍ଲେଖ ଥିବାରୁ ଏହା ମହାଦେବ ଦାସଙ୍କ ପରବର୍ତ୍ତୀ କୌଣସି କବିଙ୍କ ରଚନା ।

୧୨- ତଅପୋଇ :-

'ତଅପୋଇ' ବା 'ଖୁଦୁ ରୁକୁଣୀ' ଓଷା ଓଡ଼ିଶାରେ ସର୍ବଜନାଦୃତ । ପାଞ୍ଚ ଅଧ୍ୟାୟ ବିଶିଷ୍ଟ ନବାକ୍ଷରୀରେ ରଚିତ ଗୋଟିଏ 'ତଅପୋଇ' ଗ୍ରନ୍ଥ[୪୯]ରେ ଜଗନ୍ନାଥ ଦାସଙ୍କ ନାମ ଭଣିତା ଥିବା ସ୍ଥଳେ ଅନ୍ୟ ଏକ ଗ୍ରନ୍ଥରେ[୫୦] ଗୋପୀନାଥ ଦାସଙ୍କ ନାମ ଭଣିତା କରା ଯାଇଛି । ଜଗନ୍ନାଥ ଦାସଙ୍କର ଜଣେ ପ୍ରଧାନ ଶିଷ୍ୟ ଥିଲେ ଗୋପୀନାଥ ଦାସ । ସମ୍ଭବତଃ ସେ ଏହି ଗ୍ରନ୍ଥଟି ରଚନା କରି ନିଜର ଗୁରୁ ଜଗନ୍ନାଥ ଦାସଙ୍କ ନାମରେ ଭଣିତା କରିଛନ୍ତି ।

---

୪୭. ପ୍ର. ଓଡ଼ିଶା କୋହେନୂର ପ୍ରେସ, କଟକ, ୧୯୭୨

୪୮. ଦ୍ୱାଦଶ ସ୍କନ୍ଧ ଭାଗବତ । ତ୍ରୟୋଦଶ ଅଧ୍ୟା ନିର୍ମିତ ।
ଜଗନ୍ନାଥ ଦାସ ପ୍ରକାଶ । କରି ତ ଲୋଡ଼ୁଅଛି ଆଶ ।
ନାମ ମୋହର ମହାଦେବ । ବିପ୍ର କୁଳରେ ମୁଁ ସମ୍ଭବ ।
କୃଷ୍ଣ ସଙ୍ଗତେ ଜଗନ୍ନାଥ । ଚଳିଲେ ଗୋଲକ ଯେ ପଥ ।
ମୁଁ ଏହା କରଇ ବିଚାର । ଅଷ୍ଟାଦଶ ପୁରାଣ ସାର ।
ଦ୍ୱାଦଶ ସ୍କନ୍ଧ ତ୍ରୟୋଦଶ । ଯେମନ୍ତେ ହୋଇବ ପ୍ରକାଶ ।
୧୨ଶ ସ୍କନ୍ଧ - ୧ମ ଅଧ୍ୟାୟ

୪୯. ପୋଥି - ଭାଗବତ ଗାଦି, କୁଣ୍ଡିସ, ପୁରୀ

୫୦. ପ୍ର. - ଧର୍ମଗ୍ରନ୍ଥ ଷ୍ଟୋର, କଟକ

୧୩- ତୁଳାଭିଣା :-

ଶିବ ପାର୍ବତୀଙ୍କ କଥୋପକଥନ ଛଳରେ ସୃଷ୍ଟିତତ୍ତ୍ୱ, ମାତୃଗର୍ଭ ନିର୍ଣ୍ଣୟ, ଉଲଟ ବୃକ୍ଷ ସର୍ଜନ, ଶୂନ୍ୟ ନିରୂପଣ, ଶରୀର ଉପରେ ରାମାୟଣ ଓ ମହାଭାରତର ଆରୋପ ପ୍ରଭୃତି ଗୂଢ଼ ତତ୍ତ୍ୱ ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ଆଲୋଚକ ଡଃ ବଂଶୀଧର ମହାନ୍ତିଙ୍କ ମତରେ ରାଜା ଜଗନ୍ନାଥ ଦାସଙ୍କୁ ବହୁତ ପ୍ରଶଂସା କରିଥିବା ଓ ପ୍ରତାପରୁଦ୍ରଙ୍କୁ ଏଥିରେ 'ଭୋଜରାଜା' ରୂପେ ଅଭିହିତ କରା ଯାଇଥିବା କଥା ଉଲ୍ଲେଖ ଅଛି । ନିଜକୁ ପ୍ରଶଂସା କରି ଓ ପ୍ରତାପରୁଦ୍ରଦେବଙ୍କୁ ଭୋଜରାଜା ରୂପେ ବର୍ଣ୍ଣନା କରିବା ଜଗନ୍ନାଥ ଦାସଙ୍କ ପକ୍ଷେ ଅସମ୍ଭବ । ଏଥିରେ ପରିବେଷିତ ତତ୍ତ୍ୱ ଓ ଭାଷା ଦୃଷ୍ଟିରୁ ଏହା ଭାଗବତକାରଙ୍କ ରଚନା ନୁହେଁ[୫୧] ।

୧୪- ନୀଳଗିରି ଚଉତିଶା :-

ଚଉତିଶା ନିୟମରେ ରଚିତ ଏହି ରଚନାଟିରେ 'ଜଗା'[୫୨] ନାମ ଭଣିତା ଥିଲେ ମଧ୍ୟ ସଂକଳକ ଡଃ ଜାନକୀ ବଲ୍ଲଭ ମହାନ୍ତି ଏହାକୁ ଜଗନ୍ନାଥ ଦାସଙ୍କ ରଚନା ରୂପେ ଗ୍ରହଣ କରିଛନ୍ତି[୫୩] । ଭାଗବତରେ ଭାଷା ସହିତ ଏହାର କୌଣସି ସାଦୃଶ୍ୟ ନ ଥିବା ସ୍ଥଳେ ଓ ଏପରି ଭଣିତା ଥିବାରୁ ରଚନାଟିକୁ ଭାଗବତକାରଙ୍କ କୃତି ରୂପେ ଗ୍ରହଣ କରିବା ସମୀଚୀନ ନୁହେଁ ।

୧୫- ପଞ୍ଚାକ୍ଷର ମାଇ ଅଣ୍ଡିରା :-

'ସିଦ୍ଧି ରସ୍ତୁ'ର ତତ୍ତ୍ୱ, 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ଭେଦ, ବୀଜ ସୃଷ୍ଟି ଓ ୫୪ ଅକ୍ଷରରେ ଯନ୍ତ୍ରଯୋଗସାର ପ୍ରଭୃତି ପ୍ରସଙ୍ଗ ଏଥିରେ ବର୍ଣ୍ଣିତ[୫୪] । ଅନୁସନ୍ଧାନରୁ ଜଣାପଡ଼େ ଯେ ଏହା ବଳରାମ ଦାସଙ୍କ କୃତ 'ବିରାଟ ଗୀତା'ର ପଞ୍ଚମ ଅଧ୍ୟାୟ । ସମ୍ଭବତଃ ନବାକ୍ଷରୀରେ ରଚିତ ହୋଇ ଥିବାରୁ କୌଣସି ଲେଖନକାର ଜଗନ୍ନାଥ ଦାସଙ୍କ ନାମରେ ଭଣିତା କରିଛନ୍ତି ।

---

୫୧. ଭକ୍ତ କବି ଜଗନ୍ନାଥ ଦାସ - ଏକ ସମୀକ୍ଷା - ପୃ. ୧୩୫

୫୨. ଛାର ଅଧମ ଜଗା ନ ଭଜିଲା ଅଜ୍ଞାନରେ ।

୫୩. ଓଡ଼ିଆ ଗୀତିକାବ୍ୟ ସଂକଳନ - ପ୍ର. ଓଡ଼ିଶା ସାହିତ୍ୟ ଏକାଡେମୀ

୫୪. ପୋଥି - ଡଃ କୃଷ୍ଣ ଚରଣ ସାହୁ, ରିଡର ବାଣୀବିହାର

୧୬- ପଦ୍ମକଳ୍ପ ଟୀକା :-

ନବାକ୍ଷରୀରେ ରଚିତ ଏହି ଗ୍ରନ୍ଥ[୫୫]ରେ ଉଦ୍ଧବ ଶ୍ରୋତା ଓ ଶ୍ରୀକୃଷ୍ଣ ବକ୍ତା । ଶୁକଦେବଙ୍କ ଜନ୍ମ ଉପାଖ୍ୟାନ ମାଧ୍ୟମରେ ସତ୍‌ସଙ୍ଗ ପ୍ରସଙ୍ଗ ଏଥିରେ ବର୍ଣ୍ଣିତ ହୋଇଛି । ଅପେକ୍ଷାକୃତ ଆଧୁନିକ ଭାଷା ବ୍ୟବହାର କରାଯାଇ ଥିବାରୁ ଗ୍ରନ୍ଥଟିର ଭାଗବତାନୁସାରୀ ଭାଷା ନୁହେଁ ।

୧୭- ବ୍ରହ୍ମଗାୟତ୍ରୀ ବସାଣ :-

୪୪ ପଦ ବିଶିଷ୍ଟ ଉକ୍ତ ରଚନା[୫୬]ରେ କବି ନିଜର ଶିଷ୍ୟ ଜଗନ୍ନାଥଙ୍କୁ ତତ୍ତ୍ୱ ବୁଝାଇଛନ୍ତି । ଚାରିବେଦ, ଅବନା ଆଠ ଅକ୍ଷର, ଗାୟତ୍ରୀ ଲାଭର ଉପାୟ ଓ ବ୍ରହ୍ମଗାୟତ୍ରୀର ଯନ୍ତ୍ରଭେଦ ପ୍ରଭୃତି ପ୍ରସଙ୍ଗ ଏଥିରେ ସ୍ଥାନ ପାଇଛି । ଭାଗବତ ଭାଷା ସହିତ ରଚନାଟିର କୌଣସି ସାଦୃଶ୍ୟ ନ ଥିବାରୁ ଏହା ଅନ୍ୟ କୌଣସି ଜଗନ୍ନାଥ ଦାସଙ୍କ ଦ୍ୱରା ରଚିତ ।

୧୮- ବ୍ରହ୍ମାଣ୍ଡ ଭୂଗୋଳ :-

ବଳରାମଙ୍କ ରଚିତ 'ବ୍ରହ୍ମାଣ୍ଡ ଭୂଗୋଳ' ଗ୍ରନ୍ଥର ପ୍ରସିଦ୍ଧି ଯୋଗୁଁ ଜଣେ ବଳରାମ, ଦୁଇଜଣ ଜଗନ୍ନାଥ ଓ ଜଣେ ନୃପତି ଭୂଜଦାସ ନିଜ ରଚିତ ଗ୍ରନ୍ଥର ନାମ ଦେଇଛନ୍ତି 'ବ୍ରହ୍ମାଣ୍ଡ ଭୂଗୋଳ'[୫୭] । ନବାକ୍ଷରୀରେ ରଚିତ ସବୁ ଗ୍ରନ୍ଥରେ ଜଗନ୍ନାଥ ଦାସଙ୍କ ଭାଗବତର ଏକାଦଶ ସ୍କନ୍ଧର କେତେକ ବିଶିଷ୍ଟ ପଦର ବ୍ୟାଖ୍ୟା କରା ଯାଇଛି । ସମସ୍ତେ ପିଣ୍ଡକୁ ବ୍ରହ୍ମାଣ୍ଡ ସହିତ ତୁଳନା କରିବା ସଙ୍ଗେ ସଙ୍ଗେ କାୟାଯୋଗ ତତ୍ତ୍ୱ ବୁଝାଇବା ପାଇଁ ଚେଷ୍ଟା କରିଛନ୍ତି ।

---

୫୫. ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, କଟକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 1002

୫୬. ବ୍ରହ୍ମ ଏକାକ୍ଷର ଗୀତା - ପ୍ର. ଧର୍ମଗ୍ରନ୍ଥ ଷ୍ଟୋର

୫୭. ପ୍ରାଚୀନ ସାହିତ୍ୟ - ଡଃ କୃଷ୍ଣ ଚରଣ ସାହୁ, ୧୯୭୮, ପୃ. ୧୫୫

ଜଗନ୍ନାଥ ଦାସଙ୍କ ନାମ ଭଣିତା ଥିବା ବିଭିନ୍ନ 'ବ୍ରହ୍ମାଣ୍ଡ ଭୂଗୋଳ'ରେ ୬ ଅଧ୍ୟାୟ[୫୮], ୩୨ ଅଧ୍ୟାୟ[୫୯], ୩୮ ଖ୍ୟାଦି[୬୦] ଓ ୯୬ ଖ୍ୟାଦି[୬୧] ରହିଛି । ଏହି ଗ୍ରନ୍ଥରେ 'ଗୋପୀଭାଷା'ର "ଇନ୍ଦ୍ର ସପତ ଦିନ ବୃଷ୍ଟି କଲା, ବଜ୍ରାଘାତେ ପଥର ବରଷିଲା" ପଦର ଅର୍ଥ ଶ୍ରୀକୃଷ୍ଣଙ୍କୁ ଅର୍ଜୁନ ପଚାରିଛନ୍ତି, 'ଗୋପୀଭାଷା'ର କବି ଦନାଇ ଦାସ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧର କବି[୬୨] । ତେଣୁ 'ବ୍ରହ୍ମାଣ୍ଡ ଭୂଗୋଳ' ଗ୍ରନ୍ଥଟି 'ଗୋପୀଭାଷା'ର ପରବର୍ତ୍ତୀ ରଚନା ।

୧୯- ଭକ୍ତି ଚନ୍ଦ୍ରିକା :-

ବିଭିନ୍ନ ରାଗ ରାଗିଣୀରେ ରଚିତ ଏହି ଗ୍ରନ୍ଥରେ[୬୩] ଶ୍ରୀ ଚୈତନ୍ୟ, ପଞ୍ଚସଖା, ପଞ୍ଚସଖାଙ୍କ ଶିଷ୍ୟମାନଙ୍କ ପରିଚୟ, ରାଜା ରାମଚନ୍ଦ୍ର ଦେବ ଓ ଦିବ୍ୟସିଂହ ଦେବଙ୍କ ରାଜତ୍ୱର କେତେକ ଘଟଣା ସନ୍ନିବେଶିତ ହୋଇଛି । ଦିବ୍ୟସିଂହ ଦେବଙ୍କ ବାଇଶି ଅଙ୍କ କଥା ଗ୍ରନ୍ଥରେ ଉଲ୍ଲେଖ ହୋଇଛି । ୨ୟ ଓ ୩ୟ ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟ ଯଥାକ୍ରମେ ୨ ବର୍ଷ ଓ ୧୪ ବର୍ଷ । କେବଳ ୧ମ ଦିବ୍ୟସିଂହ ଦେବ ୧୬୮୮ ରୁ ୧୭୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୨୬ ବର୍ଷ ରାଜତ୍ୱ କରିଥିଲେ । ୨୨ ଅଙ୍କ ଏହାଙ୍କ ଅମଳରେ ୧୭୦୫ - ୧୭୦୬ ଖ୍ରୀଷ୍ଟାବ୍ଦରେ ପଡ଼ିଥିଲା । ତେଣୁ ଗ୍ରନ୍ଥଟି ଏହି ସମୟର ପରବର୍ତ୍ତୀ ରଚନା ।

୨୦- ଭବିଷ୍ୟ ମାଳିକା:-

ମାଳିକା ଶୈଳୀରେ ଲିଖିତ ଏହି ରଚନାରେ[୬୪] ବହୁ ଗୋଳ, ଆକ୍ରମଣ, ଉତ୍ପାତ, ବନ୍ୟା, ଦୁର୍ଭିକ୍ଷ, ମହାମାରୀ ପ୍ରସଙ୍ଗ ବର୍ଣ୍ଣିତ । ରାଜା ରାମଚନ୍ଦ୍ର ଦେବଙ୍କ ପୁତ୍ର ବୀରକେଶରୀ ଦେବ ଓ ତାପରେ ଦିବ୍ୟସିଂହ ଦେବ ରାଜା ହେବା କଥା ଗ୍ରନ୍ଥରେ ଉଲ୍ଲେଖ କରା ଯାଇଛି । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ରଚନାଟି ଯେ

---

୫୮. ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର - ପୋଥି ନଂ. OL - 301
୫୯. ପୋଥି - ଶ୍ରୀ ନେତ୍ରାନନ୍ଦ ନାୟକ, ତରଡ଼ା ପଡ଼ା, ପୁରୀ
୬୦. ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର - ପୋଥି ନଂ. OL - 537
୬୧. ପୋଥି - ଶ୍ରୀ ଜଗବନ୍ଧୁ ମହାନ୍ତି, ହରିଶପୁର, ଜି- ପୁରୀ
୬୨. ଗୋପୀଭାଷା - ସଂ. ଡଃ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ର - ପ୍ରାଚୀ ସମିତି, ମୁଖବନ୍ଧ
୬୩. ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର - ପୋଥି ନଂ. OL - 389
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ Cy. 420
୬୪. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 242

ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ରାଜତ୍ୱ ଅର୍ଥାତ୍ ୧୬୯୩ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ ଏହା ନିଃସନ୍ଦେହରେ କୁହାଯାଇ ପାରେ ।

୨୧- ଭାଗବତ ଜନ୍ମ :-

ଭାଗବତ ଦ୍ୱାଦଶ ସ୍କନ୍ଧର ଶରୀର ସହିତ ଥିବା ସମ୍ବନ୍ଧ ଏଥିରେ ଉଲ୍ଲେଖ କରା ଯାଇଛି(୬୫) । ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ଅଧ୍ୟାୟ ସଂଖ୍ୟା ୩୪୪ ବୋଲି ଗ୍ରନ୍ଥରୁ ସୂଚିତ ହୁଏ । ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଥିଲେ ଓ ଦ୍ୱାଦଶ ସ୍କନ୍ଧ ପରବର୍ତ୍ତୀ ସମୟରେ ମହାଦେବ ଦାଶଙ୍କ ଦ୍ୱାରା ରଚିତ ହୋଇଥିଲା । ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ଅଧ୍ୟାୟ ସଂଖ୍ୟା ଏଥିରେ ସୂଚିତ ହୋଇ ଥିବାରୁ ରଚନାଟି ପରବର୍ତ୍ତୀ ସମୟର ।

୨୨- ଭୃଙ୍ଗବର ଚଉତିଶା :-

ଶ୍ରୀକୃଷ୍ଣଙ୍କ ମଥୁରା ଗମନ ପରେ ଗୋପୀମାନେ ଭୃଙ୍ଗବର ନିକଟରେ ନିଜ ମନର ଖେଦ ଉକ୍ତ ଚଉତିଶା(୬୬)ରେ ପ୍ରକାଶ କରିଛନ୍ତି । ରଚନାଟିର ଭଣିତାରେ କେବଳ 'ଜଗା' ଉଲ୍ଲେଖ ଥିବାରୁ ଏହାକୁ ଭାଗବତକାରଙ୍କ ରଚନା ରୂପେ ଗ୍ରହଣ କରିବା ଅସମୀଚୀନ ।

୨୩- ମହାଭାରତ :-

ଜଗନ୍ନାଥ ଦାସଙ୍କ ନାମ ଭଣିତା ଥାଇ ଅଷ୍ଟାଦଶ ପର୍ବ ସମ୍ବଳିତ ଏକ ମହାଭାରତ ଗ୍ରନ୍ଥ ପ୍ରକାଶିତ ହୋଇଛି । ଏହା ନବାକ୍ଷରୀରେ ରଚିତ ଓ ସାରଳା ମହାଭାରତରେ ସନ୍ନିବେଶିତ କଥାବସ୍ତୁ ଉପରେ ସଂପୂର୍ଣ୍ଣ ଆଧାରିତ । କିନ୍ତୁ ଏହି ମହାଭାରତକାର ଜଗନ୍ନାଥ ଦାସ ଯାଜପୁରର ବ୍ୟକ୍ତି ଓ ସେ ଅଷ୍ଟାଦଶ ଶତାବ୍ଦୀର କବି(୬୭) ।

---

୬୫. ପୋଥି - ଶ୍ରୀ ବାଞ୍ଛାନିଧି ପଣ୍ଡା, ଅଣ୍ଡିଆ ସାହି, ନିମାପଡ଼ା, ପୁରୀ

୬୬. ପୋଥି - ଶ୍ରୀ ନାରାୟଣ ମିଶ୍ର, ମୁରାରିପୁର, ଜି: ପୁରୀ

୬୭. ପଞ୍ଚସଖା ଓଡ଼ିଆ ସାହିତ୍ୟ - ଦେବେନ୍ଦ୍ର ମହାନ୍ତି, ୧୯୭୩, ପୃ. ୭୭

୨୪- ଯଶୋଦା କୋଇଲି :-

'କେଶବ କୋଇଲି' ପରି ପୁତ୍ର ବିରହ କାତରା ମାତା ଯଶୋଦାଙ୍କ ମନର ଖେଦ ଏହି ରଚନାଟିରେ କୋଇଲିକୁ ସମ୍ବୋଧନ କରି ପ୍ରକାଶ ପାଇଛି[୬୮] ଓ ଏହାର ଭଣିତାରେ କେବଳ 'ଜଗନ୍ନାଥ' ନାମ ଉଲ୍ଲେଖ ଅଛି[୬୯] । ରଚନାଟିର ଅନ୍ୟ ନାମ 'ଜଗନ୍ନାଥ କୋଇଲି'[୭୦] ଓ 'ଅକ୍ରୁର କୋଇଲି'[୭୧] । ଏଥିରେ ବ୍ୟବହୃତ ଅପେକ୍ଷାକୃତ ଆଧୁନିକ ଭାଷା ଓ ଭଣିତା ଦୃଷ୍ଟିରୁ ଏହାକୁ ଭାଗବତକାରଙ୍କ ରଚନା ରୂପେ ଗ୍ରହଣ କରାଯାଇ ନ ପାରେ ।

୨୫- ରୁକ୍ମିଣୀ ମାଳିକା :-

ରୁକ୍ମିଣୀ ଓ ଶ୍ରୀକୃଷ୍ଣଙ୍କ କଥୋପକଥନ ଶୈଳୀରେ 'ରୁକ୍ମିଣୀ ମାଳିକା'[୭୨] ରାମଚନ୍ଦ୍ର ଦେବ, ତାଙ୍କ ପୁତ୍ର ବୀରକେଶରୀ ଦେବ ଓ ତତ୍ପରେ ଦିବ୍ୟସିଂହ ଦେବ ରାଜା ହେବା ପ୍ରସଙ୍ଗ ଏବଂ ସେମାନଙ୍କ ସମୟରେ ଘଟିଥିବା ବହୁ ଉତ୍ପାତ, ଦୁର୍ଭିକ୍ଷ, ବନ୍ୟା ପ୍ରଭୃତି ଐତିହାସିକ ଚିତ୍ରର ଉଲ୍ଲେଖ ଏଥିରେ ହୋଇଛି । ତେଣୁ ଏହା ଉନବିଂଶ ଶତାବ୍ଦୀର କୌଣସି ଜଗନ୍ନାଥ ଦାସଙ୍କ ରଚନା ।

୨୬- ସ୍ତିରୀ ପୁରୁଷ ବାଣ୍ଟ :-

ନବାକ୍ଷରୀରେ ରଚିତ ଛପନ ପଦ ବିଶିଷ୍ଟ ଏହି ରଚନା[୭୩]ରେ ଅର୍ଜୁନ ଶ୍ରୋତା ଓ ଭଗବାନ ବକ୍ତା । 'ସିଦ୍ଧିରସ୍ତୁ'ର ତତ୍ତ୍ୱ ନିରୂପଣ ପରେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷରର ସ୍ତ୍ରୀ ପୁରୁଷ ବାଣ୍ଟ ଏଥିରେ ପ୍ରଦତ୍ତ ହୋଇଛି । ତତ୍ତ୍ୱ ଦୃଷ୍ଟିରୁ ରଚନାଟି ବଳରାମ ଦାସଙ୍କ 'ବିରାଟ ଗୀତା'ର ଏକାଦଶ ଅଧ୍ୟାୟ ଅନ୍ତର୍ଭୁକ୍ତ । ପୁଣି ଭାଗବତ ଭାଷା ସହିତ ଏହାର କୌଣସି ସାମ୍ୟ ପରିଲକ୍ଷିତ ହୁଏ ନାହିଁ ।

ସନ୍ଦେହାତ୍ମକ ରଚନା

କବିଙ୍କ ନାମରେ ପ୍ରଚଳିତ ରଚନା ମଧ୍ୟରୁ କେତେକ ପାଠ କରିବାର ସୁଯୋଗ ମିଳି ନାହିଁ ଏବଂ ବିଭିନ୍ନ ପତ୍ର ପତ୍ରିକା, ପାଠାଗାର ଓ ବ୍ୟକ୍ତି ବିଶେଷଙ୍କ ଠାରୁ ସେ ସବୁ ରଚନାର ନାମ ଗୃହୀତ ହୋଇଛି । ଆଉ କେତେକ ରଚନାରେ କବିଙ୍କ ଦ୍ୱାରା

---

୬୮. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 116

୬୯. କ୍ଷୁଦ୍ର ବୁଦ୍ଧି ଜଗନ୍ନାଥ ଭଣଇ ଏ ।

୭୦. ଓଡ଼ିଆ ଗୀତିକାବ୍ୟ ସଂକଳନ

୭୧. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. OL - 731 (A)

୭୨. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - ପୋଥି ନଂ. Cy. 104

୭୩. ପୋଥି - ଡଃ କୃଷ୍ଣ ଚରଣ ସାହୁ, ରିଡର, ବାଣୀବିହାର

ଅନୁସୃତ ଧର୍ମ ଦର୍ଶନ ସ୍ଥାନ ପାଇଥିଲେ ହେଁ ଭାଗବତ ଭାଷା ସହିତ ରଚନାର ସାଦୃଶ୍ୟ ନାହିଁ । ଆଉ କେତେକର ଭାଷା ପ୍ରାଚୀନ ହୋଇଥିଲେ ହେଁ ସେଥିରେ କବିଙ୍କ ଧର୍ମତତ୍ତ୍ୱର ସତ୍ତା ମଧ୍ୟ ନାହିଁ । ପୁଣି କେତେକ ରଚନାରେ କବିଙ୍କ ନାମ ଭଣିତାରେ ନାନା ପ୍ରକାର ପାର୍ଥକ୍ୟ ପରିଦୃଷ୍ଟ ହୁଏ । ଓଡ଼ିଆ ସାହିତ୍ୟ ସମାଲୋଚକମାନେ ମଧ୍ୟ ବିଭିନ୍ନ କାରଣରୁ କେତେକ ପ୍ରଚଳିତ ରଚନା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି । ଉପରୋକ୍ତ କାରଣ ଗୁଡ଼ିକୁ ଦୃଷ୍ଟିରେ ରଖି ସନ୍ଦେହାତ୍ମକ ରଚନାବଳୀର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା । ଇତି ମଧ୍ୟରୁ କେତେକ ରଚନାର ଭିନ୍ନ ଭିନ୍ନ ନାମ କରଣ ଦେଖିବାକୁ ମିଳୁଥିଲେ ହେଁ ଏଠାରେ ମାତ୍ର ଗୋଟିଏ ନାମ ଗ୍ରହଣ କରାଯାଇଛି । ୧ - ଅକ୍ରୁର ବୋଲି, ୨ - ଅଣାକାର ପସନାବଳୀ, ୩ - ଅଥର୍ବ ମହାକାବ୍ୟ ଗୀତା, ୪ - ଅର୍ଥ କୋଇଲି, ୫ - ଅନାମୟ କୁଣ୍ଡଳୀ, ୬ - ଅବଧୂତ ତତ୍ତ୍ୱଗୀତା, ୭ - ଅମୃତ ରସ ସାଗର, ୮ - ଅଳଙ୍କାର ବୋଲି, ୯ - ଆଗମ ବିଚାର, ୧୦ - ଉଷା ହରଣ, ୧୧ - କଷନ ସାଗର ଗୀତା, ୧୨ - କାଳୀୟ ଦଳନ, ୧୩ - କ୍ଷେତ୍ରବର ଚଉତିଶା, ୧୪ - ଗରୁଡ଼ ଗୀତା, ୧୫ - ଗୁପ୍ତକଳ୍ପ, ୧୬ - ଗୁପ୍ତ ଭବିଷ୍ୟାନ୍ତ, ୧୭ - ଗୁପ୍ତ ଭାଗବତ, ୧୮ - ଗୋପୀଭଷା ଅର୍ଥ, ୧୯ - ଜ୍ଞାନ ସାଗର ଗୀତା, ୨୦ - ଛାଟ, ୨୧ - ଛୋଟ ବାଖର, ୨୨ - ଜଗନ୍ନାଥ କାରିକା, ୨୩ - ତୁଳସୀ ମାହାତ୍ମ୍ୟ, ୨୪ - ଦାଣ୍ଡଧୂଆ ଚଉତିଶା, ୨୫ - ଦହିଖେଳ, ୨୬ - ଦୀକ୍ଷା ସଂବାଦ, ୨୭ - ନିର୍ଗୁଣ ଅନାମିକା ମହାକାବ୍ୟ, ୨୮ - ପକ୍ଷୀ ଗୀତା, ୨୯ - ପଦ୍ମବନ ରାସ, ୩୦ - ପରାର୍ଦ୍ଧ, ୩୧ - ପରିଚୟ ବୋଧିନୀ, ୩୨ - ପଶା ପର୍ବ, ୩୩ - ପହଣ୍ଡି ବିଚ୍ଛେ ବୋଲି, ୩୪ - ପାଷାଣ୍ଡ ଦଳନ, ୩୫ - ଫୁଲତୋଳା, ୩୬ - ବୈଷ୍ଣବ ଆଚରଣ, ୩୭ - ବୋଲେ ହୁଁ ଟି, ୩୮ - ବ୍ରହ୍ମ ଗୀତା, ୩୯ - ବ୍ରହ୍ମ ପଟଳ, ୪୦ - ଭଜନ, ୪୧ - ଭାଗବତ ସାର, ୪୨ - ମନ ଚଇତନ, ୪୩ - ମନବୋଧ ଗୀତା, ୪୪ - ମନ ଶିକ୍ଷା, ୪୫ - ମନ୍ମଥ ଚନ୍ଦ୍ରିକା, ୪୬ - ମହାଲକ୍ଷ୍ମୀ ଜଣାଣ, ୪୭ - ମହିମା ଲେଖନ ଭବିଷ୍ୟାନ୍ତ, ୪୮ - ମାଳଶ୍ରୀ ରଚନା (କ) ବିମଳା ମାଳଶ୍ରୀ (ଖ) ନିତ୍ୟସ୍ଥଳ ମାଳଶ୍ରୀ, ୪୯ - ମାଳାଗୀତ, ୫୦ - ରହସ୍ୟ ଚଉତିଶା, ୫୧ - ରାଧା ମଞ୍ଜରୀ, ୫୨ - ରାମାୟଣ, ୫୩ - ଶରଦ୍ ରାସ, ୫୪ - ଶୂନ୍ୟ ଭାଗବତ, ୫୫ - ଶୈବାଗମ ଭାଗବତ, ୫୬ - ଶ୍ରୀମଦ୍ ଭଗବଦ୍ ଗୀତା, ୫୭ - ସଦ୍‌ସଙ୍ଗ ଭାଗବଦ୍, ୫୮ - ସଦର ଜମା ଚକଡ଼ା ଲଗାଣ, ୫୯ - ସଂଶୟ ଛେଦନ ପଞ୍ଚରତ୍ନ ପାଦୁକା, ୬୦ - ସଂସାର ମନବୋଧ ଚଉତିଶା, ୬୧ - ସାଗର ବିଚ୍ଛେ ଚଉତିଶା, ୬୨ - ସ୍ନାହାନ ବୋଲି, ୬୩ - ହରିଣୀ ସ୍ତୁତି ।

□□□

ଦ୍ୱିତୀୟ ପରିଚ୍ଛେଦ

ସଂପାଦନା ପଦ୍ଧତି

ସୂଚନା

୧ - ପ୍ରତ୍ୟେକ ରଚନାର ଶେଷରେ ପାଠାନ୍ତର ପ୍ରଦତ୍ତ ହୋଇଅଛି ଏବଂ ପ୍ରତ୍ୟେକ ରଚନାର ପ୍ରତ୍ୟେକ ପଦକୁ ଦୁଇ କିମ୍ବା ତତୋଽଧିକ ଭାଗରେ ବିଭକ୍ତ କରାଯାଇ ପାଠାନ୍ତରରେ ବ୍ୟବହୃତ ହୋଇଛି ।

୨ - କୌଣସି ରଚନାର ପଦସଂଖ୍ୟା ଉଲ୍ଲେଖ କଲାବେଳେ ପ୍ରଥମେ ପଦସଂଖ୍ୟା, ଓ ତାପରେ ପାଦ ସଂଖ୍ୟା ସୂଚନାତ୍ମକ ଭାବେ ଉଲ୍ଲେଖ କରାଯାଇଛି ।

୩ - ପାଠାନ୍ତରରେ ପ୍ରଥମେ ପଦ ସଂଖ୍ୟା (୧-୧, ୧-୨ କିମ୍ବା୧-୩ ଇତ୍ୟାଦି), ତାପରେ ପାଠାନ୍ତର ଓ ପ୍ରାଠାନ୍ତର ନିକଟରେ (କ)(ଖ)(ଗ) ଆଦି ପାଠର ସାଂକେତିକ ସୂଚନା ପ୍ରଦତ୍ତ ହୋଇଛି । ଆବଶ୍ୟକସ୍ଥଳେ ସୂଚନାତ୍ମକ ମନ୍ତବ୍ୟ ସୂଚିତ ପାଠ ନିକଟରେ ଉଲ୍ଲେଖ କରଯାଇଛି ।

୪ - ଶବ୍ଦର ଭିନ୍ନ ପାଠସମୂହକୁ ପ୍ରଥମୋଚ୍ଛେଦ (,) ଦ୍ୱାରା, ଗୋଟିଏ ଶବ୍ଦର ଭିନ୍ନ ପାଠ ସମୂହଠାରୁ ଆଉ ଗୋଟିଏ ଶବ୍ଦର ଭିନ୍ନ ପାଠ ସମୂହକୁ ଦ୍ୱିତୀୟ ଛେଦ (;) ଦ୍ୱାରା ଏବଂ ଗୋଟିଏ ପାଦର ଭିନ୍ନ ପାଠ ସମୂହଠାରୁ ଅନ୍ୟ ପାଦର ଭିନ୍ନ ପାଠ ସମୂହକୁ ପୂର୍ଣ୍ଣଚ୍ଛେଦ (।) ଦ୍ୱାରା ବିଭକ୍ତ କରଯାଇଛି ।

୫ - ଶୁଦ୍ଧ ପାଠରେ ''ନ ଥିବା ପାଠ'', ''**'' ଚିହ୍ନଦ୍ୱାରା ପାଠାନ୍ତରରେ ସୂଚିତ କରାଯାଇଛି ।

୬ - ପୋଥିରେ ନଷ୍ଟ ହୋଇଯାଇଥିବା ପାଠକୁ '*' ଚିହ୍ନ ଦ୍ୱାରା ଏବଂ ସ୍ଥାନ ଖାଲିଥାଇ କୌଣସି ପାଠୋଲ୍ଲେଖ ହୋଇ ନ ଥିଲେ '(-)' ଚିହ୍ନ ଦ୍ୱାରା ପାଠାନ୍ତରରେ ସୂଚିତ ହୋଇଛି ।

୭ - ପାଠାନ୍ତରରେ ଯଥାସମ୍ଭବ ଶୁଦ୍ଧ ବନାନ ବ୍ୟବହାର କରାଯାଇଛି ।

ଜଗନ୍ନାଥ ଦାସ ୧୬ଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି । ତାଙ୍କର 'ଭାଗବତ' ଓଡ଼ିଶାରେ ଜନପ୍ରିୟ ଓ ମୁଖ୍ୟଧର୍ମଗ୍ରନ୍ଥ ଭାବେ ଗୃହୀତ । 'ଭାଗବତ' ବ୍ୟତୀତ ତାଙ୍କର ଅନ୍ୟ ବହୁ ରଚନା ଥିବା ଜଣାଯାଏ । ଏହି ରଚନା ସମୂହର ପ୍ରାମାଣିକତା ନିର୍ଣ୍ଣୟ ସଙ୍ଗେ ସଙ୍ଗେ ସେମାନଙ୍କର ଶୁଦ୍ଧ

ପାଠ ନିର୍ଣ୍ଣୟ ସର୍ବାଦୌ କର୍ତ୍ତବ୍ୟ । କାରଣ ଶୁଦ୍ଧପାଠ ନିର୍ଣ୍ଣୟ ପରେ ହିଁ ଜଗନ୍ନାଥ ଦାସଙ୍କ ଭାଷା, ଶୈଳୀ ଓ ନିଜସ୍ୱ ଦୃଷ୍ଟିଭଙ୍ଗୀ ଇତ୍ୟାଦିର ଅନୁଶୀଳନ ସମ୍ଭବ ହେବ ।

ଜଗନ୍ନାଥ ଦାସଙ୍କ ରଚନା ସମୂହର ଶୁଦ୍ଧପାଠ ନିର୍ଣ୍ଣୟ କ୍ଷେତ୍ରରେ ''ରାସ ପଞ୍ଚାଧ୍ୟାୟୀ''କୁ ମାନରୂପେ ଗ୍ରହଣ କରାଯାଇଛି । ଏହାର ପ୍ରଧାନ କାରଣ ହେଲା :- ଉକ୍ତ ଗ୍ରନ୍ଥ 'ଭାଗବତ-ଦଶମସ୍କନ୍ଧ (ଗୋପଲୀଳା)'ର ଅନ୍ତର୍ଗତ ଏବଂ 'ଗୋପଲୀଳା'ର ବହୁନକଲ ସଂଗ୍ରହ ହୋଇ ପାରିବା ସଙ୍ଗେ ସଙ୍ଗେ ଏହାର ବହୁ ପ୍ରାଚୀନ ପ୍ରତିଲିପି ମଧ୍ୟ ସଂଗୃହୀତ ହୋଇପାରିଛି ।

ରାସ ପଞ୍ଚାଧ୍ୟାୟୀ

ଉକ୍ତ ଗ୍ରନ୍ଥଟି ଓଡ଼ିଆ ଭାଗବତ ଦଶମ ସ୍କନ୍ଧର ୩୦ ରୁ ୩୪ ଓ ସଂସ୍କୃତର ୨୯ ରୁ ୩୩ ଅଧ୍ୟାୟ । କୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣିତ ହୋଇଥିବା ହେତୁ ଅନ୍ୟାନ୍ୟ ସ୍କନ୍ଧମାନଙ୍କ ମଧ୍ୟରେ 'ଦଶମ ସ୍କନ୍ଧ (ଗୋପଲୀଳା)'କୁ ଏବଂ ଦଶମ ସ୍କନ୍ଧର ରାସକ୍ରୀଡ଼ା ସଂପର୍କିତ ଏହି ୫ଟି ଅଧ୍ୟାୟକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି ।

ପ୍ରସିଦ୍ଧି ଦୃଷ୍ଟିରୁ 'ଧର୍ମଗ୍ରନ୍ଥ ଷ୍ଟୋର' 'ଓଡ଼ିଶା କୋହିନୂର ପ୍ରେସ, କଟକ' ଇତ୍ୟାଦି ପ୍ରକାଶକମାନଙ୍କ ଦ୍ୱାରା 'ରାସକ୍ରୀଡ଼ା' ନାମରେ ବହୁ ସଂସ୍କରଣ ଦେଖିବାକୁ ମିଳେ । ଏହା ଦଶମ ସ୍କନ୍ଧ (ଗୋପଲୀଳା) ଅନ୍ତର୍ଗତ ହୋଇଥିଲେ ହେଁ ଏକ ସ୍ୱତନ୍ତ୍ର ଗ୍ରନ୍ଥ ଭାବେ ପ୍ରଚଳିତ ଏବଂ ଏହାର ଅଧ୍ୟାୟକ୍ରମ ଯଥାକ୍ରମେ ୧ମ ରୁ ୫ମ ପର୍ଯ୍ୟନ୍ତ ।

''ରାସ ପଞ୍ଚମଧ୍ୟାୟୀ''(୧) ନାମରେ କେତେକ ତାଳପତ୍ର ପୋଥି ମିଳୁଥିଲେ ହେଁ ଏହା ଅପେକ୍ଷା 'ଦଶମ ସ୍କନ୍ଧ (ଗୋପଲୀଳା)' ର ବହୁ ପ୍ରାଚୀନ ପୋଥି ସଂଗୃହୀତ ହୋଇଥିବାରୁ ଏହାର ପାଠ ନିର୍ଦ୍ଧାରଣ ନିମିତ୍ତ 'ଦଶମ ସ୍କନ୍ଧ (ଗୋପଲୀଳା)'ର ମୁଦ୍ରିତ ପୁସ୍ତକ ଓ ପ୍ରାଚୀନ ପୋଥି ଉପରେ ହିଁ ନିର୍ଭର କରାଯାଇଛି ।

ନିମ୍ନରେ ମୁଦ୍ରିତ ପୁସ୍ତକ ଓ ହସ୍ତ ଲିଖିତ ତାଳପତ୍ର ପୋଥି ସମୂହର ସଂକ୍ଷିପ୍ତ ପରିଚୟ ପ୍ରଦାନ କରଗଲା ।

---

୧. ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥିନଂ - OL412

ପ୍ରାପ୍ୟ ସାମଗ୍ରୀ

ମୁଦ୍ରିତ ପୁସ୍ତକ :- (କ) ରାଧାରମଣ ପୁସ୍ତକାଳୟ, ଧର୍ମଗ୍ରନ୍ଥ ଷ୍ଟୋର ଓ କୋହେନୂର ପ୍ରେସ (କଟକ) ଆଦି ଦ୍ୱାରା ପ୍ରକାଶିତ ପୁସ୍ତକ ଗୋଟିଏ ପୋଥିରୁ ମୁଦ୍ରିତ ହୋଇଥିବାରୁ ସେମାନଙ୍କ ମଧ୍ୟରୁ ରାଧାରମଣ ପୁସ୍ତକାଳୟ ଦ୍ୱାରା ୧୯୭୩ ମସିହାରେ ପ୍ରକାଶିତ ହୋଇଥିବା ପୁସ୍ତକକୁ (କ) ଭାବେ ଗ୍ରହଣ କରାଯାଇଛି ।

(ପ୍ରି) ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ସଂଶୋଧିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ୧୯୧୧ ମସିହାରେ ପ୍ରକାଶିତ ପୁସ୍ତକକୁ (ପ୍ରି) ଭାବେ ଗ୍ରହଣ କରାଯାଇଛି ।

(ର) ରାଜକିଶୋର ଦାସଙ୍କ ଦ୍ୱାରା ସଂପାଦିତ, ୧୯୬୪ ମସିହାରେ ଓଡ଼ିଶା ଜଗନ୍ନାଥ କମ୍ପାନୀ ଦ୍ୱାରା ପ୍ରକାଶିତ ପୁସ୍ତକକୁ (ର) ଭାବରେ ବ୍ୟବହୃତ ହୋଇଛି ।

ହସ୍ତଲିଖିତ ତାଳପତ୍ର ପୋଥି :-

ଓଡ଼ିଶାରେ ଏତେ ପରିମାଣରେ 'ଭାଗବତ' ପୋଥି ସୁଲଭ ଯେ, ସେ ସବୁକୁ ଅନୁସନ୍ଧାନ କରି ଶୁଦ୍ଧ ପାଠ ନିର୍ଣ୍ଣୟ କରିବା ସହଜ ଓ ବୈଜ୍ଞାନିକ ପଦ୍ଧତି ନୁହେଁ । ତେଣୁ ପାଠ ନିର୍ଣ୍ଣୟ ନିମିତ୍ତ ପ୍ରକାଶିତ ପୁସ୍ତକ ଓ ତାଳପତ୍ର ପୋଥି ସମୂହକୁ ପରିସରଭୁକ୍ତ କରାଯିବା ସମ୍ପାଦନାର ନିୟମ ।

ଏହା ପୂର୍ବରୁ ସଂଗୃହୀତ ପୋଥି ସମୂହର ବିସ୍ତୃତ ବିବରଣୀ ଦେବା ଆବଶ୍ୟକ ଏବଂ ନିମ୍ନରେ ତାହା ପ୍ରଦତ୍ତ ହେଲା ।

ପ୍ରାପ୍ୟ ସାମଗ୍ରୀର ବିସ୍ତୃତ ବିବରଣ :- ପ୍ରତ୍ୟେକ ପୋଥିର ଦୁଇପଟେ କାଠପଟୀ ଓ ମଝିରେ କଣା କରାଯାଇ ଡୋର ସାହାଯ୍ୟରେ ବନ୍ଧା ଯାଇଛି । ଉଭୟ ପଟୁ ୧.୮ ସେ.ମି. ରୁ ୪.୨ ସେ.ମି ସ୍ଥାନ ଛଡ଼ାଯାଇ ପୋଥିର ଉଭୟ ପାର୍ଶ୍ୱରେ ବାମରୁ ଡାହାଣକୁ ଲେଖାଯାଇଛି । ଏହି ବଳକା ସ୍ଥାନ ବା ମାର୍ଜିନ୍‌ରେ ପୃଷ୍ଠାସଂଖ୍ୟା ଏବଂ ସ୍ଥଳ ବିଶେଷରେ ଅଧ୍ୟାୟ ସଂଖ୍ୟା ଉଲ୍ଲେଖ କରାଯାଇଛି । କେବଳ ସମ୍ମୁଖ ପୃଷ୍ଠାରେ ପୃଷ୍ଠାସଂଖ୍ୟା ଦିଆଯାଇଛି; ଅର୍ଥାତ୍ ଉଭୟ ପାର୍ଶ୍ୱରେ ଲେଖାଯାଇଥିବା ଗୋଟିଏ ପତ୍ରକୁ ଗୋଟିଏ ପୃଷ୍ଠା ଭାବେ ଗ୍ରହଣ କରାଯାଇଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ

ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ଆକାର, ପ୍ରକାର, ଲିପିକାଳ

(ଅ) ପୋଥିପ୍ରାପ୍ତି :- ଶ୍ରୀ ଦେବେନ୍ଦ୍ର ନାଥ ବରାଳ, ଧଳେଶ୍ୱର, ଲମ୍ବ : - ୩୫.୮ ସେ.ମି : ଓସାର :- ୩.୪ ସେମ.ମି. : ଉଚ୍ଚତା :-୧୦ ସେ.ମି. : ମୋଟ ପୃଷ୍ଠା - ୨୧୧ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା :- ୪ରୁ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା ୨୦ ରୁ ୩୪ ।

ଆରମ୍ଭ :- ୧ମ ପୃଷ୍ଠା ଚିରିଯାଇଛି । ୨ୟ ପୃଷ୍ଠା ଠାରୁ ଅଛି ।

ପୁଷ୍ପିକା :- ଦିବ୍ୟସିଂହ ଦେବ ମହାରାଜାଙ୍କ ୯ ଅଙ୍କ ସନ ୧୨୭୩ ସାଲ ଧନୁମାସ ୨୪ ଦିନ ମାଘ ମାସ କୃଷ୍ଣ ୬ଷ୍ଠୀ ଶୁକ୍ରବାର ।

ଲିପିକାଳ - ଆନୁମାନିକ ୧୮୬୬ ମସିହା ।

(ଇ) ପୋଥି ପ୍ରାପ୍ତି :- ଅଧାପକ ଶ୍ରୀଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଢିଓଳ, ଅନ୍ତରଙ୍ଗ । ଲମ୍ବ :- ୪୧.୫ ସେ.ମି. । ଓସାର :- ୩.୯ ସେ.ମି. । ଉଚ୍ଚତା - ୯.୪ ସେ.ମି. । ମୋଟ ପୃଷ୍ଠା- ୧୮୭ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା- ୪ରୁ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା :- ୨୧ରୁ୨୯ ।

ଲିପିକାଳ :- ମୁକୁନ୍ଦ ଦେବଙ୍କ ୮ ଅଙ୍କ ସ୍ରାହି କକଡ଼ା ୧୦ ଦିନ । ଆନୁମାନିକ ୧୮୮୨ ମସିହା ।

(ଉ) ପୋଥି ପ୍ରାପ୍ତି :- ଅଧାପକ ଶ୍ରୀ ଅନାମ ଚରଣ ସେନାପତି- ଗୋପ । ଲମ୍ବ- ୪୭ ସେ.ମି. । ଓସାର- ୪ ସେ.ମି. । ଉଚ୍ଚତା- ୯.୭ ସେ.ମି. । ମୋଟ ପତ୍ର- ୧୭୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା- ୪ରୁ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା- ୨୫ ରୁ ୩୨ ।

ଲିପିକାଳ- ୭ଅଙ୍କ ସ୍ନ ୧୨୬୬ ସାଲ, କକଡ଼ା ୧୯ ଦିନ - ଆନୁମାନିକ ୧୮୫୯ ମସିହା ।

(ଓ) ପୋଥିପ୍ରାପ୍ତି :- ଅଧିକାରୀ ଶ୍ରୀଗୋପୀନାଥ ଦାସ ଗୋସ୍ୱାମୀ, ବଡ଼ ଓଡ଼ିଆ ମଠ, ପୁରୀ । ଲମ୍ବ - ୫୫.୫ ସେ.ମି. । ଓସାର - ୩.୬ ସେ.ମି. । ଉଚ୍ଚତା - ୨୦.୫ ସେ.ମି. । ମୋଟ ପୃଷ୍ଠା - ୪୧୯ (୧ମ ରୁ ୧୨ଶ ସ୍କନ୍ଧ) । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା - ୧୦ ରୁ ୧୧ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା- ୩୬ ରୁ ୪୨ ।

ଲିପିକାଳ :- ଦିବ୍ୟସିଂହ ଦେବଙ୍କ ୧୭ ଅଙ୍କ ଭାଦ୍ର ଶୁକ୍ଳ ୪ର୍ଥୀ ସୋମବାର । ୧୭୯୩ ମସିହା, ସେପ୍ଟେମ୍ବର ୯, ସୋମବାର[୨] ।

୨. Dr. L.D. Swami Kannu Pillai- "An Indian Ephemeris-" Pub : Sudt. Govt. Press, Madras (1992)-Vol.VI-p-389

(ଖ) ପୋଥିପ୍ରାପ୍ତି :- ଶ୍ରୀ ମଧୁସୂଦନ ପଣ୍ଡା, ହଂସପଡ଼ା । ଲମ୍ବ- ୩୭ ସେ.ମି. । ଓସାର- ୩.୫ ସେ.ମି. । ଉଚ୍ଚତା- ୧୦.୭ ସେ.ମି. । ମୋଟ ପୃଷ୍ଠା- ୧୮୬ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା- ୫ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା- ୩୧ ରୁ ୩୮ ।

ଲିପିକାଳ - ଶ୍ରୀ ରାମଚନ୍ଦ୍ର ଦେବଙ୍କ ୨୩ ଅଙ୍କ ସ୍ନ ୧୨୪୩ ସାଲ ମକର ଦଶ ଦିନ ଶୁକ୍ରବାର । ଆନୁମାନିକ ୧୮୩୬ ମସିହା ।

(ଗ) ପୋଥି ପ୍ରାପ୍ତି - ଶ୍ରୀ ବାଞ୍ଛାନିଧି ପଣ୍ଡା, ଅଣ୍ଡିଆ ସାହି, ନିମାପଡ଼ା । ଲମ୍ବ - ୪୪.୨ ସେ.ମି. । ଓସାର - ୩.୭ ସେ.ମି. । ଉଚ୍ଚତା- ୭ସେ.ମି. । ମୋଟ ପୃଷ୍ଠା- ୧୪୫ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା- ୫ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା- ୨୩ ରୁ ୨୮ ।

ପୃଷ୍ଠା-୧ ଏବଂ ପୃଷ୍ଠା-୨୭ ରୁ ୩୩ - ମୋଟ ୮ ପୃଷ୍ଠା ଚିରି ଯାଇଛି ।

ଲିପିକାଳ - ରାମଚନ୍ଦ୍ର ଦେବଙ୍କ ୭ ଅଙ୍କ ସ୍ନ ୧୨୨୯ ସାଲ ବୃଷ ୨ ଦିନ ସୋମବାର - ଆନୁମାନିକ ୧୮୨୨ ମସିହା ।

(ଚ) ପୋଥି ପ୍ରାପ୍ତି - ଶ୍ରୀ ମଧୁସୂଦନ ପଣ୍ଡା, ହଂସପଡ଼ା । ଲମ୍ବ- ୪୨.୪ ସେ.ମି. । ଓସାର :- ୩.୫ ସେ.ମି. । ଉଚ୍ଚତା- ୮.୭ ସେ.ମି. । ମୋଟ ପୃଷ୍ଠା- ୧୮୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା- ୪ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା :- ୨୪ ରୁ ୩୧ ।

ଲିପିକାଳ :- ବୀର କିଶୋର ଦେବଙ୍କ ୪ଅଙ୍କ ସ୍ନ ୧୨୬୪ ସାଲ କୃଷ୍ଣ ପକ୍ଷ ୫ମୀ ଶନିବାର - ତୁଳା ୪ଦିନ - ଆନୁମାନିକ ୧୮୫୭ ମସିହା ।

(ଛ) ପୋଥି ପ୍ରାପ୍ତି - ରଘୁନନ୍ଦନ ପାଠାଗାର, ପୁରୀ - Cat. No. ୨୦୦. ଲମ୍ବ- ୩୯.୬ ସେ.ମି. । ଓସାର- ୩.୬ ସେ.ମି. । ଉଚ୍ଚତା- ୯.୫ ସେ.ମି. । ମୋଟ ପୃଷ୍ଠା- ୧୮୧ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୩ ରୁ ୩୧ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ଜ) ପୋଥି ପ୍ରାପ୍ତି - ଶ୍ରୀ ମଧୁସୂଦନ ପଣ୍ଡା, ହଂସପଡ଼ା, ଲମ୍ବ-୩୯.୩

ସେ.ମି. । ଓସାର- ୩.୮ ସେ.ମି. । ଉଚ୍ଚତା- ୭.୬ ସେ.ମି. । ମୋଟ ପୃଷ୍ଠା - ୧୬୦ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା - ୪ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୬ ରୁ ୩୧ ।

ଲିପିକାଳ - ସମସ୍ତ ୧୦ ଅଙ୍କ ସ୍ନ ୧୨୭୪ ସାଲ - ଆନୁମାନିକ ୧୮୬୭ ମସିହା ।

(ଞ) ପୋଥି ପ୍ରାପ୍ତି - ଶ୍ରୀ ଗଗନ ଚନ୍ଦ୍ର ମହାନ୍ତି, ଲୋକେଇ ଗୋରଡ଼ା, ରେଞ୍ଜ । ଲମ୍ବ - ୩୫.୨ ସେ.ମି. । ଓସାର - ୩.୩ ସେ.ମି. । ଉଚ୍ଚତା - ୧୨.୨ ସେ.ମି. । ଶବ୍ଦ ସଂଖ୍ୟା ୨୦ ରୁ ୨୫ ।

ପୋଥିର ପୃଷ୍ଠା ସଂଖ୍ୟା - ୮୭ ଅର୍ଥାତ୍ ମାତ୍ର ୧ ପୃଷ୍ଠା ନାହିଁ । ପୋଥି ପୃଷ୍ଠା - ୪୦ ଏବଂ ୧୮୪ ରୁ ୨୦୦; ମୋଟ ୧୮ ପୃଷ୍ଠା ଅନ୍ୟ ହସ୍ତାକ୍ଷର ।

ଲିପିକାଳ - ସମସ୍ତ ବୀର କିଶୋର ଦେବଙ୍କ ଅ୧୦ଙ୍କ ଶ୍ରାହି କନ୍ୟା ଦି୨୧ନ - ୧୭୪୩ ମସିହା , ସେପ୍ଟେମ୍ବର ୨୨, ଗୁରୁବାର[୩] ।

(ଟ) ପୋଥି ପାପ୍ତି - ହରିହର ପାଢ଼ୀ, ସାରଡ଼ା, କୋଣାର୍କ । ଲମ୍ବ - ୪୩ ସେ.ମି. । ଓସାର - ୩.୯ ସେ.ମି. । ଉଚ୍ଚତା - ୯.୮ ସେ.ମି. । ମୋଟ ପୃଷ୍ଠା - ୧୮୧ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୫ ରୁ ୩୦ ।

ଲିପିକାଳ - ମୁକୁନ୍ଦ ଦେବଙ୍କ ଅଙ୍କେଣ । ପଞ୍ଚବିଂଶ ଅଙ୍କ ଏ ଜାଣ । ଶିଶିର ଋତୁ ଏ ପ୍ରମାଣ । ମକର ମାସ ସପ୍ତ ଦିନ - ଆନୁମାନିକ ୧୮୯୭ ମସିହା ।

(ଠ) ପୋଥି ପ୍ରାପ୍ତି - ନୀଳଗିରି ସାହି ମଠ ଗାଦି, ଅଂସାଲୋ । ଲମ୍ବ - ୪୨.୨ ସେ.ମି. । ଓସାର - ୩.୭ ସେ.ମି. । ଉଚ୍ଚତା- ୭.୯ ସେ.ମି. । ମୋଟ ପୃଷ୍ଠା- ୧୫୪ । ପ୍ରତ୍ୟେକ ପୃଷ୍ଠାର ଧାଡ଼ିସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୧୫ ରୁ ୧୯ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

---

୩. Indian Ephemeris-Vol.VI -P.289
ଏବଂ ଡଃ. କୃଷ୍ଣଚରଣ ସାହୁ ଓ ଡଃ. ବଂଶୀଧର ଷଡଙ୍ଗୀ-ସଂପାଦକ 'ରାସ ପଞ୍ଚାଧ୍ୟାୟୀ' ପ୍ରଃ ବୁକ୍ସ ଏଣ୍ଡ ବୁକ୍ସ, କଟକ (୧୯୭୯), ପୃ-(ଘ.ଡ)

(ଡ) ପୋଥି ପ୍ରାପ୍ତି - ଶ୍ରୀ ବାମନ ଚରଣ ମହାନ୍ତି, ଭାଟବନ୍ଧ । ଲମ୍ବ - ୩୪ ସେ.ମି. । ଓସାର - ୩ ସେ.ମି. । ଉଚ୍ଚତା- ୯ ସେ.ମି. । ମୋଟ ପୃଷ୍ଠା - ୧୬୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୫ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୪ ରୁ ୨୮ ।

ଲିପିକାଳ - ଶ୍ରୀ ରାମଚନ୍ଦ୍ରଙ୍କ ସମସ୍ତ ୧୨ ଅଙ୍କ ମିଥୁନ ଦି୧୬ନେ । ଆନୁମାନିକ - ୧୮୨୭ ମସିହା ।

(ଢ) ପୋଥି ପ୍ରାପ୍ତି - ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - Cat. No. ORP - ୭୩୨. ଲମ୍ବ - ୪୦.୮ ସେ.ମି. । ଓସାର - ୩.୭ ସେ.ମି. । ଉଚ୍ଚତା- ୧୧.୫ ସେ.ମି. । ମୋଟ ପୃଷ୍ଠା- ୧୯୮ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା- ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୦ ରୁ ୨୫ । ପୋଥିର ପୃଷ୍ଠା ସଂଖ୍ୟା - ୭ ରୁ ୧୧ ଏବଂ ୧୨୩; ମୋଟ ୧୫ ପୃଷ୍ଠା ନାହିଁ ।

ଲିପିକାଳ- ସମସ୍ତ ବୀରକେଶରୀ ଦେବ ମହାରାଜଙ୍କର ୭ ଅଙ୍କ ସନ ୧୨୬୭ ସାଲ କୁମ୍ଭ ୨୭ ଦିନ ଶୁକ୍ରବାର - ଆନୁମାନିକ ୧୮୫୯-୬୦ ମସିହା ।

(ଣ) ପୋଥି ପ୍ରାପ୍ତି - ଭାଗବତ ଗାଦି, ଲୋକେଇ ଗୋରଡ଼ା, ରେଞ୍ଚ । ଲମ୍ବ - ୩୬.୩ ସେ.ମି. । ଓସାର - ୧୦.୬ ସେ.ମି. । ଉଚ୍ଚତା - ୩.୫ ସେ.ମି. । ମୋଟ ପୃଷ୍ଠା - ୨୦୪ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୦ ରୁ ୨୪ ।

ଲିପିକାଳ - ଶ୍ରୀ ଦିବ୍ୟସିଂହ ମହାରାଜଙ୍କ ସମସ୍ତ ଅ୧୮୦ରଙ୍କ ସ୍ମ ବା୧୨ର ୮୧ ସାଲ ମିଥୁନ ୧୨ ଦିନ ବୁଧବାର ବାରଘଡ଼ି - ଆନୁମାନିକ ୧୮୭୪ ମସିହା ।

(ତ) ପୋଥି ପ୍ରାପ୍ତି - ଉତ୍କଳ ବିଶ୍ୱବିଦ୍ୟାଳୟ - Cat. No- OL/ ୧୭୫. ଲମ୍ବ - ୩୫.୬ ସେ.ମି. । ଓସାର - ୪.୨ ସେ.ମି. । ଉଚ୍ଚତା - ୯.୯ ସେ.ମି. । ମୋଟ ପୃଷ୍ଠା - ୧୭୭ । ପ୍ରତ୍ୟେକ ଧାଡ଼ି ସଂଖ୍ୟା - ୫ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା ୨୧ ରୁ ୨୫ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ଥ) ପୋଥି ପ୍ରାପ୍ତି - ଶ୍ରୀ ପର୍ଶୁରାମ ରାମାନୁଜ ଦାସ, କୁସୁପୁର । ଲମ୍ବ -

୩୬.୫. ସେ.ମି. । ଓସାର - ୩.୧ ସେ.ମି. । ଉଚ୍ଚତା - ୧୨ ସେ.ମି. । ମୋଟ ପୃଷ୍ଠା - ୨୩୫ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା ୫ ରୁ ୪ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୦ ରୁ ୨୫ ।

ଲିପିକାଳ - ଉଲ୍ଲେଖ କରାଯାଇ ନାହିଁ ।

(ଦ) ପୋଥି ପ୍ରାପ୍ତି - ଶ୍ରୀ ଦେବରାଜ ଆଚାର୍ଯ୍ୟ, ଅଣ୍ଡିଆ ଶାସନ, ନିମାପଡ଼ା । ଲମ୍ବ - ୪୩ ସେ.ମି. । ଓସାର - ୪ ସେ.ମି. । ଉଚ୍ଚତା - ୭ ସେ.ମି. । ମୋଟ ପୃଷ୍ଠା ସଂଖ୍ୟା - ୧୨୫ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୫ ରୁ ୭ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୭ ରୁ ୩୫ ।

ଲିପିକାଳ - ଦ୍ୱାରକାଲୀଳା - ପୁଷ୍ପିକା :- ସମସ୍ତ ରାମଚନ୍ଦ୍ରଦେବଙ୍କ ଅଂଶଙ୍କ କନ୍ୟା ୨୬ ଦିନ ଗୁରୁବାର । ଦଶମ ସ୍କନ୍ଧ ବର୍ଷେ ଦୁଇବର୍ଷ ପୂର୍ବରୁ ନକଲ ହୋଇଥିବା ଅନୁମେୟ । ଆନୁମାନିକ - ୧୮୪୬-୪୭ ମସିହା ।

(ଧ) ପୋଥି ପ୍ରାପ୍ତି - ଶ୍ରୀ ସୁଧିର ଚରଣ ମହାନ୍ତି, ଅଂସାଲୋ (ନୀଳଗିରି ସାହି) । ଲମ୍ବ - ୪୬.୯ ସେ.ମି. । ଓସାର - ୩.୪ ସେ.ମି. । ଉଚ୍ଚତା - ୮.୪ ସେ.ମି. । ମୋଟ ପୃଷ୍ଠା - ୧୮୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା ୪ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୩ ରୁ ୨୯ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ପ) ପୋଥି ପ୍ରାପ୍ତି - ବାସୁଦେବ ଗାଦି, ଡେଣୁଅ । ଲମ୍ବ - ୪୦ ସେ.ମି. । ଓସାର - ୩.୮ ସେ.ମି. । ଉଚ୍ଚତା - ୧୨.୭ ସେ.ମି. । ମୋଟ ପୃଷ୍ଠା - ୧୩୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୫ ରୁ ୩୨ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ଫ) ପୋଥି ପ୍ରାପ୍ତି - ଶ୍ରୀ ବାଞ୍ଛାନିଧି ପଣ୍ଡା, ଅଣ୍ଡିଆ ସାହି, ନିମାପଡ଼ା । ଲମ୍ବା - ୪୫.୬ ସେ.ମି. । ଓସାର - ୪.୨ ସେ.ମି. । ମୋଟ ପୃଷ୍ଠା - ୧୬୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୭ ରୁ ୩୧ ।

ଲିପିକାଳ - ସମସ୍ତ ଅଙ୍କ ସ୍ନ ୧୨୬୯ ସାଲେ କକଡ଼ା ଦି ୨୦ନେ ସମବାରେ । ଆନୁମାନିକ - ୧୮୬୨ ମସିହା ।

(ବ) ପୋଥି ପ୍ରାପ୍ତି - ଶ୍ରୀ ଶରତ କୁମାର ସେନାପତି, ଭିଲିଗ୍ରାମ । ଲମ୍ବ - ୪୦.୫ ସେ.ମି. । ଓସାର - ୩.୨ ସେ.ମି. । ଉଚ୍ଚତା - ୧୧.୭ ସେ.ମି. । ମୋଟ ପୃଷ୍ଠା - ୨୨୨ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା ୧୯ ରୁ ୨୫ ।

ଲିପିକାଳ - ଆନୁମାନିକ ୧୮୯୮ ମସିହା ।

(ବି) ପୋଥି ପ୍ରାପ୍ତି - ଅଧିକାରୀ କୃଷ୍ଣଚନ୍ଦ୍ର ଦାସ ଗୋସ୍ୱାମୀ, ରାହାସ ବାଡ଼ି ମଠ, ନିମାପଡ଼ା । ଲମ୍ବ - ୩୩.୫ ସେ.ମି. । ଓସାର - ୪ ସେ.ମି. । ଉଚ୍ଚତା - ୧୧.୨ ସେ.ମି. । ମୋଟ ପୃଷ୍ଠା - ୧୭୦ । ପ୍ରତ୍ୟେକ ଧାଡ଼ି ସଂଖ୍ୟା - ୫ ରୁ ୬ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୬ ରୁ ୩୧ ।

ଲିପିକାଳ - ଶ୍ରୀ ଦିବ୍ୟସିଂହ ଦେବ ମହାରାଜାଙ୍କ ସମସ୍ତ ଅଙ୍କ ସ୍ନ ୧୨୯୩ ସାଲ ଆଷାଢ଼ ଶୁକ୍ଳ ତୃତୀୟା - ଆନୁମାନିକ ୧୮୮୬ ମସିହା ।

(ଭ) ପୋଥି ପ୍ରାପ୍ତି - ଶ୍ରୀ ଗଗନ ଚନ୍ଦ୍ର ଦାସ, ସୁଧ ବାରିମୂଳ, ତୁଳସୀ ପୁର । ଲମ୍ବ - ୪୧.୨ ସେ.ମି । ଓସାର - ୩.୭ ସେ.ମି. । ଉଚ୍ଚତା - ୧୧ ସେ.ମି. । ମୋଟ ପୃଷ୍ଠା - ୨୦୬ । ପ୍ରତ୍ୟେକ ଧାଡ଼ି ସଂଖ୍ୟା - ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୦ ରୁ ୨୬ ।

ଲିପିକାଳ - ଉଲ୍ଲେଖ କରାଯାଇ ନାହିଁ ।

(ମ) ପୋଥି ପ୍ରାପ୍ତି - ଶ୍ରୀ ନିରଂଜନ ଷଡ଼ଙ୍ଗୀ, ବାଲିସାହି, ପହଙ୍ଗା, କଟକ । ଲମ୍ବ - ୩୯.୭ ସେ.ମି. । ଓସାର - ୩.୬ ସେ.ମି. । ଉଚ୍ଚତା - ୧୦.୯ ସେ.ମି. । ମୋଟ ପୃଷ୍ଠା - ୨୧୮ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ପୃଷ୍ଠାର ଶବ୍ଦ ସଂଖ୍ୟା - ୧୭ ରୁ ୨୦ ।

ଲିପିକାଳ - ସ୍ନ ୧୩୩୨ ସାଲ ମାଘ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ । ଆନୁମାନିକ ୧୯୨୫ ମସିହା ।

(ଳ) ପୋଥି ପ୍ରାପ୍ତି - ଶ୍ରୀ ମନମୋହନ ଦାଶ, ତୁଳସୀପୁର । ଲମ୍ବ -

୩୮.୫ ସେ.ମି. ଓସାର - ୩.୫ ସେ.ମି. । ଉଚ୍ଚତା - ୧୦. ୯ ସେ.ମି. । ମୋଟ ପୃଷ୍ଠା - ୨୧୩ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା ୩ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା ୨୪ ରୁ ୨୮ ।

ଲିପିକାଳ - ସମସ୍ତ ୧୧ ଅଙ୍କ ସ୍ୱ ୧୨୩୩ ସାଲ - ଆନୁମାନିକ ୧୮୨୬ ମସିହା ।

(ଶ) ପୋଥି ପ୍ରାପ୍ତି - ବରିମୁଣ୍ଡ (ଗୋପ) ଭାଗବତ ଗାଦି । ଲମ୍ବ - ୪୩ ସେ.ମି. । ଓସାର - ୩.୮ ସେ.ମି., ଉଚ୍ଚତା - ୧୧ ସେ.ମି. । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୯ ରୁ ୩୩ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ଷ) ପୋଥି ପ୍ରାପ୍ତି - କୁଣ୍ଡିସ ଭାଗବତ ଗାଦି, କୁଣେଇ - କୋଣାର୍କ । ଲମ୍ବ - ୪୦.୨ ସେ.ମି. । ଓସାର - ୩.୨ ସେ.ମି. । ଉଚ୍ଚତା - ୯.୮ ସେ.ମି. । ମୋଟ ପୃଷ୍ଠା - ୨୧୯ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୨ ରୁ ୨୪ । ପୋଥିର ପୃଷ୍ଠା ସଂଖ୍ୟା - ୬, ୬୧ ରୁ ୯୪ ଏବଂ ୧୯୯ ରୁ ୨୧୮ ମୋଟ ୫୫ ପୃଷ୍ଠା ନାହିଁ ।

ଲିପିକାଳ - ବୀରଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କ । ସମସ୍ତ --------ଙ୍କ ସ୍ୱ ୧୨୨୩ ସାଲ । ରାସଭ ଦୀ୨୬ନେ । ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ଭୃଗୁ ବାସରେ - ଆନୁମାନିକ ୧୮୮୬ ମସିହା ।

(ସ) ପୋଥି ପ୍ରାପ୍ତି - ମୁରଲୀଧର ଓଝା (ମହାରଣା) । ଓରପଟ (ନୂଆଁଗାଁ, ଆଁପୋର) ଲମ୍ବ - ୪୫.୩ ସେ.ମି. । ଓସାର - ୩.୨ ସେ.ମି. । ଉଚ୍ଚତା - ୬.୮ ସେ.ମି. । ମୋଟ ପୃଷ୍ଠା - ୧୫୮ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା - ୨୪ ରୁ ୩୦ ।

ଲିପିକାଳ - ନଷ୍ଟ ହୋଇଯାଇଛି ।

(ହ) ପୋଥି ପ୍ରାପ୍ତି - ସେଉଳ ସାହି ଗାଦି, ଡିହବାରି । ଲମ୍ବ - ୩୫.୧ ସେ.ମି. । ଓସାର - ୩.୩ ସେ.ମି., ଉଚ୍ଚତା - ୧୨.୪ ସେ.ମି. । ମୋଟ ପୃଷ୍ଠା - ୨୨୯ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୪ ରୁ ୫ । ପ୍ରତ୍ୟେକ ଧାଡ଼ିର ଶବ୍ଦ

ସଂଖ୍ୟା - ୨୧ ରୁ ୨୩ । ଆରମ୍ଭରୁ ୧ମ ପୃଷ୍ଠା ଚିରିଯାଇଛି ଅର୍ଥାତ୍ ୧ମ ଅଧ୍ୟାୟ ୨୯ ଶ ପଦରୁ ଅଛି ।

ଲିପିକାଳ - ସମସ୍ତ ଦଶଅଙ୍କ ୧୦ ସ୍ନ ବାରସ ଚଉ୬୪ସାଲେ ମିଥୁନ ମାସେ ୧୪ ଦିନେ ତିଥି ଯେକାଦଶୀ ବାର ଶୁକ୍ରବାର - ଆନୁମାନିକ ୧୮୬୭ ମସିହା ।

(କ୍ଷ) ପୋଥି ପ୍ରାପ୍ତି - ଅଧିକାରୀ ମୀନକେତନ ଦାସ, ତେଲିଆ ପଡ଼ା ଗାଦି, (ଗାଙ୍ଗି, କଟକ) । ଲମ୍ବ - ୩୧.୫ ସେ.ମି. । ଓସାର -୩.୩ ସେ.ମି. । ଉଚ୍ଚତା - ୧୧.୭ ସେ.ମି. । ମୋଟ ପୃଷ୍ଠା - ୨୩୧ । ପ୍ରତ୍ୟେକ ପୃଷ୍ଠାର ଧାଡ଼ି ସଂଖ୍ୟା - ୩ ରୁ ୪ । ପ୍ରତ୍ୟେକ ଧାଡ଼ିର ଶବ୍ଦ ସଂଖ୍ୟା ୧୫ ରୁ ୨୧ । ଆରମ୍ଭରୁ ୧ମ ଅଧ୍ୟାୟ ।୪୨। ପର୍ଯ୍ୟନ୍ତ ଚିରିଯାଇଛି ।

ଲିପିକାଳ - ନଷ୍ଟ ହୋଇଯାଇଛି ।

ଶୁଦ୍ଧପାଠ ନିମିତ୍ତ ଗୃହୀତ ପାଠର ବୈଶିଷ୍ଟ୍ୟ

(କ) ଲିପି ଜନିତ ବିକୃତି :- ୧) ବନାନ :- ପ୍ରତ୍ୟେକ ପୋଥିରେ ହ୍ରସ୍ୱ 'ଇ', ଦୀର୍ଘ 'ଈ', ହ୍ରସ୍ୱ 'ଉ', ଦୀର୍ଘ 'ଊ', ହ୍ରସ୍ୱ 'ଇ' କାର, ଦୀର୍ଘ 'ଈ' କାର , ହ୍ରସ୍ୱ 'ଉ'କାର, ଦୀର୍ଘ 'ଊ'କାର, 'ଜ', 'ଯ', 'ଶ', 'ଷ' ଓ 'ସ' ଆଦିର ବ୍ୟବହାର ମିଳୁଥିଲେ ହେଁ, କୌଣସି ନିୟମ ପାଳିତ ହୋଇଥିବାର ଦେଖାଯାଏ ନାହିଁ । ମାତ୍ର ପାଠଗ୍ରହଣ ସମୟରେ ଏ ସବୁକୁ ପ୍ରଚଳିତ ବନାନ ଅନୁଯାୟୀ ପରିବର୍ତ୍ତନ କରାଯାଇଛି ଏବଂ ପାଠାନ୍ତରରେ ଯଥା ସମ୍ଭବ ଶୁଦ୍ଧ ବନାନ ବ୍ୟବହାର କରାଯାଇଛି । ସେ ସବୁର କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

(୧) ଇ, ଈ = [illegible]ଈଂ, କରାଈଣ, ଗାଈଙ୍କି ।

(୨) ଉ, ଊ = ଊଠିଲା, ଊଦେ, ଊର୍ମି ।

(୩) 'ି' ଓ 'ୀ' କାର = କରୀବ, କରିବର ।

(୪) 'ୁ' ଓ 'ୂ' କାର = ପୁତୂଳୀ, ରୂଣ୍ଡ, ମୁଢ଼, ଚୁତ ।

(୫) ଜ, ଯ = ଯଗତି, ଯୟ, ଜହିଂ, ଜୋଜନେ ।

(୬) ଶ, ଷ = ଶଣ୍ଢା, ଶୋଳଶହସ୍ର, ଷଵଦ୍ଦ ।

(୭) ଶ, ସ = ବିସ୍ୱ, ଶୁଭାଗୀ, ଶୁଦାମା ।

(୮) ଷ, ସ = ସଡ଼ଜ, ଉଷତ ।

(୯) ପ୍ରଚଳିତ ବନାନ ଓ ପାଠାନ୍ତର ବନାନ - ଅଚେତନ = ଅଚେବନ; ଅନ୍ତର୍ଯ୍ୟାମୀ = ଅନ୍ତଯାମୀ; ଅବସ୍ଥା = ଅବସ୍ତା; ଅମୃତ = ଅମ୍ଭୃତ; ଉତ୍ତର = ଉତର; ଉଦ୍ରେକ = ଉଦେ୍ରକ; ଦାମୋଦର = ଦମୋଦର; ନିତମ୍ବ = ନିସ୍ଥମ୍ବ, ନିସ୍ତମ୍ବ; ନୂପୁର = ନେପୁର; ପୂତନା = ପୂତୁନା, ପୂତନୀ, ପୋତନା; ପୂଷ = ପୂଷ୍ୟ; ବିପରୀତ = ବିପୁରୀତ; ଯେଣ୍ଟେ = ଯେର୍ଣ୍ଟେ; ଶୟନ = ଶ୍ୱୟନ, ଶୋୟନ; ଶରୀର = ଶ୍ୱରୀର; ଶ୍ରବଣେ = ଶର୍ବଣେ; ସଙ୍କର୍ଷଣ = ସକ୍ରିଷେଣ; ସିଂହାସନ = ସିଘାଂସନ ଇତ୍ୟାଦି ।

୨) ଶବ୍ଦ :- ଭାବଗ୍ରାହୀ = ଭାବଭାହୀ; ହୋଇ = ହାଇ; ମିତ୍ର = ମତ୍ର; ଗାଇ = ଗଇ ଇତ୍ୟାଦି ।

କେତେକ ସ୍ଥଳରେ ଗୋଟିଏ ଶବ୍ଦ ଉପରେ ଅନ୍ୟ ଏକ ଶବ୍ଦ ଉଲ୍ଲେଖ ଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ - 'ବିଭା', 'ଜଡ଼ି', 'ଚକ୍ଷୁ', 'ନାହିଂ', 'ପଙ୍କଜ' ଆଦି ଶବ୍ଦ ସମୂହ ଉପରେ ଯଥାକ୍ରମେ 'ଯେହା', 'ଭିଡ଼ି', 'ଧାନ୍ୟ', 'ଯେହି', 'କୁମୁଦ' ଆଦିର ଉଲ୍ଲେଖ ।

୩) ଅକ୍ଷର :- ଗୋଟିଏ ଶବ୍ଦର ଗୋଟିଏ ଅକ୍ଷର ଉପରେ ଅନ୍ୟଏକ ଅକ୍ଷର ଉଲ୍ଲେଖ ଥିବା କେତେକ ପାଠରେ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ :- 'ତାର' ଶବ୍ଦର 'ତା' ଅକ୍ଷର ଉପରେ 'ଯା' ଉଲ୍ଲେଖ ଥାଇ 'ଯାର' ରେ ଏବଂ ସେହିପରି 'ନିତି' ଶବ୍ଦର 'ନି' ଉପରେ 'କ'; 'ଚରି' ଶବ୍ଦର 'ରି' ଉପରେ 'ଳି', 'ବାଇ' ଶବ୍ଦର 'ବା' ଉପରେ 'ଦେ' ର ଉଲ୍ଲେଖ ଥାଇ ଯଥାକ୍ରମେ 'କତି', 'ଚଳି', 'ଦେଇ'ରେ ପରିଣତ ହେବାକୁ ଗ୍ରହଣ କରଯାଇପାରେ ।

୪) ଅକ୍ଷର ଓ ପଦସଂଖ୍ୟାରେ କମ୍ ବେଶୀ :-

କେତେକ କ୍ଷେତ୍ରରେ ଅକ୍ଷର ଓ ପଦସଂଖ୍ୟା ଉଲ୍ଲେଖରେ କମ୍ ବେଶୀ ଥିବା ଜଣାଯାଏ । ଏହି ବିକୃତି ସାଦୃଶ୍ୟ ଓ ଅସାବଧାନତା ହୋଇଥିବା ସୁସ୍ପଷ୍ଟ ।

ଉଦାହରଣ :- (ଅକ୍ଷରକମ୍) - ହୁଅନ୍ତି = ହୋନ୍ତି

ଶୋକକରି = ସୋକରି

ଶିରୀରଙ୍ଗ = ସିରିଙ୍ଗ

(ଅକ୍ଷର ବେଶୀ) - ମାରଣେ = ମାରମାରଣେ

ତୋତେ = ତୋତେତେ

ଛାୟାକାନ୍ତ = ଛାୟାକାକାନ୍ତ

(ପଦସଂଖ୍ୟା - କମ୍) - ୬୫ ପରେ ୨୫

୧୨୦ ପରେ ୧୧୦

୨୪ ପରେ ୧୪

(ବେଶୀ) - ୧୦୮ ପରେ ୧୨୮

୧୩୦ ପରେ ୧୩୨

୬୬ ପରେ ୭୬

(ଖ) ପୁନରାବୃତ୍ତି :- ଲିପିକାରଙ୍କ ଭ୍ରମ ଦୃଷ୍ଟିରୁ କେତେକ ସ୍ଥାନରେ ପାଦ ବା ପାଦସମୂହର ପୁନରାବୃତ୍ତି ହୋଇଥିବା ଦେଖାଯାଏ । ଲିପିକାର; ମୂଳପାଠ ନଷ୍ଟ ହୋଇଥିବାରୁ କିମ୍ବା ପଢ଼ି ନ ପାରିଥିବା ହେତୁ ନକଲ କରୁଥିବା ପାଠର ଅଭ୍ୟାସବଶତଃ ମନେଥିବା କେତେକ ପାଠ ଉକ୍ତ ସ୍ଥାନରେ ଉଲ୍ଲେଖ କରିଥାଆନ୍ତି । ଫଳରେ ପାଠର ପୁନରାବୃତ୍ତି ହୋଇଥିବା ଦେଖାଯାଏ । ନିମ୍ନରେ କେତେକ ଉଦାହରଣ ଲକ୍ଷ୍ୟ କରାଯାଇ ପାରେ । 'ପାଠ ନିର୍ଣ୍ଣୟ ଓ ପ୍ରସ୍ତୁତ ସଂକଳନ ସିଦ୍ଧାନ୍ତ' ଅଧ୍ୟାୟ 'ପୁନରୁକ୍ତି ଦୋଷ ଦୃଷ୍ଟିରୁ' ବିଭାଗରେ ପାଠୋଲ୍ଲେଖ ହୋଇଥିବାରୁ ନିମ୍ନରେ କେବଳ ପୁନରାବୃତ୍ତି ହୋଇଥିବା ପଦସଂଖ୍ୟା ଉଲ୍ଲେଖ କରାଗଲା ।

(ଖ) ୩୦/୪୮-୨ = ୩୦/୪୫-୨

୩୧/୭୧-୧ = ୩୧/୭୪-୧

(ଗ) ୩୦/୪୪-୨ = ୩୦/୬୦-୨

୩୦/୮୦-୨ = ୩୦/୮୩-୨

୩୨/୩୫-୨ = ୩୨/୬୬-୨

(ଓ) ୩୦/୪୮-୨ = ୩୦/୪୫-୨

୩୦/୫୪ = ୩୦/୫୦

(ଢ) ୩୦।୫୧-୨ = ୩୦।୫୫-୨

୩୦।୮୦-୨ = ୩୦।୧୬୯-୨

୩୨।୭୩-୨ = ୩୨।୪୭-୨

୩୨।୭୪-୨ = ୩୧।୮୬-୨

୩୩।୨୭-୨ = ୩୩।୩୪-୨

ସଂକୀର୍ଣ୍ଣ ସମ୍ବନ୍ଧ ଓ ପରିବାର ନିର୍ଣ୍ଣୟ

ଜଗନ୍ନାଥ ଦାସଙ୍କ ସମୟ ଅର୍ଥାତ୍ ୧୬ଶ ଶତାବ୍ଦୀ ବେଳକୁ ମୁଦ୍ରାଯନ୍ତ୍ରର ଆବିଷ୍କାର ହୋଇ ନ ଥିଲା । ସେ ସମୟରେ ତାଳପତ୍ରରେ ଲେଖିବା ଥିଲା ଓଡ଼ିଶାର ପରମ୍ପରା । କିନ୍ତୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ହେତୁ ତାଳପତ୍ରରେ ଲିପିବଦ୍ଧ ପ୍ରାଚୀନ ସାହିତ୍ୟ ସମ୍ପୂର୍ଣ୍ଣ ରୂପେ ଅକ୍ଷୁଣ୍ଣ ରହିବା ସମ୍ଭବ ନୁହେଁ ।

ପ୍ରାଚୀନ କବିମାନଙ୍କର ହାତଲେଖା ସାଇତି ରଖିବା ପରମ୍ପରା ମଧ୍ୟ ଆମର ନାହିଁ । ତେଣୁ ଜଗନ୍ନାଥ ଦାସଙ୍କ ହାତଲେଖା ପୋଥି ଦୀର୍ଘ ସମୟର ବ୍ୟବଧାନ ପରେ ଆଶା କରିବା ବୃଥା । ବର୍ତ୍ତମାନ ସଂଗୃହୀତ ପୋଥି ସମୂହ ମୂଳଲେଖା ନକଲର ୩/୪ ଟି ପରମ୍ପରାର ନକଲ । ସାଧାରଣତଃ କୌଣସି କାବ୍ୟ ପୁରାଣ ବା ସାହିତ୍ୟର ମୂଳଲେଖା ନଷ୍ଟ ହୋଇ ଆସିଲେ, ତାହା ନକଲ ହୋଇଥାଏ ଏବଂ ଯେଉଁ ରଚନା ପ୍ରସିଦ୍ଧି ଅର୍ଜନ କରିଥାଏ, ତାହାର ନକଲ ମଧ୍ୟ ବହୁ ପରିମାଣରେ କରାଯାଇଥାଏ । ଏହି ନକଲ କାର୍ଯ୍ୟ ଗୋଟିଏ ନକଲରୁ ଆଉ ଗୋଟିଏ ନକଲ ଓ ସେଥିରୁ ଅନ୍ୟ ଏକ ନକଲ; ଏହି ପରି ଯେତେ ଅଧିକ ନକଲ ହେଉଥାଏ, ମୂଳ ଲେଖାଠାରୁ ଲିପିକାରଙ୍କ ଭ୍ରମ ଆଦି ବହୁ କାରଣରୁ ତାହା ସେତେ ଦୂରବର୍ତ୍ତୀ ହୋଇପଡ଼େ । କିନ୍ତୁ ମୂଳଲେଖା ବା ଶୁଦ୍ଧପାଠ ନିର୍ଣ୍ଣୟ ହେଉଛି ସଂପାଦନାର ଲକ୍ଷ୍ୟ । ସ୍ଥଳବିଶେଷରେ ମୂଳପାଠ ନିର୍ଣ୍ଣୟ

ସନ୍ଦେହପୂର୍ଣ୍ଣ ହେଲେ; ଲେଖକ ଅନ୍ତତଃ କ'ଣ ଲେଖିଥାଇ ପାରନ୍ତି, ତାହା ନିର୍ଣ୍ଣୟ କରିବା ମଧ୍ୟ ସଂପାଦନାର ଅନ୍ୟତମ ଲକ୍ଷ୍ୟ[୪] ।

ସଂଗୃହୀତ ସମସ୍ତ ପୋଥି ଓ ପ୍ରକାଶିତ ପୁସ୍ତକ ସମୂହର ପାଠସବୁ ମେଳାଯାଇ ଶୁଦ୍ଧପାଠ ନିର୍ଣ୍ଣୟ କରିବା ବହୁ ସମୟ ସାପେକ୍ଷ ଓ ଅବୈଜ୍ଞାନିକ । ତେଣୁ ସଂଗୃହୀତ ଉପାଦାନର ପରିବାର ନିର୍ଣ୍ଣୟ କରିବା ସଂପାଦନାର ବିଧି । "ରାସ ପଞ୍ଚାଧ୍ୟାୟୀ" ସଂପାଦନା ବେଳେ 'ଦଶମ ସ୍କନ୍ଧ (ଗୋପଲୀଳା)' ଉପରେ ନିର୍ଭର କରି କେବଳ ପ୍ରଥମ ଅଧ୍ୟାୟଟିକୁ ପାଠସହ ମେଳାଯାଇ ପରୀକ୍ଷା କରାଯାଉଛି । ପ୍ରଥମ ଅଧ୍ୟାୟର ପ୍ରତ୍ୟେକ ପଦକୁ ସ୍ୱତନ୍ତ୍ର ଭାବରେ ରଖାଯାଇ ତା ସହିତ ଉଲ୍ଲିଖିତ ପାଠାନ୍ତର ସବୁର ତୁଳନାତ୍ମକ ବିଚାରଦ୍ୱାରା ଉପାଦାନ ସମୂହର ପରୀକ୍ଷା କରାଯାଇଛି[୫] ।

ଲିପିଜନିତ ବିକୃତି ସାମ୍ୟ, ପୁନରାବୃତ୍ତିଜନିତ ସାମ୍ୟ, ପ୍ରକ୍ଷେପ ସାମ୍ୟ ଓ ଅନ୍ୟାନ୍ୟ ସାମ୍ୟ ଆଦି ସଂକୀର୍ଣ୍ଣ ସଂବନ୍ଧ ଦ୍ୱାରା ସଂଗୃହୀତ ଉପାଦାନ ସମୂହର ପରିବାର ନିର୍ଣ୍ଣୟ କରାଯାଇଛି । ନିମ୍ନରେ ଏହା ସୂଚନାତ୍ମକ ଭାବେ ପ୍ରଦତ୍ତ ହେଲା ।

(୧) ଞ, ଅ - (ଞ) ପରିବାର ।

(୨) କ, ଜ, ଥ, ମ, ସ - (କ) ପରିବାର ।

(୩) ଖ, ଚ, ଣ, ଇ, ଟ, ଛ, ଡ - (ଖ) ପରିବାର

(୪) ଗ, ଉ, କ୍ଷ, ଠ, ଢ - (ଗ) ପରିବାର ।

(୫) ର, ଭ, ଓ, ତ - (ଲ) ପରିବାର ।

(୬) ଲ, ବ - (ଲ) ପରିବାର ।

(୭) ପ୍ରି, ହ, ଶ - (ପ୍ରି) ପରିବାର ।

---

4. "When the Constututed reading of the critical recension is doubtful, it would be better to present in the text something he could not," -S. M. Katre - "Introduction to Indian Textual Criticism" - Pub: Deccan College Post-Graduate and Research Institute. Poona- (1954)-Chap. VII- P.73.
5. "In the case of a poetical text the single stanza may be taken as a unit and some good Ms. or a reliable edition taken as the standard and this may be written syllable by syllable in properly divided squares on a single sheet of paper at hte head. Deviation from this may then be indicated in the corresponding squares." -Dr. S. M. Katre- "Introduction to Indian Textual Criticism". -Chap.-III, P-31.

(ଗ) ଅପେକ୍ଷାକୃତ ପ୍ରାଚୀନ ପୋଥି ହୋଇଥିଲେ ହେଁ ଏହା (ଝ) ଓ (କ)ର ମିଶ୍ରିତ ପାଠ ଏବଂ ଏହାର ବହୁପତ୍ର ନଷ୍ଟ ହୋଇଯାଇ ଥିବାରୁ ଗୃହୀତ ହୋଇ ନାହିଁ। ସେହିପରି (ଦ)(ଧ)(ପ)(ଫ)ର ପାଠ; (ଷ) ପରିବାର ପାଠର ନକଲ ହୋଇଥିବାରୁ ଶୁଦ୍ଧପାଠ ନିମିତ୍ତ (ଝ) ଓ (କ) ପାଠକୁ ଗ୍ରହଣ କଲେ (ଷ) (ଦ) (ଧ) (ପ) (ଫ) ପାଠ ର ଆବଶ୍ୟକତା ଅନୁଭୂତ ହୁଏ ନାହିଁ ।

(ବି) ବିପ୍ର ଜାନକୀ ବଲ୍ଲଭ ୧୭୫୨-୫୩ ମସିହାରେ[୬] ଜଗନ୍ନାଥ ଦାସଙ୍କ 'ଭାଗବତ'କୁ ସଂଶୋଧନ କରିବାକୁ ଯାଇ ଏହାର କେତେକ ପଦ ସହିତ ସ୍ୱରଚିତ କେତେକ ପଦ ମିଶାଇ ଅନ୍ୟ ଏକ 'ଭାଗବତ' ରଚନା କରିଥିବା ଜଣାଯାଏ । କାରଣ ଅଧ୍ୟାୟ ବିଭାଜନରେ ଜାନକୀ ବଲ୍ଲଭ ମୂଳ ସଂସ୍କୃତକୁ ଅନୁସରଣ କରିଥିଲେ ହେଁ, ସଂସ୍କୃତରେ ନ ଥାଇ ଜଗନ୍ନାଥ ଦାସଙ୍କ ଭାଗବତରେ ଥିବା କେତେକ ପଦକୁ ନିଜ ଭାଗବତରେ ଗ୍ରହଣ କରିଛନ୍ତି । (ଉ:- ଶୁଦ୍ଧପାଠ- ରାସ ପଞ୍ଚାଧ୍ୟାୟୀ- ୩୦ଶ ଅଧ୍ୟାୟ, ପଦ- ୫୩) । ଜଗନ୍ନାଥ ଦାସ ପରିହାର କରିଥିବା କେତେକ ଶ୍ଳୋକର ଅନୁବାଦ ବିପ୍ର ଜାନକୀ ବଲ୍ଲଭ ନିଜ ଭାଗବତରେ ସଂଯୋଗ କରିଛନ୍ତି । (ଉ:- ମୂଳ ସଂସ୍କୃତ ୨୯ଶ ଅଧ୍ୟାୟ -୨ୟ ଓ ୪ର୍ଥ ଶ୍ଳୋକ) । ଅନ୍ୟ କେତେକ କ୍ଷେତ୍ରରେ ସଂସ୍କୃତ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ନ ଥିବା କେତେକ ପଦ ବିପ୍ର ଜାନକୀ ବଲ୍ଲଭଙ୍କ ପାଠରେ ଦେଖିବାକୁ ମିଳେ । (ଉ:- ଜାନକୀ ବଲ୍ଲଭଙ୍କ ପାଠ- ୨୯ଶ ଅଧ୍ୟାୟ, ପଦ-୪୬- ବ୍ରଜ କାମିନୀ ପ୍ରେମ ନଦୀ । ବାଲିରେ ସେ କି ହେବ ବାନ୍ଧି(।।) ଏତଦ୍ ବ୍ୟତୀତ ସଂସ୍କୃତ ୨୯ଶ ଅଧ୍ୟାୟର ୧୧ଟି ଶ୍ଳୋକ ଅନୁବାଦକୁ ପରୀକ୍ଷା କରି ଜଣାଯାଏ ଯେ ବିପ୍ର ଜାନକୀ ବଲ୍ଲଭଙ୍କ ପାଠ ନିର୍ଭର ଯୋଗ୍ୟ ନୁହେଁ[୭] । ତେଣୁ ଶୁଦ୍ଧପାଠ ନିର୍ଣ୍ଣୟରେ ଏହି ପାଠକୁ ଗ୍ରହଣ କରାଯାଇ ନାହିଁ ।

---

୬. ଶ୍ରୀ ନୀଳମଣି ମିଶ୍ର- ''ଓଡ଼ିଆ ଭାଗବତ ଓ ସଂଶୋଧନ ବିପ୍ରଜାନକୀ ବଲ୍ଲଭ'' କୋଣାର୍କ- ୩ୟ ବର୍ଷ, ୧ମ ଓ ୨ୟ ସଂଖ୍ୟା (୧୯୬୪) - ପୃ-୭୩ ।

୭. ଡ. କୃଷ୍ଣଚରଣ ସାହୁ ଓ ଡଃ. ବଂଶୀଧର ଷଡଙ୍ଗୀ- 'ରାସ ପଂଚାଧ୍ୟାୟୀ' ପୃ.୧୮୫-୧୯୦ ।

'ରାସ ପଞ୍ଚାଧ୍ୟାୟୀ' ଅଧିକା ପଦର ବିଚାର

(ବ୍ୟବହୃତ ପଦସଂଖ୍ୟା ପାଠାନ୍ତରରେ ସୂଚିତ ଅଧିକା ପଦର କ୍ରମିକ ସଂଖ୍ୟା ।)

୧। କେବଳ ଗୋଟିଏ ପାଠରେ ଥିବା ନିମ୍ନଲିଖିତ ପଦସମୂହକୁ ଶୁଦ୍ଧପାଠରେ ଗ୍ରହଣ କରଯାଇ ନାହିଁ । ଏହି ପଦସବୁ ଗୃହୀତ ନହେବା ଦ୍ୱାରା ପ୍ରସଙ୍ଗ କ୍ରମରେ କୌଣସି ବାଧା ସୃଷ୍ଟି ହେଉ ନାହିଁ ।

୩୦ଶ ଅଧ୍ୟାୟ - ୧୭ ଏବଂ ୧୮ ।

୩୧ଶ ଅଧ୍ୟାୟ - ୧୯ ରୁ ୨୨ ଏବଂ ୨୭ ରୁ ୨୮ ।

୩୨ଶ ଅଧ୍ୟାୟ - ୪୦ ଏବଂ ୪୨ ରୁ ୪୯ ।

୩୩ଶ ଅଧ୍ୟାୟ - ୫୦ ।

୨। କେବଳ ଗୋଟିଏ ପାଠରେ ଥାଇ ପୁନରାବୃତ୍ତି ହେତୁ ଗୃହୀତ ହୋଇ ନ ଥିବା ପଦସମୂହ ନିମ୍ନରେ ପ୍ରଦତ୍ତ ହେଲା । ଏହା ବାଦ୍ ଦେବାଦ୍ୱାରା ପ୍ରସଙ୍ଗକ୍ରମରେ ବ୍ୟାଘାତ ସୃଷ୍ଟି ହେଉ ନାହିଁ ।

୩୦ଶ ଅଧ୍ୟାୟ :- ୧୬ = ଶୁଦ୍ଧପାଠର ୩୦।୧୮୩ ।

୩୧ଶ ଅଧ୍ୟାୟ :- ୨୩ = ଶୁଦ୍ଧପାଠର ୩୧।୨୩ ।

୨୪ = ଶୁଦ୍ଧପାଠର ୩୧।୩୮ ।

୩୨ଶ ଅଧ୍ୟାୟ :- ୪୩ = ଶୁଦ୍ଧପାଠର ୩୨।୨୩ ।

୩। ନିମ୍ନ ଲିଖିତ ପଦସମୂହ ପ୍ରାଚୀନ ପୋଥି (ଙ) ରେ ନାହିଁ । ଏହି ପଦସମୂହକୁ ବାଦ୍ ଦେଲେ ପ୍ରସଙ୍ଗ କ୍ରମରେ ବାଧା ସୃଷ୍ଟି ହେଉ ନାହିଁ ।

୩୦ଶ ଅଧ୍ୟାୟ :- ୧ ରୁ ୬ ଏବଂ ୯ ରୁ ୧୩ ।

୩୨ଶ ଅଧ୍ୟାୟ :- ୪୧

୩୪ଶ ଅଧ୍ୟାୟ :- ୫୧

୪। ନିମ୍ନ ଲିଖିତ ପଦସମୂହ ଏକାଧିକ ପାଠରେ ନାହିଁ । ଏହା ବାଦ୍‌ଦେଲେ ପ୍ରସଙ୍ଗକ୍ରମରେ ବିଘ୍ନ ଆସୁନାହିଁ ।

୩୦ଶ ଅଧ୍ୟାୟ :- ୭, ୮, ୧୪, ଏବଂ ୧୫ ।

୩୧ଶ ଅଧ୍ୟାୟ :- ୨୫, ୨୬ ଏବଂ ୩୯ ।

'ରାସ ପଞ୍ଚାଧ୍ୟାୟୀ'ରେ 'ନଥିବା' ପଦର ବିଚାର

(ବ୍ୟବହୃତ ପଦସଂଖ୍ୟା ଶୁଦ୍ଧପାଠର କ୍ରମିକ ସଂଖ୍ୟା)

୩୦ଶ ଅଧ୍ୟାୟ :-

(୧) ।୪୩। ପଦଟି (କ) ପାଠରେ ନ ଥିଲେ ସୁଦ୍ଧା ପ୍ରାଚୀନ ପୋଥି (ଙ) ସମେତ ସମସ୍ତ ପୋଥି ଏବଂ ମୂଳ ସଂସ୍କୃତ ୨୯ଶ ଅଧ୍ୟାୟ ୬ଷ୍ଠ ଶ୍ଳୋକ (''ପାୟୟନ୍ତ୍ୟଃ ଶିଶୂନ୍ ପୟଃ'') ରେ ଥିବାରୁ ଏହା ମୂଳପାଠ; ତେଣୁ ଗୃହୀତ ହେଲା ।

(୨) ।୪୬। ରୁ ।୫୮। - ଏହି ୧୨ ପଦ (ଗ) ପୋଥିରେ ନାହିଁ । କେବଳ ।୫୩। ପଦଟି (ଙ) ରେ ନାହିଁ ।

(ଙ) ପାଠର କ୍ରମ ଅନୁସାରେ ।୫୨। ଓ ।୫୪। କୁ ଗ୍ରହଣ କରି ।୫୩।କୁ ଗ୍ରହଣ ନ କଲେ ପ୍ରସଙ୍ଗକ୍ରମରେ ବାଧା ସୃଷ୍ଟି ହେବ । ତେଣୁ ।୫୩। ପଦଟି ଲିପିକାରଙ୍କ ଭ୍ରମରୁ ହେଉ ବା ନକଲ ହୋଇଥିବା ପୋଥିରେ ନଷ୍ଟ ହୋଇଥିବା ହେତୁ ହେଉ; ତାହା (ଙ) ପୋଥିରେ ଉଲ୍ଲିଖିତ ହୋଇ ନାହିଁ । ତେଣୁ ।୫୩। ପଦଟି ଗ୍ରହଣ କରାଗଲା ।

।୪୬। ରୁ ।୫୮। ପଦ ସଂସ୍କୃତ ୨୯ଶ ଅଧ୍ୟାୟ ।୬। ଓ ।୭। ଶ୍ଳୋକର ଅନୁବାଦ ଏବଂ ସେହି ପଦସମୂହ ପ୍ରାଚୀନ ପୋଥି (ଙ) ସମେତ ସବୁପାଠରେ ଥିବାରୁ; (ଗ) ପାଠ ନକଲ ସମୟରେ ତାହା ନଷ୍ଟ ହୋଇ ଯାଇ ଥିବା କିମ୍ବା ଲିପିକାର ଭ୍ରମବଶତଃ ନକଲ କରି ନ ଥିବା - ଜଣାଯାଏ । ତେଣୁ ଏହି ୧୨ ପଦ ଗୃହୀତ ହେଲା ।

(୩) ।୯୧। ରୁ ।୯୩। - ଏହି ୩ ପଦ ପ୍ରାଚୀନ ପୋଥି (ଙ)ରେ ନ ଥିଲେ ମଧ୍ୟ ଅନ୍ୟ ସମସ୍ତ ପାଠରେ ଥାଇ ସଂସ୍କୃତ ଶ୍ଳୋକ- ୧୩ ଓ ୧୪ ଅନୁଯାୟୀ ହୋଇଥିବାରୁ ଏବଂ ଏହାକୁ ଗ୍ରହଣ ନ କଲେ ।୮୬।-।୮୭। ପଦରେ ପରୀକ୍ଷିତ ପଚାରିଥିବା ପ୍ରଶ୍ନର ଉତ୍ତର ପ୍ରସଙ୍ଗରେ ବାଧା ସୃଷ୍ଟି ହେଉଥିବାରୁ ଏହି ୩ ପଦ ଶୁଦ୍ଧପାଠରେ ଗ୍ରହଣ କରାଗଲା ।

(୪) ।୨୧୩। ରୁ ।୨୧୮। ପଦ (ଖ) ରେ ନାହିଁ ଓ କେବଳ ।୨୧୬। ପଦଟି (ଙ) ରେ ନାହିଁ । ଏହି ୬ପଦ ସଂସ୍କୃତ ଶ୍ଳୋକ- ୩୬ ରୁ ୩୮ ଅନୁଯାୟୀ ହୋଇଥିବାରୁ ଓ ଏହି ପଦ ସମୂହରେ ଗୋପୀମାନଙ୍କର ଅନୁରକ୍ତି (''ତୋହୋର

ପାଦର ତୁଳସୀ । ମାଳା କରିବୁ ବ୍ରହ୍ମରାଶି ।୨୧୫।'') ପ୍ରକଟିତ ହୋଇଥିବାରୁ ଏହାକୁ ଗ୍ରହଣ ନ କଲେ ପ୍ରସଙ୍ଗକ୍ରମରେ ବାଧା ସୃଷ୍ଟି ହେବ; ତେଣୁ ଗୃହୀତ ହେଲା ।

(୫) ।୨୨୨। ରୁ ।୨୨୩। ଓ ।୨୩୧। (ଗ) ରେ ନାହିଁ । ଏହି ପଦସମୂହ ଯଥାକ୍ରମେ ଶ୍ଳୋକ- ୩୯ ରୁ ୪୧ ଓ ୪୪ କୁ ଅନୁସରଣ କରିଥିବା ସଙ୍ଗେ ସଙ୍ଗେ ପ୍ରାଚୀନ ପୋଥି (ଛ) ରେ ଅଛି । ପୁନଶ୍ଚ ।୨୨୨। ରେ କୃଷ୍ଣ ରୂପର ପରାକାଷ୍ଠା ପ୍ରକାଶିତ ହୋଇଛି ଏବଂ ।୨୩୧। କୁ ଗ୍ରହଣ ନ କଲେ ପ୍ରସଙ୍ଗ କ୍ରମରେ ବାଧା ଆସୁଛି । ଏଣୁ ଏହା ଲିପିକାରଙ୍କ ଭ୍ରମ ବୋଲି ଜଣାଯାଉଥିବାରୁ ଏହି ୩ ପଦକୁ ଶୁଦ୍ଧପାଠରେ ଗ୍ରହଣ କରାଗଲା ।

(୬) ।୨୫୦। କେବଳ (ଳ) ପାଠରେ ନାହିଁ । ଏହି ପଦଟି ପ୍ରାଚୀନ ପୋଥି (ଛ) ସମେତ ସମସ୍ତ ପାଠରେ ଥିବାରୁ ଓ ପ୍ରସଙ୍ଗାନୁଯାୟୀ ହୋଇଥିବାରୁ ଗୃହୀତ ହେଲା ।

୩୧ଶ ଅଧ୍ୟାୟ :-

(୧) ।୫୫।-।୫୬। (ଛ) ରେ ଏବଂ ।୫୬।-।୫୭। (ଗ)ରେ ନାହିଁ । ।୫୫।ରୁ ।୫୭।- ୩ପଦ ମୂଳ ସଂସ୍କୃତ ୩୦ଶ ଅଧ୍ୟାୟର ଶ୍ଳୋକ- ୧୩ ଓ ଶ୍ଳୋକ- ୧୪ କୁ ଅନୁସରଣ କରିଛି ।

ଶ୍ଳୋକ:- ୧୩:-

ଗୃଚ୍ଛ ତେମା ଲତା ବାହ୍ୱନପ୍ୟାଶ୍ଳିଷ୍ଟା ବନସ୍ପତେଃ ।
ନୂନଂ ତତ୍‌କରଜସଜସୃଷ୍ଟା ବିଭ୍ରତ୍ୟୁତ୍ ପୁଲକାନ୍ୟହେ ॥

ଶୁଦ୍ଧପାଠ:- ପୁଣି ବୋଲନ୍ତି ବୃକ୍ଷ ଟାହିଁ । ମାଳତୀ ତାର ଦେହେ ଥାଇ । ।୫୫।
ପୁଲକ ହୋଇ ତା ଉପର । ଯେଣୁ ଲାଗିଲା କୃଷ୍ଣକର ।୫୬।

୧୩ଶ ଶ୍ଳୋକର ''ତତ୍ କରଜ ସୃଷ୍ଟା'' ସ୍ଥାନରେ ୫୬-୨ରେ ''କୃଷ୍ଣ କର'' ହୋଇଛି । ସେହିପରି ୮ମ ଶ୍ଳୋକରେ ''କରସ୍ପର୍ଶେନ ମାଧବଃ'' ସ୍ଥାନରେ ଶୁଦ୍ଧପାଠ -''କୃଷ୍ଣର ନଖ-କ୍ଷତ ଲାଗି'' (୩୫-୧) ହୋଇଛି । ଏହି ପରିବର୍ତ୍ତନ ଜଗନ୍ନାଥ ଦାସ ଜ୍ଞାତସାରରେ କରିଥିବା ଜଣାଯାଏ । ତେଣୁ ।୫୫। ଓ ।୫୬। କୁ ଗ୍ରହଣ ନ କଲେ ଏହି ବୈଶିଷ୍ଟ୍ୟ ଅଜ୍ଞାତ ରହିଯିବ ।

ଶ୍ଳୋକ:- ୧୪:-

ଇତ୍ୟୁନ୍ମତ୍ତ ବଚୋଗୋପ୍ୟଃ କୃଷ୍ଣାନ୍ୱେଷଣ କାତରାଃ ।
ଲୀଳା ଭଗବତସ୍ତାସ୍ତା ହ୍ୟନୁଚକ୍ରୁସ୍ତଦାତ୍ମିକାଃ ॥
ଶୁଦ୍ଧପାଠ:- ଯେମନ୍ତେ ହୋଇ ଉନମତ୍ତ । କୃଷ୍ଣର ପାଦେ ଦେଇ ଚିତ୍ତ ।୫୭।

ଶ୍ଳୋକ-୧୪ର ''ଇତ୍ୟୁନ୍ମତ୍ତ'' ଓ ''ତଦାତ୍ମିକାଃ''ର ଭାବ ।୫୭। ପଦରେ ସ୍ପଷ୍ଟ ହୋଇଛି ।

ଉପରୋକ୍ତ ବିଶ୍ଳେଷଣରୁ ଜଣାଗଲା ଯେ ।୫୫। ରୁ ।୫୭। ମୂଳ ସଂସ୍କୃତ ଓ ପ୍ରସଙ୍ଗାନୁସାରୀ; ତେଣୁ ଗୃହୀତ ହେଲା ।

(୨) ।୬୭।-।୬୮। କେବଳ (ଖ) ପୋଥିରେ ନାହିଁ । ଏହି ୨ପଦ, ପ୍ରାଚୀନ ପୋଥି (ଙ) ସମେତ ସମସ୍ତ ପାଠରେ ଅଛି । ୧୭ଶ ଶ୍ଳୋକର ବତ୍ସାସୁର ମାରିବା ପ୍ରସଙ୍ଗ ।୬୯। ରେ ଅଛି ଏବଂ ।୬୮-୨। 'ବୁଲାଇ ପିଟିଲା ବୃକ୍ଷରେ' ଦ୍ୱାରା ବତ୍ସାସୁରକୁ ବୃକ୍ଷରେ ପିଟି ମାରିବା ପ୍ରସଙ୍ଗ ସ୍ପଷ୍ଟ ହେଉଛି । ।୬୮।କୁ ଗ୍ରହଣ କରି ।୬୭।କୁ ନ କଲେ ।୬୬। ସହିତ ।୬୮। ର ସଂଯୋଗ ରକ୍ଷା ହୋଇ ପାରୁ ନାହିଁ । ଏହି ପରୀକ୍ଷାରୁ ଜଣାଗଲା ଯେ ।୬୭। ଓ ।୬୮। ମୂଳପାଠ; ତେଣୁ ଗ୍ରହଣ କରାଗଲା ।

(୩) ।୭୩। କେବଳ (ଙ)ରେ ନାହିଁ । ।୭୩।-।୭୪।, ମୂଳ ଶ୍ଳୋକ-୧୯କୁ ଅନୁସରଣ କରିଛି । ।୭୪। 'ଚାଲିବା' ପ୍ରସଙ୍ଗ; ।୭୩। କୁ ଗ୍ରହଣ ନ କଲେ ବାଧାପ୍ରାପ୍ତ ହେଉଛି । ତେଣୁ ।୭୩। ଗୃହୀତ ହେଲା ।

ଶ୍ଳୋକ-୧୯:-

କସ୍ୟାଂଚିତ୍ ସ୍ୱଭୁଜଂ ନ୍ୟସ୍ୟ ଚଲନ୍ତ୍ୟାହାପରାନନୁ ।
କୃଷ୍ଣୋଽହଂ ପଶ୍ୟତ ଗତିଂ ଲଳିତାମିତି ତନ୍ମନାଃ ॥
ଶୁଦ୍ଧପାଠ: ଯେକଇ କନ୍ଧେ ଦେଇ ହସ୍ତ । ଚାଲଇ ଯେହ୍ନେ ଗୋପୀନାଥ ।୭୩।
ବୋଲଇ ମୁହିଂ ବେଣୁ ଧର । ଦେଖଲୋ ଚାଲଇ ସୁନ୍ଦର ।୭୪।

(୪) ।୭୫। ରୁ ।୭୮। ଚାରିପଦ କେବଳ (ଙ) ରେ ନାହିଁ । ଏହା ସଂସ୍କୃତ ଶ୍ଳୋକ-୨୦ ଅନୁଯାୟୀ କୃଷ୍ଣଙ୍କ ବାଲ୍ୟଲୀଳାକାର ଅନ୍ୟତମ ବିଶିଷ୍ଟ ଘଟଣା 'ଗିରି ଗୋବର୍ଦ୍ଧନ ଧାରଣ' ତଥା 'ଇନ୍ଦ୍ର ଦର୍ପଗଞ୍ଜନ' ପ୍ରସଙ୍ଗକୁ ବ୍ୟକ୍ତ କରୁଛି । ତେଣୁ ପ୍ରସଙ୍ଗକ୍ରମ ଓ ଅନ୍ୟ ପାଠ ସବୁରେ ଥିବା ହେତୁ ଏହି ୪ ପଦକୁ ଗ୍ରହଣ କରାଗଲା ।

(୫) ।୮୨। ରୁ ।୮୫। କେବଳ (ଙ)ରେ ନାହିଁ । ଏହା ମୂଳ ଶ୍ଳୋକ- ୨୨ ଓ ୨୩ କୁ ଅନୁସରଣ କରିଛି । ଅନ୍ୟ ସମସ୍ତ ପାଠରେ ଥାଇ 'ଅନଳ ନିବାରିବା', 'ଲବଣୀ ଚୋରାଇବା' ଓ 'ରୋଲରେ ବାନ୍ଧିବା' ଆଦି ପ୍ରସଙ୍ଗ ଉତ୍ଥାପିତ କରୁଥିବାରୁ ଗୃହୀତ ହେଲା ।

(୬) ।୯୭। କେବଳ (ଙ) ରେ ନାହିଁ । ।୯୮-୧।ର 'ପୁଣି କ୍ଷଣକେ ପାଦ ଦେଖି' ପ୍ରସଙ୍ଗ ।୯୭-୧।ର 'ପୁଣି ନ ଦେଖିଲେ ପୟର' ଗୃହୀତ ନ ହେଲେ ଅପ୍ରାସଙ୍ଗିକ ହେବ; ତେଣୁ ।୯୭।କୁ ଗ୍ରହଣ କରାଗଲା ।

ଶ୍ଳୋକ- ୩୧:-

''ନ ଲକ୍ଷ୍ୟନ୍ତେ ପଦାନ୍ୟତ୍ର ତସ୍ୟା ନୂନଂ ତୃଣାଙ୍କୁରୈଃ ॥''
ଶୁଦ୍ଧପାଠ: ପୁଣି ନ ଦେଖିଲେ ପୟର । ଗହଳେ ଅଛି ତୃଣାଙ୍କୁର ।୯୭।
ପୁଣି କ୍ଷଣକେ ପାଦ ଦେଖି । ଗୋପୀୟେ ଚାହାନ୍ତି ନିରେଖି ।୯୮।

(୭) ।୧୦୨। କେବଳ (ଙ) ରେ ନାହିଁ । ।୧୦୩-୧।ର 'ଦେଖ କାମିନୀ ଦୃଷ୍ଟପଣ'; ।୧୦୨-୧।ର 'ରମଣ କଲା ତାର ତୁଲେ' (ଶ୍ଳୋକ-୩୫ର 'ରେମେତୟା') ଗ୍ରହଣ ନ କଲେ ପ୍ରସଙ୍ଗ କ୍ରମରେ ବାଧା ସୃଷ୍ଟି ହେଉଥିବାରୁ, ।୧୦୨। ଗୃହୀତ ହେଲା ।

(୮) ।୧୧୮। କେବଳ (ଗ) ରେ ନାହିଁ । ଏହା ପ୍ରାଚୀନ ପୋଥି (ଙ) ସମେତ ଅନ୍ୟ ସମସ୍ତ ପାଠରେ ଥାଇ କୃଷ୍ଣ ଗୁଣ ପ୍ରକାଶନ ହୋଇଥିବାରୁ ଗ୍ରହଣ କରାଗଲା ।

(୯) ।୧୩୫। କେବଳ (ଙ) ରେ ନାହିଁ । ଏହି ପଦଟିରେ ମୂଳ ଶ୍ଳୋକ- ୪୩ (''ତତୋ ନିବବୃତଃ ପ୍ରିୟଃ'') ଓ ୪୫ (''ପୁନଃ ପୁଳିନମାଗତ୍ୟ କାଳିନ୍ଦ୍ୟାଃ'')ର ଭାବ ଯଥାକ୍ରମେ ''ଭୟେ ବାହୁଡ଼ିଲେ ସକଳେ (।୧୩୫-୧।)'' ଓ ''ପୁଣି ମିଳିଲେ ନଦୀକୂଳେ (।୧୩୫-୨।)''ରେ ସୁରକ୍ଷିତ । ପୁନଶ୍ଚ ଏହି ପଦଟି ପରବର୍ତ୍ତୀ ୩୨ଶ ଅଧ୍ୟାୟ ୧ମ ପଦ (''ଗୋପୀୟେ ବସି ବାଲିକୂଳେ । କାନ୍ଦନ୍ତି ଶୋକ ଗଦଗଦେ ।୧।'') ସହିତ ପ୍ରସଙ୍ଗ ଦୃଷ୍ଟିରୁ ସଂଯୋଗ ସ୍ଥାପନ କରୁଛି; ତେଣୁ ଗୃହୀତ ହେଲା ।

୩୨ଶ ଅଧ୍ୟାୟ :-

(୧) ।୪୫।-।୪୬। କେବଳ (ଗ)ରେ ନାହିଁ । ଏହା ମୂଳ ୩୧ଶ ଅଧ୍ୟାୟ

ଶ୍ଳୋକ-୧୧ର ଅନୁବାଦ । ''ଚଳସି ଯଦ୍ ବ୍ରଜାଚ୍ଚାରୟନ୍ ପଶୂନ୍''ର ଅନୁବାଦ ''ତୁ ନାଥ ଗୋରୁଙ୍କର ମେଳେ । କାନନେ ଯାଇ ଯେତେବେଳେ ।୪୫।'' ଏବଂ ''ନଳିନ ସୁନ୍ଦରଂ ନାଥ ତେ ପଦମ୍'' ର ଅନୁବାଦ ''କୋମଳ ପଦ୍ମପାଦ (।୪୬-୧।)'' ଅନ୍ୟ ପକ୍ଷରେ ପରବର୍ତ୍ତୀ ।୪୭। ପଦ ସବୁପାଠରେ ଥିବାରୁ ମୂଳପାଠ ଏବଂ ''କଣ୍ଟା ପାଷାଣ ତୃଣ ଲାଗି (।୪୭-୧।)''; ।୪୫।-।୪୬। ଗୃହୀତ ନ ହେଲେ ଅପ୍ରାସଙ୍ଗିକ ହେବ; ତେଣୁ ।୪୫।-।୪୬।କୁ ଗ୍ରହଣ କରାଗଲା ।

(୨) ।୫୫। କେବଳ (କ) (ପ୍ରି) ରେ ନାହିଁ । ଏହା ପ୍ରାଚୀନ ପୋଥି (ଊ) ସମେତ ସମସ୍ତ ପାଠ ଓ ସଂସ୍କୃତରେ (ଶ୍ଳୋକ:-୧୪''ବିରେ ବୀର ନସ୍ତେଽଧରାମୃତମ୍'') ଥିବାରୁ ଏବଂ ।୫୬-୧। (''ସୁରତି ପଣେ ବଳିଆର'')ର ଗୁଣ ପ୍ରକାଶନ ହୋଇଥିବାରୁ, ଗୃହୀତ ହେଲା ।

(୩) ।୭୩। କେବଳ (ଗ) ରେ ନାହିଁ । ଏହା ପ୍ରାଚୀନ ପୋଥି (ଊ) ସମେତ ସମସ୍ତ ପାଠ ଓ ସଂସ୍କୃତ (ଶ୍ଳୋକ-୧୯) ରେ ଅଛି । ଏହା ଗୃହୀତ ନ ହେଲେ ।୭୨। ଓ ।୭୪। ପଦର ସଂଯୋଗ ସ୍ଥାପନ ହୋଇ ପାରିବ ନାହିଁ; ତେଣୁ ଗ୍ରହଣ କରାଗଲା ।

ଏକତ୍ରିଂଶ ଅଧ୍ୟାୟ:-

(୧) ।୧୪-୨।ରୁ ।୨୯-୧।- ଏହି ୧୫ପଦ କେବଳ (ଗ)ରେ ନାହିଁ । ମାତ୍ର ପ୍ରାଚୀନ ପୋଥି (ଊ) ସମେତ ସମସ୍ତ ପାଠରେ ଏହି ୧୫ପଦ ଅଛି ଏବଂ ଏହା ମୂଳ ୩୨ଶ ଅଧ୍ୟାୟ (ଶ୍ଳୋକ-୩ ରୁ ୧୦)ର ୬ଟି ଶ୍ଳୋକକୁ ଅନୁସରଣ କରିଛି । ଅନ୍ୟ ପକ୍ଷରେ ଶୁଦ୍ଧପାଠ ।୧୪-୨। ''ଧନ୍ୟ ଜୀବନ ବ୍ରଜନାରୀ'' ସହିତ ।୨୯-୨। ''ଆବୋରିଛନ୍ତି ବ୍ରଜନାରୀ''ର ସାମ୍ୟ ଥିବାରୁ ନକଲକାର ଭ୍ରମବଶତଃ ।୧୪-୧। ପାଠ ପରେ ।୨୯-୨। ପାଠର ଉଲ୍ଲେଖ କରିଛନ୍ତି । ତେଣୁ ଏହି ୧୫ପଦ ଗୃହୀତ ହେଲା ।

(୨) ।୪୭। ଓ ।୫୩।- ଏହି ୨ପଦ କେବଳ (କ)ରେ ନାହିଁ । ପ୍ରାଚୀନ ପୋଥି (ଊ) ସମେତ ଅନ୍ୟ ସବୁପାଠରେ ଏହି ୨ପଦ ଅଛି । ଧର୍ମଗ୍ରନ୍ଥ ଷ୍ଟୋର, କଟକଙ୍କ ଦ୍ୱାରା ୧୯୬୧ ମସିହାରେ ପ୍ରକାଶିତ ପୁସ୍ତକରେ ଏହି ୨ପଦ ନ ଥିବା ବେଳେ; ଓଡ଼ିଶା କୋହେନୂର ପ୍ରେସ, କଟକଙ୍କ ଦ୍ୱାରା ପ୍ରକାଶିତ ୧୯୭୭ ମସିହା ସଂସ୍କରଣରେ ଏହା ଦେଖିବାକୁ ମିଳେ । ଆଉ ମଧ୍ୟ ।୪୭। ପଦ ମୂଳ ଶ୍ଳୋକ-୧୭

କୁ ଅନୁସରଣ କରୁଥିବା ବେଳେ ।୫୩।ପଦ ମୂଳ ଶ୍ଳୋକ-୧୯ (''ଅକୃତଜ୍ଞା ଗୁରୁ ଦ୍ରୁହଃ)ର ଅନୁବାଦ (''ସେ ଗୁରୁଦ୍ରୋହ ପାପ ପାଇ ।୫୩-୧।'') । ତେଣୁ ଏହି ୨ପଦକୁ ଗ୍ରହଣ କରାଗଲା ।

(୩) ।୬୧। ରୁ ।୬୩।- ୩ପଦ କେବଳ (ଝ) ପୋଥିରେ ନାହିଁ ଏବଂ ଅନ୍ୟ ସମସ୍ତ ପାଠରେ ଅଛି । ମୂଳ ସଂସ୍କୃତ (ଶ୍ଳୋକ-୨୧)ରେ ଗୋପୀମାନେ ଲୋକ ମର୍ଯ୍ୟାଦା, ବେଦମାର୍ଗ ଏବଂ ଆତ୍ମୀୟ ସ୍ୱଜନମାନଙ୍କୁ ତ୍ୟାଗକରି କୃଷ୍ଣଙ୍କ ନିକଟରେ ନିଜର ମନପ୍ରାଣ ଉତ୍ସର୍ଗ କରିବା ପ୍ରସଙ୍ଗ ସୂଚିତ ହୋଇଛି । ଏହି ଭାବ ଉପରୋକ୍ତ ୩ଟି ପଦରେ ଉଲ୍ଲେଖ କରାଯାଇଛି; ଯାହାକି ସମଗ୍ର ଭାଗବତର ମୁଖ୍ୟ ବକ୍ତବ୍ୟ । ତେଣୁ ପ୍ରାଚୀନ ପୋଥି (ଝ) ରେ ନ ଥିଲେ ମଧ ଏହି ୩ଟି ପଦ ଶୁଦ୍ଧପାଠରେ ଗୃହୀତ ହେଲା ।

୩୪ଶ ଅଧ୍ୟାୟ:-

(୧) ।୨୧।ପଦଟି କେବଳ (ଗ)ରେ ନଥିବା ସ୍ଥଳେ ଅନ୍ୟ ସମସ୍ତ ପାଠରେ (ପ୍ରାଚୀନ ପୋଥି ସମେତ) ଅଛି । ଏହି ପାଠ ମଧ ସଂସ୍କୃତ ୩୩ଶ ଅଧ୍ୟାୟ ୮ମ ଶ୍ଳୋକ (''ସ୍ୱିଦ୍ୟନ୍ମୁଖ୍ୟଃ କବରରଶନାଗ୍ରନ୍ଥୟଃ'' କୃଷ୍ଣବଧ୍ୱୋ) ଦ୍ୱାରା ସମର୍ଥିତ; ତେଣୁ ଗ୍ରହଣ କରାଗଲା ।

(୨) ।୪୨।ପଦଟି କେବଳ (ଝ) ପାଠରେ ନାହିଁ; ମାତ୍ର ଅନ୍ୟ ସବୁ ପାଠରେ ଥାଇ, ସଂସ୍କୃତ ଶ୍ଳୋକ- ୧୫ (''ଗୃହୀତ କଣ୍ଠ୍ୟସ୍ତ ଦୋର୍ଭ୍ୟାଂ ଗାୟନ୍ତ୍ୟସ୍ତଂ ବିଜହ୍ରିରେ'') ଦ୍ୱାରା ସମର୍ଥିତ ହୋଇଥିବାରୁ ଗୃହୀତ ହେଲା ।

(୩) ।୪୫। ରୁ ।୪୭।- ୩ପଦ କେବଳ (ଝ) ପାଠରେ ନାହିଁ ଏବଂ ଅନ୍ୟସବୁ ପାଠରେ ଅଛି । ।୪୮। ପଦ ଟି ସବୁପାଠରେ ଥିବାରୁ ମୂଳପାଠ ଏବଂ ତାହା ।୪୭। ପଦ ସହିତ ସଂପର୍କିତ । ''ଗୋବିନ୍ଦ ନାନା ରସବନ୍ଧ ରମଣ କଲେ (।୪୭।)''; ଯେପରି ''କୁବେର ଗିରି ଶିଖରରେ କିନ୍ନରୀ ରମଣ କରେ (।୪୮।)'' । ସେହିପରି ।୪୭-୧।ର ''ଯେମନ୍ତେ ନାନା ରସବନ୍ଧେ'' ସହିତ ।୪୫। ଓ ।୪୬।ପଦଦ୍ୱୟ ସଂପର୍କିତ; ତେଣୁ ଗ୍ରହଣ କରାଗଲା ।

(୪) ।୪୯। ରୁ ।୫୧।- ୩ପଦ କେବଳ (ଗ)ରେ ନାହିଁ ଏବଂ ଅନ୍ୟସମସ୍ତ ପାଠରେ ଅଛି । ଏହା ମୂଳ ଶ୍ଳୋକ -୧୮ ଓ ୧୯କୁ ଅନୁସରଣ କରିଛି ।

ପରବର୍ତ୍ତୀ ।୫୨। ପଦର ''ସକଳେ'' (''ସକଳେ ପଡ଼ିଲେ ଅନଙ୍ଗେ ।୫୨-୨।'') ।୫୧-୨।ର ''ତ୍ରିଦେଶ ବଧୂଜନେ'' ସହିତ ସଂପର୍କ ସ୍ଥାପନ କରୁଛି । ସେହିପରି ।୫୧-୧।ର ''କୃଷ୍ଣର କ୍ରୀଡ଼ାରସ'', ।୪୯। ଓ ।୫୦। ପଦ ସହିତ ସଂପର୍କ ସ୍ଥାପନ କରୁଛି । ତେଣୁ ଏହି ୩ପଦ ଗୃହୀତ ହେଲା ।

(୫) ।୫୮। ପଦଟି କେବଳ (କ)ରେ ନାହିଁ । କିନ୍ତୁ ପ୍ରାଚୀନ ପୋଥି (ଞ) ସମେତ ଅନ୍ୟ ସମସ୍ତ ପାଠରେ ଏହି ପଦଟି ଅଛି ଏବଂ ଏହା ମୂଳ ସଂସ୍କୃତ ଶ୍ଳୋକ-୨୨ ଦ୍ଵାରା ସମର୍ଥିତ; ତେଣୁ ଏହି ପଦଟିକୁ ଗ୍ରହଣ କରାଗଲା ।

ପାଠ ନିର୍ଣ୍ଣୟ ଓ ପ୍ରସ୍ତୁତ ସଂକଳନ ସିଦ୍ଧାନ୍ତ

ଜଗନ୍ନାଥ ଦାସ ତାଙ୍କର 'ଭାଗବତ' ରଚନା ପାଇଁ ପ୍ରସିଦ୍ଧ । ମାତ୍ର ଓଡ଼ିଆ ଭାଗବତ ସଂସ୍କୃତ ଭାଗବତ ର ଅନୁବାଦ ଓ ଅନୁସରଣ ହୋଇଥିବାରୁ ତାଙ୍କର ରଚିତ ଭାଗବତ ସଂପର୍କୀୟ ରଚନାବଳୀର ପାଠ ନିର୍ଣ୍ଣୟ କ୍ଷେତ୍ରରେ ସଂସ୍କୃତ ସହିତ ତୁଳନାତ୍ମକ ପରୀକ୍ଷା କରାଯାଇଛି । ପାଠ ସଂସ୍କୃତ ଠାରୁ ଭିନ୍ନ ହୋଇଥିଲେ କିମ୍ବା ପାଠ ନିର୍ଣ୍ଣୟ ସମୟରେ ପ୍ରାଚୀନ ପ୍ରୟୋଗର ଦୃଷ୍ଟାନ୍ତ ଆସିଲାବେଳେ ସର୍ବ ପ୍ରାଚୀନ ବା ସେହି ପରିବାର ପୋଥିର ସହାୟତା ନିଆଯାଇ ଶୁଦ୍ଧପାଠ ଗ୍ରହଣ କରାଯାଇଛି । ଯେଉଁ ପାଠ ସମୂହର ଭିନ୍ନ ଭିନ୍ନ ପାଠ ଦ୍ଵାରା ଅର୍ଥ ପ୍ରତୀତି ସ୍ପଷ୍ଟ ହୋଇ ନାହିଁ ସେମାନଙ୍କର ବିଚାର ଅନୁଶୀଳନ [୮] ନିମ୍ନଲିଖିତ ପାଠ ସିଦ୍ଧାନ୍ତ ଦ୍ଵାରା ଗୃହୀତ ହୋଇଛି ।

୧। ପୋଥିସବୁର ସମ୍ମିଳିତ ସାକ୍ଷ୍ୟ ଦୃଷ୍ଟିରୁ:- ସବୁ ପୋଥିରେ ସମାନ ଭାବେ ଥିବା ପାଠ ନିର୍ବିବାଦରେ ମୂଳ ପାଠ ଏବଂ ତାହା ଗୃହୀତ ହୋଇଅଛି । ଯେଉଁ ପାଠରେ ଅର୍ଥ ପ୍ରତୀତି ସ୍ପଷ୍ଟ ଏବଂ ତାହା ବହୁପାଠ ଦ୍ଵାରା ସମର୍ଥିତ ଅଥଚ କୌଣସି ଗୋଟିଏ ବା ଦୁଇଟି ପାଠରେ ତାର ଭିନ୍ନ ରୂପ ଥାଏ । ସେଠାରେ ସ୍ପଷ୍ଟ ଅର୍ଥ ପ୍ରତୀତ ହେଉଥିବା ପାଠ ନିଶ୍ଚିତ ଭାବେ ମୂଳ ପାଠ; ତେଣୁ ଗୃହୀତ ହୋଇଛି । ଏହାର ଉଦାହରଣ ଦେବାର ଆବଶ୍ୟକତା ନାହିଁ ।

---

୮. ଡ. ପାରସ ନାଥ ତିୱାରୀ - ''କବୀର - ଗ୍ରନ୍ଥାବଳୀ'' ପ୍ର: ହିନ୍ଦୀ ପରିଷଦ, ପ୍ରୟାଗ ବିଶ୍ୱବିଦ୍ୟାଳୟ, ପ୍ରୟାଗ (୧୯୬୧)- ପୃ-୨୨୨-୨୨୫ ଏବଂ ୨୬୪-୨୮୧ ।

୨। ସଂକୀର୍ଣ୍ଣ ସମ୍ବନ୍ଧରେ ସିଦ୍ଧାନ୍ତ ଦୃଷ୍ଟିରୁ:- ସଂକୀର୍ଣ୍ଣ ସମ୍ବନ୍ଧ ଥିବା ଦୁଇ ବା ତତୋଽଧିକ ପୋଥିରେ ମିଳୁଥିବା ପାଠ ଅପେକ୍ଷା ସଂକୀର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହୋଇପାରୁନଥିବା ଅନ୍ୟ ଏକ ପାଠ ପ୍ରାମାଣିକତା ଦୃଷ୍ଟିରୁ ଶ୍ରେଷ୍ଠତର । ସେଥିପାଇଁ ବହୁସ୍ଥଳରେ ଏହି ନିର୍ଦ୍ଧାରଣ ଅନୁଯାୟୀ ପାଠ ଗ୍ରହଣ କରାଯାଇଛି । ନିମ୍ନରେ କେତେକ ବିଶେଷ ଉଦାହରଣ ପ୍ରଦତ୍ତ ହେଲା ।

ରାସ ପଞ୍ଚାଧାୟୀ -

୩୦ଶ ଅଧ୍ୟାୟ:-

୮୩-୧ ସହି ନ ପାରି କାମଭରେ ।

କାମ = ତାପ (କ)(ଗ)(ପ୍ରି)(ର)(ଳ)

=କାମ/ତାପ (ଖ)

ଭରେ = ଭର (ପ୍ରି), ଭାର (କ)

୧୦୧ ଚୂଳ = ମୂଳ (କ)(ପ୍ରି)(ର), ମୂଳେ(ଖ)(ଗ)(ଳ)

(କ)(ପ୍ରି)(ର) ପାଠ ସହିତ (ଖ)(ଗ)(ଳ) ପାଠର ସଂକୀର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହୋଇପାରୁଥିବାରୁ ଅନ୍ୟ ପାଠଟି ଗୃହୀତ ହେଲା । ଅନ୍ୟ ପକ୍ଷରେ ଲିପିଭ୍ରମଯୋଗୁ 'ଚୂଳ' ପରିବର୍ତ୍ତିତ ହୋଇ 'ମୂଳ' (ଚ>-ମ)ରେ ପରିଣତ ହେବା ଖୁବ ସମ୍ଭବ ।

୩୧ଶ ଅଧ୍ୟାୟ:-

୧୨୦ ଅନ୍ଧାରେ = ଗହନେ (ର)(ଳ), ଗହନେ (କ)(ଖ)(ପ୍ରି)

୧୩୩ କାନନେ = ଗହନେ (କ)(ଖ)(ପ୍ରି)(ର)(ଳ), ଗହଳେ (ଗ)

୩୨ଶ ଅଧ୍ୟାୟ:-

୨୯ ଜନ୍ମ ମରଣ = ଶରଣ ଜନ (କ)(ଖ)(ଗ)(ପ୍ରି)(ର)(ଳ)

୬୨ ଲଘିଂଲୁ = ଏଡ଼ିଲୁ (କ)(ପ୍ରି), ତେଜିଲୁ (ଖ)(ଗ), ଛାଡ଼ିଲୁ (ର)(ଳ) ।

୩୪ଶ ଅଧ୍ୟାୟ:-

୨୫-୧ କୃଷ୍ଣର ଅତିପ୍ରିୟମାନ ।

କୃଷ୍ଣର = ଶ୍ରୀକୃଷ୍ଣ (ଖ); ଅତି = ଗତି (ଗ)(ଳ), ରସ(ଖ);

କୃଷ୍ଣର ଅତି = ଅତି ସୁସ୍ୱରେ (କ)(ପ୍ରି)(ର);

ପ୍ରିୟମାନ = କଲାଗାନ (କ), କଲାତାନ (ପ୍ରି), କଲେଗାନ(ର), ଅପ୍ରମାଣ (ଖ)(ଗ)(ଳ) ।

'କୃଷ୍ଣର ଗତି ଅପ୍ରମାଣ' ଓ 'ଅତିସୁସ୍ୱରେ କଲାଗାନ' ସହିତ ଅନ୍ୟ ପାଠର ସଂକୀର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହୋଇପାରୁଥିବା ସ୍ଥଳେ, 'କୃଷ୍ଣର ଅତି ପ୍ରିୟମାନ' ପାଠ ସହିତ ସଂକୀର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହୋଇପାରୁ ନାହିଁ; ତେଣୁ ଗୃହୀତ ହେଲା ।

୭୩-୨ ଜନ୍ମ ହୋଇଲେ ଯଦୁବଂଶେ ।

ଜନ୍ମ = ଜାତ (ଖ), ରୂପ (ଗ)(ର)(ଳ), ରୂପେ (ପ୍ରି);

ଯଦୁ = ଯେବେ (ପ୍ରି)(ର), ଦେବ (ଖ), ନିଜ(ଳ);

ବଂଶେ = ଅଂଶେ (ଖ)(ପ୍ରି)(ର)(ଳ);

ଯଦୁବଂଶେ = ପରକାଶେ (ଗ) ।

୩। ପୋଥିସବୁର ଦେଶକାଳ ଦୃଷ୍ଟିରୁ:- ଯେତେବେଳେ ଦୁଇଟି ଭିନ୍ନ ପାଠ, ବାହ୍ୟତଃ ମହତ୍ତ୍ୱ ଦୃଷ୍ଟିରୁ ସମାନ ମନେହୁଏ; ସେତେବେଳେ ସେହି ପାଠର ପ୍ରାମାଣିକତା ଗ୍ରହଣ କରିବା କଷ୍ଟକର । ସେ ସ୍ଥଳରେ ଯେଉଁ ସବୁ ପାଠର ପାରସ୍ପରିକ ସଂବଂଧରେ ସମ୍ଭାବନା ଅନ୍ୟ ଶ୍ରେଣୀ ଅପେକ୍ଷା କମ୍‌ଥାଏ । ସେ ସବୁକୁ ଅଧିକ ପ୍ରାମାଣିକ ରୂପେ ଗ୍ରହଣ କରାଯାଇଛି । ନିମ୍ନଲିଖିତ ଉଦାହରଣ ଦ୍ରଷ୍ଟବ୍ୟ ।

ରାସ ପଞ୍ଚାଧ୍ୟାୟୀ:-

୩୧ଶ ଅଧ୍ୟାୟ:- ୮୩ ନିବାରିବି = ନିବାଇବି(ଳ), ଛିବାଇବି(ଖ)(ଗ)(ପ୍ରି), ଛିଞ୍ଚାଇବି(ର); x x (ଡ)

୩୪ଶ ଅଧ୍ୟାୟ:- ୯୫ ଜାତ = ଜନ୍ମ(କ)(ଖ)(ଗ)(ପ୍ରି)(ଳ)

୯୯-୨ ଅରୁଣ ତେଜ ପ୍ରକାଶିଲା

ଗଗନେ ଅରୁଣ ଦିଶିଲା(କ)(ଖ)(ପ୍ରି)(ର)(ଳ);

ଗଗନେ ଅରୁଣ ଉଇଂଲା (ଗ)

୧୦୪ ଦୁଃସହରୁ = ଦୁସହରୁ (ଡ), ଦୁସ୍ତରରୁ (ଖ), ଦୁସ୍ତରୁ ସେ(ଗ)(ର)(ଳ) ଦୁରିତରୁ (କ)(ସି) ।

ନଳବଳ ପ୍ରାଚୀନ ପୋଥି (ଡ) ବ୍ୟତୀତ ଅନ୍ୟ ସବୁ ପାଠରେ ପାରମ୍ପରିକ

୨ ... ବନା ଥିବାରୁ (ଡ) ପାଠ କୁ ସ୍ୱୀକାର କରାଯାଇଛି । ପରିବର୍ତ୍ତିତ

ରୂପରେ ହେଲେ ହେଁ (ଡ) ପାଠରେ ମୂଳ ଶବ୍ଦ ('ଦୁଃସହ') ସୁରକ୍ଷିତ ହୋଇଅଛି । 'ଦୁଃସହ' କଠିନ ଶବ୍ଦ ଓ ଲିପିକ୍ରମ ହେତୁ 'ଦୃସହ' ପରିଣତ ହୋଇଥିବାରୁ, ତାହା ମୂଳପାଠ, ତେଣୁ ଗୃହୀତ ହେଲା ।

୪- ଲିପି ଭ୍ରମ ଦୃଷ୍ଟିରୁ : କୌଣସି ପାଠ ଗୃହୀତ ହେବା ପୂର୍ବରୁ ପରୀକ୍ଷା କରି ନିଶ୍ଚିତ କରାଯାଇଅଛି ଯେ ଅନ୍ୟ ପାଠାନ୍ତର ଲିପିଭ୍ରମ, ପ୍ରାଚୀନ ଲିପି ବା ଲିପିଜନିତ ବିକୃତି ଏବଂ ବର୍ଣ୍ଣ, ମାତ୍ରା, ବା ଶବ୍ଦ ବିପର୍ଯ୍ୟୟ ହେତୁ ସଂଘଟିତ ହୋଇଅଛି ।

ପାଠାନ୍ତର ନିକଟରେ ଲିପିଭ୍ରମ, ପ୍ରାଚୀନ ଲିପି ବା ଲିପିଜନିତ ବିକୃତି, ଏବଂ ବର୍ଣ୍ଣ, ମାତ୍ରା ବା ଶବ୍ଦ ବିପର୍ଯ୍ୟୟ ଆଦି ସୂଚନାତ୍ମକ ଭାବେ ବନ୍ଧନୀ '( )' ମଧ୍ୟରେ ଦିଆଯାଇଛି । ସ୍ଥଳ ବିଶେଷରେ 'ବର୍ଣ୍ଣ' ମାତ୍ରା ବା ଶବ୍ଦ ବିପର୍ଯ୍ୟୟ ବୋଲି ଉଲ୍ଲେଖ କରାଯାଇ ନାହିଁ । ତେଣୁ ଉଲ୍ଲେଖ କରାଯାଇ ନଥିବା ସ୍ଥାନ ସମୂହ ଲିପିଭ୍ରମ, ପ୍ରାଚୀନ ଲିପି ବା ଲିପିଜନିତ ବିକୃତି ବୋଲି ଗ୍ରହଣ କରିବାକୁ ହେବ ।

ସୁବିଧା ଦୃଷ୍ଟିରୁ ପୋଥିରେ ବ୍ୟବହୃତ ଲିପି ବା ପ୍ରାଚୀନ ଲିପିର କେତେକ ଉଦାହରଣ ନିମ୍ନରେ ଉଲ୍ଲେଖ କରାଗଲା ।

ଟା, ଷ = ଅ

ଟାା, ଷା = ଆ

ୟ = 'ଆ'କାର

ଛ, ବ = କ

କଂ = କ୍କ

ଗ୍ୟଂ = ଙ୍ଖ

ଚଂ = ଞ୍ଚ

= ବ

= ସ

ଛ = ହ

[illegible] = ଲୁ

ଯ୍ = ତ୍ୟ

ବ୍ = ଦ୍ୱ

ଦ୍ଦ = ଦ୍ୱ, ଦ୍ୟ

ଧ = ଢ, ଧ

ଛ = ହ୍ମ

ମ୍ମ = ମ୍ମ

ହ୍ଲ = ହ୍ଲ

ଶ୍ୟ = ଶ୍ୟ

ସ୍ୟ = ସ୍ୟ

ଲିପିକାର ବା ନୀକଲକାରମାନେ ଅଧିକାଂଶ ଅଳ୍ପଶିକ୍ଷିତ ଏବଂ ପୋଥିନକଲ କରି ସେମାନେ ଜୀବନ ନିର୍ବାହ କରି ଥାଆନ୍ତି । ତେଣୁ ନକଲ କଲାବେଳେ ନାନା ପ୍ରମାଦ ସଂଘଟିତ ହେବା ସ୍ୱାଭାବିକ । ସେ ସବୁର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

ରାସ ପଞ୍ଚାଧ୍ୟାୟୀ :-

୩୦ଶ ଅଧ୍ୟାୟ

୧୭୪ ଆର = ଆଉ (କ) (ପ୍ରି) (ର) (ର>ଉ)

୧୮୦ ଉଜନ୍ତି = ବହନ୍ତି (ଖ) (ଗ) (ଙ୍ଖ) (ଳ) (ଜ>ଉ), (ଉ>ବ)

୧୯୮ ପାସୋରୁ = ପାସୋରି (ଳ) (ଉ>ଇ)

ପାରୁଶେ (ପ୍ରି) (ପାସୋର>ପାରିସୋ (ବର୍ଣ୍ଣ ବିପର୍ଯ୍ୟୟ)

ପାରସେ = ପାରୁଶେ)

୨୦୨ କହିଲୁ = ବହିଲୁ (କ) (ବ>ବ)

୨୦୬ କ୍ରୋଟ = କ୍ରୋଧ (କ) (ଟ>ଧ)

୩୧ଶ ଅଧ୍ୟାୟ

୧୨ ବାତୁଳ = ବାଳୁତ (କ) (ଖ) (ଗ) (ପ୍ରି) (ଳ) (ଅକ୍ଷର ବିପର୍ଯ୍ୟୟ)

ବାଳକ (ର)

୨୨ ପୁଣି = ଶୁଣି (ର) (ପ>ସ = ଶ)

୪୭ ଆର = ଧାଇଁ (କ) (ପ୍ରି) (ଥ>ଧ)

୩୨ ଶ ଅଧ୍ୟାୟ

୧୬ ସୁରତି = ସୁରତ (ର), ସୁଗତି (କ) (ର>ଗ)

୨୯ ଜନ୍ମ ମରଣ = ଶରଣ ଜନ (କ)(ଖ)(ଗ)(ପ୍ରି)(ର)(ଳ)
ଜନ୍ମ ମରଣ >ମରଣ ଜନ୍ମ (ଶବ୍ଦ ବିପର୍ଯ୍ୟୟ) >ଶରଣ ଜନ
(ମ>ସ,ନ୍ମ>ନ)

୩୭ ରକ୍ଷ = ରକ୍ଷ୍ (କ)(କ୍ଷ>କ୍ଷ୍)

୪୨ ତୋହୋର = ତୋହର (କ)(ପ୍ରି)(ର) (ତୋହୋର>ତୋହର>ତୋଦର
(ହ>ଦ)

୪୨ ବଦନ = ବଚନ (ଗ)(ଳ) (ଦ>ଚ)

୬୩ ବାଉ = ଗାଉ (ଖ)(ଗ) (ବ>ଗ)

୬୬ ବଚନ = ବଦନ (କ) (ଚ>ଦ)

୩୩ଶ ଅଧ୍ୟାୟ

୩ ଦିଶ = ଦିଗ (କ)(ଶ>ଗ)

୨୬ ଯୋଗୀଙ୍କ = ଗୋପୀଙ୍କ (କ) (ଯ=ଜ> ଗ; ଗ>ପ); (ଗ)
(ସଂସ୍କୃତ-୩୨ଶ ଅଧ୍ୟାୟ-ଶ୍ଳୋକ - ୮ ଯୋଗୀବାନନ୍ଦ ସମ୍ଭୂତା)
(୪୧/୨୪-୧ ଯୋଗୀ = ଗୋପୀ (ଖ)(ଗ)(ଳ))
ସଂସ୍କୃତ-୩୮ଶ ଅଧ୍ୟାୟ ଶ୍ଳୋକ-୬ -
"ଯୋଗୀଧେୟାଙ୍‌ଘ୍ରିପଙ୍କଜମ୍" ।

୩୪ଶ ଅଧ୍ୟାୟ -

୯ ଯକ୍ଷ = ଦକ୍ଷ (ଗ)(ଝ) (ଯ=ଜ>ଦ)

୧୧ ସ୍ୱରେ = ରସେ (ଖ)(ଗ)(ଳ) (ସ୍ୱରେ>ସରେ>ରସେ (ବର୍ଣ୍ଣ
ବିପର୍ଯ୍ୟୟ)

୨୬ ଷଡ଼ଜ = ଷଡ଼ଦ (ଖ)(ଜ>ଦ), ଶବଦ(ଳ)(ଡ>ବ), ସଉର୍ଯ (ଝ)
(ଡ>ଉ), ଷୋଡ଼ଶ (ଗ) (ଷଡ଼ଜ>ଷଡ଼ସ
(ଜ=ଯ=ସ)>ଷୋଡ଼ଶ)

୬୧ କରିଣୀ = ହରଣୀ(ଖ)(ଗ)(ଙ)(ଚ) (କ=ବ>ଛ=ହ)

୭୨ ଅଂଶେ = ଅଙ୍ଗେ (କ)(ପ୍ରି)(ଶ>ଗ)

୭୪ ପାଳକ = ପାଳଣ (ଖ)(ଗ)(ଙ)(ଚ) (>ଣ)

୭୫ ନିତ୍ୟ ଅନିତ୍ୟ= ନୀତି ଅନୀତି (ଗ)(ଙ)(ଚ) (ୟ>ତ) ଗତିଅଗତି (ର)

୮୮ ଅଳପଜନେ = ଅଳଯଗଂନେ (ଚ) (ଲିପିଜନିତ ବିକୃତି)

୯୨ ଯୋଗେ = ଯୋଗ (ଚ), ଯେଗୋ (ର) (ମାତ୍ରା ବିପର୍ଯ୍ୟୟ)

୫. ପୁନରକ୍ତି ଦୋଷ ଦୃଷ୍ଟିରୁ : ପୁନରକ୍ତି ପ୍ରତ୍ୟେକ କବିଙ୍କ ରଚନାରେ କେତେକ ପରିମାଣରେ ଦେଖାଯାଇଥାଏ ଏବଂ ପ୍ରତ୍ୟେକ କବିଙ୍କର କେତେକ ପ୍ରିୟଶବ୍ଦ ବା ପ୍ରିୟ ପଂକ୍ତି ଥାଏ, ଯାହାକୁ ସେ ବାରମ୍ବାର ବ୍ୟବହାର କରିଥାଆନ୍ତି । ଜଗନ୍ନାଥ ଦାସଙ୍କ 'ଭାଗବତ'ରେ ମଧ ପୁନରକ୍ତିର ଉଦାହରଣ ଅପ୍ରଚୁର ନୁହେଁ । ଏହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବରେ ବ୍ୟବହୃତ ହୋଇଅଛି । ଉଦାହରଣ ସ୍ୱରୂପ :- 'କୋଟିୟେ କାମ ଯେହେ ସରି (୩୦-୧୦୪।୧), 'କୋଟିୟେ କାମ ପ୍ରାୟ ଦିଶୁ (୩୨।୧୧-୨)କୁ ଗ୍ରହଣ କରାଯାଇ ପାରେ । ତଥାପି ପ୍ରତ୍ୟେକ କବି ସାଧାରଣତଃ ପୁନରକ୍ତି ଦୋଷ ଦୁଷ୍ଟ ନୁହନ୍ତି । ତେଣୁ ଦୁଇ ବା ଅଧିକ ବିକଳ୍ପ ପାଠ ମଧରୁ ପୁନରକ୍ତି ପୂର୍ଣ୍ଣ ପାଠକୁ ଅସ୍ୱୀକାର କରାଯାଇ ପୁନରକ୍ତି ହୀନ ପାଠକୁ ଗ୍ରହଣ କରାଯାଇ ଅଛି । ନିମ୍ନ ଲିଖିତ ଉଦାହରଣ ସମୂହ ଦ୍ରଷ୍ଟବ୍ୟ ।

ରାସ ପଞ୍ଚାଧାୟୀ -

୩୦ଶ ଅଧାୟ -

୪୪-୨ ଡାକଇ ତାର ନାମ ଘେନି

ଉଠିଲା କରେ ବସ୍ତ୍ର ଘେନି (ଗ) = ୩୦।୬୦-୨

୪୮-୨ ବେଗେ ଧାଇଂଲା କାମ ଭୋଳେ ।

ଧାଇଂଲା ମଦନ ବିଭୋଳେ (ଙ)

ଧାମନ୍ତି ମଦନର ଭୋଳେ (ଖ) = ୩୦।୪୫-୨ (ଧାଇଁଲା ମଦନ ବିକଳେ)

୫୧-୨ ହସ୍ତ ପଖାଳି ନ ପାରିଲା ।

ବେଗେ ସେ ବୃନ୍ଦାବନ ଗଲା (ଳ) = ୩୦।୫୫-୨ ।

୫୪ ବୋଲଇ ଆସ ବୃନ୍ଦାବନେ । ହରିଙ୍କି ରମ ଘୋରବନେ ।

୫୪-୧ ବୃନ୍ଦାବନେ = ତୁହି ବେଗେ (ଛ) = ୩୦।୫୦-୧ (ବୋଲଇ ଆସ ତୁହି ବେଗେ)

୫୪-୨ କୃଷ୍ଣଙ୍କୁ ଦେଖ ବନ ଭାଗେ (ଛ) = ୩୦।୫୦-୨

୮୦-୨ ବେନି ଲୋଚନ କଲା ସ୍ଥିରେ ।

ବେନି ଲୋଚନ ଘଷି କରେ (ଳ) = ୩୦।୧୬୯-୧

ପଶିଲା ଗୋବିନ୍ଦ ଶ୍ୱରୀରେ (ଗ) = ୩୦।୮୩-୨

୩୧ଶ ଅଧ୍ୟାୟ -

୬୧-୧ ବୋଲେ ମୁଁ ଯଶୋଦା କୁମର ।

ବୋଲଇ ମୁହିଁ ବେଣୁଧର (ଖ) = ୩୧।୬୪-୧

୩୨ଶ ଅଧ୍ୟାୟ :-

୩୫-୨ ହୃଦେ ଭାବନ୍ତି ମୁନିଜନ

ହୃଦୟ ଦହଇ ମଦନ (ଗ) = ୩୨।୬୬-୨

୩୮-୨ ସ୍ତୁତି କରନ୍ତି ବ୍ରହ୍ମଚାରୀ ।

ଶ୍ରୁତି ଯୁଗଳେ ପାନ କରି (କ)(ପ୍ରି)

ଶ୍ରୁତି ଯୁଗଳେ ପାନ କରି (ଗ) ୧।୨୬-୧

କବିଏ ଯାହା ପାନ କରି (ର)

(କ)(ଗ)(ପ୍ରି) ପାଠ ୧।୨୬-୧ର ପୁନରାବୃତ୍ତି ହେତୁ ଅସ୍ୱୀକାର କରାଗଲା । ମୂଳଶ୍ଳୋକ = (୩୧ଶ ଅଧ୍ୟାୟ) -୯ର 'କବିଭିରୀଡିତଂ' ଅନୁଯାୟୀ (ର) ରେ 'କବିଏ ଯାହା ପାନ କରି' ପାଠ ଦେଖିବାକୁ ମିଳେ । ମାତ୍ର ଗୋଟିଏ ପାଠରେ ଥିବାରୁ ମୂଳ ଶ୍ଳୋକରେ କେବଳ 'କବି' ଶବ୍ଦକୁ ନେଇ ଏହା ଶ୍ରୀ ରାଜକିଶୋର ଦାସଙ୍କ ଦ୍ୱାରା ସଂଶୋଧିତ ହୋଇଥିବା ସ୍ପଷ୍ଟ ହୁଏ । ତେଣୁ (ର) ପାଠକୁ ଅସ୍ୱୀକାର କରାଯାଇ

(ଖ) (ଚ) ଦ୍ୱାରା ସମର୍ଥିତ ସର୍ବ ପ୍ରାଚୀନ ପୋଥି (ଝ) ପାଠକୁ ସ୍ୱୀକାର କରାଗଲା ।

୪୨-୨ କୋମଳ ମଧୁର ବଚନ ।
ହୃଦୟ ଦହଇ ମଦନ (ଗ) = ୩୨।୬୬-୨

୭୨-୨ ଘନରେ ଚାପୁ ଗୋପନାରୀ
ହେଳେ ତରିବୁ ଭବବାରି (ଖ) = ୧।୨୬-୨ (ହେଳେ ତରିବି ଭବବାରି)

୭୩-୨ ପ୍ରାସ କରଇ ବୋଲି ଡରି
ନପୁଣ ହୋଏ ଦୁଃଖ ଭାଗୀ (ଚ) = ୩୨।୪୭-୨ (ନ ପୁଣ ହୋଇ ଦୁଃଖ ଭାଗୀ)

୭୪-୨ ଯେବେ ଚାଳିଲୁ କୁଞ୍ଜ ଘୋରେ ।
କି ପାଇଁ ବୁଲୁ ବନେବନ (ଚ) = ୩୧।୮୬-୨ (ରାଗେ ବୁଲନ୍ତି ବଣେ ବଣେ)

୭୫-୧ ନପୁଣ କ୍ଷତ ହୋଏ ପାଦ ।
ଯେଣୁ ଆମ୍ଭର ଗରୁଚିନ୍ତା (ଚ) = ୧।୭୨-୨ (ମନେ ପାଇଲା ଗୁରୁ ଚିନ୍ତା)

୩୩ଶ ଅଧ୍ୟାୟ :-

୨୭-୨ ଛାଡ଼ିଲେ ଚିନ୍ତାମନ ଖେଦ ।
ତାପ ଛାଡ଼ିଲେ ଗୋପୀବୃନ୍ଦ (ଚ) = ୩୩।୩୪-୨

୬। ପ୍ରସଙ୍ଗ ଦୃଷ୍ଟିରୁ :-

ଏପରି କେତେକ ସ୍ଥାନ ଅଛି, ଯେଉଁଠି ପୂର୍ବାପର ପ୍ରସଙ୍ଗ ବିଚାର ଦ୍ୱାରା ପାଠ ନିର୍ଣ୍ଣୟ ସ୍ପଷ୍ଟ ହୁଏ । ଯଦି ୨ଟି ପାଠରୁ ଗୋଟିଏ ପ୍ରସଙ୍ଗସମ୍ମତ ଓ ଅନ୍ୟଟି ତାର ପ୍ରତିକୂଳ ହୁଏ, ତେବେ ପ୍ରସଙ୍ଗ ସମ୍ମତ ପାଠକୁ ହିଁ ଗ୍ରହଣ କରାଯାଇଅଛି, ଏ ସଂପର୍କରେ ନିମ୍ନଲିଖିତ ଉଦାହରଣ ଦ୍ରଷ୍ଟବ୍ୟ ।

ରାସ ପଞ୍ଚାଧ୍ୟାୟୀ :-

୩୦ଶ ଅଧ୍ୟାୟ :-

୮୯-୧ ପୂର୍ବେ ମୁ କହିଅଛି ତୋତେ ।

କହି = ଶୁଣି (କ)(ଖ)(ଗ)(ଙ)(ପ୍ରି)(ଳ)

ତୋତେ=ଯେତେ (କ)(ଖ)(ଗ)(ଙ)(ପ୍ରି), ଗୀତେ (ଳ)

(।୮୬।ଓ।୮୭। ପଦରେ ଶୁକଙ୍କୁ ପରୀକ୍ଷିତଙ୍କର ପ୍ରଶ୍ନ ଓ ।୮୯।ପଦରେ ତାର ଉତ୍ତର ଅବତାରଣା କରାଯାଇଥିବାରୁ, ପ୍ରସଙ୍ଗ ଦୃଷ୍ଟିରୁ, କେବଳ (ର) ପାଠରେ ଥିଲେ ହେଁ 'କହିଅଛି' ପାଠ ଗୃହୀତ ହେଲା ।

ସେହିପରି ପ୍ରସଙ୍ଗ କ୍ରମରେ ବାଧାସୃଷ୍ଟି କରୁଥିବାରୁ 'ଯେତେ' ବା 'ଗୀତେ' ପାଠ ଗୃହୀତ ନ ହୋଇ, 'ତୋତେ' ପାଠ ଗୃହୀତ ହେଲା ।)

୧୩୮ ସ୍ୱାମୀର ଯେତେ ଇଷ୍ଟମାନ । ବାଳ ତନୟ ବନ୍ଧୁଜନ ।

୧୩୮-୨ ତନୟ = ତରୁଣ (ଙ) ତନୟ/ତରୁଣ (ଖ);

ବନ୍ଧୁ = ବୃଧ (ଙ) (ଳ), ବୃଧା (ଗ), ବନ୍ଧୁ/ବୃଧ (ଖ); ବାଳତନୟଙ୍କ ପୋଷଣ (ର) ।

ମୂଳଶ୍ଳୋକ (୨୯ଶ ଅଧ୍ୟାୟ)

ଭର୍ତ୍ତୁଃ ଶୁଶ୍ରୂଷଣଂ ସ୍ତ୍ରୀଣାଂ ପରୋଧର୍ମୋ ହ୍ୟମାୟୟା ।

ତଦ୍‌ବନ୍ଧୂନାଂ ଚ କଲ୍ୟାଣ୍ୟଃ ପ୍ରଜାନାଂ ଚାନୁପୋଷଣମ୍ ।୨୪।

- ଅର୍ଥାତ୍ ପତି ଓ ତାଙ୍କର ଭାଇବନ୍ଧୁମାନଙ୍କ ନିଷପଟ ସେବା ଏବଂ ସନ୍ତାନମାନଙ୍କର ଲାଳନ-ପାଳନ; ସ୍ତ୍ରୀମାନଙ୍କର ପରମଧର୍ମ ।

'ତରୁଣ' ଏବଂ 'ବୃଧ' ବା 'ବୃଧା' ପାଠ ପ୍ରସଙ୍ଗ ସମ୍ମତ ହେଉ ନଥିବାରୁ ଅସ୍ୱୀକାର କରାଯାଇ, ସେହି ସ୍ଥାନରେ ଯଥାକ୍ରମେ 'ତନୟ' ଏବଂ 'ବନ୍ଧୁ' ପାଠ ଗୃହୀତ ହେଲା ।

'ପୋଷଣ' ପାଠ ମୂଳ ସଂସ୍କୃତ ର ('ଚାନୁପୋଷଣମ୍') ଅନୁରୂପହୋଇଥିଲେ ହେଁ କେବଳ ଗୋଟିଏ ପାଠ (ର) ରେ ଥିବାରୁ ଏହା ଶ୍ରୀରାଜକିଶୋର ଦାସଙ୍କ ଦ୍ୱାରା ସଂଶୋଧିତ ହୋଇଥିବା ଜଣାଯାଏ, ଅନ୍ୟ ପକ୍ଷରେ ଏହି ଭାବ ।୧୩୭।ଓ।୧୩୯। ଦୁଇ ପଦରେ ସ୍ପଷ୍ଟ ହୋଇଥିବାରୁ 'ପୋଷଣ'

ପାଠ ଗୃହୀତ ହେଲାନାହିଁ ।

୧୯୪ କାଳିନ୍ଦୀ ତୀରେ ବ୍ରତ କରି । ପୂଜିଲୁ ଶଙ୍କର ଗଉରୀ ।

୧୯୪-୧ ବ୍ରତ = ତପ (ଗ), ନୃତ୍ୟ (ଖ)(ଙ)(କ),ନତ୍ୟ(ପ୍ରି) ।

ଓଡ଼ିଆ ଭାଗବତ

୨୩।୬ ହେମନ୍ତ ଦେଖିଣ ଉସତ । ସଂକଳ୍ପ କଲେ ନବବ୍ରତ ।

୨୩।୧୧ ପୂଜାର ଅନ୍ତେ ପାୟେ ପଡ଼ି । ଗୁପତେ କରନ୍ତି ଗୁହାରି ।

୨୩।୧୨ ଭୋ ମାତ ଶଙ୍କର ଯୁବତୀ । ନନ୍ଦକୁମର ଦିଅ ପତି ।

୩୦।୧୯୪-୧ ରେ 'ନବବ୍ରତ' ପ୍ରସଙ୍ଗରେ ଅବତାରଣା କରାଯାଇଥିବାରୁ 'ନୃତ୍ୟ'ପାଠ ଏଠାରେ ପ୍ରସଙ୍ଗ ପ୍ରତିକୂଳ; ତେଣୁ ଅସ୍ୱୀକାର କରାଗଲା ।

ମୁଦ୍ରଣ ତ୍ରୁଟି ଯୋଗୁଁ ନୃତ୍ୟ (ପ୍ରି) ରେ ନତ୍ୟ ହୋଇଅଛି ।

୩୧ଶ ଅଧ୍ୟାୟ-

୨୬-୧ ଅଶ୍ୱତ୍ଥ ବଟ ଶାଳ ବୃକ୍ଷେ

ଅଶ୍ୱତ୍ଥ = ଅଶ୍ୱସ୍ଥ (ଙ), ଓଶସ୍ଥ(କ), ଓଶସ୍ତ(ଗ), ଔଶସ୍ତ(ଖ);

ବଟ = କଳ୍ପ (କ);

ଶାଳ = ବଟ (କ), ପ୍ଲକ୍ଷ (ଋ), ଚୂତ (ଖ), ଲିମ୍ବ (ଗ)

ସଂସ୍କୃତ-୩୦ଶ-ଅଧ୍ୟାୟ-ଶ୍ଲୋକ-୫-

ଦୃଷ୍ଟୋବଃ କଚ୍ଚିଦଶ୍ୱତ୍ଥ ପ୍ଲକ୍ଷ ନ୍ୟଗ୍ରୋଧ ନୋ ମନଃ । ମୂଳ ସଂସ୍କୃତ ଅନୁଯାୟୀ ବିଭିନ୍ନ ପାଠରେ 'ଅଶ୍ୱତ୍ଥ' ଶବ୍ଦର ଭିନ୍ନ ରୂପ ଏବଂ 'ନ୍ୟଗ୍ରୋଧ'ର ପ୍ରତିଶବ୍ଦ 'ବଟ' ଥିବାରୁ 'ଅଶ୍ୱତ୍ଥ ଓ ବଟ' ଗୃହୀତ ହେଲା । 'ପ୍ଲକ୍ଷ' ଶବ୍ଦ ସ୍ଥାନରେ (କ) ପାଠରେ 'କଳ୍ପ' (ଖ) ପାଠରେ 'ଚୂତ', (ଗ) ପାଠରେ 'ଲିମ୍ବ' ଏବଂ (ଋ) ପାଠରେ 'ପ୍ଲକ୍ଷ' ଅଛି । ଅର୍ଥାତ୍ ଶ୍ରୀ ରାଜକିଶୋର ଦାସ ଭିନ୍ନ ପାଠ ଦେଖି ମୂଳ ସଂସ୍କୃତ ପ୍ଲକ୍ଷ ଗ୍ରହଣ କରିଛନ୍ତି । ମାତ୍ର ସର୍ବପ୍ରାଚୀନ ପୋଥି (ଙ) ସମେତ ବହୁପାଠରେ 'ଶାଳ' ଶବ୍ଦ ଥିବାରୁ ଏହା ଗୃହୀତ ହେଲା ।

୧୧୩-୧ ଦେକ୍ଷି ଗୋପିକା ତୋଷ ହୋଇ ।

ଦେଖି = ଶୁଣି (କ)(ଗ)(ପ୍ରି)(ର)।

୧୧୨।୨ ପାଠ ଅନୁଯାୟୀ 'କୃଷ୍ଣ' ବାଲିକୂଦରେ ବସିବା ପରେ ଗୋପୀକା ତାହା 'ଦେଖି' ତୋଷ ହେବା ପ୍ରସଙ୍ଗ ସମ୍ମତ। 'ଦେଖି' ସ୍ଥାନରେ 'ଶୁଣି' ପାଠ ପ୍ରସଙ୍ଗ ଅନୁକୂଳ ନୁହେଁ। 'ଦେଖି' ପାଠ ସର୍ବପ୍ରାଚୀନ ପୋଥି (ଛ) ରେ ଥାଇ (ଖ) (ଳ) ଦ୍ୱାରା ସମର୍ଥିତ ହୋଇ ଥିବାରୁ ଗୃହୀତ ହେଲା।

୩୨ଶ ଅଧ୍ୟାୟ :-

୩୨ନିର୍ଦ୍ଧାରିତ ପାଠ - ପ୍ରାଣୀଙ୍କ ଦେହୁଂ ପାପ ନାଶେ ଜଳଧି ତନୟା ବିଳାସେ।

୩୨-୧ ପ୍ରାଣୀଙ୍କୁ ଦେହୁଂ = ପ୍ରାଣୀ ତଜନ (ଳ), ପ୍ରଣତ ଦେହି (ର);

ପାପ=ତାପ(ଗ); ନାଶେ=ନାଶ (ର)

୩୨-୨ ବିଳାସେ=ବିଶ୍ୱାସେ (ଗ)(ଳ), ବିଶେଷେ(କ)(ପ୍ରି), ନିବାସ(ର)

ମୂଳ ସଂସ୍କୃତ (୩୧ଶ ଅଧ୍ୟାୟ) - ଶ୍ଳୋକ-୭

- ''ପ୍ରଣତଦେହିନାଂ ପାପକର୍ଶନ ତୃଣଚରାନୁଗଂ ଶ୍ରୀ ନିକେତନମ୍।''

- ୩୨-୧ 'ପ୍ରଣତ ଦେହି' ପାଠ ସଂସ୍କୃତ ଅନୁରୂପ ହୋଇଥିଲେ ହେଁ ବହୁ ପାଠରେ ନଥାଇ କେବଳ (ର) ରେ ଥିବାରୁ ଏବଂ ସେହି ସ୍ଥାନରେ 'ପ୍ରାଣୀଙ୍କ ଦେହୁଂ' ପ୍ରସଙ୍ଗାନୁମୋଦିତ ଅର୍ଥ ପ୍ରକାଶକ ହୋଇଥିବାରୁ 'ପ୍ରଣତ ଦେହି' ପାଠକୁ ଅସ୍ୱୀକାର କରାଯାଇଅଛି। ସେହିପରି 'ପ୍ରାଣୀତ ଜନ' ପାଠ ପ୍ରସଙ୍ଗ ଅନୁକୂଳ ହୋଇ ନଥିବାରୁ ଗୃହୀତ ହୋଇ ନାହିଁ।

'ପାପନାଶେ' ପାଠ 'ପାପକର୍ଶନଂ' ଅର୍ଥ ପ୍ରକାଶକ ଏବଂ 'ତାପ' ପାଠ କେବଳ ଗୋଟିଏ ପାଠରେ ଥାଇ ଲିପିଭ୍ରମ (ପା>ତା) ହେତୁ ଗୃହୀତ ହେଲା ନାହିଁ।

-୩୨-୨ରେ 'ବିଳାସେ' ସ୍ଥାନରେ 'ବିଶ୍ୱାସେ' ଓ 'ବିଶେଷେ' ପାଠ ପ୍ରସଙ୍ଗ ଅନୁକୂଳ ନୁହେଁ ଏବଂ ତାହା ମୂଳ ସଂସ୍କୃତ ର 'ଶ୍ରୀ ନିକେତନମ୍' ଅର୍ଥକୁ ପ୍ରକାଶ କରୁ ନାହିଁ, ତେଣୁ 'ବିଳାସେ' ଗୃହୀତ ହେଲା, 'ନିବାସ' ପାଠ କେବଳ ଗୋଟିଏ ପାଠ (ର) ରେ ଥିବାରୁ ଗୃହୀତ ହେଲା ନାହିଁ।

ଉପରୋକ୍ତ ବିଶ୍ଳେଷଣରୁ 'ପ୍ରଣତ ଦେହି' ଓ 'ନିବାସ' ପାଠ ଶ୍ରୀ ରାଜକିଶୋର ଦାସଙ୍କ ନିଜସ୍ୱ ସଂଶୋଧନ ହୋଇଥିବା ଜଣାହୁଏ।

୪୭-୧ ନିର୍ଦ୍ଧାରିତ ପାଠ - କଣ୍ଡା ପାଷାଣ ତୃଣଲାଗି ।

କଣ୍ଡା = କାଷ୍ଠ (କ)(ପ୍ରି)

ସଂସ୍କୃତ-୩୧ଶ ଅଧ୍ୟାୟ-ଶ୍ଲୋକ-୧୧ରେ 'ଶିଳ ତୃଣାଙ୍କୁରୈଃ'' ଥିବାବେଳେ କାଷ୍ଠ' ସ୍ଥାନରେ 'କଣ୍ଡା' ପାଠ ଅଧିକ ପ୍ରସଙ୍ଗ ସମ୍ମତ । ଅନ୍ୟ ପକ୍ଷରେ 'କଣ୍ଡା' ପାଠ ପ୍ରାଚୀନ ପୋଥି (ଙ) ସମେତ ବହୁ ପାଠ ଦ୍ୱାରା ସମର୍ଥିତ । ତେଣୁ ଗୃହୀତ ହେଲା ।

୩୩ଶ ଅଧ୍ୟାୟ

୧୮ ତାମ୍ବୂଳ= ଅମୃତ (କ)(ପ୍ରି); (ଗ) ।

ସଂସ୍କୃତ ୩୨ ଶ ଅଧ୍ୟାୟ ଶ୍ଲୋକ -୫ ''ତାମ୍ବୂଳ ଚର୍ଚ୍ଚିତମ୍''; ''ତାମ୍ବୂଳ କରନ୍ତି ଆହାର'' ରେ ପରିଣତ ହେବା ଅଧିକ ପ୍ରସଙ୍ଗ ସମ୍ମତ । ସେହି ସ୍ଥାନରେ 'ଅମୃତ' ପାଠ କେବଳ ୨ଟି ପାଠରେ ଥିବାରୁ ଅସ୍ୱୀକାର କରାଯାଇ ସର୍ବ ପ୍ରାଚୀନ ପୋଥି (ଙ) ସମେତ ବହୁ ପାଠରେ ଥିବା ପ୍ରସଙ୍ଗ ସମ୍ମତ ପାଠ ତାମ୍ବୂଳ'କୁ ଗ୍ରହଣ କରାଗଲା ।

୩୪ଶ ଅଧ୍ୟାୟ

୩୪-୧ ଚନ୍ଦନେ ସାମଳିଲା ହୋଇ ।

ସାମଳିଲା = ଶ୍ୟାମଳିଆ (ର), ଶ୍ୟାମଳିଲା (ପ୍ରି), ଶାମଳିଲା (କ), ସାମଲିଲା (ଗ)(ଙ);

ହୋଇ = ଦେହି (କ) (ପ୍ରି) (ଳ)

- 'ଶ୍ୟାମଳିଆ' ବା ଶ୍ୟାମଳିଲା (= ଶ୍ୟାମବର୍ଣ୍ଣ) ପାଠ ପ୍ରସଙ୍ଗ ଅନୁକୂଳ ନୁହେଁ । 'ସାମଳିଲା' (= ବୋଳିବା) ପାଠ, ମୂଳ ସଂସ୍କୃତ ୩୩ଶ ଅଧ୍ୟାୟ ଶ୍ଲୋକ - ୧୨ ''ଚନ୍ଦନାଲିପ୍ତ ମାଗ୍ରାୟ''ର ଅନୁରୂପ ପ୍ରସଙ୍ଗ ସମ୍ମତ । (ଗ) (ଙ) ପାଠରେ ଏହା ସାମାନ୍ୟ ପରିବର୍ତ୍ତିତ (ସାମଲିଲା) ରୂପରେ ସୁରକ୍ଷିତ ତେଣୁ ସାମଳିଲା' ପାଠ ଗୃହୀତ ହେଲା ।

'ହୋଇ' ପାଠ ସର୍ବପ୍ରାଚୀନ ପୋଥି (ଙ) ରେ ଥାଇ (ଖ) (ଗ) (ର) ଦ୍ୱାରା ସମର୍ଥିତ ଓ ପ୍ରସଙ୍ଗ ସମ୍ମତ ହୋଇଥିବାରୁ ଗ୍ରହଣ କରାଗଲା ।

୫୧ କୃଷ୍ଣର କ୍ରୀଡ଼ା ରସ ଦେଖି । ତ୍ରିଦଶେ ବଧୂଜନ ସୁଖୀ ।

୫୧-୨ ବଧୂ = ବୁଧ(ଛ), ବୃଦ୍ଧ(ଖ)

ବଧୂଜନେ = ବିବୁଧାଦି (କ), ଜନେମନେ (ଳ);

ବଧୂଜନେ ସୁଖୀ = ବିବୁଧେ ଉପେକ୍ଷି (ପ୍ରି); (ଗ)

ମୂଳ ସଂସ୍କୃତ ୩୩ଶ ଅଧ୍ୟାୟ ଶ୍ଳୋକ - ୧୯ ''କୃଷ୍ଣ ବିକ୍ରୀଡିତଂ ବୀକ୍ଷ୍ୟ ମୁମୁହୁଃ ଖେଚର ସ୍ତ୍ରିୟଃ'' ର ଅନୁବାଦ ।୫୧। ପଦରେ କରାଯାଇଛି । ''ଖେଚର ସ୍ତ୍ରିୟଃ'' ର ଅନୁବାଦ ଭାବେ 'ବୁଧଜନେ', 'ବୃଦ୍ଧଜନେ', 'ବିବୁଧାଦି', 'ବିବୁଧେ' ବା 'ଜନେମନେ' ଅପେକ୍ଷା 'ବଧୂଜନେ' ଅଧିକ ପ୍ରସଙ୍ଗ ସମ୍ମତ । ବଧୂ ଶବ୍ଦଟି ଲିପିକାରଙ୍କ ଅଜ୍ଞତା ଯୋଗୁଁ କାଳକ୍ରମେ ବଧୂ ଓ ମାତ୍ରା ବିପର୍ଯ୍ୟୟ ହେତୁ 'ବୁଧ' ଏବଂ 'ବୁଧ' କାଳକ୍ରମେ 'ବୃଦ୍ଧ', 'ବିବୁଧେ', 'ବିବୁଧାଦି' ରେ ପରିଣତ ହୋଇଅଛି । ମାତ୍ର (ଳ) ପାଠ ଏହି ଜଟିଳତା ମଧ୍ୟକୁ ପ୍ରବେଶ ନ କରି ସରଳ କରିବାକୁ ଯାଇ 'ଜନେମନେ' ରେ ପରିବର୍ତ୍ତିତ କରିଅଛି । ତେଣୁ 'ବଧୂ' ପାଠ ପ୍ରସଙ୍ଗ ସମ୍ମତ ହୋଇଥିବାରୁ ଗୃହୀତ ହେଲା ।

(ଗ) ପାଠରେ ଶୁଦ୍ଧ ପାଠର ୪୯ ରୁ ୫୧ ପର୍ଯ୍ୟନ୍ତ ୩ ପଦ ନାହିଁ । ମାତ୍ର ।୪୮। ପରେ ।୫୨। ଗ୍ରହଣ କଲେ ପ୍ରସଙ୍ଗ କ୍ରମରେ ବାଧା ସୃଷ୍ଟି ହେଉଥିବାରୁ ଏବଂ ଏହି ୩ ପଦ ସର୍ବପ୍ରାଚୀନ ପୋଥି (ଛ) ସମେତ ସମସ୍ତ ପାଠରେ ଥିବାରୁ ଗୃହୀତ ହେଲା ।

୬.୧। ବିଭିନ୍ନ ପାଠରେ ପଦ ବା ପଦସମୂହର ସ୍ଥାନ ପରିବର୍ତ୍ତନ :- ନିର୍ଦ୍ଧାରିତ ପାଠରେ ପଦ ସମୂହର କ୍ରମ ନିର୍ଣ୍ଣୟ ନିମିତ୍ତ ପ୍ରସଙ୍ଗ କ୍ରମକୁ ଗୁରୁତ୍ୱ ଦିଆଯାଇଛି । ଅର୍ଥାତ୍ ଗୃହୀତ କ୍ରମ ପ୍ରସଙ୍ଗ କ୍ରମରେ ବାଧା ସୃଷ୍ଟି କରୁ ନାହିଁ । କେତେକ ପାଠରେ ପାଖ ପାଖି ଦୁଇଟି ପଦର ସ୍ଥାନ ପରିବର୍ତ୍ତନ ସଂଘଟିତ ହୋଇଅଛି । ଅନ୍ୟ କେତେକ ପାଠରେ ଏକ ବା ଏକାଧିକ ପଦ ଦୂରବର୍ତ୍ତୀ କେତେକ ପଦ ପୂର୍ବରୁ ବା ପରେ ଉଲ୍ଲିଖିତ ହୋଇଅଛି । ନିମ୍ନରେ ଅଧ୍ୟାୟ କ୍ରମେ ସେ ସବୁର ଉଲ୍ଲେଖ କରାଗଲା । ପ୍ରଥମେ ଅଧ୍ୟାୟ, ତା ପରେ ଶୁଦ୍ଧ ପାଠର ପଦସଂଖ୍ୟା ଓ ଶେଷରେ ପରିବର୍ତ୍ତନ ସଂଘଟିତ ହୋଇଥିବା ପାଠ ବା ପାଠସମୂହର ସୂଚନା ଦିଆଯାଇଛି ।

ରାସପଞ୍ଚାଧ୍ୟାୟୀ :-

୩୦ଶ ଅଧ୍ୟାୟ :-

।୯। = ।୧୦। ଏବଂ ।୧୦। = ।୯। (ର)

।୯୫। = ।୯୬। ଏବଂ ।୯୬। = ।୯୫। (କ)

୨୧୯। ଓ ୨୨୦। (=୨୨୪। ପରେ) (ର)

୩୧ଶ ଅଧ୍ୟାୟ -

୧୦।ରୁ ୨୨। (=୩୬। ପରେ) (ର)

୧୦୨। = ୧୦୩। ଏବଂ ୧୦୩। = ୧୦୨। (ର)

୩୨ଶ ଅଧ୍ୟାୟ -

୧୦।ରୁ ୧୩। (=୩୦। ପରେ) (ର)

୫୫। (=୫୬। ପରେ) (ର)

୩୩ଶ ଅଧ୍ୟାୟ -

୩୮। (=୩୪। ପରେ) (ଗ)

୩୪ଶ ଅଧ୍ୟାୟ

୬୧। (=୫୯। ପରେ) (ର)

୯୩। (=୮୯। ପରେ) (ଡ)

୯୮। (=୯୬। ପରେ) (ର)

୬.୨ । କେତେକ ପାଠରେ ଗୋଟିଏ ପଦ ମଧ୍ୟରେ, ପାଦର ସ୍ଥାନ ପରିବର୍ତ୍ତନ ସଂଘଟିତ ହୋଇଅଛି । ଅର୍ଥାତ୍ ୧ମ ପାଦ ସ୍ଥାନରେ ୨ୟ ପାଦ ଏବଂ ୨ୟ ପାଦ ସ୍ଥାନରେ ୧ମ ପାଦର ଉଲ୍ଲେଖ କରାଯାଇଛି । ନିମ୍ନରେ ଅଧ୍ୟାୟ କ୍ରମରେ ସେସବୁର ଉଲ୍ଲେଖ କରାଗଲା । ପ୍ରଥମେ ଅଧ୍ୟାୟ, ତା ପରେ ଶୁଦ୍ଧ ପାଠର ପଦସଂଖ୍ୟା ଓ ଶେଷରେ ପରିବର୍ତ୍ତିତ ହୋଇଥିବା ପାଠ ବା ପାଠ ସମୂହର ସୂଚନା ଦିଆ ଯାଇଛି ।

ରାସ ପଞ୍ଚାଧ୍ୟାୟୀ -
୩୦ଶ ଅଧ୍ୟାୟ -
୧୫୯। (ଖ)
୩୪ଶ ଅଧ୍ୟାୟ -
୪। (ର)
୯୩। (ଡ)

୭. ଶବ୍ଦ ସମୂହର କ୍ଳିଷ୍ଟତା ଦୃଷ୍ଟିରୁ : ଜଟିଳ ତଥା ଅପ୍ରଚଳିତ ଶବ୍ଦ ସ୍ଥାନରେ ସରଳ ତଥା ପ୍ରଚଳିତ ଶବ୍ଦ ଉଲ୍ଲେଖ କରିବା ଲିପିକାରଙ୍କ ପ୍ରବୃତ୍ତି । କାରଣ ସେମାନଙ୍କର ଧାରଣା ଏହି ପରିବର୍ତ୍ତନ ଦ୍ୱାରା ଅର୍ଥ ସମ୍ବନ୍ଧୀୟ ଜଟିଳତା ରହେ ନାହିଁ । କିନ୍ତୁ ଏହା ଦ୍ୱାରା ମୂଳମା[illegible] ସ୍ଥାନରେ ଲୁପ୍ତ ହୋଇଯାଏ । ଫଳରେ ଆମକୁ ବିଶିଷ୍ଟ ଶବ୍ଦାବଳୀ

ସ୍ଥାନରୁ ବଞ୍ଚିତ ହେବାକୁ ପଡ଼େ । ତେଣୁ ଯେଉଁଠି ୨ଟି ପାଠ ମିଳେ, ସେ ଗୁଡ଼ିକ ମଧ୍ୟରୁ ପ୍ରାୟ କ୍ଲିଷ୍ଟତର ତଥା ଅପ୍ରଚଳିତ ପାଠକୁ ମୂଳର ଅଧିକ ନିକଟବର୍ତ୍ତୀ ମନେ କରି ଗ୍ରହଣ କରାଯାଇଅଛି ।[୯] ଏବଂ ଏହାର ବିପରୀତ ସରଳତର ପାଠକୁ ଅସ୍ୱୀକାର କରାଯାଇଅଛି । ନିମ୍ନରେ କେତେକ ବିଶେଷ ଉଦାହରଣ ପ୍ରଦତ୍ତ ହେଲା ।

ରାସ ପଞ୍ଚାଧ୍ୟାୟୀ :-

୩୦ଶ ଅଧ୍ୟାୟ -

୧୮୮-୨ ତାହାର ଛନ୍ନବଦ୍ଧ ନାହିଁ ।

ବଦ୍ଧ = ବଧ (ଖ)(ଗ)(ଙ)(ପ୍ରି)(ଳ), ବନ୍ଧ(ର)

(୩୩/୬୮-୧ ବଦ୍ଧ = ବଧ (ଖ)(ଗ)(ଙ)(ପ୍ରି)(ଳ),ବନ୍ଧ(ର),

୩୪/୯୦-୧ ବଦ୍ଧ = ବଧ(ଖ)(ଙ)(ଳ), ବୁଧି (ଗ)ବୁଦ୍ଧି (କ)(ପ୍ରି)(ର)

୩୪/୯୩-୧ ବଦ୍ଧ = ବଧ (ଗ)(ଙ)(ଳ), ଧର୍ମ (ପ୍ରି);

ବଦ୍ଧମୋକ୍ଷ = ଛନ୍ନବନ୍ଧ (ର)

- 'ବଦ୍ଧ' ଜଗନ୍ନାଥ ଦାସଙ୍କର ଏକ ପ୍ରିୟ ଶବ୍ଦ । ସେ ଏହାକୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପରେ ବ୍ୟବହାର କରିଛନ୍ତି । ଉଦାହରଣ ସ୍ୱରୂପ 'ଆବଦ୍ଧ' ବା 'ରୁଦ୍ଧ' ଅର୍ଥରେ 'ତାହାର ଛନ୍ନବଦ୍ଧ ନାହିଁ' (୩୦/୧୮୮-୨); 'ତୁମ୍ଭର ଛନ୍ନବଦ୍ଧ ନାହିଁ' (୩୩-୬୮-୧) ଏବଂ 'ଲିପ୍ତ' ବା 'ଜଡ଼ିତ' ଅର୍ଥରେ 'ଯାହାର ଦେହବନ୍ଧ ନାହିଁ' (୩୪/୯୦-୧), ଯାହାର ବଦ୍ଧ ମୋକ୍ଷ ନାହିଁ (୩୪/୯୩-୧) ଇତ୍ୟାଦି ।

'ବଦ୍ଧ' ଶବ୍ଦଟି କ୍ଲିଷ୍ଟତା ଦୃଷ୍ଟିରୁ ପୋଥି ସମୂହରେ 'ବଧ' ରୂପେ ଉଲ୍ଲିଖିତ ହୋଇଥିବା ସ୍ଥଳେ (ର) ପାଠରେ ବନ୍ଧ (=ବଂଧ) ରେ ପରିଣତ ହୋଇଅଛି । ମାତ୍ର ଏହା (କ) ପାଠର ୨ଟି ସ୍ଥାନରେ (୩୦/୧୮୮-୨ ଓ ୩୪/୯୩-୧) ଓ (ଖ) ପୋଥିର ଗୋଟିଏ ସ୍ଥାନରେ (୩୪/୯୩-୧) ଅବିକୃତ ଭାବେ ଉଲ୍ଲିଖିତ ହୋଇଅଛି ।

---

9. "One of the most commonly recognised maxims is 'Prefer the harder reading' or what is technically called 'lactio difficilior' - Dr. S. M. Katre - "Intruduction to Indian Textual Criticism" - Chap. VII P-72.

ଉପରୋକ୍ତ ପରୀକ୍ଷାରୁ ଏହା ସ୍ପଷ୍ଟ ଯେ 'ବଦ୍ଧ' ଶବ୍ଦର ଜଟିଳତା ହେତୁ ଏହାର ସରଳରୂପେ 'ବଧ' ଲିପିବଦ୍ଧ ହୋଇଅଛି । ତେଣୁ 'ବଦ୍ଧ' ପାଠକୁ ଗ୍ରହଣ କରାଗଲା । ବଦ୍ଧ ପାଠ ଗୃହୀତ ହେଲାପରେ 'ମୃତ୍ୟୁ' ('ବଧ'ର ପ୍ରତିଶବ୍ଦ) 'ବୁଦ୍ଧି' ବା 'ବୁଧି' ଏବଂ 'ଧର୍ମ' (କେବଳ ଗୋଟିଏ ଧର୍ମରେ ଥିବା ହେତୁ) ଇତ୍ୟାଦି ପାଠ ସବୁକୁ ଅସ୍ୱୀକାର କରାଗଲା ।

୩୨ଶ ଅଧ୍ୟାୟ :-

୫୬-୨ ଶୋକ <u>ନାଶନ</u> ପ୍ରାଣୀଙ୍କର (କ୍ଲିଷ୍ଟତର ପାଠ)

ନାଶନ = ନାଶଇ (ପ୍ରି), ବିନାସୁ (କ) ବିନାଶେ (ର)

୫୭-୧ ସୁସ୍ୱରେ ବେଣୁ ନାଦ <u>ସ୍ଫୁରେ</u> ।

ସ୍ଫୁରେ= ସୁରେ (ଳ) ନାଦ ସ୍ଫୁରେ = ଯେ ଅଧରେ (ର) 'ସୁରେ' ପାଠ 'ସ୍ଫୁରେ'ର ସରଳ ରୂପ ହୋଇଥିବାରୁ ଏବଂ ଯେ 'ଅଧରେ' ପାଠ କେବଳ (ର) ରେ ଥାଇ ସରଳ କରାଯିବା ପ୍ରଚେଷ୍ଟା ହୋଇଥିବାରୁ କ୍ଲିଷ୍ଟ ପାଠ ନାଦସ୍ଫୁରେ ଗୃହୀତ ହେଲା ।

୩୩ଶ ଅଧ୍ୟାୟ

୧୭ କୁଚଭରେ = କୁଚ ପରେ (ଖ)(ର), କୁଚେ ଭିଡ଼ି (ଳ); (ଗ) (କ୍ଲିଷ୍ଟତର ପଦ)

୫୯ ତୃଷା ହିଂ = ତୃରୁଷା (ଝ), ପିପାସା (ଗ) ।

'ତୃରୁଷା' ସର୍ବ ପ୍ରାଚୀନ ପୋଥି (ଝ) ରେ ଥିଲେ ହେଁ ଏହା କ୍ଲିଷ୍ଟ ପାଠ 'ତୃଷା'ର ସରଳ ରୂପ ହୋଇଥିବାରୁ ଗୃହୀତ ହୋଇନାହିଁ ଏବଂ 'ତୃରୁଷା' ୩ ଅକ୍ଷର ବିଶିଷ୍ଟ ଶବ୍ଦ ହୋଇଥିବାରୁ 'ହିଂ' ଅକ୍ଷର ଟି ଲୁପ୍ତ ହୋଇଅଛି । ସେହିସ୍ଥାନରେ (ଗ) ରେ 'ତୃଷା'ର ପ୍ରତିଶବ୍ଦ 'ପିପାସା' ପାଠ ଦେଖିବାକୁ ମିଳେ । କ୍ଷୁଧା ସହିତ 'ପିପାସା' ଶବ୍ଦର ସଂଯୋଗ ସ୍ୱତଃସ୍ଫୂର୍ତ୍ତ ଏବଂ ଏହା କେବଳ ଗୋଟିଏ ପାଠରେ ଥାଇ 'ତୃଷାହିଂ' ଶବ୍ଦର ପାଦ ପୂରଣ ନିମିତ୍ତ ୩ ଅକ୍ଷର ବିଶିଷ୍ଟ ସରଳ ରୂପ ହୋଇଥିବାରୁ ଗୃହୀତ ହେଲାନାହିଁ ।

୭୧ କହଇ ଦାସ <u>ଜଗନ୍ନାଥ</u> । କୃଷ୍ଣ ସେବକର ମୁ <u>ଭୃତ୍ୟ</u> ।

୭୧-୧ ଦାସ = ବିପ୍ର (ଢ); ଜଗନ୍ନାଥ (ଖ);

ଦାସ ଜଗନ୍ନାଥ = ଜଗନ୍ନାଥ ଦାସ (ଙ)

୭୧-୨ କୃଷ୍ଣ ସେବକର ମୁ = ମୁଁ କୃଷ୍ଣ ସେବକର (କ)(ପ୍ରି)(ର);

ଭୃତ୍ୟ = ଦାସ (ଙ)

'କୃଷ୍ଣ ସେବକର ମୁ' କ୍ଳିଷ୍ଟତର ପାଠ ହେତୁ ଗୃହୀତ ହୋଇଅଛି । ଏହି ପାଠ ସର୍ବପ୍ରାଚୀନ ପୋଥି (ଙ) ରେ ଥାଇ (ଖ)(ଗ)(ଳ) ଦ୍ୱାରା ସମର୍ଥିତ । ମାତ୍ର (ଙ) ପୋଥିରେ 'ଭୃତ୍ୟ' ସ୍ଥାନରେ 'ଦାସ' ଅଛି । ଏହା ସର୍ବ ପ୍ରାଚୀନ ପୋଥିରେ ଥିଲେ ହେଁ କେବଳ ଗୋଟିଏ ପାଠରେ ଅଛି ଏବଂ (ଙ) ପାଠକୁ ଗ୍ରହଣ କରାଗଲେ ଉଭୟ ପାଦର ଶେଷରେ ଥିବା 'ଦାସ'କୁ ଗ୍ରହଣ କରିବାକୁ ପଡ଼ିବ; ଯାହା ଜଗନ୍ନାଥ ଦାସଙ୍କ ରଚନା ଶୈଳୀର ଅନୁକୂଳ ନୁହେଁ । ତେଣୁ ୭୧-୨ 'ଦାସ' ପାଠକୁ ଅସ୍ୱୀକାର କରାଯାଇ ସେହି ସ୍ଥାନରେ ବହୁ ପାଠରେ ଥିବା 'ଭୃତ୍ୟ' ପାଠକୁ ଗ୍ରହଣ କରାଗଲା । ସେହିପରି କେବଳ ଏକମାତ୍ର (ଙ)ରେ ଥିବା 'ଜଗନ୍ନାଥ ଦାସ' ପାଠକୁ ଅସ୍ୱୀକାର କରାଯାଇ 'ଦାସ ଜଗନ୍ନାଥ' ପାଠକୁ ସ୍ୱୀକାର କରାଗଲା । ଅନ୍ୟ ପକ୍ଷରେ ଶବ୍ଦ ବିପର୍ଯ୍ୟୟ ହେତୁ 'ଦାସ ଜଗନ୍ନାଥ' ପାଠ 'ଜଗନ୍ନାଥ ଦାସ'ରେ ପରିଣତ ହୋଇଥିବା ଖୁବ୍ ସମ୍ଭବ ।

୭୧-୧ 'ଦାସ' ସ୍ଥାନରେ କେବଳ (ଳ) ପାଠରେ ଥିବା 'ବିପ୍ର' ଏବଂ ନାମବାଚକ ଶବ୍ଦ ହେତୁ (ଖ) (ଙ) ରେ 'ଜଗନ୍ନାଥ' ପାଠକୁ ଅସ୍ୱୀକାର କରାଯାଇ 'ଦାସ' ଓ 'ଜଗନ୍ନାଥ' ପାଠ ଗ୍ରହଣ କରାଗଲା ।

୩୪ଶ ଅଧ୍ୟାୟ -

୩୦-୧ କେ ପରିଗ୍ରହ ପାଶେ ଥାଇ ।

କେ =ଯେ (କ); ପରିଗ୍ରହ=ଚାରିଗ୍ରହ(ଳ), ପରିଶ୍ରମେ(କ)(ଖ)ଓ (ପ୍ରି) ଶ୍ରମେକୃଷ୍ଣ(ର);

ପାଶେ =ପାଖେ (ଳ), ଆଗେ (କ) (ପ୍ରି);

ପରିଗ୍ରହ ପାଶେ =ଚାରି ପାରୁଶେଣ (ଗ);

ଥାଇ =ଯାଇ(କ)(ପ୍ରି) ।

''ପରିଗ୍ରହ'' ପାଠ ''ପରିଶ୍ରମେ'' ବା ''ଶ୍ରମେ କୃଷ୍ଣ'' ପାଠଠାରୁ କ୍ଳିଷ୍ଟତର

ଦାସ ଜଗନ୍ନାଥ = ଜଗନ୍ନାଥ ଦାସ (ଞ)

୭୧-୨ କୃଷ୍ଣ ସେବକର ମୁ = ମୁଁ କୃଷ୍ଣ ସେବକର (କ)(ପ୍ରି)(ର);

ଭୃତ୍ୟ = ଦାସ (ଞ)

'କୃଷ୍ଣ ସେବକର ମୁ' କ୍ଲିଷ୍ଟତର ପାଠ ହେତୁ ଗୃହୀତ ହୋଇଅଛି । ଏହି ପାଠ ସର୍ବପ୍ରାଚୀନ ପୋଥି (ଞ) ରେ ଥାଇ (ଖ)(ଗ)(ଳ) ଦ୍ୱାରା ସମର୍ଥିତ । ମାତ୍ର (ଞ) ପୋଥିରେ 'ଭୃତ୍ୟ' ସ୍ଥାନରେ 'ଦାସ' ଅଛି । ଏହା ସର୍ବ ପ୍ରାଚୀନ ପୋଥିରେ ଥିଲେ ହେଁ କେବଳ ଗୋଟିଏ ପାଠରେ ଅଛି ଏବଂ (ଞ) ପାଠକୁ ଗ୍ରହଣ କରାଗଲେ ଉଭୟ ପାଦର ଶେଷରେ ଥିବା 'ଦାସ'କୁ ଗ୍ରହଣ କରିବାକୁ ପଡ଼ିବ; ଯାହା ଜଗନ୍ନାଥ ଦାସଙ୍କ ରଚନା ଶୈଳୀର ଅନୁକୂଳ ନୁହେଁ । ତେଣୁ ୭୧-୨ 'ଦାସ' ପାଠକୁ ଅସ୍ୱୀକାର କରାଯାଇ ସେହି ସ୍ଥାନରେ ବହୁ ପାଠରେ ଥିବା 'ଭୃତ୍ୟ' ପାଠକୁ ଗ୍ରହଣ କରାଗଲା । ସେହିପରି କେବଳ ଏକମାତ୍ର (ଞ)ରେ ଥିବା 'ଜଗନ୍ନାଥ ଦାସ' ପାଠକୁ ଅସ୍ୱୀକାର କରାଯାଇ 'ଦାସ ଜଗନ୍ନାଥ' ପାଠକୁ ସ୍ୱୀକାର କରାଗଲା । ଅନ୍ୟ ପକ୍ଷରେ ଶବ୍ଦ ବିପର୍ଯ୍ୟୟ ହେତୁ 'ଦାସ ଜଗନ୍ନାଥ' ପାଠ 'ଜଗନ୍ନାଥ ଦାସ'ରେ ପରିଣତ ହୋଇଥିବା ଖୁବ୍ ସମ୍ଭବ ।

୭୧-୧ 'ଦାସ' ସ୍ଥାନରେ କେବଳ (ଳ) ପାଠରେ ଥିବା 'ବିପ୍ର' ଏବଂ ନାମବାଚକ ଶବ୍ଦ ହେତୁ (ଖ) (ଞ) ରେ 'ଜଗନ୍ନାଥ' ପାଠକୁ ଅସ୍ୱୀକାର କରାଯାଇ 'ଦାସ' ଓ 'ଜଗନ୍ନାଥ' ପାଠ ଗ୍ରହଣ କରାଗଲା ।

୩୪ଶ ଅଧ୍ୟାୟ -

୩୦-୧ କେ ପରିଗ୍ରହ ପାଶେ ଥାଇ ।

କେ	=ଯେ (କ); ପରିଗ୍ରହ=ଚାରିଗ୍ରହ(ଳ), ପରିଶ୍ରମେ(କ)(ଖ)ଓ (ପ୍ରି) ଶ୍ରମେକୃଷ୍ଣ(ର);
ପାଶେ	=ପାଖେ (ଳ), ଆଗେ (କ) (ପ୍ରି);
ପରିଗ୍ରହ ପାଶେ	=ଚାରି ପାରୁଶେଣ (ଗ);
ଥାଇ	=ଯାଇ(କ)(ପ୍ରି) ।

'[illegible] [illegible] ''[illegible]ନିଶ୍ରମେ'' ବା ''ଶ୍ରମେ କୃଷ୍ଣ'' ପାଠଠାରୁ କ୍ଲିଷ୍ଟତର

ପାଠ । ''ପରିଗ୍ରହ'' (ଅର୍ଥାତ୍ ପରିଜନ) ଜଟିଳ ପାଠଟି ଭିନ୍ନ ବା ସରଳ ରୂପରେ ହେଲେ ହେଁ (ଳ) ଓ (ଗ) ପାଠରେ ସୁରକ୍ଷିତ । ଅର୍ଥାତ୍ (ଳ) ଓ (ଗ) ପାଠ 'ପରି', 'ଚାରି' (ପ>ଚା) ରେ ପରିଣତ ହୋଇ ଯଥାକ୍ରମେ ଚାରିଗ୍ରହ ଏବଂ 'ଚାରି ପାରୁଶେଣ' ଭାବେ ପରିବର୍ତ୍ତିତ ହୋଇଅଛି । (ଗ) ପାଠର ଲିପିକାରଙ୍କ ନିକଟରେ 'ପରିଗ୍ରହ ପାଶେ' ବା 'ଚାରିଗ୍ରହ ପାଶେ' ପାଠ ଜଟିଳ ମନେ ହେବାରୁ ଉକ୍ତ ପାଠର ସରଳ ରୂପ 'ଚାରିପାରୁଶେଣ' ରୂପେ ପରିବର୍ତ୍ତିତ ହେବା ଖୁବ୍ ସମ୍ଭବ । ମାତ୍ର ସେହି ସ୍ଥାନରେ 'ପରିଶ୍ରମେ' ବା 'ଶ୍ରମେ କୃଷ୍ଣ' ପାଠକୁ ଲକ୍ଷ୍ୟ କଲେ ଏହା ମୂଳ ସଂସ୍କୃତ ୩୩ଶ ଅଧ୍ୟାୟ- ୧୧ଶ ଶ୍ଳୋକରେ ଥିବା ''କାଚିଦ୍ ରାସ ପରିଶ୍ରାନ୍ତା ପାର୍ଶ୍ୱସ୍ଥସ୍ୟ ଗଦାଭୃତଃ'' କୁ ଅନୁସରଣ କରିଥିବା ସ୍ପଷ୍ଟ ହୁଏ । ମାତ୍ର ୧୧ଶ ଶ୍ଳୋକର ଅପର ଅଂଶ (ଜଗ୍ରାହ ବାହୁନା ସ୍କନ୍ଧଂ ଶ୍ଳଥଦ୍ ବଳୟ ମଲ୍ଲିକା) ଅନୁସରଣରେ ଜଗନ୍ନାଥ ଦାସ ଭୁଜରେ ଆଲିଙ୍ଗନ କରିବା (୩୦-୨), କୃଷ୍ଣ କନ୍ଧରେ ହସ୍ତ ଦେଇ ଝୀନବସ୍ତ୍ର ଶ୍ଳଥ ହେବା (୩୧) ଏବଂ 'କବରୀ ଫୁଲମାଳ ଅବନୀରେ ଲୋଟିଯିବା' ଆଦି ବର୍ଣ୍ଣନା ମାଧ୍ୟମରେ 'ରାସ-ପରିଶ୍ରାନ୍ତା' ଭାବ ପ୍ରକାଶ କରିଥିବାରୁ ଉକ୍ତ ଶବ୍ଦ ଉଲ୍ଲେଖ କରିବା ଆବଶ୍ୟକ ମନେ କରି ନାହାନ୍ତି । ତେଣୁ ଅନ୍ୟ ପାଠକୁ ଅସ୍ୱୀକାର କରାଯାଇ ସର୍ବପ୍ରାଚୀନ ପୋଥି (ଚ) ରେ ଥିବା କ୍ଲିଷ୍ଟତର ପାଠ 'ପରିଗ୍ରହ' କୁ ସ୍ୱୀକାର କରାଗଲା ।

ପରିଗ୍ରହ ପାଠ ଗୃହୀତ ହେବା ପରେ ୩୦-୧ ପାଠ ସ୍ପଷ୍ଟ ହୁଏ । କାରଣ ପରିଗ୍ରହ ସ୍ଥାନରେ ପରିଶ୍ରମେ ପାଠ ଯୋଗୁଁ 'ପାଶେଥାଇ' ପାଠ (କ) (ପ୍ରି) ରେ 'ଆଗେଯାଇ' ରେ ପରିଣତ ହୋଇଅଛି; ମାତ୍ର (ଖ) ପାଠରେ 'ପାଶେଥାଇ' ସୁରକ୍ଷିତ ଏବଂ (ଳ) ପାଠରେ ଲିପିଭ୍ରମ ଯୋଗୁ 'ପାଶେ' ସ୍ଥାନରେ 'ପାଖେ' (ଶ>ଖ) ହୋଇଅଛି ।

'କେ' ସ୍ଥାନରେ 'ଯେ' କେବଳ (କ) ପାଠରେ ଦେଖାଯାଏ । ଯାହା ଲିପିଭ୍ରମ ଯୋଗୁଁ (କ>ଜ=ଯ) ହୋଇଥିବା ସୁସ୍ପଷ୍ଟ ।

୮. ଅର୍ଥର ଦୁର୍ବୋଧ୍ୟତା ଦୃଷ୍ଟିରୁ କେତେକ ସ୍ଥଳରେ ମୂଳପାଠର ଭାବ ଠିକ୍ ବୁଝିନ ପାରି କିଂବା କୌଣସି ଶବ୍ଦର ବିଶିଷ୍ଟ ଅର୍ଥ ପ୍ରତୀତ ହେଉଥିବା ପ୍ରୟୋଗ ସହିତ ଅପରିଚିତ ଥାଇ ଲିପିକାର ମାନେ ଭୁଲ୍ କରିଥାନ୍ତି । ଏପରି ସ୍ଥଳେ ବିଭିନ୍ନ ପାଠାନ୍ତର ଓ ସେମାନଙ୍କର ଅର୍ଥ ବିଚାର ଦ୍ୱାରା ଉପଯୁକ୍ତ ପାଠ ନିର୍ଣ୍ଣୟ କରାଯାଇଅଛି । ନିମ୍ନଲିଖିତ ଉଦାହରଣ ସମୂହ ଦ୍ରଷ୍ଟବ୍ୟ ।

ରାସ ପଞ୍ଚାଧ୍ୟାୟୀ -

୩୦ଶ ଅଧ୍ୟାୟ -

୫୮ ରସଭର =ରୋଷଭର(ଳ), ଅସମ୍ଭାଳ (କ)(ପ୍ରି)(ର); (ଗ)

୧୬୦ ଦଶନେ =ଦର୍ଶନେ (ର) (ଦଶନେ ଅଧର = ଅଧରେ ଦ୍ରସନ (ଝ),

ଅଧର ଦ୍ରସନ (ଗ)

-'ଦଶନେ' (ଅର୍ଥାତ୍ ଦାନ୍ତରେ) ଶବ୍ଦର ଅର୍ଥ ବୁଝିନପାରି ତାହାକୁ ଲିପିକାର ମାନେ 'ଦ୍ରସନ'(=ଦର୍ଶନ) ରେ ପରିଣତ କରିଅଛନ୍ତି, ଯାହାକି ଶ୍ରୀରାଜକିଶୋର ଦାସ ମଧ୍ୟ ଗ୍ରହଣ କରିନେଇ ଅଛନ୍ତି । ଶବ୍ଦ ବିପର୍ଯ୍ୟୟ ଯୋଗୁ 'ଦଶନେ ଅଧର'; (ଗ)(ଝ) ରେ ଯଥାକ୍ରମେ 'ଅଧର ଦ୍ରସନ' ଓ 'ଅଧରେଦ୍ରସନ' ଭାବେ ପରିବର୍ତ୍ତିତ ହୋଇଅଛି ।

୩୨ଶ ଅଧ୍ୟାୟ -

୧୫ ଲକ୍ଷ୍ମୀ =ଶିରୀ(ର), ଲତା(ଗ)

ନିର୍ଦ୍ଧାରିତ ପାଠ - 'ତୋ ମୁଖ କମଳର ତେଜେ ।

ପଦ୍ମ-କୁମୁଦ-ଲକ୍ଷ୍ମୀ ଗଞ୍ଜେ ।୧୫।'

୧୫-୨ 'କୁମୁଦ' ସ୍ଥାନରେ (ଗ)(ଝ) ପାଠରେ 'କୁମୋଦ' ଓ (ଳ) ପାଠରେ 'କୋଟିୟେ' ଏବଂ 'ଲକ୍ଷ୍ମୀ' ସ୍ଥାନରେ (ଗ) ପାଠରେ ଲତା ଉଲ୍ଲେଖ କରାଯାଇଛି । ଅର୍ଥାତ୍ (ଗ) ପାଠରେ 'ପଦ୍ମ-କୁମୋଦ ଲତା ଗଞ୍ଜେ' ଥିବା ସ୍ଥଳେ(ଳ) ପାଠରେ 'ପଦ୍ମ କୋଟିୟେ ଲକ୍ଷ୍ମୀ ଗଞ୍ଜେ' ପରିଦୃଷ୍ଟ ହୁଏ । ଏଠାରେ 'ଲକ୍ଷ୍ମୀ' ଶବ୍ଦଟି ଶୋଭା, 'ଶ୍ରୀ' ଅର୍ଥରେ ବ୍ୟବହୃତ ଏବଂ ଏହି ଅର୍ଥ ଲିପିକାରଙ୍କ ନିକଟରେ ଦୁର୍ବୋଧ ହୋଇ ପଡ଼ିଥିବାରୁ ଉଭୟ (ଗ) ଓ (ଳ) ପାଠରେ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଇ ପାରେ । ମାତ୍ର (ର) ପାଠରେ ମୂଳପାଠ ପରିବର୍ତ୍ତିତ ହୋଇ 'ଶରଦପଦ୍ମଶିରୀ ଗଞ୍ଜେ' ରେ ପରିଣତ ହୋଇଥିବା ସ୍ପଷ୍ଟ ହୁଏ । ଶ୍ରୀ ରାଜକିଶୋର ଦାସ 'ଲକ୍ଷ୍ମୀ' ଶବ୍ଦର ବିଶେଷ ଅର୍ଥ ଲକ୍ଷ୍ୟ କରି ନ ପାରି ସଂସ୍କୃତ (୩୧ଶ ଅଧ୍ୟାୟ-ଶ୍ଳୋକ-୨) ଶରଦୁ ଦାଶୟେ ସାଧୁଜାତ ସତ୍ ସରସି ଜୋଦର- ଶ୍ରୀ ମୁଷା ଦୃଶା' ଅନୁସରଣରେ 'ପଦ୍ମ କୁମୁଦ' କୁ 'ଶରଦ ପଦ୍ମ'ରେ ଓ 'ଲକ୍ଷ୍ମୀ' କୁ ତାର ପ୍ରତିଶବ୍ଦ 'ଶିରୀ' ଦ୍ୱାରା ପରିବର୍ତ୍ତିତ

କରିଥିବା ଜଣାଯାଏ । କାରଣ ମୂଳପାଠ 'ପଦ୍ମ' ଓ ଗଞ୍ଜେ ତାଙ୍କ ପରିବର୍ତ୍ତିତ ପାଠରେ ମଧ୍ୟ ସୁରକ୍ଷିତ । ଅନ୍ୟ ପକ୍ଷରେ ନିର୍ଦ୍ଧାରିତ ପାଠ ସର୍ବପ୍ରାଚୀନ ପୋଥି (ଝ) ସମେତ (କ)(ଖ)(ପ୍ରି)ଦ୍ୱାରା ସମର୍ଥିତ ।

୨୮ ବୃଷ୍ଣି = ବିଷ୍ଣୁ(ଖ)(ଗ)(ଝ)(ଳ), କୃଷ୍ଣ(ପ୍ରି)

ଶୁଦ୍ଧପାଠ-୨୮-୧ ଭୋ ବୃଷ୍ଣିବଂଶ ଚୂଡ଼ାମଣି ।

କୃଷ୍ଣ ହେଉଛନ୍ତି 'ବୃଷ୍ଣି' ବଂଶର ଶ୍ରେଷ୍ଠ । ମୂଳ ସଂସ୍କୃତ ୯ମ ସ୍କନ୍ଧ ୨୪ଶ ଅଧ୍ୟାୟ ଶ୍ଳୋକ-୧୪ରେ -'ଯୁଗନ୍ଧରୋତନମିତ୍ରସ୍ୟ ବୃଷ୍ଣିଃ ପୁତ୍ରୋତ୍ ପରସ୍ତତଃ', ଏବଂ ୧୦ମସ୍କନ୍ଧ ୩୧ଶ ଅଧ୍ୟାୟ ଶ୍ଳୋକ-୫ରେ-ବିରଚିତା-ଭୟଂ ବୃଷ୍ଣି ଧୂର୍ଯତେ ଚରଣମୀୟୁଷାଂ ସଂସୃତେର୍ଭୟାତ୍' ଭାବେ ବର୍ଣ୍ଣିତ ହୋଇଅଛି । ମାତ୍ର 'ବୃଷ୍ଣି' ଶବ୍ଦଟି କ୍ଳିଷ୍ଟ ହୋଇଥିବାରୁ ଏହାର ଅର୍ଥ ତଥା ପ୍ରୟୋଗ ବୁଝି ନ ପାରି ଲିପିକାର ମାନେ ଏହାକୁ 'ବିଷ୍ଣୁ' ଓ 'କୃଷ୍ଣ'ରେ ପରିଣତ କରି ଦେଇଅଛନ୍ତି ।

୫୦ କପୋଳେ = କପାଳେ (କ)(ପ୍ରି)

୩୩ଶ ଅଧ୍ୟାୟ -

୬୭ ମୋହ-ର = ମୋହୋର (ଖ)(ଗ)(ଝ)(ଳ), ଗୃହର(ର) ।

'ମୋହ' ଶବ୍ଦର ଅର୍ଥ 'ଆସକ୍ତି' ବା 'ମମତା'; ଏହା ବୁଝି ନ ପାରି ଲିପିକାର ମାନେ, 'ମୋହ-ର' ସ୍ଥାନରେ 'ମୋହୋର' (=ମୋର) ଉଲ୍ଲେଖ କରିଛନ୍ତି । (ର) ପାଠରେ ସେହି ସ୍ଥାନ ରେ 'ଗୃହର' ପାଠ ଦେଖିବାକୁ ମିଳେ । ସଂସ୍କୃତ ୩୨ଶ ଅଧ୍ୟାୟ-ଶ୍ଳୋକ-୨୨ 'ଗେହ ଶୃଙ୍ଖଳା' ଅନୁସରଣରେ ଶ୍ରୀ ରାଜକିଶୋର ଦାସ ଏହି ସଂଶୋଧନ କରିଥିବା ସ୍ପଷ୍ଟ ହୁଏ । କାରଣ ଏହା କେବଳ ଗୋଟିଏ ପାଠ (ର) ରେ ହିଁ ଦେଖିବାକୁ ମିଳେ; ତେଣୁ 'ଗୃହରେ' ପାଠ ଗୃହୀତ ହେଲା ନାହିଁ ।

୩୪ଶ ଅଧ୍ୟାୟ :-

୩୧-୨ ଶ୍ଳଥ ହୋଇଲା ଝୀନବସ୍ତ୍ର ।

ଶ୍ଳଥ = ଗରୁ(ଖ)(ଗ)(ଳ); ଶ୍ଳଥ ହୋଇଲା=ଶିଥିଳ ହେଲା (ର)

ମୂଳ ସଂସ୍କୃତ ୩୩ଶ ଅଧ୍ୟାୟ ଶ୍ଳୋକ-୧୧ ଶ୍ଳଥଦ୍ ବଳୟ ମଲ୍ଲିକା'ର ଅନୁବାଦ 'ଶ୍ଳଥ ହୋଇଲା ଝୀନବସ୍ତ୍ର' (୩୧-୨) ଏବଂ 'କବରୀ ଫିଟି ଫୁଲମାଳେ । ଅବନୀ ପଡ଼ିଲେ ଗହଳେ । (୩୨)' ରେ ପ୍ରକାଶ କରିଛନ୍ତି ।

ଅର୍ଥାତ୍ 'ବଳୟ'କୁ 'ଝୀନବସ୍ତ୍ର' ଏବଂ 'ଫୁଲମାଳେ'ରେ ପରିବର୍ତ୍ତିତ କରିବା ସଙ୍ଗେ ସଙ୍ଗେ 'ଅବନୀ ପଡ଼ିଲେ ଗହଳେ' ପାଦଟି ସଂଯୋଗ କରିଛନ୍ତି । ଏଠାରେ 'ଶ୍ଳଥ' ଶବ୍ଦଟି ଉଭୟ 'ଝୀନବସ୍ତ୍ର' ଏବଂ 'ଫୁଲମାଳେ' ସହିତ ସଂଯୋଗ ସ୍ଥାପନ କରୁଛି । ମାତ୍ର 'ଶ୍ଳଥ' ସ୍ଥାନରେ 'ଗରୁ' ଗୃହୀତ ହେଲେ ଉପରୋକ୍ତ ସଂଯୋଗ ବିଚ୍ଛିନ୍ନ ହେବା ସଙ୍ଗେ ସଙ୍ଗେ ପ୍ରସଙ୍ଗ କ୍ରମରେ ବାଧାସୃଷ୍ଟି ହେବ । ତେଣୁ ଏଠାରେ 'ଶ୍ଳଥ' ଶବ୍ଦର ଭାବ ଏବଂ ବିଶିଷ୍ଟ ଅର୍ଥ ବୁଝି ନ ପାରି ଲିପିକାରମାନେ ଭୁଲ୍ ବଶତଃ 'ଗରୁ' ରେ ପରିଣତ କରିଥିବା ସ୍ପଷ୍ଟ ହେଉଥିବାରୁ 'ଶ୍ଳଥ' ପାଠ ଗୃହୀତ ହେଲା ।

'ଶିଥିଳ ହେଲା' ପାଠ କେବଳ (ର) ରେ ଥିବାରୁ ଏହା ଶ୍ରୀ ରାଜକିଶୋର ଦାସଙ୍କ ନିଜସ୍ୱ ସଂଶୋଧନ; ତେଣୁ ଗୃହୀତ ହେଲାନାହିଁ ।

୬୨. ନୃଗରାଜାଙ୍କୁ ଦେବୁ ସୁଖ । ନାଶିବୁ କୃକଳାସ ରୂପ ।

୬୨-୧ ନୃଗ=ନୃର୍ପ (ଗ) (ଛ), ନୃପ (ଖ) (ଢ) (ଗ>ପ), ନାଗ(କ), ନଗ୍ର (ପ୍ରି),

ରାଜାଙ୍କୁ=ରାଜାକୁ (ଗ), ଦେବୁ=ଦେଇ (ଗ)(ଳ) ।

୬୨-୨ କୃକଳାସ=କୃକଳାସ (ଛ), କୁକଳାସ (ଗ), କୁକଲ୍ଲାସ (କ) ।

(ସଂସ୍କୃତ-୩୭ଶ ଅଧ୍ୟାୟ-ଶ୍ଳୋକ-୧୮-''ନୃଗସ୍ୟ ମୋକ୍ଷଣଂ ପାପାଦ୍ ଦ୍ୱାରକାୟାଂ ଜଗତ୍ପତେ ।''

ସଂସ୍କୃତ-୬୪ଶ ଅଧ୍ୟାୟ-ଶ୍ଳୋକ-୩-''କୃକଳାସଂ ଗିରିନିଭଂ ବୀକ୍ଷ୍ୟ ବିସ୍ମିତ ମାନସାଃ ।

ତସ୍ୟ ଚୋଦ୍ଧରଣେ ଯତ୍ନଂ

ଚକ୍ରୁସ୍ତେ କୃପୟାନ୍ୱିତାଃ'')

୯. ଭାଷା ଦୃଷ୍ଟିରୁ:-ରାସ ପଞ୍ଚାଧ୍ୟାୟୀ:-

ଜଗନ୍ନାଥ ଦାସଙ୍କ 'ଭାଗବତ'ର ଆଦର୍ଶ ମୂଳ ସଂସ୍କୃତ । ସାରଳା ଦାସ ଓ ବଳରାମ ଦାସ ଯଥାକ୍ରମେ 'ମହାଭାରତ' ଓ 'ରାମାୟଣ' ରେ ସଂସ୍କୃତକୁ ଅନୁସରଣ କରିଥିବା ସ୍ଥଳେ, ଜଗନ୍ନାଥ ଦାସ 'ଭାଗବତ' କୁ ଅନୁବାଦ କରିଛନ୍ତି । ଓଡ଼ିଆ ଭାଗବତରେ ମୂଳ ସଂସ୍କୃତର ବହୁ ପରିବର୍ତ୍ତନ ତଥା ସଂଯୋଗ ବିଯୋଗ ହୋଇଥିଲେ ହେଁ ଜଗନ୍ନାଥ ଦାସଙ୍କ ଶବ୍ଦ ବ୍ୟବହାରର ଆଦର୍ଶ ସଂସ୍କୃତ ହେବା ସ୍ୱାଭାବିକ । ତେଣୁ ପାଠ ନିର୍ଦ୍ଧାରଣ ସମୟରେ ସଂସ୍କୃତ ଶବ୍ଦ ବ୍ୟବହାର ପ୍ରତି ଗୁରୁତ୍ୱ ଦିଆଯାଇଥିଲେ ହେଁ

ତତ୍‌କାଳୀନ ପ୍ରାଚୀନ ପ୍ରୟୋଗ, ଉଚ୍ଚାରଣଗତ ବୈଶିଷ୍ଟ୍ୟ ତଥା ନାମବାଚକ ଶବ୍ଦ ସମୂହର ବ୍ୟବହାର ପ୍ରତି ମଧ୍ୟ ଯଥାସମ୍ଭବ ପ୍ରାଧାନ୍ୟ ଦିଆଯାଇଛି । ଏହି ଦୃଷ୍ଟିରୁ ଜଗନ୍ନାଥ ଦାସଙ୍କ ଶବ୍ଦଗତ ପ୍ରୟୋଗକୁ ୪ଭାଗରେ ବିଭକ୍ତ କରାଯାଇଛି । ଯଥା:-
୧) ପ୍ରାଚୀନ ପ୍ରୟୋଗ, (୨) ଉଚ୍ଚାରଣ ଗତ ପ୍ରୟୋଗ, (୩) ନାମବାଚକ ପ୍ରୟୋଗ, (୪) ତତ୍‌ସମ-ତଦ୍ଭବ ପ୍ରୟୋଗ ।

(୧) ପ୍ରାଚୀନ ପ୍ରୟୋଗ:- ଜଗନ୍ନାଥ ଦାସ ତାଙ୍କ ରଚନାବଳୀରେ 'ସାମରଥା' 'ଦିନେକ' 'ଧାରଣ' 'ରିଆଣ' ଓ 'ହେରି' ଆଦି ବହୁ ପ୍ରାଚୀନଶବ୍ଦ ବ୍ୟବହାର କରିଥିବା ଜଣାଯାଏ । କାରଣ ଉକ୍ତ ଶବ୍ଦ ସମୂହ ପ୍ରତ୍ୟେକ ପାଠରେ ଦେଖିବାକୁ ମିଳେ । ମାତ୍ର 'ଦିଲା' 'ଦିଲାକ' ଓ 'ଦିଲେ' ଆଦି ପ୍ରତ୍ୟେକ ପାଠରେ ନ ଥିଲେ ହେଁ 'ଦଶମସ୍କନ୍ଧ' (ଗୋପଲୀଳା)' ର ସର୍ବପ୍ରାଚୀନ ପୋଥି (ଞ) ଓ ସେହି ପରିବାରର (ଅ) ରେ ମଧ୍ୟ ଦେଖିବାକୁ ମିଳେ ।

ପ୍ରକାଶିତ ପୁସ୍ତକ ବ୍ୟତୀତ ପ୍ରତ୍ୟେକ ପୋଥିରେ (ମୁଁ' 'ମୋହୋର' 'ତୋହୋର' 'ଯେକଇ' 'ଯେକି' ଆଦି ପ୍ରୟୋଗ ଥିବାରୁ ଗ୍ରହଣ କରାଯାଇଛି । ମାତ୍ର ପ୍ରାଚୀନ ପୋଥି 'ସମେତ ଅନେକ ପୋଥିରେ 'କ୍ରିୟାପଦରେ' 'ଏ' ପ୍ରୟୋଗ ଥିବାରୁ ତାହା ଗ୍ରହଣ କରାଯାଇଛି । ଉଦାହରଣ ସ୍ୱରୂପ- 'ହୋଏ' 'ପାଏ' ଇତ୍ୟାଦି ।

(୨) ଉଚ୍ଚାରଣ-ଗତ ପ୍ରୟୋଗ:-ତତ୍‌କାଳୀନ ଶବ୍ଦସମୂହର ଉଚ୍ଚାରଣଗତ ବୈଶିଷ୍ଟ୍ୟ ଓ ପ୍ରାଚୀନ ପୋଥି ସମୋତ ବହୁପାଠ ଦ୍ୱାରା ସମର୍ଥିତ ହୋଇଥିବାରୁ 'ଆଛାଦିଲା' 'ଇଛା' 'ବଛା' 'ଉଛବ' ବଛଳ ଇତ୍ୟାଦି ସ୍ଥାନମାନଙ୍କରେ 'ଚ୍ଛ' ବା 'ତ୍ସ' ବଦଳରେ 'ଛ' ଗ୍ରହଣ କରାଯାଇଛି । ସେହିପରି 'ଅମିଅ' 'ବଳିଆର' 'ଭଗତ' ଆଦି ଶବ୍ଦ ସମୂହ ଶୁଦ୍ଧପାଠରେ ଗୃହୀତ ହୋଇଛି ।

(୩) ନାମ ବାଚକ ପ୍ରୟୋଗ:- ପ୍ରତ୍ୟେକ ରଚନାରେ ନାମ ବାଚକ ଶବ୍ଦ ସମୂହର ଯଥାସମ୍ଭବ ଅକ୍ଷୁଣ୍ଣ ବ୍ୟବହାର ଗ୍ରହଣ କରାଯାଇଛି । ଉଦାହରଣ ସ୍ୱରୂପ 'କାଳିନ୍ଦୀ' 'କୁବେର' 'ନାରାୟଣ' 'ପଦ୍ମନାଭ' 'ପୂତନା' ଇତ୍ୟାଦି । ମାତ୍ର ଉଚ୍ଚାରଣଗତ ବୈଶିଷ୍ଟ୍ୟ ଯୋଗୁ ଶୁଦ୍ଧପାଠରେ 'ବଛାସୁର' , 'ନଳକୁବର' 'ଶ୍ରୀବଛା' ଇତ୍ୟାଦି ଗୃହୀତ ହୋଇଛି ।

(୪) ତତ୍‌ସମ-ତଦ୍ଭବ ପ୍ରୟୋଗ:-ଲିପିକାରଙ୍କ ଅଜ୍ଞତାବଶତଃ କେତେକ ତତ୍‌ସମ-ତଦ୍ଭବ ଶବ୍ଦର ନିକଟବର୍ତ୍ତୀ ରୂପ ପୋଥି ସବୁରେ ଦେଖିବାକୁ ମିଳେ । ସେହିସ୍ଥାନମାନଙ୍କରେ ଶବ୍ଦ ସମୂହର ଶୁଦ୍ଧରୂପ ଗ୍ରହଣ କରାଯାଇଛି, ଉଦାହରଣ ସ୍ୱରୂପ-

'ଅମୃତ', 'ଉତ୍ତର' 'ଉଦର', 'ଚିର', 'ଦର୍ପଣ', 'ଦର୍ଶନ' , 'ଦୁଃଖ', 'ନୂପୁର', 'ଶ୍ରବଣ' ଇତ୍ୟାଦି ।

୧୦. ବ୍ୟାକରଣ ଦୃଷ୍ଟିରୁ:- ଜଗନ୍ନାଥ ଦାସ ବ୍ୟାକରଣ ନିୟମ ପାଳନ ଦିଗରେ ବିଶେଷ ଗୁରୁତ୍ୱ ଦେଇନଥିଲେ ହେଁ, ଯେଉଁଠି ବ୍ୟାକରଣ ସମ୍ମତ ପାଠ ମିଳିଛି, ତାହା ଗ୍ରହଣ କରାଯାଇଛି, ଏ କ୍ଷେତ୍ରରେ ଛନ୍ଦ, ବାକ୍ୟଗଠନ ପ୍ରଣାଳୀ, ଲିଙ୍ଗ ଓ ବଚନ ଆଦି ବିଷୟ ମଧ୍ୟ ବିଚାରକୁ ନିଆଯାଇଛି ଏବଂ ଯେଉଁ ପାଠାନ୍ତର ବ୍ୟାକରଣ-ନିୟମବିରୁଦ୍ଧ ତାହା ଗ୍ରହଣ କରାଯାଇନାହିଁ । ଅର୍ଥାତ୍ ବ୍ୟାକରଣ ସମ୍ମତ ଓ ବ୍ୟାକରଣ ବିରୁଦ୍ଧ ପାଠ ମଧ୍ୟରୁ, ବ୍ୟାକରଣ ସମ୍ମତ ପାଠକୁ ଗ୍ରହଣ କରିବା ଦ୍ୱାରା ମୂଳପାଠ ନିକଟରେ ପହଞ୍ଚିବା ସମ୍ଭବପର । ନିମ୍ନଲିଖିତ ଉଦାହରଣ ସମୂହ ଦ୍ରଷ୍ଟବ୍ୟ ।

(ଆବଶ୍ୟକ ସ୍ଥଳେ ଛନ୍ଦ, ବାକ୍ୟ ଗଠନ ପ୍ରଣାଳୀ, ଲିଙ୍ଗ ଓ ବଚନ ଇତ୍ୟାଦି ସୂଚନାତ୍ମକ ଭାବେ ଉଲ୍ଲେଖ କରାଯାଇଛି ।)

ରାସ ପଞ୍ଚାଧ୍ୟାୟୀ:-

୩୦ଶ ଅଧ୍ୟାୟ

୧୯୨-୨ ତୋ ନାମ କରିଛୁଂ ଭରସା ।

ଭରସା= ଭସା (ଗ) (୮ ଅକ୍ଷର ଓ ପଦ ପତ୍ତନି) (ଛନ୍ଦ)

(ଗ) ପାଠରେ 'ଭରସା' ସ୍ଥାନରେ 'ଭସା' ହେବା ଦ୍ୱାରା ଏହି ପାଦଟି ୮ ଅକ୍ଷର ବିଶିଷ୍ଟ ହୋଇଅଛି ଏବଂ ୧ମ ପାଦ ' ଆମ୍ଭର ତେଣ ନାହିଂ ଆଶା' ସହିତ ମିତ୍ରାକ୍ଷର ମେଳରେ ବାଧା ସୃଷ୍ଟି କରୁଛି, ତେଣୁ 'ଭସା' ପାଠ ଗ୍ରହଣ କରାଗଲା ନାହିଁ ।

୩୧ ଶ ଅଧ୍ୟାୟ:-

୩୦-୨ ଗୋବିନ୍ଦ ଗଲେ କି ଯେ ପଥେ ।

ପଥେ=ପଛେ (ଗ) (ପଦ ପତ୍ତନି) (ଛନ୍ଦ)

କେବଳ (ଗ) ପାଠରେ 'ପଥେ' ସ୍ଥାନରେ 'ପଛେ' ହେବା ଦ୍ୱାରା ଛନ୍ଦ ଓ ପ୍ରସଙ୍ଗ କ୍ରମରେ ବାଧାସୃଷ୍ଟି ହେଉଥିବାରୁ ଏବଂ ୩୧/୩୭-୨ (ଗୋବିନ୍ଦ ଗଲେ କିଯେ ପଥେ) ରେ ଏହି ପାଦଟି ସମସ୍ତ ପାଠ ଦ୍ୱାରା ସମର୍ଥିତ ହୋଇଥିବାରୁ 'ପଛେ' ପାଠକୁ ଅସ୍ୱୀକାର କରାଗଲା ।

୩୬ ହେ ଚୂତ ପିଆଳ ପଣସ । ଅସନ ବିଦାର ଜମ୍ଭୁଶ ।

୩୬-୧ ପିଆଳ=ପିଅଳ (ଳ), ପିଅର (ଝ), କପିଥ (ଖ),

ପଣସ=ପଣୁସ (ଗ), ପନସ (କ)(ଖ)(ପ୍ରି)(ଳ),

ପିଆଳ ପଣସ=ତାନସ ପିଆଳ (ର),

୩୬-୨ ଅସନ=ଆସନ (ଗ),

ବିଦାର=ଦାଡ଼ିମ୍ବ (ଖ)

ଜମ୍ବୁଶ=ଜମ୍ବୁକ (ଗ)(ଝ), ବିଳାସ (ଖ), ମାଳସ (ଳ)

ବିଦାର ଜମ୍ବୁଶ=ଜମ୍ବୁ କୋବିଦାର (ର)(ଗ)(ଝ) ରେ ପଦ ପଡୁନି) (ଛନ୍ଦ)

ସଂସ୍କୃତ ୩୦ ଅଧାୟ- ଶ୍ଳୋକ-୯-''ଚୂତ୍ ପ୍ରିଆଳ ପନସାସନ କୋବିଦାର ଜମ୍ବକଃ''
(ଗ) (ଝ) ପାଠରେ 'ଜମ୍ବୁଶ' ସ୍ଥାନରେ 'ଜମ୍ବୁକ' ଥାଇ ଛନ୍ଦରେ ବାଧା ସୃଷ୍ଟି କରିଛି । ଛନ୍ଦ ଦୃଷ୍ଟିରୁ 'ଜମ୍ବୁ' ଶବ୍ଦ ସହିତ 'ଶ' ସଂଯୁକ୍ତ ହୋଇଅଛି । (ଅନ୍ୟ ପକ୍ଷରେ ଲିପିକାର ଙ୍କ ଅସାବଧାନତା ବଶତଃ 'ଜମ୍ବୁଶ' ପାଠ ଜମ୍ବୁକ (ଶ>ବ)ରେ ପରିଣତ ହେବା ଖୁବ୍ ସମ୍ଭବ) ସେହିପରି ଛନ୍ଦ ଅନୁରୋଧରେ 'କୋବିଦାର' ଶବ୍ଦ ('କୋ' ଲୋପପାଇ) 'ବି ଦାର' ରେ ପରିଣତ ହୋଇଅଛି ।

ଶ୍ରୀ ରାଜକିଶୋର ଦାସ ପାଠ ଭିନ୍ନତା ଜନିତ ଅସୁବିଧାରେ ସମ୍ମୁଖୀନ ହୋଇ ସଂସ୍କୃତ ଅନୁଯାୟୀ ('ହେ ଚୂତ ପନସ ପିଆଳ । ଅସନ ଜମ୍ବୁ କୋବି ଦାର') ପାଠ ପ୍ରସ୍ତୁତ କରିଛନ୍ତି । କାରଣ ଏହା ଅନ୍ୟ କୌଣସି ପାଠ ଦ୍ୱାରା ସମର୍ଥିତ ହୋଇ ନ ଥିବାର ମୂଳପାଠ ନୁହେଁ, ତେଣୁ ଗୃହୀତ ହେଲାନାହିଁ ।

'ଅସନ' ସ୍ଥାନରେ 'ଆସନ' କେବଳ (ଗ) ରେ ଏବଂ 'ବିଦାର' ସ୍ଥାନରେ 'ଦାଡ଼ିମ୍ବ' କେବଳ (ଖ) ରେ ଥିବାରୁ ଅସ୍ୱୀକାର କରାଗଲା ।

କ୍ଲିଷ୍ଟତା ଦୃଷ୍ଟିରୁ 'ଜମ୍ବୁଶ' ଶବ୍ଦ 'ବିଳାସ' ଓ 'ମାଳସ' ରେ ଏବଂ ଲିପିକାରଙ୍କ ଅଜ୍ଞତା ବଶତଃ 'ପିଆଳ' ଶବ୍ଦ 'ପିଅଳ' ଓ 'ପିଅର' (ଳ>ର) ରେ ପରିଣତ ହେବା ସ୍ପଷ୍ଟ ହେଉଥିବାରୁ ଗୃହୀତ ହେଲାନାହିଁ ।

'ପିଆଳ' ସ୍ଥାନରେ କେବଳ (ଖ) ରେ ଥିବା 'କପିଥ' ପାଠ ପ୍ରସଙ୍ଗ ଅନୁକୂଳ ହୋଇନଥିବାରୁ ଅସ୍ୱୀକାର କରାଗଲା ।

'ପଣସ' ପାଠ ସର୍ବ ପ୍ରାଚୀନ ପୋଥି (ଝ) ରେ ଥାଇ (ଗ) ଦ୍ୱାରା ସମର୍ଥିତ (ପଣୁସ) ହୋଇଥିବାରୁ ଗୃହୀତ ହେଲା ।

୩୮ତୁମେ ଯେ ଯମୁନାର ତୀରେ । ହୋଇଛ ପର ଉପକାରେ । (ପ୍ରାଚୀନ-ବାକ୍ୟ ଗଠନ ପ୍ରଣାଳୀ)

୩୮-୨ ହୋଇଛ=ରହିଛ (କ)(ର)

'ହୋଇଛ' ଏବଂ 'ରହିଛ' ପାଠ ସମାନ ଅର୍ଥ ପ୍ରକାଶ କରୁଥିଲେ ହେଁ 'ରହିଛ' ପାଠ ଗୃହୀତ ହେଲେ ପ୍ରାଚୀନ ବାକ୍ୟ ଗଠନ ପ୍ରଣାଳୀର ଏକ ବିଶେଷ ପ୍ରୟୋଗ ଲୁପ୍ତ ହେବ । ଅନ୍ୟ ପକ୍ଷରେ, ଏହି ('ହୋଇଛି') ପ୍ରୟୋଗ ସର୍ବପ୍ରାଚୀନ ପୋଥି (ଝ) ରେ ଥାଇ (ଖ)(ଗ)(ପ୍ରି)(ଳ) ଦ୍ୱାରା ସମର୍ଥିତ ହୋଇଥିବାରୁ ଏବଂ ପ୍ରାଚୀନ ପୋଥିରେ ପ୍ରାଚୀନ ପ୍ରୟୋଗ ସୁରକ୍ଷିତ ଥିବା ଦୃଷ୍ଟିରୁ, 'ହୋଇଛ' ପାଠ ଗୃହୀତ ହେଲା ।

୫୧ ସୁଗନ୍ଧ ଗୋ= ସେ ସୁଗନ୍ଧ (ର) (ପ୍ରାଚୀନ ବାକ୍ୟ ଗଠନ ପ୍ରଣାଳୀ)

୫୩ ବୃକ୍ଷଙ୍କ = ବୃକ୍ଷେ ଯେ (ର) (ପ୍ରାଚୀନ ବାକ୍ୟ ଗଠନ ପ୍ରଣାଳୀ)

୬୪ ଗୋପୀୟେ= ଗୋପୀକୁ (ର) (ପ୍ରାଚୀନ ବାକ୍ୟ ଗଠନ ପ୍ରଣାଳୀ)

'ସେ ସୁଗନ୍ଧ, 'ବୃକ୍ଷେ ଯେ' ଓ 'ଗୋପୀକୁ' ପ୍ରୟୋଗ କେବଳ (ର) ପାଠରେ ଦେଖିବାକୁ ମିଳେ, ତେଣୁ ଏହା ଶ୍ରୀ ରାଜକିଶୋର ଦାସଙ୍କ ସଂଶୋଧନ ବୋଲି ଜଣାଯାଏ । ଉପରୋକ୍ତ ପରିବର୍ତ୍ତନ ଦ୍ୱାରା ଜଗନ୍ନାଥ ଦାସଙ୍କ ବାକ୍ୟ ଗଠନ ପ୍ରଣାଳୀର ବୈଶିଷ୍ଟ୍ୟ ରୁ ବଞ୍ଚିତ ହେବାକୁ ପଡ଼ିଛି ।

କୃଷ୍ଣ-ଅନ୍ୱେଷଣ ସମୟରେ ଗୋପୀମାନଙ୍କର ଆଳାପ ମଧ୍ୟରେ 'ଗୋ' ପ୍ରୟୋଗ ଅଧିକ ପ୍ରସଙ୍ଗ ସମ୍ମତ । ସେହିପରି 'ବୃକ୍ଷଙ୍କ ପାଠ' ରେ ବୃକ୍ଷ ସହିତ 'ଙ୍କ' ଯୋଗ ହୋଇ ବହୁବଚନ କରାଯାଇଛି । 'ବୃକ୍ଷେ ଯେ' ପାଠ ଦ୍ୱାରା । ଏହି ବୈଶିଷ୍ଟ୍ୟ ଲୋପ ପାଉଛି । ତେଣୁ 'ସୁଗନ୍ଧ ଗୋ' ଏବଂ 'ବୃକ୍ଷଙ୍କ' ପାଠ ଗୃହୀତ ହେଲା ।

୨ୟା ଏକବଚନରେ 'ୟେ' ପ୍ରୟୋଗ ଏକ ପ୍ରାଚୀନ ପ୍ରୟୋଗ [୧୦] । ଏଠାରେ 'ଗୋପୀୟେ' ପାଠ 'ଗୋପୀକୁ' ହିଁ ବୁଝାଉଛି । ଅନ୍ୟ ପକ୍ଷରେ ସେହି (ର) ରେ ୩୧।୬୮-୧ 'ୟେକ ଗୋପୀୟେ ଧରି କରେ' ପାଠ ର 'ଗୋପୀୟେ' ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ ଅର୍ଥାତ୍ ଗୋପୀକୁ ନ ହୋଇ 'ଗୋପୀଏ'

---

୧୦. ଡଃ. ଧନେଶ୍ୱର ମହାପାତ୍ର 'ସାରଳା ମହାଭାରତରେ ଭାଷାତାତ୍ତ୍ୱିକ ଅନୁଶୀଳନ' ପୃ-୧୧୦ । 'ଯାହା ବାଞ୍ଛାକଲୁ ପ୍ରାପତ ହୋଉ ତୋୟେ' - (ଆଦିପର୍ବ-୧ମ ଖଣ୍ଡ- ପୃ.୧୮୪) (ତୋ-ଏ > ତୋୟେ)

ହୋଇଅଛି । ସେହିପରି ୩୧।୪୭-୧ ୩୧।୫୮।-୧ ଏବଂ ୩୧।୭୦-୧ ରେ କେବଳ (ର) ପାଠରେ 'ଗୋପୀୟେ' ସ୍ଥାନରେ 'ଗୋପୀକା' ପାଠ ଦେଖିବାକୁ ମିଳେ । ଏହା କେବଳ ଗୋଟିଏ ପାଠ (ର) ରେ ଥାଇ ଶ୍ରୀ ରାଜ କିଶୋର ଦାସଙ୍କ ସଂଶୋଧନ ବୋଲି ସ୍ପଷ୍ଟ ହେଉ ଥିବାରୁ ଗୃହୀତ ହୋଇନାହିଁ । ମାତ୍ର ୩୧।୧୧୩-୧ରେ 'ଗୋପିକା' ପାଠ ସବୁ ପାଠ ରେ ଥିବାରୁ ଗୃହୀତ ହୋଇଅଛି ।

୭୮-୨ ଅଙ୍ଗୁଳି ଉପରେ=ଅଙ୍ଗୁଳିର ଅଗ୍ରେ (ଗ) (ପଦ ପଢ଼ୁନି) (ଛନ୍ଦ)

୩୨ଶ ଅଧ୍ୟାୟ

୩୨ ତନୟା=ତନୟ (ଖ)(ଗ)(ଝ)(ଳ) (ଲିଙ୍ଗ)

ଏଠାରେ ଲକ୍ଷ୍ମୀଙ୍କ ପ୍ରସଙ୍ଗ (ଜଳଧି-ତନୟା-କଳାସେ') ଅବତାରଣା କରାଯାଇଥିବାରୁ ବ୍ୟାକରଣ ସମ୍ମତ ପାଠ 'ତନୟା' ଗ୍ରହଣ କରିଯାଇ ବ୍ୟାକରଣ ନିୟମ ବିରୁଦ୍ଧ ପାଠ 'ତନୟ' କୁ ଅସ୍ୱୀକାର କରାଯାଇଅଛି ।

୪୭-୨ ନପୂଣ ହୋଇ ଦୁଃଖଭାଗୀ ।

ହୋଇ=ହୋଏ (କ)(ଖ)(ଗ)(ପ୍ରି)(ର), ହୋଇ ଦୁଃଖଭାଗୀ = ହୋଇଛ ସୁହାଗୀ (ଳ)

(୧୦) ଡଃ ଧନେଶ୍ୱର ମହାପାତ୍ର-'ସାରଳା ମହାଭାରତ ର ଭାଷାତାତ୍ତ୍ୱିକ-ଅନୁଶୀଳନ'-ପୃ-୧୧୦ ।

'ଯାହା ବାଞ୍ଛାକଲୁ ପ୍ରାପତ ହୋଉ ତୋୟେ'-(ଆଦିପର୍ବ-୧ମ ଖଣ୍ଡ--ପୃ-୧୮୪) (ତୋ-ଏ > ତୋୟେ)

(୩୩।୫୮-୨ ହୋଇ=ହୋଏ (ଖ)(ର)(ଳ), ହେଉ (ପ୍ରି), କରୁ (କ)। ହୋଇ=ହୋୟେ (ଗ), ହେଲା (କ)(ପ୍ରି) ।

ହୋଇ ପାଠ କେବଳ ସର୍ବପ୍ରାଚୀନ ପୋଥି (ଝ) ରେ ସୁରକ୍ଷିତ ଏବଂ ଏହା ପ୍ରାଚୀନ ବାକ୍ୟଗଠନ ପ୍ରଣାଳୀର ଏକ ଉଦାହରଣ ହୋଇ ଏଠାରେ ସମାପ୍ତି (=ହୁଏ) ଅର୍ଥରେ ବ୍ୟବହୃତ । ସେହିପରି ୩୩।୫୮-୨ 'ବିଷାଦ ହୋଇ ତାର ମନ' ଏବଂ ୪୦।୩୪-୧ 'ନିରୋଧ ହୋଇ କଣ୍ଠ ଦ୍ୱାର' ପାଠକୁ ଅନ୍ୟ ୨ଟି ଉଦାହରଣ ରୂପେ ଗ୍ରହଣ କରାଯାଇପାରେ । ୩୩।୫୮-୨ରେ 'ହୋଇ' ପାଠ (ଗ) ଦ୍ୱାରା ସମର୍ଥିତ ହୋଇଥିବା ସ୍ଥଳେ, ୪୦।୩୪-୧ରେ ଏହା (ଖ)(ର)(ଳ) ଦ୍ୱାରା ସମର୍ଥିତ । ଏହା

ଗୃହୀତ ନ ହେଲେ ବାକ୍ୟଗଠନ ପ୍ରଣାଳୀର ଏକ ବିଶେଷ ପ୍ରୟୋଗରୁ ବଞ୍ଚିତ ହେବାକୁ ପଡ଼େ, ତେଣୁ 'ହୋଇ' ପାଠ ଗୃହୀତ ହେଲା,

୩୩ଶ ଅଧ୍ୟାୟ

୧୩ ପତଙ୍ଗେ=ପତଙ୍ଗ (କ)(ଖ)(ଗ), ପତଙ୍ଗ ଅନଳ=ଅନଳ ପତଙ୍ଗ (ଳ)। (ବଚନ)।

'ପତଙ୍ଗେ' ଓ 'ପତଙ୍ଗ' (ନିର୍ଦ୍ଧାରିତ ପାଠ-୧ ପତଙ୍ଗେ ଅନଳ ଅନାଇଂ) ଉଭୟ ପ୍ରୟୋଗ ପ୍ରାଚୀନ ସାହିତ୍ୟରେ ପ୍ରଚଳିତ ଥିଲେ ହେଁ, ସର୍ବପ୍ରାଚୀନ ପୋଥି (ଝ) ରେ ଥାଇ (ପ୍ରି)(ର) ଦ୍ୱାରା ସମର୍ଥିତ ହୋଇଥିବାରୁ ବହୁବଚନ ପାଠ 'ପତଙ୍ଗେ' ଗୃହୀତ ହେଲା।

'ପତଙ୍ଗେ ଅନଳ' ଶବ୍ଦ ବିପର୍ଯ୍ୟୟ ହେତୁ (ଳ) ପାଠରେ 'ଅନଳ ପତଙ୍ଗ' ହୋଇଅଛି ଏବଂ ଏହା ଗୋଟିଏ ପାଠରେ ଥିବାରୁ ଗୃହୀତ ହୋଇନାହିଁ।

୩୫ ପଣ୍ଡିତେ=ପଣ୍ଡିତ (କ)(ଗ)(ପ୍ରି)(ର)(ଳ)। (ବଚନ)

'ପତଙ୍ଗେ' ଓ 'ପତଙ୍ଗ' ପରି 'ପଣ୍ଡିତେ' ଓ 'ପଣ୍ଡିତ' ଉଭୟ ପ୍ରୟୋଗର ପ୍ରଚଳିତ ଥିଲେ ହେଁ, ସର୍ବପ୍ରାଚୀନ ପୋଥି (ଝ)ରେ ଥାଇ

(ଖ) ଦ୍ୱାରା ସମର୍ଥିତ ବ୍ୟାକରଣ ସମ୍ମତ 'ପଣ୍ଡିତେ' ପାଠକୁ ସ୍ୱୀକାର କରାଗଲା।

୩୪ ଶ ଅଧ୍ୟାୟ:-

୧ ତନୁଜ=ତନୁଜା (ଗ)(ଝ) (ଲିଙ୍ଗ)

୧-୧ 'କହନ୍ତି ବ୍ୟାସଙ୍କ ତନୁଜ' ପାଠରେ 'ବ୍ୟାସଙ୍କ ତନୁଜ' ଶୁକଦେବଙ୍କୁ ହିଁ ବୁଝାଉଛି। ବ୍ୟାକରଣ ସମ୍ମତ ପାଠ 'ତନୁଜ' (କ)(ଖ)(ପ୍ରି)(ଳ) ରେ ମିଳୁଥିବାରୁ କେବଳ (ଗ)(ଝ)ରେ ଥିବା ବ୍ୟାକରଣ ବିରୁଦ୍ଧ 'ତନୁଜା' ପାଠକୁ ଅସ୍ୱୀକାର କରାଯାଇଛି।

୪୬-୨ ଅସମ୍ଭାଳ=ବର୍ତ୍ତମାନ (ଳ) (ପଦ ପଦ୍ଧତି) (ଛନ୍ଦ)

୪୮ କିନ୍ନରୀ=କିନରୀ (ଗ)(ଝ)(ଳ)

୫୪ ରୂପରେଖ=ରେଖ ରୂପ (ଗ) (ପଦ ପଦ୍ଧତି) (ଛନ୍ଦ)

'ରୂପରେଖ' ଶବ୍ଦ ବିପର୍ଯ୍ୟୟ ହେତୁ 'ରେଖ ରୂପ' ରେ ପରିଣତ ହୋଇଥିବା ଖୁବ୍ ସମ୍ଭବ।

୧୧. ପ୍ରୟୋଗ ବୈଷମ୍ୟ ଦୃଷ୍ଟିରୁ:- କୌଣସି ବିଶେଷ ପ୍ରସଙ୍ଗରେ ଏକାଧିକ ସ୍ଥାନରେ ଏକ ପ୍ରକାର ପ୍ରୟୋଗ ହୋଇଥିବା ଶବ୍ଦ ଏବଂ ସେହି ପ୍ରସଙ୍ଗରେ ଅନ୍ୟତ୍ର ମିଳୁଥିବା ତାର ଭିନ୍ନ ରୂପ, ଏ ଦୁଇଟି ପାଠ ମଧ୍ୟରୁ ଅଧିକାଂଶ ସ୍ଥାନରେ ପ୍ରୟୋଗ ହୋଇଥିବା ପାଠକୁ ପ୍ରାମାଣିକ ବୋଲି ସ୍ୱୀକାର କରାଯାଇଅଛି ।

ନିମ୍ନରେ କେତେକ ବିଶେଷ ଉଦାହରଣ ପ୍ରଦତ୍ତ ହେଲା ।

ରାସ ପଞ୍ଚାଧ୍ୟାୟୀ

୩୦ ଶ ଅଧ୍ୟାୟ:-

୩ ଷୋଳ ସହସ୍ର=ଷୋଳଶ ସସ୍ର (ଝ)

୩୦।୨୨-୨, ୩୦।୬୨-୨, ୩୦।୯୯-୧, ୩୦।୨୩୩-୨ ଓ ୩୦।୧୩୩-୨ ପାଠ ମାନଙ୍କରେ 'ଷୋଳ ସହସ୍ର' ସମସ୍ତ ପାଠରେ ଥିବାରୁ ସ୍ୱୀକାର କରଗଲା ।

୮୧-୨ ନିର୍ଭର କଲା ଆଲିଙ୍ଗନ ।

ନିର୍ଭରେ=ନିର୍ଭୟେ (କ)(ଖ)(ର)

୩୧।୫୯-୨ ନିର୍ଭରେ ଦିଲାକ ପକାଇ ।

ନିର୍ଭରେ=ନିର୍ଭରେ (ଲ), ନିର୍ଭୟେ (କ)(ର)

୩୦।୨୩୩-୧ କେ ଦେହ ଧରିବ ନିର୍ଭରେ । x x (ଗ) ।

-୩୦।୨୨୩-୧ରେ (ଗ) ବ୍ୟତୀତ ସବୁ ପାଠରେ 'ନିର୍ଭର' ଅଛି ଏବଂ ୩୦।୮୧-୨ ଓ ୩୧।୫୯-୨ ଉଭୟ ସ୍ଥାନରେ (ଗ) ପାଠରେ 'ନିର୍ଭରେ' ଅଛି । 'ନିର୍ଭରେ' ଲିପିଭ୍ରମ ଯୋଗୁ (ଲ) ପାଠରେ (୩୧।୫୯-୨) 'ନିର୍ଭରେ' ଏବଂ (କ)(ଖ)(ର)(୩୦।୮୧-୨) ଓ (କ)(ର)' (୩୧।୫୯-୨) ଉଭୟ ସ୍ଥାନରେ 'ନିର୍ଭୟେ' (ର>ୟ) ହୋଇଅଛି ।

ଅନ୍ୟ ପକ୍ଷରେ ଅର୍ଥ ଦୃଷ୍ଟିରୁ 'ନିର୍ଭୟେ' (=ଭୟହୀନ) ଅପେକ୍ଷା 'ନିର୍ଭରେ' (=ତୀବ୍ର, ଗାଢ଼,ସମ୍ପୂର୍ଣ୍ଣ ଏବଂ ଆସ୍ଥା,ବିଶ୍ୱାସ, ଭରସା) ପାଠ ପ୍ରସଙ୍ଗ ସମ୍ମତ । ତେଣୁ 'ନିର୍ଭୟେ' ପାଠକୁ ଅସ୍ୱୀକାର କରାଯାଇ 'ନିର୍ଭରେ' ପାଠ ଗ୍ରହଣ କରାଗଲା ।

୧୭୬-୧ଆମ୍ଭତ ଡେକୁ କାହିଂ ପାଇଂ ।

ଆମ୍ଭତ=ଆମ୍ଭ ତ (ଖ), ଆମ୍ଭକୁ (କ)(ଝ)(ପ୍ରି)(ର) । ୩୨।୬୪-୨ଆମ୍ଭତ

ଦେଖିଲୁ କେସନେ ।

ଆୟତ=ଆୟକୁ (କ)(ଖ)(ପ୍ରି)(ର)

ଉପରୋକ୍ତ କ୍ଷେତ୍ରରେ 'ଆୟତ' ସ୍ଥାନରେ 'ଆୟତ' ଓ 'ଆୟକୁ' ପାଠ ଦୃଷ୍ଟିଗୋଚର ହୁଏ । ମାତ୍ର 'ଆୟତ' ଏକ ପ୍ରାଚୀନ ପ୍ରୟୋଗ ଏବଂ ୩୦।୨୧୧-୧ ('ତୁ କାହିଂ ରଖିବୁ ଆୟତ') ଓ ୩୨।୧୬-୧('ସେ ଧନେ କିଣିଲୁ ଆୟତ') ରେ ଏହା ସମସ୍ତ ପାଠରେ ସୁରକ୍ଷିତ । ଅନ୍ୟ ପକ୍ଷରେ ୩୦।୧୬୬-୧ (ଖ) ପାଠ ('ଆୟତ' 'ଆୟନ୍ତ' ପାଠକୁ ସମର୍ଥନ କରୁଛି । ତେଣୁ 'ଆୟକୁ' ପାଠକୁ ଅସ୍ୱୀକାର କରାଯାଇ 'ଆୟତ' ପାଠ ଗ୍ରହଣ କରାଗଲା ।

୩୩ ଶ ଅଧ୍ୟାୟ

୨୩ ଦେଖିଲା=ଦେଖିଲେ (ଙ), ଦେକ୍ଷିଲା (ଳ), x x (ଗ)

୩୧।୮୯-୨ ର (ଳ) ସମେତ ସମସ୍ତ ପାଠରେ ଏବଂ ୩୧।୧୧୩-୧ର (ଳ) ପାଠରେ 'ଦେଖି' ପ୍ରୟୋଗ ଥିବାରୁ 'ଦେକ୍ଷିଲା' ପାଠକୁ ଅସ୍ୱୀକାର କରାଯାଇ 'ଦେଖିଲା' ପାଠ ଗ୍ରହଣ କରାଗଲା ।

୨୪ ଖେଦ=କ୍ଷେଦ (ଳ), x x (ଗ)

୩।୯-୨ ଓ ୩୦।୯୭-୧ ଆଦି ସ୍ଥାନମାନଙ୍କରେ ସବୁ ପାଠରେ 'ଖେଦ' ପ୍ରୟୋଗ ଥିବାରୁ ତାହାକୁ ସ୍ୱୀକାର କରାଗଲା ।

୧୨. ପ୍ରତିପାଦିତ ସିଦ୍ଧାନ୍ତ ବା କବିସମୟ ଦୃଷ୍ଟିରୁ:- ସମାନ ଗୁରୁତ୍ୱ ଥିବା ଦୁଇଟି ପାଠରୁ ଯଦି ଗୋଟିଏ ଅନ୍ୟତ୍ର ସେହି ରଚନାରେ ପ୍ରତିପାଦିତ ସିଦ୍ଧାନ୍ତ କିମ୍ବା ବିଚାରଧାରା କିମ୍ବା ପରଂପରାଗତ କବିସମୟର ବିରୋଧ କରୁଥାଏ ଏବଂ ଅନ୍ୟ ପାଠରେ କୌଣସି ବିରୋଧଭାବ ପ୍ରକଟିତ ହେଉନଥାଏ, ଏପରି କ୍ଷେତ୍ରରେ ସେହି ପାଠକୁ ମୂଳରୂପେ ସ୍ୱୀକାର କରାଯିବା ଉଚିତ, ଯେଉଁଥିରେ କୌଣସି ପ୍ରକାର ବିରୋଧ କିମ୍ବା ବୈଷମ୍ୟ ପରିଲକ୍ଷିତ ହେଉନଥିବ । ନିମ୍ନଲିଖିତ ଉଦାହରଣ ସମୂହ ଦ୍ରଷ୍ଟବ୍ୟ ।

ରାସପଞ୍ଚାଧ୍ୟାୟୀ

୩୧ଶ ଅଧ୍ୟାୟ:-

୮୧ ଖଳନାଶନ=କାଳୀ ଗଞ୍ଜନ (ଗ)

'କାଳୀଗଞ୍ଜନ' ପାଠ ପରଂପରା ଗତ ପ୍ରଚଳନ ନୁହେଁ ଏବଂ ଏହା ଗୋଟିଏ

ପାଠ (ଗ) ରେ ଅଛି । ଅନ୍ୟ ପାଠ 'ଖଳନାଶନ', ସର୍ବପ୍ରାଚୀନ ପୋଥି (ଝ) ସମେତ ଅନ୍ୟ ସମସ୍ତ ପାଠରେ ଥାଇ, ପରଂପରା ବିରୋଧ କରୁନାହିଁ । ଅନ୍ୟପକ୍ଷରେ ଏହି ପାଠ 'ଖଳନାଶନ' ସଂସ୍କୃତ (ଜାତୋଽହଂ ଖଳାନାଂନନୁ ଦଣ୍ଡଧୃକ୍-୩୦ଶ ଅ-ଶ୍ଳୋକ-୨୧) ଦ୍ୱାରା ସମର୍ଥିତ, ତେଣୁ ଗୃହୀତ ହେଲା ।

୩୨ଶ ଅଧ୍ୟାୟ:-

୩୩-୧ ସହସ୍ରେ ଫଣା କାଳୀୟ ର ।

କାଳୀୟର=କାଳିଆର (ଖ)(ଗ)(ଳ)

କାଳିଆ ପାଠ ପରଂପରା ଗତ ପ୍ରଚଳନ ଅନୁଯାୟୀ 'ଶ୍ରୀକୃଷ୍ଣଙ୍କୁ ' ହିଁ ବୁଝାଏ, ମାତ୍ର ଏହା 'ସହସ୍ରେ ଫଣା' ବିଶିଷ୍ଟ 'କାଳୀୟ' ଅର୍ଥ ପ୍ରକାଶକ ନୁହେଁ । ତେଣୁ ଏଠାରେ 'କାଳିଆ' ପାଠକୁ ଅସ୍ୱୀକାର କରାଯାଇ କାଳୀୟ ପାଠ ଗ୍ରହଣ କରାଗଲା ।

୩୪ ଶ ଅଧ୍ୟାୟ:-

୧୦-୨ ସପତ ସ୍ୱର୍ଗ ଲୋକେ ମିଳି ।

ସପତ=ସକଳ (ର)

'ଭୂ-ଭୁବ-ସ୍ୱ-ମହ-ଜନ-ତପ-ସତ୍ୟ' ଆଦି ସପ୍ତସ୍ୱର୍ଗ ବା ସାତୋଟି ଉର୍ଦ୍ଧ୍ୱଭୁବନ ଥିବା ପରଂପରାଗତ ପ୍ରସିଦ୍ଧି ରହିଅଛି । ଅନ୍ୟ ପକ୍ଷରେ ସକଳ ପାଠ କେବଳ ଗୋଟିଏ ପାଠ (ର) ରେ ଥିବାରୁ ଏହା ଶ୍ରୀ ରାଜକିଶୋର ଦାସଙ୍କ ସଂଶୋଧନ ବୋଲି ଜଣାଯାଏ । ତେଣୁ ସକଳ ପାଠକୁ ଅସ୍ୱୀକାର କରାଯାଇ ସେହିସ୍ଥାନରେ 'ସପତ' ପାଠକୁ ସ୍ୱୀକାର କରାଗଲା

୧୩ ଶ ସାଂପ୍ରଦାୟିକ ବା ଆଂଚଳିକ ସଂଶୋଧନ ଦୃଷ୍ଟିରୁ:-

କେତେକ ଶବ୍ଦ ଭିନ୍ନ ସଂପ୍ରଦାୟ ବା ଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ରୂପରେ ବ୍ୟବହୃତ ହୋଇଥାଏ । ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁର ଶାସନରେ ଜନ୍ମ ହୋଇ ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କର ଭକ୍ତ ଜୀବନ ଅତିବାହିତ କରିଥିବାରୁ, ପୁରୀ ଅଂଚଳର ଭାଷା ତାଙ୍କ ରଚନାରେ ପ୍ରତିଫଳିତ ହେବା ସ୍ୱାଭାବିକ । କିନ୍ତୁ ଭାଷା, ଅନ୍ୟ ଅଂଚଳ ବା ଅନ୍ୟ ସଂପ୍ରଦାୟର ପ୍ରଭାବରୁ ଯେ ସଂପୂର୍ଣ୍ଣ ମୁକ୍ତ ରହିବ ସେପରି କୁହାଯାଇ ନପାରେ । ତେଣୁ ଯେଉଁ ସ୍ଥାନରେ ଦୁଇଟି ପାଠ ମିଳେ, ସେଠାରେ ପ୍ରଭାବ ଯୁକ୍ତ ପାଠକୁ ଅସ୍ୱୀକାର କରାଯାଇ ପ୍ରଭାବମୁକ୍ତ ପାଠକୁ ଗ୍ରହଣ କରାଯାଇଅଛି । ନିମ୍ନରେ କେତେକ ବିଶେଷ ଉଦାହରଣ ପ୍ରଦତ୍ତ ହେଲା ।

ରାସପଞ୍ଚାଧ୍ୟାୟୀ

୩୧ ଶ ଅଧ୍ୟାୟ:-

୧୫ ଲୀଳା=ନୀଳା (ଗ)(ଳ)।

୩୩ ଶ ଅଧ୍ୟାୟ:-

୫୩ ଲୋକେ=ନୋକେ (ଳ)।

୩୪ ଶ ଅଧ୍ୟାୟ:-

୫୨ ନକ୍ଷତ୍ର= ଲକ୍ଷତ୍ର (ଗ)।

୧୪। ଅସାଧାରଣ ସଂଶୋଧନ, ସଂଶୋଧନ କାରଣ ତଥା ସିଦ୍ଧାନ୍ତ:-

ପୂର୍ବାଲୋଚିତ ପାଠ ନିର୍ଣ୍ଣୟ ସିଦ୍ଧାନ୍ତ ପରେ ମଧ୍ୟ, ଏପରି କେତେକ ସ୍ଥଳ ଅଛି, ଯେଉଁଠି ସଂଶୋଧନର ଆବଶ୍ୟକତା ରହିଛି। ଏହି ସଂଶୋଧନ ମୁଖ୍ୟତଃ ଲିପିଭ୍ରମ, ଭାଷା ଓ ପ୍ରାସଙ୍ଗିକତା ଆଦି ବିଭିନ୍ନ ସମ୍ଭାବନା ଉପରେ ନିର୍ଭର କରି କରାଯାଇଛି ଏବଂ ଆବଶ୍ୟକସ୍ଥଳେ ମୂଳ ସଂସ୍କୃତର ସହାୟତା ମଧ୍ୟ ନିଆଯାଇଛି। ନିମ୍ନରେ କେତେକ ବିଶେଷ ଉଦାହରଣ ପ୍ରଦତ୍ତ ହେଲା।

ରାସ ପଞ୍ଚାଧ୍ୟାୟୀ:-

୩୧ ଶ ଅଧ୍ୟାୟ:-

୧୨୨-୨ ନିର୍ବାସି ଗଲୁ ବନ ଘୋରେ।

ନିର୍ବାସି=ନିବାସି (ଖ)(ଗ)(ଞ)(ଳ)

=ନିବେଶି (କ)(ପ୍ରି)(ର)।

କୌଣସି ଏକ ଗୋପୀକୁ କୃଷ୍ଣ, କନ୍ଧରେ ବସାଇ କିଛି ଦୂର ଯିବାପରେ ଅନ୍ତର୍ଦ୍ଧାନ ହୋଇଛନ୍ତି ଏବଂ ସେହି ଗୋପିକା କ୍ରନ୍ଦନ କଲା ସମୟରେ 'ନିବେଶି' (ଅର୍ଥାତ୍ ସ୍ଥାପନ କରି) 'ଗଲୁ ବନ ଘୋରେ' ପାଠ ଅପେକ୍ଷା 'ନିର୍ବାସି' (ଅର୍ଥାତ୍ ନିର୍ବାସିତ କରି) ପାଠ ଅଧିକ ପ୍ରସଙ୍ଗ ସମ୍ମତ। 'ନିର୍ବାସି' ଭିନ୍ନ ରୂପରେ ଅର୍ଥାତ୍ ଲିପିଭ୍ରମ ଯୋଗୁ 'ନିବାସି' ରେ ପରିଣତ ହୋଇ ସର୍ବପ୍ରାଚୀନ ପୋଥି (ଞ) ସମେତ (ଖ)(ଗ)(ଳ) ରେ ସୁରକ୍ଷିତ। ଅର୍ଥର ଦୁର୍ବୋଧ୍ୟତା ଦୃଷ୍ଟିରୁ 'ନିବାସି' ଅନ୍ୟ ପରିବାର ପାଠରେ 'ନିବେଶି'ରେ ପରିଣତ। ତେଣୁ ସାମାନ୍ୟ ସଂଶୋଧନ ଦ୍ୱାରା ଅର୍ଥ ପ୍ରତୀତି ସ୍ପଷ୍ଟ ହେଉଥିବାରୁ 'ନିର୍ବାସି' ମୂଳପାଠ ଏବଂ ତାହା ଗୃହୀତ ହେଲା।

୩୨ଶ ଅଧ୍ୟାୟ:- କେବଳ (ର) ପାଠ ଓଡ଼ିଆ 'ଭାଗବତ' ୩୨ ଶ ଅଧ୍ୟାୟରେ ମୂଳ ସଂସ୍କୃତ ୩୧ ଶ ଅଧ୍ୟାୟର ଶ୍ଳୋକସମୂହ ଉଲ୍ଲେଖ କରାଯାଇଛି । ଅର୍ଥାତ୍ କ୍ରମାନୁଯାୟୀ ପ୍ରତ୍ୟେକ ମୂଳ ଶ୍ଳୋକର ଉଲ୍ଲେଖ ପରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଅନୁବାଦ ଦିଆଯାଇଛି । ମାତ୍ର ଓଡ଼ିଆ ଭାଗବତରେ ମୂଳ ଶ୍ଳୋକ ଉଲ୍ଲେଖ ପରଂପରା ଅନ୍ୟତ୍ର ଦେଖାଯାଏ ନାହିଁ । (ର) ବ୍ୟତୀତ ଅନ୍ୟ ସବୁଥିରେ ୧ମ ଶ୍ଳୋକ ପରେ ୬ଷ୍ଠ ଶ୍ଳୋକର ଅନୁବାଦ ଦେଖିବାକୁ ମିଳେ । ଅର୍ଥାତ୍ ୬ଷ୍ଠ ଶ୍ଳୋକର ଅନୁବାଦ ୫ମ ପରେ ନ ରହି ୧ମ ପରେ ଅଛି । ଏହାଦ୍ୱାରା ପ୍ରସଙ୍ଗ କ୍ରମରେ କୌଣସି ବାଧା ଆସିନାହିଁ । ବରଂ ୧ମ ଶ୍ଳୋକର ଅନୁବାଦ ବେଳେ 'ମୁଖରୁ ଅମିଅରସ ଦେବା ' (୭) ଓ 'ଅନାଥ କରିବା' (୮) ବର୍ଣ୍ଣନା ପରେ ୬ଷ୍ଠ ଶ୍ଳୋକ ଅନୁବାଦରେ 'ପଦ୍ମମୁଖ ଦେଖାଇ ଜୀବନ ରକ୍ଷା କରିବା' (୯) ପ୍ରସଙ୍ଗାନୁସାରୀ ହୋଇଛି । ସେହିପରି ୫ମ ଶ୍ଳୋକ ଅନୁବାଦରେ (୨୯-୧ ତୋହୋର କର ବ୍ରହ୍ମରାଶି) 'ହସ୍ତ' ପ୍ରସଙ୍ଗର ଉଲ୍ଲେଖ ପରେ ୭ମ ଶ୍ଳୋକ ଅନୁବାଦରେ 'ପଦ୍ମପାଦ' (୩୧-୧)ର ଅବତାରଣା ଅଧିକ ପ୍ରାସଙ୍ଗିକ ହୋଇଛି ।

ରାଜକିଶୋର ଦାସ କେବଳ ଏହି ଅଧ୍ୟାୟରେ ମୂଳ ଶ୍ଳୋକ ସଂଯୋଗ କରିବା ଉଦ୍ଦେଶ୍ୟମୂଳକ ବୋଲି ଜଣାଯାଏ । ପୋଥିପାଠ ମିଳାଇବା ବେଳେ ଶ୍ଳୋକର କ୍ରମ ଦେଖିବାକୁ ନ ପାଇ ମୂଳଶ୍ଳୋକ ସଂଯୋଗ କରିବା ସଙ୍ଗେ ସଙ୍ଗେ ପାଠକୁ ଶ୍ଳୋକର କ୍ରମ ଅନୁଯାୟୀ ସଜେଇଥିବା ସ୍ପଷ୍ଟ ହୁଏ ।

୩୪ଶ ଅଧ୍ୟାୟ:-

୧୯-୧ ପାଦ ବିନ୍ୟାସି ରଙ୍ଗଭଙ୍ଗେ ।

ପାଦ=ରାସ (କ)(ପ୍ରି),

ବିନ୍ୟାସି=ବିନାଶି (ଗ)(ଝ), ଚାଲନ୍ତି (ଖ)(ର)(ଳ), ବିଳାସ (କ)(ପ୍ରି),

ରଙ୍ଗ=ଅଙ୍ଗ (ଗ)(ର)(ଳ), ରସ (କ)(ପ୍ରି), ଭଙ୍ଗେ=ରଙ୍ଗେ (କ)(ପ୍ରି) ।

ମୂଳ ସଂସ୍କୃତ ୩୩ଶ ଅଧ୍ୟାୟ ୮ମ ଶ୍ଳୋକର ''ପାଦନ୍ୟାସୈର୍ଭୁଜ ବିଧୁତିଭିଃ ସସ୍ମିତୈର୍ଭ୍ରୁବିଳାସୈ'' ର ଅନୁବାଦ ସ୍ୱରୂପ ଓଡ଼ିଆ ଭାଗବତର ୩୪।୧୯ (''ପାଦ ବିନ୍ୟାସି ରଙ୍ଗ ଭଙ୍ଗେ । ଭ୍ରୂକୁଟି କୁଟୀଳ ଅନଙ୍ଗେ'') କୁ ଗ୍ରହଣ କରାଯାଇପାରେ । 'ସସ୍ମିତୈର୍ଭ୍ରୁବିଳାସୈ' ର ଅନୁବାଦ ଭାବେ ୩୪।୧୯-୨ (''ଭ୍ରୂକୁଟୀ କୁଟିଳ ଅନଙ୍ଗେ ।'') ଗ୍ରହଣୀୟ ।

'ପାଦନ୍ୟାସୈଃ' ର ଅନୁବାଦ 'ପାଦ ବିନ୍ୟାସି' ପାଠଦ୍ୱାରା ସ୍ପଷ୍ଟ ହୁଏ । କାରଣ 'ନ୍ୟାସୈ'ର ପ୍ରତିରୂପ ''ବିନ୍ୟାସି''(ସ୍ଥାପନକରି) ରେ ଏବଂ ତାହା ଭିନ୍ନ

ରୂପରେ ('ବିନାଶି) ହେଲେ ହେଁ ସର୍ବପ୍ରାଚୀନ ପୋଥି (ଝ) ଓ (ଘ) ରେ ସୁରକ୍ଷିତ । 'ବିନ୍ୟାସି'ର ଭିନ୍ନରୂପ 'ବିନାଶି'ର ଅର୍ଥ, ଏଠାରେ ପ୍ରସଙ୍ଗ ସମ୍ମତ ନୁହେଁ । ଲିପିଭ୍ରମ ଯୋଗୁଁ 'ବିନ୍ୟାସି', 'ବିନାସି' ବା 'ବିନାଶି'ରେ ପରିଣତ ହେବା ସୁସ୍ପଷ୍ଟ ।

ଅର୍ଥର ଦୁର୍ବୋଧତା ଦୃଷ୍ଟିରୁ 'ବିନ୍ୟାସି' ବା 'ବିନାସି' ପାଠ ଗୋଟିଏ ପରିବାର ପାଠରେ 'ଚାଲନ୍ତି' ରେ ଏବଂ ପାଦ ବିନ୍ୟାସି' ପାଠ, ଅନ୍ୟ ପରିବାର ପାଠରେ 'ରାସ ବିଳାସ' ରେ ପରିଣତ ହୋଇଛି ।

'ଭୁଜବିଧୂତିଭିଃ' (ବିଧୂତ=କମ୍ପିତ) ର ଅନୁବାଦ କରିବାକୁ ଯାଇ ଜଗନ୍ନାଥ ଦାସ ତାହାକୁ 'ରଙ୍ଗ ଭଙ୍ଗେ' ରେ ପରିଣତ କରି ଅଛନ୍ତି । ଏଠାରେ ସେ ମୂଳ ସଂସ୍କୃତ 'ଭୁଜକମ୍ପିତ' ବା 'ଭୁଜ ଉତ୍‌ଥିତ' ପ୍ରସଙ୍ଗ ବର୍ଣ୍ଣନା କରି ପରବର୍ତ୍ତୀ ପଦର ୨ୟ ପାଦରେ ତାହା ସାମାନ୍ୟ ପରିବର୍ତ୍ତିତ (୨୦-୨ 'ନାଚନ୍ତି ଦେଇ କରତାଳି) ରୂପରେ ପ୍ରକାଶ କରିଅଛନ୍ତି ।

୧୯-୧ରେ 'ପାଦ' ଏବଂ ୨୦-୨ରେ 'କର' (କରତାଳି) ସଂପର୍କରେ କୁହାଗଲା ବେଳେ ପୁଣି 'ଅଙ୍ଗ' ୧୯-୧ (ଗ)(ର)(ଳ) ପାଠ ସଂପର୍କରେ କୁହାଯିବା ଅପ୍ରାସଙ୍ଗିକ ଜଣାଯାଏ । ଅନ୍ୟ ପକ୍ଷରେ ଲିପିକାରଙ୍କ ଅସାବଧାନତା ଯୋଗୁ 'ରଙ୍ଗ' 'ଅଙ୍ଗ'ରେ (ର > ଚା) ପରିଣତ ହେବା ଖୁବ୍ ସମ୍ଭବ । ତେଣୁ 'ଅଙ୍ଗ' ପାଠ ଗୃହୀତ ନ ହୋଇ 'ରଙ୍ଗ' ପାଠ ଗ୍ରହଣ କରାଗଲା । ସେହିପରି (କ)(ପ୍ରି) ରେ ଥିବା 'ରସ' ପାଠ, ଲିପିଭ୍ରମ ଯୋଗୁ 'ରଙ୍ଗ' ପାଠର ପରିବର୍ତ୍ତିତ ('ରଙ୍ଗ'=ରଗଂ ରସଂ=ରସ (ଗ > ଶ ବାସ) ରୂପ ହୋଇଥିବାରୁ) ତାହାକୁ ମଧ ଅସ୍ୱୀକାର କରାଗଲା ।

ପ୍ରଚୀନ ପୋଥି (ଝ) ସମେତ (ଖ)(ଗ)(ର)(ଳ) ପାଠରେ ଥିବା 'ଭଙ୍ଗେ ସ୍ଥାନରେ 'ରଙ୍ଗେ' ପାଠ କେବଳ (କ) ଓ (ପ୍ରି) ରେ ଦେଖିବାକୁ ମିଳେ । ଲିପିକାରଙ୍କ ଅସାବଧାନତା ଯୋଗୁ 'ଭଙ୍ଗେ', 'ରଙ୍ଗେ' (ଭ > ର) ରେ ପରିଣତ ହେବାଖୁବ୍ ସମ୍ଭବ । ଅନ୍ୟ ପକ୍ଷରେ 'ଭଙ୍ଗେ' ର ପୂର୍ବବର୍ତ୍ତୀ ଶବ୍ଦ ଭାବରେ 'ରଙ୍ଗେ' ଗୃହୀତ ହେବା ପରେ ପୁନଶ୍ଚ 'ରଙ୍ଗେ' ପାଠର ସ୍ୱୀକୃତି ଅନାବଶ୍ୟକ ।

□□□

ତୃତୀୟ ପରିଚ୍ଛେଦ

ରଚନାବଳୀ

ରାସ ପଞ୍ଚାଧ୍ୟାୟୀ

ରାସ ପଞ୍ଚାଧ୍ୟାୟୀ : ପ୍ରଥମ ଅଧ୍ୟାୟ
(ତ୍ରିଂଶ ଅଧ୍ୟାୟ)

ଶ୍ରୀ ଶୁକ ଉବାଚ

ଶୁଣ ପରୀକ୍ଷ ନରନାଥ । କୃଷ୍ଣ ଚରିତ ଭାଗବତ ।୧।
ଗୋବିନ୍ଦେ ବିଚାରନ୍ତି ମନେ । ଆଜ ରମିବା ବୃନ୍ଦାବନେ ।୨।
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପକରି ।୩।
ମୁ ତାଙ୍କ ପୂରୋଇବି ଆଶ । ସେ ମୋର ଭଗତ ବିଶ୍ୱାସ ।୪।
ଅନେକ ଜନ୍ମେ ତପ କରି । ଯେବେ ହୋଇଲେ ଗୋପନାରୀ ।୫।
ରମିଣ ଦେବି ନିଜ ପୁର । ଆଜ ମୁଁ କରିବି ନିସ୍ତାର ।୬।
ଯେତେ ବିଚାରି ବନମାଳୀ । ଘେନିଲେ ବିରହ ମୁରଲୀ ।୭।
ସ୍ୱଭାବେ ଶରଦର କାଳ । ପବନ ବହେ ପରିମଳ ।୮।
ଗଗନେ ପ୍ରକାଶିଲା ଶଶୀ । ନିର୍ମଳ ବିରାଜଇ ନିଶି ।୯।
।୧। ଫୁଟିଲେ ଜଳସ୍ଥଳେ ଫୁଲ । ସୁଗନ୍ଧ ଶୀତଳ ଅମୂଲ୍ୟ ।୧୦।
ଚନ୍ଦ୍ରମଣ୍ଡଳ ଅଖଣ୍ଡିତ । ଦେଖ୍ ଉସତ ଗୋପୀନାଥ ।୧୧।
ଲକ୍ଷ୍ମୀର ମୁଖ ପ୍ରାୟେ ଦିଶି । କିରଣେ ଦଶଦିଗ ତୋଷି ।୧୨।
କାଳିନ୍ଦୀ କୂଳେ ବ୍ରହ୍ମରାଶି । କଦମ୍ବ ତରୁ ମୂଳେ ବସି ।୧୩।
ରଜନୀ ଚିରକାଳ କଲେ । ମାୟାପଟଳେ ପ୍ରକାଶିଲେ ।୧୪।
ବୋଇଲେ ହୁଅ ବ୍ରହ୍ମନିଶି । ସହସ୍ର ଯୁଗେ ଯାହା ଘୋଷି ।୧୫।
ତ୍ରିଭଙ୍ଗୀ ଛନ୍ଦେ ଉଭା ହୋଇ । ମୁରଲୀ ଅଧରେ ଲଗାଇ ।୧୬।
।୨,୩। ଗୋପୀଙ୍କ ନାମ ଧରି ଧୀରେ । ମୁରଲୀ ଡାକଇ ସୁସ୍ୱରେ ।୧୭।
ଗୋପୀଏ ଥିଲେଗୋପପୁରେ । ନାଦ ଶୁଣିଲେ ଯେଝାଘରେ ।୧୮।
ଦଣ୍ଡେ ଶୁଣିଲେ ସ୍ଥିର କରି । ବେଣୁ ଡ଼ାକଇ ନାମଧରି । ।୧୯।

ଶୁଣି ହୋଇଲେ ଛନଛନ । ବ୍ୟାପାରେ ନ ଲାଗଇ ମନ ।୨୦।
କର ଚରଣ ନଚଳଇ । ମଦନେ କମ୍ପୁଅଛି ଦେହି ।୨୧।
ନାଦେ ମୋହିଲେ ବନମାଳୀ । ଷୋଳ ସହସ୍ର ଗୋପବାଳୀ ।୨୨।
ଯେକକୁ ଆରେକ ଲୁଚାଇ । ଧାଇଁଲେ ଅସମ୍ଭାଳ ହୋଇ ।୨୩।
ବୋଲନ୍ତି ନ ପୁଣ ଯେ ଜାଣି । ମୋତେ ହୋଇବ ସପତଣୀ ।୨୪।
ଆଗେ ମୁଁ ଯିବି ବୃନ୍ଦାବନ । ରମିବି ନନ୍ଦର ନନ୍ଦନ ।୨୫।
ଦେଖିବି ନୟନ ପୂରୋଇ । ମୋହୋର ନାମେ ବେଣୁ ବାଇ ।୨୬।
କିପାଂ ଡ଼ାକଇ ରାତ୍ରକାଳେ । ଉଭାରି କଦମ୍ବର ମୂଳେ ।୨୭।
ଜଳ କ୍ରୀଡ଼ାର ବେଳେ ଗଲା । ଆମ୍ଭର ବସ୍ତ୍ର ଚୋରିକଲା ।୨୮।
ତାର ବଚନେ ଲଜ୍ଜା ଛାଡ଼ି । ଆଣି ପିନ୍ଧିଲୁ ଯେଝା ଶାଢୀ ।୨୯।
ଆମ୍ଭର ଶୁଦ୍ଧ ମନ ଜାଣି । ହସି ବୋଇଲେ ଚକ୍ରପାଣି ।୩୦।
ଦେବତା ପୂଜି ନଦୀ ତୀରେ । ମନେ ଯେ ବରିଅଛି ବରେ ।୩୧।
ସେ କଥା ସୁମରିଲେ ଆଜ । ଆମ୍ଭର ଛଡ଼ାଇବେ ଲାଜ ।୩୨।
ପତି ତନୟ ଛନ୍ତି କୋଳେ । କେମନ୍ତେ ଯିବୁଂ ରାତ୍ରକାଳେ ।୩୩।
।୪। ନ ଗଲେ ନରହେ ଜୀବନ । କାଳ ହୋଇଲା ବେଣୁସ୍ୱନ ।୩୪।
ଯେମନ୍ତେ ହୋଇଲେ ବାହାର । ମଦନେ କମ୍ପଇ ଶରୀର ।୩୫।
କେ ଗୋପୀ ଦୁହୁଁ ଥିଲା ଗାଇ । ବାଛୁରୀ ବାନ୍ଧି ଛନ୍ଦ ଦେଇ ।୩୬।
ମୁରଲୀ ଶୁଣି କର୍ଣ୍ଣ ମୂଳେ । ଦୁହୁଂଣୀ ପକାଇଲା ତଳେ ।୩୭।
କୃଷ୍ଣର ଧ୍ୱନୀ ଶୁଣି ବେଗେ । ଧାଇଂଲା ବୃନ୍ଦାବନ ଭଗେ ।୩୮।
କେ ବସି କାଢୁଥିଲା ସର । ମୁରଲୀ ଶୁଣିଲା ସୁସ୍ୱର ।୩୯।
ଡ଼ାକଇ ତାର ନାମ ଧରି । ବେଗେ ଧାଇଂଲା ଗୋପନାରୀ ।୪୦।
କେ କରୁଥିଲା ଦଧିଯୋଗ । ଶୁଣି ଧାଇଂଲା ବେଗ ବେଗ ।୪୧।
।୫। କେ ଦୁଧ ଚୁଲିରେ ବସାଇ । ମୁରଲୀ ଶୁଣି ଗଲା ଧାଇଁ ।୪୨।
କେ କୋଳେ ବାଳକ ବସାଇ । ଦୁଧ ପିଆଉ ଗୀତ ଗାଇ ।୪୩।
କର୍ଣ୍ଣେ ଶୁଣିଲା ବେଣୁ ଧ୍ୱନି । ଡ଼ାକଇ ତାର ନାମ ଘେନି ।୪୪।
ବାଳକ ପକାଇଲା ତଳେ । ଧାଇଂଲା ମଦନ ବିକଳେ ।୪୫।

ସ୍ୱାମୀ ଶୟନ ସ୍ଥାନେ ଥାଇ । କେ ଗୋପୀ ଚରଣ ଚାପଇ ।୪୬।

ମୁରଲୀ ତାର ନାମ ଧରି । ଡ଼ାକଇ ଆସ ବେଗ କରି ।୪୭।

ପଡ଼ି ଚରଣ ଥୋଇ ଚଳେ । ବେଗେ ଧାଇଂଲା କାମ ଭୋଳେ ।୪୮।

କେ ବସି ଭୁଞ୍ଜାଇଲା ଅନ୍ନ । କର୍ଣ୍ଣେ ଶୁଣିଲା ବେଣୁ ସ୍ୱନ ।୪୯।

ବୋଲାଇ ଆସ ତୁହି ବେଗେ । କୃଷ୍ଣଙ୍କୁ ଦେଖ ବନଭାଗେ ।୫୦।

ଶୁଣି ଭୋଜନ ଉପେଖିଲା । ହସ୍ତ ପଖାଳି ନ ପାରିଲା ।୫୧।

।୬। ବେଗେ ଧାଇଂଲା ବୃନ୍ଦାବନ । ଯେଣେ ବଜାଇ ବେଣୁସ୍ୱନ ।୫୨।

କେ ବସି ଲିପୁଥିଲା ଘର । ମୁରଲୀ ଶୁଣିଲା ସୁସ୍ୱର ।୫୩।

ବୋଲଇ ଆସ ବୃନ୍ଦାବନେ । ହରିଙ୍କି ରମ ଘୋରବନେ ।୫୪।

ଶୁଣି ବ୍ୟାପାର ଉପେଖିଲା । ବେଗେ ସେ ବୃନ୍ଦାବନ ଗଲା ।୫୫।

କେ ବସି ଥିଲା ନିଜ ଘରେ । ଅଞ୍ଜନ ପାତ୍ର ଘେନି କରେ ।୫୬।

ଯେକ ଲୋଚନେ ରଞ୍ଜି ଥିଲା । ତା ନାମେ ମୁରଲୀ ଡ଼ାକିଲା ।୫୭।

ଧାମଇଂ ରସଭର ହୋଇ । କଜ୍ୱଳ ପାତ୍ର କରେ ଲଇ ।୫୮।

କେ ଗୋପୀ ବସ୍ତ୍ର ଚଳେ ଥୋଇ । କୁଙ୍କୁମ ଶରୀରେ ଲେପଇ ।୫୯।

କର୍ଣ୍ଣେ ଶୁଣିଲା ବେଣୁ ଧ୍ୱନୀ । ଉଠିଲା କରେ ବସ୍ତ୍ର ଘେନି ।୬୦।

ଜ୍ଞାନ ହାରିଲା କାମ ଭୋଳେ । ପିନ୍ଧିଲା କନ୍ଧର ଅଞ୍ଚଳେ ।୬୧।

।୭। ଯେମନ୍ତେ କହିବଇଂ କେତେ । ଷୋଳ ସହସ୍ର ଯେଝାମତେ ।୬୨।

କାହାର ସ୍ୱାମୀ ବଳବନ୍ତ । ଆଗରେ ଓଗାଳିଲା ପଥ ।୬୩।

କାହାର ପୁତ୍ର ଗୋଡ଼ାଇଲା । ଶଶୁର ଖୁଡୁତା ମଉଳା ।୬୪।

ଭାଇ ଭଣଜା ଇଷ୍ଟ ମିତ୍ର । ଆଗରେ ଓଗାଳିଲା ପଥ ।୬୫।

ବୋଲନ୍ତି ଗୋପୀଙ୍କି ଅନାଇଂ । ଯେକଥା ଉଚିତ ନୁହଇ ।୬୬।

ରଜନୀ କାଳେ ଯାଅ ବନ । ଲଜ୍ଜା କି ଛାଡ଼ିଲ ବଦନ ।୬୭।

ଶୁଣି ବୋଲନ୍ତି ଗୋପବାଳୀ । ବନେ ବିଜୟେ ବନମାଳୀ ।୬୮।

ଦେଖ ତ ଶୁଭୁଅଛି ନାଦ । ମୁରଲୀ ବଢ଼ାଇ ଆନନ୍ଦ ।୬୯।

କ୍ଷଣେ ମୁରଲୀ ନାଦ ଶୁଣି । ଆମ୍ଭେ ଆସିବୁ ଯେହିକ୍ଷଣି ।୭୦।

ଦାସ ବତ୍ସଳ ଭଗବାନ । ମୋହିଲେ ଗୋପାଳଙ୍କ ମନ ।୭୧।

।୮।	ତୁଣ୍ଡରୁ ନଇଲା ଉତ୍ତର	। ବାହୁଡ଼ିଗଲେ ଯେଝାଘର	।୭୨।
	ଯେକ ଗୋପୀଯେ କ୍ଷୀଣ ହୋଇ	। ବେଗେ ସେ ନ ପାରିଲା ଯାଇ	।୭୩।
	ତାହାର ସ୍ୱାମୀ କର ଧରି	। ଘରେ ଆଣିଲା ନିଜ ନାରୀ	।୭୪।
	ଗମ୍ଭୀରି ଭିତରେ ବାନ୍ଧିଲା	। ଅନେକ ମାଡ଼ ହିଁ ମାଇଲା	।୭୫।
	ଦ୍ୱାରେ କବାଟ ଗଲା କିଳି	। ବିକଳେ କାନ୍ଦଇ ଗୁଆଳୀ	।୭୬।
	ମୁରଲୀ ତାର ନାମ ଧରି	। ଡାକଇ ଆସ ବେଗ କରି	।୭୭।
	ସେ ଗୋପୀ ବନ୍ଧନରେ ପଡ଼ି	। କାନ୍ଦଇ ସ୍ତମ୍ଭେ ମୁଣ୍ଡ କୋଡ଼ି	।୭୮।
	କୃଷ୍ଣର ଦେହେ ଦେଇ ମନ	। କ୍ଷଣ କ୍ଷଣକେ ଅଚେତନ	।୭୯।
	ସହି ନ ପାରି ତାପ ଭରେ	। ବେନି ଲୋଚନ କଲା ସିରେ	।୮୦।
।୯,୧୦।	ଧ୍ୟାନେ ଦେଖିଲା ଭଗବାନ	। ନିର୍ଭରେ କଲା ଆଲିଙ୍ଗନ	।୮୧।
	ଡ଼ାକିଲା କୃଷ୍ଣ ତ୍ରାହି ତ୍ରାହି	। ପ୍ରାଣ ଛାଡ଼ିଲା ଚୁମ୍ବ ଦେଇ	।୮୨।
।୧୧।	ସହି ନ ପାରି କାମ ଭରେ	। ପଶିଲା ଗୋବିନ୍ଦ ଶରୀରେ	।୮୩।
	ଶୁଣି ପରୀକ୍ଷ ଦଣ୍ଡଧାରୀ	। ମୁନି ଚରଣ ତଳେ ପଡ଼ି	।୮୪।
	ବୋଲଇ ହୋଇ କୃତକୃତ	। ଶୁଣି ଚରିତ ଭାଗବତ	।୮୫।
	ଭୋ ମୁନି ହୋଇଲି ଚକିତ	। ତୁମ୍ଭେ କହିଲ ବିପରୀତ	।୮୬।
।୧୨।	ପର ପୁରୁଷେ ଚିତ୍ତ ଦିଲା	। ସେ କିମ୍ପା କୃଷ୍ଣଙ୍କୁ ପାଇଲା	।୮୭।
	ଶୁଣି ହସିଲେ ମୁନିବର	। ବୋଲନ୍ତି ଶୁଣ ଦଣ୍ଡଧର	।୮୮।
	ପୂର୍ବେ ମୁଁ କହିଅଛି ତୋତେ	। ପୁରାଣ ଶିରୀ ଭାଗବତେ	।୮୯।
	କୃଷ୍ଣଙ୍କୁ କରି ଶତ୍ରୁ ବଳ	। ମୋକ୍ଷ ହୋଇଲା ଶିଶୁପାଳ	।୯୦।
।୧୩।	ତାହାଙ୍କୁ ପ୍ରିୟପଣେ ସେବି	। କିପାଂ ନୋହିବେ ମୋକ୍ଷ ଭାଗୀ	।୯୧।
	ଭଗତ ତାରିବାର ଆଶେ	। ବ୍ରହ୍ମ ପ୍ରକାଶି ଅଛି ଅଂଶେ	।୯୨।
।୧୪।	ନିର୍ଗୁଣ ହୋଇ ଗୁଣବନ୍ତ	। ଦାସ ବତ୍ସଳ ଗୋପୀନାଥ	।୯୩।
	ତାହାର ନାହିଁ କାମ କ୍ରୋଧ	। ସୁହୃଦେ ଯେଜଇ ସ୍ୱଭାବ	।୯୪।
।୧୫।	ଯାହାର ମନ ହୋଏ ଲୟେ	। ସେ ପ୍ରାଣୀ ପଶେ କୃଷ୍ଣ ଦେହେ	।୯୫।
	ଯେଣେ ତୁ ସନ୍ଦେହ ନ କର	। ମହା ମହିମା ଯୋଗେଶ୍ୱର	।୯୬।
।୧୬।	ଯେଣେ ନ କର ଖେଦ ଚିତ୍ତ	। କହଇ ଶୁଣ ଭାଗବତ	।୯୭।

ଗୋପୀ ଯେ ଗଲେ ରାତ୍ରକାଳେ । ମିଳିଲେ କଦମ୍ବର ତଳେ ।୯୮।
ଷୋଳ ସହସ୍ର ଗୋପବାଳୀ । ଦେଖିଲେ ପ୍ରଭୁ ବନମାଳୀ ।୯୯।
ନାନା କୁସୁମେ ପରିମଳ । ହୃଦେ ଲମ୍ବଇ ବନମାଳ ।୧୦୦।
ଗୁଞ୍ଜରା ପାଟି ଚାରୁ ଚୂଳ । ଶ୍ରବଣେ ମକର କୁଣ୍ଡଳ ।୧୦୦୧।
ନୂପୁର କଙ୍କଣ ବିରାଜେ । ରତ୍ନ ମେଖଳା କଟୀ ସାଜେ ।୧୦୦୨।
ପୀତ ବସନ ବେଣୁଧର । ନିବିଡ଼ ସୁରଙ୍ଗ ଅଧର ।୧୦୦୩।
କୋଟିଯେ କାମ ନୋହେ ସରି । ଦେଖି ଚକିତ ବ୍ରଜନାରୀ ।୧୦୦୪।
ଅନଳ ଦେଖିଣ ପତଙ୍ଗ । ଯେହ୍ନେ ଧାମନ୍ତି ଉଦବେଗ ।୧୦୦୫।
ବେଢ଼ିଲେ ଶତେପୁର ହୋଇ । କମ୍ପନ୍ତି କୃଷ୍ଣଙ୍କୁ ଅନାଇଂ ।୧୦୦୬।
ଗୋପୀଙ୍କି ଦେଖି ବନମାଳୀ । ବଦନୁ ଥୋଇଲେ ମୁରଲୀ ।୧୦୦୭।
।୧୭। କୋମଳ ଗଭୀର ବଚନ । କହନ୍ତି ପ୍ରଭୁ ଭଗବାନ ।୧୦୦୮।
ଶୁଣ ଗୋ ବ୍ରଜବଧୂ ଜନେ । ତୁମ୍ଭେ ଅଇଲ କିପାଂ ବନେ ।୧୦୦୯।
ଗୋପର କହ ଭଲ କଥା । ମୋ ନନ୍ଦ ଯଶୋଦା ବାରତା ।୧୦୧୦।
ଗୋପେ କି ଆପଦ ପଡ଼ିଲା । ମୋତେ ତ ସନ୍ଦେହ ଲାଗିଲା ।୧୦୧୧।
ଗୋରୁ ଗୋପାଳ ନେଲେ ବାନ୍ଧି । ତୁମ୍ଭେ ଅଇଲ ବନେ କାନ୍ଦି ।୧୦୧୨।
ସର୍ବ ସମ୍ପଦ କଲେ ଦୂର । କି ଅବା ମିଳିଲେ ଅସୁର ।୧୦୧୩।
ଯେମନ୍ତ ପ୍ରାୟେ ମୁଂ ମଣଇ । କିପାଂ ଅଇଲ ବନେ ଧାଇଂ ।୧୦୧୪।
।୧୮। ଭଲେ ଅଇଲ ମୋ ନିକଟେ । ବଣା ନୋହିଲ ବଣ ବାଟେ ।୧୦୧୫।
ରଜନୀ ହେଉଛି ଉଛୁର । ବନ ଗହନ କୁଞ୍ଜ ଘୋର ।୧୦୧୬।
ବ୍ୟାଘ୍ର ଭଲ୍ଲୁକ ବନ ଜୀବେ । ତୁମ୍ଭଙ୍କୁ ଦେଖିଲେ ଖାଇବେ ।୧୦୧୭।
ସ୍ୱଭାବେ ସ୍ତିରୀ ଜନ୍ମ ହୋଇ । ବନେ ତୁମ୍ଭର ଭୟ ନାହିଁ ।୧୦୧୮।
ନିଶ୍ଚେ ହୋଇବ ଆଜ ନାଶ । ମରଣ କଲଟି ବିଶ୍ୱାସ ।୧୦୧୯।
।୧୯। ଯାଅ ନ ଥାଅ ବନ ଘୋରେ । ତୁମ୍ଭଙ୍କୁ ଲୋଡ଼ୁଥିବେ ଘରେ ।୧୦୨୦।
ମାତା ପିଅର ପୁତ୍ର ଭାଇ । ଲୋଡ଼ୁ ଅଛନ୍ତି ନାମ ରାଇ ।୧୦୨୧।
ଯେ ଯାହା ସ୍ୱାମୀ କୋପ ଚିତ୍ତେ । ଖୋଜନ୍ତି ଘରଦ୍ୱାର ପଥେ ।୧୦୨୨।
ନ ପାଇ କରିବେଟି ରୋଷ । ତୁମ୍ଭେ ହୋଇବ ଜାତି ନାଶ ।୧୦୨୩।

ବନ୍ଧୁ ବାନ୍ଧବ ତୁମ୍ଭ ଘରେ । ଅନ୍ନ ନ କରିବେ ଆହାରେ ।୧୨୪।
।୨୦। ଜଳ ହିଂ ନ କରିବେ ପାନ । ତୁମ୍ଭେ ହୋଇବ ଜାତି ହୀନ ।୧୨୫।
ନ ଜାଣି ଯେବେ ଗୋ ଅଇଲ । ବହନ କର ମୋର ବୋଲ ।୧୨୬।
ଦେଖ ଯେ ବନ ପରିମଳ । ନାନା କୁସୁମେ ନଦୀଜଳ ।୧୨୭।
।୨୧। ମଳୟ ପବନ ଶୀତଳ । ତରୁ ପଲ୍ଲବେ ଭୃଙ୍ଗମେଳ ।୧୨୮।
ବହନ ଯାଅ ଗୋପପୁର । ନିଜ ପତିଙ୍କି ସେବାକର ।୧୨୯।
ଗାଈଙ୍କ ଗୋଡ଼େ ବଛା ବାନ୍ଧି । ତୁମ୍ଭେ ଯେ ଦୁହୁଁଥିଲ ଛନ୍ଦି ।୧୩୦
ସ୍ତନ ନ ପାଇଣ ବାଛୁରୀ । କାନ୍ଦନ୍ତି ହେମାରାବ କରି ।୧୩୧।
ବାଳଙ୍କ ଧରିଥିଲେ କୋଳେ । ପକାଇ ଅଇଲ ଯେ ଚଳେ ।୧୩୨।
ଓଷ୍ଠ ଛିଡ଼ିଲା ଦନ୍ତ ପାଟି । କାନ୍ଦନ୍ତି ତୁଣ୍ଡେ ଧରି ମାଟି ।୧୩୩।
।୨୨। ବହନ ନିଜ ଘରେ ଯାଅ । ସ୍ତନ ପିଆଇ ଗାଈ ଦୁହଁ ।୧୩୪।
ଯେବେ ଅଇଲ ବେଣୁନାଦେ । ମୋ ରୂପ ଦେଖିବାର ସଧେ ।୧୩୫।
।୨୩। ଯେବେ ଦେଖିଲ ମୋର ଦେହ । ଯାଅ ଗୋ ଦଣ୍ଡେ ହେଂ ନ ରହ ।୧୩୬।
ସ୍ୱାମୀଙ୍କ ସଙ୍ଗେ ପ୍ରୀତି କର । ଉଚିତ ଧର୍ମ ଗୋ ତୁମ୍ଭର ।୧୩୭।
ସ୍ୱାମୀର ଯେତେ ଇଷ୍ଟ ମାନ । ବାଳ ତନୟ ବନ୍ଧୁଜନ ।୧୩୮।
।୨୪। ଯେ ନିତ୍ୟ କର୍ମ ଗୋ ତୁମ୍ଭର । ପୁଣି ବୋଲନ୍ତି ବେଣୁଧର ।୧୩୯।
ପୂର୍ବେ ଅର୍ଜିଲା କର୍ମ ଲଇ । ଯେ ଯାହା ସ୍ୱାମୀ ଗୋ ମିଳଇ ।୧୪୦।
ସେ ଯେବେ ହୋଏ ଅସୁନ୍ଦର । ଦୁଃଖୀ ଦରିଦ୍ର ବ୍ୟାଧିକର ।୧୪୧।
ତାହାଙ୍କୁ ନ କରିବ ସାନ । ସେ ବିଷ୍ଣୁଦେବଙ୍କ ସମାନ ।୧୪୨।
ତାହାଙ୍କୁ ପାଦେ ଯେକ ଚିତ୍ତେ । ସେବା କରିବ ଅବିରତେ ।୧୪୩।
ଯେ ମାୟାସଂସାର ବେଭାର । ଯାହା ସୃଜିଲା ବେଦବର ।୧୪୪।
।୨୫। ଯେହା ଯେ ନ କରନ୍ତି ଭଲେ । ନରକେ ଯାନ୍ତି ଅନ୍ତକାଳେ ।୧୪୫।
ପର ପୁରୁଷେ ମନ ଦେଇ । ଯେ ନାରୀ ରମେ ଦେହ ବହି ।୧୪୬।
ତାହାଙ୍କୁ ନାହିଁ ସୁଖ ଲେଶ । ନରକେ ହୋନ୍ତି ପରବେଶ ।୧୪୭।
ନିନ୍ଦିତ ହୋନ୍ତି ବେନି ଲୋକେ । ନିରାଶ ହୋନ୍ତି ସ୍ୱାମୀ ସୁଖେ ।୧୪୮।
।୨୬। ବିଧବା ହୋନ୍ତି ଜନ୍ମ ସାତ । ଯେ ନାରୀ ସ୍ୱାମୀ ଅଭଗତ ।୧୪୯।

ମୋତେ ଅଇଲେ ଯେବେ ଦେଖି । ଯେତେକେ ପୂରିଲାନି ଆଖି ।୧୫୦।
ଯେ ମୋତେ ଦୂରେ ଥାଇ ଚିନ୍ତି । ମନ ବଚନ ମୋତେ ଦ୍ୟନ୍ତି ।୧୫୧।
ବେଗେ ହୁଅନ୍ତି ଭବୁଂ ପାର । କ୍ଷଣ୍ଡଇ ଭ୍ରମ ତାହାଙ୍କର ।୧୫୨।
ଯେ ମୋର ନିକଟେ ରହଇ । ସେ ପ୍ରାଣୀ ମୋତେ ନ ଭଜଇ ।୧୫୩।
ମାୟାରେ ହୋଇ ଛନ୍ନ ଛନ୍ନ । ବିଷୟା ଜଡ଼େ ଥାଇ ମନ ।୧୫୪।
।୨୭। ସେ ମୋତେ ପାଇବେ କେମନ୍ତେ । ହସି ବୋଇଲନ୍ତି ଗୋପୀନାଥେ ।୧୫୫।
ମୁନି ବୋଲନ୍ତି ରାୟେ ଶୁଣ । ଯାହା କହିଲେ ନାରାୟଣ ।୧୫୬।
ଗୋପୀୟେ କୃଷ୍ଣକଥା ଶୁଣି । ଚିନ୍ତା ବିକଳେ ମନେ ଗୁଣି ।୧୫୭।
।୨୮। ବଜ୍ର ପଡ଼ିଲା ଯେହ୍ନେ ଶିର । ବଦନୁ ନଇଲା ଉତ୍ତର ।୧୫୮।
ନିଶ୍ୱାସ ବହେ ଖରତର । ଶୁଖିଲା ସୁରଙ୍ଗ ଅଧର ।୧୫୯।
ଦଶନେ ଅଧର କାମୋଡ଼ି । କର ଯୁଗଳ ଶିରେ ତାଡ଼ି ।୧୬୦।
ଚରଣ ଅଙ୍ଗୁଳିର ଅଗ୍ରେ । ଭୂମି ଚିରନ୍ତି କାମ ବ୍ୟଗ୍ରେ ।୧୬୧।
କମ୍ପଇ ବିକଳେ ଶରୀର । ବେନି ଲୋଚନୁ ବହେ ନୀର ।୧୬୨।
ଅଞ୍ଜନ କୁଙ୍କୁମର ସଙ୍ଗେ । ଲୁହ ପଡ଼ଇ କୁଚଯୁଗେ ।୧୬୩।
ଦୁଃଖ ସାଗରେ ନିମଜ୍ଜିଲେ । ସମସ୍ତେ ଲୋଚନ ବୁଜିଲେ ।୧୬୪।
।୨୯। ହୋଇଲେ ମୃତ ପିଣ୍ଡ ପ୍ରାୟେ । ଦେଖନ୍ତି ପ୍ରଭୁ ଦେବରାୟେ ।୧୬୫।
କୃଷ୍ଣ ନିଷ୍ଠୁର ବାକ୍ୟ ଶୁଣି । ଧର୍ମ ଅଧର୍ମ ମନେ ଗୁଣି ।୧୬୬।
ଯାହାର ପାଇଂ ଗୃହ ବାସ । ଛାଡ଼ିଲୁ ଜୀବନର ଆଶ ।୧୬୭।
ତାର ନିଷ୍ଠୁର କଥା ପାଇ । ଜୀବନ ଦଣ୍ଡେ ନ ରହଇ ।୧୬୮।
ବେନି ଲୋଚନ ଘଷି କରେ । କୃଷ୍ଣଙ୍କୁ ଚାହିଁଲେ ସଧୀରେ ।୧୬୯।
ପାଦେ ପଡ଼ିଲେ ଯେକାବେଳେ । କହନ୍ତି ଜୀବନ ବିକଳେ ।୧୭୦।
।୩୦। ଶିର ଲଗାଇ ପଦ୍ମପାଦେ । କହନ୍ତି ଶୋକ ଗଦଗଦେ ।୧୭୧।
ଭୋ ନାଥ ପ୍ରଭୁ ଭାବଗ୍ରାହୀ । ଯେମନ୍ତ ବୋଲୁ କାହିଂପାଇଂ ।୧୭୨।
ତୁ ନୋହୁ ଯଶୋଦା ନନ୍ଦନ । ଅନାଦି ଜ୍ୟୋତି ନିରଞ୍ଜନ ।୧୭୩।
ଆମ୍ଭେ ଅଭାଗୀ ଗୋପନାରୀ । ଆଉ କି ଯିବୁ ଗୋପପୁରୀ ।୧୭୪।
ଛାଡ଼ିଲୁ ବିଷୟା ବିଷାଦ । ପାଇ ତୋହୋର ପଦ୍ମପାଦ ।୧୭୫।

ଆମ୍ଭନ୍ତ ତେଜୁ କାହିଁପାଇଁ । ତୋ ତହୁଁ ଅନ୍ୟ ଗତି ନାହିଁ ।୧୭୬।
ତୋ ପାଦ ପଙ୍କଜର ମୂଳେ । ଜ୍ଞାନୀ ଚିନ୍ତନ୍ତି ଅନ୍ତ କାଳେ ।୧୭୭।
।୩୧। ସେ ପାଦ ପଦ୍ମ ଆମ୍ଭେ ପାଇ । କାହିଁକି ଯିବୁ ଭାବଗ୍ରାହୀ ।୧୭୮।
ତୋହର ପାଇଁ ଦାମୋଦର । ଛାଡ଼ିଲୁ ପତି ସୁତ ଘର ।୧୭୯।
ଭଜନ୍ତି ଯେ ତୋହର ନାମ । ତାହାଙ୍କୁ ନାହିଁ ଦୁଃଖ ଶ୍ରମ ।୧୮୦।
ଆମ୍ଭେ ତୋ ପାଦେ ଚିତ୍ତ ଦେଇ । ନିରାଶ ହୋଇଲୁ ଗୋସାଇଁ ।୧୮୧।
ଉଭୟେ ନ ପାଇଲୁ କୂଳ । ତୁ ଯେ ବୋଲାଉ ଆଦିମୂଳ ।୧୮୨।
ଧର୍ମ ଦେବତାଙ୍କର ଗୁରୁ । ତୋର ମହିମା ମହାମେରୁ ।୧୮୩।
ଯାହା ବୋଇଲୁ ଦେବମତେ । ଭୋ ନାଥ ଶୁଣ ଯେକଟିରେ ।୧୮୪।
ଯେ ଯେ ତୋହାର ସାଧୁ ପଣ । ସେ ବିଷ୍ଣୁ ସ୍ୱାମୀଙ୍କ ଚରଣ ।୧୮୫।
ଯେ କଥା ଉଚିତ ଆମ୍ଭର । ଭୋ ନାଥ ଶୁଣ ଦେବସାର ।୧୮୬।
।୩୨। ତୁ ଯେ ସକଳ ପ୍ରାଣୀଙ୍କର । ଦେହ ଜୀବନର ଠାକୁର ।୧୮୭।
ଯେ ପ୍ରାଣୀ ତୋହୋରେ ଭଜଇ । ତାହାର ଜନ୍ମବନ୍ଧ ନାହିଁ ।୧୮୮।
ଅନେକ ପୁଣ୍ୟ କରିଥିଲେ । ତୋ ନାମ ଧରି ଅନ୍ତ କାଳେ ।୧୮୯।
ଅଭୟ ବ୍ରହ୍ମେ ସେ ପଶନ୍ତି । ଆମ୍ଭର ନାହିଁମନେ ଭାନ୍ତି ।୧୯୦।
ଆଉ କି ଗୋପପୁର ଯିବୁଁ । ପତି ତନୟ ଆବୋରିବୁଁ ।୧୯୧।
ଆମ୍ଭର ତେଣେ ନାହିଁ ଆଶା । ତୋ ନାମ କରିଛୁଁ ଭରସା ।୧୯୨।
ମନ କି ନ ଜାଣୁ ଆମ୍ଭର । ଆଶା ବିଶ୍ରାମ ବାନା ତୋର ।୧୯୩।
କାଳିନ୍ଦୀ ତୀରେ ବ୍ରତ କରି । ପୂଜିଲୁ ଶଙ୍କର ଗଉରୀ ।୧୯୪।
ବର ମାଗିଲୁ ଆମ୍ଭେ ଯାହା । ଭୋ ନାଥ ନ ଜାଣୁ କି ତାହା ।୧୯୫।
ଆମ୍ଭର ବସ୍ତ୍ର ଚୋରି କରି । ତୁ ଯେ ବୋଇଲୁ ନରହରି ।୧୯୬।
ରମିବି ବୃନ୍ଦାବନ ମୁହିଁ । ନିୟମ କଲୁ ବେଣୁ ଛୁଇଁ ।୧୯୭।
ଆମ୍ଭର ସାକ୍ଷ ଯେ ମୁରଲୀ । କିପାଂ ପାସୋରୁ ବନମାଳୀ ।୧୯୮।
।୩୩। ତୋହର ଯେବେ ଦୟା ନାହିଁ । କିପାଂ ରାଇଲୁ ବେଣୁବାଇ ।୧୯୯।
ଆମ୍ଭର ମନ ନିଜ ଘରେ । ବୁଡ଼ାଇଥିଲୁ ମୁହାଂସରେ ।୨୦୦।
ଶ୍ରବଣେ ମୁରଲୀ ଶୁଭିଲା । କର ଚରଣ ନ ଚଳିଲା ।୨୦୧।

	ଜୀବନ ହରିଲୁ ଆମ୍ଭର	। ଯେବେ ତ କହିଲୁ ନିଷ୍ଠୁର	।୨୦୨।
।୩୪।	ଭୋ ନାଥ କର ପ୍ରାଣ ରକ୍ଷା	। ଆମ୍ଭେ ପାଇଲୁ ବେଣୁ ଦୀକ୍ଷା	।୨୦୩।
	ତୁମ୍ଭ ଅଧର ସୁଧାରସ	। ଆମ୍ଭର ମୁଖରେ ବରଷ	।୨୦୪।
	ଜୀବନ ରଖ ନନ୍ଦବାଳ	। ଆମ୍ଭର ପୂରିଲାଟି କାଳ	।୨୦୫।
	କ୍ରୋଟ ଅନଳ ପ୍ରାୟେ ହୋଇ	। କାମ ଅନଳ ହୃଦ ଦହି	।୨୦୬।
	ଲିଭାଅ ମୁଖୁ ରସ ଦେଇ	। ଦାସ ବତ୍ସଳ ଭାବଗ୍ରାହୀ	।୨୦୭।
	ଯେବେ ନରଖୁ ବନମାଳୀ	। ମରିବୁଂ ସକଳ ଗୁଆଳି	।୨୦୮।
	ହତ୍ୟା ହୋଇବ ତୋର କନ୍ଧେ	। ଶୁଣି ହସନ୍ତି ଆଦିକନ୍ଦେ	।୨୦୯।
	ଗୋପୀ ବୋଲନ୍ତି କୃଷ୍ଣ ଚାହିଁ	। ପୂତନା ପ୍ରାଣ ଅଛୁ ଖାଇ	।୨୧୦।
	ତୁ କାହିଁ ରଖିବୁ ଆମ୍ଭନ୍ତ	। ନିଶ୍ଚୟେ ହୋଇଲୁ ଅନାଥ	।୨୧୧।
।୩୫।	ମରିବୁଂ ତୋହୋର ଉପରେ	। ଜୀବନ ନ ରହେ ଶରୀରେ	।୨୧୨।
	ଭୋ ନାଥ ତୋହର ପୟରେ	। କମଳା ସେବେ ନିରନ୍ତରେ	।୨୧୩।
।୩୬।	ଆମ୍ଭର ପ୍ରିୟ ଅଟୁ ତୁହି	। ଆଶା ନ ଛେଦ ଭାବଗ୍ରାହୀ	।୨୧୪।
	ତୋହୋର ପାଦର ତୁଳସୀ	। ମାଳା କରିବୁ ବ୍ରହ୍ମରାଶି	।୨୧୫।
।୩୭।	କବରୀ ଭାର ସଜ କରି	। ତୋ ପାଦେ ସେବିବୁ ମୁରାରି	।୨୧୬।
	ତୋହର ପାଦ ଦୃଢେଚିରେ	। ମୁନିୟେ ଖୋଜୁଥାନ୍ତି ନିତ୍ୟେ	।୨୧୭।
।୩୮।	ସେ ପାଦେ ପଶିଲୁ ଶରଣ	। ଜୀବନ ରଖ ନାରାୟଣ	।୨୧୮।
	ତୋର ଚରଣେ ନରହରି	। ସ୍ତନେ ବଦନେ ଶିରେ ଧରି	।୨୧୯।
	ଆମ୍ଭର ତାପ ହୃଦୁଂ ଯିବ	। ଶରଣ ରଖ ପଦ୍ମନାଭ	।୨୨୦।
	ତୋର ସୁନ୍ଦର ମୁଖ ଦେଖି	। ପିଛାଡ଼ି ନ ପାରୁ ଯେ ଆଖି	।୨୨୧।
	ତୋହୋର ରୂପ ହୃଦେ ଗୁଣି	। ବ୍ରହ୍ମାଣ୍ଡେ ଯେତେକ ତରୁଣୀ	।୨୨୨।
	କେ ଦେହ ଧରିବ ନିର୍ଭରେ	। ଶୁଣିଲା ନାହିଁ ତିନିପୁରେ	।୨୨୩।
।୩୯-୪୧।	ତୋହର ରୂପ ଦେଖି ବନେ	। ପୁଲକ ହୋନ୍ତି ତରୁଗଣେ	।୨୨୪।
	ବୋଲନ୍ତି ଶୁକ ମୁନିବର	। ଶୁଣ ହୋ କୃଷ୍ଣ ରସ ସାର	।୨୨୫।
	ଗୋପୀଙ୍କି ଦେଖିଣ ବିକଳ	। ଦୟା ବସିଲା ଆଦିମୂଳ	।୨୨୬।
	ଆନନ୍ଦେ ବେନିଭୁଜ ତୋଳି	। ଆସ ବୋଇଲେ ବନମାଳୀ	।୨୨୭।

।୪୨। ତକ୍ଷଣେ ପାଇଲେ ଜୀବନ । ହରଷ ଗୋପୀଙ୍କର ମନ ।୧୨୨୮।
।୪୩। କୃଷ୍ଣଙ୍କୁ ବେଢ଼ିଲେ ଯୁବତୀ । ଗଗନେ ଯେହ୍ନେ ଗ୍ରହପନ୍ତି ।୧୨୨୯।
ଗୋପୀୟେ ତୋଷମନ ହୋଇ । ପୁଷ୍ପ ତୋଳନ୍ତି ବନେ ଯାଇ ।୧୨୩୦।
।୪୪। ମାଳା ଗୁନ୍ଥିଲେ ଯତ୍ନ କରି । ବର ବରିଲେ ନରହରି ।୧୨୩୧।
କାଳିନ୍ଦୀ ବାଲିକୁଦେ ଯାଇ । ଗୋପୀଙ୍କ ମଧ୍ୟେ ଭାବଗ୍ରାହୀ ।୧୨୩୨।
ମାୟାର ଯୋଗବଳେ ହରି । ଷୋଳ ସହସ୍ର ରୂପ ଧରି ।୧୨୩୩।
ହୋଇଲେ ବେନି ବେନି ଜନ । ଗୋପୀ ରମିଲେ ଭଗବାନ ।୧୨୩୪।
।୪୫,୪୬।ରତି ପଣ୍ଡିତ ବଳବନ୍ତ । ତୋଷିଲେ ଗୋପୀଙ୍କର ଚିତ୍ତ ।୧୨୩୫।
କୃଷ୍ଣ ରମଣ ରସ ପାଇ । ଗୋପୀ ବୋଲନ୍ତି ଗର୍ବ ବହି ।୧୨୩୬।
ଆମ୍ଭର ପ୍ରାୟେ ଭାଗ୍ୟବନ୍ତ । ନାହିଁ ନୋହିବ ଯେ ଜଗତ ।୧୨୩୭।
ରମିଲୁ ଅନାଦି ପୁରୁଷ । ଆମ୍ଭରେ ହୋଇଲେ ହରଷ ।୧୨୩୮।
।୪୭। କୃଷ୍ଣ ଭଗତି ଆମ୍ଭ ପ୍ରାୟେ । ସ୍ୱର୍ଗ ନୋହିଲେ ଦେବତାୟେ ।୧୨୩୯।
ଯେମନ୍ତ ଗର୍ବ ମନେ କରି । ତାହା ଜାଣିଲେ ନରହରି ।୧୨୪୦।
ଗୋପୀଙ୍କ ଭାବ ଜାଣିମାରେ । ମାୟା ମୋହିଲେ ନଦୀତୀରେ ।୧୨୪୧।
ଗୋପୀୟେ ବୃନ୍ଦାବତୀ ନାମେ । ଥିଲା ସେ କୃଷ୍ଣ ସନ୍ନିଧାନେ ।୧୨୪୨।
ପୂର୍ବେ ସେ ତପ ଅଛି କରି । ଗୋବିନ୍ଦ ତାର ଭୁଜଧରି ।୧୨୪୩।
।୪୮। ଛନ୍ଦିଲେ ଗୋପୀଙ୍କର ମନ । କୃଷ୍ଣ ହୋଇଲେ ଅନ୍ତର୍ଦ୍ଧାନ ।୧୨୪୪।
ବୋଲଇ ଦାସ ଜଗନ୍ନାଥ । ବନେ ନିରୋପି କୃଷ୍ଣପଥ ।୧୨୪୫।
ମୋହୋର ମନ ଗୋଡ଼ାଇଲା । କୃଷ୍ଣଙ୍କୁ ଭେଟ ନ ପାଇଲା ।୧୨୪୬।
ବାହୁଡ଼ି ହୋଇଲା ନିରାଶ । ସୁଜନେ ବୃନ୍ଦାବନେ ପଶ ।୧୨୪୭।
ମୁ ଅବା ହରିକି ଅନାଇଁ । କାହିଁ ପାଇବି ଭାବଗ୍ରାହୀ ।୧୨୪୮।
ପାମର ହୀନ ମୋର ବୁଦ୍ଧି । କୃଷ୍ଣ ଚରଣେ ଚିତ୍ତ ଖେଦି ।୧୨୪୯।
ମୋ ଛାର ପାଇବଇଁ କାହିଁ । ଯାହାର ଆଦି ଅନ୍ତ ନାହିଁ ।୧୨୫୦।
ସୁଜନେ ଜନଙ୍କର ହିତେ । କହଇ ଦାସ ଜଗନ୍ନାଥେ ।୧୨୫୧।

ଇତି ଶ୍ରୀ ମଭାଗବତେ ମହାପୁରାଣେ ଦଶମସ୍କନ୍ଧେ ରାସକ୍ରୀଡ଼ାୟାଂ ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନେ
ନାମ ତ୍ରିଂଶୋଧ୍ୟାୟଃ । ।।୩୦।।

ଦ୍ୱିତୀୟ ଅଧ୍ୟାୟ
(ୟେକତ୍ରିଂଶ ଅଧ୍ୟାୟ)

ଶ୍ରୀ ଶୁକ ଉବାଚ

ଶୁଣ ରାଜନ ତୋଷ ମନେ । କୃଷ୍ଣ ଯେ ଗଲେ ଅନ୍ତର୍ଦ୍ଧାନେ ।୧।
ଗୋପ ଯୁବତୀ ନଦୀ କୂଳେ । ଘଡ଼ିକେ ଜାଣିଲେ ସକଳେ ।୨।
କୃଷ୍ଣ ନ ଦେଖି ବନ ଘୋରେ । ଭୟେ ଡରିଲେ ସେ କାତରେ ।୩।
କମ୍ପନ୍ତି ଚଉଦିଗ ଚାହିଁ । ରଜନୀ ଅର୍ଦ୍ଧ ଅଛି ହୋଇ ।୪।
କୃଷ୍ଣର ମାୟା ଘେନି ମେଘେ । ମିଳିଲେ ଶଶାଙ୍କର ଲାଗେ ।୫।
ଦେଖି ବିକଳ ଗୋପ ନାରୀ । ଡାକନ୍ତି କୃଷ୍ଣ ନାମ ଧରି ।୬।
ଭୋ ନାଥ ଆସ ତୁ ବହନ । ମେଘ ଆଛାଦିଲା ଗଗନ ।୭।
ବିଶେଷେ ଯମୁନାର ତୀରେ । ମେଘ ଅନ୍ଧାର ବନ ଘୋରେ ।୮।
ଅନାଥ କରିଗଲୁ କାହିଁ । ଅନ୍ଧାରେ ପଥ ନ ଦିଶଇ ।୯।
ୟେମନ୍ତେ କରନ୍ତି ରୋଦନ । କ୍ଷଣ କ୍ଷଣକେ ଅଚେତନ ।୧୦।
ଚିନ୍ତା ସାଗର ମହାଘୋରେ । ରୋଦନ କଲେ ଉଚ୍ଚସ୍ୱରେ ।୧୧।
।୧। ବାତୁଳ ପ୍ରାୟେ ହୋଇ କାନ୍ଦି । ୟେକ ଆରକେ ଛନ୍ଦାଛନ୍ଦି ।୧୨।
କୃଷ୍ଣର ଗତି ଅନୁରାଗ । ଅଳପ ହାସ୍ୟ ମୁଖରଙ୍ଗ ।୧୩।
ମଧୁର ଚାହିଁବାର ଆଶେ । ମନ ନିବେଶି କୃଷ୍ଣ ପାଶେ ।୧୪
ବାଳୁତ କାହୁଂ ଯେତେ କଲା । ସୁମରି ଗୋବିନ୍ଦର ଲୀଳା ।୧୫।
ଚିତ୍ତ ନିବେଶି କୃଷ୍ଣ ଦେହେ । ଗୋପୀ ପଡ଼ିଲେ ଶୋକ ମୋହେ ।୧୬।
ପୁଣି ଉଠିଲେ ପ୍ରାଣ ପାଇ । କହନ୍ତି ବାଇ ପ୍ରାୟେ ହୋଇ ।୧୭।
କେ ବୋଲେ ମୁହିଁ ନାରାୟଣ । ସେବ ଲୋ ମୋହୋର ଚରଣ ।୧୮।
କେ ବୋଲେ ମୁହିଁ ନନ୍ଦ ବାଳ । ଦେଖ ମୋ ଶିରେ ଗୁଞ୍ଜମାଳ ।୧୯।

ପୁଣି ଗୋପୀଏ ଆଗସରି । ବୋଲଇ ଦେଖିଲି ମୁରାରୀ ।୨୦।
।୨,୩। ଜାଣଇ ଯେହି ପଥେ ଗଲା । ମୁରଲୀ ଘେନି ନନ୍ଦବଳା ।୨୧।
ପୁଣି ଉଠିଲେ ଧାଡିଲାରେ । ପଶିଲେ ଲତା ବନଘୋରେ ।୨୨।
ଖୋଜନ୍ତି ପଶି ବନେ ବନ । ଡାକନ୍ତି ଆସ ନନ୍ଦନାନ ।୨୩।
ବାତୁଳଙ୍କର ପ୍ରାଏ ହୋଇ । ପୁଚ୍ଛନ୍ତି ଆକାଶ ଅନାଇଁ ।୨୪।
ବୋଲନ୍ତି ଚାହିଁ ଚରୁଗଣ । ତୁମ୍ଭେ ଦେଖିଲ ନାରାୟଣ ।୨୫।
।୪। କ୍ରୋଟ ଭିତରେ ଥୋଇଅଛ । ଯେ କଥା ଅଟଇ ପ୍ରତକ୍ଷ ।୨୬।
ଅଶ୍ୱତ୍ଥ ବଟଶାଳ ବୃକ୍ଷେ । ତୁମ୍ଭେ କି ଦେଖିଲ ପ୍ରତକ୍ଷେ ।୨୭।
।୫। ମଧୁର ହାସ୍ୟେ ଆତ୍ମମନ । ବାନ୍ଧିଣ ନେଲେ ନନ୍ଦନାନ ।୨୮।
ହେ କୁରୁବୋଲି ନାଗେଶ୍ୱର । ଚମ୍ପା ବକୁଳ କଣେଅର ।୨୯।
।୬। ତୁମ୍ଭ ପୀରଚି ଘେନି ଚିରେ । ଗୋବିନ୍ଦ ଗଲେ କିଯେ ପଥେ ।୩୦।
ତୁ ଯେ ତୁଳସୀ ହରିପ୍ରିୟା । ଲୁଚାଇ କରିଅଛୁ ମାୟା ।୩୧।
ଗୋବିନ୍ଦ ହୃଦେ ଲମ୍ବିଥାଉ । ଆମ୍ଭେ ପଚାରିଲେ ନ କହୁ ।୩୨।
।୭। ଆମ୍ଭେ ତୋ କଥା ଭଲେ ଜାଣି । ତୁ ଯେ ଆମ୍ଭର ସପତଣୀ ।୩୩।
ମାଳତୀ ମଲ୍ଲୀ ଜାଇ ଯୂଇ । ତୁମ୍ଭେ ଦେଖିଲ ଭାବଗ୍ରାହୀ ।୩୪।
।୮। କୃଷ୍ଣର ନଖକ୍ଷତ ଲାଗି । ନ ପୁଣ ହୋଇଛ ସୁହାଗୀ ।୩୫
ହେ ଚୂତ ପିଆଳ ପଣସ । ଅସନ ବିଦାର ଜମ୍ବୁଶ ।୩୬।
ବେଲ ବକୁଳ ଲିମ୍ବ ଯୂଥେ । ଗୋବିନ୍ଦ ଗଲେ କି ଯେ ପଥେ ।୩୭।
ତୁମ୍ଭେ ଯେ ଯମୁନାର ତୀରେ । ହୋଇଛ ପର ଉପକାରେ ।୩୮।
।୯। କହ ଶ୍ରୀକୃଷ୍ଣ ଗଲେ କାହିଁ । ମରିବୁଁ ତା ମୁଖ ନ ଚାହିଁ ।୩୯।
ଯାନ୍ତେ ଦେଖିଲେ ବନଦେଶେ । ଅବନୀ ନ ଦିଶଇ ଘାସେ ।୪୦।
ତାହାଙ୍କୁ ଚାହିଁ ଗୋପନାରୀ । ବୋଲନ୍ତି ଦେଖିଲା ଯେ ହରି ।୪୧।
ଯେଣେ ଗଲେ ଯେ କୃଷ୍ଣ ଧାଇଁ । ତା ପାଦ ଲାଗି ଯେହା ଦେହି ।୪୨।
।୧୦। ପୁଲକ ହୋଇଅଛି ଦେଖ । ଆମ୍ଭେ ସେ ହୋଇଲୁ ନିରେଖ ।୪୩।
ହରିଣୀ ଯୂଥକୁ ଅନାଇଁ । କହନ୍ତି ଶୋକଭର ହୋଇ ।୪୪।
ଆମ୍ଭେ ଜାଣିଲୁଁ ସତ୍ୟ ଆଜ । ତୁମ୍ଭେ ଦେଖିଲ ଦେବରାଜ ।୪୫।

ହରି ଚରଣ ଯୁଗ ଦେଖି । ନିର୍ମଳ କରିଅଛ ଆଖି ।୪୬।
ଯେକ ଗୋପୀୟେ ପଛେ ଥାଇ । ବୋଲଇ ଗୋପୀଙ୍କି ଅନାଇ ।୪୭।
ବହନ ଆଣିଲା ସାଉଁଟି । ଦେଖାଇ କୁନ୍ଦମାଳ ଗୋଟି ।୪୮।
ଯେ ନାରୀ କୃଷ୍ଣ ଘେନି ଗଲା । ଯେ ମାଳ ତାର ହୃଦେ ଥିଲା ।୪୯।
କୃଷ୍ଣର ଆଲିଙ୍ଗନ କାଳେ । ଛିଡ଼ି ଗୋ ପଡ଼ିଅଛି ତଳେ ।୫୦।
।୧୧। ତେଣୁ ସୁଗନ୍ଧ ଗୋ ଯେହାର । ଯେବେ ପାଇବା ଦାମୋଦର ।୫୧।
ପ୍ରିୟାର କନ୍ଧେ ଦେଇ ହସ୍ତ । ଯେ ପଥେ ଗଲେ ଗୋପୀନାଥ ।୫୨।
ପଦ୍ମ ଗୋଟିୟେ ଘେନି କରେ । ବୃକ୍ଷଙ୍କ ଫଳ ପୁଷ୍ପ ଭରେ ।୫୩।
।୧୨। ପଶି ଯେ ଗଲେ ଯେହି ବାଟେ । ଦେଖିଣ ଚାହାନ୍ତି ଉଚାଟେ ।୫୪।
ପୁଣି ବୋଲନ୍ତି ବୃକ୍ଷ ଚାହିଁ । ମାଳତୀ ତାର ଦେହେ ଥାଇ ।୫୫।
।୧୩। ପୁଲକ ହୋଇ ତା ଉପର । ଯେଣୁ ଲାଗିଲା କୃଷ୍ଣ କର ।୫୬।
।୧୪। ଯେମନ୍ତେ ହୋଇ ଉନମତ୍ତ । କୃଷ୍ଣର ପାଦେ ଦେଇ ଚିତ୍ତ ।୫୭।
ଯେକ ଗୋପୀୟେ ଆଗସରି । କୋଳେ ଚାପିଲା ଗୋପନାରୀ ।୫୮।
ତାହାର କୁଚେ ମୁଖ ଦେଇ । ନିର୍ଭରେ ଦିଲାକ ପକାଇ ।୫୯।
ବୋଲଇ ମୁହିଁ ନାରାୟଣ । ଶୋଷିଲି ପୂତନା ପରାଣ ।୬୦।
ମୋତେ ଲୋ ଭଜ ଗୋପନାରୀ । ଚାପଇ କରେ କର ଧରି ।୬୧।
ଯେକ ଗୋପୀୟେ ପଛେ ଥିଲା । ପୟର ଛନ୍ଦି ପକାଇଲା ।୬୨।
।୧୫। ବୋଲଇ ମୁହିଁ ଦାମୋଦର । ପାଦେ ଶକଟ କଲି ଚୂର ।୬୩।
ଯେକ ଗୋପୀୟେ କରି କାନ୍ଧେ । ପକାଇ ବୋଲଇ ଆନନ୍ଦେ ।୬୪।
ଦେଖ ମାଇଲି ତୃଣାବର୍ତ୍ତ । ମୁଁ ସେ ଲୋ ଯଶୋଦାର ସୁତ ।୬୫।
କେ ଗୋପୀ ନଦୀ ପଙ୍କେ ପଶି । ନାଚେ କିଙ୍କିଣୀ ନାଦ ଘୋଷି ।୬୬।
।୧୬। ବୋଲଇ ମୋତେ ସେବାକର । ମୁ ସେ ଲୋ ଯଶୋଦା କୁମର ।୬୭।
ଯେକ ଗୋପୀୟେ ଧରିକରେ । ବୁଲାଇ ପିଟିଲା ବୃକ୍ଷରେ ।୬୮।
ବୋଲଇ ମୁହିଁ ଦାମୋଦର । ଦେଖ ମାଇଲି ବତ୍ସାସୁର ।୬୯।
ଆର ଗୋପୀୟେ ବୃକ୍ଷଡ଼ାଳେ । ଧରି ଚିରିଲା ବେନି ଫାଳେ ।୭୦।
।୧୭। ବୋଲେ ମୁଁ ଯଶୋଦା କୁମର । ଦେଖ ଚିରିଲି ବକାସୁର ।୭୧।

।୧୮। କେ ବୃକ୍ଷ ଡ଼ାଳେ ମୁଖ ଦେଇ । ଗୀତ ସୁସ୍ୱରେ ବେଣୁ ବାଇ ।୭୨।
ଯେକର କନ୍ଧେ ଦେଇ ହସ୍ତ । ଚାଲଇ ଯେହ୍ନେ ଗୋପୀନାଥ ।୭୩।
।୧୯। ବୋଲଇ ମୁହିଁ ବେଣୁଧର । ଦେଖ ଲୋ ଚାଲଇ ସୁନ୍ଦର ।୭୪।
ପୁଣି ଗୋପୀଏ ଆଗସରି । ବୋଲଇ ହୃଦେ ହସ୍ତ ମାରି ।୭୫।
ଇନ୍ଦ୍ର ଛାରକୁ କିପାଁ ଡ଼ର । ଆଜ ଟେକିବି ଗିରିବର ।୭୬।
କେତେ ଲୋ ବରଷିବ ଆଜ । ବଜ୍ର ପାଷାଣ ଦେବରାଜ ।୭୭।
।୨୦। ଶାଢୀ ପାଇଟି ବାମ କରେ । ଟେକିଲା ଅଙ୍ଗୁଳି ଉପରେ ।୭୮।
ଯେକ ଗୋପୀଏ ବେଗେ ଧାଇଁ । ଆରେକ ଶିରେ ପାଦ ଦେଇ ।୭୯।
ବୋଲଇ ପଳାଅ କାଳୀୟ । କାଳିନ୍ଦୀ ଭିତରେ ନ ରହ ।୮୦।
।୨୧। ଖଳନାଶନ ବାନା ମୋର । ଅମୃତ କରିବଇଁ ନୀର ।୮୧।
କେ ଗୋପୀ ଡାକଇ ସୁସ୍ୱରେ । ନୟନ ବୁଜି ଧାଡି କାରେ ।୮୨।
।୨୨। ଅନଳ ନିବାରିବି ମୁହିଁ । ବସ ଲୋ ମୁଖେ କର ଦେଇ ।୮୩।
କେ ଗୋପୀ ଫୁଲମାଳ ଘେନି । କୋପେ ବୋଲଇ ଶିର ଝୁଣି ।୮୪।
।୨୩। ଲବଣୀ ଖାଉ ତୁ ଚୋରାଇ । ରୋଳେ ବାନ୍ଧିବି ତୋତେ ନେଇ ।୮୫।
ଯେମନ୍ତେ ଗୋପୀ ବାଇ ପଣେ । ରାତ୍ରେ ବୁଲନ୍ତି ବଣେ ବଣେ ।୮୬।
।୨୪। ଯାଉଁ ଦେଖିଲେ ବାଲିକୁଦ । ପଡ଼ିଛି ଗୋବିନ୍ଦର ପାଦ ।୮୭।
ଚିହ୍ନିଲେ କୃଷ୍ଣପାଦ ବୋଲି । ଗୋପୀ ଧାଇଁଲେ ପୋଲାପେଲି ।୮୮।
।୨୫। ଧ୍ୱଜ ଅଙ୍କୁଶ ପଦ୍ମ ଚିହ୍ନ । ଦେଖି ସାନନ୍ଦ କଲେ ମନ ।୮୯।
କୃଷ୍ଣର ପାଦେ ଅନୁସରି । ବନେ ଚାଲନ୍ତି ଗୋପନାରୀ ।୯୦।
ପୁଣି କେତେ ହେଁ ଦୂରେ ଯାଇ । ବୋଲନ୍ତି କୃଷ୍ଣ ପାଦ ଚାହିଁ ।୯୧।
ଦେଖ ଗୋ ଚରଣ ଉପର । ପଡ଼ିଛି କାହାର ପୟରେ ।୯୨।
।୨୬,୨୭। ଯାହାକୁ କୃଷ୍ଣ ଘେନିଗଲା । ସେ ତାର ପଛେ ଯାଉଥିଲା ।୯୩।
।୨୮। ଧନ୍ୟ ଗୋ ତାହାର ଜୀବନ । ମୋହିଲା ଯଶୋଦା ନନ୍ଦନ ।୯୪।
ତାହାର ପାଦ ବର୍ଣ୍ଣେ ଚିହ୍ନ । ଦହଇ ଆମ୍ଭର ଜୀବନ ।୯୫।
।୩୦। ଯେକାନ୍ତେ କୃଷ୍ଣଙ୍କୁ ରମିଲା । କେତେ ସେ ଗୋପେ କରିଥିଲା ।୯୬।
।୩୧। ପୁଣି ନ ଦେଖିଲେ ପୟର । ଗହଳେ ଅଛି ତୃଣାଙ୍କୁର ।୯୭।

	ପୁଣି କ୍ଷଣକେ ପାଦ ଦେଖି	। ଗୋପୀୟେ ଚାହାନ୍ତି ନିରେଖି	।୯୮।
।୩୨।	ଦେଖ ଗୋ କୃଷ୍ଣର ପୟର	। ଅଧିକ ଦିଶଇ ସୁନ୍ଦର	।୯୯।
	କୃଷ୍ଣ ଯାହାକୁ ନେଉଥିଲା	। ଯେଠାରେ କବରୀ ଖସିଲା	।୧୦୦।
।୩୩,୩୪	ପାଦ ଉପରେ ଚାକୁ ଚୋଳି	। ଦେଖ ଗୋ ଫୁଲ ଅଛି ପଡ଼ି	।୧୦୧।
	ରମଣ କଲା ତାର ତୁଲେ	। କଥା ଥୋଇଲା ମହୀତଳେ	।୧୦୨।
।୩୫।	ଦେଖ କାମିନୀ ଦୁଷ୍ଟ ପଣ	। ବଶ ଗୋ କଲା ନାରାୟଣ	।୧୦୩।
।୩୬।	ଶୁଣ ପରୀକ୍ଷ ରସକେଳି	। ଯାହାକୁ ନେଲେ ବନମାଳୀ	।୧୦୪।
	ସେ ଗୋପୀ କୃଷ୍ଣ ପଛେ ଥାଇ	। ଗରବେ ମନେ ବିଚାରଇ	।୧୦୫।
।୩୭।	ମୁ ସେ ମୋହିଲି ହରିଚିତ୍ତ	। ମୋ ତହୁଂ ନାହିଂ ଭାଗ୍ୟବନ୍ତ	।୧୦୬।
	ତାହା ଜାଣିଲେ ଭାବଗ୍ରାହୀ	। ଗର୍ବ ବହିଲା ଯେହା ଦେହି	।୧୦୭।
	ମାୟା ମୋହିଲେ ଗୋପୀମନ	। କୃଷ୍ଣଙ୍କୁ ବୋଲଇ ବଚନ	।୧୦୮।
	ଭୋ ନାଥ ନ ପାରଇ ଯାଇ	। ନିଅ ତୁ କନ୍ଧରେ ବସାଇ	।୧୦୯।
	ମୋହୋରେ ଅଛି ଯେବେ ମନ	। ବିଶେଷେ ଘୋର କୁଞ୍ଜବନ	।୧୧୦।
।୩୮।	ମୁଁ ଯେବେ ନ ପାରଇ ଚାଲି	। ଶୁଣି ହସିଲେ ବନମାଳୀ	।୧୧୧।
	ବୋଇଲେ ବସ ମୋର କନ୍ଧେ	। କୃଷ୍ଣ ବସିଲେ ବାଳିକୁନ୍ଦେ	।୧୧୨।
	ଦେଖି ଗୋପିକା ତୋଷ ହୋଇ	। ବସିଲା କୃଷ୍ଣ କନ୍ଧେ ଯାଇ	।୧୧୩।
	ଉଠିଲେ ପ୍ରଭୁ ଚକ୍ରଧର	। କାମିନୀ ଧରିଅଛି ଶିର	।୧୧୪।
	କେତେ ହେଂ ଦୂର କୃଷ୍ଣ ଯାଇ	। ଅନ୍ତର ହେଲେ ଭାବଗ୍ରାହୀ	।୧୧୫।
	ଗୋପୀ ପଡ଼ିଲା ମୁଖମାଡ଼ି	। ରୁଧିର ଗଳେ ଓଷ୍ଠଛିଡ଼ି	।୧୧୬।
	ଦଣ୍ଡେ ହୋଇଲା ମୂରୁଛିତ	। ଉଠି ଲୋଡ଼ଇ ଗୋପୀନାଥ	।୧୧୭।
।୩୯।	ସେ କାହିଂ ପାଇବ ମୁରାରୀ	। ଗର୍ବ ଗଞ୍ଜନ ନରହରି	।୧୧୮।
	ବିକଳେ ଚଉଦିଗ ଚାହିଂ	। କାନ୍ଦଇ ଶିରେ କର ଦେଇ	।୧୧୯।
	ଆସ ବହନ ଗୋପୀନାଥ	। ଅନ୍ଧାରେ ନ ଦିଶଇ ପଥ	।୧୨୦।
	ମୋତେ ନିଶ୍ଚୟେ ନାଶକଲୁ	। ଗୋପୀଙ୍କ ସଙ୍ଗ ଛଡ଼ାଇଲୁ	।୧୨୧।
	କି ଦୋଷ କଲି ମୁଁ ତୋହୋରେ	। ନିର୍ବାସି ଗଲୁ ବନ ଘୋରେ	।୧୨୨।
।୪୦।	ଯେମନ୍ତେ କାନ୍ଦଇ ତରୁଣୀ	। କୃଷ୍ଣ ହସନ୍ତି ତାହା ଶୁଣି	।୧୨୩।

ଗୋପୀୟେ ଯାଉଥିଲେ ବନେ । ତାର ରୋଦନ ଶୁଣି କର୍ଣ୍ଣେ ।୧୨୪।
।୪୧। ନିକଟେ ମିଳିଲେ ତାହାର । ବୋଲନ୍ତି ଧରି ବେନିକର ।୧୨୫।
ସଚେତ କରି ପଚାରିଲେ । ବୋଇଲେ ଥିଲୁ କୃଷ୍ଣ ତୁଲେ ।୧୨୬।
ତୋତେ ପକାଇ ଘୋର ବନେ । ଗୋବିନ୍ଦ ଗଲେ କୋପମନେ ।୧୨୭।
ଯେଡ଼େ ନିଷ୍ଠୁର ତାର ଦେହି । ପୂତନା ପ୍ରାଣ ଅଛି ଖାଇ ।୧୨୮।
ଅନେକ ହତ୍ୟା ଅଛି କରି । ଯେବେ ଖାଇବ ଗୋପନାରୀ ।୧୨୯।
କାହିଂକି ଯିବୁଂ ଘୋର ବନେ । ଅଇଲୁଂ ତାର ବେଣୁ ସ୍ୱନେ ।୧୩୦।
।୪୨। ଛାଡ଼ିଲୁ ସୁତ ଗୃହ କାନ୍ତ । ଯେବନେ ହୋଇଲୁଂ ଅନାଥ ।୧୩୧।
ଯେମନ୍ତେ ପଥ ଅନୁସରି । କାନ୍ଦନ୍ତି କୃଷ୍ଣନାମ ଧରି ।୧୩୨।
କାନନେ ପଶିଲେ ସକଳେ । ଷୋଳ ସହସ୍ର ଯେକାବେଳେ ।୧୩୩।
ବୃକ୍ଷ ଗହଳ ଛାୟା ଦେଖି । ଅନ୍ଧାର ପ୍ରାୟେ ଉପଲକ୍ଷି ।୧୩୪।
।୪୩। ଭୟେ ବାହୁଡ଼ିଲେ ସକଳେ । ପୁଣି ମିଳିଲେ ନଦୀକୂଳେ ।୧୩୫।
ମନ ନିବେଶି କୃଷ୍ଣ ପାଦେ । କାନ୍ଦନ୍ତି ଶୋକ ଗଦଗଦେ ।୧୩୬।
।୪୪। ଦେହ ସଂସାର ପାସୋରିଲେ । ମରଣ ପଥ ଆବୋରିଲେ ।୧୩୭।
।୪୫। କୃଷ୍ଣ ଚରଣେ ମନ ଦେଇ । କାନ୍ଦନ୍ତି ଶୋକଭର ହୋଇ ।୧୩୮।
ସେ ଗୋପୀ ଗୋବିନ୍ଦର ପାୟେ । ସୁଜନ ଜନଙ୍କର ଲୟେ ।୧୩୯।
ହରି ଚରିତ ଭାଗବତ । ଅମୃତ ରସମୟେ ଗୀତ ।୧୪୦।
ଯେଣେ କରିବା ମନ ତୋଷ । କହଇ ଜଗନ୍ନାଥ ଦାସ ।୧୪୧।

ଇତି ଶ୍ରୀମଭାଗବତେ ମହାପୁରାଣେ ଦଶମସ୍କନ୍ଦେ ରାସକ୍ରୀଡ଼ାୟାଂ ଶ୍ରୀକୃଷ୍ଣାନ୍ୱେଷଣେ ଗୋପିକା ବିଳାପୋ ନାମ ଯେକତ୍ରିଂଶୋଧାୟଃ ।।୩୧।।

ତୃତୀୟ ଅଧ୍ୟାୟ
(ଦ୍ୱାତ୍ରିଂଶ ଅଧ୍ୟାୟ)

ଶ୍ରୀ ଶୁକ ଉବାଚ

ଗୋପୀଏ ବସି ବାଲିକୁଦେ । କାନ୍ଦନ୍ତି ଶୋକ ଗଦଗଦେ ।୧।
ଭୋ ନାଥ ଯଶୋଦା କୁମର । ତୋ ଜନ୍ମ କାଳୁଂ ଗୋପପୁର ।୨।
ଦରିଦ୍ର ଦୁଃଖୀ ତ ନ ଜାଣି । ଆମ୍ଭର ଘରେ କମଳିନୀ ।୩।
ଅନେକ ହୋଇଲା ସମ୍ପଦ । କେ କହୁ ଆମ୍ଭର ଆନନ୍ଦ ।୪।
ଆମ୍ଭ ଜୀବନ ଅଟୁ ତୁହି । ତୋ ତହୁ ଅନ୍ୟ ଗତି ନାହିଁ ।୫।
ତୋର ସମ୍ପଦ ଭୋଗକରି । ତୋ ମୁଖ ଚାହିଁ ଦିନ ହରି ।୬।
ମୁରଲୀ ନାଦେ ଆଣାଇଲୁ । ମୁଖୁଂ ଅମିଅ ରସ ଦିଲୁ ।୭।
।୧। ଘୋର ଗହନ ବନେ ଥୋଇ । ଅନାଥ କରିଗଲୁ କାହିଁ ।୮।
ଯେବେ ଦେଖାଅ ପଦ୍ମ ମୁଖ । ବାରେ ଜୀବନ ଆମ୍ଭ ରଖ ।୯।
ତୋହୋରେ ଆମ୍ଭେ ବ୍ରଜନାରୀ । ଯେବନେ ତୋତେ ଅନୁସରି ।୧୦।
ଆମ୍ଭର ଆରତ ବିନାଶୁ । କୋଟିଏ କାମ ପ୍ରାୟେ ଦିଶୁ ।୧୧।
ତୋର ସେବକ ଆମ୍ଭେମାନେ । ତୋ ମୁଖ ନ ଦେଖି ନୟନେ ।୧୨।
।୬। ପଥ ନ ଦିଶେ ରାତ୍ରକାଳେ । ବୁଡ଼ାଇ ଗଲୁ ଶୋକ ଜଳେ ।୧୩।
ଭୋ ନାଥ କମଳ ଲୋଚନ । ଦେଖାଅ ନିର୍ମଳ ବଦନ ।୧୪।
ତୋ ମୁଖ କମଳର ତେଜେ । ପଦ୍ମ-କୁମୁଦ-ଲକ୍ଷ୍ମୀ ଗଞ୍ଜେ ।୧୫।
ସେ ଧନେ କିଣିଲୁ ଆମ୍ଭନ୍ତ । ଯେବନେ କଲୁ ତୁ ଅନାଥ ।୧୬।
ସୁରତି ନାଥ ତୁ ଆମ୍ଭର । କିଣିଲା ଦାସୀ ଆମ୍ଭେ ତୋର ।୧୭।

ଯାହାକୁ କିଣି ଧନ ଦେଇ । କେ ତାହା ଛାଡ଼େ ଭାବଗ୍ରାହୀ ।୧୮।
।୨। ସେ କି ନୁହଇ ତାର ବଧ । ବେଦ ପୁରାଣେ ହୋଇ ବାଦ ।୧୯।
ଅନେକ ଦୁଃଖୁଂ ଅଛୁ ରଖି । ଯେବେ ତ କଲୁ ନିରିମାଖି ।୨୦।
ବିଷ ଉଦେକ ଅଘାସୁର । ଇନ୍ଦ୍ର ବରଷା ମହାଘୋର ।୨୧।
ବନ ଅନଳ ଷଣ୍ଢ ମୁଖୁଂ । ତୁ ନାଥ ରଖିଛୁ ଆମ୍ଭଙ୍କୁ ।୨୨।
।୩। ତୋହର ପାଦେ ଆଶ୍ରେକରି । ଜନ୍ମ ମରଣକୁ ନ ଡରି ।୨୩।
ତୁ ନୋହୁ ଯଶୋଦା କୁମର । ଜୀବନ ଅଟୁ ପ୍ରାଣୀଙ୍କର ।୨୪।
ସକଳ ଜନ୍ତୁ ହୃଦେ ଥାଇ । ଅନ୍ତର ଜାଣୁ ଭାବଗ୍ରାହୀ ।୨୫।
ତୋତେ ଚିନ୍ତିଲା ବେଦବର । ନାଶିଲୁ ଅବନୀର ଭାର ।୨୬।
।୪। ତେଣୁ ଯାଦବ କୁଳେ ଜାତ । ତୋହୋର ନାହିଁ ଆଦିଅନ୍ତ ।୨୭।
ଭୋ କୃଷ୍ଣିବଂଶ ଚୂଡ଼ାମଣି । ଆମ୍ଭର ଶିରେ ଦିଅପାଣି ।୨୮।
ତୋହୋର କର ବ୍ରହ୍ମରାଶି । ଜନ୍ମ ମରଣ ଭୟ ନାଶି ।୨୯।
।୫। ପଦ୍ମହୁଁ ଅତି ସୁକୁମାର । କମଳା ବରିଅଛି ବର ।୩୦।
ତୋହୋର ପଦ୍ମପାଦ ଦୁଇ । ବନେ ଗୋରୁଙ୍କ ପଛେ ଥାଇ ।୩୧।
ପ୍ରାଣୀଙ୍କ ଦେହୁଂ ପାପ ନାଶେ । ଜଳଧି ତନୟା ବିଳାସେ ।୩୨।
ସହସ୍ରେ ଫଣା କାଳୀୟର । ସୁନ୍ଦର କଲା ଚିତ୍ରକାର ।୩୩।
।୬। ଆମ୍ଭର କୁଚେ ତା ଲଗାଅ । କାମ ଅନଳକୁ ଲିଭାଅ ।୩୪।
ତୋହୋର ମଧୁର ବଚନ । ହୃଦେ ଭାବନ୍ତି ମୁନିଜନ ।୩୫।
ଆମେ ତୋହର ପରିବାରୀ । ମୂର୍ଚ୍ଛିତ ହୋଇଲୁ ମୁରାରି ।୩୬।
।୮। ତୋର ଅଧର ରସ ଦେଇ । ଜୀବନ ରଖ ଭାବଗ୍ରାହୀ ।୩୭।
ତୋର ଚରିତ ସୁଧାବାରୀ । ସ୍ତୁତି କରନ୍ତି ବ୍ରହ୍ମଚାରୀ ।୩୮।
ଜନ୍ମ ମରଣ ତାପ ନାଶେ । ଦୁରିତ ମାନ ଦେହୁ ଧ୍ୱଂସେ ।୩୯।
ମଙ୍ଗଳ କରେ ଶ୍ରୁତି ପଥେ । ଶିବ ଜପଇ ଅବିରତେ ।୪୦।
।୯। ଯେଣେ ଯେ ହୋନ୍ତି ଉନମତ୍ତା । ସେ ନର ଚଉବର୍ଗ ଦାତା ।୪୧।

ତୋହୋର ହୃଷିତ ବଦନ । କୋମଳ ମଧୁର ବଚନ ।୪୨।
ଧ୍ୟାନ ମଙ୍ଗଳ ବନରୂପ । ଯେକାନ୍ତ କଥା ହୃଦେ ତାପ ।୪୩।
।୧୦। କପଟ ପ୍ରାୟେ ତୋର ଗତି । ଆମ୍ଭର ମନ ଯେ ଦହନ୍ତି ।୪୪।
ତୁ ନାଥ ଗୋରୁଙ୍କର ମେଳେ । କାନନେ ଯାଉ ଯେତେବେଳେ ।୪୫।
କୋମଳ ପଦ୍ମପାଦ ଚାହିଁ । ଆମ୍ଭର ହୃଦୟ ଦହଇ ।୪୬।
କଣ୍ଟା ପାଷାଣ ତୃଣ ଲାଗି । ନ ପୁଣ ହୋଇ ଦୁଃଖ ଭାଗୀ ।୪୭।
।୧୧। ଯେବେ ଲୋଚନ ଦେଖୁ ତାହା । ତେବେ ସେ ସ୍ଥିର ହୋଏ ହିଆ ।୪୮।
ବନୁ ଯେ ଆସୁ ଦିନ ଅନ୍ତେ । ବାହାର ହୋଇ ଦେଖୁ ପଥେ ।୪୯।
କପୋଳେ କୁଟିଳ କୁନ୍ତଳ । ହୃଦେ ଲମ୍ବଇ ବନମାଳ ।୫୦।
।୧୨। ଗୋରଜ ଦେଖ ତୋର ଦେହେ । ଆମ୍ଭ ଜୀବନ କାମ ଦହେ ।୫୧।
ତୋର ଅଭୟ ପଦ୍ମପାଦ । ଶରଣ ଜନଙ୍କ ସମ୍ପଦ ।୫୨।
କମଳା ଦଣ୍ଡେ ନ ଛାଡ଼ଇ । ଆପଦ କାଳେ ଯାହା ଧ୍ୟାୟି ।୫୩।
।୧୩। ଅନେକ ସୁଖ ପ୍ରସରଇ । ରଖ ଆମ୍ଭଙ୍କୁ ହସ୍ତଦେଇ ।୫୪।
ତୋର ହସ୍ତରୁ ସୁଧାରସ । ଦେଇ ଆମ୍ଭର ମନତୋଷ ।୫୫।
ସୁରତି ପଣେ ବଳିଆର । ଶୋକ ନାଶନ ପ୍ରାଣୀଙ୍କର ।୫୬।
।୧୪। ସୁସ୍ୱରେ ବେଣୁନାଦ ସ୍ଫୁରେ । ଜନ୍ମ ମରଣ ତାପହରେ ।୫୭।
ଗୋରୁ ଚରାଇ ଯାଉ ବନେ । ତୋ ସୁଖ ନ ଦେଖୁ ନୟନେ ।୫୮।
ନିମିଷ ଯୁଗ ପ୍ରାୟେ ମଣୁ । ଗୁରୁ ଗଉରବ ନ ଜାଣୁ ।୫୯।
ତୁ ଯେତେବେଳେ ଗୋପେପଶୁ । ପଥେ ମୁରଲୀ ନାଦ ଘୋଷୁ ।୬୦।
।୧୫। କୁଟିଳ କୁନ୍ତଳ ବଦନ । ଦେଖୁ ନ ଚଳଇ ନୟନ ।୬୧।
ପତି ତନୟ ବନ୍ଧୁ ଭାଇ । ଆମେ ଲଙ୍ଘିଲୁ ତୋର ପାଇଂ ।୬୨।
ସୁସ୍ୱରେ ବାଉ ବେଣୁ ଗୀତ । ଆମ୍ଭେ ହୋଇଲୁ ମୂରୁଛିତ ।୬୩।
ରାତ୍ରେ ଆଣିଲୁ ଘୋରବନେ । ଆମ୍ଭନ୍ତ ତେଜିଲୁ କେସନେ ।୬୪।
।୧୬। ଯେତେ ନିର୍ଦ୍ଦୟା ତୋର ଚିତ୍ତ । ବିଶ୍ୱାସି ନାଶିଲୁ ଆମ୍ଭନ୍ତ ।୬୫।

ଶୁଣି ତୋ ଯେକାନ୍ତ ବଚନ । ହୃଦୟ ଦହଇ ମଦନ ।୬୬।
ଅଳପ ହାସ୍ୟ ମୁଖ ଦେଖି । ପିଛାଡ଼ି ନ ପାରୁ ଯେ ଆଖି ।୬୭।
।୧୭। ତୋହୋର ଶ୍ରୀମୁଖ ଅନାଇଂ । ଆମ୍ଭର ମନ ନରହଇ ।୬୮।
ଆମ୍ଭ ଆରତ ଖଣ୍ଡିବାରେ । ତୋହୋର ଜନ୍ମ ଗୋପପୁରେ ।୬୯।
ସୁଫଳ କରଇ ସଂସାର । ହେଲେ ଗଞ୍ଜଇ ତମଘୋର ।୭୦।
।୧୮। ତୋ ପାଦୁଂ ଅନ୍ୟ ଗତି ନାହିଁ । ନିରାଶ ନକର ଗୋସାଇଂ ।୭୧।
ଯେବଣ ପାଦ ଆମ୍ଭେ ଧରି । ସ୍ତନରେ ଚାପୁ ଗୋପନାରୀ ।୭୨।
କର୍କଶ ସ୍ତନ ଯେ ଆମ୍ଭରି । ପ୍ରାସ କରଇ ବୋଲି ଡ଼ରି ।୭୩।
ସେ ପାଦ ଘେନି ତୃଣାଙ୍କୁରେ । ଯେବେ ଚାଲିଲୁ କୁଞ୍ଜଘୋରେ ।୭୪।
।୧୯। ନ ପୁଣ କ୍ଷତ ହୋଏ ପାଦ । ମନରେ ପାଉଛୁଂ ବିଷାଦ ।୭୫।
ତୋହୋରେ ଦାସ ଜଗନ୍ନାଥ । ସେ ପାଦେ ରଖ ଗୋପୀନାଥ ।୭୬।
ବୁଡ଼ିଲି ଘୋର ଭବଜଳେ । ଉଦ୍ଧରି ଥୁଅ ନେଇ କୂଳେ ।୭୭।

ଇତି ଶ୍ରୀ ମଭାଗବତେ ମହାପୁରାଣେ ଦଶମସ୍କନ୍ଧେ ରାସକ୍ରୀଡ଼ାୟାଂ ଗୋପୀ ଗୀତଂନାମ
ଦ୍ୱାତ୍ରିଂଶୋଧ୍ୟାୟଃ ।।୩୨।।

ଚତୁର୍ଥ ଅଧ୍ୟାୟ
(ତ୍ରୟତ୍ରିଂଶ ଅଧ୍ୟାୟ)

ଶ୍ରୀ ଶୁକ ଉବାଚ

କହନ୍ତି ଶୁକ ମହାମୁନି । ଶୁଣି ରାଜନ ଚୂଡ଼ାମଣି ।୧।
ଯେମନ୍ତେ ବନେ ଗୋପନାରୀ । କାନ୍ଦନ୍ତି କୃଷ୍ଣ ନାମ ଧରି ।୨।
ଜୀବନ କୃଷ୍ଣ ପାଦେ ଦେଇ । ଦିଶ ଆକାଶ ନ ଦିଶଇ ।୩।
ଶରଣ ରକ୍ଷଣ ଗୋପାଳ । ଦେଖନ୍ତି ଗୋପୀଙ୍କ ବିକଳ ।୪।
ଭାବକୁ ନିକଟ ମୁରାରି । ଗର୍ବ ଯେ କଲେ ଗୋପନାରୀ ।୫।
।୧। ବନେ ଅନେକ ଦୁଃଖ ଦେଇ । ତୋଷ ହୋଇଲେ ଭାବଗ୍ରାହୀ ।୬।
ଯେସନେ ଚଞ୍ଚଳ ବିଜୁଳି । ଗୋପୀଙ୍କ ମଧେ ଆସିମିଳି ।୭।
ନୀଳ ଶରୀର ପୀତବାସ । ମୁଖ ପଙ୍କଜେ ମନ୍ଦହାସ ।୮।
।୨। କଣ୍ଠେ ଲମ୍ବଇ ବନମାଳ । ସୁନ୍ଦର ମଦନଗୋପାଳ ।୯।
ଭୁଜ ବିସ୍ତାରି ନରହରି । ଡାକନ୍ତି ଆସି ଗୋପନାରୀ ।୧୦।
ଗୋପୀ ଚାହିଁଲେ ତାହାଶୁଣି । ମଧେ ବିଜୟେ ଚକ୍ରପାଣି ।୧୧।
ଜୀବନ ପାଇଲେ ସକଳେ । ଗୋପୀ ଉଠିଲେ ଯେକାବେଳେ ।୧୨।
ପତଙ୍ଗେ ଅନଳ ଅନାଇଂ । ଯେହ୍ନେ ପଡ଼ନ୍ତି ବେଗ ହୋଇ ।୧୩।
।୩। ବହନ ବେଢ଼ିଲେ ମୁରାରି । ଧନ୍ୟ ଜୀବନ ବ୍ରଜନାରୀ ।୧୪।
ଅଙ୍ଗୁଳି ଛନ୍ଦନ୍ତି କେ କରେ । ଚରଣ ଭିଡ଼ିଲେ ନିର୍ଭରେ ।୧୫।
ପଣନ୍ତେ ବାନ୍ଧି ବନମାଳୀ । ଆନନ୍ଦେ ଦିଲେ ହୁଳହୁଳି ।୧୬।
।୪। କେ କୁଚଭରେ ଆଲିଙ୍ଗନ । କେ ମୁଖେ ଦିଅନ୍ତି ଚୁମ୍ବନ ।୧୭।
କେ ଗୋପୀ ଅଧରେ ଅଧର । ତାମ୍ବୁଳ କରନ୍ତି ଆହାର ।୧୮।
।୫। କେ ବେନି ହସ୍ତେ ପାଦତୋଳି । ସ୍ତନେ ଚାପଇ ଗୋପବାଳୀ ।୧୯।
କେ ଗୋପୀ ହୃଦେ କର ଯାକି । କଟାକ୍ଷ କରି ଚାହେଂ ଆଖି ।୨୦।

।୬। କେ ଦୂରୁ ଚାହେଁ କୋପ କରି । ସୁରଙ୍ଗ ଅଧର କାମୋଡ଼ି ।୨୧।
।୭। କେ ଯାଇ ନ ପାରେ ଗହଳେ । ଧୀରେ ଚାହାଂଇ ବେନିଡ଼ୋଳେ ।୨୨।
ଚକ୍ଷୁ ବୁଜିଲା ରସ ଭରେ । ଗୋବିନ୍ଦ ଦେଖିଲା ଭିତରେ ।୨୩।
ଅଣ୍ଡାଳି କଲା ଆଲିଙ୍ଗନ । ତାପ ଛାଡ଼ିଲା ଖେଦମନ ।୨୪।
କେ ରୂପ ଦେଖି ଚକ୍ଷୁ ବୁଜି । ପୁଲକ କଲା ରୋମରାଜି ।୨୫।
।୮। ଆନନ୍ଦ ମନେ ଧ୍ୟାନ କଲା । ଯୋଗୀଙ୍କ ପ୍ରାୟେ ସେ ରହିଲା ।୨୬।
କୃଷ୍ଣର ଦର୍ଶନେ ଆନନ୍ଦ । ଛାଡ଼ିଲେ ଚିନ୍ତାମନ ଖେଦ ।୨୭।
।୯। ବ୍ରହ୍ମ ସମାଧି ଯେହ୍ନେଜନେ । ନିଶ୍ଚଳ ହୋନ୍ତି ଯୋଗଧାନେ ।୨୮।
ତକ୍ଷଣେ ଉଠିଲେ ମୁରାରି । ଆବୋରିଛନ୍ତି ବ୍ରଜନାରୀ ।୨୯।
।୧୦। ବ୍ରହ୍ମା ଯେସନେ ଗୁଣବନ୍ତ । ଅଧିକ ରୂପ ଗୋପୀନାଥ ।୩୦।
ଗୋପୀଙ୍କି ଘେନି ବନମାଳୀ । ଯମୁନା ବାଲି କୁଦେମିଳି ।୩୧।
।୧୧। କୁନ୍ଦମନ୍ଦାର ଫୁଲଗନ୍ଧ । ବିକାଶି ଭ୍ରମର ସମ୍ପଦ ।୩୨।
।୧୨। ଶରଦ ଚନ୍ଦ୍ର ଯେହ୍ନେ ଝଳି । ନିର୍ମଳ ବିରାଜଇ ବାଲି ।୩୩।
କୃଷ୍ଣର ପାଇ ଅଙ୍ଗସଙ୍ଗ । ତାପ ଛାଡ଼ିଲେ ଗୋପୀବୃନ୍ଦ ।୩୪।
ବ୍ରହ୍ମ ବିଚାରି ଗ୍ୟାଂନ ପାଇ । ଯେହ୍ନେ ପଣ୍ଡିତେ ତୋଷ ହୋଇ ।୩୫।
।୧୩। ପାଲଟି ପିନ୍ଧିଲେ ବସନ । କୃଷ୍ଣ ବସାଇଲେ ଆସନ ।୩୬।
ଯାହାକୁ ହୃଦେ ଯୋଗୀଜନେ । ବସାନ୍ତି କଳ୍ପିତ ଆସନେ ।୩୭।
ଗୋପୀଙ୍କ ଭାବ ହୃଦେ ଧରି । ମଧ୍ୟେ ବିଜୟେ ନରହରି ।୩୮।
।୧୪। ଅଶେଷ ବ୍ରହ୍ମାଣ୍ଡ ଠାକୁର । ରୂପେ କି ଦେବା ପଟାନ୍ତର ।୩୯।
କୃଷ୍ଣ ବସାଇ ଗୋପୀଜନେ । ଚାହାନ୍ତି କଟାକ୍ଷ ନୟନେ ।୪୦।
।୧୫। ହରି ର ବେନି ଭୁଜ ଧରି । କୋପେ ବୋଲନ୍ତି ବ୍ରଜନାରୀ ।୪୧।
ବୋଲନ୍ତି ଶୁଣ ପ୍ରାଣନାଥ । ଆମ୍ଭେ ଦେଖିଲୁଂ ବିପରୀତ ।୪୨।
ଯାହାକୁ ଭାବେ ଯେ ଭଜଇ । ସେ କିଂପା ତାହାକୁ ଛାଡ଼ଇ ।୪୩।
ଭୋ ନାଥ ତୋହୋର ପରାୟେ । ଭାବେ ନ ଭଜନ୍ତି ଥୋକାୟେ ।୪୪।
।୧୬। ସେ ବେନିକୁଳ ନରଖନ୍ତି । ଭୋ ନାଥ ଫେଡ଼ ମନଭ୍ରାନ୍ତି ।୪୫।
ଶୁଣି ବୋଲନ୍ତି କୃଷ୍ଣହସି । ବରଜ ଯୁବତୀ ଆଶ୍ୱାସୀ ।୪୬।
ଶୁଣ ସକଳ ଗୋପନାରୀ । ଯେ ଯାହା ଭାବେ ପ୍ରୀତି କରି ।୪୭।

ଯେକ ଆରକେ ଉପକାରେ । ଭଜନ୍ତି ସଂସାର ବେଭାରେ ।୪୮।

।୧୭। ତହିଁ ସୁହୃଦ ପଣ ନାହିଁ । ଭାବ ନ ଦେଖିଲେ ଛାଡ଼ଇ ।୪୯।

ଭାବ ନ ଦେଖି ଯେ ଭଜଇ । ତାତ ଜନନୀ ପ୍ରାୟେ ହୋଇ ।୫୦।

।୧୮। ତାହାକୁ ବୋଲି ବଡ଼ ଜଣ । ସେ ପାଇ ବିଷ୍ଣୁର ଚରଣ ।୫୧।

ଥୋକେ ଭଗତ ନ ଭଜନ୍ତି । ଆତ୍ମା ବଡ଼ିମା ପ୍ରକାଶନ୍ତି ।୫୨।

।୧୯। ସେ ଗୁରୁ ଦ୍ରୋହ ପାପ ପାଇ । ଉଭୟ ଲୋକେ ସୁଖ ନାହିଁ ।୫୩।

ଶୁଣି ଗୁଆଳୀ ସାବଧାନେ । ମୋତେ ଭଜନ୍ତି ଯେତେଜନେ ।୫୪।

ତାହାକୁ ଭଜୁଥାଇ ମୁହିଁ । ମୁହିଁ ସେ ଭଗତି ଜାଣଇଂ ।୫୫।

ମୋତେ ଭଗତି ଯେ କରନ୍ତି । ନିଶ୍ଚଳ ହୋଇ ତାଙ୍କ ମତି ।୫୬।

ଦରିଦ୍ର ଯେହ୍ନେ ଧନ ପାଇ । ପ୍ରାଣୁ ଅଧିକ ସମ୍ଭାଳଇ ।୫୭।

ପୁଣି ହରାଇ ସେହୁ ଧନ । ବିଷାଦ ହୋଇ ତାର ମନ ।୫୮।

ଭାଳଇ ଧନେ ମନ ଦେଇ । କ୍ଷୁଧା ତୃଷାହିଁ ନଲାଗଇ ।୫୯।

।୨୦। ତେମନ୍ତ ହୋଇମୋର ଲୋକେ । ଭଗତି କରୁଥାନ୍ତି ଥୋକେ ।୬୦।

ତୁମ୍ଭେ ତେମନ୍ତ ପ୍ରାୟେ ହୋଇ । ମୋହୋର ପାଦେ ଚିତ୍ତ ଦେଇ ।୬୧।

ଲୋକ ବେଭାର ବେଦ ମତ । ଛାଡ଼ି ଭଜିଲ ଅବିରତ ।୬୨।

ପଛେମୁଂ ଥାଇ ତୁମ୍ଭ ତୁଲେ । ଭଗତି ଜାଣିଲଇଂ ଭଲେ ।୬୩।

।୨୧। ମୋତେ ନକର ତୁମ୍ଭେ ରୋଷ । ମୁଁ ତୁମ୍ଭ ପୂରୋଇବି ଆଶ ।୬୪।

ତୁମ୍ଭର ଭାବ ମୁଂ ଜାଣଇ । ଛନ୍ଦ କୁଟିଳ ମାୟା ନାହିଁ ।୬୫।

ଅନେକ କାଳେ ହେଂ ତୁମ୍ଭର । ଶୁଝି ନ ପାରି ଉପକାର ।୬୬।

ମୋହ-ର ମାୟାର ଶାଙ୍କୁଳି । ଭାବେ କାଟିଲ ଗୋପବାଳୀ ।୬୭।

ତୁମ୍ଭର ଜନ୍ମ ବନ୍ଧ ନାହିଁ । ମୋତେ କିଣିଲ ଭାବ ଦେଇ ।୬୮।

ମୋର ଭଗତି ଯେ ଲୋଡ଼ନ୍ତି । ସେ ମୋର ପଥ ଆବୋରନ୍ତି ।୬୯।

।୨୨। ମୁହିଁ ଠାକୁର ତାହାଙ୍କର । ସୁଜନ ଜନଙ୍କ ବେଭାର ।୭୦।

କହଇ ଦାସ ଜଗନ୍ନାଥ । କୃଷ୍ଣ ସେବକର ମୁଂ ଭୃତ୍ୟ ।୭୧।

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ରାସକ୍ରୀଡ଼ାୟାଂ ଶ୍ରୀକୃଷ୍ଣ ବିଜୟେ ନାମ ତ୍ରୟତ୍ରିଂଶୋଧ୍ୟାୟଃ ।।୩୩।।

ପଞ୍ଚମ ଅଧ୍ୟାୟ

(ଚତୁଃତ୍ରିଂଶ ଅଧ୍ୟାୟ)

ଶ୍ରୀ ଶୁକ ଉବାଚ

କହନ୍ତି ବ୍ୟାସଙ୍କ ତନୁଜ । ଶୁଣ ପରୀକ୍ଷ ମହାରାଜ ।୧।

।୧। ଗୋପୀୟେ କୃଷ୍ଣବୋଲ ଶୁଣି । ଚିନ୍ତା ଛାଡ଼ିଲେ ମନେ ଗୁଣି ।୨।

ସେ ବାଳିକୁଦେ ହୃଷୀକେଶ । ଆରମ୍ଭ କଲେ କେଳିରସ ।୩।

।୨। ୟେକର କର ଆରେ ଧରି । ରାସ ଉଛେବେ ବ୍ରଜନାରୀ ।୪।

ଅନନ୍ତ ମାୟା ଯୋଗକରି । ଷୋଳ ସହସ୍ର ରୂପଧରି ।୫।

ଗୋପୀକେ ଗୋବିନ୍ଦ ଗୋଟିୟେ । ଦେଖନ୍ତି ସ୍ୱର୍ଗେ ଦେବତାୟେ ।୬।

।୩। କେ କଣ୍ଠ ତଟେ ଭିଡ଼ି ରୋଷେ । ଚୁମ୍ବନ ଦିଅନ୍ତି ହରଷେ ।୭।

କୃଷ୍ଣର ଦେଖି କ୍ରୀଡ଼ା ରସ । ତ୍ରିଦଶେ ହୋଇଲେ ହରଷ ।୮।

ଗନ୍ଧର୍ବ ଯକ୍ଷ ଅପକ୍ଷରୀ । ବିମାନେ ଗଗନେ ସଞ୍ଚରୀ ।୯।

।୪। ଦେଖନ୍ତି ଗୋବିନ୍ଦର କେଳି । ସପତ ସ୍ୱର୍ଗ ଲୋକେ ମିଳି ।୧୦।

ଦୁନ୍ଦୁଭି ନାଦ ଗୀତ ସ୍ୱରେ । କୁସୁମ ବରଷନ୍ତି ଧୀରେ ।୧୧।

।୫। ଗନ୍ଧର୍ବେ ଅପକ୍ଷରା ମେଳେ । ନୃତ୍ୟ କରନ୍ତି ରସ ଭୋଳେ ।୧୨।

ହରି ବିନୋଦେ ବ୍ରଜନାରୀ । ଆନନ୍ଦେ ବୃନ୍ଦାବନ ପୁରି ।୧୩।

ବଳୟ ନୂପୁର ଶବଦେ । କିଙ୍କିଣୀ ତାଳ ଗୀତନାଦେ ।୧୪।

।୬। କେହି ନଶୁଣନ୍ତି ଚହଳେ । କୃଷ୍ଣର ମାୟା ଯୋଗ ବଳେ ।୧୫।

ନୀଳ ପର୍ବତ ମଧ୍ୟେ ହରି । ୟେସନେ ସୁବର୍ଣ୍ଣ ପାଚେରୀ ।୧୬।

।୭। ଗୋପୀଙ୍କ ମଧ୍ୟେ ଶିରୀରଙ୍ଗ । ସୁନ୍ଦର କୋଟିୟେ ଅନଙ୍ଗ ।୧୭।

ନୃତ୍ୟ କରନ୍ତି ଗୋପନାରୀ । ଗୀତେ ମୋହିଲେ ନରହରି ।୧୮।

ପାଦ ବିନ୍ୟାସି ରଙ୍ଗଭଙ୍ଗେ । ଭ୍ରୂ କୁଟି କୁଟିଳ ଅନଙ୍ଗେ
କୁଚ ମଣ୍ଡଳୁଂ ବସ୍ତ୍ର ଚଳି । ନାଚନ୍ତି ଦେଇ କରତାଳି
ମୁଖେ ଶୋହଇ ଶ୍ରମଝାଳ । କବରୀ ଖସି ଫୁଲମାଳ
ବସ୍ତ୍ର ପଡ଼ଇ ପିଟିତଳେ । କଟୀ ମେଖଳା ଅସମ୍ଭାଳେ
।୮। ବିଜୁଳି ଯେହ୍ନେ ନୀଳମେଘେ । ଦିଶନ୍ତି ଗୋବିନ୍ଦର ଲାଗେ
ଯେକ ଗୋପୀଯେ ନୃତ୍ୟରସେ । ଆଳାପ କଲା ଗୀତ ତୋଷେ
।୯। କୃଷ୍ଣର ଅତିପ୍ରିୟ ମାନ । ଶବଦ ଆବୋରିଲା ବନ
ଯେକ ଗୋପୀଯେ କୃଷ୍ଣସଙ୍ଗେ । ଆଳାପ କଲା ଗୀତରଙ୍ଗେ
ଷଡ଼ଜ ଆଦି ପଞ୍ଚସ୍ୱର । ମୋହିଲା କମଳର ବର
ସେ ନାଦ ଘେନି ଆର ଗୋପୀ । ଆଳାପ କଲାକ ନିରୋପି
ଧ୍ରୁବ ଶବଦେ ବିଶ୍ରାମିଲା । ଶୁଣି ହସନ୍ତି ନନ୍ଦବଳା
କେ ପରିଗ୍ରହ ପାଶେଥାଇ । ଭୁଜେ ଆଲିଙ୍ଗନ କରଇ
କୃଷ୍ଣର କନ୍ଧେ ଦେଇହସ୍ତ । ଶ୍ଳଥ ହୋଇଲା ଝୀନ ବସ୍ତ୍ର
।୧୧। କବରୀ ପିଟି ଫୁଲମାଳେ । ଅବନୀ ପଡ଼ିଲେ ଗହଳେ
କୃଷ୍ଣର ଭୁଜ ଧରି ଗୋପୀ । ଆଘ୍ରାଣ କଲା ଶ୍ୱାସ କ୍ଷେପି
ଚନ୍ଦନେ ସାମଳିଲା ହୋଇ । ଉତ୍ପଳ ପ୍ରାୟେକ ବାସଇ
।୧୨। ଆଘ୍ରାଣ କରି ନାସାଦ୍ୱାରେ । ରୋମାଞ୍ଚ ହୋଇଲା ଶରୀରେ
କେ ଗୋପୀ ନାଚ ଶ୍ରମ ପାଇ । ଗୋବିନ୍ଦ କର୍ଣ୍ଣମୂଳେ ଯାଇ
।୧୩। କୁଣ୍ଡଳ ତଟେ ମୁଖ ଦିଲା । ଚୁମ୍ବନେ ତାମ୍ବୁଳ ପାଇଲା
କେ ଭୁଜ ଧରି କୁଚେ ଚାପି । କେ ମୁଖ ଚାହାନ୍ତି ନିରୋପି
କଟୀମେଖଳା କ୍ଷୁଦ୍ର ଘଣ୍ଟି । ଶବଦ କରି ନୃତ୍ୟେ ଫୁଟି
।୧୪। ଗୋବିନ୍ଦ କର ଦେଇ ଶିରେ । ଶ୍ରମ ଛାଡ଼ିଲା ସୁଖବରେ
କୃଷ୍ଣଙ୍କୁ କାନ୍ତ ପଣେ ପାଇ । ଗୋପୀ ରମିଲେ ତୋଷ ହୋଇ
।୧୫। ହରିର କଣ୍ଠେ ଭୁଜ ଦେଇ । ତୋଷେ ରମିଲେ ଗୀତ ଗାଇ
ନୀଳ ଉତ୍ପଳ ଗୋପୀ କର୍ଣ୍ଣେ । ଅଳକା କପୋଳ ର ଶ୍ରମେ

ବଳୟ ନୂପୁର ଶବଦେ । ଗୋବିନ୍ଦ ନାଚନ୍ତି ଆନନ୍ଦେ
ଭ୍ରମର ରଙ୍ଗେ ନୃତ୍ୟକରି । ରାସ ଉଛବେ ବ୍ରଜନାରୀ
।୧୬। କବରୀ ଫିଟି ଫୁଲମାଳ । କଟୀ ମେଖଳା ଅସମ୍ଭାଳ
ଯେମନ୍ତେ ନାନା ରସବନ୍ଧେ । ଗୋବିନ୍ଦ ରମିଲେ ଆନନ୍ଦେ
।୧୭। କୁବେର ଯେହ୍ନେ ଗିରିଶିଖେ । କିନ୍ନରୀ ରମେ ଆତ୍ମାସୁଖେ
କୃଷ୍ଣର ଅଙ୍ଗସଙ୍ଗ ଲାଗି । ଗୋପୀ ହୋଇଲେ ଶ୍ରମଭାଗୀ
।୧୮। କେଶ ବସନ ସ୍ତନ ବାସ । ପୁଷ୍ପ ଆଭରଣ ବିଶେଷ
କୃଷ୍ଣର କ୍ରୀଡ଼ାରସ ଦେଖି । ତ୍ରିଦଶ ବଧୂଜନେ ସୁଖି
।୧୯। ନକ୍ଷତ୍ର ଗଣ ଚନ୍ଦ୍ର ସଙ୍ଗେ । ସକଳେ ପଡ଼ିଲେ ଅନଙ୍ଗେ
ଗୋପୀକେ କୃଷ୍ଣରୂପ ହୋଇ । ଲୀଳା ବିନୋଦେ ଭାବଗ୍ରାହୀ
।୨୦। ଯାହାର ନାହିଁ ରୂପରେଖ । ଗୋପୀଙ୍କି ଦିଲେ ଆତ୍ମାସୁଖ
।୨୧। ଗୋପୀଙ୍କ ମୁଖ ଶ୍ରମ ଚାହିଁ । ପୋଛନ୍ତି କରେ ଭାବଗ୍ରାହୀ
ଯେଝାରେ ଅଳଂକାର ଭରି । ଗୋପୀ ଚାହାନ୍ତି ନରହରି
କୃଷ୍ଣର ନଖକ୍ଷତ ପାଇ । ଆନନ୍ଦେ ପୁଲକିତ ହୋଇ
।୨୨। କୃଷ୍ଣର ଗୁଣକର୍ମ ମୁଖେ । କହନ୍ତି ଯେକକୁ ଆରକେ
ବ୍ରଜ କାମିନୀ ଘେନି ସଙ୍ଗେ । ସ୍ତନ କୁଙ୍କୁମ ପଙ୍କ ଅଙ୍ଗେ
ପଶିଲେ କାଳନ୍ଦୀ ଭିତରେ । ଗନ୍ଧର୍ବେ ଗାବନ୍ତି ସୁସ୍ୱରେ
।୨୩। କରିଣୀ ଯୁଥେ ଗଜ ଯେହ୍ନେ । ଗୋପୀଙ୍କ ଶ୍ରମ ଜାଣି ମନେ
ଗୋବିନ୍ଦ ଦେହେ ଗୋପନାରୀ । ଜଳ ସିଞ୍ଚନ୍ତି କରେ ଧରି
କଟାକ୍ଷେ ଚାହାନ୍ତି ଶ୍ରୀମୁଖ । ଖଣ୍ଡିଲେ ଜନ୍ମ-ବନ୍ଧ ଦୁଃଖ
ବିମାନେ ଥାଇ ଦେବନାରୀ । ପୁଷ୍ପ ବରଷି ସ୍ତୁତି କରି
।୨୪। ଗଜେନ୍ଦ୍ର ପ୍ରାୟେ ରଙ୍ଗମେଳେ । ଲୀଳା ବିନୋଦ ନଦୀଜଳେ
ଚନ୍ଦ୍ର କିରଣ ବନଭୂମି । ସୁନ୍ଦର ପ୍ରକାଶେ ଯାମିନୀ
ଗୋପ ଅବଳା-ଗଣ ସଙ୍ଗେ । ହରି ରମିଲେ ଆତ୍ମାରଙ୍ଗେ
।୨୬। ଯାହାର ନାହିଁ ରସଚ୍ୟୁତ । ଅଚ୍ୟୁତ ନାମ ଆଦି ଅନ୍ତ

ଶୁଣି ଅଭିମନ୍ୟୁ ନନ୍ଦନ । ଚାହିଁଲା ଶୁକଙ୍କ ବଦନ ।୬୯।
ସଭୟେ କହଇ ମଧୁର । ଚରଣେ ଦେଇ ବେନିକର ।୭୦।
ଭୋ ମୁନି ଅସମ୍ଭବ ବାଣୀ । ସଂଶୟ ଲାଗିଲାତ ଶୁଣି ।୭୧
ମନୁଷ୍ୟ ଅଂଶେ ଜାତହୋଇ । ଅଶେଷ ବ୍ରହ୍ମାଣ୍ଡ ଗୋସାଇଁ ।୭୨।
।୨୭। ଅଧର୍ମ ନାଶିବାର ଆଶେ । ଜନ୍ମ ହୋଇଲେ ଯଦୁବଂଶେ ।୭୩।
ଧର୍ମ ପାଳକ ନରହରି । ସେ କିଂପା ଅଧର୍ମ ଆଚରି ।୭୪।
ଜଗତଜନ ଗୁରୁ ପିତା । ନିତ୍ୟ ଅନିତ୍ୟ ଇଷ୍ଟ ଦାତା ।୭୫।
ଯା ନାମ ମୁକତି ପସରା । ସେ କିପାଂ କଲେ ପରଦାରା ।୭୬।
ନିଜ ମହିମା ଆତ୍ମା ରତ । ସେ କିପାଂ କଲେ ବିପରୀତ ।୭୭।
।୨୮,୨୯। କି ଅଭିପ୍ରାୟେ ନଜାଣଇଁ । ସଂଶୟ ଛେଦ ମୋ ଗୋସାଇଁ ।୭୮।
ରାଜା ବଚନ ଶୁଣି ମୁନି । କହନ୍ତି କୃଷ୍ଣ ଭାବ ଘେନି ।୭୯।
ଶୁଣି ରାଜନ ଭାଗବତ । ଯେ ବଡ଼ ଲୋକଙ୍କର ମତ ।୮୦।
ଯେହାଙ୍କ କର୍ମ ବିପରୀତ । ଯେଣୁ ଯେ ତେଜେ ବଳବନ୍ତ ।୮୧।
।୩୦। ତେଣୁ ଟି ଦୋଷଗୁଣ ନାହିଁ । ଅଗ୍ନି ଯେସନେ ସର୍ବ ଖାଇ ।୮୨।
ଯେହାଙ୍କ ମତ ଯେ ଆଚରି । ମନ ବଚନ ଦେହଧରି ।୮୩।
ଯେବେ କରିବେ ମୂଢ ପଣେ । ନାଶ ହୋଇବେ ତତକ୍ଷଣେ ।୮୪।
।୩୧। ଜଳଧି ମନ୍ଥନର ବିଷ । ରୁଦ୍ର ହୁଁ ଆନେ ନୋହେ ଗ୍ରାସ ।୮୫।
ଯେହାଙ୍କ ବଚନ ହିଁ ସତ୍ୟ । ଅନ୍ୟ ନକରନ୍ତି ଯେମନ୍ତ ।୮୬।
ଏ ବୁଦ୍ଧିବନ୍ତ ସାଧୁନର । ସେ ନ କରିବେ ଯେ ବେଭାର ।୮୭।
।୩୨। ଈଶ୍ୱର ଆଦିଙ୍କର ମତ । ଅଳପ ଜନେ ବିପରୀତ ।୮୮।
ପଶୁ ମନୁଷ୍ୟ ଦେବଙ୍କର । ଯେମନ୍ତ ନୁହଇ ଆଚାର ।୮୯।
।୩୪। ଯାହାର ଦେହବନ୍ଧ ନାହିଁ । ଶୁଭ ଅଶୁଭ ନ ଲାଗଇ ।୯୦।
ଯାହାର ପାଦପଦ୍ମ ଧୂଳି । ଆନନ୍ଦ ହୋଇ ଶିରେ ବୋଳି ।୯୧।
ନିଷ୍କଳ ଯୋଗେ ଶ୍ରମ କରି । କର୍ମ ନାଶନ୍ତି ବ୍ରହ୍ମଚାରୀ ।୯୨।
ଯାହାର ବନ୍ଧ ମୋକ୍ଷ ନାହିଁ । ଇଚ୍ଛା ସମ୍ପଦେ ଯାର ଦେହି ।୯୩।

ଗୋପୀ ଗୋପାଳ ଆଦି କରି	। ଯେ ଜନ ଜୀବନ ଆବୋରି	।୯୪।
ଭଗତ ଜନ ତାରିବାରେ	। ଯେ ଜାତ ମନୁଷ୍ୟ ଶରୀରେ	।୯୫।
ତାର ଚରିତ ମନେ ଚିନ୍ତି	। ଭଗତି ପଥ ଆବୋରନ୍ତି	।୯୬।
ଗୋପେ ଗୋବିନ୍ଦ ମାୟା ମୋହି	। କୋପ ନକଲେ ଗୋପୀ ଚାହିଁ	।୯୭।
ପାଶେ ଅଛନ୍ତି ପ୍ରାୟେ ମଣି	। ଗୋପାଳେ ଦେଖନ୍ତି ତରୁଣୀ	।୯୮।
ଯେମନ୍ତେ ରଜନୀ ପାହିଲା	। ଅରୁଣ ତେଜ ପ୍ରକାଶିଲା	।୯୯।
କୃଷ୍ଣର ଅଙ୍ଗସଙ୍ଗ ପାଇ	। ଗୋପୀଯେ ଗଲେ ତୋଷ ହୋଇ	।୧୦୦।
କୃଷ୍ଣର ପାଦେ ଦେଇ ମନ	। ମିଳିଲେ ଯେ ଯାହା ଭୁବନ	।୧୦୧।
ଗୋପୀ ଗୋବିନ୍ଦ କେଳିବନେ	। ଯେଣେ ଯେ ହୋନ୍ତି ସାବଧାନେ	।୧୦୨।
ଭଗତି ହୃଦେ ପରିମାଣି	। ଯେଣେ ଭେଟିବ ଚକ୍ରପାଣି	।୧୦୩।
ସକଳ ଦୁଃସହରୁ ତରେ	। ସେ ନ ପଡ଼ଇ ମାୟା ଘୋରେ	।୧୦୪।
ବୋଲଇ ଦାସ ଜଗନ୍ନାଥ	। ରାସ ଉଚ୍ଛବ ଭାଗବତ	।୧୦୫।
ସୁଜନ ଜନ ଯେହା ଚିନ୍ତି	। ଯେଣେ ଛାଡ଼ିବ ମନ ଭ୍ରାନ୍ତି	।୧୦୬।
ଭଗତି ହୋଇବ ତୁମ୍ଭର	। ଯେଣେ ତରିବ ମାୟାଘୋର	।୧୦୭।
ମୋ ଛାର ହୀନମୂଢ଼ ପଣ	। ସେବଇ ତୁମ୍ଭର ଚରଣ	।୧୦୮।
ମୋହୋର ନ ଘେନିମା ଦୋଷ	। ଯାହା କହିଲେ ପୀତବାସ	।୧୦୯।
କେ ତାହା କରିବଟି ଆନ	। ସବୁରି ପ୍ରଭୁ ଭଗବାନ	।୧୧୦।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଦଶମସ୍କନ୍ଧେ ରାସକ୍ରୀଡ଼ାୟାଂ ଗୋପିକା ପୂର୍ଣ୍ଣ କାମୋନାମ ଚତୁଃତ୍ରିଂଶୋଧ୍ୟାୟଃ ।।୩୪।।

ପାଠାନ୍ତର

ପ୍ରଥମ ଅଧ୍ୟାୟ

(ତ୍ରିଂଶ ଅଧ୍ୟାୟ)

୨-୧ ଗୋବିନ୍ଦ=ଗୋବିନ୍ଦେ (କ) (ର) । ୩-୧ ନାରୀ=ବାଳୀ (ଖ) (ଳ) । ୬-୧ ରମିଣ=ରମଣ (କ) (ପ୍ରି), ରମଣୀ (ଖ) (ଗ) (ଳ) ।।୯।=। ୧୦। ଏବଂ। ।୧୦।=।୯। (ର) । ୧୩-୨ ମୂଳେ=ତଳେ (ଖ) । ୧୫-୨ ଯୁଗ (ର) । ୧୮-୧ ଗୋପୀୟେ=ଗୋପୀ ଯେ (ଖ) (ଙ) (ର) । ୨୦-୧ ଛନ୍ନ ଛନ୍ନ (କ) (ପ୍ରି) । ୨୩-୨ ଧାଇଂଲେ=ଧାମନ୍ତି (ଖ) । ୨୮ । ପରେ । ଅଧିକା । (କ) (ଗ) (ପ୍ରି) (ର):-

କଦମ୍ବ ବୃକ୍ଷେ କର ଥୋଇ । ମାଗିଲେ ବସ୍ତ୍ର ନ ଦିଅଇ ।୧।
ଉଲଗ୍ନେ ଜଳ ମଧ୍ୟେ ଥାଇ । ଶୀତେ କମ୍ପଇ ଆତ୍ମ ଦେହି ।୨।
ବିନୟ ବହୁତ ହୋଇଲୁ । ଦନ୍ତରେ ତିରଣ ଧଇଲୁ ।୩।

(କ) (ପ୍ରି) (ର):-

ବୋଇଲେ ଉଠିଆସ ଜଳୁ । ଯେ ଯାହା ବସ୍ତ୍ର ନିଅ ଡ଼ାଳୁ ।୪।
ଯେ ଯାହା ବସ୍ତ୍ର ଚିହ୍ନି ନିଅ । ନୋହିଲେ ଜଳ ମଧ୍ୟେ ଥାଅ ।୫।

।୩୧। ପରେ । ଅଧିକା । (କ) (ଖ) (ଗ) (ପ୍ରି) (ର) (ଳ) :-

ସେ କଥା କରିବଇଂ ମୁହିଂ । । ନିୟମ କଲେ ବେଣୁ ଛୁଇଂ ।୬।

୪୩-୧ କୋଳେ=କୋଡ଼େ (ଖ); ବାଳେକ (ଖ) (ଗ) (କ); (କ) । ୪୩-୨x x (କ) । ୪୪-୨ଡାକନ୍ତି (ଖ); ଉଠିଲା କରେ ବସ୍ତ୍ର ଘେନି (ଗ); (=୬୦-୨) । ୪୬-୧ ଶୟନ= ଶ୍ୱୟନ (ଖ); ଶୋୟନ (ଗ); ଘାନେ=ଥାନେ (ଳ); ଥାଇ=ଯାଇ (କ) । ୪୭-୧x x (ଗ) । ୪୭-୨ x x (ଗ) । ୪୮-୧ x x (ଗ) । ୪୮-୨ ଧାଇଂଲା ମଦନ ବିଭୋଳେ (ଙ) ଧାମନ୍ତି ମଦନର ଭୋଳେ (ଖ); (=୪୫-୨) (ଖ) (ଙ); x x (ଗ) । ୫୧-୧ଉପେଖିଲା= ଉପେକ୍ଷିଲା (କ) (ର), ଉପେଖିଲେ (ଖ); x x (ଗ) । ୫୧-୨ ପାରିଲେ (ଖ); ବେଗେ ସେ

ବୃନ୍ଦାବନ ଗଲା (ଲ); (=୫୫-୨) (ଲ); x x (ଗ) । ୫୨-୧ x x (ଗ) । ୫୨-୨ x x (ଗ) । ୫୩-୧ x x (ଗ) (ଙ) । ୫୩-୨ x x (ଗ) । ୫୪-୧ ବୋଲନ୍ତି (ଖ); ବୃନ୍ଦାବନେ (ର) (ଲ), ତୁହିବେଗେ (ଙ) (=୫୦-୧); x x (ଗ) । ୫୪-୨ ହରିଙ୍କୁ (କ); ରମ୍ୟ (ଲ); ଘୋରବନେ=ବୃନ୍ଦାବନ (ର) (ଲ); ତୋଷମନେ (କ) (ପ୍ରି); କୃଷ୍ଣଙ୍କୁ ଦେଖ ବନଭାଗେ (ଙ) (=୫୦-୨); x x (ଗ) । ୫୮-୧ ରସଭର=ରୋଷଭର (ଲ), ଅସମ୍ଭାଳ (କ) (ପ୍ରି) (ର); x x (ଗ) । ୫୮-୨ x x (ଗ) । ୫୯-୨ ଶ୍ୟରୀରେ (ଖ) (ଙ), ଶ୍ୱରୀରେ (ଗ), (ଲ), ଲିପଇ (ଲ) । ।୬୧। ପରେ । ଅଧିକା । (କ) (ଙ) (ପ୍ର) (ର):-

କେ ଗୋପୀ କୃଷ୍ଣ ନାମ ଧରି । ଗୃହ ବ୍ୟାପାର ଗୃହେ କରି ।୭।
ଶୁଣିଲା କୃଷ୍ଣ ବେଣୁ ନାଦ । ମଦନ ବାଣେ ତନୁ ଖେଦ ।୮।

୮୦-୧ ତାପ=କାମ (କ) (ପ୍ରି); ଭରେ=ଭର (ଖ) (ପ୍ରି) (ର), ଭାର (କ) । ୮୦-୨ କଲା=କଲେ (ଖ); ଘଷି (ଲ); ଛିରେ=ଛିର (କ) (ପ୍ରି) (ର); କରେ (ଲ); ପଶିଲା ଗୋବିନ୍ଦ ଶ୍ୱରୀରେ (ଗ) (=୮୩-୨); (=୧୬୯-୧) (ଲ) । ୮୧-୧ ଦେଖିଲେ (ଖ) । ୮୧-୨ ନିର୍ଭରେ=ନିର୍ଭୟେ (କ) (ଖ) (ର); କଲେ (ଖ) । ୮୩-୧ କାମ= କାମ/ତାପ (ଖ) ତାପ (କ) (ଗ) (ପ୍ରି) (ର) (ଲ); ଭରେ= (ପ୍ରି); ଭାର (କ) । ୮୩-୨ ପଶିଲେ (ଖ); ଗୋବିନ୍ଦ=ଶ୍ରୀକୃଷ୍ଣ (ଖ); ଶରୀରେ=ଶରୀର (ପ୍ରି); ଶ୍ୟରୀରେ (ଖ) (ଙ); ଶ୍ୱରୀରେ (ଗ) (ଲ); ପୟର (କ) । ୮୩ । ପରେ । ପରୀକ୍ଷିତ ଉବାଚ (କ); ପରୀକ୍ଷିତ ଉବାଚଃ (ଖ); ଶ୍ରୀ ପରୀକ୍ଷିଦୁବାଚ (ପ୍ରି) । ୮୬ । ପରେ । ଅଧିକା । (କ) (ଖ) (ଗ) (ପ୍ରି) (ର) (ଲ):-

ପରପୁରୁଷେ ମନ ଦେଇ । ଯେ ନାରୀ ଯେକାନ୍ତେ ରମଇ ।୯।
ବିଟପୀ ବାଦ ହୋଇ ତାରେ । ନରକେ ପଡ଼ଇ ନିର୍ଭରେ ।୧୦।
ସେ କିପାଂ ଗୋବିନ୍ଦେ ପଶିଲା । ମୋତେ ତ ସନ୍ଦେହ ଲାଗିଲା ।୧୧।
ସ୍ୱଭାବେ ସ୍ତିରୀ ଜନ୍ମ ହୋଇ । ଧର୍ମ ଅଧର୍ମ ନ ଜାଣଇ ।୧୨।

୮୯-୧ କହି= ଶୁଣି (କ) (ଖ) (ଗ) (ଙ) (ପ୍ରି) (ଲ); ତୋତେ= ଯେତେ (କ) (ଖ) (ଗ) (ଙ) (ପ୍ରି), ଗୀତେ (ଲ) । ୯୧-୧ x x (ଙ) । ୯୧-୨ x x (ଙ) । ୯୨-୧ ଭକତ (କ) (ପ୍ରି) (ର); ଆଶେ=ଅଂଶେ (ପ୍ରି); (ଙ) । ୯୨-

୨ ଅଂଶେ=ଆଶେ (ପ୍ରି); x x (ଈ) । ୯୩-୧ x x (ଈ) । ୯୩-୨ ବଛଳ=ବସଳ (କ) (ପ୍ରି) (ର), ମକ୍ଷଳ (ଖ) (ଳ); x x (ଈ) । । ୯୫ । =।୯୬ । ଏବଂ ।୯୬ ।=୯୫ । (କ) । ୧୦୧-୧ ଗୁଞ୍ଜରା=ଗୁଞ୍ଜରା (କ) (ଖ) (ପ୍ରି) (ର); ଚୂଳ=ମୂଳ (କ) (ପ୍ରି) (ର); ମୂଳେ (ଖ) (ଗ) (ଳ) । ୧୦୧-୨ ଶର୍ବଣେ (ଗ) (ଈ); ମକର=ମର୍କତ (ଈ); କୁଣ୍ଡଳେ (ଖ) (ଗ) (ଳ) । ୧୦୨-୧ ନୂପୁର=ନପୁର (ଈ) (ଳ), ନେପୁର (ଗ) । ୧୦୨-୨ ସାଜେ=ମାଝେ (ର) (ଳ) । ୧୧୫-୧ ଭଲେ=ଭଲ । (କ) (ଗ) (ପ୍ରି) (ଳ), ତୁମ୍ଭେ (ଖ) । ୧୧୫ । ପରେ । ଅଧିକା । (କ)(ଖ)(ଗ)(ପ୍ରି)(ଳ):-

ଭାବେ ମୁଁ ବାଉଥିଲି ବେଣୁ ।   ମୋତେ ଭେଟିଲେ ଆସି ତେଣୁ । ୧୩।

୧୧୭-୧ ବ୍ୟାଘ୍ର=ବ୍ୟାଘ୍ର୍ (ଖ), ବାଘ୍ର (ଳ), ବ୍ରାଘ (ଗ)(ଈ); ଭଲ୍ଲୁକ=ଭାଲୁକ (ଈ), ଭାଲୁଙ୍କ (ଖ)(ଗ)(ଳ); ଜୀବେ=ଥିବେ (ଳ) । ୧୧୭ । ପରେ । ଅଧିକା । (ଖ)(ଗ)(ଈ)(ଳ):-

ବେଗେ ବାହୁଡ଼ିଯାଅ ଘର   । ରଜନୀ ହେଉଛି ଉଚ୍ଛୁର ।   ।୧୪।

୧୧୨-୧ପୁତ୍ର=ବନ୍ଧୁ (କ) (ଖ) (ପ୍ର) (ଳ) । ୧୧୨-୨ ଲୋଡୁଅଛନ୍ତି = ଲୋଡୁଣଛନ୍ତି (ଳ) । ୧୩୮-୧ ମାନ=ଜନ (ର) । ୧୩୮-୨ ତନୟ=ତରୁଣ (ଈ),ତନୟ/ତରୁଣ (ଖ); ବନ୍ଧୁ=ବୃଧ (ଈ)(ଳ), ବନ୍ଧୁ/ବୃଧା (ଗ); ବାଳ ତନୟଙ୍କ ପୋଷଣ (ର) । ୧୫୫-୧ ପାଇବ (କ)(ଗ); କେମନ୍ତ (ପ୍ରି)(ର) ।୧୫୫-୨ ଗୋପୀନାଥ (ପ୍ରି)(ର) । ୧୫୫ । ପରେ । ଶ୍ରୀ ଶୁକ ଉବାଚ (କ) (ପ୍ରି) । ଅଧିକା ପଦ । (ଖ):-

ବହୁତ ମାୟା ଚକ୍ରଧର   । ବଦନେ କହିଲେ ଉତ୍ତର   ।୧୫।

ଶ୍ରୀ ଶୁକ ଉବାଚ (ଖ) । ୧୫୯-୧ (=୨) (ଖ) । ୧୫୯-୨ (=୧) (ଖ) । ୧୬୦-୧ ଦଶନେ =ଦର୍ଶନେ (ର); ଦଶନେ ଅଧର=ଅଧରେ ଦ୍ରସନ(ଈ), ଅଧର

ଦ୍ରସନ (ଗ) । ୧୬୦=୨ଶିରେ=ମୁଣ୍ଡେ (ଳ) । ୧୭୪-୧ ଦୁଃଖୀ=ଦୁଖୀ (ଛ), ଗୋପ (କ)(ଖ)(ଗ)(ପ୍ରି)(ଳ) । ୧୭୪-୨ ଆଉ=ଆଉ (କ)(ପ୍ରି)(ର) । ୧୭୬-୧ଆମ୍ଭନ୍ତ=ଆମ୍ଭତ (ଖ), ଆମ୍ଭଙ୍କୁ (କ)(ଛ)(ପ୍ରି)(ର); ତେଜି (କ) । ୧୭୬=୨ ଅନ୍ୟ=ଆନ (ଖ) । ୧୮୦-୧ ଭଜନ୍ତି=ବହନ୍ତି (ଖ)(ଗ)(ଛ)(ଳ) । ୧୮୦=୨ଦୁଖ (ଖ)(ଗ)(ଛ)(ଳ);ଶର୍ମ (ଛ) । ୧୮୮=୨ତାହାକୁ (କ); ବନ୍ଧ=ବନ୍ଧ (ର), ବଧ (ଖ)(ଗ)(ଛ)(ପ୍ର)(ଳ) । ୧୯୨-୨ ଭରସା=ଭସା (ଗ) (=୮ ଅକ୍ଷର) ।

୧୯୪-୧କାଳନ୍ଦୀ (ଖ)(ଗ)(ଛ); ବ୍ରତ=ତପ (ଗ), ନୃତ୍ୟ (ଖ)(ଛ)(ଳ), ନଅ (ପ୍ରି) । ୧୯୪-୨ଶ୍ୟଙ୍କର (ଖ) । ୧୯୬-୧ ବସ୍ତ (ଖ)(ଗ)(ଛ)(ଳ) ।୧୯୬-୨ବୋଇଲୁ=ବୋଲାଉ (କ)(ଖ)(ଗ)(ଛ)(ଳ) । ୧୯୬ । ପରେ । ଅଧିକା । (ଛ):-

ଧର୍ମ ଦେବତାଙ୍କର ଗୁରୁ । ତୋର ମହିମା ମାହାମେରୁ ।୧୬।

୧୯୮-୧ ସାକ୍ଷ=ସାକ୍ଷ୍ୟ (କ) (ପ୍ରି), ସାକ୍ଷୀ (ର) । ୧୯୮-୨ ପାସୋରୁ ପାସୋରି (ଳ), ପାସୁଷେ (ପ୍ରି) । ୨୦୨-୨ ତ=ତୁ (କ); କହିଲେ=ବହିଶୁ (କ), କହିଲ (ଖ); ନିଷ୍ଠୁର (ଗ) (ଛ)(ଳ) । ୨୦୬-୧ କ୍ରୋଟ=କ୍ରୋଧ (କ); ପ୍ରାୟେ=ପ୍ରାୟ (କ)(ର), ରୂପ (ପ୍ରି) । ୨୦୬-୨ ଅନଳ=-ଅନଳେ (କ), ଗରଳ; (ଗ) ହୃଦେ (ଗ)(ଛ)(ଳ); ଦହି=ବହି (ଗ) । ୨୧୩-୧ x x (ଖ) । ୨୧୩-୨ x x (ଖ) । ୨୧୪-୧ x x(ଖ) । ୨୧୪-୨ x x(ଖ) । ୨୧୫-୧ x x (ଖ) । ୨୧୫=୨ x x (ଖ) ୧ । ୨୧୬-୧ x x (ଖ) (ଛ) । ୨୧୬-୨ x x (ଖ)(ଛ) । ୨୧୭-୧ x x (ଖ) । ୨୧୭-୨ x x (ଖ) । ୨୧୮-୧(ଖ) । ୨୧୮-୨ ନାରାୟେଣ (ଳ); x x (ଖ) ।

।୨୧୮ପରେ । ଅଧିକା (ର):-

୍ତୋର ସମ୍ପଦ ଭୋଗକରି । ତୋ ମୁଖ ଚାହିଁ ଦିନ ହରି ।୧୭।

।୨୨୯ ଓ ୨୨୦(=।୨୨୪ । ପରେ)(ର) । ୨୨୨-୧ରୂପ ହୃଦେ ଗୁଣି=ବେଣୁ ନାଦ ଶୁଣି (କ)(ର); x x (ଗ) । ୨୨୨-୨x x (ଗ) । ୨୨୩-୧x x (ଗ) ।

୨୨୩-୨x x (ଗ) । ୨୩୧-୧ମାଳା=ମାଳୀ (କ), ମାଳ (ଖ)(ପ୍ରି)(ଳ); ଗୁଛନ୍ତି (ଛ); x x(ଳ) । ୨୫୦-୨ x x (ଳ) । ୨୫୧-୧ହିତେ=ହିତ (କ)(ପ୍ରି) ୨୫୧-୨ଜଗନ୍ନାଥେ=ଜଗନ୍ନାଥେ (ଖ),ଜଗନ୍ନାଥ (କ)(ପ୍ରି) । ୨୫୧ । ପରେ । ଅଧିକା । (ର):-

ସେ ଦୟାମୟ ହରିପାଦେ । ମନ ମୋ ରହୁ ଅପ୍ରମାଦେ ।୧୮।

***

ଦ୍ୱିତୀୟ ଅଧ୍ୟାୟ
(ୟେକତ୍ରିଂଶ ଅଧ୍ୟାୟ)

।୧। ପୂର୍ବରୁ । ଶୁକ ଉବାଚ (ଛ); ଶ୍ରୀଶୁକ ଉବାଚଃ (ଖ); ଶ୍ରୀ ଶୁକୌବାଚଃ (ଳ) । ୧-୨ଅନ୍ତର୍ଦ୍ଧାନେ=ଅନ୍ତଧାନେ (ଖ) (ଛ)(ଳ), ଅନ୍ତର୍ଦ୍ଧାନେ (ଗ) । ।୧।ପରେ । ଅଧିକା । (ପ୍ରି):-

କରିଣୀଗଣ ଯୂଥପତି । । ନ ଦେଖି ଯେପରି ହୁଅନ୍ତି ।୧୯।
କୃଷ୍ଣଙ୍କୁ ନ ଦେଖି ଗୋପୀଏ । ତାପିତ ହେଲେ ସେହି ପ୍ରାୟେ ।୨୦।
ତାହାଙ୍କ ଗତି ଅନୁରାଗ । ହାସ୍ୟ ବିଭ୍ରମ ଦୃଷ୍ଟି ଭାଗ ।୨୧।
କୃଷ୍ଣରେ ଲୀନ କରିଥିଲେ । ଦୋମ୍ୟ ଭାବ ପାଇଥିଲେ ।୨୨।

୯-୧ଅନାଥ=ଅନାସ୍ତ (ଖ)(ଗ)(ଛ)(ଳ);ଗଲୁ=ଗଲ (ଖ) । ୯-୨ ଅନ୍ଧାରେ= ଅନ୍ଧରେ (ଗ) । ।୯। ପରେ । ଅଧିକା । (ଖ):-

ଖୋଜନ୍ତି ପଶି ବନେ ବନ । ଡାକନ୍ତି ଆସ ନନ୍ଦନାନ ।୨୩।

୧୦-୧ରୋଦନ=ରୁଦନ (ଳ) । ୧୦-୨କ୍ଷଣେ କ୍ଷଣେକେ (ଗ)(ଛ) ଅଚେତନ=ଅଚେବନ (ଖ)(ଗ)(ଛ)(ଳ) । ୧୨-୧ ବାତୁଳ=ବାଳୁତ (କ)(ଖ)(ଗ)(ପ୍ରି)(ଳ) ବାଳକ (ର); ପ୍ରାୟ (କ)(ପ୍ରି)(ର) । ୧୨-୨

ଆରକେ=ଆରେକ (କ)(ପ୍ରି)(ର) । ୧୫-୧ବାଳୁତ=ବାଳକ (ର) । ୧୫-୨ଲୀଳା=ନୀଳା (ଗ)(ଳ) । ୨୨-୧ ପୁଣି=ଶୁଣି (ର) । ୨୨-୨ବନ=କୁଞ୍ଜ (ର) । ।୧୦ ।ରୁ ୨୨ ।(=। ୩୬। ପରେ) (ଳ) । ୨୭-୧ ଅଶ୍ୱତ୍ଥ=ଅଶ୍ୱସ୍ଥ (ଞ), ଓଶସ୍ଥ (ଳ), ଓଶସ୍ତ (ଗ), ଔଶସ୍ତ (ଖ); ବଟ=କହ୍ନ (ଳ); ଶାଳ=ବଟ(ଳ), ପ୍ଲକ୍ଷ (ର), ଚୂତ (କ), ଲମ୍ବି (ଗ) । ୨୭-୨କି=ଓ (ଗ)(ଞ); ପ୍ରତ୍ୟକ୍ଷେ (କ)(ପ୍ରି)(ର) । ୨୯-୨କଣେଅର=କନିଅର (କ)(ପ୍ରି)(ର) । ୩୦-୧ଟିରେ (ଖ)(ଗ)(ଞ)(ଳ) ୩୦-୨ପଥେ=ପଛେ (ଗ) (ପଦପତ୍ରୁନି) । ।୩୦। ପରେ । ଅଧିକା । (ଖ):-

ତୁମ୍ଭେ ଯେ ଯମୁନାର ତୀରେ । ହୋଇଛ ପର ଉପକାରେ ।୨୪।

୩୫-୧ନଖ କ୍ଷତ=ଲଖ କ୍ଷେତ (ଗ), ଲକ୍ଷ ଛତ୍ର (ଳ) । ୩୫-୨ନ= କେ (କ)(ଞ); ହୋଇବ (କ); ସୁହାଗୀ=ସୁଆଗୀ (ର), ସୁଭାଗୀ (ଳ), ସୋଭାଗୀ (ଞ), ସୌଭାଗୀ (ଖ), ୩୬-୧ ପିଆଳ=ପିଅଳ (ଳ), ପିଅର (ଞ), କପିଥ (ଖ), ପଣସ=ପଣସ (ଗ), ପନସ (କ)(ଖ)(ପ୍ରି)(ଳ); ପିଆଳ ପଣସ=ପନସ ପିଆଳ (ର) । ୩୬-୨ଅସନ=ଆସନ (ଗ); ବିଦାର=ଦାଡ଼ିମ୍ବ (ଖ); ଜମ୍ବୁଶ=ଜମ୍ବୁକ (ଗ)(ଞ)(ପଦପତ୍ରୁନି), ବିଳାସ (ଖ), ସାଳସ (ଳ); ବିଦାର ଜମ୍ବୁଶ=ଜମ୍ବୁ କୋବିଦାର (ର) । ୩୮-୨ ହୋଇଛ=ରହିଛ (କ)(ର);ଉପଗରେ (ଞ)(ଳ) । ୪୭-୧ଗୋପୀୟେ=ଗୋପିକା (ର); ପଛେ=ପଥେ (ପ୍ରି); ଥାଇ= ଧାଇଁ (କ)(ପ୍ରି) । ୪୭-୨ ବୋଲନ୍ତି (କ) । ୪୭ । ପରେ ଅଧିକା । (କ)(ପ୍ରି):-

ଦେଖ ଗୋ କୁନ୍ଦେ ମଲ୍ଲୀବନ । ଏଥେଁଥିବ ସେ ନନ୍ଦାନନ ।୨୫।
ଏକ ଗୋପୀଏ ଆଗସରି । ଯାଇ ଖୋଜଇ ପୁଷ୍ପବାରୀ ।୨୬।

(ଗ)

ବୋଲଇ ଆସ ଆସ ଆଜ । ଦେଖ ଲୋ ବାଲିକୁଦେ ଖୋଜ ।୨୭।

୫୧-ସୁଗନ୍ଧ ଗୋ=ସେ ସୁଗନ୍ଧ (ର) । ୫୧-୨ ଦାମୋଦର (ଗ)(ଳ) । ୫୩-୧

ଘେନି=ବେନି (କ) । ୫୩-୨ବୃକ୍ଷଙ୍କ=ବୃକ୍ଷେ ଯେ (ର); ପୁଷ୍ୟ (ଖ) (ଗ)(ଛ)(ଳ) । ୫୫-୧ପୁଣ (ଖ); ବୋଲନ୍ତି ବୃକ୍ଷ=ଗୋପୀଏ ବୃକ୍ଷେ (ର); xx (ଛ) । ୫୫-୨ ତାର=ତାଙ୍କ (ଖ), ଯାର (ର); ଦେହେ=(କ)(ପ୍ରି); x x (ଛ) । ୫୫। ପରେ ଅଧିକା । (ର):-

ବୋଲଇ କେତେ ସଉଭାଗୀ । ଦେଖ ଗୋ କୃଷ୍ଣ ନଖ ଲାଗି ।୨୮।

୫୬-୧ତା=ତୋ (ଳ); ଉପର=ଉପରେ (କ)(ପ୍ରି); ହୋଇ ତା ଉପର=ହୋଇଛି ଶରୀର (ର); x x (ଗ)(ଛ) । ୫୬-୨ଯେଣୁ=ଏଣୁ (କ)(ପ୍ରି); କର=ଉନମତ୍ତ=ହୋଇଲେ ଉନ୍ନତ(ଖ)(ଳ); x x (ଗ) । ୫୭-୨କୃଷ୍ଣର=ଶ୍ରୀକୃଷ୍ଣ ଚିତ (ଖ)(ଛ)(ଳ); x x (ଗ) । ୬୪-୧ ଗୋପୀୟେ=ଗୋପୀକୁ (ର); କର କନ୍ଧେ (ଛ) । ୬୪-୨ ବୋଲଇ=ବୋଇଲା (କ), ବୋଇଲେ (ପ୍ରି) । ୬୭-୧ ମୋତେ ସେବା=ସେବା ମୋତେ (ଳ); x x (ଖ) । ୬୭-୨ ମୁଁ ସେ ଲୋ=ମୁଇଂସେ (ଳ), ମୁହିଁ ସେ (ପ୍ରି), ମୁହିଁ ଯେ (କ); x x (ଖ) । ।୬୭। ପରେ । ଅଧିକା । (ର):-

କେ ବେନି ରାମକୃଷ୍ଣ ହୋଏ । ବାଛୁରୀ ଗୋପାଳ ଥୋକାଏ ।୨୯।
ପୁଣି ହିଁ ଏକଇ ଗୋପୀଏ । ହୋଇଲା ବତ୍ସା ସୁର ପ୍ରାଏ ।୩୦।

୬୮-୧ x x (ଖ) । ୬୮-୨ x x (ଖ) । ୭୧-୧ ବୋଲଇ ମୁହିଁ ବେଣୁଧର (ଖ)(=୭୪-୧)୭୧-୧ ଚିରିଲି=ମାଇଲି (ଖ)(ଛ) । ୭୩-୧ x x (ଛ) ।୭୩-୨ ଯେହ୍ନେ=ଯେର୍ଣ୍ଣେ (ଗ), ଯେର୍ଣ୍ଣେ (ଳ): x x (ଛ) । ୭୫-୧ପୁଣ; x x । ୭୫=୨ ହସ୍ତ=ହାତ (କ); ମାରି=ଭରି (ଖ); x x (ଛ) । ୭୬-୧କିପାଂ=କିମ୍ବା (ଳ); x x (ଛ) ।୭୬-୨x x (ଛ) ।୭୭-୧ x x) । ୪୪-୨ x x (ଛ) । ୭୮-୧ପାଲଟି= ପାଲଟି (ଗ); x x (ଛ) । ୭୮-୨ଉପରେ=ଅଗ୍ରରେ (ଳ); ଅଙ୍ଗୁଳି ଉପରେ=ଅଙ୍ଗୁଳିର ଅଗ୍ରେ । (ଗ) (ପଦପଡୁନି); x x (ଛ) । ୮୧-୧ଖଳ ନାଶନ=କାଳୀ ଗଞ୍ଜନ (ଗ) । ୮୨-୧ ସୁସରେ (ଖ)(ଗ)(ଳ); x x (ଛ) ।

୮୨-୨ ବୁଜି=ବୁଝି (ଳ); x x (ଝ) । ୮୩-୧ନିବାରିବି=ନିବାଇବି (ଳ), ଲିବାଇବି (ଖ)(ଗ)(ପ୍ରି) ଲିଭାଇବି (ର); ମୁଇଁ (ଳ); x x (ଝ) । ୮୩-୨ଲୋ=ଗୋ (ଖ)(ଗ); x x (ଝ) । ୮୪-୧ ମାଳ=ମାଳେ (ଖ)(ଗ)(ଳ); x x (ଝ) । ୮୪-୨** (ଝ) । ୮୫-୧ x x (ଝ) । ୮୫-୨x x (ଝ) । ୯୪-୧ ତାହାର=ତାହାଙ୍କ (କ) । ୯୪-୨ମୋହିଲେ (ଖ) । ୯୪। ପରେ । ଅଧିକା । (ର):-

କେତେ ଏ କୃଷ୍ଣେ ଆରାଧିଲା । ଏକାନ୍ତେ କୃଷ୍ଣଙ୍କୁ ରମିଲା ।୩୧।
ଯେ ପାଦ ବ୍ରହ୍ମା ତ୍ରିପୁରାରି । ଲଭିବା ପାଇଁ ଆଶାକରି ।୩୨।
ଲକ୍ଷ୍ମୀ ଯା ସେବଇ ନରତେ । ଏ ତାହା ଲଭିଲା ଏକାନ୍ତେ ।୩୩।

୯୫-୧ତାହାର=ତାହାଙ୍କ (ଖ), ଏହାର (ର); ବର୍ଣ୍ଣ=ବର୍ନ୍ନ (ଝ), ରଜ (ଗ); ବର୍ଣ୍ଣ ଚିହ୍ନ=ଚିହ୍ନ ବର୍ଣ୍ଣ (ଖ)(ଳ) । ୯୫ । ପରେ । ଅଧିକା । (ର):-

କୃଷ୍ଣ ଅଧର ସୁଧା ପାନ । ଯାହଟି ଗୋପୀଙ୍କ ଜୀବନ ।୩୪।

୯୭-୧ପୁଣ (ଖ); x x (ଝ) । ୯୭-୨ x x (ଝ) । ୯୭ପରେ । ଅଧିକା ।(ର):-

ବୋଲନ୍ତି କୋମଳ ତା ପାଦ । ଯେଣୁ ପାଇଲା ତୃଣେ ଖେଦ ।୩୫।
ତେଣୁ ତାହାକୁ କନ୍ଧେ କଲେ । ନ ଦିଶେ ପାଦ ଚିହ୍ନ ଭଲେ ।୩୬।

୯୯-୧ କୃଷ୍ଣର=ଶ୍ରୀକୃଷ୍ଣ (ଖ) । ୯୯-୨ ଅଧିକେ (ଖ) (ର)(ଳ); ସୁନ୍ଦର=ଗଭୀର (ର) । ।୯୯ପରେ । ଅଧିକା । (ର):-

କନ୍ଧରେ ତୋଳିଲେ ତାହାରେ । ଚରଣ ଗଳିଗଲା ଭାରେ ।୩୭।

୧୦୦-୧କୃଷ୍ଣ ଯାହାକୁ =ଯାହାକୁ କୃଷ୍ଣ (ଳ); ଥିଲା= ଥିଲେ (ଖ); ନେଉଥିଲା= ଘେନିଗଲା (ର) । ୧୦୦-୧କବେରୀ (ଖ)(ଗ)(ଳ); ଖସିଲା=ଖୋସିଲା) (ଗ)(ର), ଖୋସିଲେ (ଖ) । ୧୦୦ । ପରେ । ଅଧିକା । (ର):-

କନ୍ଧୁ ଓହ୍ଲାଇ ତାରଅଥେ । ଫୁଲା ତୋଳିଲା ପରା ଏଥେ ।୩୮।

୧୦୨-୧କଲା=କଲେ (ଖ)(ର); ତାର= ତାଙ୍କ (ଖ); x x (ଝ) । ୧୦୨-୨ ଥୋଇଲା=ଥୋଇଲେ (ଖ), ରଖବଲେ (ର); x x (ଝ) । ୧୦୩ । (ର) । ୧୦୩-୧ କାମେନୀ (ଗ)(ଝ)(ଳ); ଦୁଷ୍ଟ (ଖ)(ଗ, ଦୁଠ (ଳ) । ୧୦୩-୨ବଶ=ବଶ୍ୟ=(ଖ) (ଳ); ନାରାୟେର (ଳ) । ୧୦୩ । = ୧୦୨ । (ର) । ୧୦୪ । ପରେ । ଶ୍ରୀ ଶୁକ ଉବାଚ (କ) (ପ୍ରି)(ର); ଶ୍ରୀ ଶୁକ ଉବାଚଃ (ଖ) । ୧୧୩-୧ ଦେଖି=ଶୁଣି (କ) (ଗ)(ପ୍ରି)(ର): ଶ୍ରୀ ଶୁକ ଉବାଚଃ (ଖ) । ୧୧୩-ଦେଖି=ଶୁଣି (କ)(ଗ)(ର) । ୧୧୩-୨ବସିଲେ (ଖ); କାନ୍ଧେ (ଳ) । ୧୧୮-୧ ପାଇବେ (ଖ); x x (ଗ) । ୧୧୮-୨ x x (ଗ) । ୧୨୦-୨ଅନ୍ଧାରେ=ଗହନେ (ର)(ଳ),ଗହଲେ (କ)(ଖ)(ପ୍ରି) । ୧୨୨-୧କଲି =କରି (କ); ମୁଁ ତୋହର=ମୁହିଁ ତୋରେ (ଖ)(ଗ)(ର), ମୁଇଁ ତୋରେ (ଳ)ମୁହିଁ ତୋର (କ) (ପ୍ରି)(ର); ଗଲ (ଖ); ଘୋର (କ)(ପ୍ରି) । ୧୨୭-୧ତୋତେ =ମୋତେ (କ)(ଖ)(ଗ)(ପ୍ରି) । ୧୨୭ । ପରେ । ଅଧିକା (କ) (ପ୍ରି):-

ତାର ବଚନ ଶୁଣି କର୍ଣ୍ଣେ । ଗୋପୀ ବୋଲନ୍ତି ଖେଦ ମନେ । ।୩୯।

୧୩୩-୧କାନନେ=ଗହନେ (କ)(ଖ)(ପ୍ରି)(ର)(ଳ); ଗହଳେ (ଗ) । ୧୩୫-୧ x x (ଝ) । ୧୩୫-୨ପୁଣ (ଖ); x x (ଝ) । ୧୪୧-୧କରିବା=କରିବ (ଖ); ମନ= ମନେ (କ) । ୧୪୧-୨ଜଗନ୍ନାଥ (ଖ)(ଝ); ଦାଶ (କ) ।

***

ତୃତୀୟ ଅଧ୍ୟାୟ

ଦ୍ୱାତ୍ରିଂଶ ଅଧ୍ୟାୟ

।୧। ପୂର୍ବରୁ । ଶୁକ ଉବାଚଃ (ଝ); ଶ୍ରୀ ଶୁକ ଉବାଚଃ (ଖ)(ଳ) ଋଷିରୁବାଚ (କ)(ପ୍ରି); ଗୋପ୍ୟ ଉଚୁଃ (ର); x x (ଗ) । ୧-୨କାନ୍ଦନ୍ତି=କହନ୍ତି (କ) ।।୧। ପରେ । ଗୋପୀ ଉଚୁଃ (ପ୍ରି) ।।୧। ପରେ । ଅଧିକା । (ପ୍ରି):-

ତୋହାର ଆମ୍ଭେ ଅଭାଗିନୀ । ବିରହେ ହେଉଛୁଁ ଦୟିନୀ । ।୪୦।

୧୦-୧ ତୋହୋରେ=ତୋହୋର (ଖ)(ଗ)(ଳ), ତୋହର (କ)(ପ୍ରି)(ର); ଆଣ୍ଡେ= ଆଶେ (କ)(ପ୍ରି), ଆଶ୍ରେ (ର) । ୧୧-୧ ବିନାଶୁ= ବିନାଶ (ର) । ୧୧-୨ ପ୍ରାୟ (କ)(ପ୍ରି); ନିରେଖ ଜନକୁ ଆଶ୍ବାସୁ (ଖ)(ଗ); ଯେ ତୋର ମୁଖେ ମନ୍ଦ ହାସ (ର) ।

।୧୧। ପରେ । ଅଧିକା । (କ)(ଗ)(ପ୍ରି)(ର)(ଳ):-

ତୋର ସେବକ ଦୁଃଖ ନାଶୁ । ନୀରକ୍ଷ ଜନକୁ ଆଶ୍ବାସୁ ।୪୧।

୧୨-୨ ମୁଖ=ରୂପ (ଖ); ତୋତେ ନ ଦେଖିଲେ ନୟନେ (କ)(ପ୍ରି)(ର) । ୧୩-୨(ଖ) । ୧୦ରୁ । ୧୩ (=୧୩୦ପରେ) (ର) । ୧୫-୧ମୁଖ=ସୁଖ (କ); କମଳର=କମଳାର (ଞ) । ୧୫-୨କୁମୁଦ=କୁମୋଦ (ଗ) (ଞ); କୋଟିୟେ (ଳ); ପଦ୍ମ କୁମୁଦ=ଶରଦ ପଦ୍ମ (ର); ଲକ୍ଷ୍ମୀ=ଶିରୀ (ର), ଲତା (ଗ) । ୧୭-୧ ସୁରତ (ର), ସୁଗତି (କ) । ୧୯-୧ ନୁହଇ=ନେହଇ (ଗ) । ୧୯-୨ ହୋଇ=ହୋଏ (କ), ହୁଏ (ପ୍ରି), ଯେହା (ଗ), ଏହି (ର), କହେ (ଳ), ଶ୍ୟାସ୍ତ୍ର (ଖ); ବାଦ=ବାଦୀ (କ), ବୋଧ (ଗ), ଦେବ (ଳ) ।।୧୯। ପରେ । ଅଧିକା । (ଳ):-

ସେ କି ନୋହଇ ତୋର ବଶ । ଭୋ ନାଥ କଲୁ ତୁ ନିରାଶ ।୪୨।

୨୩-୧ ତୋହୋର=ତୁମ୍ଭର (ଖ), ତୋହରି (ପ୍ରି); ପାଦେ=ପାଦ (ର)(ଳ), ନାମ (ଗ) ।। ୨୩ । ପରେ । ଅଧିକା । (ଗ):-

ତୋହୋର ନାମ ଆଶ୍ରେ କରି । ଜନ୍ମ ମରଣକୁ ନ ଡରି ।୪୩।

୨୮-୧ବୃଷ୍ଟି=ବିଷ୍ଣୁ (ଖ)(ଗ)(ଞ)(ଳ), କୃଷ୍ଣ (ପ୍ରି) । ୨୯-୨ ଜନ୍ମ ମରଣ=ଶରଣ ଜନ (କ)(ଖ)(ଗ)(ପ୍ରି)(ର)(ଳ); ଭୟ=ଭୟେ (ଞ)(ଳ) । ୩୨-୧ ତନୟା=ତନୟ (ଖ)(ଗ))(ଳ); ବିଳାସେ=ବିଶ୍ବାସେ (ଗ)(ଳ), ବିଶେଷେ

(କ)(ପ୍ରି), ନିବାସ (ର)। ୩୩-୧ ସହସ୍ର (କ)(ପ୍ରି); ଫେଣା (ଖ)(ଗ)(ଙ)(ଳ); କାଳୀୟର=କାଳୀଆର (ଖ)(ଗ)(ଳ)। ୩୩-୨ଚତ୍ରାକାର=ଚିତ୍ରକର (ପ୍ରି)(ର), ଯେ ପୟର (କ) ୩୪-୨ହୃଦୟ ଦହଇ ମଦନ (ଗ)(=୬୬-୨)।୩୭-୧ ଅଧରୁ (କ)(ଖ)(ଗ)(ପ୍ରି)(ର)(ଳ); ରସ=ସୁଧା (କ)(ଗ)(ପ୍ରି)(ର)। ୩୭-୨ ରଖ=ରଖି (କ)। ୩୮-୧ ଚରିତ୍ର=ଚରଣ (ଖ)(ଗ), ଚରଣେ (ଙ)। ୩୮-୨ଶ୍ରୁତିଯୁଗଳେ ପାନ କରି (କ)(ଗ)(ପ୍ରି) (=୧/୨୬-୧); କବିଏ ଯାହା ପାନ କରି (ର)। ୪୨-୧ତୋହୋର ହୃଷିତ=ତୋ ଦରହସିତ (କ)(ପ୍ରି)(ର); ବଦନ=ବଚନ (ଖ)(ଳ)। ୪୨-୨ ମଧୁର=ଗଭୀର (ଳ); ହୃଦୟ ଦହଇ ମଦନ (ଗ) (=୬୬-୨)। ୪୫-୧ x x (ଗ)। ୪୫-୨ x x (ଗ) ।୪୬-୧ ପଦ୍ମପାଦ=ପାଦପଦ୍ମ (କ)(ଖ) (ପ୍ରି)(ର); x x (ଗ)। ୪୬-୨ ଦହଇ= ଦ୍ରବଇ (କ)(ପ୍ରି), ଭାବଇ (ଖ)(ଙ); x x (ଗ)। ୪୭-୧କଣ୍ଠା=କାଷ୍ଠ (କ)(ପ୍ରି); ତୃଣ=ଦ୍ରୋଣ (ଖ)। ୪୭-୨ହୋଇ=ହୋଏ (କ)(ଖ)(ଗ)(ପ୍ରି)(ର); ଦୁଃଖ (ଖ)(ଗ)(ଙ); ହୋଇ ଦୁଃଖଭାଗୀ=ହୋଇଛ ସୁହାଗୀ (ଳ)।୫୦-୧ ୧ କପୋଳେ=କପାଳେ (କ)(ପ୍ରି)। ୫୧-୧ତୋର=ତୁମ୍ଭ (ଖ)। ୫୧। ପରେ। ଅଧିକା। (ପ୍ରି):-

ଆମ୍ଭଙ୍କୁ ସଙ୍ଗ ତୁ ନ ଦେଉ । ଏ ହେତୁ କପଟୀ ବୋଲାଉ ।୪୪।

୫୩-୨ଆପଦ=ଆପାଦ (ଖ)(ଗ)(ଙ)(ଳ); ଧାୟି=ଧାଇ (ଖ)(ଗ)(ଙ)(ଳ)। ।୫୩। ପରେ। ଅଧିକା। (କ):-

ଧରଣୀ-ମଣ୍ଡଳ ମଣ୍ଡନ । ସର୍ବମଙ୍ଗଳ ମୂଳସ୍ଥାନ ।୪୫।

୫୫-୧ ତୋର= ତୁ ସେ (ର); ଅଧର (ଗ)(ର)(ଳ); x x (କ)(ପ୍ରି)। ୫୫-୨ଆମ୍ଭରି (ଖ); ଆମ୍ଭର ମୁକରେ ବରଷ (ଳ); x x (କ)(ପ୍ରି)। ୫୫। (=୧୫୭। ପରେ) (ର)। ୫୬-୧ ସୁରତ=ସୁରତ (ର); ବଳୀୟ (କ)(ର)। ୫୬-୨ ନାଶନ= ନାଶଇ (ପ୍ରି), ବିନାଶୁ (କ), ବିନାଶେ (ର)। ୫୭-୧ ସୁସ୍ୱରେ=ସୁସରେ (ଗ)(ଙ)(ଳ), ସ୍ୱସୁର (ର); ସ୍ବରେ=ସୁରେ(ଳ); ନାଦ ସ୍ବରେ=ଯେ ଅଧରେ

(ର) । ୬୨-୨ଲଘିଲୁ=ଏଡ଼ିଲୁ (କ)(ପ୍ରି), ଠେଲିଲୁ (ଖ)(ଗ), ଛାଡ଼ିଲୁ (ର)(ଳ); ତୋର=ତୋହ (କ) । ୬୩-୧ସୁସରେ (ଗ)(ଙ); ବାଉ=ଗାଉ (ଖ)(ଗ); ସୁସ୍ୱରେ ବାଉ=ପୁଣି ତୋହୋର (ଳ) । ୬୩-୨ ହୋଇଲୁ= ଯେ । ହୋଉ (ଖ); ମୂରୁଛିତ=ମୂରୁକ୍ଷିତ (ଖ)(ଙ)(ଳ) । ୬୬-୧ ବଚନ (କ) ୧ । ୭୨-୧ ତୋ ପାଦ ସରୋଜ ଯୁଗଳ (ଳ) । ୭୨-୨ ସ୍ତନରେ=ଘନରେ(ଙ), ସ୍ତନେ ନ (ର); ସ୍ତନରେ ଚାପୁ= ସ୍ତନ ଚାପିବୁ (ଗ); ହେଲେ ତରିବୁ ଭବବାରି (ଖ) (=୧।୨୬-୨); ସୁମୁଖ ସୁନ୍ଦର କମଳ (ଳ) । ୭୩-୧ ସ୍ତନ=ଘନ (ଙ); ଆମ୍ଭରି=ଆମ୍ଭର (କ)(ଖ); କଣ୍ଠିଣ ସ୍ତନେ ପାଦ ଲାଗି (ଳ); x x (ଗ) । ୭୩-୨ ଡରି=ଡର (କ) (ଖ); ନ ପୁଣ ହୋଏ ଦୁଖଭାଗୀ (ଳ) (=୪୭-୨); x x (ଗ) ।

।୭୩। ପରେ । ଅଧିକା । (ଳ):-

ଭବ ଜଳଧି ଭ୍ରମେ ଭ୍ରମି । ପ୍ରାଣୀ ହୋଇଣ ଅତିଶ୍ରମୀ ।୪୬।
ଚିନ୍ତେନ୍ତେ ତୋ ପାଦ କମଳୁଂ । ସୁଖେ ତରନ୍ତି ଭବ ଜଳୁଂ ।୪୭।

୭୪-୧ ଘେନି=ଧାଇ (ଗ); ତୃଷ୍ଣାଙ୍କୁରେ=ଗୋପ ପୁରେ (ଖ)(ଗ); ଯେବେ ସେ ପାଦେ ଭଗବାନ (ଳ) । ୭୪-୨ ଯେବେ=ଯେତେ (ର); ଚାଲିଲୁ=ବୁଲିଲୁ (ର), ତରିବୁ (ଖ)(ଗ); କୁଞ୍ଜ=କୁଞ୍ଜ/ବନ (ଖ); କିପାଇଁ ବୁଲୁ ବନେ ବନ (ଳ) (=୩୧/୮୬-୨) । ୧୭୪ । ପରେ । ଅଧିକା । (ଗ):-

ତୋ ପାଦୁ ଆନଗତି ନାହିଁ । ଆଶା ନ ଛେଦ ଭାବଗ୍ରାହୀ ।୪୮।

୭୫-୧ କ୍ଷତ=ଛତ (ଙ), ଛତ୍ର (ଗ); ହୋଏ= ହୋଇ (ଗ)(ପ୍ରି), ଯେଣୁ ଆମ୍ଭର ଗରୁ ଚିନ୍ତା । (ଳ) (=୧/୭୨-୨) ୭୫-୨ ପାଉଛୁଂ= ଅଭୁଛୁଂ (ର), ଲଭିଛୁ (କ)(ପ୍ରି), କରିଛୁ (ଖ)(ଗ); ତୁ ସର୍ବ ସାଖି ସର୍ବଜ୍ଞାତା (ଳ) । । ୧୭ ପରେ ଅଧିକା ।
(ଳ):-

ଆମ୍ଭ ଆୟୁଷ ବନମାଳୀ । ତୋ ପାଦେ କଲୁ ନିଉଛାଳି ।୪୯।

ଚତୁର୍ଥ ଅଧ୍ୟାୟ
(ତ୍ରୟତ୍ରିଂଶ ଅଧ୍ୟାୟ)

୩-୨ ଦିଶ=ଦିଗ (କ) । ୧୩-୧ ପତଙ୍ଗେ= (କ)(ଖ)(ଗ); ପତଙ୍ଗେ ଅନଳ=ଅନଳ ପତଙ୍ଗ (ଳ) । ୧୪-୨ ବ୍ରଜ= ଗୋପ (କ)(ପ୍ରି); x x(ଗ) । ୧୫-୧ x x(ଗ) । ୧୫-୧ x x(ଗ) । ୧୫-୨ ଚରଣେ (କ); ଭିଡ଼ିଲେ=ଭିଡ଼ନ୍ତି (ର) (ଳ),ପଡ଼ିଲେ (କ); x x(ଗ) । ୧୬-୧ x x (ଗ) । ୧୬-୨ ହୁଳାହୁଳି (ଞ); x x (ଖ) । ୧୭-୧ କୁଚେ (ଳ); ଭରେ=ପରେ (ଖ) (ର), ଭିଡ଼ି (ଳ); x x (ଗ); x x (ଗ) । ୧୭-୨ ମୁଖେ-ସଖି (କ) (ପ୍ରି); x x (ଗ) । ୧୮-୧ ଗୋପୀ= ଦେଇ (କ); x x (ଗ) । ୧୮-୨୧ ତାମ୍ବୁଳ=ଅମୃତ (ପ୍ରି); କରନ୍ତି= କରଇ (ଳ); x x (ଗ) । ୧୯-୧ବେନି ହସ୍ତେ=ଗୋପୀ ବେନି (ର); ତୋଳି=ଧରି (କ) (ପ୍ରି); x x (ଗ) । ୧୯-୩ (ଞ); ଚାପଇ=ଚାପନ୍ତି (ର), ପକାଇ (ଖ); ବାଳୀ= ନାରୀ (କ) (ପ୍ରି); x x(ଗ) । ୨୦-୧ ଯାକି =ଚାପି (ଖ) (ଳ); x x (ଗ) । ୨୦-୨ x x (ଗ) । ୨୧-୧ ଚାହେଁ କୋପ=ଚାହି ଖୋଳ (ଳ); x x (ଗ) । ୨୧-୨ ଅଧରେ (ଳ); (ଗ) । ୨୨-୧ x x(ଗ) । ୨୨-୧ ଚାହାଂଇ= ଚାହଁଇ (କ) (ର), ଚାହିଂଲା (ଖ) (ଳ); x x (ଗ) । ୨୩-୧ ବୁଜିଲା=ବୁଜିଲେ (ଞ), ବୁଲାଇ (କ); ରସଭରେ =ବେନି କରେ (ଳ); x x(ଗ) । ୨୩ -୨ ଗୋବିନ୍ଦେ (ର); ଦେଖିଲେ), ଦେକ୍ଷିଲା (ଳ); ଭିତରେ=ନିର୍ଭରେ (ଳ); x x (ଗ) । ୨୪-୧ x x (ଗ) । ୨୪-୨ କ୍ଷେଦ (ଳ); x x (ଗ) । ୨୫-୧ x x (ଗ) । ୨୫-୧ x x(ଗ) । ୨୬-୧ x x (ଗ) । ୨୬-୨ ଯୋଗୀଙ୍କ= ଗୋପୀଙ୍କ (କ); ପ୍ରାୟ (କ) (ପ୍ରି) (ର); x x (ଗ) । ୨୭-୧କୃଷ୍ଣରଂ= ଶ୍ରୀକୃଷ୍ଣ (ଖ); ଦର୍ଶନେ=ଦଶନେ (ଖ)(ଳ), ଧ୍ୟାନେ ସେ (ଞ); ଆନନ୍ଦ= ସାନନ୍ଦ (କ)(ପ୍ରି); xx (ଗ) । ୨୭-୨ ଛାଡ଼ିଲା (ଖ); ଚିନ୍ତାମଣି=ମନୁ ଚିନ୍ତା (କ) (ପ୍ରି), ଶଙ୍କା ମନେ (ର); ତାପ ଛାଡ଼ିଲେ ଗୋପୀବୃନ୍ଦ (ଳ) (=୩୪-୨); x x(ଗ) । ୨୮-୧ ସମାଧି =ସମାଦି (ଖ) (ଞ) (ଳ); ଯେହ୍ନ=ଯେଣେ (ଞ), ଯୋଗୀ (ଳ), ଲଭି (ର);

ଯେହ୍ନେ ଜନେ =ଜନ ଯେହ୍ନେ (କ), ମନେ ମନେ (ଖ); x x (ଗ) । ୨୮ ହୋନ୍ତି=ଦ୍ବନ୍ତି=(କ); x x (ଗ) । ୨୯-୧ ତକ୍ଷଣେ (ପ୍ରି); x x(ଗ) । ୨୯-୨ ଆବୋରି ଛନ୍ତି=ଧନ୍ୟ ଜୀବନ (ଙ) (=୧୪-୨) । ୩୩-୧ ଶରଦ= ଶବଦ (କ); ଯେହ୍ନେ=ତେଜ (କ) (ଖ); ପ୍ରାୟ= (ପ୍ରି) । ।୩୩। ପରେ । ଅଧିକା । (ପ୍ରି):-

ତରଙ୍ଗ କାଳିନ୍ଦୀ ନଦୀର । ବାଲୁକା କରିଛି ବିସ୍ତାର ।୫୦।

୩୫-୧ ବିଚାରି =ବିଚାରେ (ର) । ୩୫-୨ ପଣ୍ଡିତେ= ପଣ୍ଡିତ (କ)(ଗ)(ପ୍ରି)(ର)(ଳ) । ୩୮-୧ ଧରି=ଘେନି (କ) (ପ୍ରି)(ର)(ଳ); ଗୋପୀଙ୍କ ହୃଦେ ଭାବ ଜାଣି (ଗ) । ୩୮-୨ ବିଜୟେ=ବିଜୟ (କ) (ପ୍ରି) (ର); ନରହରି =ଚକ୍ରପାଳି (କ)(ଗ) (ପ୍ରି)(ର)(ଳ) । ୩୮ । ଜ= ।୩୪।ପରେ (ଗ) । ୪୭-୧ ଗୋପ=ବ୍ରଜ (ଗ); x x (କ) । ୪୭-୨ x x (କ) । ୫୩-୧ ଦ୍ରୋହ=ହୃଦ (ଳ); ପାପ =କର୍ମ (ଗ), ପୁଣ (ଖ); x x (କ) । ୫୩-୨ ଲୋକେ=ନୋକେ (ଳ); କି ଅବା ଆତ୍ମାରାମ ସେହି (ର); x x (କ) । ୫୯-୨ ତୃଷା ହି=ତୁ ରୁଷା (ଙ), ପିପାସା (ଗ); ରାତ୍ର ଦିବସ ନ ଜାଣଇ (କ) (ଳ) । ୬୧-୧ ପ୍ରାୟେ=ପ୍ରାୟ (କ) (ପ୍ରି)(ର); x x (ଙ) । ୬୧-୨ ପାଦେ=ଦେହେ (କ) (ଖ) (ପ୍ରି); ଚିତ୍ତ (ଖ) (ଗ), ମନ (ଳ); x x(ଙ) । ୬୨-୧ ବେଭାର=ବେଭାରେ (ଖ) (ପ୍ରି) (ଳ); ମତ=ମତେ (ଗ), ପଥ (ଖ) (ର), ଗ୍ରନ୍ଥ (ଳ); x x (ଙ) । ୬୨-୨ ଭଜିଲ =ଅଇଲ (ପ୍ରି); ଅବିରତ =ଅବିରତେ (ଗ); x x(ଙ) । ୬୩-୧ ପନ୍ଥେ=ପଥେ (ଗ); ତୁମ୍ଭ=ତୋହ (କ); x x(ଙ) । ୬୩-୨ ଭଗତି =ଭକତି (କ) (ପ୍ରି) (ର); x x (ଙ) । ୬୭-୧ ମୋହ-ର=ମୋହୋର (ଖ)(ଗ) (ଙ) (ଳ); ଗୃହର (ର); ଶାଭୁଳି=ଶାଗୋଳା। (ଖ) (ଗ) । ୬୭-୨ ବାଳୀ =ନାରୀ (ଳ) । ୭୧-୧ ଦାସ=ବିପ୍ର (ଳ), ଜଗନ୍ନାଥ (ଖ); ଦାସ ଜଗନ୍ନାଥ=ଜଗନ୍ନାଥ ଦାସ (ଙ) । ୭୧-୨ କୃଷ୍ଣ ସେବକର ମୁଁ =ମୁଁ କୃଷ୍ଣ ସେବନର (କ) (ପ୍ରି)(ର); ଭୃତ୍ୟ=ଦାସ (ଙ) ।

***

ପଞ୍ଚମ ଅଧ୍ୟାୟ

(ଚତୁଃତ୍ରିଂଶ ଅଧ୍ୟାୟ)

୧-୧ ତନୁଜ=ତନୁଜା (ଘ) (ଚ) । ୧-୨ ମହାରାଜ = ମହାରାଜା (ଟ) (ଝ) । ୪-୧ କର =ହସ୍ତ (ଜ) (ପ୍ରି)(ଜ); (=୨) (ଘ) । ୪-୧ ଛନ୍ଦେ=ଛନ୍ଦେ (କ)(ପ୍ରି) (ର), ଛନ୍ଦେ(ଚ); (=୧) (ଘ) । ୯-୧ଗର୍ଜେ (ଝ); ଯଥା=ଯଥ (ଗ) (ଞ); ଅପସରି (ଜ) (ଘ)(ପ୍ରି)(ଘ)(ଜ) । ୯-୨ ବିମାନେ=ବିମାନେ (ଗ); ବିମାନେ ଗଗନେ =ଗଗନେ ବିମାନେ (ଚ); ଯେ ଯାହା ବିମାନେ (ଜ) । ୧୦-୨ ସପତ= ସକଳ (ର); ଲୋକେ=ଲୋକ (ପ୍ରି) । ୧୧-୧ଦୁନ୍ଦୁଭି=ଦୁନ୍ଦୁଭି (ଖ)(ଗ)(ଞ)(ଜ) ଦୁନ୍ଦୁଭି (ପ୍ରି); ନାଦ=ନାଦେ (ଜ); ନାଦନାଦ=ନାଦ ନାଦ (ଞ), ବାଦ୍ୟନାଦ (ଗ); ସ୍ୱରେ=ରସେ (ଝ)(ଟ)(ଜ) । ୧୧-୨ ଧାରେ=ଶିରେ(ର); ବରଷନ୍ତି ଧାର=ବରଷନ୍ତେ ଧାରାରେ (ଝ)(ଜ), ବରଷି ହରଷେ (ଖ) । ।୧୯-୧ ପାଦ=ରାସ (କ)(ପ୍ରି); ବିନ୍ୟାସ=ବିନ୍ୟାସି (ଘ) (ଛ), ନାଚନ୍ତି (ଖ)(ର)(ଜ), ବିଳାସ (କ)(ପ୍ରି); ରଙ୍ଗ=ଅଙ୍ଗ (ଟ) (ଘ)(ଜ), ରସ (ଜ) (ପ୍ରି); ଭଙ୍ଗେ= ରଙ୍ଗେ (କ) (ପ୍ରି) । ୧୯-୨ ଛୁଟୁଟି =ଛୁଟୁଟି (ଛ), ଛୁଟୁଟି (ଖ)(ଗ) (ପ୍ରି) (ଜ) । ୨୧-୧ ଶୋହନ୍ତ=ଶୋଭନ୍ତ (କ) (ପ୍ରି), ତ୍ରିଭଙ୍ଗ (ଜ); ଶ୍ରମ=ଶର୍ମ (ଞ); x x (ଗ) । ୨୧-୨ କବରୀ=କବରୀ (ଝ) (ଚ)(ଜ), କେଶ (ଖ) ; ଖସିଯ=ଖସେ (କ) (ଖ); ପିଟି (ଛ); x x(ଘ) । ୨୪-୧ କୃଷ୍ଣର=ଶ୍ରୀକୃଷ୍ଣ (ଖ), ଅତି=ଗତି(ଘ)(ଜ), ରସ (ଝ); କୃଷ୍ଣର ଅତି=ଅତି ସୁସ୍ୱରେ (କ) (ପ୍ରିଂ (ର); ପ୍ରିୟମାନ= ଅପ୍ରମାଣ (ଝ) (ଘ)(ଜ), ଗନ୍ଧର୍ବ (କ); କଲାତାନ (ପ୍ରି), କଲେ ଗାନ (ର) । ୨୪-୨ ଶବଦ (କ); ବଜ ଶର୍ତ୍ତ (ଖ) । ୨୭-୧ ଷଡ଼ଜ=ଷଡ଼ଦ (ଖ), ଷବଦ (କ), ଷୋଡ଼ଶ (ଝ). ଷଡ଼ଜ (ଚ); ପଞ୍ଚ= ପଞ୍ଚୁ (ଞ); ସ୍ୱର=ସର (ଘ) (ଚ) । ୨୭-୨ ମୋହିଲେ (ଝ) । ୩୦-୧ କେ=ଯେ (କ), ପରିଗ୍ରହ=ପରିଗ୍ରହ (ଜ), ପରିତ୍ରାଣେ (ଜ) (ଝ)(ପ୍ରି), ତ୍ରାଣେ କୃଷ୍ଣ (ର); ପାଶେ=ପାଶେ (ଜ). ଆସେ (କ)(ପ୍ରି); ପରିଗ୍ରହ ପାଶେ= ଚରି ପାରୁଶେଣ (ଗ); ଆଇ=ଯାଇ (କ) (ପ୍ରି) । ୩୦-୨ ଲୁଚେ=ଲଚେ (ଟ) । ୩୧-

୧ ଶ୍ଲଥ=ଗରୁ (ଖ) (ଗ)(ଳ); ଶ୍ଲଥ ହୋଇଲା= ଶିଥିଳ ହେଲା (ର); ବସ୍ତ =ବସ୍ତ୍ର (ଖ) (ଗ) (ଞ) ବାସ (ଳ) । ୩୪-୧ସାମଳିଲା=ଶ୍ୟଶମଳିଆ (ର), ଶ୍ୟାମଳିଲା (ପ୍ରି) ଶାମଳିଲା (କ), ସାମଲିଲା (ଗ) (ଞ), ହୋଇ=ଦେହି (କ) (ପ୍ରି) (ଳ) । ୩୪-୨ ପ୍ରାୟକ (ପ୍ରି) । ୪୨-୧ କଣ୍ଢେ=ହସ୍ତ (ଗ); ଭୁଦ=ହସ୍ତେ(ଗ), ହସ୍ତ (ଖ); x x (ଞ) । ୪୨-୨ x x (ଞ) । ୪୫-୧ ଭ୍ରମର= ଭ୍ରମନ୍ତି (ଖ), ଭ୍ରମିଣ (କ) (ପ୍ରି); ରଙ୍ଗେ =ନାଦେ (ର); କରି=କାରୀ (ଳ); x x (ଞ) । ୪୫-୨ଉଛବେ=ଉସବେ (କ) (ପ୍ରି)(ର), ଉସବ (ଗ); x x(ଞ) । ୪୬-୧ କବେରୀ (ଖ)(ଗ)(ଳ); ଫିଟି=ବସ୍ତ୍ର (ଖ) (ଗ); ଫୁଲମାଳ=ଅସମ୍ଭାଳ (ଳ); (ଳ) xx (ଞ) । ୪୬-୨ ଅସମ୍ଭାଳ=ବସ୍ତ୍ରମାନ (ଳ) (ପଦପଡୁନି); x x (ଞ) । ୪୭-୧ ଯେମନ୍ତ (ଗ); ନାନା=ନାରୀ (କ); x x (ଞ) । ୪୭-୨ ରମିଲେ=ନାଚନ୍ତି (ଗ); x x (ଞ) । ୪୮-୧ କୁବେର= କୋବେର (ଗ) (ଳ); ବାଳକ ନିଜ ବିଶ୍ବଦେଖି (ର) । ୪୮-୨ କିନ୍ନରୀ =କିନରି (ଗ) କୋବେର (ଗ) (ଞ)(କ); ରମ୍ଭେ (ଞ); ଆମ୍ଭା=ଆମ୍ଭା (କ)(ପ୍ରି); ଖେଳଇ ଯେହ୍ନେ ହୋଇ ସୁଖି (ର) । ୪୯-୧କୃଷ୍ଣର =ଶ୍ରୀକୃଷ୍ଣ (ଖ); ଲାଗି=ନାଗି (ଖ); x x (ଗ) । ୪୯-୨ ଶ୍ରମ =ଶର୍ମ; ଶ୍ରମଭାଗୀ=ସଉଭାଗୀ (ଖ)(ର)(ଳ); x x (ଗ) । ୫୦-୧ସ୍ତନ=ଘନ (ଞ), ତନୁ (କ)(ପ୍ରି); x x (ଗ) । ୫୦-୨ପୁଷ୍ୟ (ଖ)(ଳ), ଆଭରଣ=ଆମ୍ବରଣ (ଳ); ପୁଷ୍ପ ଆଭରଣ =ଖସିଲେ ଭୂଷଣ (ର); ବିଶେଷ=ଅଶେଷ (ର), ସୁବେଶ (ଖ) (ଳ); x x (ଗ) । ୫୧-୧ କୃଷ୍ଣର =ଶ୍ରୀକୃଷ୍ଣ (କ); କ୍ରୀଡ଼ା=କୃଡ଼ା (ଖ); x x(ଗ) । ୫୧-୨ ତ୍ରିଦଶ= ତ୍ରିଦଶ୍ୟ (ଖ)(ଳ); ବଧୂ=ବୁଦ୍ଧ (ଞ), ବୃର୍ଦ୍ଧ (ଖ); ବଧୂଜନେ=ବିବୁଧାଦି (କ); ଜନେମନେ (ଳ); ବଧୂଜନେ ସୁଖୀ=ବିବୁଧେ ଉପକ୍ଷି (ପ୍ରି୦; x x(ଗ) । ୫୨-୧ ନକ୍ଷତ୍ର=ଲକ୍ଷତ୍ର (ଗ) । ୫୨-୨ ପଡ଼ିଲେ =ପୀଡ଼ିଲେ (କ) (ପ୍ରି)(ର) । ୫୪-୧ ରୂପରେଖ=ରେଖରୂପ (ଗ) ପଦ ପଡୁନି) । ୫୪-୨ ଗୋପୀଙ୍କୁ (କ); ଗୋପୀଙ୍କି ଦିଲେ=ଗୋପୀ ପାଇଲେ (ଖ) (ଗ); ଆମ୍ଭ (ପ୍ରି) । ୫୮-୧ କୃଷ୍ଣରା=ଶ୍ରୀକୃଷ୍ଣ (ଖ); ଗୁଣକର୍ମ=କର୍ମଗୁର୍ମ (ର); କୃଷ୍ଣର ଗୁଣ=କୃଷ୍ଣ ରମଣ (ଳ); କର୍ମ ମୁଖେ=ଗୁଣ ସୁଖେ (ଳ); x x (କ) । ୫୮-୧ x x(କ) । ୬୧-୧ କରିଣୀ-ହରଣୀ (ଖ) (ଗ)(ଞ) (ଳ) । ୬୧-୨ ଶ୍ରମ =ଶର୍ମ (ଗ) (ଞ)(ଳ) । ୬୧ । (=୧୫୯ । ପରେ)(ର) । ୬୨-୧ ଦେହେ= ଶିଣେ (ଗ); କରେ ଧରି =ହୃଦ ଭରି (ଖ) । ୭୨ ।-୧ ମନୁଷ୍ୟ=ମନୁଷ୍ପ (ଗ), ମାନୁଷ୍ୟ (ଖ)

(ଝ); ଅଂଶେ=ଅଙ୍ଗେ (କ) (ପ୍ରି); ଜାତ=ଜନ୍ମ (ଛ) । ୭୩-୨ଜନ୍ମ=ଜାତ (ଖ), ରୂପ(ଗ)(ର) (ଳ), ରୂପେ (ପ୍ରି); ଯଦୁ= ଯେବେ (ପ୍ରି) (ର), ଦେବ (ଖ) ,ନିଜ (ଳ): ବଂଶେ=ଅଂଶେ (ଖ) (ପ୍ରି) (ର)(ଳ); ଯଦୁବଂଶେ=ପରକାଶେ (ଗ) । ୭୪-୧ ପାଳକ=ପାଳଶ (ଖ) (ଗ)(ଝ) (ଳ) । ୭୫-୧ ଜନଗୁରୁ=ଜନଙ୍କର (ଝ) । ୭୫-୨ ନିତ୍ୟ ଅନିତ୍ୟ=ନୀତି ଅନୀତି (ଗ) (ଝ) (ଳ), ଗତି ଅଗତି । ୮୮-୨ ଜନେ = ଦିନେ (ଗ); ଅଳପ ଜନେ =ଅଳଯଗଂନେ (ଳ) । ୯୨-୧ ଯୋଗେ=ଯୋଗ (ଳ), ଯେ ଗୋ (ର); ଶ୍ରମ-=ଶର୍ମ (ଖ) (ଝ) (ଳ), କର୍ମ (ଗ) । ୯୨-୨ ନାଶନ୍ତି=ସାଧନ୍ତି (କ) (ପ୍ରି) । ୯୩-୧(=୨) (ଝ); ଯାହାର=ତାହାର (ଝ)(ପ୍ରି) (ର); ବନ୍ଧ=ବଧ (ଗ) (ଝ)(ଳ), ଧର୍ମ (ପ୍ରି); ମୋକ୍ଷ=ମୁକ୍ଷ (ଗ); ବନ୍ଧ ମୋକ୍ଷ =ଜନ୍ମ ବନ୍ଧ (ର); ନାହିଂ= ନାହିଂ=କାହିଂ (ଝ) (ଉ) । ୯୩-୨ (=୧)(ଝ); ଇଚ୍ଛା । (କ) (ପ୍ରି) (ର); ସମ୍ପଦ (ର) । ୯୩ । ୯=୮୯ । ପରେ) (ଝ) । ୯୫-୧ ଭଗତ=ଭକତ (କ)(ପ୍ରି) (ର) । ୯୫-୨ଜାତ =ଜନ୍ମ (କ) (ଖ)(ଗ)(ପ୍ରି)(ଳ); ମନୁଷ୍ୟ=ମାନୁଷ୍ୟ (ଖ) (ଝ), ମନିଷ (ଗ); ଶରୀରେ=ଶ୍ୱରୀରେ (ଗ) (ଝ), ଶ୍ୟରୀରେ (ଖ)(ଳ) । ୯୮-୧ଅଛନ୍ତି=ଥିବାର (କ); (ଗ)(ଝ), ଶ୍ୟରୀରେ (ଖ) (ଳ) । ୯୮-୧ଅଛନ୍ତି=ଥିବାର (କ); ପାଶେ ଅଛନ୍ତି =ପାଶେଣ ଥିଲା (ର); ପ୍ରାୟ (ଗ) (ପ୍ରି)(ର) । ।୯୮ । (୧୯୬ । ପରେ) (ର) । ୯୯-ଯେମନ୍ତେ=ଯେମତେ (ଗ) । ୯୯-୨ ଗଗନେ ଅରୁଣ ଦିଶିଲା (କ) (ଖ)(ପ୍ରି)(ଳ); ଗଗନେ ଅରୁଣ ଉଇଂଲା (ଗ) । ୧୦୪-୧ ଦୁଃସହରୁ= ଦୁସହରୁ (ଝ), ଦୁସ୍ତରରୁ (ଖ), ଦୁସ୍ତରୁ ସେ (ଖ)(ର)(ଳ) ଦୁରିତରୁ (କ) (ପ୍ରି) । ୧୦୪-୨ ପଡ଼ଇ=ପଡ଼ନ୍ତି (ପ୍ରି); ସେ ନ ପଡ଼ଇ=ସେହୁ ନ ପଡ଼େ (ଖ) । ୧୦୯-୨ ଘେନିମା=ଘେନିବା (ର), ଘେନିବ (କ) (ପ୍ରି) । ୧୦୯-୧ । ପରେ । ଅଧିକା :- (କ)(ଖ)(ଗ)(ପ୍ରି)(ର)(ଳ):-

ଗୀତେ କହିଲି କୃଷ୍ଣ ରସ । ପୁରାଣ କଲି ଗୀତ ରସ । ।୫୧।

୧୦୯-୨ ଯାହା=ତାହା (ଳ); କହିଲେ=ସେ କଲେ·(କ) (ପ୍ରି); ପୀତବାସ=ଆଦିକନ୍ଦେ (ଖ) (ଳ) । ୧୧୦-୨ ପ୍ରଭୁ =ସ୍ୱାମୀ (କ) (ପ୍ରି) ।

□□□

ଧ୍ରୁବ ଚରିତ

ପୋଥିପ୍ରାପ୍ତି

(କ) ସଂ. - ଡଃ କୃଷ୍ଣ ଚରଣ ସାହୁ, ପ୍ର-ଧର୍ମଗ୍ରନ୍ଥଷ୍ଟୋର୍, କଟକ-୨

(ଖ) ଶ୍ରୀମଦ୍ ଭାଗବତ - ୪ର୍ଥ ସ୍କନ୍ଧ, ପ୍ର-ଶାରଦା ପ୍ରେସ୍, ସେକ୍ ବଜାର, କଟକ-୧,

(ଗ) ରାସବାଡ଼ି ମଠ, ନିମାପଡ଼ା, ଜି-ପୁରୀ

ପ୍ରଥମ ଅଧ୍ୟାୟ
(ରାଗ-କଳଶା)

ନମାମି ଅମ୍ବିକା ସୁତ ଚରଣ ପଙ୍କଜ ।
ସର୍ବ ଦେବଙ୍କ ମଧ୍ୟେ ଯା ନାମ ବିଘ୍ନରାଜ ।। ।୧।
ଅମ୍ବରୀଷ ଗିରି ସମୁଦ୍ରର କଳେ ବର ।
କିରୀଟ କୁଣ୍ଡଳ କଣ୍ଠେ ହାର ମନୋହର ।। ।୨।
ତୁଙ୍ଗ ବକ୍ଷସ୍ଥଳ ଦୀର୍ଘ ଶୋହେ ଭୁଜଚାରି ।
ଅକ୍ଷୟ ଅମୃତ ତୃଣୀ ପାଶାଙ୍କୁଶ ଧାରୀ ।। ।୩।
ଯାହାର ପ୍ରସନ୍ନ ବଳେ ଜଡ଼ବୁଦ୍ଧି ତୁଟେ ।
ନିର୍ମଳ ବଚନ ଯେ ସ୍ଫୁରଇ କଣ୍ଠତଟେ ।। ।୪।
ମୋର ଚିତ୍ତେ ପ୍ରସନ୍ନ ହୁଅ ହେ ଲମ୍ବୋଦର ।
କହେ ଭାଗବତ ବାଣୀ ସଂସାରରେ ସାର ।। ।୫।
ଭକ୍ତି ଯୋଗ ମଧ୍ୟେ ଯେ ଉତ୍ତମ ଭାଗବତ ।
କହିବି ଚତୁର୍ଥ ସ୍କନ୍ଧେ ଧ୍ରୁବର ଚରିତ ।। ।୬।
ସପତ ବରଷ ପୁତ୍ର ଘୋର ତପ କଲା ।
ମାତୃ ସପତ୍ନୀର ବାକ୍ୟେ ହରିଙ୍କି ଭଜିଲା ।। ।୭।
ପିତା ଜାନୁ ଆରୋହଣ ଭଙ୍ଗ ଦୋଷ ମନେ ।
ସପ୍ତ ଋଷି ଊର୍ଦ୍ଧ୍ୱେଯାଇ ବସିଲା ଗଗନେ ।। ।୮।
ଯାର ଘୋର ତପ ଦେଖି ଭୃଗୁ ମନ ତୋଷେ ।
ଧନ୍ୟ ଧନ୍ୟ ଧ୍ରୁବ ବୋଲି ଋଷି ମଧ୍ୟେ ଭାଷେ ।। ।୯।

ଜନନୀ ସହିତେ ଧ୍ରୁବ ଗମଇ ଆକାଶେ ।
ଦରଶନ ମାତ୍ରେ ତ୍ରିକାଳର ପାପ ନାଶେ ॥ ।୧୦।
ଅଧିକ ଆୟୁଷ ଲଭେ ତ୍ରୟୋଦଶ ସମା ।
ଯାର ଭାବ ନ ଲଭନ୍ତି ଇନ୍ଦ୍ର ହର ବ୍ରହ୍ମା ॥ ।୧୧।
ତାହାର ଚରିତ ଯେ ଶୁଣନ୍ତି ସାବଧାନେ ।
ସର୍ବ ପାପ ହରେ ମନ ରହେ ବିଷ୍ଣୁ ଧ୍ୟାନେ ॥ ।୧୨।
ଅଶେଷ ଅମୃତ ବାଣୀ ଧ୍ରୁବର ଚରିତ ।
କହିବି ପ୍ରସନ୍ନ ହୁଅ ମୋତେ ଗଣନାଥ ॥ ।୧୩।
ପୁଣ୍ୟ କ୍ଷେତ୍ର ବନେ ସରସ୍ୱତୀ ତଟେ ରହି ।
ମୈତ୍ରେୟ ମୁନି ଯେ ବିଦୁର ଆଗେ କହି ॥ ।୧୪।
ଦୁର୍ଗତି ତାରଣ ପୁଣ୍ୟେ ଭୀଷ୍ମ ନିବାରଣ ।
କହେ ବିପ୍ର ଜଗନ୍ନାଥ ସାବଧାନେ ଶୁଣ ॥ ।୧୫।

ମୈତ୍ରେୟ ଉବାଚ

ସର୍ବଶାସ୍ତ୍ର ଜାଣି ଯେ କହଇ ନାନା ମତେ ।
ଧ୍ରୁବଙ୍କ ଚରିଚ ବିଷ୍ଣୁଭକ୍ତ ଜନ ହିତେ ।୧୬।
ମଇତ୍ରେୟ ଆଗେ ପରାଶର ମୁନି କହି ।
ବିଷ୍ଣୁ ଜନ ହିତେ ବଇଷ୍ଣବ ଭାବ ବହି ।୧୭।
ପରମହଂସ ବିମାନେ ବୈକୁଣ୍ଠକୁ ଯାନ୍ତେ ।
ବୈଷ୍ଣବ ଅଗ୍ରଣୀ ଶିବ ଉମାର ଅଗ୍ରତେ । ।୧୮।
ବିଷ୍ଣୁ ଦୂତେ ହରିକଥା କହିଛଇଂ ଯାହା ।
ଭାଷା ପ୍ରବନ୍ଧରେ ମୁହିଂ ପ୍ରକାଶିବି ତାହା । ।୧୯।
ସାଧୁଜନେ ଦୃଢ ଚିରେ କର ଯେଥେ ଭାବ ।

ଯେ ଦୃଢ ବୋଇତେ ଭବ ବାରିଧି ତରିବ । ।୨୦
ବିଷ୍ଣୁର ଆଦେଶେ ସୃଷ୍ଟିକାଳେ ପଦ୍ମଯୋନି ।
ମୈଥୁନ ପ୍ରକାରେ ସେହୁ ଶିବଶକ୍ତି ଘେନି ।୨୧।
ନିଜ କଳେବର ବ୍ରହ୍ମା ବେନିଖଣ୍ଡ କଲେ ।
ସ୍ୱାୟମ୍ଭୁବ ମନୁ ଶତରୂପା ପ୍ରକାଶିଲେ ।୨୨।
ମୈଥୁନ ପ୍ରବନ୍ଧେ ଉପୁଜିଲେ ପୁତ୍ର ବେନି ।
ସୃଷ୍ଟି ଅଂଶ ହେତୁ ତିନିକନ୍ୟା ସଙ୍ଗେ ଘେନି ।୨୩।
ପ୍ରିୟବ୍ରତ ଉତ୍ତାନପାଦ ନାମ ଆଦ୍ୟର ।
ସୁଗୁଣ ସ୍ୱରୂପ ରୂପେ ମୋହେ ତିନିପୁର ।୨୪।
କନ୍ୟା ଯେକ ତହିଁ ପ୍ରଜାପତିର ସମ୍ମତ ।
ଯେଣୁ ବ୍ରହ୍ମା ଭିଆଇ ସର୍ଜିଲା ଯେ ଜଗତ ।୨୫।
ସୃଷ୍ଟି ପୂର୍ବେ ଆନ ରୂପେ ବେନି ସହୋଦର ।
ପ୍ରଜାବର୍ଗ ସଷ୍ଠିଲେ ସେ ଅନେକ ପ୍ରକାର ।୨୬।
ଉତ୍ତାନପାଦର ସେ ହୋଇଲେ ପତ୍ନୀ ବେନି ।
ସୁରୁଚି ସୁନୀତି ଯେ ସୁନ୍ଦର ଗୁଣ ଘେନି ।୨୭।
ସେ ବେନି ପତ୍ନୀଙ୍କ ମଧ୍ୟେ ସୁରୁଚି ସୁପ୍ରିୟା ।
ଉତ୍ତାନପାଦର ଚିତ୍ତେ ତାରେ ବଡ଼ ଦୟା ।୨୮।
ତାହାର ଉଦରେ ଯେଉଁ ବେନିପୁତ୍ର ହୁଏ ।
ରୂପଗୁଣ ସୁନ୍ଦରରେ ଜଗଜ୍ଜନ ମୋହେ ।୨୯।
ତାର ବଡ଼ ପ୍ରିୟ ଯେ ଉତ୍ତାନପାଦ ରାଜା ।
ଭୂଷଣ ବସନ ଆଦି କରେ ତାକୁ ପୂଜା ।୩୦।
ନିତ୍ୟେ ପ୍ରିୟବତୀ ସେ ନିମିଷେ ନ ଛାଡ଼ଇ ।
ପତ୍ନୀ ସୁତ ସ୍ୱଭାବେ ଗୌରବ ଭାବ ବହି ।୩୧।
ସୁନୀତି ଅପ୍ରିୟ ତାର ସୁତ ଧ୍ରୁବ ନାମ ।
ରୂପଗୁଣେ ସୁନ୍ଦର ମୋହିତ କୋଟି ନାମ ।୩୨।

ବେନିସୁତ ବେନି ଧାତ୍ରୀ ଘେନିଥାନ୍ତି ନିତ୍ୟେ ।
ପିତାର ସମୀପେ ଦ୍ୟନ୍ତି ରାଜସେବା ମତେ ।୩୩।
ଯେକ ଦିନେ ସୁରୁଚି ଉତ୍ତମ କର ଧରି ।
ନୃପତି ସମୀପେ ମିଳେ ପ୍ରିୟଭାବ କରି ।୩୪।
ଉତ୍ତମକୁ କୋଳେ ଦେଇ ରହିଲା ଅନ୍ତରେ ।
ନୃପତି ସଭାର ମଧ୍ୟେ ପ୍ରିୟଭାବ ଭରେ ।୩୫।
ଯେମନ୍ତ ସମୟେ ଧାତ୍ରୀ ଧ୍ରୁବ ଘେନି ସଙ୍ଗେ ।
ରାଜାର ସମୀପେ ପ୍ରେମ ପୁତ୍ରଭାବ ରଙ୍ଗେ ।୩୬।
ଉତ୍ତମକୁ କୋଳେ ଦେଖି ଧ୍ରୁବ ସ୍ନେହ କଲା ।
ପିତାକୋଳେ ବସିବାକୁ ହସ୍ତ ପ୍ରସାରିଲା ।୩୭।
ତାହା ଦେଖି କୋପଚିତ୍ତେ ସୁରୁଚି କହଇ ।
ଦୁର୍ଭାଗା ତନୟ ତୋ ବଦନେ ଲାଜ ନାହିଁ ।୩୮।
ଆରୋହଣ କରି ଲୋଡୁ ନୃପ ସିଂହାସନ ।
ଯେ ଆସନ ସୁ ପୂଜିତ ଯେ ତିନି ଭୁବନ ।୩୯।
ପୂର୍ବତପ ଫଳେ ଦେଖ ଉତ୍ତମ କୁମର ।
ନୃପବୀର୍ଯ୍ୟେ ଉପୁଜିଲା ମୋହୋର ଉଦର ।୪୦।
ଯେ ଯେ ନୃପ ସିଂହାସନ ବସିବାକୁ ଯେକ ।
ଯେ କଥା ବିଦିତ ଭଲେ ଜାଣନ୍ତି ତ୍ରିଲୋକ ।୪୧।
ବିଷ୍ଣୁରେ କଠୋର ତପ ପୂର୍ବେ ଯେ କରଇ ।
ତପବଳେ ଲଭେ ସେ ଦୁର୍ଲ୍ଲଭ ନରଦେହୀ ।୪୨।
ଯେଉଁ ତପେ ଯେତେ ଭୋଗ କରନ୍ତି ଜଗତେ ।
କହଇ ବାଳକ ପୁତ୍ର ଶୁଣ ଯେକ ଚିତ୍ତେ ।୪୩।
ଯେଉଁ ତପେ ବସନ୍ତ ଯେ ଯେ ରାଜ ଆସନେ ।
କୋଟି ତପେ ପାଇଛନ୍ତି ତାହା ରାଜା ମାନେ ।୪୪।
ଜାଣିଲି ମୁଁ ପୂର୍ବେ ତୋର କିଛି ତପ ନାହିଁ ।

ତେଣୁ ଅଭାଗିନୀ ଗର୍ଭେ ଉପୁଜିଲୁ ତୁହି ।୪୫।
ଯେହି ଅନୁମାନେ ତୋର ଅଳ୍ପ ପୁଣ୍ୟ ଜାଣ ।
ଶୁଭାଶୁଭ ଫଳ ଅନୁମାନେ ଯେ ପ୍ରମାଣ ।୪୬।
ରାଜାର କୁମର ପଣେ ଯେ ଜନ୍ମ ତୋହୋର ।
ନାନା ସୁଖ ଭୋଗେ ତୋର ନାହିଁ ଅଧିକାର । ।୪୭।
ଦେଖ ଯେ କୁମର ମୋର ଗର୍ଭେ ଜାତ ହୋଇ ।
ଯେ ନୃପ ସିଂହାସନକୁ ଯୋଗ୍ୟ ଯେ ଅଟଇ । ।୪୮।
ନୃପାସନେ ବସିବାକୁ ବିଭ ଯେବେ ତୋର ।
କିମ୍ବା ଜନ୍ମ ନ ଲଭିଲୁ ମୋହୋର ଉଦର ।୪୯।
ଯେମନ୍ତ ସଭାର ମଧ୍ୟେ ସୁରୁଚି ବଚନ ।
ଶୁଣି ଧ୍ରୁବ ଶୋକଚିତ୍ତେ ହୋଇଲା ମଉନ ।୫୦।
ଅନ୍ତର୍ଗତେ କମ୍ପଇ ତାହାର ନିଜଦେହୀ ।
ଅଧୋମୁଖେ ରହିଲା ଭୂମିକୁ ଦୃଷ୍ଟି ଦେଇ ।୫୧।
ଅନୁଚିତ ଉଚିତ ନ କହେ ନୃପବାଣୀ ।
ସଭା ମଧ୍ୟେ ଶୁଣି ସେ ସୁରୁଚି ଗର୍ବବାଣୀ ।୫୨।
ତାହାର ଗୌରବ ଯେ ଯନ୍ତ୍ରିତ ଚିର ହୋଇ ।
ସଭାମଧ୍ୟେ ଯେକ ବାକ୍ୟ ନ ପାରଇ କହି ।୫୩।
ଯେମନ୍ତେ ନୃପତି ଗୁଣ ଦେଖି ଧ୍ରୁବ ମନେ ।
ଧାତ୍ରୀ ସଙ୍ଗେ ସୂନୁ ନୃପ ଗମିଲେ ଭୁବନେ ।୫୪।
ମାର୍ଗେ ଯାନ୍ତେ ବ୍ୟାକୁଳେ ନ ଦିଶେ ଦଶଦିଶ ।
ସର୍ପ ପ୍ରାୟ ପୁଣ ପୁଣ ଛାଡ଼ଇ ନିଶ୍ୱାସ ।୫୫।
ମାତାର ସନ୍ନିଧେ ଧ୍ରୁବ ନିଜ ପୁରେ ଯାଇ ।
ଅଶ୍ରୁ ବହେ ଲୋଚନୁ କମ୍ପଇ ନିଜ ଦେହୀ ।୫୬।
ଅଶ୍ରୁ କଣ୍ଠ କୁଣ୍ଠିତ ବଚନ ଗଦଗଦ ।
ନ ସ୍ଫୁରଇ ବାକ୍ୟ ମୁଖୁ ଦୁଃଖ ମନେ ଖେଦ । ।୫୭।

ଯେମନ୍ତେ ପୁତ୍ର ବଦନ ସୁନୀତି ଅନାଇଂ ।
ଛନ୍ନ ଚିରେ ପଚାରଇ ଧାତ୍ରୀ ମୁଖ ଚାହିଁ ।୫୮।
ତୁ ଯେ ପୁତ୍ର ଘେନିଗଲୁ ନୃପତି ସମୀପେ ।
କିମ୍ପା ଯେ ରୋଦନ କରେ ଅତି ମନସ୍ତାପେ ।୫୯।
ମାତାର ବଚନ ଶୁଣି ନୃପତି ନନ୍ଦନ ।
ଊର୍ଦ୍ଧ୍ୱମୁଖେ ଚାହିଁ କହେ ନିର୍ମଳ ବଚନ ।୬୦।
ଜନନୀ ଜାଣିଲେ ପୁତ୍ର ଅପମାନ ପାଇ ।
ପିତାର ସମୀପେ କିବା ଅପମାନ ବହି ।୬୧।
ମୁଖ୍ ଲକ୍ଷ୍ମୀ ଏହାରତ ନ ଦିଶେ ସୁନ୍ଦର ।
ଅତିଦୁଃଖେ ବୁଡ଼ିଲାତ ମୋହର କୁମର ।୬୨।
ବେନିକରେ ଆକର୍ଷି ପୁତ୍ରକୁ କୋଳେ ଧରି ।
ମୁର୍ଦ୍ଧନୀ ଆଘ୍ରାଣ କରି ନିଶ୍ୱାସ ସଂହରି ।୬୩।
ଅତି ମ୍ଳାନ ମୁଖ ଦେଖି ପୁନଃ ପୁନଃ କୋଳେ ।
ଉଦରେ ଲଗାଇ ପୁଛେ ଅତି ସ୍ନେହ ଭରେ ।୬୪।
ମୁଖେ ଜଳସିଞ୍ଚି ସେ ବଦନୁ ପୋଛେ ଲୁହ ।
କିମ୍ପା ତୁ ରୋଦନ କରୁ ବେଗେ ବତ୍ସ କହ ।୬୫।
ରାଜାର କୁମର ତୁ ଦୁର୍ଲଭ ପ୍ରାଣୀଙ୍କର ।
ସ୍ୱଭାବେ ସୁନ୍ଦର ଗୁଣ ନୀତି ମନୋହର ।୬୬।
ତୋତେ ଶୋକ ଦେବାକୁ କେ ଅଛଇ ଜଗତେ ।
କିମ୍ପା ତୁ ରୋଦନ କରୁ କହ ମୋ ଅଗ୍ରତେ ।୬୭।
ମାତାର ବଚନ ଶୁଣି ଧ୍ରୁବ ଦୁଃଖ ମନେ ।
ନିଃଶ୍ୱାସ କୁଣ୍ଠିତ କଣ୍ଠ ଅଶ୍ରୁ ପୂର୍ଣ୍ଣାନନେ ।୬୮।
ଶୁଣ ଗୋ ଜନନୀ କହୁଁ ତୁମ୍ଭର ଅଗ୍ରତେ ।
ରାଜା ମହାଦେଇ ତୁମ୍ଭେ ବୋଲାଅ କେମନ୍ତେ ।୬୯।

ସୁରୁଚି ସମ ତୁମ୍ଭଙ୍କୁ ଜାଣନ୍ତି ଜଗତେ ।
ସେ ରାଜାର ପ୍ରିୟା ତୁମ୍ଭେ ଦୁର୍ଭାଗୀ କେମନ୍ତେ ।୬୦।
କେଉଁମତେ ଉତ୍ତମ ବୋଲାଉ ତାର ପୁଅ ।
ମୁଁ କିମ୍ପା ଅଧମ ମାତା ସତ ମୋତେ କହ ।୬୧।
ନୃପ ସିଂହାସନେ ବସିବାକୁ ବେନି ଭାଇ ।
ସେ କିମ୍ପା ହୋଇଲା ଯୋଗ୍ୟ ମୋତେ ଭୋଗ ନାହିଁ ।।୬୨।
ସେ କିମ୍ପା ଉତ୍ତମ ନାମ ବହିଲା ଜଗତେ ।
ତୋର ପୁତ୍ର ହୋଇ ମୁହିଁ ଅଧମକେମନ୍ତେ ।୬୩।
ମୋହର ସୁକୃତ କିମ୍ପା ଏମନ୍ତ ହୋଇଲା ।
ଉତ୍ତମ ଉତ୍ତମ ସୁଖ କେମନ୍ତେ ପାଇଲା ।୬୪।
ଏମନ୍ତେ ପୁତ୍ର ବଚନ ଶୁଣିଣ ସୁନୀତି ।
ପୁତ୍ରର ବିଚାର ପ୍ରଶ୍ନେ ଦୃଢତର ମତି ।୬୫।
ସ୍ତବଧେ ରହି ନିଃଶ୍ୱାସ ଛାଡ଼େ ଧୀରେଧୀରେ ।
ଶିଶୁ କୋପ ଶାନ୍ତି ଅର୍ଥେ କହଇ ମଧୁରେ ।୬୬।
ସ୍ୱଭାବେ ରାଜନୀତି ସେ କହେ ପୁତ୍ରେ ଚାହିଁ ।
କହିବ ସକଳ ମନ ଦୁଃଖ ଛାଡ଼ ତୁହି । ।୬୭।
ଜାଣିଲି ନୃପ ସମୀପେ ଅପମାନ କଥା ।
ଶୁଣହେ ସାଧୁ ନନ୍ଦନ ଛାଡ଼ି ମନୁ ବ୍ୟଥା ।୬୮।
ତୁ ଯେତେ କହିଲୁ ବାବୁ ଏ ସତ୍ୟ ପ୍ରତ୍ୟେକ୍ଷ ।
ସୁରୁଚି ବଚନ ଶୁଣି ନୃପବର ପକ୍ଷେ ।୬୯।
ସୁରୁଚି ସୌଭାଗ୍ୟ ସେହି ରାଜ ପାଟରାଣୀ ।
ସର୍ବରାଜ ପତ୍ନୀଙ୍କ ଉପରେ ଶିରୋମଣି ।୮୦।
ଜନ୍ମାନ୍ତରେ ଯେଣୁ ସେ ଅନେକ ତପ କଲା ।
ତପବଳେ ସ୍ୱାମୀର ସେ ସୁହାଗୀ ହୋଇଲା ।୮୧।
ଜାଣିଲି ନିଷ୍ଚୟ ମୋର ପୂର୍ବେଜପତପ ନାହିଁ ।

ସେ ଫଳେ ଦୁର୍ଭାଗୀ ମୁହିଁ ରାଜପତ୍ନୀ ହୋଇ ।୮୨।
ପୂର୍ବେ ତୋର ଭାଇ ଯେ ଉତ୍ତମ ତପକଲା ।
ତପବଳେ ନୃପ ସିଂହାସନରେ ବସିଲା ।୮୩।
ସୁରୁଚି ସୁଭାଗୀ ତପବଳେ ରାଜରାଣୀ ।
ସର୍ବପତ୍ନୀ ମଧ୍ୟେ ସେ ବୋଲାଇ ଇଷ୍ଟରାଣୀ ।୮୪।
ଉତ୍ତମ ଉତ୍ତମ ପୁତ୍ର ପୁଣ୍ୟ ତା ଉଦର ।
ଜନ୍ମିଲା ଉତ୍ତମ ସିଂହାସନେ ଅଧିକାର । ।୮୫।
ଶୁଣ ହେ କୁମର ମଣି ସ୍ଥିର କରି ମନ ।
ସାବଧାନ ହୋଇ ଶୁଣ ମୋହର ବଚନ ।୮୬।
ଯେ ବା ଭାଗ୍ୟେ ପୂର୍ବଜନ୍ମ ନାନା ତପ କରି ।
ନାନା ରୂପେ ଭୋଗ ଭୁଞ୍ଜେ ନାନା ଦେହ ଧରି ।୮୭।
ଚନ୍ଦ୍ର ଜ୍ୟୋତି ପାଟଛତ୍ର ଚାମର ସମେତେ ।
ନୃପ ସିଂହାସନେ ବସେ ବାଦ୍ୟନାଦ ଗୀତେ ।୮୮।
ସିନ୍ଦୁରେ ମଣ୍ଡିତ ଶିର ରାଜବୃନ୍ଦ ମେଳେ ।
ମନୋଗାମୀ ତୁରଙ୍ଗମ ଚତୁରଙ୍ଗ ବଳେ ।୮୯।
ଅନାଦି ବ୍ୟାଧି ଜୀବନେ ଜୟ ଶତସୀମା ।
ଉତ୍ତମ ସୁଜନେତାର ସୁଚିତ୍ର ମହିମା ।୯୦।
ଶୁଭରାଜ୍ୟେ ରାଜପଦ ଲଭେ ଅକଣ୍ଟକ ।
ରାଜ ଯଶ ଗୁଣେ ପୂରେ ରହ ପରଲୋକ ।୯୧।
ହରିହର ଚରଣେ ସେବଇ ନିତ୍ୟ ନିତ୍ୟ ।
ଦୁଃଖୀ ଜନଙ୍କରେ ଦୟା ବହେ ହୃଦଗତ ।୯୨।
ନିର୍ମଳ କଳୁଷ ଜ୍ଞାନ ନିତ୍ୟ ଯାର ଚିରେ ।
ସର୍ବଶାସ୍ତ୍ର ଅଭ୍ୟାସ କରଇ ଶୁକଚିରେ ।୯୩।
ରିପୁରାଜ ବର୍ଗ ଜୟ ସତ୍ୟଗୁଣେ ମାତି ।
କାରୁଣ୍ୟ ସଂପୂର୍ଣ୍ଣ ଦୃଷ୍ଟି ବାଣୀ ଶୁକାକୃତି ।୯୪।

ସର୍ବଦା ଯେ ନିଷ୍ଠେ ସଦଗୁରୁ ପାଦେ ଭକ୍ତି ।
ସର୍ବଦା ସୁଖ ଯେ ଜାତି ସଂଯୋଗରେ ଶକ୍ତି ।୯୫।
ଉପାସନା ମନ ଶୁଚି ନିର୍ଦ୍ଦୟ ବଚନ ।
ସଭାମଧ୍ୟେ ସୁପଣ୍ଡିତ ଅତି ବିଦ୍ୟମାନ । ।୯୬।
ପ୍ରଜାନ୍ତେ ତାରଣ ମଧ୍ୟେ ଅତି ବୀର ପଣ ।
ଇହ ପରଲୋକେ ହୁଏ ସୁଯଶ ସ୍ମରଣ ।୯୭।
ବନ୍ଧୁବର୍ଗେ ଧୀର ପଣେ ଅନୁବ୍ରତ ରହେ ।
ବାଣିଜ୍ୟେ ଚତୁର ଭାବ ବାକ୍ୟେ ମନ ମୋହେ । ।୯୮।
ଯୋଷିତ ପ୍ରୟୋଗ ମୃଦୁବଚନ ଭାଷିତ ।
ବ୍ରାହ୍ମଣ ବିଷୟେ ଚିତ୍ତେ ଭଜେ ସବିନୀତ ।୯୯।
ସ୍ୱଧର୍ମେ ଜୀବନ ପୋଷେ ନିଜ ବୃତ୍ତି ରହି ।
ବୃଦ୍ଧଙ୍କର ଭାବେ ସେ ସ୍ୱାତ୍ତ୍ୱିକେ ମନ ଦେଇ ।୧୦୦।
ଭାଗିରଥିତୀରେ ବାସ ସୁତୀର୍ଥେ ମରଣ ।
ଅର୍ଥୀ ଭୋକୀଗଣେ ମୁଖ୍ୟ ଅତିଥି ତୋଷଣ ।୧୦୧।
ବନ୍ଧୁଜନ ତୁଲେ ଭୋଗ କରେ ସମତୁଲେ ।
ଦାନଦକ୍ଷେ ବିବସ ଯାହାର ଯାଇ ଭଲେ ।୧୦୨।
ନିଜ ବିଦ୍ୟା ବ୍ୟସନେ ବର୍ତ୍ତଇ ନିରନ୍ତରେ ।
ନିତ୍ୟେ ସେବା କରେ ତାତ ଜନନୀ ପୟରେ ।୧୦୩।
ଯଶଧର୍ମ ନିରନ୍ତରେ ସଞ୍ଚେ ଧନ ପ୍ରାୟେ ।
ସ୍ୱର୍ଗ ଅପବର୍ଗ ବୃଦ୍ଧି ଅହଙ୍କାର ବହେ ।୧୦୪।
ନିତ୍ୟ ମିଳେ ସାଧୁସଙ୍ଗ ମାତ୍ର ସର୍ବ ଭୂତେ ।
ଇତିହାସ ପୁରାଣାଦି ଶୁଣେ ଶୁଦ୍ଧଚିତ୍ତେ ।୧୦୫।
ବିପଦର କାଳେ ଧୀରଚିତ୍ତ ହୋଇ ଦୃଢ଼େ ।
ସମ୍ପଦେ ଆଗମ ବୁଦ୍ଧି ବହେ ଧୀରଗାତ୍ରେ ।୧୦୬।
ବିଦ୍ୟାପଢି ଗଭୀର ସାଗର ପ୍ରାୟେ ରହେ ।
ପାତ୍ରେ ଦାନ ସମ୍ପଦେ ଉଦାସ ଭାବ ବହେ ।୧୦୭।

ଯଣ ଧର୍ମ ସଞ୍ଚିବାରେ ନିତ୍ୟ କରେ ମତି ।
ସ୍ୱର୍ଗମୋକ୍ଷ ଶୁଦ୍ଧଫଳ ସ୍ୱଭାବେ ଯେ କୀର୍ତ୍ତି ।୧୦୮।
ସାଧୁ ସଙ୍ଗମତେ ଦୃଢ଼ ନିତ୍ୟେ କରେ ଆଶା ।
ପିତୃ ମାତୃ ପ୍ରାୟେ ଜୀବ ଯେବେ କରେ ବାଞ୍ଛା ।୧୦୯।
ଇତିହାସ ବାଣୀ ଯେହୁ ପୁରାଣ ଶ୍ରବଣେ ।
ଉତ୍କଣ୍ଠା ସ୍ୱଭାବେ ନିତ୍ୟ ବହେ ଅନୁକ୍ଷଣେ ।୧୧୦।
ବିପଦ ଆଗମେ ଯେ ଆପଣେ ବଞ୍ଚେ ଦିନ ।
ସମ୍ପଦର କାଳେ ଭାଷେ ମଧୁର ବଚନ ।୧୧୧।
ଗଭୀର ବଚନ କହେ ବଚନ ବିକାଶେ ।
ଉତ୍ତମ ଉଦାର ବୁଦ୍ଧି ପ୍ରାୟେ ଉପଦେଶେ ।୧୧୨।
ଶମ ଦମ ମହତ ଯେ ଶରୀରେ ଧରଇ ।
ଏତେ ଗୁଣ ବହେ ଯାର ପୂର୍ବଭାଗ୍ୟ ଥାଇ ।୧୧୩।
ଏଣୁ ପୂର୍ବେ ତୋହର ମୋହର ତପ ନାହିଁ ।
ଏ ଜନ୍ମେ ଲୋଡ଼ିଲେ ପୁତ୍ର ପାଇବା ତା କାହିଁ ।୧୧୪।
ମାନ ଅପମାନ ଯେ ଫଳଇ କର୍ମ ବଳେ ।
ଏହାଜାଣି ପ୍ରାଣୀଚିର ନରହେ ନିଷ୍କଳେ ।୧୧୫।
ଆପଣା ଅର୍ଜିଲା କର୍ମ ଆପଣେ ଭୁଞ୍ଜଇ ।
ବିଧାତାର ବଳେ କର୍ମ ଅନ୍ୟଥା ନୁହଇ ।୧୧୬।
ଏଣୁ ତୁ ନ କରି ଶୋକ କର୍ମକୁ ଆଦର ।
ମୋହର ବଚନେ ପୁତ୍ର ଶୋକତୁ ସଂହର ।୧୧୭।
ଏମନ୍ତ ମାତାର ବାକ୍ୟ ସାବଧାନେ ଶୁଣି ।
ଧ୍ରୁବହିଂ ପଣ୍ଡିତ ବାକ୍ୟ ମନେ ମନେ ଗୁଣି ।୧୧୮।
ଜନନୀ ବଦନ ଚାହିଂ ବେନିକର ଯୋଡ଼ି ।
କହେ ସୁପ୍ରମୋଦ ବାକ୍ୟ ମାତାପାଦେ ପଡ଼ି ।୧୧୯।

ଧ୍ରୁବ ଉବାଚ

କହଇ ମଧୁର ବାଣୀ ଜନନୀ ଗୋ ଶୁଣ ।
ମୋତେ ତୁ ବାଳକ ପ୍ରାୟେ କେବେହେଁ ନମଣ ।୧୨୦।
ପବିତ୍ର ମନୁ ବଂଶରେ ଜନ୍ମ ଯେ ମୋହର ।
ଉତ୍ତାନ ପାଦର ବୀର୍ଯ୍ୟେ ତୋହର ଉଦର ।୧୨୧।
ତୁ ଯେ ବୋଲୁ ତପେ ସର୍ବ ସମ୍ପଦ କାରଣ ।
କହିବି ତୋହର ଆଗେ ସ୍ଥିରମନେ ଶୁଣ ।୧୨୨।
ସଂସାର ଦୁର୍ଲ୍ଲଭ ପଦ ଯେବା ତପେ ପାଇ ।
ନିଗମ ଦୁର୍ଗମ ବନେ ସାଧିବଇଂ ମୁହିଂ ।୧୨୩।
ଏକମାତ୍ର ଆଜ୍ଞା ମୋତେ ଦିଅ ଶୁଦ୍ଧ ଚିତ୍ତେ ।
ଆଶୀର୍ବାଦ ଦିଅ ତପ ସାଧର ଯେମନ୍ତେ ।୧୨୪।
ଏମନ୍ତେ ନିଷ୍ଠୁର ବାଣୀ ଶୁଣି ପୁତ୍ର ମୁଖେ ।
ସୁନୀତି କପୋଳେ କର ଦେଇ ମନ ଦୁଃଖେ ।୧୨୫।
ଏମନ୍ତ ଧ୍ରୁବର ବାଣୀ ଦୃଢ଼ ଶୁଣି ମାତା ।
ପୁତ୍ର ମୁଖ ଚାହିଁ ମନେକଲା ଗୁରୁଚିନ୍ତା ।୧୨୬।
ବୋଲଇ ମୋହର ଗର୍ଭଜାତ ଏ କୁମର ।
ରାଜାର ଆତ୍ମା ସମ୍ଭୂତେ ତେଜେ ପରଖର ।୧୨୭।
କ୍ଷତ୍ରିୟ ସ୍ୱଭାବେ ବହେ ଦୁର୍ଗମ ଚରିତ ।
ତପବଳ ଶ୍ରବଣେ ଦ୍ରବିଲା ଅନ୍ତର୍ଗତ ।୧୨୮।
ତେଜ ବିରାଜଇ ଦେହେ ତପନ ପରାୟେ ।
ଅବଶ୍ୟ ଗମିବ ତପେ ଜାଣିଲି ନିଶ୍ଚୟେ ।୧୨୯।
ଏ କେବେହେଁ ନରହିବ ମୋହର ବଚନେ ।
ନଜାଣି ମୁଁ ଉପଦେଶ କହିଲି ଅଜ୍ଞାନେ ।୧୩୦।

ଏହାର ସୁନ୍ଦର ମୁଖ ନ ଦେଖି ସମ୍ମୁଖେ ।
ନିମିଷ କୋଟିଏ ଯୁଗ ହୋଇବ ପ୍ରତ୍ୟକ୍ଷେ ।୧୩୧।
କି ବୁଦ୍ଧି ଉପାୟ କରି କେମନ୍ତେ ରଖିବି ।
ଦୁର୍ଗମ ସଙ୍କଟୁ ଏବେ କେମନ୍ତେ ବଞ୍ଚିବି ।୧୩୨।
ଏମନ୍ତ ବିଚାରି ସେ ପୁତ୍ରର ମୁଖ ଚାହିଁ ।
କହଇ ସୁନୀତି ମନେ ଦୁଃଖେ ଖେଦ ବହି ।୧୩୩।
ଶୁଣ ପୁତ୍ର ସାବଧାନେ ମୋହର ବଚନ ।
କେବଳ ଅଟୁ ତୁ ପୁତ୍ର ରାଜାର ନନ୍ଦନ ।୧୩୪।
ତୋତେ ଆଜ୍ଞା ଦେବାରେ ମୋହର ଶକ୍ତି ନାହିଁ ।
ତୁଚ ସପ୍ତ ବର୍ଷ ସୁକୁମାର ତୋର ଦେହୀ ।୧୩୫।
ତଥାପି କହିବି ଶୁଣ ସାବଧାନେ ଚିତ୍ତେ ।
ରାଜାର ଭୁବନେ ଅଛି ସପତ୍ନୀ ଆୟତ୍ତେ ।୧୩୬।
ତାର ବାକ୍ୟ ନିର୍ଘାତେ ମୋହର ଚିତ୍ତ ଦହେ ।
ଗିରିରୁ ସ୍ରବିଲା ପ୍ରାୟ ଅଶ୍ରୁଧାରା ବହେ ।୧୩୭।
ଏବେ ତୋର ବନଗତି ଶୁଣି ମୋରମନ ।
ଅଧିକେ ସ୍ରବଇ ଯେ ଲୋତକ ମୋ ନୟନ ।୧୩୮।
ନଦୀପ୍ରାୟ ବହେ ବାରୀ କେବେହେଁ ନରହେ ।
କହ ପୁତ୍ର ଏବେ ମୁଂ କି କରିବି ଉପାୟେ ।୧୩୯।
ସ୍ୱଭାବେ ମୁଂ ଏକପୁତ୍ରୀ ରାଜାର ଭବନେ ।
ପ୍ରାଣ ଦେହ ଧରି ତୋହର ଦରଶନେ ।୧୪୦।
ମୋହର ତୁ ଅନ୍ଧଯଷ୍ଟି ତୋର ପଛେ ଥାଇ ।
ବାଡ଼ିହସ୍ତୁ ଗଲେ ଅନ୍ଧ କେମନ୍ତେ ବଞ୍ଚଇ ।୧୪୧।
ପୁତ୍ରଜନ୍ମ ନୋହିଲା ମୋହର ମନେ ବ୍ୟଥା ।
ତୋର ପ୍ରାପ୍ତି ଅର୍ଥେ କେତେ ପୂଜିଲି ଦେବତା ।୧୪୨।
କୃଷ୍ଣ ଚନ୍ଦ୍ରାୟଣ ଉପାସିଣ ବ୍ରତ କଲି ।
ସେ ତପ ସାଧନ୍ତେ ପୁତ୍ର ତୋତେ ମୁଁ ପାଇଲି ।୧୪୩।

ତୋର ମୁଖ ଚନ୍ଦ୍ରୋଦୟ ଦେଖି ମୋର ମନ ।
ସମୁଦ୍ରେ ତରଙ୍ଗ ପ୍ରାୟେ ଉଲ୍ଲୋଳ ନୟନ ।୧୪୪।
ଆନନ୍ଦେ ପୟ ଯେ ପୁରେ ମୋର ବେନି ସ୍ତନ ।
ଗଳିତ ହୁଅଇ ଦେଖି ତୋହର ବଦନ ।୧୪୫।
ତୋର ମୁଖ ନ ଦେଖି ମୋହର ଅଙ୍ଗତାପେ
ତକ୍ଷଣେ ଶୀତଳ ହୋଏ ମିଳିଲେ ସମୀପେ ।୧୪୬।
ମୋହର ହୃଦରେ ତୁ ନିଦ୍ରିତ ସ୍ତନ୍ୟ ପାନେ ।
ବସ୍ତ୍ର ଆରୋହିତ ଦୁଗ୍ଧ ବୋଧିତ ବଦନେ ।୧୪୭।
ତୋହର ଶୀତଳ ବାକ୍ୟ କର୍ଣ୍ଣେ ଶୁଭେ ଯେବେ ।
ସପତ୍ନୀର ବାକ୍ୟତାପ ହୃଦରେ ନବାଧେ ।୧୪୮।
ବିଳମ୍ବ ତୋହର ନିଦ୍ରା ଦେଖି ମୋର ଚିତ୍ତ ।
ପଦ୍ମେ ଯେହ୍ନେ ଚାହିଁଥାଇ ସୂର୍ଯ୍ୟର ଉଦିତ ।୧୪୯।
ବାଳକଙ୍କ ସଙ୍ଗେ କ୍ରୀଡ଼ା କରିବାର ଅର୍ଥେ ।
ଗୃହରୁ ବାହାର ହୋଇ ମିଳୁ ଯେବେ ପଥେ ।୧୫୦।
ତୋହର ବିଳମ୍ବ ହୃଦେ ବେନି ସ୍ତନ ମୋର ।
ଉନ୍ମୁଖେ ଝରଇ ଯେହ୍ନେ ମେଘ ଜଳଧାର ।୧୫୧।
ତୁ ମୋର ତପସ୍ୟା ଅର୍ଥେ ଯେବେ ଯିବୁ ହଟେ ।
ମୋର ପଞ୍ଚପ୍ରାଣ ଯେ ମିଳିବ କଣ୍ଠତଟେ ।୧୫୨।
ଅଚି ଚାପେ ଚାପିବି ଯେ ତୋହର ଗମନେ ।
ଏମନ୍ତ କୁମର ମଣି ଜନନୀ ବଚନେ ।୧୫୩।
ବିଷ୍ଣୁର ପୟରେ ହୃଦେ କରି ନମସ୍କାର ।
ମଙ୍ଗଳ ମୁହୂର୍ତ୍ତେ ଧ୍ରୁବ ହୋଇଲା ବାହାର ।୧୫୪।
ଜନନୀର ମନ ଯେ ପୁତ୍ରର ପଛେ ଗଲା ।
ଚଳନ୍ତେ ରାଜାର ପୁରେ କେହି ନ ଦେଖିଲା ।୧୫୫।
ବାଳକେ ବାଳ ଆଦିତ୍ୟ ପ୍ରାୟ ପଥେ ଯାନ୍ତେ ।
ଅନୁକୂଳ ପବନ ବହିଲା ଅକସ୍ମାତେ ।୧୫୬।

ପବନେ ଚଳିତ ବନଲତା ତରୁଗଣ ।
ହସ୍ତ ପ୍ରସାରିଲା ପ୍ରାୟ କରନ୍ତି କଲ୍ୟାଣ ।୧୫୭।
କାନନେ ପଶିଲେ ଧ୍ରୁବ ଗୋବିନ୍ଦ ସୁମରି ।
ଜନନୀ ଚରଣ ବେନି ହୃଦଗତେ ଧରି ।୧୫୮।
ଭୂମିକି ଅନାଇ ଯେ ଅନେକ ଦୂର ଗଲା ।
ଗହନ କାନନ ରାଜପଥ ନ ବାଛିଲା ।୧୫୯।
ନ ଭକ୍ଷିଣ ତୃଷିତ ବାଧିତ ଦୁଃଖମନେ ।
ବୃକ୍ଷମୂଳେ ବସିଲା ଆଦିତ୍ୟ ଅବସାନେ ।୧୬୦।
ବାଳକ ଭାବଇ ମନେ ଦଶଦିଗ ଚାହିଁ ।
କାହାକୁ ପୁଛିବି ମୋର ସଙ୍ଗେ କେହି ନାହିଁ ।୧୬୧।
ବେନି ଚକ୍ଷୁ ବୁଜି ସେ କୃଷ୍ଣଙ୍କୁ ସୁମରଇ ।
ବନଜନ୍ତୁ ଭୟେ ଧ୍ରୁବ ପୁଣିହିଁ ଅନାଇ ।୧୬୨।
ଘର ପୂର୍ବତପବଳେ ସେ ଘୋର କାନନେ ।
ସାୟଂକାଳେ ସମୀପେ ମିଳିଲେ ମୁନିମାନେ ।୧୬୩।
ପର୍ବତ କାନନେ ଦ୍ରୁମଜଳ ଅଗ୍ନିପଥେ ।
ବାଳବୃଦ୍ଧ ବନିତା ଦୁର୍ବଳ ବ୍ୟାଧିଗ୍ରସ୍ତେ ।୧୬୪।
ପୂର୍ବ ଭାଗ୍ୟ ଥିଲେ ପ୍ରାଣୀ ଦୁସ୍ତରୁ ତରନ୍ତି ।
ଭାଗ୍ୟହୀନେ ଗୃହେ ଯତ୍ନ କରନ୍ତେ ମରନ୍ତି ।୧୬୫।
ଦେଖତାର ଭାଗ୍ୟବଳ ସପ୍ତ ଋଷି ଗଣେ ।
ସମୀପେ ମିଳିଲେ ଆସି ଭୟଙ୍କର ବନେ ।୧୬୬।
ରାଜାର କୁମର ଅବା କହ ବନବାସ ।
ଦୈବର ଘଟନ ଦେଖ ଧର୍ମର ବିଶ୍ୱାସ ।୧୬୭।
ଏଣୁ ନିଜ କର୍ମକୁ କରିବ ନମସ୍କାର ।
ଯାହାର ଉପରେ ନାହିଁ ପ୍ରଭୁ ଅଧିକାର ।୧୬୮।

ଯାହାର ସେ ଶୁଭାଶୁଭ ପୁଣ୍ୟବଳ ଥାଇ ।
ମନେ ନ କଳ୍ପିଲେ ଅକସ୍ମାତେ ସେ ମିଳଇ ।୧୬୯।
ଭବିଷ୍ୟତେ ରଜ୍ଜୁବନ୍ଧେ କରି ଆକର୍ଷଣ ।
ନାନାସ୍ଥାନେ କରୁଥାଇ ଭବିଷ୍ୟ କାରଣ ।୧୭୦।
ଶରୀର ସମ୍ପଦ ଚିତ୍ତ ବିବିଧ ଚେଷ୍ଟିତ ।
ତେଜୋବଳ ଉଦ୍ୟମ ସେ ସାହାଯ୍ୟ ପ୍ରମଥ ।୧୭୧।
ପୁଣ୍ୟବଳ ଥିଲେ ସେ ସମସ୍ତ ଫଳ ପାଇ ।
ପୂର୍ବେ ନ ଅର୍ଜିଲେ ଲାଭ ନ ପାଇବି କାହିଁ ।୧୭୨।
ଚକ୍ଷୁମେଲି ଚାହାନ୍ତେ ଦେଖିଲା ମୁନିଗଣ ।
ତେଜ ବିରାଜଇ ଯେହ୍ନେ ସୂର୍ଯ୍ୟର କିରଣ ।୧୭୩।
ଭାଗ୍ୟଜାତ ଆକ୍ରୋଶେ ମିଳିଲେ ସର୍ବମୁନି ।
ଲଲାଟେ ତିଳକ ଦଣ୍ଡପ୍ରଭା କରେ ଘେନି ।୧୭୪।
କୃଷ୍ଣାଜିନ ପରିଧାନ ପବିତ୍ର ଉତ୍ତରୀ ।
ଉନ୍ମିଳ ଲୋଚନେ ଅକ୍ଷସୂତ୍ର ଦଣ୍ଡଧାରୀ ।୧୭୫।
ଅକସ୍ମାତେ ମିଳିଲେ ଅଗାଧ କ୍ଷୀରନିଧି ।
ଆବିଧାତା ଜାଣି ଜ୍ଞାନ ଗୁଣେ ଯେ ପ୍ରସିଦ୍ଧି ।୧୭୬।
ଅମୃତ ବଚନ କି ବଦନେ ବରଷନ୍ତି ।
କ୍ଷୀରନିଧି ମଧ୍ୟେ ହଂସ ପ୍ରାୟ ସେ ଦିଶନ୍ତି ।୧୭୭।
ଏମନ୍ତ ମୁନିଙ୍କି ଧ୍ରୁବ ସନ୍ନିଧିରେ ଦେଖି ।
ସଂଭ୍ରମ ଚିତ୍ତେ ଉଠିଲା ଆସନ ଉପେକ୍ଷି ।୧୭୮।
କପାଳେ କର ସଂପୁଟ ଦେଇ ଦ୍ରୁତଗମନେ ।
ମୁନିଙ୍କି ପ୍ରଣାମ କଲା ହରଷ ବଦନେ ।୧୭୯।
ଆନନ୍ଦେ ମୁନିଙ୍କ ପାଦେ ଧ୍ରୁବ କରଯୋଡ଼ି ।
କହଇ କୋମଳ ବାଣୀ ବିନୟେ ଆଦରୀ ।୧୮୦।

ଉତ୍ତାନପାଦ ବୀର୍ଯ୍ୟରେ ସୁନୀତି ଉଦରେ ।
ଶରୀର ବହିଲି ମୁହିଁ ଏ ଘୋର ସଂସାରେ ।୧୮୧।
ଧ୍ରୁବ ନାମ ବୋଲାଇ ଅଧ୍ରୁବ ନାମ ମୋର ।
ନିର୍ମଳ ମାନସେ ମୁହିଁ ମନ୍ଦିରୁ ବାହାର ।୧୮୨।
ଅନାଥ ହୋଇ ମିଳିଲି ଏ ଘୋର କାନନେ ।
ସନାଥ ହୋଇଲି ଏବେ ତୁମ୍ଭ ଦରଶନେ ।୧୮୩।
ନିରାଶ ଶରୀରେ ମୋର ଏଣେ କାର୍ଯ୍ୟ ନାହିଂ ।
ବଞ୍ଚିତ ହୋଇଲି ନୃପ ସିଂହାସନେ ମୁହିଂ ।୧୮୪।
ପୂର୍ବେ କୋଟିଜନ୍ମେ ମୁଁ ନକଲି ତପରାଶି ।
ଏବେ କଲି ଚିର ନୃପ ସିଂହାସନେ ବସି ।୧୮୫।
ଏଣୁ ମୁଁ ନିରାଶ ଚିତ୍ତେ ପଶିଲି ବନସ୍ତେ ।
ସ୍ଥିରଭାବେ ମନ ମୋ ନରହେ ଅନ୍ତର୍ଗତେ ।୧୮୬।
ଏମନ୍ତ ଧ୍ରୁବର ବାଣୀ ଶୁଣି ମୁନିଗଣେ ।
ତାର ମୁଖ ଚାହିଁ ସେ କହନ୍ତି ଜଣେ ଜଣେ ।୧୮୭।
ସ୍ୱଭାବେ ମଧୁରାକୃତି ଦେଖି ତା ବଦନ ।
ସୁଧାରୁ ଅଧିକ କହେ ମଧୁର ବଚନ ।୧୮୮।
ଅତି ଦୟାଚିତ୍ତରେ ବସି ଧ୍ରୁବର ସମୀପେ ।
ଦୟାଚିତ୍ତେ ମୁନିଏ ବୋଲନ୍ତି ଏକେ ଏକେ ।୧୮୯।

ଋଷିରୁବାଚ

ଆହେ ବାଳ ବିଶାଳାକ୍ଷ ମହାରାଜା ସୁତ ।
ବିଚାରି ନ ପାରିଲୁ ତୋହର ଅନ୍ତର୍ଗତ ।୧୯୦।
ନିବେଦନ କାରଣ ଆମ୍ଭର ଆଗେ କହ ।
ତୋର ବାକ୍ୟେ ଆମ୍ଭଙ୍କୁ ହିଂ ଲାଗିଲା ସନ୍ଦେହ ।୧୯୧।

ସ୍ୱଭାବେ ବାଳକ ତୋର ଅର୍ଥ ଚିନ୍ତା ନାହିଁ ।
ରାଜପୁରେ ଜନନୀର ସଙ୍ଗେ ଥାଉ ତୁହି ।୧୯୨।
ଆଧିବ୍ୟାଧି ନ ଦେଖୁତ ତୋହର ଶରୀରେ ।
ନିର୍ବେଦ୍ୟ କାରଣ କହ ଆମ୍ଭର ଆଗରେ ।୧୯୩।
ଯୁବାକାଳେ ରୋଗ ଯେବେ ନ ପାଆନ୍ତି ନରେ ।
ସ୍ୱଭାବେ ବୈରାଗ୍ୟ ଜନ୍ମ ହୁଅଇ ଶରୀରେ ।୧୯୪।
ସପ୍ତଦ୍ୱୀପ ମଧରେ ତୁ କୁମର ସ୍ୱଭାବେ ।
ନି କାରଣେ କାନନେ ପଶିଲୁ ବାଳଭାବେ ।୧୯୫।
ଯୁବା ନୋହୁ ବୃଦ୍ଧ ନୋହୁ ବ୍ୟାଧି ଦେହେ ନାହିଁ ।
ବାଳକାଳେ ଅରଣ୍ୟେ ପଶିଲୁ କାହିଁ ପାଂଇ ।୧୯୬।
ଏମନ୍ତ ପ୍ରକାରେ ଶୁଣି ମୁନିଙ୍କ ବଚନ ।
ଗଦଗଦେ ବାକ୍ୟେ କହେ ନୃପତି ନନ୍ଦନ ।୧୯୭।
ଶୁଣହେ ସକଳ ବ୍ରହ୍ମମୁନିଗଣ ଧିରେ ।
ନିର୍ବେଦ୍ୟ କାରଣ କହେ ତୁମ୍ଭର ଛାମୁରେ ।୧୯୮।
ରାଜସେବା ଅର୍ଥେ ମୋତେ ଜନନୀ ପେଷିଲା ।
ମୋର ଧାତ୍ରୀ ପିତା ଆଗେ ନେଇ ବସାଇଲା ।୧୯୯।
ପିତାଙ୍କ ଚରଣେ ମୁହିଂ ନମସ୍କାର କରି ।
ଉଭା ହେଇଅଛି ମୁଂ ଧାତ୍ରି ବସ୍ତ୍ର ଧରି ।୨୦୦।
ମୋର ଭାଇ ଉତ୍ତମକୁ ଦେଖି ପିତା କୋଳେ ।
ମୁହିଂ ବସିବାକୁ ଯାଇ ଧରିଲି ଅଞ୍ଚଳେ ।୨୦୧।
ତାହା ଦେଖିଣ ସୁରୁଚି ମୋ ମାତା ସପତ୍ନୀ ।
ଅନେକ ଭର୍ତ୍ସନା କଲା ସଉତୁଣୀ ଘେନି ।୨୦୨।
ଆପଣା ପୁତ୍ରକୁ କଲା ଉତ୍ତମ ସ୍ୱଭାବେ ।
ଅନେକ ନିନ୍ଦିଲା ମୋତେ ନିନ୍ଦିତ ପ୍ରସ୍ତାବେ ।୨୦୩।
ଅଭାଗିନୀ ଗର୍ଭେ ହେଲା ଜନମ ତୋହର ।
ଦେଖ ଅତି ଭାଗ୍ୟ ବନ୍ତ ମୋହର କୁମର ।୨୦୪।

ଏ ଗର୍ଭେ ଜନ୍ମିଲେ ନୃପ ସିଂହାସନ ପାଇ ।
ମୋର ଗର୍ଭେ କିମ୍ପା ଜନ୍ମ ନ ଲଭିଲୁ ତୁହି ।୨୦୫।
ତୋହର ମାତାର ପୂର୍ବେ କିଛି ପୁଣ୍ୟ ନାହିଁ ।
ସେ ଗର୍ଭେ ଜନ୍ମିଲେ ସୁଖ ଲଭିବୁ ତୁ କାହିଁ ।୨୦୬।
ଦୁର୍ଭାଗୀର ପୁତ୍ରହୋଇ ନୃପ ସିଂହାସନେ ।
ତୋର ପୁଣ୍ୟନାହିଁ ଏବେ ବସିବୁ କେସନେ ।୨୦୭।
ଏମନ୍ତ ପ୍ରକାରେ ମୋର ମାତା ନିନ୍ଦା କଲା ।
ଧିକ ଧିକ ଜନ୍ମ ବୋଲି ବହୁ ଝିଙ୍ଗାସିଲା ।୨୦୮।
ମୁଁ କାନ୍ଦି କହିଲି ନିଜ ଜନନୀ ଅଗ୍ରତେ ।
ତପ କରିବାକୁ ମାତା ଆଜ୍ଞାଦେଲେ ମୋତେ ।୨୦୯।
ବୋଇଲେ ସଂସାରେ ସାର ତପସ୍ୟା କରିଣ ।
ଉଚ୍ଚନୀଚ ମଧ୍ୟେ ଦେଖ ସଂସାର ଧାରଣ ।୨୧୦।
ନୃପ ସିଂହାସନେ ଯେବେ ବାଞ୍ଛା ଅଛି ତୋର ।
ଏବେ ନରଦେହେ ପୁତ୍ର ତପ ସିଦ୍ଧି କର ।୨୧୧।
ଏମନ୍ତ ଜନନୀ ମୁଖୁଁ ଉପଦେଶ ପାଇ ।
ତପସଧେ ଘୋରବନେ ପ୍ରବେଶ ହେଲଇଂ ।୨୧୨।
ନିବେଦନ କାରଣ କହିଲି ତୁମ୍ଭ ଆଗେ ।
ପଶିବନେ ଭାଳଇ ମୁଁ ବାଳକ ସ୍ୱଭାବେ ।୨୧୩।
ଏମନ୍ତ ଧ୍ରୁବର ବାକ୍ୟ ମୁନିଗଣେ ଶୁଣି ।
ଅନ୍ୟୋନ୍ୟରେ ଚାହିଁ ସେ କହନ୍ତି ମନେ ଘୃଣି ।୨୧୪।
ଦେଖ ଏ କ୍ଷେତ୍ରିୟ ତେଜ ସଂସାରେ ଦୁସ୍ତର ।
ପୁଣି ଧ୍ରୁବ ମୁଖ ଚାହିଁ କହନ୍ତି ମଧୁର ।୨୧୫।
ଆମ୍ଭର କି ସାଧ କର୍ମ ତୋର ଉପକାର ।
ନିର୍ଣ୍ଣୟ କରିଣ କହ ଆମ୍ଭର ଆଗର ।୨୧୬।

ତୋର ମନୋରଥ ଆମ୍ଭେ ଜାଣିବୁ କେମନ୍ତେ ।
ଭ୍ରାନ୍ତି ଛାଡ଼ିକରି କହ ଆମ୍ଭର ଅଗ୍ରତେ ।୨୧୭।
ଶୁଣିବା ଭୋ ମୁନିଜନେ ମୋର ମନୋରଥ ।
ପିତାର ଦୁର୍ଲ୍ଲଭ ପୁତ୍ର ଉତ୍ତମ ମୋ ଭ୍ରାତ ।୨୧୮।
ପିତାର ସମୀପେ ବସେ ନୃପସିଂହାସନେ
ତାହାକୁ ମୋହର କିଛି ଆନ ନାହିଁ ମନେ ।୨୧୯।
ତୁମ୍ଭେ ମୋତେ ସାହା ହୁଅ ଏ ଘୋର କାନନେ ।
ଉପଦେଶ କହ ମୁନି ନିସ୍ତରେ ଯେସନେ ।୨୨୦।
ଶରୀର ବାଳକ ମୋର ବୁଦ୍ଧିବାଳ ନୁହେଁ ।
କହିଲି ତୁ ମ୍ଭର ଆଗେ ଚିତ୍ତର ନିର୍ଣ୍ଣୟେ ।୨୨୧।
ମୋର ମନ କହେ ତୁମ୍ଭେ ଶୁଣ ମୁନିଗଣେ ।
ଯେବେ ଅହଙ୍କାରେ ମୁଁ ପଶିଲି ଘୋର ବନେ ।୨୨୨।
ଯେ ସ୍ଥାନକୁ ପୂର୍ବେ ତପେ କେହି ଲଭି ନାହିଁ ।
ଇନ୍ଦ୍ର ଆଦି ଦେବତାଙ୍କ ଗୋଚର ନୁହଁଇ ।୨୨୩।
ତ୍ରିଲୋକ ଉପରେ ସର୍ବ ବନ୍ଦିତ ଯେ ସ୍ଥାନ ।
ତହିଁ ବସିବି ନିଷ୍ଚିନ୍ତେ କଳ୍ପଇ ମୋ ମନ ।୨୨୪।
ମୋର ପିତୃପିତାମହ ଯାହା ନ ପାଇଲେ ।
କଳ୍ପ କଳ୍ପାନ୍ତରେ ଯାହା ନ ପାଇବେ ଭଲେ ।୨୨୫।
ସେ ଭୁବନେ ଯେଉଁଭାବେ ବସିବଇଁ ମୁହିଁ ।
ତହିଂର ଉପାୟ ମୋତେ କହ ଭାବବହି ।୨୨୬।
ଧନ ରାଜ୍ୟଭୋଗ ମୋର ପ୍ରୟୋଜନ ନାହିଂ ।
ଏତେ କହି ମୁନିଙ୍କ ଚରଣେ ପ୍ରଣମଇଁ ।୨୨୭।
ଧ୍ରୁବର ବଚନ ଶୁଣି ସର୍ବ ମୁନିଗଣେ ।
ଅନ୍ୟୋନ୍ୟରେ ମିଳି ସେ କହନ୍ତି ତୋଷମନେ ।୨୨୮।

ମରୀଚିରୁବାଚ

ଶୁଣ ହୋ ନୃପନନ୍ଦନ କହୁଁତୋର ଆଗେ ।
ଯେ ସର୍ବଦେବ ପୁରାଣ ଶାସ୍ତ୍ର ଅନୁଭବେ ।୨୨୯।
ବିଷ୍ଣୁର ଚରଣେ ସେବା ଯେ କରେ ନିଶ୍ଚୟେଁ ।
ଇହ ପରଲୋକେ ସେ ବାଞ୍ଛିତ ଫଳ ପାଏ ।୨୩୦।
ଅନ୍ୟ ଦେବଙ୍କର ବର ଅନୁଭବେ ସ୍ବରେ ।
ବିଷ୍ଣୁର ପ୍ରସନ୍ନେ ଭୋଗ ଭୁଞ୍ଜେ ନିରନ୍ତରେ ।୨୩୧।

ଅତ୍ରିରୁବାଚ

ଅତ୍ରିକହେ ଶୁଣବାବୁ ସୁନୀତିକୁମର ।
ନାରାୟଣ ସନ୍ତୋଷେ ନିର୍ମଳ ତପକର ।୨୩୨।
ସେ ପରମ ପୁରୁଷ ଯାହାକୁ ତୋଷ ହୋଇ ।
ମନର ବାଞ୍ଛାରୁ ସେ ଅଧିକେ ଫଳ ପାଇ ।୨୩୩।
ଅକ୍ଷୟ ସ୍ଥାନରେ ତୁହୋ ପାଅ ଅଧିକାର ।
ବିଘ୍ନକରି ନ ପାରନ୍ତି ଶିବ ସିଦ୍ଧ ସୁର ।୨୩୪।
ଏ ସତ୍ୟ ବଚନ ମୋର କର ହରି ଧ୍ୟାନ ।
ଅଳ୍ପଦିନେ ଲଭିବୁ ଅକ୍ଷୟ ଦିବ୍ୟସ୍ଥାନ ।୨୩୫।

ଅଙ୍ଗିରା ଉବାଚ

ଅଙ୍ଗିରା କହନ୍ତି ଶୁଣ ନୃପତି କୁମର ।
ଭାବେଣ ଗୋବିନ୍ଦଙ୍କ ଚରଣେ ଆଶ୍ରେକର ।୨୩୬।
ବିଶ୍ବ ବାହ୍ୟାଭ୍ୟନ୍ତରେ ଯାହାର ନିବାସ ।
ଆତ୍ମା ରୂପେ ସର୍ବଭୂତେ ଯାହାର ଆବାସ ।୨୩୭।

ଅଗ୍ରସ୍ଥାନେ ବସିବାକୁ ଇଚ୍ଛା ଯେବେ ତୋର ।
ସର୍ବଭାବେ ବିଷ୍ଣୁର ଚରଣେ ଆଶ୍ରେ କର ।୨୩୮।

ପୁଲହ ଉବାଚ

ପରଂବ୍ରହ୍ମ ପରଂ ଧାମପରାପର ନାହିଁ ।
ବିଶ୍ୱ ବାହ୍ୟ ଅଭ୍ୟନ୍ତରେ ଯାର ବିଶ୍ୱଦେହୀ ।୨୩୯।
ସେ ହରି ଚରଣେ ଆଶ୍ରେକର ଦୃଢ ଚିତ୍ତେ ।
ତ୍ରୈଲୋକ୍ୟ ଦୁର୍ଲ୍ଲଭ ସ୍ଥାନ ଲଭିବୁ ଯେମନ୍ତେ ।୨୪୦।

କ୍ରତୁରୁବାଚ

କ୍ରତୁକହେ ଶୁଣ ବୀର ମୋହର ବଚନ ।
ଯେ ଯଜ୍ଞ ପୁରୁଷ ଭୁଞ୍ଜେ ଏ ତିନି ଭୁବନ ।୨୪୧।
ଯାହାର ପ୍ରସନ୍ନେ ଯେ ଦୁର୍ଲ୍ଲଭ ଲଭେ ପ୍ରାଣୀ ।
ମୁଁ ଏହା ଜାଣଇ ସର୍ବଶାସ୍ତ୍ର ପରିମାଣି ।୨୪୨।

ପୌଲସ୍ତ୍ୟ ଉବାଚ

ପୌଲସ୍ତ୍ୟ କହନ୍ତି ଶୁଣ ଧ୍ରୁବ ଏକ ଚିତ୍ତେ ।
ଇନ୍ଦ୍ରାଦି ଦୁର୍ଲ୍ଲଭ ସ୍ଥାନ ଲଭିବୁ ଯେମନ୍ତେ ।୨୪୩।
ଘୋର ତପେ ବିଷ୍ଣୁର ଚରଣେ ଆଶ୍ରେକର ।
ଦୁର୍ଲ୍ଲଭ ଆସନେ ବସି ଭୁଞ୍ଜ ଭୋଗ ସାର ।୨୪୪।

ବଶିଷ୍ଠ ଉବାଚ

ବଶିଷ୍ଠ କହନ୍ତି ଶୁଣ ନୃପତି ନନ୍ଦନ ।
ତପୋବଳେ ବାସୁଦେବେ କର ଦୃଢ଼ ଧ୍ୟାନ । ।୨୪୫।
ପରମ କୈବଲ୍ୟ ଦାତା ପ୍ରଭୁ ଚକ୍ରଧର ।
ତାହାର ପ୍ରସନ୍ନେ କି ଦୁର୍ଲ୍ଲଭ ଆଗୋଚର ।୨୪୬।

ଧ୍ରୁବ ଉବାଚ

ଶୁଣି ବେନିକର ଧ୍ରୁବ ଶିରେ ଦେଇ ତୋଷେ ।
ପୁନଃ ପୁନଃ ପ୍ରଣମିଲା ଭକ୍ତିର ବିଶ୍ୱାସେ ।୨୪୭।
ତୁମ୍ଭ ଉପଦେଶେ ଯେବେ ହରିଙ୍କୁ ଭଜିବି ।
ଉପାୟ କହିବା ମୋତେ କେମନ୍ତେ ପାଇବି ।୨୪୮।
ସାଂଖ୍ୟଯୋଗେ କିବା ଜପତପ ମନ୍ତ୍ରଧାନେ ।
ପ୍ରାଣାୟାମ ବଳେ କିବା ନିଶ୍ଚଳ ଆସନେ ।୨୪୯।
ଯେମନ୍ତେ ପାଇବି ଅଳ୍ପଦିନେ ତପକରି ।
ସ୍ୱଭାବେ ବାଳକ ମୁହିଁ ଦୁଃଖି ବ୍ରହ୍ମଚାରୀ ।୨୫୦।
ଯେ ଆରାଧନେ ଲଭିବି ହରିଙ୍କ ଚରଣ ।
ପ୍ରସନ୍ନ ବଦନେ ମୋତେ କହ ମୁନିଗଣ ।୨୫୧।
ଋଷି ଗଣ ଏମନ୍ତ ବାଳକ ବାକ୍ୟ ଶୁଣି ।
ସପ୍ତ ଋଷି ଗଣେ ଏକ ଚିତ୍ତେ ପରିମାଣି ।୨୫୨।

ଋଷୟ ଊଚୁଃ

କହନ୍ତି ହେ ଧ୍ରୁବ ଶୁଣ ନିର୍ବାଣ ପ୍ରକାର ।
ଯେଉଁ ଆରାଧନେ ଭବୁଁ ନିସ୍ତରନ୍ତି ନର ।୨୫୩।
ପ୍ରତ୍ୟାହାର ବିଷୟ ବଳେ ସେ ଇନ୍ଦ୍ରିୟ ଗଣ ।
ବାହାର ଭିତର ମନେ କରନ୍ତି ଗମନ ।୨୫୪।

ଇନ୍ଦ୍ରିଙ୍କ ବିଷୟ ମନ ନିଶ୍ଚଳେ ନିରୋଧି ।
ଗୁରୁବାକ୍ୟ ସାଧନ ବିଧାନ ଏ ପ୍ରସିଦ୍ଧି ।୨୫୫।
ଜାଗ୍ରତ ସ୍ୱପ୍ନ ମଧ୍ୟେ ତୁରୀୟ ଭୂମି ସ୍ଥାନେ ।
ପଞ୍ଚପ୍ରାଣ ନିରୋଧନ କର ଚକ୍ରସ୍ଥାନେ ।୨୫୬।
ବାହ୍ୟ ଅନ୍ତେ ଜଳଘଟେ ଗଗନ ଯେସନେ ।
ସେହିଭାବେ ସର୍ବଘଟେ ଦେଖି ଦିବ୍ୟଜ୍ଞାନେ ।୨୫୭।
ନାଭିଚକ୍ର ଉର୍ଦ୍ଧ୍ୱେ ଦେଖ ଦଶହିଁ ଅଙ୍ଗୁଳେ ।
ପୀତବର୍ଣ୍ଣ ପ୍ରାୟେ ଦିଶେ ହୃଦୟ କମଳେ ।୨୫୮।
ଦ୍ୱାଦଶ ପାଖୁଡ଼ା ମଧ୍ୟେ ଷଡ଼ ଯେ କେଶର ।
ଅଗ୍ନିଚନ୍ଦ୍ର ସୂର୍ଯ୍ୟ ଦିଶେ ମଣ୍ଡଳ ଆକାର ।୨୫୯।
ତାରମଧ୍ୟେ ଧ୍ୟାନକରି ଚିନ୍ତଦିବ୍ୟ ରୂପ ।
ସର୍ବ ଭୂତାଶ୍ରୟ ଯେ ପୁରୁଷୋତ୍ତମ ଜନ୍ତ ।୨୬୦।
ସେହି ସ୍ଥାନେ ବସତୁ ଆସନ ଦୃଢ଼ କରି ।
ନାରାୟଣ ମନ୍ତ୍ର ଯେ ଜପତୁ ହୃଦେ ଧରି ।୨୬୧।
ଏହି ମନ୍ତ୍ର ପୂର୍ବେ ଜପି ସ୍ୱାୟମ୍ଭୂବ ମନୁ ।
ସୃଷ୍ଟି ହେତୁ ସାଧକଲା ବ୍ରହ୍ମା ନିଜ ତନୁ ।୨୬୨।
ସାଧୁଜନେ ଏହିଭାବେ କର ଦୃଢ଼ଚିତ୍ତ ।
ସଂସାର ନିସ୍ତାରେ କହେ ବିପ୍ର ଜଗନ୍ନାଥ ।୨୬୩।

ଇତି ଶ୍ରୀ ମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ଚତୁର୍ଥ ସ୍କନ୍ଧେ ଧ୍ରୁବ
ଚରିତେ ନାମ ପ୍ରଥମୋ ଧ୍ୟାୟଃ ।

ଦ୍ୱିତୀୟ ଅଧ୍ୟାୟ

ସୂତ ଉବାଚ

ଘୋର ବନେ ରାତ୍ରକାଳେ ଯାନ୍ତି ମୁନିଜନେ ।
ଅନ୍ତରୀକ୍ଷ ବାଣୀ ତାଙ୍କୁ ଶୁଭିଲା ଗଗନେ ।୧।
ମଧୁବନ କାଳିନ୍ଦୀ ଦକ୍ଷିଣ ତଟେ ରହି ।
ନିଶ୍ଚଳ ଆସନେ ତପ ସାଧକର ତୁହି ।୨।
ଅନ୍ତରୀକ୍ଷ ବଚନ ଶୁଣିଲା ଯହୁଁ ଚିତ୍ତେ ।
ତକ୍ଷଣେ ନମିଲା ସେ ମୁନିଙ୍କ ପାଦଗତେ ।୩।
କୃତ୍ୟ କୃତ୍ୟ ହୋଇ ଯେ ବାଳକ ଅରକ୍ଷିତ ।
ସେ ବନୁ ଚଳିଲା ଦୃଢଚିତ୍ତେ ଦୂର ପଥ ।୪।
ମନ ସଙ୍ଗବଳେ ଯେ ଯମୁନା ତଟେ ଯାଇ ।
ଅନ୍ତରୀକ୍ଷ ବାଣୀ ଚିନ୍ତେ ଗଗନକୁ ଚାହିଁ ।୫।
ମଧୁନାମେ ଦୈତ୍ୟ ଆଧିଷ୍ଠିତ ପୂର୍ବେ ଥିଲା ।
ସେ କାରଣୁ ମଧୁବନ ନାମ ସେ ପାଇଲା ।୬।
ବିଷ୍ଣୁସମ ଧାମ ସେ ବୋଲାଇ ଯୁଗେ ଯୁଗେ ।
ତାର ପୁତ୍ର ଲବଣ ଯେ ଥିଲା ବନ ଭାଗେ ।୭।
ଶତ୍ରୁଘ୍ନ ରୂପେ ତାକୁ ମାରି ଚକ୍ରଧର ।
ଗ୍ରାମ ବସାଇଲେ ନାମ ମଥୁରା ନଗର ।୮।
ସର୍ବପାପ ହରଇ ଯମୁନା ଜଳେ ଯହିଁ ।
ତାର ତୀରେ ବସିଲା ନିଷ୍ଠରେ ଧ୍ରୁବ ଯାଇ ।୯।
ମୁନିଙ୍କର ଉପଦେଶ ସ୍ମରେ ନିଷ୍ଠରେ ।
ଯମୁନାର ତୀରେ ସେ କଦମ୍ବ ତରୁ ତଳେ ।୧୦।

ନିଶ୍ଚଳ ଆସନେ ବସି ପ୍ରତ୍ୟାହାର କଲା ।
ହରି ଅନୁଗ୍ରହେ ମନ ନିଶ୍ଚଳେ ରହିଲା ।୧୧।
ଅଶେଷ ଦେବ ଈଶ୍ୱର ବିଷ୍ଣୁ ତା ହୃଦୟେ ।
ପ୍ରକାଶ ହୋଇଲେ ପୂର୍ବେ ଭାଗ୍ୟର ଉଦୟେ ।୧୨।
ସର୍ବଭୂତ ଦେହେ ବସେ ଆକାଶରେ ପ୍ରାୟେ ।
ସର୍ବଗତେ ସର୍ବଭାବେ ସର୍ବ ଜୀବ ମୟେ ।୧୩।
ଦ୍ୱାଦଶ ଅକ୍ଷର ମନ୍ତ୍ର ହୃଦରେ ସୁମରି ।
ବିଷ୍ଣୁର ଚରଣେ ଚିତ୍ତ ଅତି ଦୃଢ଼େଧରି ।୧୪।
ମନେ ବିଚାରିଲା ଏ ଆସନେ କାର୍ଯ୍ୟନାହିଁ ।
ଉର୍ଦ୍ଧମୁଖେ ଉର୍ଦ୍ଧ୍ୱବାହୁ ତପ ସାଧିବଇଂ ।୧୫।
ଏମନ୍ତ ବିଚାରି ସେ ଆସନୁ ଉତୁରିଲା ।
ଦକ୍ଷିଣ ଚରଣ ସେ ମେଦିନୀପୃଷ୍ଠେ ଦେଲା ।୧୬।
ସମସ୍ତ ଧରିତ୍ରୀ କମ୍ପେ ଧ୍ରୁବ ପାଦଭରେ ।
ବନଗିରି ଜଳଧି ସହିତେ ଯା ଶରୀରେ ।୧୭।
ବାମପାଦଭରେ ଉର୍ଦ୍ଧ୍ୱେ ନମିଲା ଧରଣୀ ।
ପୁଣି ଧ୍ରୁବ ଦ୍ୱିତୀୟ ଚରଣ ସ୍ଥାପେ ଆଣି ।୧୮।
ବାମପଦ ଅଙ୍ଗୁଷ୍ଠି ଅଗ୍ରରେ ଭାର ଦେଇ ।
କାମ ଜାନୁ ଉପରେ ଦକ୍ଷିଣ ପାଦ ଥୋଇ ।୧୯।
ପାଦ ଅଙ୍ଗୁଷ୍ଠିରେ ଧ୍ରୁବ ନିଶ୍ଚଳେ ରହିଲା ।
ଧ୍ରୁବର ଚରଣ ଭାରେ ଅବନୀ କମ୍ପିଲା ।୨୦।
ପର୍ବତ ଆଦି ଯେ ବନ ଜଳଧି ସହିତେ ।
କମ୍ପଇ ଧରଣୀ ରମ୍ଭା ବୃକ୍ଷ ଯେହ୍ନେ ବାତେ ।୨୧।
ଦଶଦିଗ କମ୍ପିଲା କମ୍ପିଲେ ଦିଗପାଳେ ।
ବିଚାରିଲେ ଧ୍ରୁବର ତପସ୍ୟା ଭଙ୍ଗଫଳେ ।୨୨।

ତେବେ ନିଜ ଅଧିକାରେ ରହିବା ସକଳେ ।
ଯଦ୍ୟପି ଏହାର ତପ ରହିବ ନିଶ୍ଚଳେ ।୨୩।
ଚତୁର୍ଦ୍ଦଶ ଲୋକଯହିଁ ଏହାରେ କମ୍ପିଲେ ।
ଧ୍ରୁବ ତପ ଭଗ୍ନ ଯିବ କି ଉପାୟ କଲେ ।୨୪।
ମହାଘୋର ତପକରୁ ସୁନୀତିର ବାଳେ ।
ଦେବଙ୍କର ମାନସ କମ୍ପିଲା ଅନ୍ତରାଳେ ।୨୫।
ଯମଆଦି ଦେବଗଣେ ପରମ ଆକୁଳେ ।
ଇନ୍ଦ୍ରର ସଂଗତେ ବସି ଭାଳିଲେ ସକଳେ ।୨୬।
ଏମନ୍ତ ବିଚାରି ଦେବ ରହିଲେ ଚକିତେ ।
ଧ୍ରୁବର ନିଶ୍ଚଳ ତପ ବିଷ୍ଣୁ ପାଦଗତେ ।୨୭।
ପରଂବ୍ରହ୍ମ ଅନାମୟ ବାସୁଦେବ ଯନ୍ତ୍ରେ ।
ଆଗମ ନିଗମ ପଥ ଯଥା ତନ୍ତ୍ର ମନ୍ତ୍ରେ ।୨୮।
ବାସୁଦେବ ପ୍ରାୟେ ସେ ଯେ ଜଗତ ଦେଖଇ ।
ଉନ୍ମୀଳ ଲୋଚନେ ଧ୍ରୁବ ପରାଭବ ସହି ।୨୯।
ସର୍ବଘଟେ ସର୍ବଭାବେ ଦେଖେ ହରିରୂପ
ସର୍ବଦିଗେ ଅନଳ ପବନ ସର୍ବ ଘଟ ।୩୦।
ବନ ଗିରି କନ୍ଦରେ ଯେତେକ ପଶୁଯୂଥ ।
ବରୁଣ ଭୁବନେ ଜଳବିନ୍ଦୁ ଯେ ସମସ୍ତ ।୩୧।
ଅଶ୍ୱ ଗଜ ସହିତେ ରାଜନ ପୁରେ ଯେତେ ।
ବିଷ୍ଣୁର ସ୍ୱରୂପେ ରୂପ ଦେଖଇ ସମସ୍ତେ ।୩୨।
ପାତାଳେ ଅନନ୍ତ ରୂପ ଗଗନ ଅନନ୍ତ ।
ଏକରୂପେ ରୂପଭେଦ କେ କରିବ ଅନ୍ତ ।୩୩।
ଜୀବଙ୍କର ଦେହେ ନିତ୍ୟେ ଯେ ଦେବ ବସନ୍ତି ।
ତାର ନିଜ ଦେହରେ ଦେବଙ୍କର ବସତି ।୩୪।
ବିଶ୍ୱବ୍ୟାପି ଧାତାର ଗୋଚର ଅର୍ଥେ ଯେହୁ ।
ଏଣୁ ବ୍ୟାପି ଅଛନ୍ତି ମହିମା କେହୁ କହୁ ।୩୫।

ଏହି ଅର୍ଥେ ଧନ ଯାର ବିଷ୍ଣୁ ଉଚ୍ଚାରନ୍ତି ।
ସର୍ବଭୂତେ ପୂରିଛନ୍ତି କେହି ନ ଜାଣନ୍ତି ।୩୬।
ସର୍ବ ଜନ୍ତୁ ହୃଦଗତେ ରବିପ୍ରାୟ ଦିଶେ ।
ଇନ୍ଦ୍ରିୟଙ୍କ ଇଶ୍ୱର ଯେ ହୃଷୀକେଶ ଘୋଷେ ।୩୭।
ଯାହାର ଯେ ଭକ୍ତଜନ ପ୍ରଳୟେ ନ ମିଶେ ।
ଏଣୁ ଏ ଅଚ୍ୟୁତ ନାମ ସର୍ବଦେବ ଘୋଷେ ।୩୮।
ଚରାଚର ବିଶ୍ୱଭାବ ହୋଇ ସେ ବିନାଶେ ।
ଏଣୁ ବିଶ୍ୱଭାବ ନାମ ସର୍ବ ଉପଦେଶେ ।୩୯।
ଧ୍ରୁବର ଲୋଚନ ବିଷ୍ଣୁ ପାଦେ ଲୀନ ଗଲା ।
କର୍ଣ୍ଣଯୁଗ ବିଷ୍ଣୁର ଶବଦେ ଆଶ୍ରେ କଲା ।୪୦।
ବଚନ ରହିଲା ବିଷ୍ଣୁ ଚରିତ ବର୍ଣ୍ଣନେ ।
ବିଷ୍ଣୁ ପାଦପଦ୍ମ ଗନ୍ଧ ନାସାରନ୍ଧ୍ର ଜାଣେ ।୪୧।
ହସ୍ତ ବେନି ସେ ଭାବେ ଯେ ହୋଇଲେ ଅର୍ପିତ ।
ପାଦ ବେନି ଗୋବିନ୍ଦ ଭୁବନେ ଉପଗତ ।୪୨।
କର୍ଣ୍ଣେନ୍ଦ୍ରିୟ ରସିଲା ପରମ ବ୍ରହ୍ମ ରସେ ।
ଶୀତଘର୍ମ ନଲାଗିଲା ବିଷ୍ଣୁ ଉପଦେଶେ ।୪୩।
ଶବ୍ଦ ସ୍ପର୍ଶରସ ରୂପ ଗନ୍ଧଆଦି ଯେତେ ।
ବିଷ୍ଣୁର ଚରଣେ ଲୀନ ହୋଇଲେ ସମସ୍ତେ ।୪୪।
ବାକ୍ୟ ପାଣି ପାଦ ଲିଙ୍ଗ ମୂଳାଧାର ଆଦି ।
ନିଶ୍ଚଳେ ରହିଲା ଧ୍ରୁବ ଯୋଗର ସନ୍ନିଧି ।୪୫।
ତାର ଘୋରତପ ତେଜେ ସର୍ବତପ ଲୀନ ।
ଅଗ୍ନି ସୁଧାକର ବାୟୁ ଆକାଶ ତପନ ।୪୬।
ଧ୍ରୁବର ତପରେ ଧରା ଧ୍ରୁଏ ରସାଗତ ।
ତପ ଯଜ୍ଞ ସରାସନେ ଉଦିତ ସମସ୍ତ ।୪୭।
ନିର୍ମଳ ଶୀତଳ ସ୍ୱାଦ ରସ ଯେ ବହନ୍ତି ।
ସୁଗୁପ୍ତେ ସମୀର ବହେ ଶବ୍ଦଦ୍ୱାରେ ଚିନ୍ତି ।୪୮।

ଯେତେ ରୂପଗୁଣ ସେତେ ସୁନ୍ଦର ତୈଲୋକ୍ୟେ ।
ସର୍ବ ଲୀନ ହୋଇଲେ ସୁନୀତି ପୁତ୍ର ପାଖେ ।୪୯।
ସମୀର ବହଇ ଯେ ଧ୍ରୁବର ଦେହେ ଲାଗି ।
ସେ ବାୟୁର ସ୍ପର୍ଶେ ସର୍ବଦିଗ ସୁଖଭାଗୀ ।୫୦।
ଅଶେଷ ଶବଦ ଘେନି ଗଗନ ନିଷ୍ଠଳେ ।
ଆଶ୍ରେକରି ରହିଲେ ଧ୍ରୁବର କର୍ଣ୍ଣମୂଳେ ।୫୧।
ଧ୍ରୁବତପ ଦେଖି ଯେ ପବନ ବିଚାରଇ ।
ମୋର ଲୋକ ତପବଳେ ସଂହାରିବ ଏହି ।୫୨।
ଏହାର ତପସ୍ୟାବଳେ ମୁହିଁ କ୍ଷମ ନୁହେଁ ।
ଏଣୁ ଏ ଧ୍ରୁବର ଅଙ୍ଗେ ଶୀତ ଉଷ୍ଣେ ବହେ ।୫୩।
ଅପସରାଗଣେ ଚାହିଁ ପାରିବୁ ସମାଧି ।
ଏହିପରି ଭାବନା ସେ କରନ୍ତି ଆରାଧି ।୫୪।
କାମ କ୍ରୋଧ ଅଛନ୍ତି ଯେ ଆମ୍ଭରି ସଙ୍ଗତେ ।
କେହି ନପାରିବେ ପଶି ଏ ବାଳକେ ଚିତ୍ତେ ।୫୫।
ଏମନ୍ତେ ସମସ୍ତଦେବ ଇନ୍ଦ୍ର ମୁଖ ଚାହିଁ ।
କହନ୍ତି ସଂଭ୍ରମ ଚିତ୍ତେଶିରେ କର ଦେଇ ।୫୬।
କି ବୁଦ୍ଧି କରିବା ଏବେ ଶୁଣ ଦେବରାୟ ।
ଧ୍ରୁବଧ୍ରୁବର ତପସ୍ୟା ଭଗ୍ନେ କି ଅଛି ଉପାୟ । ।୫୭।
ମୁହୁର୍ତ୍ତେ ରହିଲା ଇନ୍ଦ୍ର ଦେବବାକ୍ୟ ଶୁଣି ।
ତପ ଭଗ୍ନ ନିମନ୍ତେ ଉପାୟ ମନେ ଗୁଣି ।୫୮।
ବୋଇଲେ ସ୍ୱଭାବେ ଏ ବାଳକ ଦେହ ଧରେ ।
ଭୟଙ୍କର ଭୂତଗଣ ଦେଖି ଅବାଡ଼ରେ ।୫୯।
ଭୟଙ୍କର ରୂପଦେଖି ବାଳକେ ଡ଼ରନ୍ତି ।
ଅନ୍ୟକିଛି ପ୍ରକାରେ ଏହାର ନାହିଁ ଭୀତି ।୬୦।
ଅସୁରୀ ମାୟାରେ ଯେବେ ଭଗ୍ନ କରିପାର ।
ନିଶ୍ଚିନ୍ତେ ଭୁଞ୍ଜିବ ତୁମ୍ଭେ ଯେଝା ଅଧିକାର ।୬୧।

ଅନ୍ୟଥା ଉପାୟ ନାହିଁ ସେ ତପର ଭଙ୍ଗେ ।
ଧ୍ରୁବର ତପସ୍ୟାଯେବେ ଭଗ୍ନ ପ୍ରୟୋଜନେ ।୬୨।
ଇନ୍ଦ୍ରର ସଙ୍ଗତେ ଦେବ ଏମନ୍ତ ବିଚାରି ।
ଭୂତଗଣ ଧାଇଁଲେ ଭୀଷଣ ରୂପଧରି ।୬୩।
ଭଲ୍ଲୁକ ଆକାର ଭଷ୍ଟ ଖଗ ରୂପ ଧରି ।
ଲମ୍ବଗ୍ରୀବ ଶିରୋଧର ବଦନ ବିସ୍ତାରି ।୬୪।
ଭୁଜ ଦଣ୍ଡା ଘାତେ ତରୁ ଭଗ୍ନ ଯେ କରନ୍ତି ।
ଅତି ବେଗବନ୍ତେ ଧ୍ରୁବ ନିକଟେ ମିଳନ୍ତି ।୬୫।
ବୃଷଭ ଆକାରେ ତୀକ୍ଷ୍ଣ ଶୃଙ୍ଗେ ଭୂ ବିଦାରି ।
ମନୋଜବେ ଧାମନ୍ତି ଉନ୍ମତ୍ତ ରୂପଧରି ।୬୬।
ସର୍ପରୂପ ଧରି ଫଣା ଉଭାରନ୍ତି ବଳେ ।
ବେନି କଳେ ବେନି ଜିହ୍ୱା ବିଜୁଳି ଚଞ୍ଚଳେ ।୬୭।
ଉଦ୍‌ଗାରନ୍ତି ବିଷକଣା ଜଳବୃଷ୍ଟି ପ୍ରାୟେ ।
ଏ ରୂପେ ଧ୍ରୁବ ସମୀପେ ଗମିଲେ ଥୋକାଏ ।୬୮।
ମହିଷ ଆକାରେ ବରୀଶୃଙ୍ଗ ଅଗ୍ରେଧରି ।
ଉପାଡ଼ନ୍ତି କୋପଭରେ ଲାଙ୍ଗୁଳ ଉଭାରି ।୬୯।
ଭୂତଗଣ ଧାମନ୍ତି ବିସ୍ତାରି ମହାକାୟ ।
ବେନିପାଦ ଦିଶଇ ଖର୍ଜ୍ଜୁର ବୃକ୍ଷପ୍ରାୟ ।୭୦।
ମୁଖ ବିସ୍ତରନ୍ତି କିବା ଭକ୍ଷିବେ ଗଗନ ।
ନାସା ଅଗ୍ରେ ବହଇ ଅଣଚାଶ ପବନ ।୭୧।
ଭଲ୍ଲୁକ ଆକାରେ ପୁଣି ଫୁଫୁ ନାଦକରି ।
ହୃଦୟ କମ୍ପିନେ ଧ୍ରୁବ ନିକଟରେ ମିଳି ।୭୨।
ଯକ୍ଷିଣୀ ମିଳିଲା ଯେ ହୁଙ୍କାର ନାଦକରି ।
ରୋଦନ କରଇ ଶିଶୁ ବେନିପାଦ ଧରି ।୭୩।
ଧ୍ରୁବର ନିକଟେ ଅତି କୋପେ ସେ ମିଳିଲା ।
ମୃଣାଳ ପ୍ରାୟେକ ଶିବମୁଣ୍ଡ ଚୋବାଇଲା ।୭୪।

ଅଧର ବିସ୍ତାରି ସେ ରୁଧିର ପାନକରି ।
ଧ୍ରୁବର ବଦନ ଚାହିଁ ବୋଲେ ମାୟାଧରୀ ।୭୫।
ସୁଲଳିତ ପ୍ରାଣ ତୋର ଶୁଣରେ କୁମର ।
ସନ୍ତୋଷେ ରୁଧିର ପାନ କରିବି ତୋହର । ।୭୬।
ମୃଣାଳ ପ୍ରାୟେକ ଅସ୍ଥି କରିବି ଆହାର ।
ଦଣ୍ଡେ ଯେବେ ରହିପାରୁ ମୋହର ଆଗର ।୭୭।
ଏମନ୍ତେ କହନ୍ତେ ପୁଣ ଗୁହ୍ୟକ ମିଳିଲେ ।
ଧ୍ରୁବ ଚାରିପାଖେ ଶୁଷ୍କ କାଷ୍ଠ ରୁଣ୍ଡକଲେ ।୭୮।
ଦାବାଗ୍ନିସେଲ ଗାଇ ବିଞ୍ଚନ୍ତେ କରପତ୍ର ।
ବୃଷ୍ଟିପ୍ରାୟ ଅଗ୍ନିକଣା ପଡ଼େ ଧ୍ରୁବ ଗାତ୍ର ।୭୯।
ମଣ୍ଡପ ଅପର୍ଣ୍ଣାକାରେ ବୃକ୍ଷ ଉପାଡ଼ନ୍ତି ।
ଧ୍ରୁବର ସମୀପେ ରହି ଶବଦ ଗର୍ଜନ୍ତି ।୮୦।
ଗଗନେ କ୍ଷେପନ୍ତି ତରୁଲତା କୋଟିକୋଟି ।
ଅନ୍ୟାନ୍ୟ ବୃକ୍ଷ ଘେନିଣ ଧାମନ୍ତି ତରାଟି ।୮୧।
ଶତଶତ ଶୃଗାଳ ଶବଦ ଶୁଭେ ଶୂନ୍ୟେ ।
ଧ୍ରୁବ ପାଶେ ମିଳନ୍ତି ସେ କୁପିତ ବଦନେ ।୮୨।
ପୁଣି ଏକ ରାକ୍ଷସୀ ସୁନୀତି ରୂପଧରି ।
ଧ୍ରୁବର ସମୀପେ ବସେ ମାତୃମାୟା କରି ।୮୩।
ହା ହା ପୁତ୍ର ବୋଲି ବେନିକର ହୃଦେତାଡ଼ି ।
କେଶବାସ ଅସମ୍ଭାଳ ପୁଣପୁଣ ପଡ଼ି ।୮୪।
ବହୁମାୟା ବିନିର୍ମିତ ଚାଟୁବାକ୍ୟ କହେ ।
ଜନନୀ ବାଳକ ମଧ୍ୟେ କେହୁବା ତା ସହେ ।୮୫।
ଅତ୍ୟନ୍ତ କାରୁଣ୍ୟ ପୁତ୍ରସ୍ନେହେ ସେ ରୋଦନ ।
ପୁଣ ସ୍ଥିର କରି ଚାହେଁ ଧ୍ରୁବର ବଦନ ।୮୬।
ତୁହି ଏକ ପୁତ୍ର ମୋର ସଙ୍ଗେ କେହି ନାହିଁ ।
କେବଳ ତୋହର ଧ୍ୟାନେ ପ୍ରାଣ ମୁଁ ରଖଇ ।୮୭।

ତୁହି ମୋ ରକ୍ଷକ ତୋର ତହୁଁ ଆନ ନାହିଁ ।
ତୋର ବନ ଗମନେ ଅଜ୍ଞାନ ମୋର ଦେହୀ ।୮୮।
ତୋର ବିନୁ ମରଣ ନିକଟେ ମୋର ମିଳେ ।
କାଳସର୍ପ ପ୍ରାୟେ ମୋତେ ନିତ୍ୟେ ନିତ୍ୟେ ଜାଳେ ।୮୯।
ତୋହର ଉଦ୍ଦେଶ୍ୟେ ମୁଁ ଅନେକ ଗ୍ରାମ ପୁରେ ।
ଖୋଜି ନପାଇଲି ବଳା ଅନେକେ ପ୍ରକାରେ ।୯୦।
ବନଗିରି ପାଟଣା ଅନେକ ପୁରେ ଖୋଜି ।
ପ୍ରାଣରକ୍ଷା କରଇଉଦକ ପତ୍ର ଭୁଞ୍ଜି ।୯୧।
ଯେଉଁଦିନୁ ମୋର ପୁରୁ ହୋଇଲୁ ବାହାର ।
ନିତ୍ୟେ ଶବଦ ଉଚ୍ଛୁଳେ କଣ୍ଠେ ହାହାକାର ।୯୨।
ଯେତେଦିନ ତୋହାର ବିହୁନେ ଥିଲି ମୁହିଁ ।
ସପତ୍ନୀର ବାଣୀ ମୁହିଁ ସହି ନ ପାରଇ ।୯୩।
ଦାବାଗ୍ନି ବନକୁ ଯେହ୍ନେ ଦହେ ଗ୍ରୀଷ୍ମକାଳେ ।
ସପତ୍ନୀ ବଚନାନଳ ଦହେ ଅତି ବଳେ ।୯୪।
ନିଦ୍ରା ଉଜାଗର ମୁହିଁ ନଜାଣଇ କିଛି ।
ଶୟନ ଭୋଜନ ମାନ ନ କରଇ କିଛି ।୯୫।
ତପର ଯୋଗିନୀ ଯୋଗ ପ୍ରାୟେ କରି ଧ୍ୟାନ ।
ସ୍ୱପ୍ନରେ ହିଁ ନଦେଖଇ ତୋହୋର ବଦନ ।୯୬।
ତୋହୋର ବଦନ ମୁହିଁ ପ୍ରତିକ୍ଷଣେ ଦେଖି ।
ତୋର ମୁଖ ଧ୍ୟାନେ ମୋର ସ୍ରବେ ବେନି ଆଖି ।୯୭।
ଅନେକ ପ୍ରକାରେ ମାତୃ ବଚନ ହିଁ ଶୁଣି ।
ସମାଧି ସଂଯୋଗେ ଧ୍ରୁବ ମନେ ମନେ ଗୁଣି ।୯୮।
ବିଚାରଇ ଜନନୀ ଯେ ନୁହଇ ମୋହୋର ।
ସର୍ବଥା ଜାଣଇ ଯେ ଅସୁରୀ ମାୟା ଘୋର ।୯୯।
ଯେମନ୍ତ ବିଚାରି ମନେ ନିଶ୍ଚଳେ ରହିଲା ।
ରଖ ହେ ଗୋବିନ୍ଦ ବୋଲି ଶରଣ ପଶିଲା ।୧୦୦।

ଯେମନ୍ତ ଅସୁରୀ ମାୟା ଇନ୍ଦ୍ରର ବଚନେ ।
ଯେତେ ମାୟା ପ୍ରକାଶିଲେ ଧ୍ରୁବ ସନ୍ନିଧାନେ ।୧୦୧।
ଧ୍ରୁବ ତପ ଭଙ୍ଗେ କେହି ସମର୍ଥ ନୋହିଲେ ।
ବିଷ୍ଣୁ ଚକ୍ର ତେଜ ଧ୍ରୁବ ନିକଟେ ଦେଖିଲେ ।୧୦୨।
ସକଳେ ଭାବିଲେ ତେଜ ଦେଖି ଧ୍ରୁବ ଦେହେ ।
ନିଶି ଅନ୍ଧକାରେ ଯେହ୍ନେ ତପନ ଉଦୟେ ।୧୦୩।
ସର୍ବଭୂତ ବଳ ଧ୍ରୁବ ଚରଣେ ନମିଲେ ।
ବ୍ୟର୍ଥ ମନୋରଥି ନିଜ ମନ୍ଦିରେ ଚଳିଲେ ।୧୦୪।
ଇନ୍ଦ୍ର ଆଦି ଦିଗପାଳେ ଭୁତବଳ ଭଗ୍ନେ ।
ପୁଣି ବିଚାରନ୍ତି ହସି ବିଘ୍ନ ଅନୁମାନେ ।୧୦୫।
ବିଚାରି ନ ପାରି ଦୁଃଖ ମନେ ଦେବଗଣେ ।
ଶରଣ ପଶିଲେ ଯାଇ ବ୍ରହ୍ମାଙ୍କ ଚରଣେ ।୧୦୬।
ପିତା ମହ ଚରଣେ ନମିଲେ ଦେବଗଣ ।
ଦେଖି ବ୍ରହ୍ମା ପଚାରିଲେ ଆଗମ କାରଣ ।୧୦୭।
ଧାତାର ବଚନ ଶୁଣି ଶିରେ କରଯୋଡ଼ି ।
ଦେବଗଣ କହନ୍ତି ଚରଣ ତଳେ ପଡ଼ି ।୧୦୮।
ଉତ୍ତାନପାଦର ପୁତ୍ର ଧ୍ରୁବ ତପ ତେଜେ ।
ଧରଣୀ କମ୍ପିଲା ଗିରି ସମୁଦ୍ର ସମାଜେ ।୧୦୯।
ଆମ୍ଭେ ରହି ନ ପାରିଲୁ ଗଗନ ମଣ୍ଡଳେ ।
ତାର ତପେ କମ୍ପିଲା ସକଳ ଦିଗପାଳେ ।୧୧୦।
ତ୍ରୈଲୋକ୍ୟେ ସର୍ବେ କେହି ନ ପାରିଲୁ ରହି ।
ନ ଜାଣୁ କାହାର ପଦ ମନେ ସେ ବାଞ୍ଛଇ ।୧୧୧।
ଏମନ୍ତ ବଚନ ସେ ଦେବଙ୍କ ମୁଖୁ ଶୁଣି ।
ଊର୍ଦ୍ଧ୍ୱମୁଖେ କ୍ଷଣେକ ରହିଲେ କୁଶପାଣି ।୧୧୨।
ଧ୍ରୁବ ତପ ଦେଖି କିମ୍ପା ଭାଳ ଦେବଗଣ
ହରଷେ କହନ୍ତି ଧ୍ରୁବ ତପର କାରଣ ।୧୧୩।

ବ୍ରହ୍ମୋବାଚ

କହନ୍ତି ଚତୁରାନନ ଶୁଣି ଦେବଗଣେ ।
ଯେ ନିମନ୍ତେ ଧ୍ରୁବ ତପ କରେ ଘୋର ବନେ ।୧୧୪।
ଘୋର ତପ ଫଳେ ତାକୁ ବିଷ୍ଣୁ ବର ଦେବେ ।
ତ୍ରୈଲୋକ୍ୟ ଉପରେ ଧ୍ରୁବ ପୁର ବସାଇବେ ।୧୧୫।
ତୁମ୍ଭ ଅଧିକାରେ ପ୍ରୟୋଜନ ନାହିଁ ତାର ।
ନିଶ୍ଚିନ୍ତେ ଗମନ କର ଦେବେ ନିଜପୁର ।୧୧୬।
ବିଷ୍ଣୁ ଭକ୍ତ ପ୍ରାଣୀ ବିଷ୍ଣୁ ପ୍ରାୟେ ଦେଖେ ସର୍ବ ।
କେବେହେଁ ତପର ବଳେ ନ କରେ ସେ ଗର୍ବ ।୧୧୭।
କେବେହେଁ ପରକୁ ପୀଡ଼ା ନ କରଇ ଚିତ୍ତେ ।
ନିରନ୍ତରେ ରହେ ସର୍ବ ଜନଙ୍କର ହିତେ ।୧୧୮।
ବିଷ୍ଣୁଙ୍କ ଆଦେଶେ ଧ୍ରୁବ ଆସନେ ବସିବ ।
ତୁମ୍ଭ ଦିଗପାଳ ପଦ ନିଶ୍ଚଳେ ସ୍ଥାପିବ ।୧୧୯।
ଯେମନ୍ତେ ବ୍ରହ୍ମାର ବାକ୍ୟ ଶୁଣି ସାବଧାନେ ।
ନିଜପୁରେ ଦେବତାୟେ ଗଲେ ତୋଷମନେ ।୧୨୦।
ଶୁକ କହେ ଶୁଣ ପରୀକ୍ଷିତ ନୃପମଣି ।
ଧ୍ରୁବ ତପେ ତାରେ ଦୟା କଲେ ଚକ୍ରପାଣି ।୧୨୧।
ଗରୁଡ଼ ଆସନେ ବସି ଚତୁର୍ଭୁଜ ରୂପେ ।
କାଳିନ୍ଦୀ ତଟେ ମିଳିଲେ ଧ୍ରୁବର ସମୀପେ ।୧୨୨।
ଅମୃତ ବରଷେ କିବା ମଧୁବନ ବନେ ।
ଧ୍ରୁବକୁ ଅନାଇ ହରି ପ୍ରସନ୍ନ ବଦନେ ।୧୨୩।
ତପ ତେଜ ଶାନ୍ତି କର ଅମୃତ ବଚନେ ।
ତପ ଶାନ୍ତି କଲା ଧ୍ରୁବ ବିଷ୍ଣୁ ଦରଶନେ ।୧୨୪।

ଶ୍ରୀ ଭଗବାନୁବାଚ

ବରମାଗ ପ୍ରସନ୍ନ ହୋଇଲି ମୁହିଁ ତୋତେ ।
ତପୀଗଣେ ଶ୍ରେଷ୍ଠ ତୁ ହୋଇଲୁ ସର୍ବମତେ ।୧୨୫।
ବାଳକ ବୟସ ତୋର ଅତି ସୁକୁମାର ।
କାହିଁ ଘୋର ତପବନେ ସାଧନେ କଠୋର ।୧୨୬।
ଏମନ୍ତ ବଚନ ବିଷ୍ଣୁ ଠାରୁଁ ଶୁଣି ଧ୍ରୁବ ।
କଠୋର ସମାଧି ଛାଡ଼ି ବହେ ମୃଦୁଭାବ ।୧୨୭।
ଅମୃତ ସମାନେ ବିଷ୍ଣୁ ବଚନ ଶୁଣିଲା ।
ଉନ୍ମୀଳ ଲୋଚନେ ଉର୍ଦ୍ଧ୍ୱମୁଖେ ଅନାଇଲା ।୧୨୮।
ଇନ୍ଦ୍ରନୀଳମଣି ପ୍ରାୟେ ଗଗନେ ପ୍ରକାଶେ ।
ନୀଳୋତ୍ପଳ ସମୂହକି ଦିଶେ ଦଶ ଦିଶେ ।୧୨୯।
ଗଗନ ମଣ୍ଡଳେ ସରୋବର ପ୍ରାୟେ ହୋଇ ।
ଲକ୍ଷ୍ମୀଦେବୀ କଟାକ୍ଷେ କି ଜଗତେ ମୋହଇ ।୧୩୦।
ପୁତ୍ରଦୁଃଖ ଦେଖି ଯେହ୍ନେ ପିତା ଦୟା କରେ ।
ଧ୍ରୁବକୁ ଧରିଲେ କୋଳେ ଟେକି ବେନି କରେ ।୧୩୧।
ଧୂଳିରେ ଧୂସର ତନୁ ଝାଡ଼ି ସ୍ନେହଭରେ ।
ବାମଭୁଜେ ଆଲିଙ୍ଗନ ପୁଲକ ଶରୀରେ ।୧୩୨।
କୃଷ୍ଣ କର ଲାଗି ଧ୍ରୁବ ତପଦୁଃଖ ଗଲା ।
କୋଟିଏ ବ୍ରହ୍ମାର ବୁଦ୍ଧି ହୃଦେ ପ୍ରକାଶିଲା ।୧୩୩।
ସେ ହରି ଚରଣ ଯୁଗ ହୃଦେ କରି ଧ୍ୟାନ ।
ବିପ୍ର ଜଗନ୍ନାଥ କହେ ଶୁଣ ହେ ସୁଜନ ।୧୩୪।

ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ପରମହଂସ୍ୟାଂ ସଂହିତାୟା
ବୈୟାସିକଥା ଚତୁର୍ଥ ସ୍କନ୍ଧେ ଧ୍ରୁବ ବିଷ୍ଣୁ ପ୍ରସଙ୍ଗେ
ନାମ ଦ୍ୱିତୀୟୋଽଧ୍ୟାୟଃ ।

ତୃତୀୟ ଅଧ୍ୟାୟ

ବିଷ୍ଣୁର ଚରଣେ ଧ୍ରୁବ କରି ଧୀରମତି ।
ଶ୍ରୀକୃଷ୍ଣ ଚରଣେ ଚାହିଁ ଆରମ୍ଭିଲେ ସ୍ତୁତି ।୧।
ହିରଣ୍ମୟ ବ୍ରହ୍ମା ଯା ଶରୀରୁ ଜାତ ହୋଇ ।
ସର୍ବ ସୃଷ୍ଟି ବିଧାନ କରଇ ଆଜ୍ଞା ବହି ।୨।
ଏଣୁ ସେ ହିରଣ୍ୟରେଚ ସୁହିରଣ୍ୟ ଦାତା ।
ନମସ୍ତେ ହିରଣ୍ୟରୂପ ସୃଷ୍ଟି ପିତାମାତା ।୩।
ହିରଣ୍ୟକ ରୂପ ତୋର ସୃଷ୍ଟି ସଂହାରଣେ ।
ମହାଭୂତଙ୍କର ଆତ୍ମା ବହୁ ତୁ କାରଣେ ।୪।
ଏଣୁ ଭୂତଙ୍କର ଗତି ପତି ରୂପ ହୋଇ ।
କ୍ଷିତି କୃତେ ବିଷ୍ଣୁ ଗର୍ଭ ବିଷ୍ଣୁ ଗର୍ବ ଦେହୀ ।୫।
ସୃଷ୍ଟି ସଂହାରଣେ କୃଷ୍ଣ ରୂପ ଯେ ତୋହର ।
ମହାଭାରା ସହି ବିଷ୍ଣୁ କୂର୍ମ ରୂପ ଧର ।୬।
ଅସୁର ଅରଣ୍ୟେ ମହା ଦାବାଗ୍ନି ସ୍ୱରୂପ ।
ଦୈତ୍ୟ ତମ ଛେଦନ କୁଠାର ବହୁଦର୍ପ ।୭।
ଶାରଙ୍ଗ ଧନୁ ଧରିଣ ରିପୁବଳ ନାଶି ।
କୌମୁଦକୀ ଗଦା ତେଜେ ଦୈତ୍ୟବଳ ଧ୍ୱଂସି ।୮।
ମହା ଦୈତ୍ୟ ନାଶନେ ସେ ନନ୍ଦକ ଧାରଣ ।
ନମୋ ଲକ୍ଷ୍ମୀ ପତେ ଦୈତ୍ୟଙ୍କର ନିସୂଦନ ।୯।
ବାସୁଦେବ ନମସ୍ତୁଭ୍ୟଂ ଦେବକୀ ନନ୍ଦନ ।
ପ୍ରଦ୍ୟୁମ୍ନାଦି ଅନିରୁଦ୍ଧ ଅବ୍ୟକ୍ତ କାରଣ ।୧୦।
କଂସ କେଶୀ ଚାଣୁର ପୂତନା ଦର୍ପହାରୀ ।
ନିଗଡ଼ ବନ୍ଧନୁ ପିତାମାତାଙ୍କୁ ଉଦ୍ଧରି ।୧୧।

ଦାମୋଦର ହୃଷୀକେଶ ଗୋବିନ୍ଦ ଅଚ୍ୟୁତ ।
ହେ ମାଧବ ଅନନ୍ତ ଦୈତ୍ୟଙ୍କ ପ୍ରାଣ ହତ ।୧୨।
ନାରାୟଣ ନରକ ନାଶନ ପାପହାରୀ ।
ବାମନାୟ ନମୋସ୍ତୁଭ୍ୟଂ ନମୋ ନରହରି ।୧୩।
ଅନନ୍ତାୟ ଅନନ୍ତ ଶୟନ ବନମାଳୀ ।
ରୁକ୍ମିଣୀ ବଲ୍ଲଭ ରୁକ୍ମଗର୍ବ ହେଲେ ଦଳି ।୧୪।
ଶିଶୁପାଳ ପ୍ରାଣ ହତ ଅସୁର ଦଳନ ।
ଦାନବାନ୍ତକ ଶ୍ରୀକୃଷ୍ଣ ଜୟ ନାରାୟଣ ।୧୫।
ମୁକୁନ୍ଦ ପରମାନନ୍ଦ ଜୟ ନନ୍ଦବାଳ ।
ନମସ୍ତେ ପୁଣ୍ଡରୀକାକ୍ଷ ଜନୁଜେନ୍ଦ୍ର କାଳ ।୧୬।
ନମସ୍ତେ ଗୋପାଳରୂପ ବେଣୁବାଦ୍ୟକାରୀ ।
ରାମ ରଘୁନାଥ ଯେ ରାବଣ ପ୍ରାଣ ହାରୀ ।୧୭।
ବଳେ ବଳଭଦ୍ରନାମ ବଳରାମ ପ୍ରିୟ ।
ବଳିଯଜ୍ଞ ଭଞ୍ଜନ ଯେ ଭକ୍ତ ଜନୋଜୟ ।୧୮।
ରଣପ୍ରିୟ ହିରଣ୍ୟକଶିପୁ ବିଦାରଣ ।
ନମୋ ବ୍ରାହ୍ମଣ୍ୟ ଦେବାୟ ରକ୍ଷ ଗୋ ବ୍ରାହ୍ମଣ ।୧୯।
ସତ୍ୟଯୁଗେ ବ୍ରହ୍ମରୂପ ଧରୁ ଅନ୍ତରୀକ୍ଷେ ।
ସକଳ ଜଗତ ଜୀବ ପାଳୁ ତୁ ପ୍ରତ୍ୟେକ୍ଷେ ।୨୦।
ସହସ୍ର ଶିରସେ ନମୋ ସହସ୍ର ବଦନ ।
ସହସ୍ର ବାହୁ ନାସିକା ସହସ୍ର ଶ୍ରବଣ ।୨୧।
ବିଷ୍ଣୁର ଶ୍ରବଣ ନମୋ ଗରୁଡ଼ ବାହାନ ।
ବିଶ୍ୱକ୍ସେନ ନମୋ ଜଗନ୍ନାଥ ଜନାର୍ଦ୍ଦନ ।୨୨।
ତ୍ରିବିକ୍ରମ ସତ୍ୟ ନମୋନମଃ ସତ୍ୟ ପ୍ରିୟ ।
ଅନେକ ପ୍ରକାରେ ଧ୍ରୁବ କରେ ସ୍ତୁତିଚୟ ।୨୩।

ବହୁ ସ୍ତୁତି କରି ଧ୍ରୁବ ମଉନେ ରହିଲା ।
ନିଶ୍ଚଳେ ଗୋବିନ୍ଦ ପାଦେ ଚିତ୍ତ ସମର୍ପିଲା ।୨୪।
ଏମନ୍ତ ତା ଭକ୍ତିଭାବ ଗୋବିନ୍ଦ ଜାଣିଲେ ।
ଗରୁଡୁ ଉଭୁରି ଧ୍ରୁବ ସମୀପେ ମିଳିଲେ ।୨୫।
ଧ୍ରୁବକୁ ଲଗାଇ ହୃଦେ କମଳା ରମଣ ।
ଜଳଦ ଗମ୍ଭୀର ବାକ୍ୟେ ପ୍ରଭୁ ନାରାୟଣ ।୨୬।

ଶ୍ରୀ ଭଗବାନୁବାଚ

ଶୁଣ ହେ ବାଳକ ମୁଁ ଜାଣଇ ତୋର ମନ ।
ଘୋର ତପ କଲୁ ତୁରେ ଜନନୀ ବୋଲେଣ ।୨୭।
ତୋହର ମନୋବାଞ୍ଛାତ ଜାଣଇ ମୁଁ ଭଲେ ।
ଧ୍ରୁବଲୋକେ ବସାଇବି ଜନନୀର ତୁଲେ ।୨୮।
ଧ୍ରୁବଲୋକେ ଅଧିକାର ତୋହର ହୋଇଲା ।
କୋଟି କଳ୍ପାନ୍ତରେ ଯାହା କେହି ନ ପାଇଲା ।୨୯।
ତୋର ପିତୃପିତାମହେ ଅଗୋଚର ସ୍ଥାନ ।
ସେ ପଦକୁ ଭୁଞ୍ଜି ନିତ୍ୟେ ବସତୁ ଆସନ ।୩୦।
ସ୍ୱର୍ଗଲୋକେ ଉର୍ଦ୍ଧ୍ୱଗତେ ମର୍ତ୍ତ୍ୟଲୋକ ତଳେ ।
ତ୍ରୈଲୋକ ପ୍ରଳୟ କାଳେ ନ ଦହେ ଅନଳେ ।୩୧।
ଶିଶୁମ୍ନା ଚକ୍ରରେ ବସ ଧ୍ରୁବ ଅଧିକାରେ ।
ଯେ ଚକ୍ର ଭ୍ରମରେ ଭ୍ରମେ ଶଶୀ ଦିବାକରେ ।୩୨।
ଗ୍ରହ ଋକ୍ଷ ଋଷି ଯୋଗୀ ଗଗନ ସହିତେ ।
ଧ୍ୟାନ ନିବନ୍ଧନେ ଛନ୍ତି ସମୀରଣ ଯନ୍ତେ ।୩୩।
ସେହି ସ୍ଥାନେ ବସ ଗ୍ରହଚକ୍ରେ ତୁ ପ୍ରତ୍ୟେକ୍ଷେ ।
ଉଚ୍ଚେ ରହି ମନୋରଥ ପୂର୍ଣ୍ଣ କଳ୍ପ-ସଂଖ୍ୟେ ।୩୪।

ପୂର୍ବେ ମହାଦେବ ବରେ ସେ ସ୍ଥାନ ମୋହର ।
ମୁହିଁ ଦେଲି ଧ୍ରୁବ ତୁ ନିଶ୍ଚୟଂ ଭୋଗ କର ।୩୫।
ମନୁ ଯାହା ନ ପାଇଲା କେ ଅନ୍ୟମାନବେ ।
ଜନନୀ ସହିତେ ବାଳ ସୁଖ ଭୁଞ୍ଜ ଏବେ ।୩୬।
ପୂର୍ବେ ତୁହି ବ୍ରହ୍ମପୁତ୍ର ରାଜପୁତ୍ର ସଂଗେ ।
ମାତୃ ବୋଲ ଶୁଣି ଚିତ୍ତ କଳ୍ପି ଅଛୁ ଭୋଗେ ।୩୭।
ଏ ପୁଣ୍ୟ ସ୍ୱଭାବେ ରାଜ କୁଳେ ହୋଇ ଜନ୍ମ ।
ଏବେ ତପବଳେ ଭୁଞ୍ଜ ସମ୍ପାଦିଲା କର୍ମ । ।୩୮।
ଶୁଣ ଅବିହିତ ଚିତ୍ତେ ମୁଂ କହିଲି ତୋତେ ।
ତପସ୍ଥାନେ ରହି ସ୍ତୁତି କଲୁ ଯେତେ ମୋତେ ।୩୯।
ସର୍ବ ସ୍ତୋତ୍ର ମାନଙ୍କର ରାଜା ଏ ପ୍ରତ୍ୟେକ୍ଷେ ।
ଯେ ନର ଏ ସ୍ତୁତି କରେ ମୋହର ସମ୍ମୁଖେ ।୪୦।
ତ୍ରିସନ୍ଧ୍ୟା ପଢ଼ନ୍ତି ଯେବା ଏହା ଇଷ୍ଟ କରି ।
ତ୍ରିବିଧ ପାତକ ମୁଖୁ ବେଗେ ଯାନ୍ତି ତରି ।୪୧।
ତାହାର ଭୁବନୁ ଲକ୍ଷ୍ମୀ କେବେହେଁ ନତେଜେ ।
ଜନନୀ ବନ୍ଧୁ ବିୟୋଗ କେବେ ହେଁ ନଭଜେ ।୪୨।
ଏ ତୋହର ସ୍ତୁତି ପୁଣ୍ୟ ପାପ ବିନାଶିନୀ ।
ବ୍ରହ୍ମହତ୍ୟା ଦୋଷ ହରେ ମୋର ଆଜ୍ଞା ଘେନି ।୪୩।
ଶ୍ରଦ୍ଧା ଯୁକ୍ତେ ମୋର ଭାବେ ନିତ୍ୟ ଯେବାପଢ଼େ ।
ସୁଖେ ମୋହଜଳୁ ତରେ କେବେହେଁ ନବୁଡେ ।୪୪।
ଏମନ୍ତ ପ୍ରସନ୍ନେ କହି ପ୍ରଭୁ ଚକ୍ରଧର ।
ସନ୍ତୋଷେ ଧ୍ରୁବକୁ ଚାହିଁ ଧରି ବେନିକର ।୪୫।
କହନ୍ତି ମନୁର ବଂଶେ ଜନ୍ମ ତୋ ଶରୀର ।
ନର ନାରାୟଣ ଦେବତାଙ୍କୁ ଅଗୋଚର ।୪୬।
ଏ ଶରୀର ଭୋଗେତୁ ଆମ୍ଭାକୁ କର ଭୋଗ ।

ଆଧିବ୍ୟାଧି ବର୍ଜିତ ଜୀବ ତୁ ସତ୍ୟଯୁଗ ।୪୭।
ଶରୀର ଅନ୍ତରେ ଧ୍ରୁବଲୋକେ ବସ ତୁହି ।
କଳ୍ପ ସଂଖ୍ୟା ପ୍ରମାଣେ ଜନନୀ ସଙ୍ଗେ ନେଇ ।୪୮।
ଏମନ୍ତ ଧ୍ରୁବକୁ ବର ଦେଇ ଜନାର୍ଦ୍ଦନ ।
ଗରୁଡ଼ ବାହନେ ସେ ହୋଇଲେ ଅନ୍ତର୍ଦ୍ଧାନ ।୪୯।
ବିଷ୍ଣୁବର ପାଇ ସେ ଉତ୍ତାନପାଦ ବଳା ।
ଦିବ୍ୟରୂପ ନିଜେ ଧରି ସଦନେ ଗମିଲା ।୫୦।
ଜନନୀ ଚରଣେ ସେବା କଲା ଅନୁକ୍ଷଣେ ।
ଅନୁଭବେ ଦୁଃଖ ଗଲା ଯେତେଥିଲା ମନେ ।୫୧।
ପିତାର ବଲ୍ଲଭ ଦିନେ ଦିନେ ସେ ବଢ଼ଇ ।
ଧ୍ରୁବର ମହିମା ଅବା କେ ପାରିବ କହି ।୫୨।
ଏମନ୍ତ ବିଦୁର ଆଗେ ମଇତ୍ରେୟ ମୁନି ।
କହିଲେ ଧ୍ରୁବର କଥା ହରି ଭାବ ଘେନି ।୫୩।
ବିଷ୍ଣୁପଦୀ ତୀରେ ରହି ପରୀକ୍ଷିତ ଆଗେ ।
ଭାବ ଭକ୍ତି ଯୋଗେ ସେ କହିଲେ ଅନୁରାଗେ ।୫୪।
ସାନନ୍ଦମନେ କହିଲେ ବ୍ୟାସଙ୍କର ଶିଷ୍ୟ ।
ସେ ଚରିତ କଥା ଯେ ପବିତ୍ର ପୁଣ୍ୟ ରସ ।୫୫।
ସାଧୁଜନ ହିତେ ମୁହିଁ କଲାଇଁ ପ୍ରକାଶ ।
ଭାଗବତ କହେ ବିପ୍ର ଜଗନ୍ନାଥ ଦାସ ।୫୬।

ଇତି ଶ୍ରୀମଭାଗବତେ ମହାପୁରାଣେ ପରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଚତୁର୍ଥସ୍କନ୍ଧେ ଧ୍ରୁବ ତପସ୍ୟା କରଣେ ଭଗବାନ ପ୍ରସନ୍ନେ ନାମ ତୃତୀୟୋଃଧ୍ୟାୟଃ ।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୫-୧ ପ୍ରସନ୍ନ = ସୁପ୍ରସନ୍ନ (କ) । ୯-୧ ଯାର = ତାର (ଗ) । ୧୦-୧ ଗମଇ = ଚଳଇ (ଗ) । ୧୬-୨ ଧ୍ରୁବଙ୍କ = ଧ୍ରୁବର (ଖ) ୨୭-୧ ସେ = ଯେ (ଖ) । ୩୦-୧ ବଡ଼ = ବହୁ (କ) । ୪୯-୨ ଉଦର = ଗର୍ଭର (ଖ) । ୬୦-୨ ଉର୍ଦ୍ଧ୍ୱ = ଉର୍ଦ୍ଧ୍ୱେ (କ) । ୬୯-୧ ତୁମ୍ଭର = ତୋହର (ଖ) । ୭୦-୧ ସମ ତୁମ୍ଭଙ୍କୁ = ସମାନେ ତୋତେ (ଖ) । ୯୪-୧ ମତି = ମାତି (ଖ) । ୯୯-୨ ସବିନୀତ = ସର୍ବନିତ (ଗ) । ୧୦୬-୧ ଦୃତେ = ଦୃତେ (କ) । ୧୦୮-୨ ସ୍ୱର୍ଗ ମୋକ୍ଷ = ସ୍ୱର୍ଗମୋଦ (କ) । ୧୩୧-୧ ଏହାର = ତାହାର ସମ୍ମୁଖେ = ସମକ୍ଷେ (ଖ) । ୧୪୩-୧ ଉପାସିଣ = ଉପାସକ (କ) । ୧୯୨-୨ ଜନନୀର = ଜନନୀଙ୍କ (ଖ) । ୧୯୩ -୧ ଆଧି = ଅଧ (ଖ) । ୨୦୧-୨ ଧରିଲି = ଧଇଲି (ଖ) । ୨୦୫-୨ ଲଭିଲୁ = ଲଭିବୁ (ଖ) । ୨୧୮-୧ ଶୁଣିବା = ଶୁଣିମା (ଖ) । ୨୨୩-୧ ସ୍ଥାନ = ପଦ (ଖ) ୨୨୮-୧ ଧ୍ରୁବ = ମୁନି (ଖ) । ୨୩୩-୧ ପରମ ପୁରୁଷ = ନାରାୟଣ ପ୍ରଭୁ (ଖ) । ୨୪୯-୧ ଜପତପ = ତପ ଅବା (ଖ) । ୨୫୦-୨ ବ୍ରହ୍ମଚାରୀ = ଦୁରାଚାରୀ (ଖ) । ୨୫୧-୧ ଲଭିବି = ଭଜିବି (ଖ) । ୨୫୭-୧ ଜଳ ଘଟେ = ଜଳ ଘାଟେ (ଖ) । ୨୬୨-୨ କଲା = କଲ (କ) ।

ଦ୍ୱିତୀୟ ଅଧ୍ୟାୟ

୩-୨ ତକ୍ଷଣେ =ତତକ୍ଷଣେ (କ) । ୬-୧ ଅଧିଷ୍ଠିତ=ଆଧିଷ୍ଠତ (କ) । ୬-୨ ପାଇଲା=ହୋଇଲା (ଗ) । ୮-୨ ଗ୍ରାମ=ଗ୍ରାମେ (କ) । ୧୦-୨ ତୀରେ=କୂଳେ (ଗ) । ୧୪-୨ ଦୃଢେ=ଗାଢେ (ଗ) । ୧୫-୧ ବିଚାରିଲା=ବିଚାରଇ (ଖ) । ୧୮-୧ ଉର୍ଦ୍ଧ୍ୱେ=ଉର୍ଦ୍ଧ୍ୱ (କ) । ୨୬-୨ ଭାଳିଲେ=ଚିନ୍ତିଲେ (ଗ) ।୪୧-୨ ନାସାରନ୍ଧ୍ର = ନାସାରନ୍ଧ୍ର (କ) । ୪୯-୧ ସେତେ = ଯେତେ (କ) ୫୨-୨ ସଂହାରିବ = ସଂହାରିବ (କ) । ୫୪-୨ କରନ୍ତି =

କରଇ (ଖ) । ୬୦-୨ ଭୀତି=ଭ୍ରାନ୍ତି (ଖ) ୬୫-୧ ଭୂଜ=ଭୂତ (କ) । ୬୮-୨ ଗମିଲେ=ମିଳିଲେ(ଖ) । ୭୨-୨ କମ୍ପନେ=କମ୍ପନ (ଖ) । ୭୮-୧ ପୁଣ= ପୁଣ୍ୟ (ଗ) । ୮୦-୨ ଶବଦ=ଶବଦେ (ଖ) । ୯୧-୨ ଯତ୍ର=ପତ୍ର (କ) । ୧୦୨-୨ ତେଜ=ତେଜି (ଖ) । ୧୦୪-୧ ବଳ=ଭଳି (ଖ), ୧୦୪-୨ ଚଳିଲେ=ମିଳିଲେ (ଗ) । ୧୦୮-୨ କହନ୍ତି=କହନ୍ତେ (ଖ) । ୧୧୧-୨ ବାଝଇ=ଉଛଇ (ଗ) । ୧୧୫-୨ ପୁର=ପୁରେ (ଖ) ।

ତୃତୀୟ ଅଧ୍ୟାୟ

୧୮-୧ ବଳରାମ=ବଳିରାତି (ଖ), ୧୮-୨ ଭଞ୍ଜନ=ଭଣ୍ଡନ (କ) । ୨୫-୨ ଗରୁଡୁ=ଗରୁଡ଼ (ଖ) । ୨୭-୧ ତୋର=ତୁମ୍ଭ (ଗ), ୨୭-୨ କଲୁ=କଲ (ଖ), ତୁରେ =ତୁମ୍ଭେ (ଖ)(ଗ) । ୩୦-୧ ପିତାମହେ=ପିତାମହ (କ), ୩୦-୨ ବସ ତୁ =ବସନ୍ତି (କ) । ୩୧-୨ ଦହେ = ଢଳେ (ଖ) । ୩୨-୧ ଶିଶୁମ୍ନାଚକ୍ରରେ=ଶିଶୁମାରଚକ୍ର (ଖ) । ୩୧-୧ ଗଗନ=ପବନ (ଖ) । ୩୬-୨ ବାଳ=ଚଳ (ଖ) । ୪୨-୨ ବିୟୋଗ=ବିଯୋଗ (ଖ) । ୫୬-୧ କଲାଇଂ = କଲଇଂ (ଖ) ।

□□□

ଛଡ଼ରସ ଭାଗବତ

ପୋଥିପ୍ରାପ୍ତି

(କ) ଡକ୍ଟର କୃଷ୍ଣଚରଣ ସାହୁ, ରିଡ଼ର, ଓଡ଼ିଆ ବିଭାଗ, ବାଣୀବିହାର, ପୁରୀ ।

(ଖ) ଶ୍ରୀ ସୁଦର୍ଶନ ଷଡଙ୍ଗୀ, ରାଏରଙ୍ଗ, ବାଙ୍କପୁର, ପୁରୀ ।

(ଗ) ଅଧିକାରୀ ମୀନକେତନ ଦାସ, ତେଲିଆ ପଡ଼ା ଗାଦି ଟାଙ୍ଗି, କଟକ ।

(ଘ) ଅଧ୍ୟାପକ ମନମୋହନ ଦାଶ, ତୁଳସୀପୁର, ପୁରୀ ।

ପ୍ରଥମ ଅଧ୍ୟାୟ

ଶ୍ରୀ ଗଣେଶାୟ ନମଃ

ଦିନେକ ନୈମିଷା ଅରଣ୍ୟେ । କେଶବେ ଭେଟିଲେ ଅର୍ଜ୍ଜୁନେ ।୧।
ପ୍ରଣମି ଶିରେ କର ଦେଇ । ପୁଛଇ ଶ୍ରଦ୍ଧାଯୁକ୍ତ ହୋଇ ।୨।

ଅର୍ଜ୍ଜୁନ ଉବାଚ

ଭୋ ନାଥ ପ୍ରଭୁ ଭାବଗ୍ରାହୀ । ପ୍ରସନ୍ନେ କହ ନାଥ ତୁହି ।୩।
ମୁଁ ଧ୍ୟାନ କଲି ତୁମ୍ଭ ପାଦ । କାହିଁ ନ ପାଇଲି ଗୋବିନ୍ଦ ।୪।
ବୈକୁଣ୍ଠ ପୁରେ ଥାଉ ରହି । କିବା ତୋ ଥାନ ଅଛି କାହିଁ ।୫।
ଏକଥା ସଂଶୟ ନ ଥାଉ । ସୂଚିରେ ମୋତେ ଆଜ୍ଞା ହେଉ ।୬।

ଶ୍ରୀକୃଷ୍ଣ ଉବାଚ

ହସି ବୋଲନ୍ତି ଭାବଗ୍ରାହୀ । ଶୁଣ ଅର୍ଜ୍ଜୁନ ମନଦେଇ ।୭।
ବୈକୁଣ୍ଠ ମୋର ନିଜସ୍ଥାନ । ନିଶ୍ଚଳେ ନପାରେ ରହିଣ ।୮।
ସିଦ୍ଧ ଯୋଗୀନ୍ଦ୍ର ହୃଦ ମଧ୍ୟେ । ଯାଇ ମୁଁ ବସଇ ଆନନ୍ଦେ ।୯।
ତହିଁରେ ନ ପାରଇ ରହି । ସତ୍ୟ କହୁଛି ଶୁଣ ତୁହି ।୧୦।
ମୋ ଭକ୍ତ ଯେବେ ଶ୍ରଦ୍ଧା ଚିରେ । ମୋ ନାମ ଗାଉଥିବ ନିତ୍ୟେ ।୧୧।
ମୁଖେ ଉଚାରେ ମୋର ନାମ । କିବା ଶ୍ରବଣେ କରେ ପାନ ।୧୨।
ମୁ ତାକୁ ଛାଡ଼ି ନ ପାରଇ । ସର୍ବଦା ସଂଗତରେ ଥାଇ ।୧୩।
ଶୁଣି ଅର୍ଜ୍ଜୁନ କୃତକୃତ । ବୋଲଇ କହ ଜଗନ୍ନାଥ ।୧୪।

ତୋର ଭଗତଙ୍କର ଗତି	। ଶୁଣି ନିର୍ମଳ ହେଉ ମତି	।୧୫।
ଶୁଣିତ ଶ୍ରଦ୍ଧା ମୋର ମନ	। କହ ସନ୍ତୋଷେ ଭଗବାନ	।୧୬।
ବୈଷ୍ଣବ କିଗତି କି ଯାଇ	। କି ଅବା ଧ୍ୟାନ ସେ କରଇ	।୧୭।
କି ଅବା ତାର ପ୍ରାଣଗତି	। ସନ୍ତୋଷେ କହ ଶିରୀପତି	।୧୮।

ଶ୍ରୀକୃଷ୍ଣ ଉବାଚ

କହନ୍ତି କମଳ ଲୋଚନ	। ଅର୍ଜ୍ଜୁନ ହୁଅ ସାବଧାନ	।୧୯।
ଯାହାତୁ ପଚାରିଲୁ ମୋତେ	। ଶୁଣି ଆନନ୍ଦ ମୋର ଚିତ୍ତେ	।୨୦।
ମୋ ଭକ୍ତ କଥା ଯେ ପଚାରେ	। ମୋହୋର ଭକ୍ତି ଅନୁସାରେ	।୨୧।
ମୋ ଭକ୍ତ କଥା ଯେ ଶୁଣଇ	। ସକଳ ସୁଖ ସେ ଲଭଇ	।୨୨।
ଗୁରୁ ବଚନ ଯାର ପ୍ରତେ	। ମୁଁ ଥାଇ ତାର ହୃଦଗତେ	।୨୩।
ମୋ ଭକ୍ତ ଜନେ ଯେ ବିଶ୍ୱାସ	। ତେଣୁ କହିବା ଉପଦେଶ	।୨୪।
ଅନ୍ୟ କେ ଜାଣିପାରେ ଯେହା	। ଅର୍ଜ୍ଜୁନ ପଚାରିଲୁ ଯାହା	।୨୫।
ଶୁଣି ହରଷ ମୋର ମତି	। କହିବା ଭଗତଙ୍କ ଗତି	।୨୬।
ତୁହି ପଚାରିଲୁ ଅର୍ଜ୍ଜୁନ	। କି ଗତି ପାନ୍ତି ଭକ୍ତ ଜନ	।୨୭।
ମୋ ଭକ୍ତ ପାନ୍ତି ମୋର ଗତି	। ହସି କହନ୍ତି ଯଦୁ ପତି	।୨୮।
ପ୍ରଳୟ କରନ୍ତି ସେ ନିତ୍ୟେ	। ଆନନ୍ଦେ ମୋ ଚରଣାଗ୍ରତେ	।୨୯।
ଧ୍ୟାନ କରନ୍ତି ନିତି ନିତି	। ମୋ ରୂପ ହୃଦରେ ଚିନ୍ତନ୍ତି	।୩୦।
ମୋତେ ଅର୍ଚ୍ଚନ୍ତି ପୁଣପୁଣ	। କହନ୍ତି ମୋର କଥାମାନ	।୩୧।
ମୋହୋର ନାମ ଅନୁକ୍ଷଣ	। ଆନନ୍ଦେ କରନ୍ତି ସ୍ମରଣ	।୩୨।
ମୋହୋର ଗୁଣ ଗାଇ ନିତ୍ୟେ	। ଆନନ୍ଦ ହେଉଥାଇ ଚିତ୍ତେ	।୩୩।
ଯହୁଁ ଗତିକି ଭକ୍ତ ଯାନ୍ତି	। ଦେବତା ଲେଶ ନ ପାବନ୍ତି	।୩୪।
ସୂର୍ଯ୍ୟର ଗମ୍ୟ ଗତି ନାହିଁ	। ଅଗ୍ନି ହିଂ ନ ପାରନ୍ତି ଯାଇ	।୩୫।
ଚନ୍ଦ୍ର ନ ପାଇ ତହିଂ ବାଟ	। ଯହିଂ ଭଗତ ମୋର ଭେଟ	।୩୬।
ଯୋଗିଯେ ପାଇବେ ତା କାହିଂ	। ପବନ ଗମି ନ ପାରଇ	।୩୭।

ଲୋକେ ତା ଜାଣିବେ କେମନ୍ତେ । ସଚରାଚର ଆଦି ଯେତେ ।୩୮।
ଦାମ୍ଭିକ ପଣେ ନ ଜାଣନ୍ତି । ବ୍ରାହ୍ମଣେ କର୍ମରେ ଭ୍ରମନ୍ତି ।୩୯।
ପଣ୍ଡିତ ଜନେ ନ ଜାଣନ୍ତି । ମତ୍ତ ଗର୍ବରେ ସେ ରହନ୍ତି ।୪୦।
ମୋ ଭକ୍ତ ସଙ୍ଗ ଯାର ନାହିଁ । ମୋ ଭାବ ଜାଣିବ ସେ କାହିଁ ।୪୧।
ଭଗତେ ଭଗତି ପ୍ରକାଶ । ଭଗତି ଭାବେ ମୁହିଂ ବଶ ।୪୨।
ଭଗତି ଭାବ ନାହିଂ ଯାର । ନିଶ୍ଚେ ନରକ ଗତି ତାର ।୪୩।

ଅର୍ଜ୍ଜୁନ ଉବାଚ

ନମସ୍ତେ ଯଶୋଦା ନନ୍ଦନ । କହିଲୁ ତତ୍ତ୍ୱ ଯେ ବଚନ ।୪୪।
ଶ୍ରୀମୁଖ ବଚନ ତୁମ୍ଭର । ଶୁଣିତ ଶ୍ରଦ୍ଧା ମନ ମୋର ।୪୫।
ଭୋ ନାଥ ଦେବ ନାରାୟଣ । ନମଇଂ ତୋହୋର ଚରଣ ।୪୬।
ତୋ ବିନୁ ଅନ୍ୟଗତି ନାହିଂ । ତେଣୁ ମୁଁ ତୋତେ ପଚାରଇ ।୪୭।
ସଦୟ କରି ତୋର ଚିତ୍ତେ । କହ ଭକ୍ତି ଲକ୍ଷଣ ମୋତେ ।୪୮।
ଭଗତ ଜନ କେ ଅଟଇ । ଭଗତି କାହାକୁ ଯେ କହି ।୪୯।
କେମନ୍ତେ ମହିମା ତାଙ୍କର । କହ ହେ ପ୍ରଭୁ ଚକ୍ରଧର ।୫୦।

ଶ୍ରୀ ଭଗବାନ ଉବାଚ

କହନ୍ତି ଶ୍ରୀ ମଧୁସୂଦନ । ଅର୍ଜୁନ ସାବଧାନେ ଶୁଣ ।୫୧।
ତୁ ଯାହା ପଚାରିଲୁ ମୋତେ । କେ ତାହା ଜାଣିବ ଜଗତେ ।୫୨।
ଯହିଂ ଅଛନ୍ତି ଭକ୍ତ ଜନେ । ସକଳ ସୁଖ ସେହୁ ସ୍ଥାନେ ।୫୩।
ମୋ ଭକ୍ତ ଜନ ଯହିଂ ଥାନ୍ତି । ସକଳ ତୀର୍ଥ ତହିଂ ସ୍ଥିତି ।୫୪।
ମୋ ଭକ୍ତ ଜନ ଯହିଂ ଠାବ । ତହିଂ କି ବୈକୁଣ୍ଠ ବୋଲିବ ।୫୫।
ତେଣୁ ମୋ ଭଗତ ବୈଷ୍ଣବ । ନିରତେ ଘେନି ମୋରଭାବ ।୫୬।
ସର୍ବ ମଙ୍ଗଳ ନାମ ମୋର । ଭଗତ ଚିନ୍ତଇ ହୃଦର ।୫୭।

ଯେବେ ତୁ ଶୁଣ ହୋ ଅର୍ଜୁନ	। ଭଜ ମୋ ବୈଷ୍ଣବ ଚରଣ	।୫୮।
ମୋ ଭକ୍ତି ଭାବେ ଚିତ୍ତ ଦେଇ	। ଅନ୍ୟ ଦେବରେ କାର୍ଯ୍ୟ ନାହିଁ	।୫୯।
ଅନ୍ୟ କର୍ମରେ ନ ବର୍ତ୍ତନ୍ତି	। ଅନ୍ୟ ଦେବତା ନ ପୂଜନ୍ତି	।୬୦।
ମୋର ଭଗତ ବନ୍ଧୁ ଯେହୁ	। ମୋହୋର ସମଜନ ସେହୁ	।୬୧।
କହିଲି ଶୁଣ ତୁ ଅର୍ଜୁନ	। ସତ୍ୟଯେ ମୋହୋର ବଚନ	।୬୨।
ଯେ ମୋର ଭକ୍ତ କୁ ନିନ୍ଦଇ	। ସେ ମୋ ଭକ୍ତକୁ ନ ଜାଣଇ	।୬୩।
ଯେ ମୋର ଭଗତଙ୍କ ମିତ୍ର	। ସେ ମୋର ପରମ ଭଗତ	।୬୪।
ସଦା ମୋ ନାମେ ଥାଇ ରହି	। ମୋ ବିନୁ ଅନ୍ୟ ନ ଜାଣଇ	।୬୫।
ତାହାକୁ କରଇ ମୁକତି	। ଲଭେ ମୋ ନିର୍ମଳ ଭଗତି	।୬୬।
ବୈଷ୍ଣବ ଲଭେ ମୁକ୍ତି ମୋର	। ତାକୁ ଭଜନ୍ତି ଯଉଂନର	।୬୭।
ସେ ମୋର ଭଗତି ଲଭଇ	। ଭଗତି ଭାବେ ମୋତେ ପାଇ	।୬୮।
ଶୁଣ ତୁ ପଣ୍ଡୁର ନନ୍ଦନ	। ବୈଷ୍ଣବ ବିଷ୍ଣୁର ସମାନ	।୬୯।
ବିଶେଷ କଳିଯୁଗେ ହରି	। ଖେଳେ ବୈଷ୍ଣବ ରୂପ ଧରି	।୭୦।
ମୁହିଂ ମୋ ଭଗତ କାରଣ	। ଭକ୍ତ ଜନକୁ ନିସ୍ତାରଣ	।୭୧।
ଯେଣୁ ବୈଷ୍ଣବ ଭଜ ତୁହି	। ଯାର ପ୍ରସାଦେ ମୋତେ ପାଇ	।୭୨।
ଭଗତ ଅଟେ ମୋର ତାତ	। ଯେଣୁ ଜଗତ ଗୁରୁ ଭକ୍ତ	।୭୩।
ଭଗତ ମୋର ଗୁରୁ ସତ	। ଯେକଥା ଅଟଇ ଯେ ତତ୍ତ୍ୱ	।୭୪।
ଯେଣୁ ସେ ମୋର ଗୁରୁ ହୋଇ	। ତେଣୁ ସଂସାର ଗୁରୁ ସେହି	।୭୫।
ଯେଣୁ ଭଗତ ମୋର ବନ୍ଧୁ	। ମୁହିଂ ତାହାଙ୍କ କୃପାସିନ୍ଧୁ	।୭୬।
ଯେଣୁ ମୁଂ ତାଙ୍କର ସୋଦର	। ଭଗତ ଅଟେ ବନ୍ଧୁ ମୋର	।୭୭।
ସେହି ମୋହୋର ମୁଂ ତାଙ୍କର	। ଯେକଥା ପ୍ରମାଣ ମୋହୋର	।୭୮।
ସଂସାରେ ଯେତେ ଧର୍ମଭାବ	। ସବୁରି ଉପରେ ବୈଷ୍ଣବ	।୭୯।
ବୈଷ୍ଣବ ପରେ ଧର୍ମ ନାହିଂ	। ଶୁଣ ଅର୍ଜୁନ ମନଦେଇ	।୮୦।
ଭକ୍ତ ମୋ ସମାନ ଅଟଇ	। ଯେକଥା ସତ୍ୟ କହୁଛଇଂ	।୮୧।
ଯେତେ ଦେବତା ଆରାଧିବ	। ସକଳ ପରେ ମୋ ବୈଷ୍ଣବ	।୮୨।
ଯେ କଥା ମୋହୋର ପ୍ରମାଣ	। ଭଗତ ମୋହୋର ସମାନ	।୮୩।
ପରମ ଗୁରୁ ମୋ ଭଗତ	। ସକଳ ଗୁରୁଙ୍କର ତତ୍ତ୍ୱ	।୮୪।

ସକଳ ଗୁରୁଙ୍କର ସାର । ଯେଣୁ ପରମ ଗୁରୁମୋର ।୮୫।
ମୋହୋର ନାମ ଶୁଣ ଗାଇ । ମୋ ବିନୁ ଅନ୍ୟ ନ ଜାଣଇ ।୮୬।
ମୁଖେ ଉଚ୍ଚାରେ ମୋର ନାମ । କରଇ ଶ୍ରବଣ କୀର୍ତ୍ତନ ।୮୭।
ମୋର ନିମନ୍ତେ କର୍ମ ତେଜି । ନିରତେ ମୋର ପାଦ ଭଜି ।୮୮।
ମୋହୋର ନାମ ଶ୍ରଦ୍ଧାରେଣ । ସ୍ମରଣ କରେ ପୁଣପୁଣ ।୮୯।
ବିଷୟ ରସ ଛାଡ଼ି ଚିତ୍ତେ । ମୋ ଗୁଣ ଗାଉଥାଇ ନିତ୍ୟେ ।୯୦।
ମୋହୋର ନାମ ସେ କେବଳ । ମନରେ ଝୁରେ ଗୁଛିମାଳ ।୯୧।
ସ୍ମରଣ କରେ ହୃଦଗତେ । ଅନ୍ୟ ନଜାଣେ ବାହ୍ୟ ମତେ ।୯୨।
ମନ ତା ଉଚ୍ଛୁଳଇ ଯେବେ । ମୋ ନାମ ଉଚ୍ଚେ ଭଜେ ତେବେ ।୯୩।
ତାହାର ଗତି କେ ଜାଣିବ । ବ୍ରହ୍ମା ଶଙ୍କର ଆଦି ଦେବ ।୯୪।
ମୁହିଁ ତା ଗତି ନ ଜାଣଇ । ତାହାର ଗତି କେ ଜାଣଇଂ ।୯୫।
ଶ୍ରଦ୍ଧାରେ ଲୟକରି ଯଦି । ମୋ ନାମ ଜପନ୍ତି ଅବଧି ।୯୬।
ତାହାର ନାମ ନିରନ୍ତରେ । ଘୋଷୁ ଯେ ଥାଇ ମୁଂ ହୃଦରେ ।୯୭।
ମୋର ଭଗତ ଯେଣେ ଯାଇ । ମୋ ରୂପ ଗୁଣ ହୃଦେ ଲଇ ।୯୮।
ମୋହୋର ସ୍ତୁତି ପଢ଼ି ମୁଖେ । କାଳ କାଟଇ ମୋର ସୁଖେ ।୯୯।
ପୁଣି ହିଂ କହେ ମୋ ମହିମା । ମୋ ଭକ୍ତ ମୁଖେ ଥାଇ ବ୍ରହ୍ମା ।୧୦୦।
ଶିରରେ ମୁହିଂ ବସି ଥାଇ । ନାଭିରେ ଶଙ୍କର ବସଇ ।୧୦୧।
କଣ୍ଠରେ ଲକ୍ଷ୍ମୀ ସରସ୍ୱତୀ । ହୃଦେ ଗରୁଡ଼ ହନୁ ସ୍ଥିତି ।୧୦୨।
ପାଦରେ ଗନ୍ଧର୍ବ କିନ୍ନର । ଭକ୍ତ ସାକ୍ଷାତେ ଯୋଗେଶ୍ୱର ।୧୦୩।
ଯୋଗ ମାନଙ୍କ ରାଜା ମୁହିଁ । ଯେ ଭକ୍ତ ମୋର ଭାବେଥାଇ ।୧୦୪।
ସେ ମୁହିଁ ଏକଇ ସମାନ । ତିଳେକ ନାହିଁ ଭିନ୍ନାଭିନ୍ନ ।୧୦୫।
ଏଣୁ ଯେ ଭଗତେ ବିଶ୍ୱାସ । ସେ ଯେ ମୋହୋର ନିଜଦାସ ।୧୦୬।
ଯେ ଭଜେ ମୋର ଭଗତଙ୍କୁ । ସଂସାର ନ ଲାଗେ ତାହାଙ୍କୁ ।୧୦୭।
ସେ ଯେବେ ବିଷୟାରେ ଚିତ୍ତ । କାମାଦି ଗୁଣରେ ସଂଯୁକ୍ତ ।୧୦୮।
ମୋ ନାମ ହୃଦରେ ଭାବନ୍ତି । ମୋ ଭାବେ ସାଧୁସଙ୍ଗେ ପ୍ରୀତି ।୧୦୯।
ଯେ ଗୁଣ ସଙ୍ଗେ ମୁହିଁ ଥାଇ । ତା କଳା କର୍ମ ମୁଂ କରଇ ।୧୧୦।
ଅର୍ଜ୍ଜୁନ ସାବଧାନେ ଶୁଣ । ସତ୍ୟ ଯେ ମୋହୋର ବଚନ ।୧୧୧।

ବନ୍ଧୁ ତନୟ ଦାରା ଧନ । ଗୁରୁଚରଣେ ନିବେଦନ ।୧୧୨।
ମୋର ଭଗତି ଯହିଂ ନାହିଂ । ସେ ଦେଶ ପତିତ ବୋଲାଇ ।୧୧୩।
ଭକ୍ତି ମହିମା ଅଗୋଚର । ନଜାଣେ ବ୍ରହ୍ମା ପୁରନ୍ଦର ।୧୧୪।
ଯେଣୁ ଭଗତ ମୋର ସାର । କେ ସମ ହୋଇବ ତାଙ୍କର ।୧୧୫।
ଭଜ ତାହାକୁ ମନ ଦେଇ । ତାଙ୍କର ଠହୁଁ ଭକ୍ତି ପାଇ ।୧୧୬।
ସରି ନୋହଇ ତାକୁ ତପ । ଯେଣୁ ଚିନ୍ତଇ ମୋର ରୂପ ।୧୧୭।
ପୁଣ୍ୟ ନୋହଇ ତାକୁ ସରି । ନିରତେ ମୋତେ ହୃଦେ ଧରି ।୧୧୮।
ଫଳ ନୋହଇ ତାକୁ ସରି । ଯାହାକୁ ଦେଖି ଯମ ଡ଼ରି ।୧୧୯।
ଯୋଗୀଯେ ଯୋଗ ଧ୍ୟାନ କରି । ନୋହନ୍ତି ମୋର ଭକ୍ତ ସରି ।୧୨୦।
ସଂସାରେ ଛନ୍ତି ବ୍ରତୀ ଯେତେ । ନତୁଲ୍ୟ ମୋହୋର ଭଗତେ ।୧୨୧।
ଯେ ନର ଅନ୍ନ ବସ୍ତ୍ର ତ୍ୟାଗୀ । କର୍ମାଦି ସଂସାରକୁ ତ୍ୟାଗୀ ।୧୨୨।
ଫଳମୂଳ କରେ ଆହାର । ଦେଶ ଭ୍ରମର ଦିଗମ୍ବର ।୧୨୩।
ଅଥବା ଉଦକ ଭକ୍ଷଣ । ଅଥବା କରେ ପୟପାନ ।୧୨୪।
ଅଥବା ଫଳମୂଳ କରେ । କେରହେ ପବନ ଆହାରେ ।୧୨୫।
ଅନେକ ପ୍ରକାରେ ସାଧଇ । ମୋର ଭଗତି ଯେବେ ନାହିଂ ।୧୨୬।
ଯେତେ ପ୍ରକାରେ ଦିନ ହରି । ନୋହଇ ମୋର ଭକ୍ତ ସରି ।୧୨୭।
ସେ ପ୍ରାଣୀ ଗତି ମୁକ୍ତି ଲଭେ । ସରି ନୋହଇ ଭକ୍ତି ଭାବେ ।୧୨୮।
ମୋର ଭଗତି ଯାର ନାହିଂ । ତାହାର ଗତି ଅଛି କାହିଂ ।୧୨୯।
ଯେଣୁ ଭଗତ ମୋ ସମାନ । ସେହି ଜାଣଇଂ ମୋର ମନ ।୧୩୦।
ତାହାଙ୍କ ଭାବେ ମୁହିଁ ଥାଇ । ସେ ଥାନ୍ତି ମୋର ରୂପ ଧାଇ ।୧୩୧।
କେ କହୁ ତାହାଙ୍କ ମହିମା । ବେଦ ପୁରାଣେ ନୋହେ ସୀମା ।୧୩୨।
ଶୁଣି ଅର୍ଜୁନ ପୁଲକିତ । ଆନନ୍ଦେ ହୋଇ କୃତକୃତ ।୧୩୪।
ନମଇ ଶ୍ରୀକୃଷ୍ଣ ଚରଣେ । ଅଗତି ଗତି ହୋଇ ଯେଣେ ।୧୩୫।
ସୁଜନ ଜନଙ୍କ ପୟରେ । ମୋ ମନ ଥାଉ ନିରନ୍ତରେ ।୧୩୬।
ଭକ୍ତି ଯୋଗର ଯେହୁ ସାର । ନାମ ମାହାତ୍ମ୍ୟର ବିଚାର ।୧୩୭।
କୃଷ୍ଣ ଚରଣେ କରି ଆଶ । କହଇ ଜଗନ୍ନାଥ ଦାସ ।୧୩୮।

ଇତିଶ୍ରୀ ଆଦିତ୍ୟ ପୁରାଣେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦେ ଶ୍ରୀନାମ ମାହାତ୍ମ୍ୟ ଛତ୍ରିଶ
ଭାଗବତ ବର୍ଣ୍ଣେନେ ନାମ ପ୍ରଥମୋଧ୍ୟାୟ ।୧।

ଦ୍ୱିତୀୟ ଅଧ୍ୟାୟ

ଅର୍ଜ୍ଜୁନ ଉବାଚ

ଜୟ ତୁ ଶ୍ରୀ ମଧୁସୂଦନ । ଅମୃତ ତୋହୋର ବଚନ ।୧।
ଯେହୁ ଶୁଣନ୍ତି କର୍ଣ୍ଣପୁଟେ । ନପଡ଼ି ବିଷୟ ସଙ୍କଟେ ।୨।
ଫିଟଇ ଘୋର ଅନ୍ଧକାର । ତୋର ବଚନ ସୁଧା ସାର ।୩।
ଯେବେ ସୁଦୟା ତୋର ମୋତେ । ସଂଶୟ ଛେଦ ମୋର ଚିତ୍ତେ ।୪।
ତୋ ନାମ ମୁଖେ ଯେ ଉଚ୍ଚାରି । ପ୍ରାଣ ତେଜନ୍ତି ନରନାରୀ ।୫।
ତାଙ୍କର କିଗତି ହୁଅଇ । କହିବା ମୋତେ ଭାବଗ୍ରାହୀ ।୬।
ଶୁଣି ସଂଶୟ ମୋର ଯାଉ । ପ୍ରସନ୍ନେ କହ ମହାବାହୁ ।୭।

ଶ୍ରୀ ଭଗବାନ ଉବାଚ

କହନ୍ତି ପ୍ରଭୁ ଭାବଗ୍ରାହୀ । ଶୁଣ ଅର୍ଜ୍ଜୁନ ମନଦେଇ ।୮।
ତୁ ଯାହା ପଚାରିଲୁ ମୋତେ । ଶୁଣ କହିବା ଏକ ଚିତ୍ତେ ।୯।
ତାହାର ସଙ୍ଗେ ମୁହିଁ ଥାଇ । ସଙ୍ଗତେ ଆତଯାତ ହୋଇ ।୧୦।
ମୋ ନାମ ଧରି ଯେ ମରନ୍ତି । ପରମ ପଦ ସେ ଲଭନ୍ତି ।୧୧।
ସଂସାର ଭୟରୁ ତରଇ । ଶୁଣ ଅର୍ଜ୍ଜୁନ ମନ ଦେଇ ।୧୨।
ତା ଫଳ ହୋଏ ଅଗୋଚର । କେ କରି ପାରିବ ଗୋଚର ।୧୩।
ମୋର ଭଗତ ମିତ୍ର ଯେହୁ । ମୋ ନାମ ସୁମରଇ ସେହୁ ।୧୪।
ଯେତେକ ପାପ ସେ କରଇ । ମୋ ନାମେ ସକଳ ଦହଇ ।୧୫।
ମୋହୋର କଥା ତାରସଙ୍ଗେ । ପାତକ ନ ରହଇ ଅଙ୍ଗେ ।୧୬।
ଉଚ୍ଚେ ବୋଲଇ ହରି ହରି । କେ ଅଛି ତାର ସଙ୍ଗେ ସରି ।୧୭।

ଶ୍ରବଣେ ଶୁଣନ୍ତି ଯେ ନର । ତରନ୍ତି ପତିତ ପାମର ।୧୮।
ଦେଖ ମୋହୋର ଭକ୍ତଜନ । ଯେ ପ୍ରାଣୀ କରନ୍ତି ନିନ୍ଦନ ।୧୯।
ଅଥବା ଶୁଣିଲେ ଶ୍ରବଣେ । ନିନ୍ଦା ଯେ କରଇ ବଚନେ ।୨୦।
ଦେଖିଲେ ଶୁଣିଲେ ନିନ୍ଦଇ । ଅଭକ୍ତ ଜନକୁ ବନ୍ଦଇ ।୨୧।
ସାଧୁକୁ କରେ ଉପହାସ । କହଇ ଧରି ନାନା ଦୋଷ ।୨୨।
ଭକ୍ତିର ମହିମା ନ ଜାଣେ । ନିରତେ ନିନ୍ଦା ହିଁ ବଖାଣେ ।୨୩।
ସେ ଯେବେ ନାନା କର୍ମକରେ । ମୋ ନାମ ହୃଦେ ନ ସୁମରେ ।୨୪।
ଯଜ୍ଞ କରଇ କୋଟିକୋଟି । ତଥାପି ସେ ପାପ ନ ତୁଟି ।୨୫।
ମୋ ଭକ୍ତ ନିନ୍ଦା ଯେହୁ କରି । ଅର୍ଜ୍ଜୁନ ସେ ମୋର ବଇରି ।୨୬।
ଅଥବା ଶୁଣଇ ଶ୍ରବଣେ । ନିନ୍ଦା ଯେ କରଇ ବଦନେ ।୨୭।
ତାର ସକଳ ଧର୍ମ ଯାଇ । କହନ୍ତି ପ୍ରଭୁ ଭାବଗ୍ରାହୀ ।୨୮।
ବୋଲନ୍ତି ପ୍ରଭୁ ଭଗବାନ । ମୋହୋର ସତ୍ୟ ଯେ ବଚନ ।୨୯।

ଅର୍ଜ୍ଜୁନ ଉବାଚ

ଭୋ ନାଥ ପ୍ରଭୁ ଦେବରାୟେ । ନମଇଂ ତୋର ପଦ୍ମପାୟେ ।୩୦।
ତୋହୋର ଅଭୟ ଚରଣ । ଅଶେଷ ଜନ୍ତୁଙ୍କ କାରଣ ।୩୧।
ତୋ ନାମ ଉଚ୍ଚାରିଲେ ମୁଖେ । ପ୍ରାଣୀ ସଂସାରୁ ତରେ ସୁଖେ ।୩୨।
କଥାୟେ ପଚାରଇ ତୋତେ । କହ ସଂଶୟ ଫେଡ଼ି ମୋତେ ।୩୩।
ତୋର ଭୋଜନ ଶେଷ ଅନ୍ନ । ଯେ ପ୍ରାଣୀ ଭୁଞ୍ଜେ ଶ୍ରଦ୍ଧାରେଣ ।୩୪।
ତାହାର କି ଗତି ହୁଅଇ । କହ ପ୍ରସନ୍ନେ ଭାବଗ୍ରାହୀ ।୩୫।

ଶ୍ରୀ ଭଗବାନ ଉବାଚ

ଶୁଣ ଅର୍ଜ୍ଜୁନ ଯେକ ଚିତ୍ତେ । ତୁ ଯାହା ପଚାରିଲୁ ମୋତେ ।୩୬।
ମୋତେ ନିବେଦି ଯଉଁ ଅନ୍ନ । ମୋ ଭକ୍ତେ କରନ୍ତି ଭୋଜନ ।୩୭।

ତାଙ୍କ ଭୋଜନ ଶେଷ ଯେବେ । ଯେ ପ୍ରାଣୀ ଭୁଞ୍ଜେ ଭକ୍ତି ଭାବେ ।୩୮।
ତାର ମହିମା ଅଗୋଚର । ତାକୁ ବୋଲନ୍ତି ଭକ୍ତ ସାର ।୩୯।
ତାହାର ଯେତେ ଫଳ ହୋଇ । ମୁହିଂ ତା କହି ନ ପାରଇ ।୪୦।
ସତ୍ୟ ଯେ ମୋହୋର ବଚନ । ଅର୍ଜୁନ ସାବଧାନେ ଶୁଣ ।୪୧।
ଯେ କଥା ପରମ ଗୁପତ । ଜାଣନ୍ତି ସୁଗ୍ୟାନି ପଣ୍ଡିତ ।୪୨।
ତୁ ଯାହା ପଚାରିଲୁ ଯେବେ । ମୁହିଂ କହିଲି ତୋର ଭାବେ ।୪୩।
ଯେ ପ୍ରାଣୀ ଯେହା ନ ଜାଣଇ । ମୋର ଭଗତି ଲେଶ ନାହିଂ ।୪୪।
ସଂସାର କରଇ ଯତନ । ମୋ ଭାବେ ନାହିଂ ତାର ମନ ।୪୫।
ଯେଣୁ ମୋ ଭାବ ନ ଜାଣଇ । ତେଣୁ ବିଷୟା ରସେ ଥାଇ ।୪୬।
କୃମି ଇଛଇ ନର୍କବାସ । ସେ କି ଜାଣଇ ଇକ୍ଷୁରସ ।୪୭।
ମୋ ଭାବେ ନ ବଳାଇ ମନ । ବିଷୟାରସ କରେ ପାନ ।୪୮।
ମୋହୋର ନାମର ମହିମା । ନ ଜାଣି ପାରେ ଶିବ ବ୍ରହ୍ମା ।୪୯।
ମୋ ନାମେ ସରି ନୋହେ ଧ୍ୟାନ । ନାନା ବିଫଳ ସ୍ତୁତି ମାନ ।୫୦।
ନାମ କେ ଅନ୍ତ କରି ପାରି । ମୁହିଂ ନୁହଇ ନାମ ସରି ।୫୧।
ଜପ ତପସ୍ୟା ଯଜ୍ଞ ଦାନ । ସେ ନୋହେ ନାମର ସମାନ ।୫୨।
ମୋ ନାମ ଶ୍ରବଣେ ଯେ ଶୁଣେ । ମୋହୋର ନାମ ହୃଦେ ଗୁଣେ ।୫୩।
ଷଡ଼୍‌ଗୁଣ ଜିଣିଲା ସେ ବଳେ । ନାମ ଧରିଣ ଯେ ଶୟଳେ ।୫୪।
ଯେହ୍ନେ ପ୍ରକାଶ ରବି ତ୍ରାସ । ଘୋର ତିମିର ହୋଏ ନାଶ ।୫୫।
ମୋ ନାମ ବଦନେ ଉଚାରି । କିବା ଶ୍ରବଣେ ପାନ କରି ।୫୬।
ଅଶେଷ ଘୋର ପାପରାଶି । କ୍ଷଣକ ମାତ୍ରେ ହୋଏ ଧ୍ୱଂସି ।୫୭।
ନାମ ହୁଂ ଅନ୍ୟ ନାହିଁ କର୍ମ । ତପସ୍ୟା ଆଦି ନୋହେ ସମ ।୫୮।
ମୁକ୍ତି ନୁହଂଇ ତାକୁ ସରି । ଯେ ସୁଖେ ବୋଲେ ହରି ହରି ।୫୯।
ଜାଣନ୍ତି ସୁଗ୍ୟାନି ବିବେକ । ମୋ ତହୁଂ ମୋ ନାମ ଅଧିକ ।୬୦।
ମୋହର କର୍ମ ଯେ କରଇ । ସହସ୍ରେ ପୁରୁଷ ତାରଇ ।୬୧।
କରି କରାଇ ମୋର କର୍ମ । ଅଶେଷ କର୍ମ ପରେ ନାମ ।୬୨।
ଅଖିଳ ଜନ୍ତୁଙ୍କ କାରଣ । ମୋ ନାମ କଥନ ଶ୍ରବଣ ।୬୩।
ମୋ ନାମ ପରମ ସୁଗତି । ମୋ ନାମ ଅଖିଳର ପତି ।୬୪।

ପରମ ଆଦି ମୋର ନାମ	। ମୋ ନାମ ଗୁରୁଙ୍କ ପରମ	।୬୫।
ମୋ ନାମ ଜ୍ଞାନୀଙ୍କି ଗୋଚର	। ମୋ ନାମ ଜଗତର ସାର	।୬୬।
ମୋ ନାମ ଜଗତ ଜୀବନ	। ନାମରୁ ଅଶେଷ ଭୁବନ	।୬୭।
ପରମ ତତ୍ତ୍ୱ ମୋର ନାମ	। ମୋ ନାମ ଜଗତ ପାବନ	।୬୮।
ମୋ ନାମ ଜଗତର ବନ୍ଧୁ	। ନାମ ମୋହୋର କୃପାସିନ୍ଧୁ	।୬୯।
ମୋ ନାମ ଅଶେଷର ମନ	। ନାମ ଅମୂଲ୍ୟ ସାଧନ	।୭୦।
ମୋ ନାମ ସତ୍ୟଙ୍କର ସାର	। ମୋ ନାମ ଆଚାରଙ୍କ ପର	।୭୧।
ମୋ ନାମ ଜଗତରେ ପ୍ରିୟ	। ମୋ ନାମ ଜନ୍ତୁଙ୍କ ଆଶ୍ରୟ	।୭୨।
ମୋ ନାମ ଜଗତ ଉଦ୍ଧାର	। ମୋ ନାମ ଜଗତ ପିଅର	।୭୩।
ମୋ ନାମ ଜଗତ କାରଣ	। ମୋ ନାମ ଜଗତକୁ ଗୁଣ	।୭୪।
ଜଗତ ବୀଜ ମୋର ନାମ	। ମୋ ନାମ ପାତକ ନାଶନ	।୭୫।
ମୋ ନାମ ଆତ୍ମା ପର ବନ୍ଧୁ	। ମୋ ନାମ ଭକ୍ତ କୃପାସିନ୍ଧୁ	।୭୬।
ନାମ ଜନ୍ମ ମୃତ୍ୟୁ ନାଶଇ	। ନାମ ଅଭୟ ଗତି ଦେଇ	।୭୭।
ମୋ ନାମ ଆତ୍ମା ପରବନ୍ଧୁ	। ମୋ ନାମ ଜଗତର ବନ୍ଧୁ	।୭୮।
ନାମରୁ ଜଗତ ଜନମ	। ସଚରାଚର ମୋର ନାମ	।୭୯।
ମୋହୋର ନାମ ମୋର ଚିତ୍ତ	। ମୋ ନାମ ପାଳଇ ଜଗତ	।୮୦।
ମୋ ନାମ କର୍ମ ଅଧିକାରୀ	। ଯେ ମୋର ନାମେ କର୍ମ କରି	।୮୧।
ତାହାର ସର୍ବ କର୍ମ ଫଳେ	। ଯାଚି ଦିଅଇ ତାକୁ ବଳେ	।୮୨।
ମୋ ନାମ ଫଳଙ୍କ ଉତ୍ତମ	। ମୋ ନାମ ଜଗତ ପୂଜନ	।୮୩।
ମୋ ନାମ ଆତ୍ମାର ସୁମନ	। ମୋ ନାମ ଧର୍ମଙ୍କ ପ୍ରଧାନ	।୮୪।
ମୋ ନାମ କର୍ମଗୁଣ ଗୀତ	। ଯୁଗକୁ ଯୁଗ ଏ ପ୍ରଶସ୍ତ	।୮୫।
ମୋ ନାମ କର୍ମଗୁଣେ ମତି	। ଯେହୁ ପଶଇ ଲଭେ ମୁକ୍ତି	।୮୬।
ମୋ ନାମ ଗୁଣ ପ୍ରାଣୀ ହିତ	। ମୋ ନାମ ନିସ୍ତାରେ ଜଗତ	।୮୭।
ବିଶେଷେ କଳିଯୁଗେ ନାମ	। ସକଳ ଧର୍ମଙ୍କ ଉତ୍ତମ	।୮୮।
ମୋ ଗୁଣ କର୍ମେ ଯାର ମତି	। ମୁହିଂ ସେ ତାହାଙ୍କର ଗତି	।୮୯।
ମୁଁ ଶାନ୍ତି ସମ ଯାର ବୁଦ୍ଧି	। ଶୀଳ ସନ୍ତୋଷ ଚିତ୍ତ ଶୁଦ୍ଧି	।୯୦।

ମୋହୋର ନାମ ପରାୟଣ । ମୋ ବିନୁ ନଜାଣଇଁ ଆନ ।୯୧।
ମୋହୋର ଗୁଣ କର୍ମେ ଚିତ୍ତ । ନିରତେ ମୋହୋର ଚରିତ୍ର ।୯୨।
ମୋ ଭାବେ ମନବୁଦ୍ଧି ଦେଇ । ମୋହୋର ଭାବେ ନିତ୍ୟେ ଥାଇ ।୯୩।
ମୋର ଭଗତ ବନ୍ଧୁ କରି । ପୂଜଇ ମୋର ସମସରି ।୯୪।
ତାର ସହସ୍ର କୂଳ ତାରେ । ଆଉ ନିସ୍ତାର କରେ ପରେ ।୯୫।
ମୋ ନାମ ସଦା ଆଶ୍ରେ କରେ । ମୋ ନାମ ଭାବଇ ହୃଦରେ ।୯୬।
ମୋ ନାମ ଗୁଣେ ସଦା ଚିତ୍ତ । ମୋ କର୍ମେ ହୋଏ ଅନୁଗତ ।୯୭।
ଏମନ୍ତ ଭାବେ ଯେଉଁ ଜନ । ସେ ଜିଣେ ତ୍ରିଗୁଣ ବନ୍ଧନ ।୯୮।
ତାକୁ ଜିଣନ୍ତା କେହି ନାହିଁ । ଯେଣୁ ସେ ମୋର ଭାବେ ଥାଇ ।୯୯।
ଯେ ପ୍ରାଣୀ ମୋହୋରେ ଭଗତ । ନିରତେ ମୋର କର୍ମେ ରତ ।୧୦୦।
ବିଷୟା ରସେ ନାହିଁ ଚିନ୍ତି । ନିରତେ ନାମ ଶୁଣିଥାନ୍ତି ।୧୦୧।
ଗତି ଲଭନ୍ତି ମୋର ଭକ୍ତ । ମୋ ଗୁଣେ କର୍ମେ ହୋଇ ଯୁକ୍ତ ।୧୦୨।
ଯେ ନାମ ଗୁଣ କର୍ମ ତେଜି । ବିଷୟା ଭୋଗେ ଚିତ୍ତ ମଜି ।୧୦୩।
ସେ ପ୍ରାଣୀ କର୍ମରେ ବନ୍ଧନ । ସୁଖ ନ ପାଏ କଦାଚନ ।୧୦୪।
ପିତା ଜନନୀ ଦାରା ସୁତ । ବନ୍ଧୁ ବାନ୍ଧବ ଇଷ୍ଟ ମିତ୍ର ।୧୦୫।
ଧନ ସଂପଦ ବଡ଼ ପଣ । ଯେମନ୍ତ ଇଚ୍ଛା ନିତ୍ୟେ ମନ ।୧୦୬।
ଯେମନ୍ତ ଭାବେ ଯେ ମୋହିତ । ମୋ ଭାବେ ନରହଇ ଚିତ୍ତ ।୧୦୭।
ଯେଣୁ ସେ ମୋତେ ପାଶୋରଇ । ଯେଣୁ ବିଷୟା ରସେ ଥାଇ ।୧୦୮।
ଯେ ପ୍ରାଣୀ ମୋ ନାମ ସୁମରେ । ବିଷୟା ସୁଖ ପରିହରେ ।୧୦୯।
ମୋର ନାମରେ ହୋଇ ଯୁକ୍ତ । ମୋର ନାମରେ ଦେଇ ଚିତ୍ତ ।୧୧୦।
ମୋର ନିମନ୍ତେ ସର୍ବ ତେଜି । ମୋର ଚରଣେ ନିତ୍ୟେ ଭଜି ।୧୧୧।
ସେହି ମୋହୋର ନିତ୍ୟ ପ୍ରିୟ । ମୋହୋର ଚରଣେ ଆଶ୍ରୟ ।୧୧୨।
ମୋ ନାମ ସଦା ଯାର ପ୍ରିୟେ । ସକଳ ପାପ ତାର କ୍ଷୟେ ।୧୧୩।
ଯେ ପ୍ରାଣୀ ମୋର ଭାବେ ଥାଇ । ତାହାର ଗତିକେ ଜାଣଇଂ ।୧୧୪।
ମୋ ନାମ କର୍ମେ ଯେହୁ ଥାଇ । ତାର ପାତକ ଆଉ କାହିଂ ।୧୧୫।
ପଦ୍ମପତ୍ରରେ ଯେହ୍ନେ ପାଣି । ଖସି ପଡ଼ଇ ତତକ୍ଷଣି ।୧୧୬।

ମୋ ନାମଗୁଣେ ଯେହୁ ମିଶେ । ତା ପାପ ସେହି ରୂପେ ନାଶେ ।୧୧୭।
ଯେ ପ୍ରାଣୀ ମୋର ନାମ ଚେତି । ମୋ ନାମ ଗୁଣ ତାର ଗତି ।୧୧୮।
ସକଳ ଗୁଣ ସେ ଜାଣିଲା । ହସି କହନ୍ତି ନନ୍ଦବଳା ।୧୧୯।
ଶୁଣ ପାଣ୍ଡବ ସାଧୁ ପାର୍ଥ । ତୋତେ କହଇ ପରମାର୍ଥ ।୧୨୦।
ମୋହୋର ନାମେ ଯେହୁ ଯୁକ୍ତ । ଯେବେ ସେ ହୋଏ ଜାତ ଅନ୍ତ ।୧୨୧।
ସଂସାର କର୍ମେ ଛାଡି ହୀନ । ମୋ ନାମେ ହୋଏ ପରାୟଣ ।୧୨୨।
ସେ ମୋର ଯେତେ ପ୍ରିୟ ହୋଇ । କହିବା ଶୁଣ ମନେ ଦେଇ ।୧୨୩।
ମୋର ଭଗତି ଆଶ୍ରା ତାର । ମୋ ନାମ କର୍ମେ ତତପର ।୧୨୪।
ସେ ନିଜ ବାନ୍ଧବ ମୋହୋର । ତାହାକୁ ମୋର ନମସ୍କାର ।୧୨୫।
ସତ୍ୟ ଯେ ମୋହୋର ବଚନ । ନମଇଂ ତାକୁ ପୁଣ ପୁଣ ।୧୨୬।
ସେ ପ୍ରାଣୀ ମୋର ଆତ୍ମା ନିଜ । ଅର୍ଜୁନ ଯେହା ସତ୍ୟବୁଝ ।୧୨୭।
ଯେ କଥା ଘେନ ଦୃଢ଼ ଚିରେ । ଯେବେ ତୁ ପଚାରିଲୁ ମୋତେ ।୧୨୮।
କହିଲି ଏ ମୋହାର ସତ୍ୟ । ସକଳ ଗ୍ୟାଂନଙ୍କର ତତ୍ୱ ।୧୨୯।
ଶୁଣି ଅର୍ଜୁନ ତୋଷ ହୋଇ । ଶ୍ରୀକୃଷ୍ଣ ଚରଣେ ନମଇଂ ।୧୩୦।
ସୁଜନେ ଯେହା ନିତ୍ୟେ ଘୋଷ । ଶ୍ରବଣେ ସର୍ବ ପାପ ନାଶ ।୧୩୧।
ବୋଲଇ ଜଗନ୍ନାଥ ଦାସ । ସାଧୁ ଚରଣେ ମୋର ଆଶ ।୧୩୨।

ଇତି ଶ୍ରୀ ଆଦିତ୍ୟ ପୁରାଣେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦେ ଶ୍ରୀନାମ ମାହାତ୍ମ୍ୟେ ଛନ୍ଦରସ ଭାଗବତ ବର୍ଣ୍ଣନେ ନାମ ଦ୍ୱିତୀୟୋଽଧ୍ୟାୟଃ ।

ତୃତୀୟ ଅଧ୍ୟାୟ

ଶ୍ରୀକୃଷ୍ଣ ଉବାଚ

ଶୁଣ ଅର୍ଜୁନ ମନ ଦେଇ	। ପ୍ରସନ୍ନେ ତୋତେ ଦେବା କହି	।୧।
ତୁ ଯେଣୁ ପଚାରିଲୁ ମୋତେ	। ହରଷେ କହୁଅଛି ତୋତେ	।୨।
ମୋର ଚରଣେ କରି ଆଶ	। ଯେ ମୋରେ ଭଗତ ବିଶ୍ୱାସ	।୩।
ମୋ ଭାବେ ଯୁକ୍ତ ହୋଇ ମନ	। ସେ ମୋର ଭକ୍ତର ପ୍ରଧାନ	।୪।
ନିର୍ମଳ ଚିତ୍ତେ ମୋର ନାମ	। ଯେ କରେ ଶ୍ରବଣ କୀର୍ତ୍ତନ	।୫।
ନାନା ଆଶ୍ରୟ ଦୂର କରି	। ମୋ ରୂପ ଗୁଣ ଚିତ୍ତେ ଧରି	।୬।
ମୁଂ ଥାଇ ତାହାଙ୍କ ହୃଦୟେ	। ଶୁଣ ତୁ ବୀର ଧନଞ୍ଜୟେ	।୭।
ତାହାର ଭୟ କିଛି ନାହିଂ	। ସଂସାର ତାକୁ ନବାଧଇ	।୮।
ଯେବେ ଅକର୍ମ ସେ କରଇ	। ମୋ ନାମେ ସକଳ ହରଇ	।୯।
ଅଗ୍ନି କୁଣ୍ଡରେ ଯେହ୍ନେ ତୁଳା	। ପୋଡ଼ି ହୁଅନ୍ତି ଭସ୍ମଧୂଳା	।୧୦।
ତୁଳାର କେତକ ଶକ୍ତି	। ଅଗ୍ନିରେ ପଡ଼ିକି ରହନ୍ତି	।୧୧।
ସେହି ପ୍ରକାରେ ମୋ ଭଗତ	। ମୋ ନାମେ ସର୍ବ ପାପ ହତ	।୧୨।
ହସି କହନ୍ତି ଭଗବାନ	। କେ ଯେହା କରି ପାରୁ ଆନ	।୧୩।
ସତ୍ୟ ଯେ ସତ୍ୟ ମୋ ବଚନ	। ମୋର ଭଗତ ମୋ ଜୀବନ	।୧୪।
ମୋହୋର ଆତ୍ମା ପ୍ରିୟ ସେହି	। ମୁହିଂ ତାହାର ହିତେ ଥାଇ	।୧୫।
ତାଙ୍କ ନିମନ୍ତେ ଦେହ ଧରି	। ନାଶଇ ତାଙ୍କର ବଇରି	।୧୬।
ଜନ୍ତୁଙ୍କୁ ଯୁଗ ଭାବ ତାର	। ହୁଅଇ ସଂସାର ମଧର	।୧୭।
ତାଙ୍କର ଦୁଷ୍କୃତ ନାଶଇ	। ମୁକତି ଗତି ମୁ ଦିଅଇ	।୧୮।
ଧର୍ମ ଥାପଇ ତାହାଙ୍କର	। ସତ୍ୟଯେ ବଚନ ମୋହୋର	।୧୯।
ସାଧୁଙ୍କ ନିମନ୍ତେ ମୁ ହୋଇ	। ତାଙ୍କ ସଙ୍ଗତେ ରହିଥାଇ	।୨୦।
ଭକ୍ତ ମୋହୋର ତାତ ମାତ	। ଭକ୍ତ ମୋହୋର ପ୍ରାଣ ମିତ	।୨୧।

ତାହାକୁ ଭଜ ଦୃଢ଼ ଚିତ୍ତେ । କହିଲି ପାର୍ଥ ତୋର ହିତେ ।୨୨।
ଯେବେ ତୁ ହୁଅ ସାବଧାନ । ଭଜ ତୁ ମୋର ଭକ୍ତ ଧନ ।୨୩।
ଭକ୍ତର ଯେବେ ଭାବ ଗୁଣ । ଜାଣି ପାରିବ କଉଁଜନ ।୨୪।
ମୋହୋର ଭଗତଙ୍କ ଗତି । ସ୍ୱର୍ଗେ ଦେବତା ନଜାଣନ୍ତି ।୨୫।
ମୋର ଭଗତେ ଯେହୁ ସ୍ନେହ । ସେ ପ୍ରାଣୀ ମୋର ପ୍ରାଣ ପ୍ରିୟ ।୨୬।
ତା'ର ଅକର୍ମ କିଛି ନାହିଁ । ମୋ ଭକ୍ତିଭାବେ ଚିତ୍ତ ଦେଇ ।୨୭।
ତାର ସକଳ ପାପ ଦୂର । ଅରୁଣେ ଯେହ୍ନେ ଅନ୍ଧକାର ।୨୮।
ତେଣୁ ସେ ମୋର ନାମକର୍ମ । ତାହାର ତହିଁ ସର୍ବ ଧର୍ମ ।୨୯।
ମୋ ନାମ ଗୁଣ ଯେ ଭାବଇ । ସୁଖେ ଭବାର୍ଣ୍ଣବ ତରଇ ।୩୦।
ମୋହୋର ନାମ ନିଜ ଲାଭ । ମୋ ଭକ୍ତେ ଯେହୁ ପ୍ରିୟ ଭାବ ।୩୧।
ତାହାର ପରମ କାରଣ । ଯେ ମୋର ନାମେ ପରାୟଣ ।୩୨।
ମୋହୋର ଶ୍ରଦ୍ଧା ତାକୁ ଚିତ୍ତେ । ଯେ ମୋତେ ଭଜେ ଶ୍ରଦ୍ଧା ଯୁକ୍ତେ ।୩୩।
ସର୍ବ ପାତକ ହୋଇ ହତ । ପରକୁ ନିନ୍ଦା କରେ ନିତ୍ୟ ।୩୪।
ପର ରମଣୀ କରେ ରତି । ପରକୁ ହିଂସା କରେ ନିତି ।୩୫।
ଲୋଭ ମୋହ କାମରେ ମତ । ସେ ପ୍ରାଣୀ ନର୍କେ ହୋଇ ଥିତ ।୩୬।
ମଦ ମତ୍ସରେ ସଦା ଯୁକ୍ତ । ପର ଜୀବରେ ଅପହିତ ।୩୭।
ମୋ ନାମ ଭଜେ ଯେବେ ହୃଦେ । ପାପ ନାଶଇ ଅପ୍ରମାଦେ ।୩୮।
ନିଶ୍ଚେ ସେ ସଂସାରୁ ତରନ୍ତି । ମୋ ନାମ ଯେବେ ସୁମରନ୍ତି ।୩୯।
କିଞ୍ଚିତ ମାତ୍ରେ ମୋର ନାମ । ସେ ଯେବେ କରଇ ଶ୍ରବଣ ।୪୦।
ତାର ଅଶେଷ ପାପ ହତ । ମୋ ନାମେ ଯେହୁ ହୋଏ ରତ ।୪୧।
ମୋ ଭକ୍ତ ଜନଙ୍କୁ ଦେଖିଲେ । ଆଦରେ ସେବା କରେ ଭଲେ ।୪୨।
ସତସଙ୍ଗରେ ଦିନ ହରେ । ତେବେ ସେ ଅନୁଭବ ସ୍ଫୁରେ ।୪୩।
ଅନୁଭବ ହୋଇଲେ ଦୃଶ । ତେବେ ସୁଜ୍ଞାନ ପରକାଶ ।୪୪।
ଜ୍ଞାନ ପ୍ରକାଶ ହୋଏ ଯେଣୁ । ଧ୍ୟାନ ନିଶ୍ଚଳ ହୋଏ ତେଣୁ ।୪୫।
ଧ୍ୟାନ ପ୍ରସିଦ୍ଧି ହୋଏ ଯେବେ । ଚିତ୍ତ ରହଇ ବିଷ୍ଣୁ ଭାବେ ।୪୬।
ଏମନ୍ତ ଭାବେ ରହେ ଯେହୁ । ସେ ପ୍ରାଣୀ ଯହିଂ ଥିଲେ ଥାଉ ।୪୭।

କୃଷ୍ଣର ନିଜ ଜନ ଯେହି । ତାହାଙ୍କୁ କୃଷ୍ଣ ଭିନ୍ନ ନୋହି ।୪୮।
ହରି ତାହାର ସଙ୍ଗେ ଥାଇ । କ୍ଷଣେ ହେଁ ଅନ୍ତର ନୋହଇ ।୪୯।
ବହୁତ ଜନ୍ମେ ଭାଗ୍ୟେ ଥିବ । ସେ ପ୍ରାଣୀ ବୈଷ୍ଣବ ସେବିବ ।୫୦।
ବୈଷ୍ଣବ ସେବି ଗୁରୁ ପାଇ । ଗୁରୁଙ୍କ ସଙ୍ଗେ ହରି ଥାଇ ।୫୧।
ଗୁରୁ ବୈଷ୍ଣବ ହରି ଯେକ । ଜାଣନ୍ତି ସୁଗ୍ୟାନି ବିବେକ ।୫୨।
ଯେମନ୍ତ ହେତୁ ଯାର ହୋଇ । ତାର ଚରଣେ ମୁଁ ନମଇଂ ।୫୩।
ଆଦି ପୁରାଣ ନାମ ରସ । ଗୀତ ପ୍ରବନ୍ଧେ ପରକାଶ ।୫୪।
ବିଶ୍ୱାସ ଭାବେ ଯେଉଁ ଜନ । ନକରେ ଶାସ୍ତ୍ର ପରମାଣ ।୫୫।
ନିଗମ ଆଗମ ଗୁପତ । ଜାଣନ୍ତି ସୁଗ୍ୟାନି ପଣ୍ଡିତ ।୫୬।
ଆନକେ ଜାଣିପାରେ ନର । ଶାସ୍ତ୍ର ପୁରାଣ ଅଗୋଚର ।୫୭।
ମନରେ ହୋଏ ତଦଗତ । ଦର୍ଶନେ କରେ ଦଣ୍ଡବତ ।୫୮।
ଆସନ ଦେଇଣ ବସାଇ । ନିର୍ମଳ ଜଳେ ପାଦ ଧୋଇ ।୫୯।
ଗର୍ଭକୁ ଦେଇ ଶିରେ ବୋଳି । ମନରେ ହୋଇ ନିଉଛାଳି ।୬୦।
ଗୃହରେ ଥିବା ଯେତେ ଜନ । ସବୁରି ହୋଏ ଏକମନ ।୬୧।
ସହଜେ ଯେ ଦ୍ରବ୍ୟ ମିଳଇ । ସେ ଭାବେ ଭୋଜନ କରାଇ ।୬୨।
କୂଳ ଦେବତା ପ୍ରାୟେ କରି । ସାଧୁ ପୂଜିବ ମନେ ଧରି ।୬୩।
ତାଙ୍କ ଭୋଜନ ଶେଷ ଅନ୍ତେ । ପାଇବ ନିର୍ମାଲ୍ୟ ସାକ୍ଷାତେ ।୬୪।
ଗୃହରେ ଯେତେ ନରନାରୀ । ପୁତ୍ର ପଉତ୍ର ଆଦି କରି ।୬୫।
କରିବ ଚରଣ ସେବନ । କହିବ ଅମୃତ ବଚନ ।୬୬।
ଯେମନ୍ତ ଭାବେ ଯଉଂ ଭକ୍ତ । ତାକୁ ମୋହୋର ଦଣ୍ଡବତ ।୬୭।
ମୁଂ ହୀନ ମୁରୁଖ ପାମର । ନଜାଣି ଭଗତି ବେଭାର ।୬୮।
ଗୁରୁଙ୍କ ସେବାହିଁ ନ କଲି । ନିଷ୍ଫଳେ ଦିନ ମୁଁ ବଂଚିଲି ।୬୯।
ମୋର ଜୀବନ ଅକାରଣ । ନକଲି ଶ୍ରୀକୃଷ୍ଣ ଭଜନ ।୭୦।
ଜ୍ଞାନ ହିଂ ନ ଜାଣଇ କିଛି । ନ ଜାଣି କାହିଂ ଭ୍ରମୁଅଛି ।୭୧।
ଧ୍ୟାନ ନ କଲି କୃଷ୍ଣ ରୂପେ । ବୁଡ଼ି ରହିଲି ଭବ କୂପେ ।୭୨।
ଯେ ମାୟା ସଂସାର ବେଭାର । ଦୁର୍ଗମ ଘୋର ଅନ୍ଧକାର ।୭୩।

ଯେଣୁ ମୁଁ ତରିବି କେମନ୍ତେ । କୃଷ୍ଣକୁ ନଚିନ୍ତିଲି ଚିତ୍ତେ ।୭୪।
ଯେ ଭବ ସାଗରୁ ଉଦ୍ଧର । ନମଇଂ ସୁଜନ ପୟର ।୭୫।
ତୁମ୍ଭ ଚରଣେ ମୋର ଆଶ । ଛେଦଯେ ମାୟା ମୋହ ପାଶ ।୭୬।
ସାଧୁ ଚରଣେ ମୋର ଚିତ୍ତ । ତୁମ୍ଭ ଭୃତ୍ୟଙ୍କର ମୁଁ ଭୃତ୍ୟ ।୭୭।
ନାମ ମାହାତ୍ମ୍ୟ ଗୀତବନ୍ଧ । ଚକ୍ଷୁ ପାଇବ ଯହିଁ ଅନ୍ଧ ।୭୮।
ନମଇଁ ସୁଜନ ପୟର । ଯେଣେ ହୋଇବ ଭକ୍ତି ମୋର ।୭୯।
ଯେ ଘେନି ପାରେ କୃଷ୍ଣ ପାଦ । ତାହାକୁ ନଲାଗେ ପ୍ରମାଦ ।୮୦।
ହେ ସାଧୁଜନେ ହରିଭକ୍ତ । ମାୟା ମୋହେ ମନ ନରଞ୍ଜ ।୮୧।
ସଂସାର କର୍ମ ତେଜ୍ୟା କରି । ବୋଲ ଆନନ୍ଦେ ହରିହରି ।୮୨।
ହରି ହୁଂ ଆନ ଦେବ ନାହିଁ । ଜନ୍ମ ମରଣୁ ତାରେ ସେହି ।୮୩।
ଶ୍ରୀ ହରି ପଦ୍ମପାଦେ ମନ । ଦିଅ ସୁଜନେ ଅନୁକ୍ଷଣ ।୮୪।
କୃଷ୍ଣ ଚରଣେ କରି ଆଶ । କହିଲା ଜଗନ୍ନାଥ ଦାସ ।୮୫।

ଇତି ଶ୍ରୀ ଆଦିତ୍ୟ ପୁରାଣେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦେ ଶ୍ରୀ ନାମମାହାତ୍ମ୍ୟେ ଛଡ଼ରସ ଭାଗବତ ବର୍ଣ୍ଣନେ ନାମ ତୃତୀୟଧ୍ୟାୟଃ ।୩।

ଚତୁର୍ଥ ଅଧ୍ୟାୟ

ଅର୍ଜ୍ଜୁନ ଉବାଚ

ନମସ୍ତେ ପ୍ରଭୁଦେବ ରାୟେ । ନମଇଂ ତୋର ପଦ୍ମ ପାୟେ ।୧।
ତୋହୋର ଅଭୟ ଚରଣ । ଅଖିଳ ଜୀବର କାରଣ ।୨।
ତୋର ନିର୍ମଳ ଯଶଗାଇ । ପ୍ରାଣୀୟେ ସଂସାର ତରଇ ।୩।
ନମଇଂ ଅଖିଳର ପତି । ନିର୍ମଳ କର ମୋର ମତି ।୪।
କହ ହେ ପ୍ରଭୁ ଭଗବାନ । ସଂସାରେ ଛନ୍ତି ଯେତେଜନ ।୫।
କୁଟୁମ୍ବ ପୋଷିବାର ଅର୍ଥେ । ମନ ଜଡ଼ିତ ଅବିରତେ ।୬।
ନାନା ଉପାୟେ ମନ ଦେଇ । ତୋ ନାମ ରୂପ ନ ଜାଣଇ ।୭।
ତୋ ଭାବେ ନବଳାଇ ଚିତ୍ତ । ନିରତେ ମାୟାରେ ମୋହିତ ।୮।
ନିରତେ ଧନ ସଞ୍ଚିବାରେ । ପ୍ରତିଦିନରେ ଶ୍ରମକରେ ।୯।
କହ ହେ ପ୍ରଭୁ ତୋଷମନେ । ସେ ପ୍ରାଣୀ ତରିବେ କେସନେ ।୧୦।

ଶ୍ରୀକୃଷ୍ଣ ଉବାଚ

ଶୁଣ ଅର୍ଜ୍ଜୁନ ସାବଧାନେ । କହିବା ତୋହୋର ପ୍ରସନ୍ନେ ।୧୧।
ମୋହୋର ମାୟା ତ୍ରିଭୁବନ । ହରଇ ପ୍ରାଣୀଙ୍କର ମନ ।୧୨।
ଯେ ମୋର ମାୟାର ବିଧାନ । କିଛି କହିବା ତୋତେ ଶୁଣ ।୧୩।
ଆଦ୍ୟରେ ସୃଷ୍ଟି ଥିଲା ନାହିଁ । ତେବେ ଯେକାନ୍ତେ ଥିଲିମୁହିଁ ।୧୪।
ମାୟା କଳ୍ପିତ ମୋର ଚିତ୍ତ । ତହୁଂ ହୋଇଲା ଯେ ଜଗତ ।୧୫।
ପୁଣି କଳ୍ପିଲା ଖେଳା ଭାବ । ତହୁଂ ହୋଇଲେ ନାନାଜୀବ ।୧୬।
ମନରୁ ଜାତ ଯେ ମନୁଷ୍ୟ । ଯେବେ ହୋ ସୁଜ୍ଞାନ ପ୍ରକାଶ ।୧୭।

କାମେନିରୂପେ କରି ମାୟା । ମାୟ
କରି ସଂସାର କ୍ରୀଡ଼ାରଙ୍ଗ । ଘାଟି
ରକତ ମାଂସ ହାଡ଼ ଚର୍ମ । ଯେ
ନଖ ମୁଖ ନାସିକା ଆଦି । ଜିହ୍ୱ
କର ଚରଣାଦି ଉଦର । ଯେ
କାମକୁ ତାର ହୃଦେ ରଖି । ମୁହି
କାମ କଳ୍ପଇ ତାର ଚିତ୍ତେ । କାମି
ଲୋଚନେ ଦେଖଇ ସେ ଯହୁଂ । କାମ
ଶ୍ରବଣେ ଶୁଣି ରୂପ ଗୁଣ । ମନେ
ସୁସ୍ୱାଦ ଦ୍ରବ୍ୟ ଭୋଗ କରି । ପୁଣ
ସମସ୍ତ ମାୟା ଯେ ପ୍ରତକ୍ଷେ । ନିତେ
କାମିନୀ ସଙ୍ଗେ ହୋଇ ସଂଗ । କାମେ
ନିବର୍ତ୍ତେ କ୍ଷୁଧା ତୃଷା ତାର । ଚିତ୍ତ
ମୁହାଂସ ବଢେ ତାର ଚିତ୍ତ । କାମ
ଯେମନ୍ତେ ପ୍ରାଣୀ ହୋନ୍ତି ହତ । ମୋ
ଯେ ପ୍ରାଣୀ ମୋହୋର ଭଗତ । ମାୟ
ସକଳ କର୍ମ ମୋତେ ଦେଇ । ଭେ
ଯେତେକ କର୍ମ ସେ କରନ୍ତି । ଭା
ତେଣୁ ନ ଲାଗେ ତାକୁ ଦୋଷ । ଯ
ଶୁଣ ଅର୍ଜ୍ଜୁନ ମନ ଦେଇ । ସେ
କେ କହୁ ମାୟାର ବିଶେଷ । ମ
ଯେହା ନଜାଣେ ମୂଢ଼ ଜନ । ସେ
ଯେଣୁ ସେ ଦିନେ ଦେଇ ମତି । ସେ
ଅର୍ଥ ଅନର୍ଥ ବୋଲି ଜାଣ । ସେ
ଧନ ସେ ମାୟାରେ ପ୍ରକାଶ । ତ
ସତ୍ୟ ସେ ମୋହୋର ବଚନ । ଅ
ପୁତ୍ର ଭାରିଜା ଧନ ପତି ।

କାମେନିରୂପେ କରି ମାୟା । ମାୟା ସୃଜିଚ ସର୍ବକାୟା ।୧୮।
କରି ସଂସାର କ୍ରୀଡ଼ାରଙ୍ଗ । ସ୍ତ୍ରୀରି ପୁରୁଷ ବେନିଅଙ୍ଗ ।୧୯।
ରକତ ମାଂସ ହାଡ଼ ଚର୍ମ । ଯେ ସର୍ବ ମାୟାର ବିଶ୍ରାମ ।୨୦।
ନଖ ମୁଖ ନାସିକା ଆଦି । ଜିହ୍ବା ଶ୍ରବଣ ଚକ୍ଷୁ ବାଦି ।୨୧।
କର ଚରଣାଦି ଉଦର । ଯେ ସର୍ବ ମାୟାର ସଂସାର ।୨୨।
କାମକୁ ତାର ହୃଦେ ରଖି । ମୁହିଂ ହୋଇଲି ଆତ୍ମା ମୁଖି ।୨୩।
କାମ କଳ୍ପଇ ତାର ଚିତ୍ତେ । କାମିନୀ ଚିତ୍ତେ ବିମୋହିତ ।୨୪।
ଲୋଚନେ ଦେଖଇ ସେ ଯହିଂ । କାମ କଳ୍ପଇ ମନେ ତହିଂ ।୨୫।
ଶ୍ରବଣେ ଶୁଣି ରୂପ ଗୁଣ । ମନରେ ଚିନ୍ତେ ପୁଣ ପୁଣ ।୨୬।
ସୁସ୍ୱାଦ ଦ୍ରବ୍ୟ ଭୋଗ କରି । ପୁଣ ତହିଂକି ଆଶା ଧରି ।୨୭।
ସମସ୍ତ ମାୟା ଯେ ପ୍ରତକ୍ଷେ । ନିତ୍ୟେ ହେ କାମ ଭୋଗ ଇଚ୍ଛେ ।୨୮।
କାମିନୀ ସଙ୍ଗେ ହୋଇ ସଂଗ । କାମେ ପୀଡ଼ିତ ତାର ଅଙ୍ଗ ।୨୯।
ନିବର୍ତ୍ତେ କ୍ଷୁଧା ତୃଷା ତାର । ଚିତ୍ତ ଭ୍ରମଇ ନାନାକାର ।୩୦।
ମୁହାଂସ ବଢେ ତାର ଚିତ୍ତ । କାଳେ ହୁଅଇ ଦେହ ହତ ।୩୧।
ଯେମନ୍ତେ ପ୍ରାଣୀ ହୋନ୍ତି ହତ । ମୋର ମାୟାରେ ହୋଇଯୁକ୍ତ ।୩୨।
ଯେ ପ୍ରାଣୀ ମୋହୋର ଭଗତ । ମାୟାରେ ନୋହନ୍ତି ସେ ଗ୍ରସ୍ତ ।୩୩।
ସକଳ କର୍ମ ମୋତେ ଦେଇ । ଉଦାସ ଭାବେ ଥାଇ ରହି ।୩୪।
ଯେତେକ କର୍ମ ସେ କରନ୍ତି । ଭାବେଣ ମୋତେ ସମର୍ପନ୍ତି ।୩୫।
ତେଣୁ ନ ଲାଗେ ତାକୁଦୋଷ । ଯହିଂ ସେ ମୋହୋର ବିଶ୍ୱାସ ।୩୬।
ଶୁଣ ଅର୍ଜୁନ ମନ ଦେଇ । ଯେତେ ପ୍ରକାରେ ମାୟା ହୋଇ ।୩୭।
କେ କହୁ ମାୟାର ବିଶେଷ । ମାୟାର ମହିମା ଅଶେଷ ।୩୮।
ଯେହା ନଜାଣେ ମୂଢ଼ ଜନ । ହୋଇଣ ମାୟାରେ ବନ୍ଧନ ।୩୯।
ଯେଣୁ ସେ ଦିନେ ଦେଇ ମତି । ଯେଣୁ ନ ତରେ ହୀନ ଗତି ।୪୦।
ଅର୍ଥ ଅନର୍ଥ ବୋଲି ଜାଣ । ଯେ ମୋର ମାୟାର ଭିଆଣ ।୪୧।
ଧନ ସେ ମାୟାରେ ପ୍ରକାଶ । ତହିଂରେ ନାହିଂ ସୁଖ ଲେଶ ।୪୨।
ସତ୍ୟ ସେ ମୋହୋର ବଚନ । ଅର୍ଜୁନ ସାବଧାନେ ଶୁଣ ।୪୩।
ପୁତ୍ର ଭାରିଜା ଧନ ପତି । ଯେ ସର୍ବ ବିହିତ ଅନୀତି ।୪୪।

ଅର୍ଜୁନ ଶକ୍ତି ଥିବା ଯାଏ	। ଖଟିଣ ଥାନ୍ତି ଭୃତ୍ୟ ପ୍ରାୟ	।୪୫।
ଅର୍ଜ୍ଜୁନ ଶକ୍ତି ଯେବେ ଯାଇ	। ସହଜେ ବସେ ବୃଦ୍ଧ ହୋଇ	।୪୬।
ଜୀର୍ଣ୍ଣ ଅବସ୍ଥା ତନୁ ହୋଇ	। ଅଚଳ ଭାବେଣ ବସଇ	।୪୭।
ପୁତ୍ର ଦୋହିତା ଆଦି ଯେତେ	। ଗୃହରେ ଥାନ୍ତି ଯେ ସମସ୍ତେ	।୪୮।
ତାହାକୁ ଅବଜ୍ଞା କରନ୍ତି	। ବାରତା କେହି ନପୁଛନ୍ତି	।୪୯।
କିଯେ କାହାର କାନ୍ତ କାନ୍ତା	। କେହୁ କାହିଂ ପୁତ୍ର ଦୋହିତା	।୫୦।
ସଂସାର କଥା ଯେ ବିଚିତ୍ର	। କାହିଁ କାହାର ତାତ ମାତ	।୫୧।
ଯେ ଦେହ ନୋହେ ଆପଣାର	। ପରକୁ ବୋଲଇ ମୋହୋର	।୫୨।
ଅର୍ଜ୍ଜୁନ ଯେହା ମନେବୁଝ	। ନିର୍ମଳ ଚିତ୍ତେ ହରିଭଜ	।୫୩।
ନଳିନୀ ଦଳେ ଯେହ୍ନେ ନୀର	। ଶରୀର ଜୀବ ଯେହ୍ନେ ଚିର	।୫୪।
କ୍ଷଣ ନିମିଷ ଦଣ୍ଡ ମାତ୍ରେ	। ଯେବେ ସେ ସାଧୁଙ୍କ ସଙ୍ଗତେ	।୫୫।
ଭବାର୍ଣ୍ଣବ ତରଣେ ନାବ	। ମୋର ଭଗତଙ୍କର ଭାବ	।୫୬।
କାମ କ୍ରୋଧରେ ଯାର ଚିତ୍ତ	। ଲୋଭ ମୋହରେ ଅନୁବ୍ରତ	।୫୭।
ଆତ୍ମା ଜ୍ଞାନରେ ଗମ୍ୟ ନାହିଁ	। ନରକେ ପଡ଼ି ପ୍ରାଣ ଯାଇ	।୫୮।
ଦେହରେ ଦୁଃଖ ସୁଖ ଚିନ୍ତି	। ବାତୁଳ ପ୍ରାୟେ ସେ ଭ୍ରମନ୍ତି	।୫୯।
ଯେଣୁ ଚିନ୍ତଇ ଦୁଃଖସୁଖ	। ତେଣୁସେ ହୁଅଇ ବିମୁଖ	।୬୦।
ଯେଣୁ ମୋର ଭାବ ମୁଖ୍ୟତ	। ତେଣୁ ସେ ମାୟାରେ ମୋହିତ	।୬୧।
ତାର ସଙ୍ଗତେ କାଳ ଥାଇ	। କାଳେ ସେ ପ୍ରାଣୀ ନାଶ ଯାଇ	।୬୨।
ଦିବସ ଶେଷେ ଯେହ୍ନ ନିଶି	। ପୁଣ ହିଂ ପ୍ରାତ ହୋଏ ଆସି	।୬୩।
ଶିଶିର ଋତୁ ହୋଏ ଜାତ	। ପୁଣି ବସନ୍ତ ପରାପତ	।୬୪।
ଯେହି ପ୍ରକାରେ ତାକୁ କାଳ	। କାଟନ୍ତି ଯେହ୍ନେ ବୃକ୍ଷମୂଳ	।୬୫।
କର୍ମେ ସେ ଅଛ ଅଛ କାଟି	। ବୃକ୍ଷ ପୋଡ଼ଇ ଭୂମିଲୋଟି	।୬୬।
ଯେହା ନ ବୁଝେ ମୂଢ଼ ମନ	। ମାୟାରେ ହୋଏ ଛନଛନ	।୬୭।
ମରିବା ସମୟ ହୁଅଇ	। ତେବେ ସେ ମାୟା ନ ଛାଡ଼ଇ	।୬୮।
କାଳ କ୍ରୀଡ଼ାଇ ତାର ଦେହି	। ଯେ ମୋର ଭାବ ନ ଜାଣଇ	।୬୯।
ସେ କାହିଁ ସୁଜ୍ଞାନ ପାଇବ	। ଯେ ମୋର ଭାବ ନ ଜାଣିବ	।୭୦।
ଯେହା ଯେ ବୁଝି ହେତୁ କରି	। ଦୃଢ଼େ ମୋ ପାଦ ମନ ଧରି	।୭୧।

ସକଳ ସୁଖ ଭୋଗ ତ୍ୟାଗ	। ସାଧଇ ମୋର ଭକ୍ତି ଯୋଗ	।୭୨।
ଅଥବା ଗୃହବାସେ ଥାଇ	। ଅଥବା ଚରୁମୂଳେ ଯାଇ	।୭୩।
ସୁକର୍ମେ କୁକର୍ମେ ବା ରହୁ	। ମୋ ପାଦେ ମନ ବାନ୍ଧି ଥାଉ	।୭୪।
ଉତ୍ତମ ଶଯ୍ୟାରେ ବସଇ	। କି ଅବା ଭୂମି ଶଯ୍ୟା ହୋଇ	।୭୫।
ଦୁଃଖ ସୁଖରେ ଗ୍ରସ୍ତ ହୋଇ	। ମୋହୋର ଭାବ ଯେ ଶୁଣଇ	।୭୬।
ମିତ୍ର ଅଇରି ଭାବ କାହିଁ	। ପୁତ୍ର ବନ୍ଧୁରେ ଇଚ୍ଛା ନାହିଁ	।୭୭।
ଯେ ପ୍ରାଣୀ ମୋତେ ହୃଦେ ଧରି	। ସର୍ବତ୍ର ୟେକ ଭାବ କରି	।୭୮।
ତାହାର ଗର୍ବ ଆଉ କାହିଁ	। ଅଧ ଜନରେ ପ୍ରିୟ ନାହିଁ	।୭୯।
ଅଖିଳ ମୋ ମାୟା ମୋହିତ	। ୟେବେ ତୁ ମୋତେ ହୃଦେ ଚିନ୍ତ	।୮୦।
ସକଳ ଭୂତେ ମୁହିଁ ଥାଇ	। ଯେ ଭାବେ ଯେ ମୋତେ ଚିନ୍ତଇ	।୮୧।
ସେ ପ୍ରାଣୀ ମୋହୋର ଭଗତ	। ସଂସାର କରଇ ପବିତ୍ର	।୮୨।
ତାହାର ମହିମା କେ କହୁ	। ହସି କହନ୍ତି ମହା ବାହୁ	।୮୩।
ଶୁଣି ଅର୍ଜୁନ କୃତ କୃତ	। ଶିରେ ଯୋଡ଼ିଣ ବେନିହାଥ	।୮୪।
ଚରଣେ ପ୍ରଳମ୍ବିତ ହୋଇ	। ବୋଲଇ ନିସ୍ତରିଲି ମୁହିଂ	।୮୫।
ତୁ ପ୍ରଭୁ ଜଗତ କାରଣ	। ତୋହୋର ନାମ ନାରାୟଣ	।୮୬।
ତୋ ପାଦ ଅଖିଳ ନିବାସ	। ତୋହୋର ମହିମା ଅଶେଷ	।୮୭।
ବ୍ରହ୍ମାଣ୍ଡ ପୂରି ତୋର କାୟା	। କେ ଜାଣି ପାରେ ତୋରମାୟା	।୮୮।
ତୋହୋର ନାମ ଗୁଣ ଯଶ	। ଯାହାର ହୃଦରେ ପ୍ରକାଶ	।୮୯।
ତାର ଚରଣେ ମୋ ବିଶ୍ୱାସ	। ଚତୁର୍ଥ ଛାନ ରସ ଶେଷ	।୯୦।
ଭାବଇ ଜଗନ୍ନାଥ ବାସ	। ଭଗତ ମହିମା ଅଶେଷ	।୯୧।

ଇତି ଶ୍ରୀ ଆଦିତ୍ୟ ପୁରାଣେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦେ ଶ୍ରୀନାମ ମାହାତ୍ମ୍ୟେ ଛଡ଼ରସ ଭାଗବତ ବର୍ଣ୍ଣନେ ନାମ ଚତୁର୍ଥଧାୟଃ ।୪।

ପଞ୍ଚମ ଅଧ୍ୟାୟ

ଶ୍ରୀ ଭଗବାନ ଉବାଚ

ଅର୍ଜୁନ ସାବଧାନେ ଶୁଣ । କହନ୍ତି ପ୍ରଭୁ ଭଗବାନ ।୧।
ତୋ ଭାବେ ପ୍ରସନ୍ନ ମୁଂ ହୋଇ । କହଇ ଶୁଣ ମନ ଦେଇ ।୨।
ଜଗତେ ମୋହୋର ଭଗତ । ପ୍ରାଣୀଙ୍କି କରନ୍ତି ପବିତ୍ର ।୩।
ଯାର ଗୃହରେ ଭକ୍ତି ଥାଇ । ମୁଁ ଥାଇ ତାର ଗୃହେ ରହି ।୪।
ଅତିଥି ପୂଜେ ଯେଉଁ ଜନ । ତାହାର ତହିଁ ସର୍ବଧର୍ମ ।୫।
ଅଶେଷ ଧେନୁ ଦେବ ଦାନ । ନାନା ତୀର୍ଥରେ କଲେ ସ୍ନାନ ।୬।
ଇତ୍ୟାଦି ସର୍ବ ଧର୍ମ ଯେତେ । ସେ ପ୍ରାଣୀ ଲଭଇ ତୁରିତେ ।୭।
ମୋ ଭକ୍ତ ଯାର ଗୃହେ ବସେ । ତାର ଅଶେଷ କ୍ଲେଶ ନାଶେ ।୮।
ଯହିଂ ଭୁଜନ୍ତି ଭକ୍ତ ଜନ । ସେ ଗୃହେ ମୋହୋର ଭୋଜନ ।୯।
ଭକ୍ତ ଯା ଗୃହେ ଅନ୍ନ ଖାଇ । ତାହାର ଫଳ ଅନ୍ତ ନୋହି ।୧୦।
ଅଥବା ବୃଦ୍ଧ କି ବାଳକ । ମୋର ସେବକ ଯେତେ ଲୋକ ।୧୧।
ତାହାକୁ ଘରରେ ବସାଇ । ନ ଦେଇ ଗ୍ରାସ ଯେବେ ଖାଇ ।୧୨।
କୁମତି ନର ଅପମାନ । ତାହାର ତହୁଂ ନାହିଁ ହୀନ ।୧୩।
ଯେ କରେ ମୋର ମୂର୍ତ୍ତିପୂଜା । ଅନ୍ତେ ସେ ନର ହୋଏ ରାଜା ।୧୪।
ସନ୍ୟାସ ଗୁଣ ଯେ ଅଭ୍ୟାସେ । ସେ ନପଡ଼ଇ ଭବ ପାଶେ ।୧୫।
ମୋ ଶାସ୍ତ୍ରକୁ ଅଭ୍ୟାସ କଲେ । ବିଷ୍ଣୁ ଲୋକରେ ବସେ ଭଲେ ।୧୬।
ନିରତେ ଦାନ ଯେ ଦିଅଇ । ତୀର୍ଥ ପର୍ଯ୍ୟଟନ କରଇ ।୧୭।
ଜପ ତର୍ପଣ ପୂଜାମାନ । ଶାସ୍ତ୍ର ପଢଇ ପ୍ରତିଦିନ ।୧୮।
କୋଟିଯେ ନାମ କେହୁ ଭଜି । କେ ଧ୍ୟାନ କରେ ଚକ୍ଷୁବୁଜି ।୧୯।
ଯେତେକେ ଧର୍ମ ଯେତେ ହୋଇ । ଯେକ ବୈଷ୍ଣବ ତୁଲ୍ୟ ନୋହି ।୨୦।
ମୋର ଆଳୟ ପ୍ରଦକ୍ଷିଣ । ସକଳ ପୃଥ୍ୱି ପର୍ଯ୍ୟଟନ ।୨୧।
ମୋ ଭକ୍ତ ଦେଖି ନରନାରୀ । ଦୂରୁ ଯେ ଦଣ୍ଡବତ କରି ।୨୨।

କୋଟି ଯେ କୋଟି ଅଶ୍ୱମେଧ । ତାର ସଙ୍ଗେ ଫଳ ନୋହିବ ।୨୩।
ଯେ ପ୍ରାଣୀ ମୋର ଭକ୍ତ ହୋଇ । ବାରେକ ତାହାକୁ କଷଇ ।୨୪।
ବନ୍ଧୁରେ ବିଚ୍ଛେଦ କରାଇ । ତାହାର ସମ୍ପଦ ହରଇ ।୨୫।
ରାଜସ ତାମସ ଯେ ଭକ୍ତି । ଯେ ଅବା ଯେମନ୍ତ କରନ୍ତି ।୨୬।
ଭଗତି ଜାଣି ଫଳ ପାଇ । ଶୁଣ ଅର୍ଜୁନ ମନ ଦେଇ ।୨୭।
ମୋ ବିନୁ ଅନ୍ୟ ଯେ ନ ଜାଣେ । ବିଶ୍ୱାସ ମୋର ଭକ୍ତ ଜନେ ।୨୮।
ମୋର ସେ ବାରେ ନିତ୍ୟ ଥାଇ । ନିର୍ଗୁଣ ଭକ୍ତି ସେ ଲଭଇ ।୨୯।
ସଂସାର କର୍ମେ ଯେତେ ପ୍ରାଣୀ । ଏ ଧର୍ମ ମାନ ସେ ନଜାଣି ।୩୦।
ଆତ୍ମା ସୁଖ ଦୁଃଖ ନ ଜାଣେ । ଦେବତା ପୂଜନ ପ୍ରମାଣେ ।୩୧।
ଆପଣା ଆତ୍ମାକୁ ନଚିହ୍ନି । କର୍ମ ବିଷୟା ରସ ଘେନି ।୩୨।
ତାହାର କର୍ମ କାଳ ହୋଇ । ସମ୍ପୁଟେ ଜୀବନ ହାରଇ ।୩୩।
ସଂସାର ଚକ୍ରେ ପଥଶ୍ରମୀ । ପୁଣି ଭ୍ରମଇ ନାନାଯୋନି ।୩୪।
ମୋ ଭକ୍ତ ଜନଙ୍କ ନିର୍ଦ୍ଦୟ । ଯେଣୁ ଯେ ମୋର ନିରାଶ୍ରୟ ।୩୫।
ମୋର ଭଗତ ମୋର ଭକ୍ତି । ମାୟା ସଂସାରୁ ତରିଯାନ୍ତି ।୩୬।
ଇହ କହନ୍ତି ଭଗବାନ । ଏହା ଶୁଣି ତରିବେ ଜନ ।୩୭।
ସୁଜନ ଜନଙ୍କର ପାଦେ । ମୁହିଁ ଆଶ୍ରିତ ଅପ୍ରମାଦେ ।୩୮।
ହେ ସାଧୁଜନେ କର ତ୍ରାହୀ । ତୁମ୍ଭ ଶ୍ରୀ ପାଦ ଅଛି ଧ୍ୟାୟୀ ।୩୯।
ତୁମ୍ଭେ ସୁଦୟା ଯେବେ ହୋଇ । ତେବେ ସେ ହରି ଭକ୍ତି ପାଇ ।୪୦।
ଯେ ପ୍ରାଣୀ ସାଧୁରେ ବିଶ୍ୱାସ । ମୁହିଁ ଯେ ତାହାଙ୍କର ଦାସ ।୪୧।
ତୁମ୍ଭ କୃପାରେ ସର୍ବ ସୁଖ । ସଂସାର ନର୍କୁ ମୋତେ ରଖ ।୪୨।
ମୁଁ ତୁମ୍ଭ ଜନ୍ମେ ଜନ୍ମେ ଦାସ । କାଟ ମୋହୋର କାଳଫାଶ ।୪୩।
ନମଇ ତୁମ୍ଭର ଚରଣ । ତୁମ୍ଭରେ ପଶିଲି ଶରଣ ।୪୪।
ନମଇ ସୁଜନ ପୟର । ପଞ୍ଚମ ଗୀତ ରସ ସାର ।୪୫।
କୃଷ୍ଣ ଚରଣେ କରି ଆଶ । କହଇ ଜଗନ୍ନାଥ ଦାସ ।୪୬।

ଇତି ଶ୍ରୀ ଆଦିତ୍ୟ ପୁରାଣେ ଅର୍ଜୁନ ସୟାଦେ ଶ୍ରୀ ନାମ ମାହାତ୍ମ୍ୟ ଛଡ଼ରସ ଭାଗବତ ବର୍ଣ୍ଣେନେ ନାମ ପଞ୍ଚମୋ ଧ୍ୟାୟ ।୫।

ଷଷ୍ଠ ଅଧ୍ୟାୟ

ଅର୍ଜୁନ ଉବାଚ

ନମସ୍ତେ କରୁଣା ସାଗର	। ନମଇ ଚରଣେ ତୁମ୍ଭର	।୧।
ତୋ ନାମ ସଂସାର କାରଣ	। ତୋ ପାଦେ ପଶିଲି ଶରଣ	।୨।
ଯେବେ ମୁଁ ପଚାରଇ ତୋତେ	। କହ ସଂଶୟ ଫେଡ଼ି ମୋତେ	।୩।
ସାତ୍ତ୍ୱିକ କର୍ମମାନ ଯେତେ	। କହ ପ୍ରସନ୍ନେ ନାଥ ମୋତେ	।୪।

ଶ୍ରୀ ଭଗବାନ ଉବାଚ

କହନ୍ତି ପ୍ରଭୁ ଜନାର୍ଦ୍ଦନ	। ଅର୍ଜୁନ ସାବଧାନେ ଶୁଣ	।୫।
ସାତ୍ତ୍ୱିକ କର୍ମର ବିଚାର	। ସକଳ ଧର୍ମଙ୍କର ପର	।୬।
ନିର୍ଣ୍ଣୟେ କହୁଅଛି ତୋତେ	। ଶୁଣ ତୁ ପାର୍ଥ ଏକ ଚିତ୍ତେ	।୭।
ନିର୍ମଳ ଜଳସ୍ଥଳ ଯହିଁ	। ମୋହୋର ଗୃହକରି ତହିଁ	।୮।
ଦିବ୍ୟ ମଣ୍ଡପ ମନୋହର	। ତହିଁ ଥାପିବ ରୂପମୋର	।୯।
ନାନା କୁସୁମ ବୃକ୍ଷ ରୋପି	। ମୋହୋର ସେବାରେ ଅଦ୍ୟାପି	।୧୦।
ପ୍ରାତ ହୁଁ ଉଠି ମୋରଦ୍ୱାରେ	। ପ୍ରଣମି କରୁ ମୋ ପୟରେ	।୧୧।
ଗୋମୟ ମାର୍ଜନ କରିବ	। ତୁଳସୀ ଚଉରା ଲିପିବ	।୧୨।
ତହୁଁ ସ୍ନାହାନ କର୍ମକରି	। ପୁଣ ଆସିବ ମୋରପୁରୀ	।୧୩।
ତୁଳସୀ ମୂଳେ ଜଳ ଦେଇ	। ପତ୍ର ତୋଳିବ ମୋର ପାଇଁ	।୧୪।
ବନ୍ଦଇ ତୁଳସୀ ତୋହୋରେ	। ଯେ ତୋତେ ନିତ୍ୟେ ସେବାକରେ	।୧୫।
ସକଳ ପାପ ପରିହରେ	। ଘୋର ଗହନ ଦୁଃଖୁଂ ତରେ	।୧୬।
ଯେ ତୁଣ୍ଡେ ବୋଲଇ ତୁଳସୀ	। ତାହାର ସର୍ବ ପାପ ନାଶି	।୧୭।

ପତ୍ର ମୁଁ ତୋଳିଲି ତୋହୋର । ଅପ୍ରାଧ କ୍ଷମାକର ମୋର ।୧୮।
କୃଷ୍ଣଙ୍କ ପୂଜା ଅର୍ଥେ ମୁହିଂ । ପତ୍ର ଯେ ତୋଳିଲି ଗୋସାଇଂ ।୧୯।
ତୋହୋର ନାମ ଯେ ଅମୃତ । ଶ୍ରୀକୃଷ୍ଣ ଅଙ୍ଗରେ ଶୋଭିତ ।୨୦।
ତୁ ଯେ କୃଷ୍ଣର ସଦାପ୍ରିୟ । ମୋତେ ବରଦାୟିକ ହୁଅ ।୨୧।
ଏ ଭାବରେଣ ସ୍ତୁତି କରି । ପୁଣି ଆସିବ ମୋର ପୁରୀ ।୨୨।
ଭଦ୍ର ପୁଣ୍ଡରିକ ତିଳକ । ଘେନିବ ଆପଣା ମସ୍ତକ ।୨୩।
ପ୍ରଣାମ ଗୁରୁପାଦେ ହୋଇ । ମୋହୋର ନାମହୃଦେ ଲଇ ।୨୪।
ପିନ୍ଧି ଶୁକ୍ଳ ଶୁଦ୍ଧ ବାସ । ଆସି ମିଳିବ ମୋର ପାଶ ।୨୫।
ନିର୍ମଳ ଜଳେ ପୁଣି ମୋତେ । ସ୍ନାନ କରାଇବ ସୁଚିରେ ।୨୬।
ଅଙ୍ଗ ମାର୍ଜନ ମୋତେ କରି । ହୃଦେ ଚିନ୍ତିବ ହରିହରି ।୨୭।
ଉତ୍ତମ ବସ୍ତ୍ର ପିନ୍ଧାଇବ । ମାଳ ଚନ୍ଦନ ପୁଣି ଦେବ ।୨୮।
ପୁରୁଷ ଶକ୍ତି ମୋତେ କରି । ତୁଳସୀ ଦଳେ ପୂଜା କରି ।୨୯।
ଉତ୍ତମ ଦ୍ରବ୍ୟ ଯେ ମିଳିବ । ମୋର ଛାମୁରେ ନେଇ ଦେବ ।୩୦।
ମୋର ଭୋଜନ ଶେଷ ପୁଣି । ନିର୍ମାଲ୍ୟ ପାଇ ସ୍ତୁତି ଭଣି ।୩୧।
ହେ କୃଷ୍ଣ ମାଧବ ଶ୍ରୀ ହରି । ଶ୍ରୀ ବାସୁଦେବ ଦଇତାରି ।୩୨।
ପୁଣି ହିଂ ପ୍ରଲମ୍ବିତ ହୋଇ । କର ଯୋଡ଼ିଣ ଶିରେ ଦେଇ ।୩୩।
ପୁଣି ବସିବ ଅନ୍ୟ ସ୍ଥାନେ । ମୋହୋର ରୂପକରି ଧ୍ୟାନେ ।୩୪।
ଶ୍ୟାମସୁନ୍ଦର କଳେବର । ଜ୍ୟୋତି ସୁନ୍ଦର ମନୋହର ।୩୫।
ଶ୍ରବଣେ ମର୍କତ କୁଣ୍ଡଳ । ନାସାରେ ଗଜ ମୋତି ଫଳ ।୩୬।
କଣ୍ଠେ କୌସ୍ତୁଭ ମଣି ... । ହୃଦେ ଲମ୍ବିତ ମୋତି ହାର ।୩୭।
ତ୍ରିମୁଣ୍ଡି ଶୋଭା ଯାଇ ଫୁଲ । ତିଳକ ସୁସଜ୍ଞେ କପୋଳ ।୩୮।
ରତ୍ନ କଙ୍କଣ ଶୋଭା କର । ମୁଦ୍ରିକା ରାଜି ଅଙ୍ଗୁଷ୍ଠିର ।୩୯।
ପୀତ ବସନକଟି ମଧ୍ୟେ । ନୁପୁର ପୟରେ ବିରାଜେ ।୪୦।
ରଙ୍ଗା ଅଧରେ ମନ୍ଦହାସ । ଲକ୍ଷ୍ମୀ ସମର୍ପି ମୋର ପାଶ ।୪୧।
ଯେ ରୂପେ କରି ମୋର ଧ୍ୟାନ । ନିତ୍ୟ ବଞ୍ଚିବ ରାତ୍ର ଦିନ ।୪୨।

ଆଉ ଯେତେକ କର୍ମ ଥିବ । ମୋହୋରେ ନାମ ତା କରିବ ।୪୩।
ଯେବେ ଆସିବ ମୋର ଭକ୍ତ । ସେବାରେ ହୋଇବ ତୂରିତ ।୪୪।
ଦର୍ଶନେ ଦଣ୍ଡବତ ହୋଇ । ଆସନ ଦେଇଣ ବସାଇ ।୪୫।
ନିର୍ମଳ ଜଳେ ପାଦ ଧୋଇ । ଆନନ୍ଦ ମନେ ତାହା ପାଇ ।୪୬।
ବସାଇ ଉତ୍ତମ ଆସନ । ହରଷେ କରଇ ଭୋଜନ ।୪୭।
ଭୋଜନ ଶେଷେ ଯାହା ଥିବ । ପୁତ୍ର ପୌତ୍ରାଦି ତା ପାଇବ ।୪୮।
ଦାସୀ ପୋଇଲି ଆଦିକରି । ଯେ ଭାବେ ରାତ୍ରଦିନ ହରି ।୪୯।
ଲଭିବ ନିର୍ମଳ ଭଗତି । ହସି କହନ୍ତି ଯଦୁପତି ।୫୦।
ଯେ କରେ ଯେମନ୍ତ ଭଗତି । ତା ତହିଂଆଇ ମୋର ମତି ।୫୧।
ଯେହା ଯେ କରି ନ ପାରଇ । ଶୁଣ ଅର୍ଜୁନ ମନ ଦେଇ ।୫୨।
ନିରତେ ମୋର ନାମ ଶୁଣ । କରିବ କଥନ ଶ୍ରବଣ ।୫୩।
ସେ ମୋର ଭଗତ ଉତ୍ତମ । ତାକୁ ନ ଲାଗେ ଘୋର ତମ ।୫୪।
ମୁହିଂ ତାହାର ସଙ୍ଗେ ଥାଇ । ଉତ୍ତମ ଗତି ତାକୁ ଦେଇ ।୫୫।
ଯେବେ ସେ ଆପଣେ ନ ପାରେ । ତେବେ ହେ କରାଇବ ପରେ ।୫୬।
କରେ କରାଇ ସମଧର୍ମ । ଅର୍ଜୁନ ସତ୍ୟ ମୋ ବଚନ ।୫୭।
ଯେତେ ପ୍ରକାରେଯେ ସଂସାରେ । ଯେ ମୋର କର୍ମକୁ ନ ପାରେ ।୫୮।
ମୋର ଭଗତ ସେବା କରି । ହେଲେ ତରିବ ଭବ ବାରି ।୫୯।
ଗାଇଙ୍କ ସଙ୍ଗତେ ବାଛୁରୀ । ଯେସନେ ଥାଇ ସେ ଆବୋରି ।୬୦।
ସେହି ପ୍ରକାରେ ମୁହିଂ ଥାଇ । କ୍ଷଣେ ହେ ଅନ୍ତର ନୁହଇ ।୬୧।
ମାୟା ସଂସାରେ ପ୍ରାଣୀ ପଡ଼ି । ସୁତ ବିତ୍ତରେ ମନଜଡ଼ି ।୬୨।
କେବଳ ବିଷୟାରେ ବୁଦ୍ଧି । ଲୋଭ ମୋହରେ ମନବନ୍ଧି ।୬୩।
ଆତ୍ମାର ଗତି ନ ଜାଣଇ । ବିଷୟାରସେ ମାତି ଥାଇ ।୬୪।
ଲବ ନିମିଷେ ମୋର ନାମ । ଯେବେ ସେ କରନ୍ତା ଶ୍ରବଣ ।୬୫।
କିବା ମୋ ରୂପ ଧ୍ୟାନ କରି । କି ଅବା ବଦନେ ଉଚ୍ଚାରି ।୬୬।
ଯେବେ ବୋଲନ୍ତା ହରି ହରି । ଭବ ସଂସାରୁ ଯାନ୍ତା ତରି ।୬୭।

ମନରେ ପ୍ରତେ ଯେ କରଇ	। ମୋର ମାୟାରୁ ସେ ତରଇ	।୬୮।
ଯେହା ନ ବୁଝି ମୂଢ଼ଜନ	। ମାୟାରେ ହେଉଛନ୍ତି ଛନ୍ନ	।୬୯।
ହେ ପାର୍ଥ ବୁଝି ହେତୁ କରି	। ମନ ଆନନ୍ଦେ ଭଜ ହରି	।୭୦।
ଶୁଣି ଅର୍ଜ୍ଜୁନ କୃତ କୃତ	। ପଡ଼ିଗୋବିନ୍ଦ ପାଦ ଗତ	।୭୧।
ନମସ୍ତେ ଦେବକୀ ନନ୍ଦନ	। ସକଳ ଦୁଃଖ ବିମୋଚନ	।୭୨।
ତୋର ଚରଣେ ଚିତ୍ତ ଯାର	। ତାକୁ ଯେ ନ ଲାଗେ ସଂସାର	।୭୩।
ତୋହୋର ନାମ ଯେ ଧରଇ	। ହେଳେ ଯେ ସଂସାରୁ ତରଇ	।୭୪।
ତୋ ପଦ୍ମ ପାଦେ ନମସ୍କାର	। ଦୁର୍ଗତି ଖଣ୍ଡିଲୁ ମୋହୋର	।୭୫।
ନମଇଂ ତୋର ପାଦଗତ	। ଜନ୍ମେ ଜନ୍ମେ ମୁଁ ତୁମ୍ଭ ଭୃତ୍ୟ	।୭୬।
ସୁଜନେ ନ ଧରିବା ବାଦ	। ଶ୍ରୀ କୃଷ୍ଣ ଅର୍ଜ୍ଜୁନ ସମ୍ବାଦ	।୭୭।
ତୁମ୍ଭ ଚରଣେ ମୁଂ ବିଶ୍ୱାସ	। ମୋହୋର ନ ଘେନିବା ଦୋଷ	।୭୮।
ହରି କୀର୍ତ୍ତନ ସର୍ବସାର	। ଯା ନାମ ଦେବେ ଅଗୋଚର	।୭୯।
କୃଷ୍ଣର ମହିମା ଅଶେଷ	। ଗୀତର ନାମ ଛଡ଼ରସ	।୮୦।
ହରି ଭଗତି ଯଉଂ ନର	। ତାଙ୍କୁ ମୋହୋର ନମସ୍କାର	।୮୧।
କୃଷ୍ଣ ଚରଣେ କରି ଆଶ	। କହଇ ଜଗନ୍ନାଥ ଦାସ	।୮୨।

ଇତି ଶ୍ରୀ ଆଦିତ୍ୟ ପୁରାଣେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦେ ଶ୍ରୀ ନାମ ମାହାତ୍ମ୍ୟ ଛଡ଼ରସ ଭାଗବତେ ବର୍ଣ୍ଣନେ ନାମ ଷଷ୍ଠୋଧ୍ୟାୟ ।୬।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୧-୧ଅରଣ୍ୟେ=ଅରନ୍ୟେ (କ)(ଖ)(ଗ)(ଘ) । ୨-୧ପ୍ରଣମି=ପ୍ରଣମି (ଖ) (ଘ) । ୨-୨ଶ୍ରଦ୍ଧା ଯୁକ୍ତ ହୋଇ=ଶିରେ କର ଦେଇ (ଖ) (=।୨-୧-) । ୩-୨ ପ୍ରସନ୍ନେ=ପ୍ରଷନେ (ଖ)(ଗ), ପ୍ରସନେ (କ) (ଘ) । ୪-୧ଧାନ=ଦ୍ୟାନ (କ) । ୫-୨ ଥାନ=ସ୍ଥାନ (ଘ) । ୧୨-୨ଶ୍ରବଣେ =ଶର୍ବଣେ (କ)(ଖ), ସ୍ରର୍ବଣେ (ଗ)(ଘ) । ୧୫-୧ ଭଗତ=ଭକତ (ଘ) । ୧୫-୨ ହେଉ=ହୋଉ (ଖ) । ୧୬-୧ ଶୁଣିତ=ଶୁଣିତେ (ଖ) । ୨୯-୧ ପ୍ରଣୟ=ପ୍ରଣମ (କ)(ଘ) । ୨୯-୨ ଚରଣାଗ୍ରତେ=ଚରଣାର୍ଗତେ (ଖ)(ଗ) । ।୨୯। ପରେ । ଅଧିକା । (କ):-

କହନ୍ତି ମୋ ନିର୍ମଳ ଯଶ । ସଂସାରେ କରନ୍ତି ପ୍ରକାଶ ।୧।

୩୪-୨ ପାବନ୍ତି=ଗାମନ୍ତି (ଖ)(ଘ) । ୩୯-୧ ଦାମ୍ଭିକ=ଦାମ୍ଭିକ (କ) । ୪୫-୨ଶୁଣିତ=ଶୁଣିତେ (ଖ); ଶ୍ରଦ୍ଧା=ଶ୍ରଧା (କ), ସ୍ରର୍ଦ୍ଧା (ଗ)(ଘ), ଶର୍ଦ୍ଧା (ଖ) । ।୪୮। ପରେ । ଅଧିକା । (କ):-

ଶୁଣିତ ଶ୍ରଦ୍ଧା ମୋର ମନ । କହ ପ୍ରସନ୍ନେ ନାରାୟଣ ।୨।

(=। ୧୬।) । ୫୨-୨ ଜାଣିବ=ଜାପିବ(କ) । ୫୩-୨ ସ୍ଥାନେ=ଥାନେ (କ) । ୫୫ । ପରେ । ଅଧିକା । (କ):-

ଚତୁର୍ଦଶ ବ୍ରହ୍ମାଣେ ନାହିଂ । ଯହିଁ ମୋ ଭଗତ ଅଛଇ ।୩।

।୫୬। ପରେ ଅଧିକା । (କ) :-

ଯେଣୁ ମୋ ନାମେ ସୁଖ ପାଇ । ତେଣୁ ଅମଙ୍ଗଳ ତା ନାହିଂ ।୪।

।୫୯। ପରେ ଅଧିକା । (କ) :-

ମୋର ଭଗତ ଯହିଂ ଥାନ୍ତି । ସକଳ ପବିତ୍ର କରନ୍ତି ।୫।

ନିସ୍ତାର କରନ୍ତି ଜଗତ । ପବିତ୍ର କରି କୁଳ ଗୋତ୍ର ।୬।
ପିତୃଗଣଙ୍କୁ ସେ ତାରନ୍ତି । ଯେ ଭକ୍ତ ମୋ ଭାବେ ରହନ୍ତି ।୭।
ମୋହୋର ଭାବ ନ ଛାଡ଼ନ୍ତି । ମୋହୋର ଭାବେ ଚିତ୍ତ ଦେନ୍ତି ।୮।
ମୋହୋର ଭାବେ ଚିତ୍ତ ଦେଇ । ଅନ୍ୟ ଦେବତା ନ ଜାଣଇ ।୯।

୬୦-୧ ବର୍ତ୍ତନ୍ତି = ବ୍ରତନ୍ତି (ଖ) (ଘ) । ୬୦-୨ ଦେବତା = ଦିଅନ୍ତୁ (କ) । ।୬୧। ପରେ । ଅଧିକା । (କ) :-

ସେହି ଭଗତଙ୍କ ସମାନ । ତାକୁ ମୋ ନାହିଁ ଅଭିମାନ ।୧୦।

୬୨-୨ ବଚନ=ବଦନ (ଖ) । ୬୪ । ପରେ । ଅଧିକା । (କ):-

ମୋହୋରନାମ ଆଶ୍ରେକଲ । ମୋହୋର ନାମେ ଦିନ ନେଲ ।୧୧।

୭୭-୨ ବନ୍ଧୁ=ବନ୍ଦୁ (ଖ)(ଗ) । ୭୮-୨ ପ୍ରମାଣ=ପ୍ରଣାମ (ଘ) । ୮୦ । ପରେ । ଅଧିକା । (କ):-

ଯେ ଯେତେ ତ ପ ଆଚରିବ । ପରମ ତପ ମୋ ବୈଷ୍ଣବ ।୧୨।

୮୭-୨ ଶ୍ରବଣ=ଶର୍ବଣ (ଖ) (ଘ); କୀର୍ତ୍ତନ=କ୍ରୀତନ (କ)(ଖ)(ଗ)(ଘ) । ୮୯-୨ ଲଇ=ନେଇ (ଖ)(ଗ) । ୧୦୯ । ପରେ । ଅଧିକା । (କ):-

ଷଡ଼ଗୁଣ ଜିଣିଲେ କି ହୋଇ । ଯେବେ ମୋ ଭାବ ନ ଜାଣି ।୧୩।
ଯେ ନୋହେ ମୋହୋର ଭଗତ । କେବେ ହେଂ ନୋହଇ ପବିତ୍ର ।୧୪।
ଯେ ଅବା ଜାଣି ମୋର ଭାବ । ତେଜନ୍ତି ସଂସାର ବାନ୍ଧବ ।୧୫।
ସେ କରେ ମୋର କର୍ମମାନ । ସଂସାର କର୍ମେ ନୋହେ ଛନ୍ନ ।୧୬।
ସେ ଯେତେ କରେ କର୍ମମାନ । ମୋହୋର କଲା ବୋଲି ଜାଣ ।୧୭।

୧୧୩-୧ବୋଲଶଇ=ବୋଲଇ(ଖ) । ୧୧୩ । ପରେ ଅଧିକା । (କ):-

ଯେ ଦେଶେ ଅଛି ମୋର ଭକ୍ତ । ସେ ଦେଶ ଅଟଇ ପବିତ୍ର ।୧୮।

ସେ ଦେଶ ସୁଫଳ ଅଟଇ । ଯହିଁ ମୋର ଭାବ ଅଛଇ ।୧୯।
ମୋ ଭକ୍ତ ସମ କେହି ନାହିଁ । ଯୋଗୀ ଦେବତା ଆଦି ହୋଇ ।୨୦।

।୧୧୪। ପରେ । ଅଧିକା । (କ):-

ଯେ ଅଟେ ମୋହୋର ଭଗତ । ସେ ନ ପଡ଼ଇ କଦାଚିତ ।୨୧।
ଇନ୍ଦ୍ର ପଡ଼ଇ ଭୋଗ ଅନ୍ତେ । ଯେଣୁ ସମ ନୋହେ ମୋ ଭକ୍ତେ ।୨୨।

।୧୧୫। ପରେ । ଅଧିକା । (କ):-
ସର୍ବକର୍ମ ଧର୍ମର ସାର । ଯେ ଭକ୍ତ ଭକ୍ତି କରେ ମୋର ।୨୩।

।୧୧୬। ପରେ । ଅଧିକା । (କ):-
ଯେଣୁ ମୋ ଭଗତ ଉତ୍ତମ । କର୍ମ ନୋହଇ ତାକୁ ସମ ।୨୪।

୧୨୨-୧ ଅନ୍ନ-ଅର୍ଣ୍ଣ (କ)(ଖ) । ୧୨୩-୨ ଦିଗମ୍ବର=ଦିଗାମ୍ବର (କ)(ଘ) । ୧୨୪-୧ ଉଦକ=ଉଦେକ (ଖ)(ଗ) । ୧୨୪-୨ ପଦ୍ମପାଦ=ପ୍ରିୟମାନ (ଘ) । ୧୩୭-୨ ମାହାତ୍ମ୍ୟ=ମହାତ୍ମ୍ୟ (କ) ।

ଦ୍ୱିତୀୟ ଅଧ୍ୟାୟ

୧-୧ ମଧୁସୂଦନ=ମଧୁଶୋଦନ(କ)(ଘ) । ୩-୨ଧାର=ସାର (କ)(ଖ) । ୬-୨ମୋତେ=ମୋରେ (ଘ) । ୭-୨ ପ୍ରସନ୍ନେ=ପ୍ରସନେ(କ)(ଖ)(ଗ) । ୧୬-୧ କଥା ପରସଙ୍ଗେ=କଥାର ପ୍ରସଙ୍ଗେ (କ) । ୧୬-୨ ପାତକ=ପାତକେ (ଖ)(ଘ) । ୨୫-୧ କରଇ=କରିବ (କ)(ଗ) । ୨୯-୨ ସତ୍ୟ=ସତ(ଖ) । ୩୪-୨ ଶ୍ରଦ୍ଧାରେଣ-ଶ୍ରଧାରେଣ (କ) ।
୩୬ । ପରେ । ଅଧିକା । (କ):-

ମୋତେ ନିବେଦନ କରିଣ	। ଯେ ପ୍ରାଣୀ ଭୁଞ୍ଜଇ ସେ ଅନ୍ନ	।୨୫।
ଭକ୍ତି ହୁଂ ଅତିଭାବେ ଶାନ୍ତି	। ପରମ ଗତି ସେ ଲଭନ୍ତି	।୨୬।

୫୫-୨ତିମିର=ତିମିରି (କ)(ଘ) । ୫୭-୨ ଧ୍ୱଂସି=ଧ୍ୱସି (କ)(ଗ)(ଘ) । ୮୯-୨ଗତି= ପତି (ଖ)(ଘ) । ୧୦୫-୨ ବାନ୍ଧବ=ବାନ୍ଧେବ(ଘ) । ୧୧୨-୨ ନିତ୍ୟ=ନିଜ(କ), ଅତି (ଘ) । ୧୧୮-୨ ଗତି=ପତି(ଗ) । ୧୨୪-୧ ଆଶ୍ରା=ଆଶା (ଘ) । ୧୩୧-୧ ଶ୍ରବଣେ=ସର୍ବଣେ (ଗ) (ଘ) ।

ତୃତୀୟ ଅଧ୍ୟାୟ

୧୩-୨ ଆନ=ଥାନ (ଖ) । ୧୮-୧ ଦୁଷ୍କୃତ=ଦୁଷ୍କୃତ(ଖ)(ଗ) । ୨୧-୨ ମିତ=ମିତ୍ର (ଗ) । ୨୫-୨ ସ୍ୱର୍ଗେ=ସର୍ଗେ (କ)(ଘ) । ୩୦-୨ ଭବାର୍ଣ୍ଣବ (କ)(ଖ)(ଗ)(ଘ) । ୩୩-୨ ଶ୍ରଦ୍ଧା=ଶ୍ରଧା (କ)(ଖ) । ୬୦-୧ ଗର୍ଭକୁ=ଗର୍ଭକୁ (ଘ) । ୬୯୧ମାହାତ୍ମ୍ୟ=ମହାତ୍ମ୍ୟ (ଖ)(ଘ) ।୭୧-୨ ପ୍ରମାଦ=ପ୍ରସାଦ (ଘ) ।

ଚତୁର୍ଥ ଅଧ୍ୟାୟ

୧-୨ପାୟେ=ପ୍ରାୟେ (ଖ)(ଘ) । ୧୮-୨ ସୃଜିତ=ସର୍ଜିତ (ଖ)(ଘ) । ୨୧-୨ ଜିହ୍ୱା=ଜିଭ୍ୟା (କ)(ଖ)(ଗ) । ୨୪-୨ କାମିନୀ=କାମେନୀ (ଗ)(ଘ) ।୨୬-୨ ପୁଣପୁଣ=ପୁଣ ଗୁଣ (ଖ) । ୨୭-୧ ସୁସ୍ୱାଦ=ସୁସାଦ (ଖ)(ଗ) । ୩୦-୧ ନିବର୍ତ୍ତେ=ନିବୃତେ (ଗ) (ଘ) । ୩୫-୨ ଭାବେଣ=ଭାବେସେ (ଗ) । ୬୦-୧ ଦୁଃଖ (କ)(ଖ)(ଗ)(ଘ) । ୮୫-୧ ପ୍ରଜ୍ୱଳିତ=ପ୍ରଲମ୍ବିତ(ଘ) ।

ପଞ୍ଚମ ଅଧ୍ୟାୟ

୬-୧ତୀର୍ଥ=ତ୍ରିଥ (ଘ)। ୧୬-୧ନିରତେ=ନିସତେ (ଖ)। ୧୭-୨ ପର୍ଯ୍ୟଟନ=ପ୍ରର୍ଚ୍ଛ୍ୟନେ (ଖ)(ଗ)। ୧୮-୧ ତର୍ପଣ=ତ୍ରପଣ (ଖ)(ଘ)। ୧୮-୨ଶାସ୍ତ୍ର=ଶାସ୍ତ୍ର (କ)(ଘ)। ୩୫-୧ ନିର୍ଦ୍ଦୟ=ନିଦ୍ରିୟ (କ)(ଖ)।

ଷଷ୍ଠ ଅଧ୍ୟାୟ

୧୮-୨ କ୍ଷମା=କ୍ଷେମା (ଗ)(ଘ)। ୨୫-୧ ଶୁଦ୍ଧ=ସୁଧ (ଖ)(ଘ)। ୩୦-୧ ଦ୍ରବ୍ୟ=ଦର୍ବ୍ୟ (କ)(ଖ)(ଗ)। ୩୧-୨ ସ୍ତୁତି=ତୃସ୍ତି (ଖ)(ଘ)। ୩୨-୨ଦଇତାରୀ=ଦଇତ୍ୟାରି (ଗ)(ଘ)। ୪୮-୨ ପୌତ୍ରାଦି=ପୁତ୍ରାଦି (ଘ)। ୬୫-୨ ଶ୍ରବଣ=ଶର୍ବଣ (କ)(ଖ)(ଗ)। ୭୫-୨ ଦୁର୍ଗତି=ଦୃଗତି (ଘ) । ୭୯-୧ କୀର୍ତ୍ତନ (କ)(ଖ)(ଗ)(ଘ)।

ଅଧିକା ପଦ:- ୧ରୁ୨୬କେବଳ ଗୋଟିଏ ପାଠ (କ)ରେ ଅଛି ଏବଂ ଏହି ପଦସମୂହ ଗୃହୀତ ନ ହେବ ଦ୍ୱାରା ପ୍ରସଙ୍ଗକ୍ରମରେ କୌଣସି ବାଧା ସୃଷ୍ଟି ହେଉ ନାହିଁ ତେଣୁ ଶୁଦ୍ଧପାଠରେ ଗ୍ରହଣ କରାଯାଇ ନାହିଁ।

□□□

ଗୁପତ ଗୀତା

ପୋଥିପ୍ରାପ୍ତି

(କ) ଗୁପତ ଗୀତା-ପ୍ର-ବଡ଼ ଓଡ଼ିଆ ମଠ, ପୁରୀ, ୧୯୭୯

(ଖ) ପୋଥି-ପଣ୍ଡିତ ଶ୍ରୀନିବାସ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,

ପ୍ରଥମ ଅଧ୍ୟାୟ

ଉଦ୍ଧବ ଶିରେ ଯୋଡ଼ିକର । ନମଇଂ ପ୍ରଭୁ ଦାମୋଦର ।୧।
ଅଶେଷ ଲୋକ ସୁଖ ପର । ଦେବ ମାନବେ ଅଗୋଚର ।୨।
ଅମୂଲ୍ୟ ବଂଶୀ କରେ ଶୋଭା । ତଡ଼ିତ ପ୍ରାୟେ ଦିଶେ ପ୍ରଭା ।୩।
କରସଦୟେ ପୀତବାସ । ଖଣ୍ଡିତ ହେଉ ମୋ କଳ୍ମଷ ।୪।
କହଇ ଜଗନ୍ନାଥ ଦାସ । ଗୁପତଗୀତା ମହାରସ ।୫।
ଶ୍ରୀକୃଷ୍ଣ ଆଜ୍ଞା ପରମାଣେ । ଉଦ୍ଧବ ଅନୁରାଗ ମନେ ।୬।
କାନ୍ଦେଶ୍ରୀକୃଷ୍ଣ ପାଦେ ପଡ଼ି । ବୋଲଇ ଶିରେ କରଯୋଡ଼ି ।୭।
ଭୋ ନାଥ ପ୍ରତିକାର କର । ଗମିବିଉତ୍ତରାପଥର ।୮।
ଶ୍ରୀ ମୁଖ ଦରଶନ ବିନୁ । କ୍ଷଣେ ନରହେ ମୋର ତନୁ ।୯।
ସେ ସୁଖ କେମନ୍ତେ ତେଜିବି । ବଦ୍ରିକା ଆଶ୍ରମକୁ ଯିବି ।୧୦।
ବୋଲଯେ କ୍ଷଣେ ହେ ନଥାଅ । ଉତ୍ତରା ପଥେ ଚଳିଯାଅ ।୧୧।
ଏମନ୍ତେ ଶୁଣି ଆଦିମୂଳ । ଚିତ୍ତମୋ ହେଉଛି ବିକଳ ।୧୨।
ଏମନ୍ତେ ବୋଲିଣ ଉଦ୍ଧବ । ପଡ଼ିଲା ଗୋବିନ୍ଦର ପାଦ ।୧୩।
ଟୋକି ଧରିଲେ ଗୋପୀନାଥ । ବୋଲନ୍ତି ଉଦ୍ଧବ ଅଗ୍ରତ ।୧୪।
ଶୁଣ ଉଦ୍ଧବ ଚୂଡ଼ାମଣି । ଉତ୍ତରା ପଥର କାହାଣୀ ।୧୫।
ସେ ପଥେ କରିବୁ ପ୍ରୟାଣ । ଭେଟିବୁ ବଦ୍ରି ନାରାୟଣ ।୧୬।
ପଶ୍ଚିମ କନ୍ଦରେ ପଶିବୁ । ରାହାସ ନାଳାରେ ରସିବୁ ।୧୭।
ରାହାସ ବୃନ୍ଦାବନ ଭାବ । ଉଦ୍ଧବ କରିବୁଟି ଠାବ ।୧୮।
କୁଞ୍ଜକାନନ ବ୍ରଜଲତା । ତହିଁରେ ଯେମନ୍ତ ବ୍ୟବସ୍ଥା ।୧୯।
ଗୋପି ଗୋପାଳ ସଖିବୃନ୍ଦ । ଦେଖିଣ ହୋଇବୁ ଆନନ୍ଦ ।୨୦।
ସେଠାରେ ଦେହବନ୍ତ ହୋଇ । କ୍ରୀଡ଼ା କରନ୍ତି ଭାବଗ୍ରାହୀ ।୨୧।
କୋଟିଏ କୋଟି ଯୁଗ ଯାଇ । ସେ କ୍ରୀଡ଼ା କେବେ ଭଗ୍ନ ନୋହି ।୨୨।
ଯୁଗକୁ ଯୁଗ ଏହି ମତେ । ଦେହ ଧରଇ ମୁଂ ଯୁଗତେ ।୨୩।
ଦୁଷ୍ଟ ଦାନବ ନିବାରଣ । ଭୂମିର ଭାରା ଯେ ହରିଣ ।୨୪।

ଏ ଦେହ ଛାଡ଼ି ଶୂନ୍ୟ ପଥେ । ଗମନ କରଇ ତୁରିତେ ।୨୫।
ଯେ ବୃନ୍ଦାବନ ନିତ୍ୟ ରାସ । ତହିଁରେ ହୁଅଇ ପ୍ରବେଶ ।୨୬।
ସୁଧାମଧୁର ପ୍ରେମ ରସ । ରାଧା ଅଙ୍ଗରେ କରେ ଗ୍ରାସ ।୨୭।
ନିଜ ଅଙ୍ଗରେ ନିର୍ଣ୍ଣ ହୋଇ । ରାଧିକା ଅଙ୍ଗରେ ମିଶଇ ।୨୮।
ସେ ନିତ୍ୟପତି ଭଗବାନ । ତା ଅଙ୍ଗେ କଳା ଯେ କରିଣ ।୨୯।
ଧରିଣ ମାନବ ଶରୀରେ । ନୀଳା କରଇ ଏ ମର୍ତ୍ତ୍ୟରେ ।୩୦।
ସେ ଚନ୍ଦ୍ରାନନୀ ବ୍ରଜେଶ୍ୱରୀ । ରାଧିକା ରୂପେ ଅବତରି ।୩୧।
ଯମୁନା ପୁଲିନ ବନର । କରଇ ନିତ୍ୟ ଖେଳ ଘର ।୩୨।
ସଂସାର ଗତି ସେ ସାରିଣ । ସେ ବୃନ୍ଦାବନେ ହୋଇନିର୍ଣ୍ଣ ।୩୩।
ଏମନ୍ତେର କେତେହେଁକ ବାର । ଜନମ ହେଉ ଗୋପପୁର ।୩୪।
ଏହି କାନନ ବୃନ୍ଦାବନ । ଏ ବଂଶୀ ବଟ ରମ୍ୟସ୍ଥାନ ।୩୫।
ଏ ସ୍ଥାନ କେବେହେଁ ନ ଯାଇ । ସେ ନୀଳାମାନ ନିର୍ଣ୍ଣ ହୋଇ ।୩୬।
ତୁହି ଉଦ୍ଧବ ସଙ୍ଗେ ଥାଉ । ବଦ୍ରିକା ଆଶ୍ରମକୁ ଯାଉ ।୩୭।
ମୁହିଂ ତେଜଇ ଯେ ଧରଣୀ । ଏମନ୍ତେ କେତେ ଯୁଗ ପୁଣି ।୩୮।
କିମ୍ବା ତୁ ହେଉ ସେ ବିକଳ । ବେଗେଣ ବଦ୍ରିକା କୁ ଚଳ ।୩୯।
ମୋର ଚରଣେ ତପ ନାହିଁ । ନିଶ୍ଚଳେ ରହ ଯାଇ ତୁହି ।୪୦।
ଶ୍ରୀ କୃଷ୍ଣ ଶ୍ରୀମୁଖ ସମ୍ବାଦ । ଶୁଣିଣ ମଉନ ଉଦ୍ଧବ ।୪୧।
ପ୍ରଥମ ଅଧ୍ୟା ହେଲା ଶେଷ । କହିଲା ଜଗନ୍ନାଥ ଦାସ ।୪୨।

ଇତିଶ୍ରୀ ବ୍ରହ୍ମ ବିଦ୍ୟାୟାଂ ବୈୟାସିକ୍ୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଗୁପତଗୀତା କଥନେନାମ ପ୍ରଥମ ଅଧ୍ୟାୟଃ ।

ଦ୍ୱିତୀୟ ଅଧ୍ୟାୟ

ଶ୍ରୀକୃଷ୍ଣ ପଦ୍ମପାଦେ ପଡ଼ି । କହେ ଉଦ୍ଧବ କରଯୋଡ଼ି ।୧।

ଶୁଣ ହେ ପ୍ରଭୁ ଭଗବାନ । କହିବା ମୋତେ ବ୍ରହ୍ମଜ୍ଞାନ ।୨।

ଏ ଦେହ ଲୀଳା ରମ୍ୟସ୍ଥାନ । କହିବ ମୋତେ ସେ ଫେଡଣ ।୩।

ଜୀବ ପରମର ଯେ ଗତି । ଫେଡ଼ି କହିବ ଶିରୀପତି ।୪।

କାହାକୁ ଷଡ଼ ଚକ୍ର କହି । ଅକ୍ଷର କେତେକ ବସାଇ ।୫।

ମାତ୍ରା ମାନଙ୍କ ସ୍ଥାନ କାହିଁ । କେମନ୍ତେ ଭାବେଣ ବସଇ ।୬।

କାହାକୁ ବୃନ୍ଦାବନ କହି । ଉରରା ପଥ କେ ହୁଅଇ ।୭।

ମୋ ଦେହେ ହସ୍ତାମାରିଦେବ । ସୁଦୟାକର ବାସୁଦେବ ।୮।

ମନ୍ତ୍ରଯନ୍ତ୍ର ହିଁ ଭେଦାଇବ । ବୀଜମାନଙ୍କୁ ବସାଇବ ।୯।

ଶୁଣି ଉଦ୍ଧବର ବଚନ । ହସି କହନ୍ତି ଭଗବାନ ।୧୦।

ଶୁଣ ଉଦ୍ଧବ ଯଦୁବୀର । କହବା ଦେହର ବିଚାର ।୧୧।

ତୁ ଯେଣୁ ଭକତ ମୋହର । ଫେଡ଼ିକହିବା ତୋ ଆଗର ।୧୨।

ଏହାତୁ କାହିଁ ନ କହିବୁ । ଗୁପତ କରିଣ ରଖିବୁ ।୧୩।

ଗୁହ୍ୟଯେ ଲିଙ୍ଗଲଭି କହିଁ । ହୃଦୟ କଣ୍ଠ ଲଲାଟହିଁ ।୧୪।

ପଞ୍ଚାଶ ଅକ୍ଷର ହୋ ଶୁଣ । ବସଇ , ଏ ଷଟ ଚକ୍ରେଣ ।୧୫।

ଗୁହ୍ୟରେ ଚାରି ଯେ ଅକ୍ଷର । ଲିଙ୍ଗରେ ଷଟ ଯେ ପ୍ରକାର ।୧୬।

ଲାଭିରେ ଦଶକ୍ଷର ହୋଇ । ଭୁଜରେ ବାର କ୍ଷର ଯହିଁ ।୧୭।

କଣ୍ଠରେ ଷୋଳ ଯେ, ନିର୍ମାଣ । ଲଲାଟେ ବେନିକ୍ଷଣ ଜାଣ ।୧୮।

ଚଅରୁ ସଅ ପରିଯନ୍ତେ । ବଅରୁ ଳ ଯେ ଯୁଗତେ ।୧୯।

ତଅରୁ ଫଅକୁ ଯେ ଜାଣ । କଅରୁ ଠଅ ଯେ ଭାବେଣ ।୨୦।

ଅକାର ଆଦିଷଟ ଦେଶେ । ସେ ଷୋଳ କଣ୍ଠ ତଟେ ବସେ ।୨୧।

ହଅ କ୍ଷଅ ଯେ ବେନି କହି । ଲଲାଟ ଚକ୍ରେ ସେ ବସଇ ।୨୨।

ଏ ଷଡ଼ ଚକ୍ର ମଧ୍ୟେ ଜାଣ । ମାତ୍ରାକେ ହୋଇଛି ନିର୍ମାଣ ।୨୩।

ଜୀବ ପରମ ଯେ ହୁଅଇ । ଏ ଷଡ଼ ଚକ୍ରପରେ ରହି ।୨୪।
ଜୀବପରମ ରୂପ ଧରି । ପରମ ଶୂନ୍ୟରେ ବିହରି ।୨୫।
ଯେ ନିରାମୟ ବ୍ରହ୍ମ ଜ୍ୟୋତି । ପରମ ବ୍ରହ୍ମରେ ଏ ସ୍ଥିତି ।୨୬।
ତୁ ଏବେ ମୋର ବୋଲକର । ଜ୍ୟୋତି ମଣ୍ଡଳେ ଚିତ୍ତଧର ।୨୭।
ତହିଁ କରିବ ମନ ସ୍ଥିର । ମୋତେ ପାଇବୁ ଯଦୁବୀର ।୨୮।
ଏ ଦେହ ତେଜିଣ ଯେ ମୁହିଁ । ସେ ସ୍ଥାନେ ନିମଗ୍ନେ ବସଇଁ ।୨୯।
ଅନାମ ବ୍ରହ୍ମରେ ଏ ସ୍ଥାନ । ଅବ୍ୟୟ ଅଲେଖ ଭୁବନ ।୩୦।
ଅନନ୍ତ ଯୁଗ ନାମ ସେହି । ଶୁଣ ଉଦ୍ଧବ ମନ ଦେଇ ।୩୧।
ଉତ୍ତରାୟଣ ବଳାଇବୁ । ଉତ୍ତରା ପଥେ ଚଳିଯିବୁ ।୩୨।
ଅଷ୍ଟାଙ୍ଗ କରିବୁ ଧାରଣ । ପାଇବୁ ଅମୂଲ୍ୟ କାରଣ ।୩୩।
ଅନାମ ବ୍ରହ୍ମ ଲୟେ କରି । ମନକୁ ଅମନେ ସଂହରି ।୩୪।
ବସିବୁ ଧରଣୀ ଆସନ । ଶୁଣିବୁ ମୁରଲୀର ସ୍ୱନ ।୩୫।
ଅନହତରେ ଧ୍ୱନି ଜାଣ । ଉଦ୍ଧବ କହିଲେ ପେଲଣ ।୩୬।
ତୁ ମୋର ବାନ୍ଧବଟି ଯେଣୁ । ତୋ ଆଗେ କହିଲିଟି ତେଣୁ ।୩୭।
ତୁ ଏହା ଗୁପତେ କରିବୁ । ଅଜ୍ଞାନୀ ଆଗେ ନ କହିବୁ ।୩୮।
ମୋହର ପାଦ ଥାଅ ଛୁଇଁ । ଏ ଭେଦ ନକହିବୁ କାହିଁ ।୩୯।
ଏ ଜ୍ଞାନ ଗୁପତୁ ଗୁପତ । ତୋତେ କହିଲୁ ଏ ତଦନ୍ତ ।୪୦।
କୋଟିକେ ଗୋଟିଏ ଜାଣନ୍ତି । କୋଟି ପୁରୁଷ ଉଦ୍ଧରନ୍ତି ।୪୧।
ଉଦ୍ଧବେ କହନ୍ତି ଗୋପାଳ । ଉତ୍ତରାପଥେ ବେଗେ ଚଳ ।୪୨।
ଗୁପତ ଗୀତା ଜ୍ଞାନ ରସ । କହଇ ଜଗନ୍ନାଥ ଦାସ ।୪୩।

ଇତି ଶ୍ରୀ ବ୍ରହ୍ମ ବିଦ୍ୟାୟାଂ ବୈୟାସିକ୍ୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଶରୀରାର୍ଥ ଭେଦେଗୁପତ ଗୀତା କଥନେ ନାମ ଦ୍ୱିତୀୟ ଅଧ୍ୟାୟ ।

ତୃତୀୟ ଅଧ୍ୟାୟ

ଉଦ୍ଧବ ଧରି କୃଷ୍ଣ ପାଦ	। ବୋଲଇ ଶୋକ ଗଦଗଦ	।୧।
ଭୋ ନାଥ କରୁଣା ସାଗର	। ଅଶେଷ ବ୍ରହ୍ମାଣ୍ଡ ଠାକୁର	।୨।
ପ୍ରାଣୀଙ୍କ ଦୁଃଖ ହରିବାରେ	। ମନୁଷ୍ୟ ରୂପ ଏ ଶରୀରେ	।୩।
ଭୋନାଥ ପ୍ରଭୁ ନର ହରି	। ଭବସାଗରୁ କର ପାରି	।୪।
ଅନାମ ବ୍ରହ୍ମର ବିଧାନ	। ଫେଡ଼ି କହିବା ଭଗବାନ	।୫।
ମୋ ଛାର ପତିତ ପାମର	। କରୁଣା ସିନ୍ଧୁ ବେଗେ ଧର	।୬।
ତୋ ପାଦେ ପଶିଲି ଶରଣ	। ଉଦ୍ଧରି ଧର ନାରାୟଣ	।୭।
ଦେଖିଣ ଉଦ୍ଧବ ବିକଳ	। କରୁଣା ସିନ୍ଧୁ ଆଦିମୂଳ	।୮।
ଉଦ୍ଧବେ କହନ୍ତି ଆଶ୍ୱାସି	। ଜଗତ ବନ୍ଧୁ ବ୍ରହ୍ମରାଶି	।୯।
ଶୁଣ ଉଦ୍ଧବ ଗୀତା ସାର	। ଅନାମ ବ୍ରହ୍ମର ବିଚାର	।୧୦।
ଶୁକ ସନକ ମୁନିମାନେ	। ଜାଣନ୍ତି ଏଥିର ବିଧାନେ	।୧୧।
ଭଗତ ମାନଙ୍କ ଅଗ୍ରଣୀ	। ତେଣୁ ଶୁଣିଲୁ ତତ୍ତ୍ୱବାଣୀ	।୧୨।
ପୃଥିବୀ ଆଦି ପଞ୍ଚ ଭୂତେ	। ସଚରାଚର ଆଦି ଯେତେ	।୧୩।
ତଥିରୁ ଉତପତି ହୋନ୍ତି	। କାଳେ ସେ ତଥିରେ ମିଶନ୍ତି	।୧୪।
ଏମନ୍ତେ ହୋଇ ଯେଉଁ ସ୍ଥାନ	। ତୋତେ କହିବା ସେ ବିଧାନ	।୧୫।
ମହାଶୂନ୍ୟରେ ଶବ୍ଦ କଲା	। ଧ୍ୱନିରେ ଧାରଣା ହୋଇଲା	।୧୬।
ସେ ଧ୍ୱନି ଶବଦ ଶୁଭିଲା	। ଆକାଶ ରେ ସେ ବିଶ୍ରାମିଲା	।୧୭।
ପଞ୍ଚଶବଦ ନାମ ବହି	। ପଞ୍ଚମ ସ୍ୱର ଯେ ଝୁଂରଇ	।୧୮।
ପଞ୍ଚମ ବର୍ଣ୍ଣ ସେହୁ ଧରେ	। ଜ୍ୟୋତି ମଣ୍ଡଳେ ସେ ବିହରେ	।୧୯।
ଜ୍ୟୋତି ମଣ୍ଡଳେ କଲେ ଧ୍ୟାନ	। ଶୁଭଇ ଅନାହତ ସ୍ୱନ	।୨୦।
ଶୁଣ ଉଦ୍ଧବ ଯଦୁ ବୀର	। ଚିତାକୁ ତୋର ଲୟ କର	।୨୧।
ଜ୍ୟୋତି ମଣ୍ଡଳ ନିଜ ସ୍ଥାନ	। କହିଲି ତୋ ଆଗେ ଫେଡଣ	।୨୨।
ଶୁକ୍ଳ ଜ୍ୟୋତି ଉଦେ ହେବ	। ସକଳ ପାପ ଯେ ଖଣ୍ଡିବ	।୨୩।

ଅନହତରେ ଦେଇ ମନ । ନିଶ୍ଚଳେ ରହିବ ଆସନ ।୨୪।
ଗମନ ଶ୍ରାନ୍ତ ନ ପାଇବୁ । ବସିଲା ଠାବରେ ଲଭିବୁ ।୨୫।
ଏମନ୍ତ କହି ଭଗବାନ । କହିଲେ ସକଳ ବିଧାନ ।୨୬।
ଜ୍ୟୋତି ବ୍ରହ୍ମକୁ ଦେଖାଇଲେ । ଧ୍ୱନିରେ ଠାବ କରାଇଲେ ।୨୭।
ଯେଣିକି ଚାହାଁଇ ଉଦ୍ଭବ । ତେଣେ ଦିଶଇ ସେଇ ଭାବ ।୨୮।
ଚକ୍ଷୁ ବୁଜିଣ ପୁଣି ଚାହେଁ । ସମ୍ପୂର୍ଣ୍ଣ ଜ୍ୟୋତି ସର୍ବେଠାୟେ ।୨୯।
ଆନନ୍ଦେ ଅଶ୍ରୁଜଳ ବହେ । ପିତୁଳି ପ୍ରାୟେ ଚାହିଁ ରହେ ।୩୦।
ପ୍ରତିମା ପିତୁଳି ଯେସନ । ଉଦ୍ଭବ ହୋଇଲା ତେସନ ।୩୧।
ସକଳ ମାୟା ଦୂର ହେଲା । ଏକା ପ୍ରଭାବକୁ ଭଜିଲା ।୩୨।
ବନ୍ଧୁ ବାନ୍ଧବେ ଯେ ସମରି । ସର୍ବେ ଦିଶିଲେ ତୁଳମତି ।୩୩।
ସକଳ ଲଜ୍ୟା ଦୂର ଗଲା । ଉଠି ସମ୍ଭ୍ରମେ ନୃତ୍ୟ କଲା ।୩୪।
ଶ୍ରୀକୃଷ୍ଣ ପଦ୍ମପାଦେ ପଡ଼ି । ଉଠି ବୋଲଇ କରଯୋଡ଼ି ।୩୫।
ତୁ ନୋହୁ ଯଶୋଦା ନନ୍ଦନ । ଅନାଦି ପ୍ରଭୁ ଭଗବାନ ।୩୬।
ମାୟା ମୋହରେ ବଶ କଲୁ । ସୁତ କଳତ୍ର ବୋଲାଇଲୁ ।୩୭।
କେ ମାତା ପିତା କେହୁ ଭାଇ । କାହିଁରେ ଭଣଜା ଅଟଇ ।୩୮।
ମନ ମୋହିଲୁ ଭାବଗ୍ରାହୀ । ଚିହ୍ନନ୍ତା ତୋତେ କେହି ନାହିଁ ।୩୯।
ସେ ବୃଷଭାନୁ ରାଜା ଝିଅ । ତୋଠାରେ ତାର ବଡ଼ ପ୍ରିୟ ।୪୦।
ତାହାକୁ କ୍ଷଣେ ଦୟା କରି । କ୍ଷଣକେ ମାୟା ଯେ ଆଚରି ।୪୧।
ତୋ ନାମ ଅଟେ ମାୟାଧର । ନ ଜାଣେ ଶିବ, ବ୍ରହ୍ମା, ସୁର ।୪୨।
ସେ ଅବା କେମନ୍ତେ ଜାଣିବେ । ତୋ ଦୟା ହୃଦେ ନାହିଁ ଯେବେ ।୪୩।
ସେ ବ୍ରଜେଶ୍ୱରୀ ଚନ୍ଦ୍ରା ବଳି । ଗୋପରେ ଯେତେକ କାମେନି ।୪୪।
ତୋହର ସ୍ନେହ ଭାବ ଘେନି । ନିମଗ୍ନ ହୋଇଲେ କାମେନି ।୪୫।
ତୋ ଦେହେ ଚିତ୍ତକୁ ରଖିଲେ । ନିଶ୍ଚଳେ ମନ ଥିର କଲେ ।୪୬।
[illegible] ଦିଗ ମହାଶୂନ୍ୟ । ତୋତେ ପାଇଲେ କରି ଧ୍ୟାନ ।୪୭।
ଅନନ୍ତ ରୂପ ବନମାଳି । ଭାବେ ରମିଲେ ଗୋପବାଳି ।୪୮।
ମହାଶୂନ୍ୟ ସେ ଯାର ଦେହି । ତାକୁ ରମିଲେ ଦେହବହି ।୪୯।
ଧନ୍ୟ ଧନ୍ୟ ସେ ବ୍ରଜନାରୀ । ମହିମା କେହି କହି ପାରି ।୫୦।

ତୁ ଯେଣୁ ହୋଇଲୁ ପ୍ରସନ୍ନ । ତେଣୁ ପାଇଲେ ବ୍ରହ୍ମଜ୍ଞାନ ।୫୧।
ଭୋ ନାଥ କମଳାର ପତି । ଫେଡ଼ ଯେ ମୋହର ଦୁର୍ଗତି ।୫୨।
ଅବ୍ୟକ୍ତ ରୂପ ନରହରି । ମର୍ତ୍ତ୍ୟମଣ୍ଡଳେ ଅବତରି ।୫୩।
ବଂଶାନୁସାର ମୋର ଧନ୍ୟ । କରୁଣା ହେଲା ମହାଶୂନ୍ୟ ।୫୪।
ହେ ନାରାୟଣ ନମସ୍ତୁତେ । ଶରଣ ଗଲି ପାଦଗତେ ।୫୫।
କୃଷ୍ଣଙ୍କୁ କରି ପ୍ରଦକ୍ଷିଣ । ଉଦ୍ଧବ ଆନନ୍ଦ ହୋଇଣ ।୫୬।
ବଦ୍ରିକାଶ୍ରମେ ଆଗମନ । ଉଦ୍ଧବ ହୃଷିତ ବଦନ ।୫୭।
ସେ କୃଷ୍ଣ ଉଦ୍ଧବ ଚରିତ । ସୁଜନେ ଏଣେ ଦିଅ ଚିତ୍ତ ।୫୮।
ଗୁପତ ଗୀତା ଜ୍ଞାନ ରସ । କହିଲା ଜଗନ୍ନାଥ ଦାସ ।୫୯।
ବ୍ରାହ୍ମଣ କୁଳେ ଜନ୍ମ ହେଲି । ସଂସାରେ ଜ୍ଞାନ ନ ପାଇଲି ।୬୦।
ମୂଢ଼ ପାମର ବୁଦ୍ଧି ମୋର । ମୋହାର ପତିତ ପାମର ।୬୧।
କାହୁଁ ଜାଣିବି ହରି ଭାବ । ପରମ ପଦବି ଦୁର୍ଲ୍ଲଭ ।୬୨।
କି ଭାଗ୍ୟ ମୋର ପୂର୍ବେ ଥିଲା । ଜଗତବନ୍ଧୁ ଦୟା କଲା ।୬୩।
କଣ୍ଠେ ବସିଲେ ଭଗବାନ । କହିଲେ ଶୂନ୍ୟରେ ବଚନ ।୬୪।
ଲେଖନ ପତ୍ର ଆଣି ଦେଲେ । ଲେଖତୁ ବୋଲି ଆଜ୍ଞା ଦେଲେ ।୬୫।
ଶ୍ରୀକୃଷ୍ଣ ଆଜ୍ଞା ଉପଦେଶ । କହିଲା ଜଗନ୍ନାଥ ଦାସ ।୬୬।

ଇତିଶ୍ରୀ ବ୍ରହ୍ମ ବିଦ୍ୟାୟାଂ ବୈୟାସିକ୍ୟାଂ ପରମହଂସ ସଂହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଉଦ୍ଧବ ବଦ୍ରିକା ଗମନେ ନାମ ତୃତୀୟ ଅଧ୍ୟାୟଃ ।

ଚତୁର୍ଥ ଅଧ୍ୟାୟ

ଉଦ୍ଧବ କରି ପ୍ରଦକ୍ଷିଣ	। ଗୋବିନ୍ଦ ପାଦରେ ପ୍ରଣାମ	।୧।
ସକଳ ମାୟା ଦୂର କଲା	। ବଦ୍ରି ଆଗମ ବିଚାରିଲା	।୨।
ଉଠିଣ ପ୍ରଭୁ ଭଗବାନ	। ଆନନ୍ଦେ କରି ଆଲିଙ୍ଗନ	।୩।
ସକଳ ପ୍ରୀତି ଭାବ କରି	। ଉଦ୍ଧବ କରେ କର ଧରି	।୪।
ଉତ୍ତରା ପଥ ଦେଖାଇଲେ	। ଏ ପଥେ ଯାଅତୁ ବୋଇଲେ	।୫।
ଗଙ୍ଗାରେ ସ୍ନାହାନ କରିବୁ	। ବଦ୍ରିନାରାୟଣ ଭେଟିବୁ	।୬।
ଅମୂଲ୍ୟ ଯୋଗର ବୃତ୍ତାନ୍ତ	। ଉଦ୍ଧବ କହିଲି ସିଦ୍ଧାନ୍ତ	।୭।
ଶୁଣି ଉଦ୍ଧବ ହରି ବାଣୀ	। ଆନନ୍ଦେ ଲୋଟିଲା ଧରଣୀ	।୮।
ତତ୍‌କ୍ଷଣେ ବଦ୍ରିକାକୁ ଗଲା	। ଉତ୍ତରା ପଥ ସୁମରିଲା	।୯।
ଗଙ୍ଗାରେ ସ୍ନାହାନ ସାରିଣ	। ସକଳ ପାପ ବିମୋଚନ	।୧୦।
କରୁଣ ଉଦ୍ଧବର ଚିତ୍ତ	। ନିଶ୍ଚଳ ଭାବନା ସ୍ତକିତ	।୧୧।
ପବନ ଦ୍ୱାରକୁ ନିରୋଧି	। ଗଙ୍ଗାକୁ ମନ୍ତ୍ର ମଉଷଧି	।୧୨।
ମନକୁ ଅମନରେ ଖେଦି	। ନାଦକୁ ବିନ୍ଦୁରେଣ ଭେଦି	।୧୩।
ମନକୁ ଧ୍ୱନିରେଣ ଖଞ୍ଜି	। ବାଡ଼କୁ ଅବାଡ଼ରେ ରଞ୍ଜି	।୧୪।
ଜ୍ୟୋତିକି କରି ଆଗୁସାର	। ନିଶ୍ଚଳ ସମାଧି ଯୋଗର	।୧୫।
ରହିଲା ନିଶ୍ଚଳ ହୋଇଣ	। ଭେଟିଲା ସକଳ ଭୁବନ	।୧୬।
ଶ୍ରବଣେ ଶୁଣିଲା ଦେଖିଲା	। ଶରୀର ଲୋଭ ଦୂର ହେଲା	।୧୭।
ରୂପକୁ ଅରୂପରେ ଭରି	। ରୂପର ସ୍ନେହ ଦୂରକରି	।୧୮।
ସକଳ ଶୂନ୍ୟ ରୂପେ ଦେଖି	। ପବନ ବ୍ରହ୍ମରନ୍ଧ୍ରେ ରଖି	।୧୯।
ସିଦ୍ଧାନ୍ତ ଯୋଗ ଆଚରିଲା	। ସକଳ ଦୁଃଖ ସଂହରିଲା	।୨୦।
କହିଲା ଜଗନ୍ନାଥ ଦାସ	। ଉଦ୍ଧବ ପାଦେ କରି ଆଶ	।୨୧।

ଇତି ଶ୍ରୀମଦ୍ ଭାଗବତେ ବ୍ରହ୍ମଂ ବିଦ୍ୟାୟାଂ ବୈୟାସିକ୍ୟାଂ ଉଦ୍ଧବ ବଦ୍ରିଯୋଗ ଧାରଣେ ନାମ ଚତୁର୍ଥ ଅଧ୍ୟାୟଃ

ପଞ୍ଚମ ଅଧ୍ୟାୟ

ପ୍ରତାପ ରୁଦ୍ର ରାଜା ରାଣୀ । ଶିରେ ନିବେଶି ବେନି ପାଣି ।୧।
ଭୋ ଗୁରୁ କର ପ୍ରତିକାର । ଗୋବିନ୍ଦ ଲୀଳାର ବେଭାର ।୨।
କେମନ୍ତେ କଲେ ଭଗବାନ । କହିବ ସକଳ ଫେଇଣ ।୩।
କହେ ଜଗନ୍ନାଥ ବ୍ରାହ୍ମଣ । ଗୋବିନ୍ଦ ଆଜ୍ଞା ପରମାଣ ।୪।
ସୁମନେ ଶୁଣ ରାଜଜେମା । ଗୋବିନ୍ଦ ଲୀଳାର ମହିମା ।୫।
ଉଦ୍ଧବ ଯହୁଁ ବଦ୍ରିଗଲା । ଗୋବିନ୍ଦ ବିକଳ ହୋଇଲା ।୬।
ସକଳ ସୁଖ ଦୂର କରି । କଳିର ଆଗମ ବିଚାରି ।୭।
ବୋଇଲେ ତେଜିବି ଜୀବନ । କଳିଯେ କରିବ ଉଚ୍ଛନ୍ନ ।୮।
ଲୋକେ ହୋଇବେ ଖଳବଳ । ନାଶିବେ ସାଧୁ ସଚ୍ଛଶୀଳ ।୯।
କରିବେ ଅଭକ୍ଷ ଭକ୍ଷଣ । ନୀଚ ହୋଇବେ ବଡ଼ଜାଣ ।୧୦।
ରାଜା ରାଜୁତି ନ ରହିବ । ପରଜା ନିଧନ ହୋଇବ ।୧୧।
ଗୁରୁ ଗୌରବ ନ ମାନିବେ । ବିଦ୍ୟା ଗୁରୁକୁ ଯେ ନିନ୍ଦିବେ ।୧୨।
ଔଷଧି ହେବ ବଳହୀନ । ବୃକ୍ଷେ ନୋହିବେ ଫଳ ମାନ ।୧୩।
ପାଷାଣ ବୁଦ୍ଧି ଆଚରିବେ । ଜ୍ଞାନୀ ଜନକୁ ଯେ ନିନ୍ଦିବେ ।୧୪।
ଶୁଣିଣ ଆରେକ ବଚନ । କହିବେ ପଣ୍ଡିତ ହୋଇଣ ।୧୫।
ସଂସାରେ ଜ୍ଞାନ ପ୍ରଚରିବ । କେହି ଯେ ଭେଦ ନ ପାଇବ ।୧୬।
ସୁଗୁରୁ ସେବିବଟି ଯେହୁ । କରିବେ ଏକେ ଏକେ କେହୁ ।୧୭।
ଏମନ୍ତ ମୁହିଁ ସେ ଜାଣଇ । ନିନ୍ଦିବେ ଥୋକାଏ ସେ ମହୀ ।୧୮।
ପୃଥୀରେ ଶସ୍ୟ ଯେ ନୋହିବ । ଗୋରୁକୁ ତୃଣ ନ ମିଳିବ ।୧୯।
ଗିରସ୍ତ ସ୍ତିରୀ ନରମିବେ । ଜାର ପୁରୁଷେ ମନ ଦେବେ ।୨୦।
ବ୍ରାହ୍ମଣେ କୁମାର୍ଗେ ଗମିବେ । ନୀଚ ଯୋନିରେ ବୀର୍ଯ୍ୟ ଦେବେ ।୨୧।
ଇନ୍ଦ୍ର ଯେ ବଳହୀନ ହେବ । ପବନ ଦୁର୍ବଳ ବହିବ ।୨୨।
ଜ୍ୟୋତିଷ ଯୋଗ ନ ଜାଣିବ । ଜପ ତପ ଯେ ନଷ୍ଟ ହେବ ।୨୩।

ବେଦକୁ ନିନ୍ଦା ଯେ କରିବେ । ବ୍ରହ୍ମ ଭେଦକୁ ନ ପାରବେ ।୨୪।
ଜ୍ଞାନରେ ଭେଦ ନ ପାଇବେ । ଶିଖିଣ ଜ୍ଞାନ ଯେ କହିବେ ।୨୫।
ଏ କଳିଯୁଗ ଘୋର ରୀତି । ଭାରାୟେ ପାଇବ ଧରିତ୍ରୀ ।୨୬।
ଦୁଷ୍ଟ ରାଜାଏ ଉଦେ ହେବେ । ଯବନ ଦେଉଳେ ପଶିବେ ।୨୭।
ଶ୍ୱଶୁର ବୋହୂ ସଙ୍ଗମେଳ । ପିତା ଦୁହିତା ଦେଖି ଭୋଳ ।୨୮।
ଦୁଷ୍ଟ ଯେ ଏମନ୍ତ କରିବେ । ସନ୍ଥ ଶୁଣିଣ ଯେ ଶଙ୍କିବେ ।୨୯।
କଳି ଯୁଗରେ ଯେତେ ରାଜା । କେ କହୁ ତାହାଙ୍କ ତରିଯା ।୩୦।
ଦିବସେ ଅନ୍ଧାର ଘୋଟିବ । ଶୂନ୍ୟରେ ରଡ଼ି ଯେ ଶୁଭିବ ।୩୧।
ପିତା ପୁତ୍ରରେ ହେବେ ରଣ । ଦୁଃଖୀ ଲୋକର ସେ କଷଣ ।୩୨।
ଏମନ୍ତେ କଳି ଯୁଗ ଗତି । ମନେ ଭାଳିଣ ଯଦୁପତି ।୩୩।
ତକ୍ଷଣେ ହକାର ଗଜକୁ । ପଦ୍ମନଶାମ୍ୱ କୁମରକୁ ।୩୪।
ଯାଦବ ଆଦି ଯେତେ ବୀରେ । ସମସ୍ତ ଛାଡ଼ିଣ ସତ୍ୱରେ ।୩୫।
ତୀର୍ଥ ସ୍ନାହାନ କରିଯିବ । ଏମନ୍ତେ ବୋଇଲେ ମାଧବ ।୩୬।
ଶୁଣିଣ ସକଳ ଯେ ଜନ । ତୀର୍ଥ ସ୍ନାହାନେ ଯେ ଗମନ ।୩୭।
ଗୋବିନ୍ଦ ଯୋଗ ମାୟାକରି । ଭୂମିରେ ଚକ୍ର ଯେ ପ୍ରହାରି ।୩୮।
ଏକ ଆରେକ ମାନ ହୋଇ । ଧାଇଁଲେ ଶସ୍ତ୍ର ମାନ ନେଇ ।୩୯।
ଉଲ୍‌କା ପାତ ମହୀରେ ହେଲା । ଗୋବିନ୍ଦ ମାୟା ଘୋର କଲା ।୪୦।
ପଶିଣ ଅରଣ୍ୟ ଭିତରେ । ଶସ୍ତ୍ର ଧରିଣ ନିଜକରେ ।୪୧।
ଏକ ଆରେକ ଯୁଦ୍ଧ କଲେ । ଶସ୍ତ୍ର ପାତରେ ପ୍ରାଣ ଦେଲେ ।୪୨।
ଗୋବିନ୍ଦ ମାୟା ଚକ୍ରେ ପଡ଼ି । ସକଳ ଶିର ବେଗେ ଛିଡ଼ି ।୪୩।
ସକଳ ହୋଇଲେ ବିନାଶ । ଭୂମିର ଭାରା ଯେ ଉଶ୍ୱାସ ।୪୪।
ସକଳ କରି ନାଶ ପାନ । ଗୋବିନ୍ଦ ଲତାରେ ଶୟନ ।୪୫।
ପୁତ୍ର କଳତ୍ର ନାଶକଥା । ଗୋବିନ୍ଦ ମନେ ପାଇ ବ୍ୟଥା ।୪୬।
ଚିନ୍ତା ଦୁଃଖରେ ଯେ ଶୟନ । ଶବର ମିଳିଲା ସେ ବନ ।୪୭।
ଦେଖିଲା କୃଷ୍ଣ ପାଦ ଦୁଇ । ମୃଗ କର୍ଣ୍ଣ ପ୍ରାୟେ ଦିଶଇ ।୪୮।
ଗୋବିନ୍ଦ ଚରଣ ଅଙ୍ଗୁଷ୍ଠି । ଶବର ଶରେ ବେଗେ ଫୁଟି ।୪୯।

ଦେଖିଲା ଯାଇ ଶ୍ରୀଚରଣ । ଶବର ଭୟେ ଛନ ଛନ ।୫୦।
ଗୋବିନ୍ଦ ଜାଣି ତାରମନ । କହନ୍ତି ଆଶ୍ୱାସ ବଚନ ।୫୧।
ହେ ବୀର ମୋର ବୋଲକର । ମନରେ ଦୁଃଖ ନ ବିଚାର ।୫୨।
ଯାଅତୁ ହସ୍ତିନା ନଗର । ଆଣିମୁଁ ଅର୍ଜୁନ ସେ ବୀର ।୫୩।
କହିବୁ ମୋର ଆଜ୍ଞା ବୋଲି । ଶୁଣି ଶବର ବେଗେ ଚଳି ।୫୪।
ପାର୍ଥଙ୍କୁ ଘେନିଣ ଅଇଲା । ଗୋବିନ୍ଦ ଭେଟ କରାଇଲା ।୫୫।
ଦେଖିଣ ଅର୍ଜୁଣ ବଦନ । ସକଳ କଥା ସେ କହିଣ ।୫୬।
ଅନ୍ତର ହେଲେ ଭାବଗ୍ରାହୀ । ଅର୍ଜୁନ ଦେଖି ମୋହ ହୋଇ ।୫୭।
ବେଗେଣ ହସ୍ତିନାକୁ ଗଲା । ଯୁଯେଷ୍ଠି ରାଜାଙ୍କୁ କହିଲା ।୫୮।
ପଞ୍ଚ ପାଣ୍ଡବ ଯେ ଅଇଲେ । ଗୋବିନ୍ଦ ଶବ ଦାହ କଲେ ।୫୯।
ସତଷ୍ଟ ଦିନ ନୋହେ । ନିଶ୍ଚୟେଂ ଯୁଧିଷ୍ଠିର ରାୟେ ।୬୦।
ଶୂନ୍ୟରେ ଶୁଭିଲା ଶବଦ । ମେଲ ଯେ ସୋହେର ଯେ ମଧ ।୬୧।
ଶୁଣି ସେ ଅନ୍ତରୀକ୍ଷ ବାଣୀ । ସମୁଦ୍ରେ ମେଲିଲେ ତା ଆଣି ।୬୨।
ନିଜ ଭୁବନେ ବିଜେ କଲେ । ସକଳ ଦୁଃଖ ଦୂର କଲେ ।୬୩।
ଗୋବିନ୍ଦ ନିଦ୍ରାରେ ଶୟନ । ଯୁଯେଷ୍ଠି ସ୍ୱର୍ଗ ପ୍ରବେଶଣ ।୬୪।
ଏମନ୍ତ ଗୋବିନ୍ଦର ଗତି । ସୁଜନେ ଏଣେ ଦିଅ ମତି ।୬୫।
କହଇ ଜଗନ୍ନାଥ ଦାସ । ଗୁପତ ଗୀତା ଜ୍ଞାନ ରସ ।୬୬।

ଇତି ଶ୍ରୀ ବ୍ରହ୍ମ ବିଦ୍ୟାୟାଂ ବୈୟାଂସିକ୍ୟାଂ ପରମ ହଂସ ସଂହିତାୟାଂ ଗୁପତ ଗୀତା କଥନେ ନାମ ପଞ୍ଚମ ଅଧ୍ୟାୟଃ ।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୧-୨ ଦାମୋଦର=ଦାଯୋଦର (କ) (ଖ) । ୧୧-୧ ବୋଇ = ବୋଲୁ (ଖ) । ୧୬-୧ ପ୍ରୟାଣ = ପୟାଣ (କ) (ଖ) । ୧୯-୨ ବ୍ୟବସ୍ଥା = ଦେବସ୍ଥା (ଖ) । ୨୪-୧ ଦୁଷ୍ଟ = ଦୃଷ୍ଟ (କ)(ଖ) । ୩୦-୧ ମାନବ = ମାନେବ (କ) (ଖ) । ୪୧-ସମ୍ବାଦ =ସମ୍ମାଦ (ଖ) ।

ଦ୍ୱିତୀୟ ଅଧ୍ୟାୟ

୩-୧ ଏ = ଯେ (କ)(ଖ), ଲୀଳା=ନୀଳା (ଖ) । ୪-୨ ପେଡ଼ି = ଭେଡ଼ି (ଖ) । ୬-୧ କାହିଁ = କହିଁ (କ) (ଖ), ୬-୨ କେମନ୍ତ = କେମନ୍ତେ (କ) । ୧୨-୧ ଭକତ = ଉଗତ (କ) (ଖ) । ୨୬-୧ ଜ୍ୟୋତି = ଜୋତି (କ) (ଖ) । ୩୦-୨ ଅବ୍ୟୟ = ଅବୟ (କ) । ୩୭-୧ ବାନ୍ଧବ = ବାନ୍ଧେବ (କ) (ଖ) ।

ତୃତୀୟ ଅଧ୍ୟାୟ

୪-୨ କର = କରି (ଖ) । ୪୭-୧ ମହାଶୂନ୍ୟ = ମାହାଶୂନ୍ୟ (କ) (ଖ) । ୫୨-୨ ଦୁର୍ଗତି = ଦୃଗତି (କ) (ଖ) ।

ଚତୁର୍ଥ ଅଧ୍ୟାୟ

୧-୧ ପ୍ରଦକ୍ଷିଣ - ପ୍ରତିକ୍ଷଣ (ଖ) । ୬-୧ ସ୍ନାହାନ = ସ୍ରାହାନ (କ) (ଖ) । ୭-·୧ ବୃଭାନ୍ତ = ଭୂଭାନ୍ତ (କ), ୭-୨ ସିଦ୍ଧାନ୍ତ = ସିଧ୍ୟାନ୍ତ (ଖ) । ୧୦-୧ ସ୍ନାହାନ = ସ୍ରାହାନ (କ) (ଖ) । ୧୫-୧ ଜ୍ୟୋତି = ଜୋତି (କ) (ଖ), ୧୫-୨ ସମାଧି = ସମାଦି (ଖ) ।

ପଞ୍ଚମ ଅଧ୍ୟାୟ

୧୦-୨ ନୀଚ = ନେଛ (କ)(ଖ) । ୨୦-୧ ଗିରସ୍ତ = ଗୁରସ୍ତ (କ) (ଖ) । ୨୧-୨ ନୀଚ = ନେଛ (କ) (ଖ) । ୨୨-୨ ଦୁର୍ବଳ = ଦୃର୍ବଳ (କ)(ଖ) । ୨୭-୧ ଦୂଷ୍ଟ ଦୃଷ୍ଟ (କ)(ଖ) । ୨୮-୨ ଦୁହିତା =ଦୋହିତା (କ)(ଖ) । ୨୯-୧ ଦୁଷ୍ଟ = ଦୃଷ୍ଟ (କ)(ଖ) । ୩୪-୨ ଶାୟ = ଶ୍ୱାମ (ଖ) । ୩୫-୨ ସଦ୍ବରେ = ସହରେ (କ) । ୩୬-୧ ସ୍ନାହାନ = ସ୍ରାହାନ (କ)(ଖ) । ୩୭-୨ ସ୍ନାହାନେ = ସ୍ରାହାନ (କ)(ଖ) । ୩୯-୨ ଶସ୍ତ=ଶସ୍ତ୍ର (କ), ନେଇ = ଲଇଁ (କ)(ଖ) ୪୧-୨ ଶସ୍ତ୍ର = ଶସ୍ତ୍ର = (କ) (ଖ) । ୪୨-୨ ଶସ୍ତ = ଶସ୍ତ୍ର (କ)(ଖ) । ୫୯-୧ ପାଁଣ୍ଡବ = ପାଣ୍ଡେବ (କ)(ଖ) ।

□□□

ଦାରୁବ୍ରହ୍ମ ଗୀତା

ପୋଥି ପ୍ରାପ୍ତି

(କ) ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ-କଳିଖଣ୍ଡ, ୧ମ ସଂସ୍କରଣ, ସନ ୧୩୫୨ ସାଲ

(ଖ) ଶ୍ରୀ ପ୍ରାଣକୃଷ୍ଣ ଷଡଙ୍ଗୀ, ରାଏରଙ୍ଗ, ବାଙ୍କପୁର, ପୁରୀ

୧ମ ଅଧ୍ୟାୟ

ଜୟ ହେ ଜୟ ନାରାୟଣ । ଯେ ନାମ ପରମ କାରଣ ।୧।
ଅଖିଳ ବ୍ରହ୍ମାଣ୍ଡ ଠାକୁର । ଯେ ନାମ ଜପଇ ଶଙ୍କର ।୨।
ଅସୁର ନିବାରଣ ଅର୍ଥେ । ଜନ୍ମ ଲଭିଲ ମହୀଗତେ ।୩।
ଅବତାରକୁ ଅବତାର । ମହିମା ଜଗତେ ପ୍ରଚାର ।୪।
ତେଣୁ ଭକତ ସାଧୁ ଜନେ । ନାମ ଘୋଷନ୍ତି ଅନୁକ୍ଷଣେ ।୫।
ଦୟା ସାଗର କୃପାସିନ୍ଧୁ । ଭକତ ଜନଙ୍କର ବନ୍ଧୁ ।୬।
ପାମର ବିପ୍ର ଜଗନ୍ନାଥ । ଏଣୁ ସେ ହୋଇଲା କୃତାର୍ଥ ।୭।
ଦୟା ଯେ କଲେ ଦାମୋଦର । ପୁରାଣ ବନ୍ଦେ ପଦ ଧୀର ।୮।
ଗୋବିନ୍ଦ ଗଲେ କେଉଁ ପଥେ । ମୁଁ ଏବେ ହୋଇଲି ଅନାଥେ ।୯।
କି ଅର୍ଥେ କରିବି ଭରଷା । ରହିବ ଯେବେ ପ୍ରତି ଆଶା ।୧୦।
ଗୋବିନ୍ଦ ଚରଣାର ବିନ୍ଦେ । ମୋ ଚିତ୍ତ ରହୁ ଅପ୍ରମାଦେ ।୧୧।
ପାମର ବିପ୍ର ଜଗନ୍ନାଥ । ନମେ ଶ୍ରୀକୃଷ୍ଣ ପାଦଗତ ।୧୨।

ପରୀକ୍ଷିତ ଉବାଚ

ଶୁକ ସନକ ମୁଖ ଚାହିଁ । ରାଜା ଯେ ଶିରେ କର ଦେଇ ।୧୩।
ଭୋ ମୁନି ତୁମ୍ଭ ପରସନେ । କୃତାର୍ଥ କଲ ମୋ ଜୀବନେ ।୧୪।
ଏବେ ପଚାରୁ ଅଛି ଯାହା । ସେ କଥା କହ ପୁଣ୍ୟ ଦେହା ।୧୫।
କୃଷ୍ଣଙ୍କୁ ଶବର ବିନ୍ଧିଲା । ଅନେକ ଅପ୍ରାଧ ଅର୍ଜିଲା ।୧୬।
ଶବର ଶର ବାଜି ପାଦେ । ଆକୁଳେ ହୋଇଲେ ଗୋବିନ୍ଦେ ।୧୭।
ବ୍ୟାଧର ଦୋଷ କ୍ଷମା କଲେ । ଆଶ୍ୱାସି ସନ୍ନିଧେ ରାଇଲେ ।୧୮।
ଗୁପତେ କହିଲେ ବିଶ୍ୱାସ । ଯାଅ ହସ୍ତିନା ନିଜ ଦେଶ ।୧୯।
ଆଜ୍ଞା ପ୍ରମାଣେ ବ୍ୟାଧ ଗଲା । ପାଣ୍ଡୁକୁମରଙ୍କୁ ଆଣିଲା ।୨୦।

ଅର୍ଜୁନ ଶ୍ରୀ ଅଙ୍ଗ ଛୁଇଁଲା	। ତହୁଁ ଚଳିଲେ ନନ୍ଦବଳା	।୨୧।
କୃଷ୍ଣ ଛାଡ଼ିଲେ କଳେବର	। ଆପଣେ ଗଲେ ନିଜପୁର	।୨୨।
ପିଣ୍ଡ ଯେ ମର୍ତ୍ତ୍ୟପୁରେ ଥିଲା	। ସେ ପୁଣ କେମନ୍ତ ହୋଇଲା	।୨୩।
ଶବର ଗଲା ପୁଣ କାହିଁ	। ବିସ୍ତାରି କହ ପୁଣ୍ୟ ଦେହୀ	।୨୪।
ରାଜା ମୁଖରୁ ଏହା ଶୁଣି	। ଆନନ୍ଦେ କହେ ବ୍ରହ୍ମ ମୁନି	।୨୫।
ହେ ରାଜା ପଚାରିଲୁ ଯାହା	। ପ୍ରସନ୍ନେ କହଇ ମୁଁ ତାହା	।୨୬।

ଶ୍ରୀ ଶୁକ ଉବାଚ

ଯହୁଁ ଗୋବିନ୍ଦ ସ୍ୱର୍ଗ ଗଲେ	। ପାଣ୍ଡବେ ଅନାଥ ହୋଇଲେ	।୨୭।
ନିରେଖ ପ୍ରାଏ ପାଞ୍ଚଭାଇ	। ବସିଣ ଭାଳୁଛନ୍ତି ରହି	।୨୮।
ଶବର ଶିରେ କର ଦେଇ	। ବିକଳେ ବହୁତ ରୋଦଇ	।୨୯।
ଆହା ଗୋବିନ୍ଦ ହେ ଗୋପାଳ	। ଅନାଥ କଲ ହେ ଗୋକୁଳ	।୩୦।
ମୁଁ ଯେ ଶବର ହୀନ ଜାତି	। ବ୍ୟାଧ କୁଳରେ ଉତପତି	।୩୧।
କେବଳ ପୂର୍ବ ଭାଗ୍ୟ ଫଳେ	। ନମୋ ଗୋବିନ୍ଦ ପାଦତଳେ	।୩୨।
ଏଡ଼େ ଅକର୍ମ ଅରଜିଲି	। ପାଦକୁ ଶର ମୁଁ ବିନ୍ଧିଲି	।୩୩।
ଯୁଗର ଶେଷ ଦେଖି କରି	। ଏହି ଭିଆଣ କଲେ ହରି	।୩୪।
ସେ ଜନ୍ମେ ହୋଇଥିଲା ଯାହା	। ଅଜ୍ଞାନେ କହିଲି ମୁଁ ତାହା	।୩୫।
ସେ ପାପୁଁ ଉଦ୍ଧରି ଆପଣେ	। ଏବେ ଚଳିଲେ ନିଜ ଧାମେ	।୩୬।
ଏବେ ମୁଁ କି ବୁଦ୍ଧି କରିବି	। କାହିଁରେ କେମନ୍ତେ ବଞ୍ଚିବି	।୩୭।
କେମନ୍ତେ ପାଇବି କାରଣ	। ପ୍ରଭୁରେ କଲି ଦ୍ରୋହପଣ	।୩୮।
ବହୁତ ବିକଳ ହୋଇଲା	। ପ୍ରାଣ ଛାଡ଼ିତ ବିଚାରିଲା	।୩୯।
ଗୋବିନ୍ଦ ଗଲେ ଶୂନ୍ୟପଥେ	। ଆକାଶେ ଥାଇ ଉର୍ଦ୍ଧ୍ୱଗତେ	।୪୦।
ଶୂନ୍ୟରେ ଶବଦ ଭାଷିଲେ	। ଶବର ବିକଳ ଜାଣିଲେ	।୪୧।
ବିଚାର କରି ନାରାୟଣ	। ଶୂନ୍ୟରେ କହନ୍ତି ବଚନ	।୪୨।
ଜାରା ନକର ମନ ଖେଦ	। ତୋ ପିତା କଲି ପୂର୍ବେ ବଧ	।୪୩।
ପିତାର କାର୍ଯ୍ୟ ତୁହି କଲୁ	। ତେଣୁ ତୁ ଅପ୍ରାଧି ନୋହିଲୁ	।୪୪।

ଏବେ ଆମ୍ଭର ସଙ୍ଗେ ଆସ । ନିଶ୍ଚିନ୍ତ ହୋଇ ସ୍ୱର୍ଗେ ବସ ।୪୫।
ଏମନ୍ତେ ଆଜ୍ଞା ଦେଇ ହରି । ପାଶକୁ ଶବରେ ହକାରି ।୪୬।
ମାତଳି ରାଇ ନାରାୟଣ । ବୋଲନ୍ତି ଶୁଣ ମୋ ବଚନ ।୪୭।
ଶବର ଅଛି ମର୍ତ୍ତ୍ୟ ପୁରେ । ଆଣ ତାହାକୁ ଧାତିକାରେ ।୪୮।
ଶ୍ରୀକୃଷ୍ଣ ଆଜ୍ଞା ଘେନି ଶିରେ । ମାତଳି ରଥ ନେଇ ଖରେ ।୪୯।
ଶବର ପାଶରେ ମିଳିଲା । ଶ୍ରୀକୃଷ୍ଣ ବ୍ୟବସ୍ଥା ଦେଖିଲା ।୫୦।
ମୃତ୍ୟୁ ପିଣ୍ଡକୁ ଦେଖି ପୁଣି । କପାଳେ ଦେଇ ବେନି ପାଣି ।୫୧।
ଏ ରୂପ ଛାଡ଼ିବା ନିମନ୍ତେ । ଉପାୟ କଲେ ଗୋପିନାଥେ ।୫୨।
ମାତଳି ଦେଖି ପାଣ୍ଡବଙ୍କୁ । ଆଶ୍ୱାସି ପୁଚ୍ଛଇ ତାହାକୁ ।୫୩।
କିମ୍ପାଇ ଭାଳୁଅଛି ବସି । ଅନାଥ ହେଲ ପାଣ୍ଡୁ ମିଶି ।୫୪।
ପିଣ୍ଡକୁ ବେଗେ ଦାହ କର । ବହନ ଚଳ ନିଜପୁର ।୫୫।
ଏତେକ କହିଣ ମାତଳି । ଶବର ପାଶକୁ ହକାରି ।୫୬।
କୃଷ୍ଣରେ ହେଲୁ ଅପରାଧୀ । ମୋକ୍ଷ ଯେ କଲେ ଦୟାନିଧି ।୫୭।
ଆସ ଶବର ମୋର ପାଶ । ଶରଣ କୃଷ୍ଣ ପାଦେ ପଶ ।୫୮।
ମାତଳି ମୁଖୁଁ ଏହା ଶୁଣି । ଶବର ଯୋଡ଼େ ବେନି ପାଣି ।୫୯।
ମାତଳି ଛାମୁରେ ମିଳଇ । ଭୟରେ ତନୁ ତା କମ୍ପଇ ।୬୦।
ମାତଳି କହଇ ବଚନ । ଜରା ନହୁଅ ଛନ୍ନ ମନ ।୬୧।
ପୂର୍ବରୁ ବିଧି ଏ ହୋଇଛି । ତେଣୁ ତୋ ଦ୍ରୋହ ନାହିଁ କିଛି ।୬୨।
ଏତେକ ବୁଝାଇ ମାତଳି । ଜରା ଶବର ହସ୍ତ ଧରି ।୬୩।
ରଥରେ ବସାଇଲା ନେଇ । ଶୂନ୍ୟ ମାର୍ଗରେ ଗଲା ବାହି ।୬୪।
କୃଷ୍ଣ ଯେ ଶୂନ୍ୟ ମାର୍ଗେ ଥିଲେ । ମାତଳୀ ସେଠାରେ ମିଳିଲେ ।୬୫।
ଜରା ଶବର କୃଷ୍ଣେ ଦେଖି । ମନର ଭୟ ଯେ ଉପେକ୍ଷି ।୬୬।
ମାତଳି ଚାହିଁ ଦାମୋଦର । ବୋଲନ୍ତି ବଚନ ଗଭୀର ।୬୭।
ପୂର୍ବେ ଏ ଆମ୍ଭର ସେବକ । ଉତ୍ତମ ସ୍ଥାନେ ନେଇ ରଖ ।୬୮।
ଶ୍ରୀକୃଷ୍ଣ ମୁଖୁଁ ଏହା ଶୁଣି । ଶବର ଯୋଡ଼େ ବେନି ପାଣି ।୬୯।
ହେ କୃଷ୍ଣ ପତିତପାବନ । ପାପ ମୋ କର ବିମୋଚନ ।୭୦।
ଘୋର ଅପ୍ରାଧ କ୍ଷମାକଲ । ଭବଭୟରୁ ଉଦ୍ଧରିଲ ।୭୧।

ଜାତିରେ ତୁଚ୍ଛ ମୁଁ ଅଟଇ । ବ୍ୟାଧ ଜାତିରେ ଜନ୍ମ ହୋଇ ।୭୨।
ଅପ୍ରାଧ ଅର୍ଜିଲି ଚରଣେ । କ୍ଷମାତ କଲ ନାରାୟଣେ ।୭୩।
ଆଣିଲ ବୈକୁଣ୍ଠ ଭୁବନ । ପୂର୍ବେ ମୋ ନାହିଁ ଏତେ ପୁଣ୍ୟ ।୭୪।
ଯେବେ ତୁମ୍ଭର ଅଛି ଦୟା । ଛାମୁରେ ଜଣାଏ ଯେ ଏହା ।୭୫।
ଏହି ସ୍ୱରୂପେ ମୁହିଁ ଥିବି । ସଂସାର ଚରିତ ଦେଖିବି ।୭୬।
ସଂସାରେ କଥା ରହିଥିବ । ତୁମ୍ଭ ମହିମା ବିକାଶିବ ।୭୭।
ଶବର ମୁଖୁଁ ଏହା ଶୁଣି । ଦୟା ବହିଲେ ଚକ୍ରପାଣି ।୭୮।
ଜାଣିଲେ ଶବରର ମନ । ବିଚାର କଲେ ଭଗବାନ ।୭୯।
ଦେଖିବ ସଂସାର ଚରିତ । ଏହା ଯେ ବିଚାରୁଛି ଚିତ୍ତ ।୮୦।
ଆମ୍ଭେ ନକ୍ଷତ୍ର ରୂପେ ଥାଉଁ । ନିତ୍ୟ ଶୂନ୍ୟରେ ଉଦେ ହେଉଁ ।୮୧।
ଦେଖି ବିଚାରି ସର୍ବ ଭାବ । ବୁଝୁଁ ସଂସାର ହାନି ଲାଭ ।୮୨।
ନକ୍ଷତ୍ର ତିନିଗୋଟି ହୋଇ । ବ୍ରହ୍ମା ବିଷ୍ଣୁ ଯେ ଶିବ ଥାଇ ।୮୩।
ଆମ୍ଭର ସନିଧିରେ ଥିବ । ସଂସାର ଚରିତ ଦେଖିବ ।୮୪।
ଏତେ ବିଚାରି ଭାବଗ୍ରାହୀ । ଭାଷିଲେ ମାତଳି କି ଚାହିଁ ।୮୫।
ଯାଅ ତୁ ଚଳି ଏହି କ୍ଷଣ । ଜାରାକୁ ନିଅ ସେହି ସ୍ଥାନ ।୮୬।
ଆମ୍ଭେ ଯେ ନକ୍ଷତ୍ର ରୂପରେ । ଉଦୟ ହେଉଁ ନିରନ୍ତରେ ।୮୭।
ସେଠାକୁ ଆମ୍ଭ ପାଶେ ନେଇ । ନକ୍ଷତ୍ର ରୂପେ ଦେହ ବହି ।୮୮।
ଏହାକୁ ରଖ ସେ ଠାବରେ । ସେ ଥାଉ ଯୁଗ ଯୁଗାନ୍ତରେ ।୮୯।
ଅପ୍ରାଧ କରିଅଛି ଯେତେ । ସୁଖ ସେ ଲଭି ସେହି ମତେ ।୯୦।
ମାତଳି ଆଜ୍ଞା ପରମାଣେ । ଶବର ଘେନି ତତ୍‌କ୍ଷଣେ ।୯୧।
ବିଷ୍ଣୁ ନକ୍ଷତ୍ର ପାଶେ ନେଲା । ନକ୍ଷତ୍ର ରୂପ ଜାରା ହେଲା ।୯୨।
ସୁଖେ ଯେ ରହିଲା ଶବର । ଗଗନେ କରଇ ବିହାର ।୯୩।
ନକ୍ଷତ୍ର ରୂପେ କୃଷ୍ଣ ସଙ୍ଗେ । ସୁଖ ଭୁଞ୍ଜିଲା ଯୁଗେ ଯୁଗେ ।୯୪।
ବିଷ୍ଣୁ ନକ୍ଷତ୍ର ଉଦେ ହେଲେ । ସର୍ବଦା ଥାଇ ତାଙ୍କ ତୁଳେ ।୯୫।
ସଂସାର ଭଲ ମନ୍ଦ କଥା । ଜାରା ଦେଖିଣ ମନେ ବ୍ୟଥା ।୯୬।
ଶୁଣ ହୋ ପରୀକ୍ଷ ରାଜନ । ଏ ରୂପେ ଶବର ବିଧାନ ।୯୭।
ଦୟା ସାଗର ନରହରି । ଶବର ଦୋଷ କ୍ଷମା କରି ।୯୮।

ଆରତ ଭଞ୍ଜନ ଯା ନାମ । ଅପ୍ରାଧ ନ ଘେନିଲେ ମନ ।୯୯।
ଗୋବିନ୍ଦେ ପଶ ତୁ ଶରଣ । ବ୍ରହ୍ମ ଶାପରୁ ନିସ୍ତାରଣ ।୧୦୦।
ତକ୍ଷଣେ ପଶିବେ ତୋ ଅଙ୍ଗେ । କୃତାର୍ଥ ହେବୁ ସାଧୁ ସଙ୍ଗେ ।୧୦୧।
ଏବେ ତୁ ଏକ ଚିତ୍ତେ ଶୁଣ । ପବିତ୍ର ବିଷ୍ଣୁର ପୁରାଣ ।୧୦୨।
ଶ୍ରୀ ଭାଗବତ କୃଷ୍ଣ କଥା । ଶୁଣି ଉପେଖି ସର୍ବ ବ୍ୟଥା ।୧୦୩।
ଏବେ ତୁ ନିରେଖ ନୋହିବୁ । ସେକଥା ଶୁଣି ନିସ୍ତରିବୁ ।୧୦୪।
ମୁନିଙ୍କ ମୁଖୁଁ ଏହା ଶୁଣି । ବୋଲେ ପରୀକ୍ଷ ନୃପମଣି ।୧୦୫।
ଶବର ସ୍ୱର୍ଗପୁର ଗଲା । ଶ୍ରୀକୃଷ୍ଣ ପିଣ୍ଡ କିସ ହେଲା ।୧୦୬।
ପାଣ୍ଡବେ ଥିଲେ ପିଣ୍ଡ ରଖି । କେବେ ହେଁ ନ ପାରି ଉପେକ୍ଷି ।୧୦୭।
ବିକଳେ ଭାଳୁଥିବେ ବସି । ଗୋବିନ୍ଦ ଗୁଣ ହୃଦେ ଘୋଷି ।୧୦୮।
ଅନାଥ କରିଗଲୁ କାହିଁ । ବୋଲି କାନ୍ଦିଣ ପାଞ୍ଚଭାଇ ।୧୦୯।
ପରୀକ୍ଷ ମୁଖୁଁ ଏହା ଶୁଣି । ଆନନ୍ଦେ କହେ ବ୍ରହ୍ମ ମୁନି ।୧୧୦।

ଶ୍ରୀ ଶୁକ ଉବାଚ

ଯାହା ପୁଚ୍ଛିଲ ପରୀକ୍ଷିତ । କହିବି ତହିଁର ଚରିତ ।୧୧୧।
କୃଷ୍ଣ ଯେ ଗଲେ ନିଜ ଧାମ । ଭାଳିଲେ ପାଣ୍ଡୁର ନନ୍ଦନ ।୧୧୨।
ବିଚାର କଲେ ପାଞ୍ଚ ଭାଇ । କୃଷ୍ଣ ବିହୁନେ ସୁଖ ନାହିଁ ।୧୧୩।
ଏବେ ତ ନିରେଖ ହୋଇଲୁଁ । ସମୁଦ୍ରେ ଭେଳା ଭସାଇଲୁ ।୧୧୪।
କୃଷ୍ଣର ମୃତ୍ୟୁ ପିଣ୍ଡ ଘେନ । ଅଗ୍ନିରେ କରିବା ଦହନ ।୧୧୫।
ଦହନ ସାରି ଚାଲିଯିବା । ଘୋର ବନସ୍ତରେ ପଶିବା ।୧୧୬।
ରାଜ୍ୟରେ ନାହିଁ ପ୍ରୟୋଜନ । ବୁଲିବା ନାନା ତୀର୍ଥମାନ ।୧୧୭।
ନାନା ତୀର୍ଥରେ ସ୍ନାନ ସାରି । ଭବ ଦୁରିତ ଦୂରକରି ।୧୧୮।
ଗୋବିନ୍ଦ ନାମେ କରି ଲୟେ । ନାନା ପାତକ କର କ୍ଷୟେ ।୧୧୯।
ବିଚାର କରି ପାଞ୍ଚଜଣ । ଲୋତକ ପୂରାଇ ନୟନ ।୧୨୦।
ଯୁଧିଷ୍ଠି ଅର୍ଜୁନଙ୍କୁ ଚାହିଁ । ବୋଲନ୍ତି ଶୁଣ ତୁ ବିଜଇ ।୧୨୧।

କାହିଁରେ କରିବ ଦହନ । ଏଥିର କହ ହେ ବିଧାନ ।୧୨୨।
ପାଶେ ଯେ ସହଦେବ ଥିଲା । ଆପଣା କରକୁ ଚାହିଁଲା ।୧୨୩।
ବିଚାରି ଜାଣିଲାକ ତାହା । ଏ ସ୍ଥାନେ ନ କରିବା ଦାହା ।୧୨୪।
ଏଥୁ ଚାରିଶ କ୍ରୋଶ ଛଡ଼ା । ପୃଥିବୀ ଅଛଇ ଅପୋଡ଼ା ।୧୨୫।
ତା ନାମ ଛମନିକ ତୀର୍ଥ । ସବୁକ୍ଷେତ୍ରରୁ ସାରସ୍ୱତ ।୧୨୬।
ସମୁଦ୍ର ଉତ୍ତର ଯେ ତୀରେ । ନୀଳ ଯେ ନାମ ବନସ୍ତରେ ।୧୨୭।
କଳପ ନାମେ ଅଛି ବଟ । ସବୁ ବୃକ୍ଷରୁ ସେ ଗରିଷ୍ଠ ।୧୨୮।
ସେ ବଟ ଶ୍ରେଷ୍ଠ ତାଳ ପୃଟେ । ଶୟନ ଦେବଙ୍କର ଶ୍ରେଷ୍ଟେ ।୧୨୯।
ପର୍ବତ ନାମେ ନୀଳଗିରି । ବିଜଏ କରିବେ ମୁରାରି ।୧୩୦।
ବଟର ସନିଧିରେ ଯାଇ । ଦାହା କରିବା ତହିଁ ନେଇ ।୧୩୧।
ସ୍ୱର୍ଗକୁ ସମାନ ସେ ସ୍ଥାନ । ସ୍ୱର୍ଗ ଦୁଆର ତହିଁ ନାମ ।୧୩୨।
କଣ୍ଠୁ ଯେ ମୁନି ପୂର୍ବେ ଥିଲେ । ଆଶ୍ରମ ଗୋଟିଏ ରଚିଲେ ।୧୩୩।
ବଟ ସାଗର ମଧ ସ୍ଥାନେ । ଆଶ୍ରମ ରଚିଲେ ତକ୍ଷଣେ ।୧୩୪।
ଯମଦଣ୍ଡକୁ ନାହିଁ ଡର । ନାନା ପାପରୁ ହେଲେ ପାର ।୧୩୫।
ମୃତ୍ୟୁ ଯେ ନ ବହିଲା ଯମ । ବସିଲେ ଅମର ଭୁବନ ।୧୩୬।
ଅମୃତ ରସ ପାନ ଖାଇ । ନକ୍ଷତ୍ର ରୂପେ ଦେହ ବହି ।୧୩୭।
ଏତେ ବିଚାରି ମନ୍ତ୍ରିବର । ହୃଦରେ କରଇ ବିଚାର ।୧୩୮।
କଥା ତ ନ କହଇ ଫେଡ଼ି । ଗୁପତେ ଅଛଇ ଲୁଚାଇ ।୧୩୯।
ଯେବେ ପଚାରିବେ ଯୁଧିଷ୍ଠି । କହିବ ଫେଡ଼ି କଥା ଗୋଟି ।୧୪୦।
ମନରେ ହୋଇ ହସ ହସ । ଅନ୍ତରେ ହୁଅଇ ଉଲ୍ଲାସ ।୧୪୧।
ପୁଛିଲେ ଦୁଧିଷ୍ଠିଙ୍କି ଏହା । ଅର୍ଜୁନ ଯୋଡ଼ି ବେନି ବାହା ।୧୪୨।
ଭୋ ନାଥ କର ଅବଧାନ । କୃଷ୍ଣଙ୍କୁ କରିବ ଦହନ ।୧୪୩।
ଅଣାଅ ଚନ୍ଦନ ଯେ ଦାରୁ । ଦାହ କରିବା ମହା ମେରୁ ।୧୪୪।
ଭୀମ ଯେ ଖଣ୍ଡେ ଦୂରେ ଥିଲେ । ଯୁଧିଷ୍ଠି ଅନାଇଣ ଦେଲେ ।୧୪୫।
ଭୀମର ତୁଲେ ଏହିକ୍ଷଣି । ବେଗେ ଚନ୍ଦନ ଦାରୁ ଆଣି ।୧୪୬।
ଏଥିରେ ଚୁଲ ସଜାଡ଼ିଣ । କୃଷ୍ଣଙ୍କୁ କରିବା ଦହନ ।୧୪୭।
ଏଯେ ଅନାଦି ନାରାୟଣ । ଯା ନାମ ପରମ କାରଣ ।୧୪୮।

ମାୟାର ଦେହ ଛାଡ଼ି କରି । ଅନ୍ତେ ଚଳିଲେ ଦଇତାରି ।୧୪୯।
ସମସ୍ତେ ଜାଣନ୍ତି ଜଗତେ । ପାଣ୍ଡବେ କୃଷ୍ଣର ଆଶ୍ରିତେ ।୧୫୦।
ଦ୍ୱାରକା ପୁରେ ବନ୍ଧୁ ଜନ । ଅଛନ୍ତି ଉଗ୍ରସେନ ରାଜନ ।୧୫୧।
ଆବର ନାରୀଗଣ ଛନ୍ତି । ମାତା ଯେ ନନ୍ଦ ଯଶୋବନ୍ତୀ ।୧୫୨।
ବସୁଦେବ ଯେ ଦଇବକୀ । ଆବର ସଖା ମାନେଛନ୍ତି ।୧୫୩।
ସୃଜାଦି ଅନ୍ତ କରି ନୋହି । ଏକଥା ନ ଜାଣନ୍ତି କେହି ।୧୫୪।
କୃଷ୍ଣର ପୁତ୍ର ନାତିମାନ । ଏବନେ ହୋଇଲେ ଛେଦନ ।୧୫୫।
କୃଷ୍ଣଙ୍କୁ ଶବର ବିନ୍ଧିଲା । ଏକଥା କେହି ନ ଜାଣିଲା ।୧୫୬।
ଦାରୁକ ଅଛି ଆମ୍ଭ ସଙ୍ଗ । ଦେଖିଲା କୃଷ୍ଣଙ୍କ ବିଯୋଗ ।୧୫୭।
ଏ କଷ୍ଟ ନ ପାରୁ ଯେ କହି । କୃଷ୍ଣ କମଳ ମୁଖ ଚାହିଁ ।୧୫୮।
ଦଇବ ଯୋଗେ ଏଡ଼େ ଭାତି । ଭିଆଇ ଅଛି ବେଦପତି ।୧୫୯।
ଯୁଧିଷ୍ଠି ଭୀମକୁ ଅନାଇ । ଏତେକ କହି ତୁନି ହୋଇ ।୧୬୦।
ସ୍ୱଭାବେ ପ୍ରଚଣ୍ଡ ତା ବୁଦ୍ଧି । କୃଷ୍ଣ ବିହୀନେ ବଳ ଛେଦି ।୧୬୧।
ବିଚାରି ବୁଦ୍ଧି ଏ ପାଇଲା । ଯୁଧିଷ୍ଠି ମୁଖକୁ ଚାହିଁଲା ।୧୬୨।
ମନରେ ଆନ ନ ବିଚାର । ସହଦେବକୁ ହେ ପଚାର ।୧୬୩।
ଆମ୍ଭେ ଯେ ଭାଳୁଥାଇ ଦେଖ । ଏହାର ଉଲ୍ଲାସ ଯେ ମୁଖ ।୧୬୪।
ମଉନେ ବସିଅଛି ଏହି । କାହାକୁ ସମସ୍ୟା ନ କହି ।୧୬୫।
କଥା ଯେ ଅଛଇ ଏଥିରେ । ବିଚାରି ପୁଛେ ମନ୍ତ୍ରୀବରେ ।୧୬୬।
ଭୀମ ମୁଖରୁ ଏହା ଶୁଣି । ହସିଲା ମନ୍ତ୍ରୀ ଚୂଡ଼ାମଣି ।୧୬୭।
ସହଦେବର ମୁଖ ଚାହିଁ । ବୋଲେ ଦୁଧିଷ୍ଠି ନୃପ ସାଇଁ ।୧୬୮।
କି କଥା ଅଛଇ ଏଥିରେ । ବିଚାରି କହ ମନ୍ତ୍ରୀବରେ ।୧୬୯।
ଯୁଧିଷ୍ଠି ପଚାରୁଁ ଏକଥା । ହସ୍ତକୁ ଚାହିଁ ମହାଜ୍ଞାତା ।୧୭୦।
ଶୁଣିବା ହେଉ ସାବଧାନେ । ଗୁପତ କଥା ବିଦ୍ଵେମାନେ ।୧୭୧।
କୃଷ୍ଣଙ୍କୁ ଘେନି ଏଥୁଁ ଯିବା । ଏଥି ଦହନ ନ କରିବା ।୧୭୨।
ଅଛି ଗୁପତ ଦିବ୍ୟସ୍ଥାନ । ତୀର୍ଥେ ଯେ ଜମନିକ ନାମ ।୧୭୩।
ଏଥୁଁ ଚାରିଶ କ୍ରୋଶ ଛଡ଼ା । ନାମ ତା ଅଛଇ ଅପୋଡ଼ା ।୧୭୪।
ସହଦେବର ମୁଖୁଁ ଶୁଣି । ବୋଲେ ଯୁଧିଷ୍ଠି ନୃପମଣି ।୧୭୫।

କହ ହେ ମୁନିବର ତୁହି । ଏଥିର ଚରିତ ଶୁଣାଇ ।୧୭୬।
ହସିଣ ସହଦେବ ବୀର । ବୋଲଇ ଶୁଣ ନୃପବର ।୧୭୭।
ସେ ସ୍ଥାନ ମହିମା ପ୍ରତକ୍ଷ । ବଚନେ କହି ନୋହେ ଶକ୍ୟ ।୧୭୮।
ପୃଥ୍ୱୀର ସାରସ୍ୱତ ସେହି । ସେଥକୁ ଆନ ସମନାହିଁ ।୧୭୯।
ଆପଣା ନାମ ତାକୁ ଦେଇ । ଆପଣେ ଅଛନ୍ତି ଭିଆଇ ।୧୮୦।
ନାମ ତା ଶ୍ରୀ ପୁରୁଷୋତ୍ତମ । ସର୍ବ କ୍ଷେତ୍ରରୁ ସେ ଉତ୍ତମ ।୧୮୧।
ଦକ୍ଷିଣ ସମୁଦ୍ରର ତୀର । ନାମ ତାହାର ସ୍ୱର୍ଗଦ୍ୱାର ।୧୮୨।
ନୀଳ ସୁନ୍ଦର ନାମେ ବନ । ଅଛଇ ଶୁଣହେ ରାଜନ ।୧୮୩।
ତହିଁରେ ଅଛଇ ପର୍ବତେ । ସୁନ୍ଦର ଗିରି ଯଥା ଅର୍ଥେ ।୧୮୪।
ପ୍ରଭୁତା ଗୁପତେ ଭିଆଇ । ଜନେ ମୁକତି ଦେବା ପାଇଁ ।୧୮୫।
ଆହୁରି ଅଛି କଥା ସାର । କହିବି ଶୁଣ ନୃପବର ।୧୮୬।
କଳି ଯୁଗରେ ପ୍ରାଣୀମାନେ । ପାପେ ହୋଇବେ ବର୍ଦ୍ଧମାନେ ।୧୮୭।
ଗୁରୁ ବଚନ ନମାନିବେ । ପିତାରେ ଦ୍ରୋହ ଆଚରିବେ ।୧୮୮।
ଗୋରୁ ବ୍ରାହ୍ମଣ ହତ୍ୟା କରି । ଦେବ ଯେ ବିଦ୍ୟା ସର୍ବଛାଡ଼ି ।୧୮୯।
ଅଗମ୍ୟ ଗମନ କରିବେ । ସାଧୁ ବଚନ ନ ମାନିବେ ।୧୯୦।
ପାପରେ ହୋଇବେ ଗରିଷ୍ଠ । ତେଣୁ ହୋଇବେ ଜ୍ଞାନଭ୍ରଷ୍ଟ ।୧୯୧।
ଏକଥା ଜାଣି ବ୍ରହ୍ମରାଶି । ତେଣୁ ଏ ତୀର୍ଥ ପରା କାଶୀ ।୧୯୨।
ଏକଥା ଜାଣି କଣ୍ଠୁ ମୁନି । ଦେବଙ୍କ ବାକ୍ୟ ମନେ ଶୁଣି ।୧୯୩।
ବୁଲିଣ ନାନା ତୀର୍ଥମାନ । ମିଳିଲେ ଯାଇ ସେହି ସ୍ଥାନ ।୧୯୪।
ସମୁଦ୍ର ତୀରେ ଉଭା ହୋଇ । ଚାହିଁଣ ଚକିତେ ଅନାଇଁ ।୧୯୫।
ଦେଖିଲେ ବଇକୁଣ୍ଠ ପୁର । ଫିଟିଛି ତହିଁ ସ୍ୱର୍ଗଦ୍ୱାର ।୧୯୬।
ସେଠାରେ ନିତ୍ୟକର୍ମ କରି । ତପ ଯେ ପୂଜାବିଧି ସାରି ।୧୯୭।
ଧ୍ୟାନେ ବସିଣ ମୁନିବର । ଶୁଣିଲେ ଦେବଙ୍କ ଉତ୍ତର ।୧୯୮।
ଦୁନ୍ଦୁଭି ବାଦ୍ୟ ନାଦ ଶୁଣି । ବିଚାର କଲେ ମୁନିମଣି ।୧୯୯।
ଏ ପୁଣ୍ୟ ଭୂମି ସମକକ୍ଷ । ନାହିଁ କୋଟିଏ ତୀର୍ଥ ତୁଲ୍ଲ ।୨୦୦।
ସ୍ୱର୍ଗରୁ ଦେବଙ୍କ ଉତ୍ତର । ଶୁଣିଲା ଶୁଭୁଛି ଏଠାର ।୨୦୧।
ଏହାର ନାମ ଦେବି ମୁହିଁ । ସ୍ୱର୍ଗଦ୍ୱାର ଏ ପୁଣ୍ୟମହୀ ।୨୦୨।

ସେଠାରୁ ପାଞ୍ଚକରି ଗଲେ । ନୀଳ ଯେ ବନରେ ପଶିଲେ ।୨୦୩।
ନୀଳ ସୁନ୍ଦର ଗିରି ଶିଖେ । ବଟେକ ଦେଖିଲେ ପ୍ରତକ୍ଷେ ।୨୦୪।
ପର୍ବତ ଦକ୍ଷିଣ ପାରୁଶେ । ଦେଖିଲେ ବଟେକ ପ୍ରକାଶେ ।୨୦୫।
[illegible] କଚ୍ଛାନ୍ତେ ତହିଁ ଅଛି । କଚ୍ଛବଟ ନାମ ବହିଛି ।୨୦୬।
ବଟକୁ ପ୍ରଦକ୍ଷିଣ କଲେ । ଦକ୍ଷିଣ ମୁଖରେ ଚଳିଲେ ।୨୦୭।
ବଟ ସାଗର ମଧ ସ୍ଥାନ । ମଠେକ କଲେ ସେ ନିର୍ମାଣ ।୨୦୮।
ବଟ ଯେ ବୃକ୍ଷ ତହିଁ ରୋପି । ସେ ବଟ ତଳେ ବସି ଯପି ।୨୦୯।
ଆପଣା ନାମ ତାକୁ ଦେଲେ । କଣ୍ଡୁ ଯେ ଆଶ୍ରମ ବୋଇଲେ ।୨୧୦।
ଜମ୍ବୁ ଈଶ୍ୱର ଲିଙ୍ଗ ସ୍ଥାପି । ପୂଜା କରନ୍ତି ପୁଣ୍ୟ ରୂପୀ ।୨୧୧।
ସେ ତୀର୍ଥେ ନ ଦଣ୍ଡଇ ଯମ । ତେଣୁ ଯମ୍ବିକ ତୀର୍ଥ ନାମ ।୨୧୨।
ଯମର କାଳଦଣ୍ଡ ଫାଶୀ । ସେ ସ୍ଥାନେ ନ ପାରଇ ପଶି ।୨୧୩।
ଜମ୍ବିକ ତୀର୍ଥ ଗୁଣମାନ । କହିଲେ ମାଦ୍ରୀର ନନ୍ଦନ ।୨୧୪।
ସହଦେବର ମୁଖୁଁ ଶୁଣି । ଆନନ୍ଦ ଧର୍ମରାଜା ମଣି ।୨୧୫।
ମନରେ ଆନନ୍ଦ ହୋଇଣ । ବୋଲନ୍ତି ସହଦେବ ଶୁଣ ।୨୧୬।
ଏକଥା କେମନ୍ତେ ଜାଣିଲୁ । ଗୁପତ କିମ୍ପା ରଖିଥିଲୁ ।୨୧୭।
ଧନ୍ୟ ତୁ ଧନ୍ୟ ମୁନିବର । କିଅବା ଦେବା ପଟାନ୍ତର ।୨୧୮।
ଭୀମ ତାକେମନ୍ତେ ଜାଣିଲା । ପଚାର ବୋଲିଣ ବୋଇଲା ।୨୧୯।
ପଣ୍ଡିତ ପଣେ ଗୁଣମଣି । ଧାର୍ମିକ ପଣେ ତୋତେ ଗଣି ।୨୨୦।
ଅର୍ଜ୍ଜୁନ ବିଚାର କି ମନେ । ତୀର୍ଥ ମହିମା ଶୁଣି କର୍ଣ୍ଣେ ।୨୨୧।
ସକଳ ଚିନ୍ତା ଦୂରକରି । ଗୋବିନ୍ଦ ପାଦ ଶିରେ ଧରି ।୨୨୨।
ଶୁଣି ପରୀକ୍ଷ ନୃପବର । ନମଇଁ ମୁନିଙ୍କ ପୟର ।୨୨୩।
ଭୋମୁନି ତବ ଦରଶନେ । କୃତାର୍ଥ ହେଲି ବିଦ୍ୟମାନେ ।୨୨୪।
ପାଣ୍ଡବେ ଧରି ପଦ୍ମପାଦ । ତରିଲେ ଏ ଘୋର ପ୍ରମାଦ ।୨୨୫।
ମୁଁ ଏହା ଶ୍ରବଣେ ଶୁଣିଲି । ବ୍ରହ୍ମ ଶାପରୁ ନିସ୍ତରିଲି ।୨୨୬।
ପାମର ବିପ୍ର ଜଗନ୍ନାଥ । ଚିନ୍ତଇ ଶଙ୍ଖଚକ୍ର ହସ୍ତ ।୨୨୭।

ଇତି ଶ୍ରୀ ଦାରୁବ୍ରହ୍ମ ଗୀତା ଶୁକ ପରିକ୍ଷିତ ସମ୍ବାଦେ ଜାରାଶବର ବୈକୁଣ୍ଠ ଗମନେ ପାଣ୍ଡବ ତୀର୍ଥ ବିଚାରଣେ ନାମ ପ୍ରଥମୋଧାୟଃ ।

୨ୟ ଅଧ୍ୟାୟ

ପରୀକ୍ଷିତ ଉବାଚ

ପରୀକ୍ଷ ମୁନିଙ୍କ ଚରଣେ । ନମି ପଡ଼ଇ ତତ୍‌କ୍ଷଣେ ।୧।
ଭୋ ମୁନି ନିସ୍ତରିଲି ମୁହିଁ । ଗୋବିନ୍ଦ କୀର୍ତ୍ତି ଦେଲ କହି ।୨।
ମୁଁ ଯେ ଅଟଇ ଅରକ୍ଷିତ । ହୋଇଛି ବ୍ରହ୍ମ ଶାପଗ୍ରସ୍ତ ।୩।
ସେ ପାପୁଁ ତରିବି କେମନ୍ତେ । ସୁଦୟା ଚିତ୍ତେ କହ ମୋତେ ।୪
ଏଥୁ ଅନ୍ତରେ କହ ମୁନି । ପାଣ୍ଡବେ କି କଲେକ ପୁଣି ।୫।
ଏହା ବିସ୍ତାରି ମୋତେ କହ । ତେବେ ଫିଟିବ ମୋ ସନ୍ଦେହ ।୬।
ରାଜା ମୁଖରୁ ଏହା ଶୁଣି । ଆନନ୍ଦେ ହସି ମୁନିମଣି ।୭।

ଶ୍ରୀ ଶୁକ ଉବାଚ

ବୋଲନ୍ତି ଶୁଣ ତୁ ରାଜନ । କୃଷ୍ଣର ନିବେଶ ତୋ ମନ ।୮।
ଏବେ ତୁ ସ୍ଥିର ମନେ ଶୁଣ । ପାଣ୍ଡବେ କଲେ କିସ ପୁଣ ।୯।
ଶ୍ରୀ କୃଷ୍ଣ ଗଲେ ନିଜ ଧାମ । ପାଣ୍ଡବେ ହୀନ ପରାକ୍ରମ ।୧୦।
ବସି ଭାଳନ୍ତି ପାଞ୍ଚ ଭାଇ । ଗୋବିନ୍ଦ ମୃତ୍ୟୁ ପିଣ୍ଡ ଥୋଇ ।୧୧।
ଯୁଧିଷ୍ଠି ଭୀମ ଅରଜୁନ । ନକୁଳ ସହଦେବ ସାନ ।୧୨।
ବୁଦ୍ଧି ତାହାଙ୍କୁ ନ ଦିଶଇ । ଆତ୍ମା ବିକଳ ଦହି ହୋଇ ।୧୩।
ଭୀମ ଯେ ଗଦା ଭାର ଥୋଇ । କାହାକୁ କିଛି ନ ବୋଲଇ ।୧୪।
ବିଚାରି ଭାଳଇ ମନର । କୃଷ୍ଣଙ୍କୁ କରିବା ସଂସ୍କାର ।୧୫।
ଯିବା ବହନ ନିଜ ଦେଶ । ଏଠାରେ ପ୍ରୟୋଜନ କିସ ।୧୬।
ଯୁଧିଷ୍ଠି ମୁଖକୁ ଚାହିଁଲା । ଆପଣା ଭାବେଣ ବୋଇଲା ।୧୭।
କୃଷ୍ଣଙ୍କୁ ଦହନ କରିବା । ନିଜ ରାଜ୍ୟକୁ ଚଳିଯିବା ।୧୮।
ଏମନ୍ତ କହନ୍ତେଣ ଭୀମ । ଯୁଧିଷ୍ଠି ମନରେ ଯେ ତମ ।୧୯।

ଏମନ୍ତେ ବିଚାରନ୍ତି ଦେବ । ମନେ ହସଇ ସହଦେବ ।୨୦।
ଏତ ଅନାଦି ନାରାୟଣ । କେମନ୍ତେ କରିବା ଦହନ ।୨୧।
ଅଗ୍ନିତ ନ ପାରଇ ଦହି । ପବନ ନ ପାରେ ଉଡ଼ାଇ ।୨୨।
ଖଡ଼ଗେ ନ ଛିଡ଼ଇ ଜାଣ । ପୁଣି ନୋହିବ ଏହୁ ପୁଣ ।୨୩।
ଅବ୍ୟକ୍ତ ବ୍ରହ୍ମ ନିରାକାର । ପୂରି ଅଛଇ ଜଗତର ।୨୪।
ସବୁ ଘଟରେ ଅଛି ପୂରି । ମହିମା କେହୁ କହି ପାରି ।୨୫।
ଦହିତ କ୍ଷମ ଏ ନୁହନ୍ତି । ଲୋକାଚାରକୁ ବିଚାରନ୍ତି ।୨୬।
ଏତେ ବିଚାରି ତୁନି ହେଲା । ସଂଶୟ ଫେଡ଼ି ନ କହିଲା ।୨୭।
ଆବର ଅବିଗୁଣେ ଥାଇ । ନ ପଚାରିଲେ ନ କହଇ ।୨୮।
ଭୀମର ମୁଖୁଁ ଏହା ଶୁଣି । ସହଦେବଙ୍କୁ ଚାହିଁ ଭଣି ।୨୯।
କହ ହେ ଏଥିର ବିଚାର । କୃଷ୍ଣର ପଡ଼ିଛି ଶରୀର ।୩୦।
ଶୁଣି ବୋଲଇ ସହଦେବ । ଶୁଣିମା ହେଉ ରାଜଦେବ ।୩୧।
ବିଳମ୍ବ ନ ସହଇ କ୍ଷଣେ । କହିବା ଗୁପତ ବଚନେ ।୩୨।
ଜମ୍ବୀକ ତୀର୍ଥେ ଚାଲ ଯିବା । କୃଷ୍ଣର ପିଣ୍ଡକୁ ଦହିବା ।୩୩।
ସେଠାରେ କୃଷ୍ଣର ଶରୀର । ପୁରୁଷୋତ୍ତମ ନାମ ତାର ।୩୪।
ଦକ୍ଷିଣ ମହୋଦଧି ଜାଣ । ଏକଶ ଯୋଜନ ଦକ୍ଷିଣ ।୩୫।
କୋଟିଏ ତୀର୍ଥ ତହିଁ କୁଣ୍ଡ । ସ୍ୱର୍ଗକୁ ପିଟିଅଛି ଦାଣ୍ଡ ।୩୬।
ସେ ତୀର୍ଥେ ସ୍ନାହାନ କରନ୍ତି । ଯମ ନ ଦଣ୍ଡେ କଦାଚିତେ ।୩୭।
ସ୍ୱର୍ଗଦୁଆର ନାମ କହି । ଦେବେ ଅଛନ୍ତି ନାମ ଦେଇ ।୩୮।
ସ୍ୱର୍ଗ ଦ୍ୱାରକୁ ନାହିଁ ଲକ୍ଷ । ବିଷ୍ଣୁଙ୍କ ଅଙ୍ଗ ସେ ପ୍ରତ୍ୟକ୍ଷ ।୩୯।
ଚାଲ କୃଷ୍ଣଙ୍କୁ ଯିବା ଘେନି । କହିଲି ଗୁପତ ଏ ବାଣୀ ।୪୦।
କହିଲା ଯହୁଁ ମନ୍ତ୍ରୀବର । ଶୁଣି ଯୁଧିଷ୍ଠି ନୃପବର ।୪୧।
ଆନନ୍ଦେ ଉଲ୍ଲସିତ ହୋଇ । ଅର୍ଜ୍ଜୁନ ମୁଖକୁ ଅନାଇ ।୪୨।
ଯାହା କହିଲା ସହଦେବ । ଶୁଣିଲୁ ଟିକି ହୋ ପାଣ୍ଡବ ।୪୩।
ଅର୍ଜ୍ଜୁନ ଯୋଡ଼ି ବେନିକର । ଯେ କଥା ଗୁପତ ବିଚାର ।୪୪।
ପଞ୍ଚ ପାଣ୍ଡବ ସଙ୍ଗ ହେଲେ । ଚନ୍ଦନ ଦାରୁ ଅଣାଇଲେ ।୪୫।
ଖଟ ଗୋଟିଏ ନିର୍ମା କଲେ । କୃଷ୍ଣଙ୍କୁ ତହିଁ ଶୁଆଇଲେ ।୪୬।

ପାଞ୍ଚେ ହେଁ ଧରି ଆଡ଼େ ଆଡ଼େ । ହକାରି ଉଠି ଅତି ଗାଢେ ।୪୭।
ସୁରେଶ୍ୱର ବନକୁ ଜାଣ । ପୂର୍ବଦିଗକୁ ଦୁଇକ୍ରୁଣ ।୪୮।
ଘେନିଣ ତାଙ୍କୁ ଚଳିଗଲେ । ଜମ୍ବିକ ତୀର୍ଥରେ ମିଳିଲେ ।୪୯।
ଦକ୍ଷିଣ ମହୋଦଧି ତୀରେ । କଳପ ବଟ ଦକ୍ଷିଣରେ ।୫୦।
ନୀଳଗିରିକି ସେହି ସ୍ଥାନ । ଛଡ଼ାରେ ଦୁଇ ପାଆ ଜାଣ ।୫୧।
ସହଦେବଙ୍କୁ ପଚାରନ୍ତି । କହ ହେ ଏ ସ୍ଥାନର ଗତି ।୫୨।
ଏହି ସ୍ଥାନରେ କି ରଖିବା । ଆଉ କି ଖଣ୍ଡେ ଦୂର ନେବା ।୫୩।
ମନ୍ତ୍ରୀ ବୋଲଇ ଏହି ଠାରେ । କିସ କହିବି ମୁଁ ଏଥିରେ ।୫୪।
ସେଠାରେ କୃଷ୍ଣଙ୍କୁ ଥୋଇଲେ । ନୀଳ ବନକୁ ଚଳିଗଲେ ।୫୫।
ବୁଲିଣ ନୀଳଗିରି ବନ । ଖୋଜିଲେ କାଷ୍ଠ ଯେ ଚନ୍ଦନ ।୫୬।
ବିଶେଷ କରି ଘେନିଗଲେ । ସ୍ୱର୍ଗ ଦୁଆରେ ରୁଣ୍ଡ କଲେ ।୫୭।
କାଷ୍ଠ କୁ କାଷ୍ଠ ଘରଷଣେ । ଭିଆଇ ଅଗ୍ନି ନବଦନେ ।୫୮।
ତୀର୍ଥରୁ ଜଳ ସେ ଆଣିଲେ । କୃଷ୍ଣର ଶିରରେ ସିଞ୍ଚିଲେ ।୫୯।
ସ୍ନାନ କରାଇଣ ବହନ । ଶ୍ରୀ ଅଙ୍ଗ ପୋଛି ତତକ୍ଷଣ ।୬୦।
ଶ୍ରୀ ଅଙ୍ଗେ ଲେପିଲେ ଚନ୍ଦନ । ପିନ୍ଧାଇ ବସ୍ତ୍ର ନବତନ ।୬୧।
ସେବତୀ ଗଭା ଚୁଳେ ଦେଇ । ନାନାଦି ଅଳଙ୍କାର ଲାଇ ।୬୨।
ଉତ୍ତମ ଦ୍ରବ୍ୟେ ବେଶ ଭାଲେ । ଚନ୍ଦନ କାଷ୍ଠେ ଶୁଆଇଲେ ।୬୩।
ଲଗାଇ ନବତନ ଅଗ୍ନି । ସୁବାସ ଘୃତ ଢାଳି ପୁଣି ।୬୪।
ଅଗ୍ନି ଜଳି ପରଚଣ୍ଡ । କେଭେଁ ନ ପୋଡ଼େ କୃଷ୍ଣ ପିଣ୍ଡ ।୬୫।
ପାଣ୍ଡବେ ବସି ଚାରିପାଖେ । ମନର ଅତି ଗୁରୁ ଦୁଃଖେ ।୬୬।
କାନ୍ଦନ୍ତି ପାଇ ମନେ ତାପ । ଅନାଥ କଲୁ ଗୋପିନାଥ ।୬୭।
ଅମ୍ଭଙ୍କୁ ଦୟା କେ କରିବ । ଭବ ସାଗରୁ ଉଦ୍ଧାରିବ ।୬୮।
ଜଗତେ ଜାଣନ୍ତି ସମସ୍ତେ । ପାଣ୍ଡବେ କୃଷ୍ଣର ଆଶ୍ରିତେ ।୬୯।
ବଞ୍ଚିଣ ନେଉଥିଲୁ ଦିନ । ଏବେ କେ କରିବ ରକ୍ଷଣ ।୭୦।
ଏତେ ବିଚାର କରି ମନେ । ଲୋତକ ପୂରାଇ ନୟନେ ।୭୧।
କୃଷ୍ଣର ପିଣ୍ଡ ଦହୁଛନ୍ତି । ଅଜ୍ଞାନେ କିଛି ନ ଜାଣନ୍ତି ।୭୨।
ଶୁଣ ପରୀକ୍ଷ ମନଛିରେ । କହିବା ଏଥିର ବିଚାରେ ।୭୩।

ସତ୍ୟ କଳିର ଏହୁଭାବ	। ଶୁଣ ସୁମନେ ରାଜଦେବ	।୭୪।
ଏମନ୍ତେ ଦୁଇଦିନ ଗଲା	। ଅଗ୍ନି ତା ଦହି ନ ପାରିଲା	।୭୫।
ଅଗ୍ନି ଜଳିଲା ଦାଉ ଦାଉ	। ଲେଶେ ହେଁ ନ ପୋଡ଼ିଲା ଆଉ	।୭୬।
ପାଣ୍ଡବେ ତାଟକା ହୋଇଲେ	। ବିସ୍ମୟ ହୋଇଣ ବସିଲେ	।୭୭।
ସୁବର୍ଣ୍ଣେ ଅଗ୍ନିରେ ଦହନ୍ତେ	। ଶୋଭା ଦିଶଇ ସେ ଯେମନ୍ତେ	।୭୮।
ଦିଶେ ସେପରି କୃଷ୍ଣ ଅଙ୍ଗ	। ପାଣ୍ଡବେ ମନେ ଉଦବେଗ	।୭୯।
ଏବେ କରିବା କିସ ବୁଦ୍ଧି	। ନାମ ଯା କରୁଣା ବାରିଧି	।୮୦।
ଆମ୍ଭେ ଅଜ୍ଞାନ ମୂଢ଼ଜନ	। ନ ଜାଣୁ କୃଷ୍ଣ ବର୍ଣ୍ଣେ ଚିହ୍ନ	।୮୧।
ତେସନେ କୃଷ୍ଣଙ୍କ ଶରୀର	। ପାଣ୍ଡବେ ଚାହିଁ ଚମତ୍କାର	।୮୨।
ପାଞ୍ଚ ଦିବସ ବହି ଗଲା	। ରାତ୍ର ଯେ ପାଞ୍ଚ ଶେଷ ହେଲା	।୮୩।
ରୋମେ ହେଁ ନପୋଡ଼ିଲା ଅଙ୍ଗ	। ପାଣ୍ଡବେ ମନରେ ବିଭଙ୍ଗ	।୮୪।
ଷଷ୍ଠ ଦିବସ ଅନ୍ତରେଣ	। ପାଦ ପାଣି ଯେ ହେଲା କ୍ଷୀଣ	।୮୫।
ବଉଦ୍ଧ ରୂପ ହେବା ପାଇଁ	। ପାଦ ପାଣି ଛାଡ଼ିଲେ ତହିଁ	।୮୬।
କଳି ଯୁଗରେ ନାରାୟଣ	। ନ ବହି ପାଦ ପାଣି ପୁଣ	।୮୭।
ଶ୍ରୀ ମୁଖ କରିବେ ଗୋପନ	। ନ ବହି ଜିହ୍ୱା ଯେ ବଦନ	।୮୮।
ଡାକିଲେ ଶ୍ରବଣେ ଶୁଣିବେ	। ଭୃତ୍ୟ ଆରତ ନିବାରିବେ	।୮୯।
ଏମନ୍ତ ଶୁଣି ପରୀକ୍ଷିତ	। ନୟନେ ଅଶ୍ରୁଜଳ ଯୁତ	।୯୦।
ଏଥି ଉତ୍ତାରେ କିସ କଲେ	। କହିବା ହେଉ ଦେବ ଭଲେ	।୯୧।

ଶ୍ରୀ ଶୁକ ଉବାଚ

ଆନନ୍ଦ ହୋଇ ମୁନିବର	। ବୋଲନ୍ତି ଶୁଣ ନୃପବର	।୯୨।
ସପତ ଦିବସ ଅନ୍ତରେ	। ପାଣ୍ଡବେ ଚାହିଁଲେ ସତ୍ୱରେ	।୯୩।
ଦେଖିଲେ ପାଦ ପାଣି ନାହିଁ	। ଶ୍ରୀମୁଖ ଗଲା ହାଦେ କାହିଁ	।୯୪।
ଏକା ରହିଛି ପିଣ୍ଡ ଗୋଟି	। ପାଣ୍ଡବେ ମନରେ ଯେ କଷ୍ଟି	।୯୫।
ଚନ୍ଦନ କାଠ ପୁଣ ଆଣି	। ଅଗ୍ନିରେ ପକାନ୍ତି ଯେ ହାଣି	।୯୬।
ପୁଣି ନିହୁଡ଼ି ଘୃତ ଧାର	। ଅଗ୍ନି ଜଳଇ ପରଖର	।୯୭।

ଯାହାର ବର୍ଣ୍ଣ ଚିହ୍ନ ନାହିଁ । ସଚ୍ଚିଦାନନ୍ଦ ପୂର୍ଣ୍ଣ ଦେହୀ ।୯୮।
ଅଗ୍ନି ତେଜରୁ ତା ଶରୀର । ଅଗ୍ନି ଯା ଗର୍ଭରୁ ବାହାର. ।୯୯।
ଏମନ୍ତେ କେତେ ଦିନ ଅନ୍ତେ । ପାଣ୍ଡବେ ବିଚାରନ୍ତି ଚିତ୍ତେ ।୧୦୦।
ଏତ ଅନାଦି ନାରାୟଣ । ନାମ ଯାହାର ପରଂବ୍ରହ୍ମ ।୧୦୧।
ମହିମା ଯାଂର ଅଗୋଚର । ଆମ୍ଭେ ଅଜ୍ଞାନ ମୂଢ଼ ନର ।୧୦୨।
ନ ଜାଣି ଗୋବିନ୍ଦର ଗତି । ଅଜ୍ଞାନେ ଭ୍ରମ ହେଲା ମତି ।୧୦୩।
ଏମନ୍ତେ ବିଚାରିଣ ମନେ । ବସି ଭାଳନ୍ତି ପାଞ୍ଚଜଣେ ।୧୦୪।
ଏମନ୍ତେ କିଛିଦିନ ଅନ୍ତେ । ଦେବ ବିଚାର କଲେ ଚିତ୍ତେ ।୧୦୫।
ପାଣ୍ଡବେ ହୋଇଲେ ଅଜ୍ଞାନ । ନ ଜାଣି ଗୋବିନ୍ଦର ମନ ।୧୦୬।
ଅଧ ସ୍ୱର୍ଗରେ ବିଜେ କଲେ । ଶୂନ୍ୟେଣ ବଚନ ଭାଷିଲେ ।୧୦୭।
ପଞ୍ଚ ପାଣ୍ଡବ ମୁଖ ଚାହିଁ । ଦେବେ ବୋଲନ୍ତି ଶୂନ୍ୟେ ରହି ।୧୦୮।
ନ ଜାଣି ଶ୍ରୀକୃଷ୍ଣର ମାୟା । ଦହନ କରୁଅଛ କାୟା ।୧୦୯।
ସମୁଦ୍ରେ ପିଣ୍ଡ ମେଲି ଦେଇ । ରାଜ୍ୟକୁ ଯାଅ ପାଞ୍ଚଭାଇ ।୧୧୦।
ଶୂନ୍ୟରୁ ଶବଦ ଶୁଭନ୍ତେ । ପାଣ୍ଡବେ ଶୁଣି କର୍ଣ୍ଣ ପଥେ ।୧୧୧।
ଅଜ୍ଞାନ ମତି ଦୂର କଲେ । ପରମ ବୁଦ୍ଧି ବିଚାରିଲେ ।୧୧୨।
ସହଦେବଙ୍କୁ ଚାହିଁ ରାଏ । ଶୁଣ ହେ ମାଦ୍ରୀର ତନଏ ।୧୧୩।
ସ୍ୱର୍ଗରେ ଶବଦ ଶୁଭିଲା । ଶ୍ରବଣେ ଶୁଣନ୍ତେ ନୋହିଲା ।୧୧୪।
ଶ୍ରୀକୃଷ୍ଣ ପିଣ୍ଡ କୁ ଦହନ୍ତେ । ଦହନ ନୁହେ କଦାଚିତେ ।୧୧୫।
ଆମ୍ଭେ ଅଜ୍ଞାନ ମୂଢ଼ ନର । ଦହନ୍ତେ ଶ୍ରୀକୃଷ୍ଣ ଶରୀର ।୧୧୬।
ଆପଣେ ନ ଜାଣିବା ପଣେ । ବିଚାର କଲେ ଦେବଗଣେ ।୧୧୭।
ଶୂନ୍ୟରେ ଥାଇ ଡାକ ଦେଲେ । ନ ଦହ ବୋଲିଣ ବୋଇଲେ ।୧୧୮।
ବିଚାରି କହ ମନ୍ତ୍ରୀବର । ରହିଲା ଗୋବିନ୍ଦ ଶରୀର ।୧୧୯।
ଦେବେ ଡାକନ୍ତି ସ୍ୱର୍ଗେ ଥାଇ । ସମୁଦ୍ରେ ମେଲି ଦେବା ପାଇଁ ।୧୨୦।
କରକୁ ଚାହିଁ ମନ୍ତ୍ରୀବର । କହଇ ସମସ୍ତ ବିଚାର ।୧୨୧।
ଅବଲୋକନେ ବିଚାରିଲା । ମନରେ ଅଳପ ହସିଲା ।୧୨୨।
ସହଦେବର ହସ ଦେଖି । ବୋଲୁ ଅଛନ୍ତି ଧର୍ମଶିଖି ।୧୨୩।
କି କି ଜାଣିଲୁ ମନ୍ତ୍ରୀବର । ଗୁପତେ ରଖିଛୁ ହୃଦର ।୧୨୪।

ସମସ୍ତ କଥା ଜାଣିଥାଉ । ସଙ୍କିତ ମନ କିମ୍ପା ହେଉ ।୧୨୫।
ଯୁଧିଷ୍ଠି କହନ୍ତେ ଏମନ୍ତ । ହସି ବୋଇଲେ ମାଦ୍ରୀ ସୁତ ।୧୨୬।
ଶୁଣିମା ହେଉ ଧର୍ମ ଶିଷ୍ୟ । ଏବେ ହୋ ଏଥିର ସନ୍ଦେଶ ।୧୨୭।
ଦ୍ୱାପର ଯୁଗ ଏବେ ଗଲା । କଳି ଯେ ପ୍ରବେଶ ହୋଇଲା ।୧୨୮।
ଚାରିଲକ୍ଷ ବତିଶ ସହସ୍ର । କଳିର ଜନ୍ମ ଯେ ପ୍ରବେଶ ।୧୨୯।
ଭୋଗ ହେଲେ ଏତେ ବରଷ । ହୋଇବ କଳି ଯୁଗ ଶେଷ ।୧୩୦।
ତେଣୁ ଏ ଜଗତର ନାଥେ । ଛାଡ଼ିଲେ ପାଦ ବେନି ହାତେ ।୧୩୧।
ବଉଦ୍ଧ ରୂପେ ଦିଶୁଥିବେ । ସମସ୍ୟା କାହାକୁ ନ ଦେବେ ।୧୩୨।
ମଉନ ରୂପେ ବସିଥାଇ । ସଂସାର ମାୟା ପ୍ରଶଂସଇ ।୧୩୩।
କଳିଯୁଗରେ ନର ଲୋକେ । ହିଂସା ବହିବେ ଏକେ ଏକେ ।୧୩୪।
ବେଦ ବଚନ ନ ମାନିବେ । ମୂଢ଼ ପଣରେ ଦିନ ନେବେ ।୧୩୫।
ନିନ୍ଦିବେ ଶାସ୍ତ୍ର ଗୁରୁବାଣୀ । ପିତାମାତାଙ୍କୁ ହିଁ ନ ଗଣି ।୧୩୬।
ଧର୍ମରେ ନ କରି ବିଚାର । ଅଧର୍ମେ ନେଉଥିବେ କାଳ ।୧୩୭।
ତେଣୁ ଅଳପ ଆୟୁ ହୋଇ । ପାପ ଶରୀର ଥିବେ ବହି ।୧୩୮।
କଳିଯୁଗରେ ପ୍ରାଣୀଙ୍କର । ତିନି ହାତ ଅଧେ ଶରୀର ।୧୩୯।
ଯହୁଁ ନିନ୍ଦିବେ ଗୁରୁଜନ । ଆୟୁ ହୋଇବ ତହୁଁ କ୍ଷୀଣ ।୧୪୦।
ବିଧାତା ଭିଆଇଛି ଏହା । ଶୁଣିମା ହେଉ ନର ନାହା ।୧୪୧।
ଷାଠିଏ ସମ୍ବତ୍ସର ଜାଣ । ବିଧାତା ଲେଖିଛି ପ୍ରମାଣ ।୧୪୨।
ଏଥୁଁ ଅଧିକ ନ ଲେଖିଲା । ପାପରେ ସବୁ ଗୋପ୍ୟ କଲା ।୧୪୩।
ଏତେକ ଭିତରେ ଯେ ନର । ଧର୍ମରେ ହେବ ତତପର ।୧୪୪।
ଦେବ ଦୟାରେ ଧର୍ମ ବହି । ଜନ୍ତୁରେ ବିଦ୍ରୋହୀ ନ ହୋଇ ।୧୪୫।
ଜନ୍ତୁଙ୍କ ଠାରେ ଦୟା ଭାବ । ଯେ ପୁଣି ହୃଦରେ ଚିନ୍ତିବ ।୧୪୬।
ଗୋବିନ୍ଦ ପାଦେ ନିତ୍ୟେ ଧ୍ୟାନ । ସେ ଜୀବ ଦେବତା ବ୍ରାହ୍ମଣ ।୧୪୭।
ଗୁରୁ ବୈଷ୍ଣବଙ୍କର ପାଦେ । ଯେ ସେବୁଥିବ ଅପ୍ରମାଦେ ।୧୪୮।
ସୁଜନ ଜନେ ନ ନିନ୍ଦିବ । ପିତା ମାତାଙ୍କୁ ଆରାଧିବ ।୧୪୯।
ତାର ଆୟୁଷ ବୃଦ୍ଧି ହେବ । ସେ ପ୍ରାଣୀ ସଂସାରୁ ତରିବ ।୧୫୦।
ଯେତେ ଜନ୍ମରୁ ଅଳ୍ପାୟୁଷ । ଶୁଣ କୋଇନ୍ତା ଦେବୀ ଶିଷ୍ୟ ।୧୫୧।

ଦିନକୁ ଦିନ ଘୋର କଳି	। ପାପରେ ହେବେ ସର୍ବେ ମେଳି	।୧୫୨।
ଦିନକୁ ଦିନ ଧର୍ମ ହୀନ	। ହେବ ଏ ନିଗମ ବଚନ	।୧୫୩।
ପାପରେ ହୋଇ ସର୍ବେ ମତା	। ଧର୍ମକୁ ନ କରିବେ ଚିନ୍ତା	।୧୫୪।
ଜନ୍ତୁଙ୍କଠାରେ ଦୟା ଭାବ	। ଯେ ପ୍ରାଣୀ ହୃଦେ ନ ଚିନ୍ତିବ	।୧୫୫।
କେବେ ହେଁ ନ କହିବ ସତ	। ମିଥ୍ୟାରେ ହୋଇ ଉପଗତ	।୧୫୬।
ମୋହର ମୋହର ବୋଲିବ	। କେହି କାହାକୁ ନ ମାନିବ	।୧୫୭।
ସହଦେବର ମୁଖୁଁଶୁଣି	। ଯୁଧିଷ୍ଠି ଭୟ ଚିତ୍ତେ ମାନି	।୧୫୮।
କଳିଯୁଗର ଏତେ ଗୁଣ	। ଶୁଣିଣ ମୋର ବେନି କର୍ଣ୍ଣ	।୧୫୯।
ଶରୀର ହେଉଛି ଆକୁଳ	। ଭୋ ଧର୍ମ କର ପ୍ରତିକାର	।୧୬୦।
ଗୋବିନ୍ଦ ନାମ ସୁମରିଲେ	। ବେନି କର୍ଣ୍ଣରେ ହସ୍ତ ଦେଲେ	।୧୬୧।
ବୋଲନ୍ତି ଶୁଣ ମନ୍ତ୍ରୀବର	। କଳିର ଏମନ୍ତ ବେଭାର	।୧୬୨।
ଦ୍ୱାପର ଯୁଗର ଅନ୍ତେଣ	। କଳି ପ୍ରବେଶ ଯେଉଁଦିନ	।୧୬୩।
କହ ହୋ ଏଥିର ବିଚାର	। ଶୁଣିବି ଶରଧା ମୋହର	।୧୬୪।
ଯୁଧିଷ୍ଠି ପଚାରନ୍ତେ ପୁଣି	। କହନ୍ତି ମନ୍ତ୍ରୀ ଚୂଡ଼ାମଣି	।୧୬୫।
ଯାହା ତୁ ପଚାରିଲୁ ରାଏ	। ଦ୍ୱାପର ଅନ୍ତେ କଳି ହୁଏ	।୧୬୬।
ମାନ ଗୋବିନ୍ଦ ସଂହାରଣ	। ସଂଗ୍ରାମେ ପଡ଼ିଲେ ଯେ ଦିନ	।୧୬୭।
କଳିଯୁଗରେ ନୃପବର	। ହୋଉଛି ଧର୍ମର କୁମର	।୧୬୮।
ଦଶ ସହସ୍ର ଯେ ବରଷ	। କଳିର ହେଲାଣି ଆୟୁଷ	।୧୬୯।
ଯୁଧିଷ୍ଠି ସ୍ତମ୍ଭୀଭୂତ ହୋଇ	। ମୁଖରୁ ବାକ୍ୟ ନ ସ୍ଫୁରଇ	।୧୭୦।
ମନରେ ବଡ଼ ଭୟ କଲେ	। ଅଧର୍ମ କଥାକୁ ଡରିଲେ	।୧୭୧।
ପୁଣି ବୋଲନ୍ତି ଧର୍ମ ରାଏ	। ଶୁଣ ହୋ ମାଦ୍ରୀର ତନଏ	।୧୭୨।
କଥାଏ ପଚାରୁଛି ମୁହିଁ	। କହ ତୁ ତୋଷ ମନ ହୋଇ	।୧୭୩।
କଳିଯୁଗରେ ମୁଁ ରାଜନ	। ଧିକ ମୋ ହୋଇଲା ଜୀବନ	।୧୭୪।
କଳିଯୁଗରେ ନୃପବରେ	। ଧର୍ମ ନ କରିବେ ବିଚାରେ	।୧୭୫।
ଅଧର୍ମେ ନେଉଥିବେ ଦିନ	। ଧର୍ମେ ନୋହିବେ ବର୍ତ୍ତମାନ	।୧୭୬।
ପରଜା ପୁତ୍ରର ସମାନେ	। ତାଙ୍କୁ ନ କରି ଆରାଧନେ	।୧୭୭।
କରରେ ପୀଡ଼ିତ କରିବେ	। ପରଜା ଆୟ ଧରିନେବେ	।୧୭୮।

ତେବେ ନୋହିବେ ଶାନ୍ତମନ । ଦଗଧୁଥିବେ ପ୍ରଜାଜନ ।୧୭୯।
ରାଜାର ଅଧର୍ମରେ ଜାଣ । ପୃଥ୍ୱୀ ହୋଇବ ଶସ୍ୟହୀନ ।୧୮୦।
ସେ ରାଜା ଜଗତର ପତି । ତା ବାହୁତୁଲେ ସର୍ବସ୍ଥିତି ।୧୮୧।
କଳିଯୁଗର କଷ୍ଟଶୁଣି । ହୃଦୟ ହେଉଅଛି ହାଣି ।୧୮୨।
ମୋତେ ତା ନ କହିଲୁ ଜାଣି । ତୁ ମୂଢ଼ ଅଟୁ ଯେ ଅଜ୍ଞାନୀ ।୧୮୩।
ଧର୍ମ ନନ୍ଦନ କ୍ରୋଧ ଶୁଣି । କହନ୍ତି ମନ୍ତ୍ରୀ ଚୂଡ଼ାମଣି ।୧୮୪।
ଦଶ ସହସ୍ର ଯେ ବରଷ । ସତ୍ୟରେ କଳି ପରବେଶ ।୧୮୫।
ସତ୍ୟରେ ହେଉଅଛି ଜାତ । ଭୟ ନ କର କୁନ୍ତୀ ସୁତ ।୧୮୬।
ଯେତେକ ଦିନ ପୃଥ୍ୱୀ ମଧେ । ତୁମ୍ଭେ ନୃପତି ହେବ ହାଦେ ।୧୮୭।
କଳି ଯେ ନ ପଶିବ ଏଥେ । ଶୁଣିବା ହେଉ ଧର୍ମ ସୁତେ ।୧୮୮।
ସହଦେବର ମୁଖୁଁ ଶୁଣି । ବୋଲେ ଅର୍ଜୁନ ବୀରମଣି ।୧୮୯।
ଦେବଙ୍କ ବାକ୍ୟ ତ ଶୁଣିଲ । ଉଠ ବହନ ଯିବା ଚାଲ ।୧୯୦।
ସମୁଦ୍ରୁ ଆଣେ ବେଗେ ଜଳ । ଅଗ୍ନିକି କରିବା ଶୀତଳ ।୧୯୧।
ଏମନ୍ତେ ଚାରି ଭାଇ ଗଲେ । ଜଳ ସମୁଦ୍ରରୁ ଆଣିଲେ ।୧୯୨।
ଅଗ୍ନିକି କରିଣ ଶୀତଳ । କୃଷ୍ଣର ଧରିଣ ଶରୀର ।୧୯୩।
ନିର୍ଧୂମ ଅଗ୍ନି ପ୍ରାୟେ ଦେହୀ । କୋଟିଏ ସୂର୍ଯ୍ୟକୁ ନିନ୍ଦଇ ।୧୯୪।
କୋଟିଏ ଚନ୍ଦ୍ରରୁ ଶୀତଳ । କୃଷ୍ଣର ଧରିଣ ଶରୀର ।୧୯୫।
ପାଣ୍ଡବ ମାନେ ଘେନିଗଲେ । ସମୁଦ୍ର କୂଳରେ ଥୋଇଲେ ।୧୯୬।
ସମୁଦ୍ର ଭିତରେ ପଶିଲେ । କୃଷ୍ଣର ପିଣ୍ଡ ମେଲିଦେଲେ ।୧୯୭।
ସମୁଦ୍ରେ ସାରି ନିତ୍ୟକର୍ମ । ପାଣ୍ଡବେ ହେଲେ ମତିଭ୍ରମ ।୧୯୮।
ନୟନୁ ଲୋତକ ବହଇ । ହାହା ଗୋବିନ୍ଦ ଗଲୁ କାହିଁ ।୧୯୯।
ଯୁଧିଷ୍ଠି ଘେନି ଚାରିଭାଇ । ହସ୍ତିନା ନଗରକୁ ଯାଇ ।୨୦୦।
ଅର୍ଜୁନ ଶ୍ରୀହରି ବଚନେ । ଗଲାକ ଦ୍ୱାରକା ଭୁବନେ ।୨୦୧।
ସମସ୍ତ ଚରିତ କହିଲେ । ତା ଶୁଣି ଅଗ୍ନି ଆରୋପିଲେ ।୨୦୨।
ସକଳ ପ୍ରେତକ୍ରିୟା ସାରି । ବନ୍ଧୁ ବାନ୍ଧବ ଅପସରି ।୨୦୩।
କହଇ ବିପ୍ର ଜଗନ୍ନାଥ । ଏବେ ସେ ହୋଇଲା ଅନାଥ ।୨୦୪।

ଇତି ଦାରୁବ୍ରହ୍ମ ଗୀତା ଶ୍ରୀକୃଷ୍ଣ ପିଣ୍ଡ ଦହନେ ଦେବବାଣୀ ଶ୍ରବଣେ ପିଣ୍ଡ ସମୁଦ୍ରେ ମେଲି ପାଣ୍ଡବେ ନିଜରାଜ୍ୟ ଗମନେ ନାମ ଦ୍ୱିତୀୟ ଅଧ୍ୟାୟ ।

୩ୟ ଅଧ୍ୟାୟ

ପରୀକ୍ଷିତ ଉବାଚ

ପାଣ୍ଡବେ ଗଲେ ନିଜସ୍ଥାନ । ଭୋ ମୁନି ଶୁଣ ସାବଧାନ ।୧।
ସମୁଦ୍ରେ କୃଷ୍ଣ ପିଣ୍ଡ ମେଲି । ପାଣ୍ଡବେ ନିଜସ୍ଥାନେ ଚଳି ।୨।
ଗୋବିନ୍ଦ ପିଣ୍ଡ କିସ ହେଲା । ଏ ମୋତେ ସଂଶୟ ଲାଗିଲା ।୩।
ସମୁଦ୍ର ମଧ୍ୟେ ପିଣ୍ଡ ଥିଲା । କୂଳରେ କିପରି ଲାଗିଲା ।୪।
ଶୁଣି ହସିଲେ ମହାମୁନି । ଆନନ୍ଦେ କହେ ବ୍ରହ୍ମଜ୍ଞାନୀ ।୫।

ଶ୍ରୀ ଶୁକ ଉବାଚ

ତୁ ରାଜା ପରମ ପଣ୍ଡିତ । ଶ୍ରୀ ଭାଗବତେ ତୋର ଚିତ୍ତ ।୬।
ନିମଗ୍ନେ ମଜ୍ଜିଲା ତୋ ମନ । ତେଣୁ ତେଜିଲୁ ଭୟ ମାନ ।୭।
ଯାହା ତୁ ପଚାରିଲୁ ମୋତେ । କହିବି ତୋହର ଅଗ୍ରତେ ।୮।
ଶୁଣ ତୁ ଏକମନ ହୋଇ । ଗୋବିନ୍ଦ ପାଦେ ଚିତ୍ତ ଦେଇ ।୯।
ପିଣ୍ଡ ସମୁଦ୍ରେ ଭାସୁଥିଲା । ବରୁଣ ରାଜା ତା ଜାଣିଲା ।୧୦।
ଆନନ୍ଦ ହୋଇଲା ମନେଣ । ଏବେ ମୁଁ ପାଇବି କାରଣ ।୧୧।
ମୁଁ ଏବେ ପବିତ୍ର ହୋଇଲି । ଚିନ୍ତା ସାଗରୁ ଉଦ୍ଧରିଲି ।୧୨।
ବ୍ରହ୍ମାଦି ମୁନିଗଣ ମାନେ । ଭେଟ ନ ପାନ୍ତି ଯାକୁ କ୍ଷଣେ ।୧୩।
ଏ ରୂପ ନ ଦେଖିଲେ କେହି । ଏତ ଅନାଦି ପୁଣ୍ୟ ଦେହୀ ।୧୪।
ମାୟା ଶରୀର ତ୍ୟାଗ କଲେ । ନିଜ ଶରୀର ସେ ରଖିଲେ ।୧୫।
ସହସ୍ରେ ଯୁଗ ପ୍ରଳୟରେ । ଏ ରୂପ କ୍ଷୟ ନୋହେ ଭଲେ ।୧୬।
ଅନନ୍ତ ନାମଟି ଯାହାର । ଅନ୍ତ ନ ପାଇ ବେଦବର ।୧୭।
ଏମନ୍ତ ବିଚାରି ବରୁଣ । ଲୋଭରେ ହୋଇ ହତଜ୍ଞାନ ।୧୮।

ମୋର ପୁରକୁ ଘେନିଯିବି	। ରଖି ନୟନେ ଦେଖୁଥିବି	।୧୯।
ଏମନ୍ତେ ବିଚାରନ୍ତେ ମନେ	। ମାୟା ଯେ କଲେ ଭଗବାନେ	।୨୦।
ବରୁଣ ପିଛାଡ଼ନ୍ତେ ଆଖି	। ଅନ୍ତର ହେଲେ ସର୍ବସାକ୍ଷୀ	।୨୧।
ନ ଦେଖି ପ୍ରଭୁ ବ୍ରହ୍ମରାଶି	। ବରୁଣ ହେଲା ମନେ ତ୍ରାସି	।୨୨।
ଗୋବିନ୍ଦ ଅନ୍ତର୍ଦ୍ଧାନ ହେଲେ	। ସେଠାରୁ ବହନ ଚଳିଲେ	।୨୩।
ଲାଗିଲା ଯାଇଁ କୂଳଶିରେ	। ବରୁଣ ଗଲା ନିଜପୁରେ	।୨୪।
ପିଣ୍ଡ ରହିଲା କୂଳେ ଲାଗି	। ଜଗତ ପରା ପରିତ୍ୟାଗି	।୨୫।
କୂଳେ ରହିଲେ ଯେତେ ଦିନ	। କେହି ନ ଦେଖିଲେ ନୟନ	।୨୬।
ଏମନ୍ତେ କେତେ ଦିନ ଗଲା	। ଶୁଣ ହୋ ଅଭିମନ୍ୟୁ ବଳା	।୨୭।
ମୁନିଙ୍କ ମୁଖୁଁ ଏହାଶୁଣି	। ବୋଲେ ପରୀକ୍ଷ ନୃପମଣି	।୨୮।

ପରୀକ୍ଷିତ ଉବାଚ

ପିଣ୍ଡ କୂଳରେ ଥିଲା ରହି	। ତାହା କି କଲେ ନରସାଇଁ	।୨୯।
ସେ ପିଣ୍ଡ କିସ ଯେ ହୋଇଲା	। ଶୁଣ ହୋ ବ୍ୟାସ ଋଷିବଳା	।୩୦।
ପରୀକ୍ଷ ପଚାରନ୍ତେ ବାଣୀ	। ଶୁକ କହନ୍ତି ପରିମାଣି	।୩୧।

ଶ୍ରୀ ଶୁକ ଉବାଚ

ଥୋକାଏ ଦିନେକ ଅନ୍ତରେ	। ବସୁ ଯେ ନାମେଣ ଶବରେ	।୩୨।
ଧନୁ କମାଣ କରେ ଧରି	। ମୃଗୟା ବିନୋଦେ ବିହରି	।୩୩।
ଶରଧା ଭାବରେ ସେ ଦିନ	। ଆନନ୍ଦେ ଗମଇ ଅରଣ୍ୟ	।୩୪।
ନୀଳ କନ୍ଦକୁ ସେ ଚଳଇ	। ମୃଗୟା କରିବାର ପାଇଁ	।୩୫।
ନୀଳ କନ୍ଦର ଯାକୁ ବୋଲି	। ବାଙ୍କି ମୁହାଁଣେ ଯାଇ ମିଳି	।୩୬।
ଗୋବିନ୍ଦେ ମାୟା ତାକୁ କଲେ	। ନିଶ୍ଚଳ କରି ନ ରଖିଲେ	।୩୭।
ମନେ ତା କରାଇଣ ଭ୍ରମ	। ଉର୍ଦ୍ଧବେଗରେ ଦମ ଦମ	।୩୮।

ଶବର ବିଚାରଇ ପୁଣ । ଆଜ ତ ଉତ୍ସୁକ ମୋ ମନ ।୩୯।
ଏ ମନ୍ତ ଭାଳଇ ଶବର । ଚଳଇ ସମୁଦ୍ରର ତୀର ।୪୦।
ମୃଗ ଯେ ଶୂକର ହରିଣ । କିଛି ନ ଭେଟିଲା ସେ ଦିନ ।୪୧।
ଏମନ୍ତ ମନର ଉଦ୍ବେଗେ । ବୁଲି ଚାହିଁଇ ଚାରିଦିଗେ ।୪୨।
ପୂର୍ବର ଭାଗ୍ୟ ତପ ଫଳେ । ପିଣ୍ଡ ଦେଖିଲା ଚର୍ମ ଡୋଳେ ।୪୩।
ନିର୍ଧୂମ ଅଗ୍ନି ପ୍ରାଏ ତେଜ । ଜିଣି ପାରେ ସେ କୋଟି ସୂର୍ଯ୍ୟ ।୪୪।
କୋଟିଏ କାମ ପ୍ରାଏ ଅଙ୍ଗ । ଶ୍ରୀ ଅଙ୍ଗେ ବାଜୁଛି ତରଙ୍ଗ ।୪୫।
ସ୍ୱର୍ଗକୁ ଅନାଇଣ ଦେଲା । ଲୋଚନେ ଘୂମ ଯେ ଲାଗିଲା ।୪୬।
ଲାଗିଲେ ଯେହ୍ନେ ସୂର୍ଯ୍ୟ ତେଜ । ଚକ୍ଷୁ ବୁଜନ୍ତେ ଦିଶେ ରାଜ ।୪୭।
କ୍ଷଣେ ନୟନ ବୁଜି ଦେଲା । କ୍ଷଣେ ହେଁ ଅନାଇଣ ଦେଲା ।୪୮।
ଦେଖିଲା ଶଙ୍ଖଚକ୍ର ଚିହ୍ନ । ଶବର ମନେ ବଡ଼ ଦୀନ ।୪୯।
ପୂର୍ବ ତପରୁ ତା ନୟନ । ଦେଖିଲା ଶଙ୍ଖଚକ୍ର ଚିହ୍ନ ।୫୦।
ଭୟରେ ଖଣ୍ଡେ ଦୂରେ ରହି । ନିରେଖି ନିରେଖି ଦେଖଇ ।୫୧।
ଘର୍ମ ଶରୀରେ ଶୀଘ୍ରେ ଯାଇ । ପିଣ୍ଡର ସନ୍ନିଧ୍ୟେ ମିଳଇ ।୫୨।
ଭୟରେ କମ୍ପଇ ଶରୀର । ବିଚାର କରଇ ମନର ।୫୩।
ଏତ ପରମ ବ୍ରହ୍ମ ରାଶି । ଦେଖିଲି ଚର୍ମନେତ୍ରେ ଆସି ।୫୪।
ଏ ପ୍ରଭୁ ଜଗତ ଈଶ୍ୱର । ଭାସୁଛି ସମୁଦ୍ରର ତୀର ।୫୫।
ଏ କଥା ଅଦ୍ଭୁତ କାରଣ । ଶବର ଜାତି ମୁହିଁ ହୀନ ।୫୬।
ଶିରେ ଯୋଡ଼ିଣ ବେନି କର । ନମଇଁ ଗୋବିନ୍ଦ ପୟର ।୫୭।
ଭୋ ନାଥ ତୁ ଆରତ ତ୍ରାଣ । ଭୃତ୍ୟ ଆରତ ନିବାରଣ ।୫୮।
ଜଗତ ଜନଙ୍କର ବନ୍ଧୁ । ନାମ କରୁଣାମୟ ସିନ୍ଧୁ ।୫୯।
ଅନେକ ସ୍ତୁତି ବଖାଣିଲା । ସହସ୍ରେ ଦଣ୍ଡବତ କଲା ।୬୦।
ମୁଁ ମୂଢ଼ କିଛି ନ ଜାଣଇ । ତୁମ୍ଭେ ଦୟାଳୁ ଭାବଗ୍ରାହୀ ।୬୧।
ଅନାଥ ଜନ ପ୍ରାଏ ହୋଇ । ଜଳେ ଭାସୁଛି କାହିଁପାଇଁ ।୬୨।
ତେଜେ ତ ଜଗତ ମୋହୁଛ । ବ୍ରହ୍ମାଣ୍ଡେ କାୟାତ ଘୋଟିଛ ।୬୩।
ବ୍ରହ୍ମା ଶଙ୍କର ଅଗୋଚର । ମୁଁ ଯେ ଦେଖିଲି ମୂଢ଼ନର ।୬୪।

ଏମନ୍ତ ବିଚାର ସେ କଲା । ସେଠାରୁ ଚଳି ନ ପାରିଲା ।୧୬୫।
ରହିଲା ସ୍ତମ୍ଭୀଭୂତ ହୋଇ । ଦଶଦିଗକୁ ସେ ଅନାଇ ।୧୬୬।
ଚକିତେ ଭାଳଇ ମନର । କି ବୁଦ୍ଧି କରିବି ଏଠାର ।୧୬୭।
ପ୍ରଭୁଙ୍କୁ ଘେନି ମୁହିଁ ଯିବି । କେବଣ ଭୁବନେ ରଖିବି ।୧୬୮।
ଜାତିରେ ଅଟଇ ଶବର । ଚାରି ଜାତିରୁ ମୁଁ ବାହାର ।୧୬୯।
ଏତ ଅନାଦି ନାରାୟଣ । ଛୁଇଁ ତ ନୁହଇ ଭାଜନ ।୧୭୦।
ହୀନ ଅଜାତି ମୁଁ ଅଟଇ । ଛୁଇଁତ ଭାଜନ ନୁହଇ ।୧୭୧।
ଆତଙ୍କେ ମନେ ମନେ ଭଏ । କରି ଚିନ୍ତଇ ଦେବରାଏ ।୧୭୨।
ଏମନ୍ତେ କିଛି ବେଳ ଅନ୍ତେ । ଦେବେ ବିଚାର କଲେ ଚିତ୍ତେ ।୧୭୩।
ଶବର ଦେଖିଣ ଏ ରୂପ । ଭଏଣ କମ୍ପୁଛି ସ୍ୱରୂପ ।୧୭୪।
ଜାତିରେ ଅଟଇ ଶବର । ବନଜନ୍ତୁ ସଙ୍ଗେ ବେଭାର ।୧୭୫।
ସେ ତାହା କେମନ୍ତେ ଜାଣିବ । କି ରୂପେ ବିଷ୍ଣୁଙ୍କୁ ପୂଜିବ ।୧୭୬।
ପୂର୍ବେ ସେ ପୁଣ୍ୟ କରିଅଛି । ତେଣୁ ପୂଜିବ ବ୍ରହ୍ମରାଶି ।୧୭୭।
ଏହାକୁ ସଦବୁଦ୍ଧି ଦେବା । ତା ଅଙ୍ଗେ ଜ୍ଞାନ ପ୍ରସାରିବା ।୧୭୮।
ତେବେ ସେ ଜ୍ଞାନ ହେତୁ ପାଇ । ପ୍ରଭୁଙ୍କୁ ଘେନି ଯାଉ ସେହି ।୧୭୯।
ନୀଳଗିରିକି ଘେନିଯାଉ । ବଟମୂଳରେ ଥୋଇ ଥାଉ ।୧୮୦।
ଆହାର କନ୍ଦମୂଳ ଦେଉ । ଶିରରେ ବେଲପତ୍ର ଥୋଇ ।୧୮୧।
ଏ ରୂପେ ନିତ୍ୟେ କରି ପୂଜା । କହିଣ ଦିଅ ଦେବରାଜା ।୧୮୨।
ଦେବେ ଏମନ୍ତ ବିଚାରିଲେ । ଜମ୍ବିକ ତୀର୍ଥରେ ମିଳିଲେ ।୧୮୩।
ସ୍ୱର୍ଗରୁ ଅଇଲେ ଓହ୍ଲାଇ । ଖଣ୍ଡେ ଦୂରରେ ଯାଇଁ ରହି ।୧୮୪।
ଭୂମିକି ଛାଡ଼ି ଦୁଇହାତ । ଦେବଙ୍କୁ ଘେନି ଚଉମାଥ ।୧୮୫।
ଶବର ମୁଖକୁ ଚାହିଁଲେ । କୋମଳ ବଚନ ଭାଷିଲେ ।୧୮୬।
ବୋଇଲନ୍ତି ଶୁଣ ହେ ଶବର । ଭୟ ତୁ ମନରେ ନ କର ।୧୮୭।
ପୂର୍ବରେ ଭାଗ୍ୟ ଅଛୁ କରି । ଏଥେଁ ଦେଖିଲୁ ନରହରି ।୧୮୮।
ଆମ୍ଭ ବଚନ ଏବେ କର । ପିଣ୍ଡକୁ ଘେନିଣ ତୁ ଚଳ ।୧୮୯।
ଯାଅ ତୁ ନୀଳଗିରି ବନ । ତହିଁରେ ଅଛି ପୁଣ୍ୟସ୍ଥାନ ।୧୯୦।

ଅପୋଡ଼ା ପୃଥୀ ନାମ ତାର	। ସବୁ ସ୍ଥାନରୁ ସେ ସୁନ୍ଦର	।୯୧।
କଳ୍ପବଟ ଅଛି ତହିଁ	। ସେ ବଟ ଚାରିଯୁଗେ ଥାଇ.	।୯୨।
ଦେବେ ନ ପାନ୍ତି ଯାହା ଇଛି	। ବ୍ରହ୍ମ ପ୍ରଳୟ ନୋହେ କିଛି	।୯୩।
ସେ ବଟ ପୃଟେ ନାରାୟଣ	। ପ୍ରତ୍ୟକ୍ଷ କରନ୍ତି ଶୟନ	।୯୪।
ନିଷ୍ଟିନ୍ତେ ବସି ବ୍ରହ୍ମରାଶି	। ତହିଁ ନଲାଗେ ଜଳରାଶି	।୯୫।
ରୋହିଣୀ ନାମେ କୁଣ୍ଡ ଅଛି	। ତାକୁ ଉପମା ନାହିଁ କିଛି	।୯୬।
କଳ୍ପବଟ ଅଛି ତହିଁ	। ସେ ବଟ ଚାରିଯୁଗେ ଥାଇ	।୯୭।
ସେ କୁଣ୍ଡ ନିକଟରେ ଜାଣ	। ଚନ୍ଦନ ବୃକ୍ଷେକ ନିର୍ମାଣ	।୯୮।
ଦେବଙ୍କ ଠାରୁ ଏ ବଚନ	। ଶବର ଶୁଣି ବେନିକର୍ଣ୍ଣ	।୯୯।
ଆକାଶ ମାର୍ଗକୁ ଚାହିଁଲା	। ଶିରରେ ବେନିକର ଦେଲା	।୧୦୦।
ବୋଲଇ ଶୁଣ ଦେବଗଣ	। ମୁଁ ଯେ ଅଟଇ ହୀନଜନ	।୧୦୧।
ଶବର ଜାତି ମୁଁ ବୋଲାଇ	। ସବୁ ଜାତିରୁ ତୁଚ୍ଛ ହୋଇ	।୧୦୨।
କେମନ୍ତେ ଶ୍ରୀଅଙ୍ଗ ଛୁଇଁବି	। ଅଗ୍ନିରେ ପୋଡ଼ିଣ ମରିବି	।୧୦୩।
କୋଟିଏ ଅଗ୍ନି ପ୍ରାଏ ତେଜ	। ସହସ୍ର ସୂର୍ଯ୍ୟ ପ୍ରାଏ ଉଜ	।୧୦୪।
କେମନ୍ତେ ଛୁଇଁବିଟି ମୁହିଁ	। ଛୁଇଁଲେ ଜଳିଯିବ ଦେହୀ	।୧୦୫।
ଏମନ୍ତେ ଭୟମନେ କଲା	। ଦେବଙ୍କ ବାକ୍ୟ ନ ମାନିଲା	।୧୦୬।
ଦେବେ ଜାଣିଲେ ତାର ମନ	। ପୂଜିଲେ ଯାଇ ନାରାୟଣ	।୧୦୭।
ସମସ୍ତ ଦେବେ ଯୋଡ଼ିକର	। ନମନ୍ତି ଗୋବିନ୍ଦ ପୟର	।୧୦୮।
ସ୍ତୁତି ଯେ କରନ୍ତି କାତରେ	। ଗୋବିନ୍ଦ ସୁମରି ମନରେ	।୧୦୯।
ହେ ଦେବ ଦେବ ଭଗବାନ	। ମହିମା କେ କରେ ବଖାଣ	।୧୧୦।
ଅନନ୍ତ ମହିମା ତୋହର	। କେ ତାହା କରିବ ଗୋଚର	।୧୧୧।
ଦେବଙ୍କ ସ୍ତୁତି ମନେ ଜାଣି	। ଦୟା ବହିଲେ ଚକ୍ରପାଣି	।୧୧୨।
ଶବର କଣ୍ଠେ ବିଜେ କଲେ	। ସୁବୁଦ୍ଧି ଜ୍ଞାନ ତାକୁ ଦେଲେ	।୧୧୩।
ଶବର ଦୟାଭାବ ଜାଣି	। ଧୀରେ କହଇ ମୃଦୁବାଣୀ	।୧୧୪।
ଦେବତା ଗଣେ ତୁମ୍ଭେ ସାକ୍ଷୀ	। ଯାହା କହିଲ ଉପଲକ୍ଷି	।୧୧୫।
ଏଥେ ମୋହର ଦୋଷ ନାହିଁ	। ତୁମ୍ଭ ବାକ୍ୟରୁ ମୁଁ ନ ଯାଇ	।୧୧୬।

ତୁମ୍ଭର ବଚନ ପ୍ରମାଣେ । ନେବି ଅନାଦି ନାରାୟଣେ ।୧୧୭।
ଥୋଇବି ବଟତଳେ ନେଇ । ପୂଜିବି କନ୍ଦମୂଳେ ଦେଇ ।୧୧୮।
ଏମନ୍ତ କହନ୍ତେ ଶବର । ଦେବେ ଯେ ହୋଇଲା ଅନ୍ତର ।୧୧୯।
ତକ୍ଷଣେ ସ୍ୱର୍ଗପୁରେ ଗଲେ । ଶବର ଭାବେଣ ଧଇଲେ ।୧୨୦।
ଧନୁ କମାଣ କାଖେ ଜାକି । ହୃଦ ମଧରେ ଡରେ ଶଙ୍କି ।୧୨୧।
ଅନେକ ସ୍ତୁତି ବଖାଣିଲା । କୋଟିଏ ଦଣ୍ଡବତ କଲା ।୧୨୨।
ପ୍ରଭୁଙ୍କୁ ଆକ୍ରୋଶି ଧରିଣ । କନ୍ଧ ଉପରେ ବସାଇଣ ।୧୨୩।
ଘେନି କୃଷ୍ଣଙ୍କୁ ଚଳିଗଲା । ନୀଳ କନ୍ଦରେ ପ୍ରବେଶିଲା ।୧୨୪।
ଦେବଙ୍କ ବାକ୍ୟ ମନେ ଗୁଣି । ସଙ୍କେତ ସ୍ଥାନ ପରିମାଣି ।୧୨୫।
ପ୍ରଭୁଙ୍କୁ କନ୍ଦରେ ବସାଇ । ଶବର ଗଲା ବେଗ ହୋଇ ।୧୨୬।
ଖୋଳିଣ କନ୍ଦମୂଳ ଆଣି । ଯତନେ ସଜାଡ଼ିଲା ପୁଣି ।୧୨୭।
ଦୋନା ଯେ ଦୁଇଗୋଟି କଲା । କନ୍ଦମୂଳକୁ ପୁରୋଇଲା ।୧୨୮।
ଥୋଇଣ ପ୍ରଭୁଙ୍କ ଛାମୁର । ବୋଲଇ ଶୁଣ ଚକ୍ରଧର ।୧୨୯।
ମନ୍ତ୍ର ବିଦ୍ୟା ମୁଁ ନ ଜାଣଇ । ଶବର ଜାତି ମୁଁ ଅଟଇ ।୧୩୦।
ମୁଖେ ଭୁଞ୍ଜ ହେ ଜନାର୍ଦ୍ଦନ । ମୋହର ଅପ୍ରାଧ ନ ଘେନ ।୧୩୧।
ପଛକୁ କିଛି ଘୁଞ୍ଚିଗଲା । ଶିରରେ ବେନିକର ଦେଲା ।୧୩୨।
ଗୋବିନ୍ଦ କର ବଢାଇଲେ । କନ୍ଦମୂଳକୁ ଗ୍ରାସକଲେ ।୧୩୩।
ସନ୍ତୋଷ ହୋଇ ଭାବଗ୍ରାହୀ । ଶବର କନ୍ଦମୂଳ ଖାଇ ।୧୩୪।
ଆପଣା ହସ୍ତ ଠାରିଦେଲେ । ଆଶ୍ରମେ ଯାଅ ଯା ବୋଇଲେ ।୧୩୫।
ଶବର ଆଜ୍ଞା ପରମାଣେ । ଗଲା ଯେ ସୁରେଶ୍ୱର ବନେ ।୧୩୬।
ଆପଣା ଗୃହରେ ପ୍ରବେଶ । ଗୋବିନ୍ଦ ଚରଣେ ବିଶ୍ୱାସ ।୧୩୭।
ଗୃହରେ ଖାଦ୍ୟ ଯାହା ଥିଲା । ଖାଇଣ ଉଦର ପୋଷିଲା ।୧୩୮।
ପୁତ୍ର ଭାରିଯା ଆଗେ କିଛି । ଏ କଥା ନ କହିଲା ବାଛି ।୧୩୯।
ଏମନ୍ତେ ରଜନୀ ପାହିଲା । ଶବର ନିଦ୍ରାରୁ ଉଠିଲା ।୧୪୦।
ତକ୍ଷଣେ ସାରି ନତ୍ୟକର୍ମ । କରେ ଧରି ଧନୁକମାଣ ।୧୪୧।
ଅଇଲା ନୀଳଗିରି ସ୍ଥାନ । ମିଳେ ଗୋବିନ୍ଦ ସନ୍ନିଧାନ ।୧୪୨।

ଦେଖିଲା ପ୍ରଭୁ ବ୍ରହ୍ମରାଶି	। ଏକ ମୂରତି ଦୁଇ ଦିଶି	।୧୪୩।
ଦେଖି ତା ଶବର ଚକିତ	। ଚିରେ ଚିନ୍ତଇ ଜଗନ୍ନାଥ	।୧୪୪।
ଅନେକ ସ୍ତୁତି ବଖାଣିଲା	। ଶିରରେ ବେନିକର ଦେଲା	।୧୪୫।
ଶିଆଳି ପତ୍ର ଦୋନା ଶିଇଁ	। କୁଣ୍ଡରୁ ଜଳ ଯେ ଆଣଇ	।୧୪୬।
ପ୍ରଭୁଙ୍କ ଆଗରେ ଢାଳିଲା	। ଶିରରେ ବେନିକର ଦେଲା	।୧୪୭।
ଘୋରି ଚନ୍ଦନ ବେଗେ ଦେଲା	। ବେଲ ପତ୍ରିକା ଚଢାଇଲା	।୧୪୮।
କନ୍ଦମୂଳ ଖୋଳିଣ ଆଣି	। ବିଧି ପ୍ରମାଣେ ଯେ ନିର୍ମାଣି	।୧୪୯।
ଦୋନା ଯେ ବେନି ଗୋଟା କଲା	। କନ୍ଦମୂଳକୁ ପୂରାଇଲା	।୧୫୦।
ପ୍ରଭୁଙ୍କ ଛାମୁରେ ଥୋଇଲା	। ଶବର ପଛକୁ ଘୁଞ୍ଚିଲା	।୧୫୧।
ପତିତଜାତି ମୁଁ ଅଟଇ	। ଭୁଞ୍ଜ ଗୋବିନ୍ଦ ତୋଷ ହୋଇ	।୧୫୨।
ପ୍ରଭୁ ଯେ ହସ୍ତ ବଢାଇଲେ	। ଯାହା ଯେ ଦେଲା ତା ଖାଇଲେ	।୧୫୩।
ଭକ୍ଷିଲେ କମଣ୍ଡଳୁ ପାଣି	। ସନ୍ତୋଷ ହେଲେ ଚକ୍ରପାଣି	।୧୫୪।
ଆହେ ପରିକ୍ଷ ମହୀପାଳ	। ଶୁଣ ତୁ ଏଥିର ବିଚାର	।୧୫୫।
ଏପରି ପ୍ରତିଦିନ ଆସି	। ଶବର ପୂଜେ ବ୍ରହ୍ମରାଶି	।୧୫୬।
ତୁ ଯେ ପୁଛିଲୁ ପିଣ୍ଡକଥା	। ଶୁଣି ଛାଡ଼ିଲା ମନୁ ବ୍ୟଥା	।୧୫୭।
ପରୀକ୍ଷ ବୋଲେ ମୁନିବର	। ଆହୁରି ପୁଛିବି ଛାମୁର	।୧୫୮।
ଆହୁରି କେତେଦିନ ଯାଏଁ	। ଶବର ପୂଜେ ଦେବରାଏ	।୧୫୯।

ଶ୍ରୀ ଶୁକ ଉବାଚ

ଶୁଣ ପରୀକ୍ଷ ମନସ୍ଥିରେ	। କହିବା ତହିଁର ବିଚାରେ	।୧୬୦।
ସହସ୍ରେ ବରଷ ଶବର	। ପୂଜିଲା ଦେବ ଦାମୋଦର	।୧୬୧।
ଏମନ୍ତ କହି ମୁନିବରେ	। ମେଲାଣି ମାଗିଲେ ରାଜାରେ	।୧୬୨।
ଶୁଣିଲୁ ଭାଗବତ ବାଣୀ	। ମେଲାଣି କର ବୀରମଣି	।୧୬୩।
ମୁନିଙ୍କ ବଚନେ ରାଜନ	। କରେ ଧରି ବେନି ଚରଣ	।୧୬୪।
ତୁମ୍ଭେ ଯେ ମୋତେ ଦୟାକଲ	। ବ୍ରହ୍ମଶାପରୁ ଉଦ୍ଧାରିଲ	।୧୬୫।

ଏବେ ମୁଁ ପଚାରୁଛି ଯାହା	। ସୁହୃଦେ କହ ମୋତେ ତାହା	।୧୬୬।
ସହସ୍ର ବରଷ ଶବର	। ପୂଜିଲା ବ୍ରହ୍ମ ନିରାକାର	।୧୬୭।
ଏଥି ଉତ୍ତାରୁ କିସ ହେବ	। ସନ୍ତୋଷେ କହ ମୁନିଦେବ	।୧୬୮।

ଶ୍ରୀ ଶୁକ ଉବାଚ

ଶୁଣି ରାଜନ ପରୀକ୍ଷିତ	। ତୁହି ଯେ ପଚାରୁ ତଦନ୍ତ	।୧୬୯।
ଏଥି ଉତ୍ତାରେ କିସ ରୀତି	। ଶୁଣ ତୁ ଭକତ ନୃପତି	।୧୭୦।
ନୀଳ ଯେ ବନ ଭାଜିଯିବ	। ଲତା ବୃକ୍ଷ ହିଁ କ୍ଷୟ ହେବ	।୧୭୧।
ପର୍ବତ ଦିଶିବ ସୁନ୍ଦର	। ନୀଳଗିରି ଯେ ନାମ ତାର	।୧୭୨।
ଏଥିରେ ରାଜା ଯେ ହୋଇବ	। ବିଷ୍ଣୁ କୀର୍ତ୍ତିରେ ମନ ଦେବ	।୧୭୩।
ପଣ୍ଡିତ ଗୁଣେ ଗୁଣବନ୍ତ	। ଦେବତା ବ୍ରାହ୍ମଣେ ଭକତ	।୧୭୪।
ନିତ୍ୟ ବ୍ରାହ୍ମଣଗଣ ଘେନି	। ବିଚାରିବ ସେ ନୃପମଣି	।୧୭୫।
ବିଷ୍ଣୁର ତେଜେ କାର୍ତ୍ତିମାନ	। ସମସ୍ତ କରିବ ଭିଆଣ	।୧୭୬।
ନିତ୍ୟେଣ ବିଷ୍ଣୁପାଦେ ସେବି	। ଦର୍ଶନ କରିବ ସେ ଭାବି	।୧୭୭।
ଏମନ୍ତ ବିଚାରି ରାଜନ	। ବିପ୍ରଙ୍କୁ କହିବ ବଚନ	।୧୭୮।
ଅନେକ ଧନରତ୍ନ ଦେଇ	। ବିପ୍ରେ କହିବ ଚାଟୁଆଇ	।୧୭୯।
ଖୋଜ ହେ ବିଷ୍ଣୁ କାର୍ତ୍ତିମାନ	। ସନ୍ତୋଷକର ମୋର ମନ	।୧୮୦।
ଚାରିଦିଗକୁ ଦୂତ ଯିବେ	। ତୀର୍ଥମାନଙ୍କ ଯେ ଖୋଜିବେ	।୧୮୧।
ସମସ୍ତ ସ୍ଥାନ ଖୋଜିଯିବେ	। ଏ ରୂପେ ଏ ସ୍ଥାନ ଦେଖିବେ	।୧୮୨।
ଦକ୍ଷିଣେ ଯିବ ଯେଉଁ ଚାର	। ଖୋଜିବ ବିଷ୍ଣୁର ମଣ୍ଡଳ	।୧୮୩।
ଖୋଜିଣ ଅନ୍ତ ନ ପାଇବ	। ନିରାଶ ହୋଇଣ ଆସିବ	।୧୮୪।
ଦିନେ ବ୍ୟାକୁଳ ଚିତ୍ତ ହେବ	। ସେ ଚାର ବନକୁ ଚଳିବ	।୧୮୫।
ସେ ବନ ଖୋଜିଣ ବୁଲିବ	। ତହିଁରେ କାହିଁ ନ ଦେଖିବ	।୧୮୬।
ମନରେ ହୋଇ ମହାଦୁଃଖ	। ଭାଳିବ ଅତି ଗୁରୁଶୋକ	।୧୮୭।
ତହୁଁ ଥୋକାଏ ଦୂରଯିବ	। ଶବର ପଲ୍ଲୀଏ ଦେଖିବ	।୧୮୮।

ଗୃହରେ ନ ଥିବ ଶବର	। ଯାଇଣ ଥିବ ମୃଗୟାର	।୧୮୯।
ବ୍ରାହ୍ମଣ ଶବର ଦୁଆରେ	। ବସିବ ଅତିଥି ଭାବରେ	।୧୯୦।
ଏ ଅନ୍ତେ ଆସିବ ଶବର	। ଅତିଥି ବସିଥିବ ଦ୍ୱାର	।୧୯୧।
ଦେଖିବ ବସିଛି ବ୍ରାହ୍ମଣ	। ପୁଛିବ ତାର ସନ୍ନିଧାନ	।୧୯୨।
ଅତିଥି ପ୍ରକାରେ ପୂଜିବ	। ଅନେକ କରି ଗଉରବ	।୧୯୩।
ଏମନ୍ତେ କେତେଦିନ ଅନ୍ତେ	। ବ୍ରାହ୍ମଣ ଜାଣିବ ସଙ୍କେତେ	।୧୯୪।
କର୍ପୂର ଚୁଆ ଯେ ଚନ୍ଦନ	। ବାସିବ ଶବର ଅଙ୍ଗେଣ	।୧୯୫।
ଏମନ୍ତେ ଶବର ଆସିବ	। ଆପଣା ଗୃହରେ ପଶିବ	।୧୯୬।
ମିତ୍ରତା ହେବ ତାର ତୁଲେ	। ଦିନ ହରିବ କୁତୁହଳେ	।୧୯୭।
ଦିନେକ ପ୍ରୀତିଭାବ ପଣେ	। ବ୍ରାହ୍ମଣ ପୁଛିବ ଆପଣେ	।୧୯୮।
କଥାଏ ପଚାରିବି ମୁହିଁ	। ଦୁଃଖ ନହୋଇ ଦେବ କହି	।୧୯୯।
ପ୍ରଭାତ କାଳୁ ତୁମ୍ଭେ ଯାଅ	। ସଂଧ୍ୟା ପର୍ଯ୍ୟନ୍ତ କିଂପା ରହ	।୨୦୦।
ଚୁଆ ଚନ୍ଦନ ବାସୁଥାଇ	। ବିଷ୍ଣୁ ପୂଜିଲା ପ୍ରାଏ ଦେହୀ	।୨୦୧।
ଏ କଥା ଶୁଣିଣ ଶବର	। ମନେ ହୋଇବ ଚମତ୍କାର	।୨୦୨।
ବିପ୍ରଙ୍କୁ ବୋଲିବ ବଚନ	। କେମନ୍ତେ ଜାଣିଲ ଏମାନ	।୨୦୩।
ଏ କଥା ନ କହିବୁ କାହିଁ	। ମୋ ଗୃହେ କେହି ନ ଜାଣଇ	।୨୦୪।
ଏମନ୍ତେ କିଛି ଦିନ ଅନ୍ତେ	। ବ୍ରାହ୍ମଣ କହିବ ଗୁପତେ	।୨୦୫।
ବିଷ୍ଣୁଙ୍କୁ ମୋତେ ଦେଖାଇବୁ	। ଜଗତେ କୀରତି ରଖିବୁ	।୨୦୬।
ବ୍ରାହ୍ମଣ ବିନୟ ବଚନେ	। ଶବର ଶୁଣି ଖେଦମନେ	।୨୦୭।
ମନରେ ଦୁଃଖ ସେ ପାଇବ	। ବିପ୍ରଙ୍କୁ ସଙ୍ଗେ ଘେନିଯିବ	।୨୦୮।
ନୀଳ ବନକୁ ଯିବ ନେଇ	। ସମୁଦ୍ରେ ସ୍ନାହାନ କରାଇ	।୨୦୯।
ବିଷ୍ଣୁଙ୍କୁ ଦେଖାଇବ ନେଇ	। ସଚ୍ଚିଦାନନ୍ଦ ପୁଣ୍ୟ ଦେହୀ	।୨୧୦।
ବ୍ରାହ୍ମଣ ହେବ ହରି ହରି	। ଶିରରେ ବେନିକର ଯୋଡ଼ି	।୨୧୧।
ବ୍ରାହ୍ମଣ ଶ୍ରୀ ମୁଖ ଦେଖିବ	। ଅନେକ ସ୍ତୁତି ବଖାଣିବ	।୨୧୨।
ଏ ଦାରୁ ବ୍ରହ୍ମ ରୂପ ଦେଖି	। ସକଳ ଦୂରିତ ଉପେକ୍ଷି	।୨୧୩।
ଶବର ବେଗେ ଚଳିଯିବ	। ଦୋନା ଯେ ଗୋଟିଏ ଶିଇଁବ	।୨୧୪।

ରୋହିଣୀ କୁଣ୍ଡରୁ ଯେ ଜଳ । ଘେନି ଆସିବ ତତକାଳ ।୧୨୧୫।

ପ୍ରଭୁଙ୍କ ଶ୍ରୀଅଙ୍ଗେ ଢାଳିବ . । ଶ୍ରୀ ଅଙ୍ଗ ମାର୍ଜନା କରିବ ।୧୨୧୬।

ଅଗୁରୁ ଚନ୍ଦନ ଗୋଳିବ । ପ୍ରଭୁଙ୍କ ଶ୍ରୀ ଅଙ୍ଗେ ବୋଳିବ ।୧୨୧୭।

ବେଲ ପତ୍ରିକା ଶିରେ ଦେବ । କନ୍ଦମୂଳକୁ ଖୋଳିଯିବ ।୧୨୧୮।

ଯୋଡ଼ିଏ ଦୋନା ହସ୍ତେ ଶିଇଁ । ତହିଁରେ କନ୍ଦମୂଳ ଦେଇ ।୧୨୧୯।

ପ୍ରଭୁଙ୍କ ଛାମୁରେ ଥୋଇବ । ଭୁଞ୍ଜ ହୋ ବୋଲିଣ ବୋଲିବ ।୧୨୨୦।

ସମସ୍ତ ଦିନ ବ୍ରହ୍ମ ଜ୍ୟୋତି । ହସ୍ତ ବଢାଇଣ ଭୁଞ୍ଜନ୍ତି ।୧୨୨୧।

ସେ ଦିନ ନ ବଢାଇ ହସ୍ତ । ମଉନ ହେବେ ଜଗନ୍ନାଥ ।୧୨୨୨।

ଶବର ବୋଲିବ ଗୋ ସାଇଁ । ଏ ପରି ଆଜ କାହିଁପାଇଁ ।୧୨୨୩।

ଶବର ଏମନ୍ତ ବୋଲନ୍ତେ । ଶୂନ୍ୟେ କହିବେ ଜଗନ୍ନାଥ ।୧୨୨୪।

ଭୋଗକୁ ହୋଇଲା ମୋ ବାଞ୍ଛା । କନ୍ଦମୂଳରେ ନାହିଁ ଇଚ୍ଛା ।୧୨୨୫।

ଶବର ନ କର ତୁ ଶୋକ । ସର୍ବଦା ତୁ ମୋର ସେବକ ।୧୨୨୬।

ଏମନ୍ତ ଆଜ୍ଞା ପ୍ରଭୁ ଦେବେ । ଶବର ମନରେ ଜାଣିବେ ।୧୨୨୭।

ବିକଳେ ଗିରିସ୍ଥାନ ବୁଲି । ବ୍ରାହ୍ମଣ ସର୍ବଠାବ କରି ।୧୨୨୮।

ବଟ ଉପରେ କାକ ଥିବ । ଘୁମାଇ କୁଣ୍ଡରେ ପଡ଼ିବ ।୧୨୨୯।

ଚତୁର ଭୁଜ ସେ ହୋଇବ । ବୈକୁଣ୍ଠ ପୁରକୁ ଗମିବ ।୧୨୩୦।

ଶବର ଯିବ ନିଜପୁର । ବ୍ରାହ୍ମଣ ହୋଇବ ଅନ୍ତର ।୧୨୩୧।

ବାରତା ବେଗେ ଘେନିଯିବ । ରାଜାକୁ ସମସ୍ତ କହିବ ।୧୨୩୨।

ଶୁଣି ହରଷ ନରପତି । ସଙ୍ଗତେ ଘେନି ପାତ୍ରମନ୍ତ୍ରୀ ।୧୨୨୩।

ନୀଳଗିରିକି ସେ ଆସିବ । ବୁଲି କରିବ ସ୍ଥାନ ଠାବ ।୧୨୩୪।

ଅଷ୍ଟରତନର ଦେଉଳ । ଘେନାଇ ନୃପତି ସକଳ ।୧୨୩୫।

ଦେବତା ପାଇଁକି ଚିନ୍ତିବ । ବେଗେ ଗୋବିନ୍ଦ ଆଜ୍ଞା ହେବ ।୧୨୩୬।

ବାଙ୍କି ମୁହାଣକୁ ତୁ ଯିବୁ । ସେଠାରେ ଯାହା ତୁ ପାଇବୁ ।୧୨୩୭।

ପ୍ରାସାଦେ ପୁରାଇବୁ ନେଇ । ଚତୁର୍ଦ୍ଧାରୂପ ହେବି ମୁହିଁ ।୧୨୩୮।

ବସିବି ଚତୁର୍ଦ୍ଧାରୂପରେ । ଚିନ୍ତା ନ କର ନୃପବରେ ।୧୨୩୯।

ଏମନ୍ତ ଆଜ୍ଞା ସେ ପାଇବ । ପ୍ରଭାତୁ ଉଠି ବେଗେ ଯିବ ।୧୨୪୦।

ଦେଖିବ ଦାରୁରୂପେ ହରି	। ବିଜୟ ପ୍ରଭୁ ଦଇତାରି	।୨୪୧।
ରାଜା ତା ଘେନାଇ ଆସିବ	। ପ୍ରାସାଦ ଭିତରେ ରଖିବ	।୨୪୨।
ଏମନ୍ତେ ଷୋଳ ଦିନ ଅନ୍ତେ	। ଦେଖିବ ଯାଇ ନରନାଥେ	।୨୪୩।
ଧରିଣ ଚତୁର୍ଦ୍ଧା ମୂରତି	। କପଟେ ଦାରୁ ବ୍ରହ୍ମ ଜ୍ୟୋତି	।୨୪୪।
ଦେଖିବ ନୃପତି ଶେଖର	। ମନରେ ହୋଇବ କାତର	।୨୪୫।
ଭୋଗ ନିମନ୍ତେ ବିଚାରିବ	। ଛତିଶ ନିଯୋଗ ଖଞ୍ଜିବ	।୨୪୬।
ତିନି ଧୂପକୁ ଆରମ୍ଭିବ	। ପଞ୍ଚ ଅବକାଶ କରିବ	।୨୪୭।
ସମସ୍ତ କରିଣ ଭିଆଇ	। ପୂଜା ଯେ ସମସ୍ତ କରାଇ	।୨୪୮।
ଏ ରୂପେ ପ୍ରଭୁ ପ୍ରକାଶିବେ	। ନୀଳାଚଳରେ ବିଜେ ହେବେ	।୨୪୯।
ଯୁଗକୁ ଯୁଗ ଏହି ମତେ	। ପରମାନନ୍ଦ ଏ ଜଗତେ	।୨୫୦।
ଶୁଣିଲ ଟିକି ହେ ରାଜନ	। ଏ ରୂପେ କଳିରେ ଭିଆଣ	।୨୫୧।
ଶୁଣିଣ ପରୀକ୍ଷ ରାଜନ	। ନମଇଁ ମୁନିଙ୍କ ଚରଣ	।୨୫୨।

ପରୀକ୍ଷିତ ଉବାଚ

ସେ ରାଜା କାହାକୋଳେ ଜାତ	। କାହାର ହେବ ସେହୁ ସୁତ	।୨୫୩।
ତାହାର ନାମ କିସ ହୋଇ	। ସେ କଥା କହ ହେ ବୁଝାଇ	।୨୫୪।

ଶ୍ରୀ ଶୁକ ଉବାଚ

ଶୁକ କହନ୍ତି ତୋଷ ଚିତ୍ତେ	। ଯାହା ତୁ ପଚାରିଲୁ ମୋତେ	।୨୫୫।
ଇନ୍ଦ୍ରଦ୍ୟୁମନ ନୃପବର	। ସତ୍ୟ ଯୁଗରେ ଜନ୍ମ ତାର	।୨୫୬।
ସେ ପୁଣି ତ୍ରେତୟା ଯୁଗରେ	। ବ୍ରହ୍ମଲୋକରେ ସେ ରହିଲେ	।୨୫୭।
ତାହାର କୁଳ ମୂଳ ନାହିଁ	। ତା ନାମ ଧରି ରାଜା ହୋଇ	।୨୫୮।
ଦ୍ୱାପର ଯୁଗ ପ୍ରକାଶିଲା	। ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ହେଲା	।୨୫୯।
କଳିର ଆଦ୍ୟେ ଆବିର୍ଭାବ	। ତୃତୀୟ ଇନ୍ଦ୍ରଦ୍ୟୁମ୍ନ ହେବ	।୨୬୦।

ଆନ ଯେ ନୃପତି ହୋଇବ । ଗଂଗ ବଂଶୀୟ ବୋଲାଇବ ।୨୬୧।
ଶୁଣ ପରୀକ୍ଷ ମହୀପତି । ଶୁଣି ତୋ ମନକର ଶାନ୍ତି ।୨୬୨।

ପରୀକ୍ଷିତ ଉବାଚ

ବୋଲଇ ଶୁଣିମା ଗୋସାଇଁ । ଆହୁରି ପଚାରିବି ମୁହିଁ ।୨୬୩।
ତୁମ୍ଭେ ଯେ ମହା ଭାଗ୍ୟବନ୍ତ । ଗୁପତେ ରଖିଲ କଥାତ ।୨୬୪।
ଯେ ଦାରୁବ୍ରହ୍ମ ରୂପହରି । ଶରୀରେ କେହୁ କହିପାରି ।୨୬୫।
ଦୀର୍ଘ ହୋଇବ କେତେ ପୁଣ । ପ୍ରତି ହୋଇବ କେତେ ଜାଣ ।୨୬୬।
ଏଥିର କହିବା ବୃତ୍ତାନ୍ତ । ଶୁଣିବି ଶରଧା ବହୁତ ।୨୬୭।

ଶ୍ରୀ ଶୁକ ଉବାଚ

ଶୁଣ ପରୀକ୍ଷ ନରନାଥ । ତୁ ଯାହା ପଚାରିଲୁ ତଥ୍ୟ ।୨୬୮।
କହିବା ଶୁଣ ମନଦେଇ । ତୁ ରାଜା ଅଟୁ ପୁଣ୍ୟ ଦେହୀ ।୨୬୯।
ଦ୍ୱାଦଶ ଆଙ୍ଗୁଳ ଯେ ଜାଣ । ପ୍ରଭୁଙ୍କ ଶ୍ରୀ ଅଙ୍ଗ ଘଟଣ ।୨୭୦।
ପ୍ରତି ହୋଇବ ଏହିରୂପେ । କହିଲୁ ଶୁଣ ତୁ ସ୍ୱରୂପେ ।୨୭୧।
ଏ ପୁଣି ଦେବ ଆଙ୍ଗୁଳରେ । ପୂର୍ବର ଯେ ବିଧି ପ୍ରକାରେ ।୨୭୨।
ଶୁଣ ରାଜନ ପରୀକ୍ଷିତ । ମୁନି କହିଲେ ଆଚମ୍ବିତ ।୨୭୩।

ଶ୍ରୀ ଶୁକ ଉବାଚ

ମୁନି ବୋଲନ୍ତି ଶୁଣ ରାଏ । ଏଥିର ଶୁଣ ତୁ ସଂଶୟେ ।୨୭୪।
ଭୋ ରାଜା ପଚାରିଲୁ ଯେତେ । ଏ କଳିଯୁଗ ଘୋର ଏତେ ।୨୭୫।
ତୋହର ପୁତ୍ର ନାତି ଗଣେ । ଦୁଷ୍ଟ ହୋଇବେ ଜଣେ ଜଣେ ।୨୭୬।

ବୋଲିବେ ଦେଉଳ ଆମ୍ଭର । ବୋଲନ୍ତେ ଧର୍ମ ହେବ ଦୂର ।୨୭୭।
ଏ ଧର୍ମ ନ ପାଳିବି ମୁହିଁ । ଅଧର୍ମ ଉପୁଜିବ ତହିଁ ।୨୭୮।
ବିଷ୍ଣୁ ଯାଚନ୍ତେ ତାଙ୍କ ବର । ମାଗନ୍ତେ ବ୍ରହ୍ମାଙ୍କ ଛାମୁର ।୨୭୯।
ବର ଯାଚିଲେ ମୋତେ ହାଦେ । ଯାହା ମାଗିବି ତୁମ୍ଭ ପାଦେ ।୨୮୦।
ତାହାକୁ ଦୋଷ ନ ଘେନିବ । କ୍ଷମା ତାହାକୁ ବେଗେ ଦେବ ।୨୮୧।
ଆହୁରି କହିବି କଥାଏ । ସନ୍ତୋଷେ କହ ଦେବରାଏ ।୨୮୨।
ମୋହର ବଂଶ ନ ରହିବ । ଏ କଥା ଯୁଗେ ଯୁଗେ ଥିବ ।୨୮୩।
ଜାଣିଲେ ରାଜାର ଯେ ମନ । ହେଉ ବୋଇଲେ ଭଗବାନ ।୨୮୪।
ଏ ରୂପେ ପ୍ରଭୁଙ୍କୁ ମାଗିଲା । ଏଠାରୁ ନିର୍ବଂଶ ହୋଇଲା ।୨୮୫।
ଏ କୀର୍ତ୍ତି ତୋ ବଂଶେ ରହିବ । ପୂର୍ବେ ଘଟାଇଛି ଦଇବ ।୨୮୬।
ତୋ ବଂଶେ ବିଷ୍ଣୁର ଆଶ୍ରିତେ । ଶୁଣିଲୁ ହେ ଶ୍ରୀ ଭାଗବତେ ।୨୮୭।
ଏ କୀର୍ତ୍ତି ନ କରିବେ କେହି । ତୋ ବିନୁ ଅନ୍ୟ କେହି ନାହିଁ ।୨୮୮।
ଶ୍ରୀ ଭାଗବତର ମହିମା । ସବୁ ଭାଗବତ ଉପମା ।୨୮୯।
ଏହା ଯେ ନିତ୍ୟେ ଶୁଣୁଥିବ । ଯମ ଭୟକୁ ନ ଡରିବ ।୨୯୦।
ଅମୃତ ଭକତ ରକ୍ଷଣ । ଶ୍ରୀ ଭାଗବତ ରସଗୁଣ ।୨୯୧।
ଶୁଣନ୍ତେ ଶରୀର ତୋଷଣ । କହଇ ଶୁଣ ହେ ରାଜନ ।୨୯୨।
ପାମର ବିପ୍ର ଜଗନ୍ନାଥ । ଏବେ ସେ ହୋଇଲା କୃତାର୍ଥ ।୨୯୩।

ଇତି-ଶ୍ରୀ ଦାରୁବ୍ରହ୍ମ ଗୀତା ଶୁକ ପରୀକ୍ଷିତ ସମ୍ବାଦେ
ଶ୍ରୀକୃଷ୍ଣ ନୀଳଗିରି ପ୍ରବେଶୋ ନାମ ତୃତୀୟ ଅଧ୍ୟାୟ ।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୧-୧ ନାରାୟଣ = ନାରାୟେଣ (ଖ) ୬-୨ ଭକତ = ଭଗତ (ଖ) ।

୨୭-୧ ସ୍ୱର୍ଗ = ସ୍ୱର୍ଗେ (ଖ) । ୩୧-୧ ହୀନ = ଦୀନ (ଖ) । ୪୨-୧ ନାରାୟଣ = ନାରାୟେଣ (ଖ)

୪୩-୧ ମନ = ମନେ (ଖ) । ୫୦-୨ ବ୍ୟବସ୍ଥା = ଅବସ୍ଥା (ଖ)

୫୧-୧ ମୃତ୍ୟୁ = ମୃତ (ଖ) । ୫୪-୧ କିମ୍ପାଇ = କିମ୍ପାହେ (ଖ) । ୬୪-୨ ବାହି = ତହିଁ (ଖ) ।

୭୦-୨ ବିମୋଚନ = ହେ ଦହନ (ଖ) । ୭୭-୨ ବିକାଶିବ = ବିକଶିବ (ଖ) ।

୮୧-୨ ଉଦେ = ଉଭା (ଖ) । ୯୩-୨ ବିହାର = ବେହାର (ଖ) ।

୯୪-୨ ଭୁଞ୍ଜିଲା = ଲଭିଲା (ଖ) । ୧୦୮-୧ ଭାଳୁଥିବେ = ଭାବୁଥିବେ (ଖ)

୧୦୯-୧ କାହିଁଣ = କାହିଁଲେ (ଖ) । ୧୧୩-୨ ନାହିଁ = କାହିଁ (ଖ) ।

୧୧୫-୨ ମୃତ୍ୟୁ = ମୃତ (ଖ) । ୧୧୯-୨ ପାତକ = ପାତେକ (ଖ) ।

୧୨୧-୧ ଯୁଧିଷ୍ଠି - ଯୁଯେଷ୍ଠି (ଖ) । ୧୨୫-୧ କ୍ରୋଶ = କୋଶ (ଖ)

୧୨୬-୧ ତା ନାମ = ନାମ ତା (ଖ) । ୧୫୦-୧ ପାଣ୍ଡବେ = ପାଣ୍ଡବ (ଖ) ।

୧୫୧-୨ ଉଗ୍ରସେନ = ଉଗ୍ରେସେନ (ଖ) । ୧୫୩-୨ ମାନେ = ମାନ (ଖ) ।

୧୬୦-୧ ଯୁଧିଷ୍ଠି = ଯୁଯେଷ୍ଠି (ଖ) । ୧୭୧-୨ ବିଦେମାନେ = ବିଦ୍ୟମାନେ (ଖ) ।

୧୭୩-୨ ତୀର୍ଥେ = ତୀର୍ଥ (ଖ) । ୧୭୪-୧ କ୍ରୋଶ = କୋଶ (ଖ) ।

୧୮୧-୧ ଶ୍ରୀ ପୁରୁଷୋତ୍ତମ = ଶ୍ରୀ ପୁରିସୋତ୍ତିମ (ଖ) ।

୨୦୬-୧ ତହିଁ = ରହି (ଖ) ।

ଦ୍ୱିତୀୟ ଅଧ୍ୟାୟ

୧-୨ ନମି ପଢ଼ଇ = ପଢ଼ି ନମଇ (ଖ) । ୩-୧ ମୁଁ ଯେ = ମୁହିଁ (ଖ) ।

୮-୧ ତୁ = ହେ (ଖ) । ୧୦-୨ ପରାକ୍ରମ = ପରାକର୍ମ (ଖ) ।

୧୧-୨ ମୃତ୍ୟୁ = ମୃତ (ଖ) । ୧୨-୧ ଯୁଧିଷ୍ଠି = ଯୁଯେଷ୍ଠି (ଖ) ।

୧୪-୨ ବୋଲଇ = କହଇ (ଖ) । ୨୧-୧ ନାରାୟଣ = ନାରାୟେଣ (ଖ) ।

୨୫-୨ କେହୁ କହି ପାରି = କେ କହି ନ ପାରି (ଖ) ।

୨୬-୧ ଦହିତ = ଦହିତେ (ଖ) । ୩୧-୧ ବୋଲଇ = କହଇ (ଖ) ।

୩୪-୨ ପୁରୁଷୋତ୍ତମ = ପୁରୁଷୋତ୍ତିମ (ଖ) । ୩୫-୧ ଦକ୍ଷିଣ = ଦକ୍ଷିଣେ (ଖ) ।

୩୮-୧ କହି = ବହି (ଖ) । ୪୫-୧ ପଞ୍ଚ = ପଞ୍ଚୁ (ଖ) ।

୫୯-୨ ଶିରରେ ସିଞ୍ଚିଲେ = ଶିରେ ସିଞ୍ଚିଲେ (ଖ) ।

୬୦-୧ ସ୍ନାନ = ସ୍ନାହାନ (ଖ) । ୬୧-୨ ବସ୍ତ୍ର = ବସ୍ତ୍ର (ଖ) ।

୬୨-୨ ଲାଇ = ନାଇ (ଖ) । ୮୦-୨ ବାରିଧି = ବାରାଧି (ଖ) ।

୮୩-୧ ପାଞ୍ଚ =ପଞ୍ଚ (ଖ) । ୮୬-୧ ନାରାୟଣ = ନାରାୟେଣ (ଖ) ।

୧୦୧-୨ ଯାହାର = ତାହାର (ଖ) । ୧୨୧-୧ ଶୁଭନ୍ତେ = ଶୁଘନ୍ତେ (ଖ) ।

୧୨୪-୧ ଶୁଭିଲା = ଶୁଘିଲା (ଖ) । ୧୨୭-୧ ଶୁଣିମା = ଶୁଣିବା (ଖ) ।

୧୩୪-୨ ବହିବେ = କରିବେ (ଖ) । ୧୪୯-୨ ମତାଙ୍କୁ = ମାତାରେ (ଖ) ।

୧୫୧-୨ ଶିଷ୍ୟ = ଶିଷ (ଖ) । ୧୭୦-୨ ସ୍ଫୁରଇ = ଫୁରଇ (ଖ) ।

୧୮୫-୨ ପରବେଶ = ପରକାଶ (ଖ) । ୧୯୯-୨ ହାହା = ଆହା (ଖ) ।

ତୃତୀୟ ଅଧ୍ୟାୟ

୩-୨ ସଂଶୟ = ସନ୍ଦେହ (ଖ) । ୯-୧ ମନ ହୋଇ = ମନେ ତହିଁ (ଖ) ।

୧୩-୨ ଯାକୁ = ତାକୁ (ଖ) । ୨୦-୧ ବିଚାରନ୍ତେ = ବିଚାରଇ (ଖ) ।

୩୨-୨ ନାମେଣ = ନାମେକ (ଖ) । ୩୩-୨ ବିହରି = ବେହରି (ଖ) ।
୪୦-୨ ସମୁଦ୍ର = ସୋମୋଦ୍ର (ଖ) ।୪୨-୨ ଚାରିଦିଗେ = ଚଉଦିଗେ (ଖ) ।
୫୮-୧ ଦ୍ରାଣ = ତାରଣ (ଖ) । ୫୯-୨ ମୟ = ମୟେ (ଖ) ।
୬୪-୧ ଶଙ୍କର = ଶଙ୍କରେ (ଖ) । ୭୦-୨ ଭାଜନ = ଭାର୍ଜନ (ଖ) ।
୭୧-୧ ଭାଜନ = ଭାର୍ଜନ (ଖ) । ୧୦୧-୨ ହୀନ = ଦୀନ (ଖ) ।
୧୦୪-୨ଉଚ୍ଚ = ଓଚ୍ଚ (ଖ) । ୧୧୧-୨ କରିବ = ହୋଇବ (ଖ) ।
୧୧୨-୨ ବହିଲେ = ବିହିଲେ (ଖ) । ୧୨୮-୧ ଦୋନା = ଦନ (ଖ) ।
୧୪୮-୨ ପତ୍ରିକା = ପତ୍ରକୁ (ଖ) । ୧୬୫-୨ ଶାପ = ଶାପ୍ୟ (ଖ) ।
୧୭୦-୨ ଭକତ = ଭଗତ (ଖ) । ୧୭୩-୨ କୀର୍ତ୍ତି = କ୍ରୀର୍ତ୍ତି (ଖ) ।
୧୭୭-୨ ଦର୍ଶନ = ଦଶ୍ରନ (ଖ) । ୧୮୧-୨ ତୀର୍ଥ = ତୀଥ (ଖ) ।
୧୯୫-୧ କର୍ପୂର = କ୍ରପୂର (ଖ) । ୨୦୯-୨ ସମୁଦ୍ରେ ସ୍ନାହାନ = ସୋମୋଦ୍ରେ ସ୍ନାହାନ (ଖ) । ୨୩୪-୨ ବୁଲି କରିବ = ବୁଲିଣ କରି (ଖ) ।
୨୩୭-୨ ସେଠାରେ = ସେଠାବେ (ଖ) । ୩୨୮-୨ ଚତୁର୍ଦ୍ଧା = ଚତୁଧା (ଖ) ।
୨୪୪-୨ ଜ୍ୟୋତି = ଯୋତି (ଖ) । ୨୪୬-୨ ଛତିଶ = ଛତିଶା (ଖ) ।
୨୬୭-୨ ଶୁଣିବି = ଶୁଣିତେ (ଖ) । ୨୮୫-୨ ନିର୍ବଂଶ = ନିଅଂଶ (ଖ) ।

□□□

ପଞ୍ଚଭୂତ ଗୀତା

ପୋଥି ପ୍ରାପ୍ତି

(କ) ଓଡ଼ିଶା ରାଜ୍ୟ ସଂଗ୍ରହାଳୟ-ପୋଥି ନଂ cy.590

(ଖ) ଶ୍ରୀ ଅକ୍ଷୟ କୁମାର ମହାରଣା- ଆମ୍ବଡ଼ିହ, ପୁରୀ ।

(ଗ) ଶ୍ରୀ ବେଣୁଧର ପ୍ରହରାଜ-ବାଜପୁର,ପୁରୀ,

ପ୍ରଥମ ଅଧ୍ୟାୟ

ଶ୍ରୀ ଗଣେଶାୟ ନମଃ

ଅର୍ଜୁନ ବେନି କର ଯୋଡ଼ି,
କହଇ କୃଷ୍ଣ ପାଦେ ପଡ଼ି ।୧।
ଭୋ ପ୍ରଭୁ ଦୟା କର ମୋତେ,
କେମନ୍ତେ ଚିହ୍ନିବି ମୁଁ ତୋତେ ।୨।
କାହିଁ ତୋହର ସ୍ଥିତିବାସ,
କେମନ୍ତେ ପାଇବି ସନ୍ଦେଶ ।୩।
ଏ ଦେହ ମଧ୍ୟେ ଅଛ କାହିଁ,
ଭୋ ଦେବ କହିବ ବୁଝାଇ ।୪।
ଶେଷଦେବଙ୍କ ପାଦପାଣି,
କାହିଁ କି ରୂପେ ଚକ୍ରପାଣି ।୫।
ପିଣ୍ଡେ ବ୍ରହ୍ମାଣ୍ଡେ କୁହ ମୋତେ,
ଯେମନ୍ତେ ଯିବଇଂ ପରତେ ।୬।
ଏ ଯେ ଷୋଡ଼ଶ ମହାମନ୍ତ୍ର,
ଏ ଦେହେ କହି ଜଗନ୍ନାଥ ।୭।
ଅଷ୍ଟ ଯେ ଦଳ ତ୍ରିଅକୋଣ,
କେବଣ ଠାବେ ନାରାୟେଣ ।୮।
ଜୟେ ବିଜୟେ ବେନି ଦ୍ୱାରୀ,
କେବଣ ଠାରେ ଛନ୍ତି ହରି ।୯।
କେବଣ ଠାରେ ସିଂହଦ୍ୱାର,
କେହୁ ଯେ କାଉଂରୀ ମଣ୍ଡଳ ।୧୦।

କେହୁ ଅଟଇ କଳ୍ପବଟ,
ତାହା କହିବ ନନ୍ଦଚାଟ ।୧୧।
ଶେଷ ଯେ ଦେବ ନାରାୟେଣ,
ସୁଭଦ୍ରା ଘେନି ସୁଦର୍ଶନ ।୧୨।
ଅଛ୍ୟୋତି ଅଣାକାର କାହିଁ,
ହସ୍ତ ମାରିଣ ଦିଅ କହି ।୧୩।
ଶ୍ରୀକୃଷ୍ଣ ବୋଲନ୍ତି ଅର୍ଜୁନ,
କହିବା ଶୁଣ ଏକ ମନ ।୧୪।
ଏହି ସେ ସମୁଦ୍ରଟି ଜାଣ,
ମୁକତି ମଣ୍ଡପ ଦକ୍ଷିଣ ।୧୫।
ମୁକତି ମଣ୍ଡପର ଆଗେ,
ତାର ପଶ୍ଚିମ ଦିଗ ଭାଗେ ।୧୬।
ଅନନ୍ତ କରିଛି ଶୟନ,
ନିଶ୍ଚିନ୍ତ ହୋଇଂ ଅଚେତନ ।୧୭।
ତାହାର କାୟା ଯେ ବିସ୍ତାର,
ପାଦ ହୋଇଛି ଯାଜପୁର ।୧୮।
ଆଣ୍ଠୁ ଯେ ବୈତରଣୀ ନଦୀ,
ଗଙ୍ଗା ଯାଉଛି ଯହିଂ ଭେଦି ।୧୯।
ପାଦଟି ଚିତ୍ର ଯାଜପୁର,
ବରେହାନାଥଙ୍କ ବେହାର ।୨୦।
ଦେବୀ ବିରଜାଙ୍କ ଭୁବନ,
ଉତ୍ତରେ ଯମର ଆସ୍ଥାନ ।୨୧।
ଅନନ୍ତ ଜାନୁ ସ୍ଥାନ ଭେଦି,
ବହି ଯାଉଛି ବଡ଼ ନଦୀ ।୨୨।

ଅନନ୍ତ ଦେବ ଗୁହ୍ୟଦ୍ୱାର,
ବରୁଣାଇ କରେ ବିହାର ।୨୩।

ଅନନ୍ତ ଇନ୍ଦ୍ରିର ଉପର,
ଧବଳେଶ୍ୱରଙ୍କ ବିହାର ।୨୪।

କଟି କଟକ ବୋଲି କହି,
ବାସେଳିଦେବୀ ଛନ୍ତି ରହି ।୨୫।

ନାଭିଟି ଖଣ୍ଡଗିରି ଜାଣ,
ସେ ଯେ ବ୍ରହ୍ମାଙ୍କ ନିଜସ୍ଥାନ ।୨୬।

ଅନନ୍ତ ତଳିପେଟ ଜାଣ,
ସେ ଯେ ଅନନ୍ତ ପୁରୁଷୋତ୍ତମ ।୨୭।

ସେଠାରେ ବିଜେ ଭାବଗ୍ରାହୀ,
ସିଦ୍ଧ ମାନଙ୍କ ଗୁପ୍ତ ଭୂଇଁ ।୨୮।

ହୃଦେ ଭୁବନେଶ୍ୱର ଛନ୍ତି,
ସେ ଲିଙ୍ଗରାଜ ଦିବ୍ୟ ମୂର୍ତ୍ତି ।୨୯।

କୋଟିଏ ଲିଙ୍ଗ ଘେନି ତହିଂ,
କପିଳ ମୁନି ଛନ୍ତି ଧାଇଂ ।୩୦।

ସେଠାରୁ ଚାରି ଭୁଜ ହେଲା,
ଅତି ବିସ୍ତାରେଣ ବଢିଲା ।୩୧।

କଣା ଯେ ରେଖ ହଟେଶ୍ୱର,
ବାଜ ଯେ ପାର୍ବତୀ କୁମର ।୩୨।

କୈଳାଶ ଘେନି ପାରାଦ୍ୱୀପ,
ତହିଁ ମହେଶ କରେ ଜପ ।୩୩।

ଏ ଯେ ଅନନ୍ତ ଚତୁର୍ଭୁଜ,
କଣ୍ଠ ଅଠରନଳା ହେଜ ।୩୪।

ମୁଖକୁ ସିଂହଦ୍ୱାର ବୋଲି,
ଜୟ ବିଜୟେ ବେନି ଦ୍ୱାରୀ ।୩୫।
ତିଳ ଯେ ପାଟି ବୋଲି ଯେହୁ,
ବାଇଶି ପାବଛଟି ସେହୁ ।୩୬।
ମୁଖ ଭିତରେ ଯେଉଁ ଦନ୍ତ,
ସେଟି ଷୋଡ଼ଶ ମହମନ୍ତ ।୩୭
ତଳେ ଶୋଡ଼ଶ ସଖୀ ଷୋଳ,
ଉପରେ ଷୋଳ ସାଖାପୁର ।୩୮।
ତଥି ଉପରେ ତ୍ରିକୁଟର,
ଅଷ୍ଟ ସଖୀଙ୍କର ବେହାର ।୩୯।
ନାସା ଅଧର ଠାରୁ ଜାଣ,
କାଉଁରୀ ମଣ୍ଡଳ ତା ନାମ ।୪୦।
ଦୁଇ ପଟାଟି ଦୁଇ ତାଳ,
ଅର୍ଦ୍ଧମାତ୍ରାର ତହିଁ ଘର ।୪୧।
ତଥି ଉପରେ ଟି ଗଗନ,
ମୁକ୍ତ ମଣ୍ଡପ ଦୁଇ କର୍ଣ୍ଣ ।୪୨।
ତଥି ଉପରେ ଗୋଲାହାଟ,
ଅନହତ ଶବଦ ବାଟ ।୪୩।
ନାସିକା ଅଗ୍ର କଳ୍ପବଟ,
ପ୍ରଳୟ କାଳେ ତହିଂ ଭେଟ ।୪୪।
ନାସା ଦଣ୍ଡି ଗରୁଡ଼ ଖମ୍ବ,
ଅର୍ଜୁନେ କହନ୍ତି ମାଧବ ।୪୫।
ବାମପୁଡ଼ା ଗରୁଡ଼ ସ୍ଥିତି,
ଡାହାଣେ ଭାସ୍କର ବସନ୍ତି ।୪୬।
ସେଠାରେ ରହି ହୋ ଅର୍ଜୁନ,
କରିବୁ ଏକ ମନେ ଧ୍ୟାନ ।୪୭।

ସେଠାରେ ଛନ୍ତି ବେନି ଦ୍ୱାରୀ
ନିତ୍ୟକୁ ଅଛନ୍ତି ଆବୋରି ।୪୮।
ବାମ ନାସାଟି କୁମ୍ଭକର୍ଣ୍ଣ,
ଡାହାଣ ନାସାଟି ରାବଣ ।୪୯।
ଏ ବେନି ବୀରେ ମହାବଳି,
ନିତ୍ୟକୁ ଅଛନ୍ତି ଆବୋରି ।୫୦।
ତଥି ଆଗେ ମଣୋହି କୋଠ,
ଛପନା ଜୀବେ ପଡ଼ି ବାଣ୍ଟ ।୫୧।
ତଥି ଆଗେ ଅର୍ଗଳି କାଠ,
ତାହାକୁ ବୋଲିଟି ତ୍ରିକୂଟ ।୫୨।
ତଥିରେ ବିଜେ ଦେବହରି,
କହିବା ଶୁଣ ହେତୁ କରି ।୫୩।
ତହିଁ ଉପରେ ସିଂହାସନ,
ସେଟି ହୋ ଅଟଇ ନୟନ ।୫୪।
ଧୋବଳା ଡ଼ୋଳା ବୋଲି ଯେହୁ,
ଶ୍ରୀ ବଳଭଦ୍ର ଅଟେ ସେହୁ ।୫୫।
ତଥି ଉପରେ କଳା ଜାଣି,
ସେଟି ସୁଭଦ୍ରା ଠାକୁରାଣୀ ।୫୬।
ତହିଁ ମଧ୍ୟେ ଯେଉଁ ପିତୁଳା,
ସେ ଜଗନ୍ନାଥ ଚକାଡ଼ୋଳା ।୫୭।
ତହିଁରେ ଯେହୁ ଝଟକନ୍ତି,
ନିରଞ୍ଜନଟି ସେହୁ ଜ୍ୟୋତି ।୫୮।
ଜ୍ୟୋତି ଉପରେ ଛନ୍ତି ଯେହୁ,
ଅଜ୍ୟୋତି ଅଟନ୍ତିଟି ସେହୁ ।୫୯।
ଏମନ୍ତ ପଞ୍ଚଦେବ ଜାଣ,
ଏଥୁ ଦେବତା ନାହିଁ ଆନ ।୬୦।

ଏଥୁ ଯେ ଆନ କେ କହିବା,
ଅନାଦି ଠାରୁ ବଡ଼ ହେବା ।୬୧।
ଏହାକୁ ବୁଝିଣ ଅର୍ଜୁନ,
ମୋ ପାଦପଦ୍ମେ ଦିଅ ମନ ।୬୨।
ଅର୍ଜୁନ ବୋଲଇ ଗୋସାଇଁ,
ସଂଶୟ କୁହ ଯେ ପିଟାଇ ।୬୩।
କହନ୍ତି ପ୍ରଭୁ ପୀତବାସ,
ଏ ପଞ୍ଚଭୂତ ଗୀତା ରସ ।୬୪।
ପ୍ରଘଟ ନ କରିବୁ କାହିଁ,
ମୋହର ପାଦ ଥାଅ ଛୁଇଁ ।୬୫।
ଅଜ୍ଞାନୀ ଜନଙ୍କୁ ନ କହି,
କହିଲେ ଶାପ୍ୟ ଯେ ହୁଅଇ ।୬୬।
ଗୁରୁ ଶିଷ୍ୟରେ ଏହା କହି,
ଶୁଣ ତୁ ଯୁଧିଷ୍ଠିର ଭାଇ ।୬୭।
ଲୁଚାଏ ବୁଲିଣ ନ ମର,
ଏହି ରସକୁ ଆଶ୍ରେ କର ।୬୮।
ନିଶ୍ଚଳ କଲେ ତୋର ମନ,
ତେବେ ପାଇବୁ ଦରଶନ ।୬୯।
ଦର୍ଶନ ଯେବେ ତୁ ପାଇବୁ,
ମୋହ ଅଙ୍ଗରେ ଲୀନ ହେବୁ ।୭୦।
ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦ,
ଶୁଣନ୍ତେ ନ ଲାଗେ ପ୍ରମାଦ ।୭୧।
କହଇ ଜଗନ୍ନାଥ ଦାସ,
ସୁଜନେ ଏହି ରସେ ରସ ।୭୨।

ଇତିଶ୍ରୀ ପଞ୍ଚଭୂତ ଗୀତା ଶେଷଦେବ ରୂପକ୍ଷେତ୍ର ବର୍ଣ୍ଣନେ ଯନ୍ତ୍ର କଥନେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦେ ନାମ ପ୍ରଥମ ଅଧ୍ୟାୟ ।

ଦ୍ୱିତୀୟ ଅଧ୍ୟାୟ

ପୁଣି ପଚାରିଲା ଅର୍ଜୁନ,
ଭୋ ପ୍ରଭୁ ନାରାୟେଣ ଶୁଣ ।୧।
ମନ୍ତ୍ର ଯେ ଯନ୍ତ୍ର ଆଦି କରି,
ତ୍ରିବୀଜେ କହ ନରହରି ।୨।
ଲୟାଙ୍ଗ ଲୀଳା ଅଙ୍ଗ କେହୁ,
ବିଳାସ ଅଙ୍ଗ ଆଜ୍ଞା ହେଉ ।୩।
କୃଷ୍ଣ ବୋଲନ୍ତି ତାହା ଶୁଣି,
ଶୁଣ ଭଗତ ଶିରୋମଣି ।୪।
ଲୟାଙ୍ଗ ଲଳିତା ସୁନ୍ଦରୀ,
ବିଳାସ ଅଙ୍ଗ ଚନ୍ଦ୍ରାବଳୀ ।୫।
ଲୀଳାଙ୍ଗ କିଶୋରୀ ଶରୀରେ,
ଲୀଳା କରନ୍ତି ସୁଖ ଭରେ ।୬।
ଏଥି ଭିତରେ ଅମଣିହାଂ,
ମଣୋହି ଅଙ୍ଗ କେହୁ ଏହା ।୭।
ମହା ପ୍ରସାଦ ଅଙ୍ଗ କେହୁ,
ଏହା କହିବା ମହାବାହୁ ।୮।
ଅର୍ଜୁନ ମୁଖକୁ ଅନାଇଂ,
ହସି କହନ୍ତି ଭାବଗ୍ରାହୀ ।୯।
ଦେବୀ ଯେ ଅମଣିହା କହି,
ତ୍ରିପୁରା ମଣୋହିରେ ରହି ।୧୦।
ପ୍ରେମଦା ଅଙ୍ଗେ ମା ପ୍ରସାଦ,
କେହି ନ ଜାଣେ ଏଥି ଭେଦ ।୧୧।

ରତି ଯେ ପ୍ରୀତି ଶୃତି ଜାଣ,
ଏହା କହିବ ନାରାୟଣ ।୧୨।
ପ୍ରୀତି ଦୂତୀକା ରାଧା ରତି,
କୃଷ୍ଣ ଯେ ଅଙ୍ଗେ ହୋଏ ଶୃତି ।୧୩।
ଭଜନ ଅଙ୍ଗ ବୀଜେ ଅଙ୍ଗ,
କେ ଅଙ୍ଗେ ଭଜି ନିତ୍ୟେ ସଙ୍ଗ ।୧୪।
ତ୍ରିପୁରା ଅଙ୍ଗଟି ଭଜନ,
ଶେଷ ସେ ଅଙ୍ଗ ବୀଜ ଜାଣ ।୧୫।
ଦେବୀର ଅଙ୍ଗ ମନ୍ତ୍ର ଜାଣ,
ଯେମନ୍ତେ ସୋଡ୍ରଷଟି ପୁଣ ।୧୬।
ଏଥି ମଧ୍ୟରେ ଗୁରୁ କେହି,
ଶିଷ୍ୟ ରହିବ କାହିଁ ଯାଇ ।୧୭।
ଗୁରୁ ଯେ ଠାକୁରାଣୀ ରୂପେ,
ସାଧଙ୍କେ ବିଭୂତିରେ ଗୋପ୍ୟେ ।୧୮।
ଅର୍ଜୁନ ବୋଲଇ ମାଧବ,
ଭୋ ପ୍ରଭୁ କୁହ ପଦ୍ମନାଭ ।୧୯।
ସହସ୍ର ଦଳର ପ୍ରଧାନ,
ଶତଦଳ କେ ଅଟେ ଜାଣ ।୨୦।
ବତିଶ ଦଳର ପ୍ରଧାନ,
ଚଉଷଠି କେହୁଟି ପୁଣ ।୨୧।
କୃଷ୍ଣ କହନ୍ତି ମୁଖେ ହସି,
ସହସ୍ର ଦଳରେ ବିଳାସି ।୨୨।
ତ୍ରିପୁରା ଛଡ଼ ଦଳେ ଜାଣ,
ସଦଳେ ବୃନ୍ଦାବତୀ ପୁଣ ।୨୩।
ଲଳିତା ଅଷ୍ଟଦଳେ ମେଳା,
ଷୋଳ ଦଳରେ ଟି ବିମଳା ।୨୪।

ବତିଶ ଦଳର ପ୍ରଧାନ,

ଚାରୁ ହାସେନି ତାଙ୍କ ନାମ ।୨୫।

ଚୌଷଠି ଦଳେ ରଙ୍ଗଦେବୀ,

ଅଛନ୍ତି ଯେଝା ସ୍ଥାନେ ସେବି ।୨୬।

ଅର୍ଜୁନ ବୋଲଇ ବଚନ,

କହ ହେ ଶ୍ରୀ ମଧୁସୂଦନ ।୨୭।

କି ମନ୍ତ୍ର ଭଜିଲେ ଗୋସାଇଂ,

କେଉଁ ସ୍ଥାନକୁ ବୋଲି ଯାଇ ।୨୮।

କୃଷ୍ଣ ବୋଲନ୍ତି ହେ ଅର୍ଜୁନ.

କହିବା ଏକ ମନେ ଶୁଣ ।୨୯।

ଏକାକ୍ଷର ମନ୍ତ୍ର ଜପିଲେ,

ମଣିକୂଟକୁ ଯାଇ ଭଲେ ।୩୦।

ଓଁ ରାଧିକାୟ ନମଃ

ଦଶାକ୍ଷର ମନ୍ତ୍ର ଭଜିଲେ,

ବିମଳା ଦେବୀ ପାଇ ଭଲେ ।୩୧।

ଓଁ କ୍ଲୀଁ ଗୋପୀଜନ ବଲ୍ଲଭାୟ ସ୍ୱାହା

ସମସ୍ତ ଅକ୍ଷର ଭଜିଲେ,

ଯୋଗ ଯେ ମାୟା ପାଇ ଭଲେ ।୩୨।

ବ୍ରହ୍ମବିଦ୍ୟା ଅକ୍ଷର ଧାଇଂ,

ଅନ୍ଧକାର ଭୂମିକି ଯାଇ ।୩୩।

ମହା ନାରାୟଣ ଯେ ମନ୍ତ୍ର,

ଚୌଷଠି ଦଳେ ପାଇ ତତ୍ତ୍ୱ ।୩୪।

ଶ୍ଳୋକ - ହକ୍ଷର ଶେଷ ଦେବଂ ଚ ।
ରେକ୍ଷର ରେବତୀ ସ୍ତଥା ।
ରାକ୍ଷର ପ୍ରେମରୂପାଂ ଚ ।
ମକ୍ଷର ଲଳିତା କୃତଂ ।
କୃକ୍ଷର ଚନ୍ଦ୍ରାବଳୀ ଶ୍ଚୈବ ।
ଷକ୍ଷର ରାଧିକା ସ୍ତଥା ।
ତ୍ରୀଅ ନାମ ଛଡ଼ାକ୍ଷରଂ ଚ ।
ଜଗନ୍ନାଥ ସ୍ୱରୂପକଂ ।

ତ୍ରିଅ ଯେ ବୃନ୍ଦାବନ କେହୁ । ପ୍ରେମ ବୃନ୍ଦାବନ ସେ କାହୁଁ ।୩୫।
ସୁଖ ଯେ ବୃନ୍ଦାବନ କାହିଁ । ନିତ୍ୟ ବୃନ୍ଦାବନ ଗୋସାଇଁ ।୩୬।
କହିବ ଆଦି ଅନ୍ତ କରି । ଶୁଣି ମୁଁ ନିସ୍ତରିବି ହରି ।୩୭।
କୃଷ୍ଣ କହନ୍ତି ଅର୍ଜୁନଙ୍କୁ । ଶୁଣି ଆନନ୍ଦ ତାର ବୁକୁ ।୩୮।
ପ୍ରେମ ବୃନ୍ଦାବନ ଯେ କଟି । ସୁଖ ବୃନ୍ଦାବନ ମୁଖଟି ।୩୯।
ନିତ୍ୟେ ଯେ ବୃନ୍ଦାବନ ଜାଣ । ଡାହାଣ ନୟନ ମଧ୍ୟେଣ ।୪୦।
ନିତ୍ୟ କାଳନ୍ଦି ସ୍ଥାନ କହି । ପ୍ରେମ କାଳନ୍ଦି କେହୁ ହୋଇ ।୪୧।

ନିତ୍ୟ କାଳନ୍ଦି ସ୍ଥାନ ଜ୍ୟୋତି,
ସୁଖ କାଳନ୍ଦି ବୃନ୍ଦାବତୀ ।୪୨।
ପ୍ରେମ କାଳନ୍ଦି ପ୍ରେମ ରୂପା,
ଅଛନ୍ତି ଗୁପତେ ରାଧିକା ।୪୩।
କାଳନ୍ଦି ଦଳ ଅଛି କାହିଁ,
ସହସ୍ର ଦଳ କେ ବୋଲାଇ ।୪୪।
ଶତ ଯେ ଦଳ ଛଡ଼ ଦଳ,
ଅଷ୍ଟ ଯେ ଦଳ କେଉଁ ଶିର ।୪୫।

ଷୋଳଦଳ ବତିଶ କାହିଁ,
ଚୌଷଠି ଦଳ କେଉଁଠାଇଂ ।୪୬।
ଏହା କହିବ ଭାବଗ୍ରାହୀ,
ଶୁଣି ଆନନ୍ଦ ହେବ ଦେହି ।୪୭।
ସହସ୍ର ଦଳ ସେ ଶରୀରେ,
ଶତ ଦଳ କିଶୋରୀ ଶିରେ ।୪୮।
ଛଦଳ ମହାନନ୍ତ ଶିରେ,
ଅଷ୍ଟ ଦଳ ସେହି ଗର୍ଭରେ ।୪୯।
ଷୋଳ ଦଳ ବଳଭଦ୍ରରେ,
ବତିଶ ଦଳ ତା ହୃଦରେ ।୫୦।
ଷୋଡ଼ଶ ପିଠି ଅଛି କାହିଁ,
ଷୋଡ଼ଶ ବିଶ୍ରାମରେ ଭୂଇଁ ।୫୧।
ଷୋଡ଼ା ପ୍ରଧାନ ଲଳିତା,
ସର୍ବ ସଖିରେ ସେହୁ ଜିତା ।୫୨।
ଷୋଡ଼ଶ ପିଠି ସେହି ଠାଇଁ/
ଗୋପ୍ୟନେ ଅଛି ସେହି ରହି ।୫୩।
ନାମ ସୂତ୍ର ହିଂ ସେ ଚାଲୁଛି,
ସେଠାରେ ନାମ ସୂତ୍ର ଅଛି ।୫୪।
କିଶୋର କିଶୋରୀଙ୍କ ମୁଖ,
ବେନି ସେଠାରେ ଏକ ଦେଖ ।୫୫।
ଅର୍ଜୁନ ଶୁଣିଣ ହରଷ,
କହିଲେ ପ୍ରଭୁ ପିତବାସ ।୫୬।
କୃଷ୍ଣ ଅର୍ଜୁନଙ୍କ ସମ୍ବାଦ,
ଶୁଣନ୍ତେ ନ ଲାଗେ ପ୍ରମାଦ ।୫୭।
ଶୁଣିଣ ରାମଚନ୍ଦ୍ର ତୋଷ,
କହିଲେ ଜଗନ୍ନାଥ ଦାସ ।୫୮।

ଇତି ଶ୍ରୀ ପଞ୍ଚଭୂତ ଗୀତା ମନ୍ତ୍ରଂ ଯନ୍ତ୍ରଂ କଥନେ,
କୃଷ୍ଣ ଅର୍ଜୁନ ସମ୍ବାଦେ ନାମ ଦ୍ୱିତୀୟ ଅଧ୍ୟାୟ ।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୨-୨ କେମନ୍ତେ= କେମଚେ (କ) । ୩-୧ ତୋହର=ଚୋହୋର (କ)(ଖ) । ୬-୨ ଯେମନ୍ତେ=ଯେମତେ (କ) । ୭-୨ ଜଗନ୍ନାଥ=ଯଗର୍ନ୍ନାଥ (କ)(ଗ) । ୮-୧ କୋଣ=କୁଣ(କ) । ୧୨-୨ ସୁଦର୍ଶନ=ସୁଦ୍ରିସନ (କ), ସୁଦ୍ରେସନ(ଖ) । ୧୩-୧ ଅଜ୍ୟୋଚି=ଅଯୋତି (କ)(ଗ) । ୧୫-୧ ସମୁଦ୍ର=ସମୋଦ୍ର (କ)(ଖ), ସୋମୋଦ୍ର (ଗ), ୧୫-୨ ମୁକତି=ମୁକଚ (କ) ୧୬-୧ ପଶ୍ଚିମ=ପଛିମ(କ)(ଖ)(ଗ) । ୧୯-୧ ବୈତରଣୀ=ବଇତ୍ରଣି (କ) । ୨୧-୧ ବିରଜା= ବିରଯା (କ)(ଖ) । ୨୫-୧ କଟକ=କଟେକ (କ)(ଗ) । ୨୭-୨ ପୁରସ୍ତମ=ପୋରସ୍ତମ (କ) ପୁରସ୍ତମ (ଖ)(ଗ) । ୨୮-୨ ସିଦ୍ଧ=ସିଧ୍ୟଂ (କ)(ଗ), ସିଧ (ଖ) । ୨୯-୨ ମୂର୍ତ୍ତି=ମୃତି (କ)(ଖ)(ଗ) । ୩୪-୧ ଚତୁର୍ଭୁଜ=ଚତୃଭୁଜ (କ) ୩୪-୨ ନଳା=ଲଲା (କ) । ୫୪-୧ ସିଂଘାସନ=ସିଘାଂସନ (କ) । ୫୫-୧ ଧୋବଲା=ଧୋବୋଲା (କ)(ଗ) । ୫୮-୨ ଜ୍ୟୋଚି=ଯୋତି (କ) ୫୯-୧ ଜ୍ୟୋତି=ଯୋଚି (କ), ଅଜ୍ୟୋଚି=ଅଯୋତି (କ) । ୬୦-୧ ପଞ୍ଚୁ=ପଚୁଂ (କ) । ୬୩-୨ ସଂଶୟ=ସସଂୟ (କ) (ଗ) । ୬୭-୧ ଶିଷ୍ୟ=ସିସ (କ)(ଖ)(ଗ), ୬୭-୨ ଯୁଧିଷ୍ଠିର =ଯୁଯେଷ୍ଠିର (କ) ୭୦-୧ ଦର୍ଶନ=ଦ୍ରଶନ (କ)(ଖ)(ଗ), ୭୦-୨ ଲୀନ=ନିନ (କ)(ଖ) । ୭୧-୧ ସମ୍ବାଦ=ସଂମ୍ଭାଦ (କ)(ଖ) ।

ଦ୍ୱିତୀୟ ଅଧ୍ୟାୟ

୩-୧ ଲୟାଙ୍ଗ=ଲୟେଙ୍ଗ (କ) । ୫-୧ ଲୟାଙ୍ଗ=ଲୟେଙ୍ଗ (କ) । ୧୨-୨ ନାରାୟଣ=ନାରାଏଣେ (କ) । ୧୭-୨ ଶିଷ୍ୟ=ସିସ (କ)(ଖ)(ଗ) । ୨୦-୨ କେ ଅଟେ=ପ୍ରଧାନ (କ) । ୨୫-୨ ହାସେନୀ=ହସଂନି (କ) ।୨୭-୨ ସୂଛନ=ସୋଦନ (କ)(ଗ) । ୪୨-୧ ଜ୍ୟୋତି=ଯୋତି (କ) । ୪୮-୧ ଶରୀରେ=ସ୍ୱରିରେ (କ), ଶୋରୀରେ (ଖ)(ଗ) । ୫୭-୧ ସୟାଦ=ସମ୍ବାଦ (କ) (ଖ) ।

□□□

ବ୍ରହ୍ମଗୀତା

ବା

ଦୂତୀବୋଧ

ପୋଥି ପ୍ରାପ୍ତି

(କ) ଉତ୍କଳ ବିଶ୍ୱବିଦ୍ୟାଳୟ ପରିଡା ପାଠାଗାର-ପୋଥି ନଂ, cy- ୩୨୫

(ଖ) ଶ୍ରୀ ସନାତନ ସାହୁ,-ସା ବାଜପୁର, ଜି-ପୁରୀ,

ଏକ ଦିନେ ସହଚରୀ ରାଧାପାଦ ଧରି
ଜହ ଫେଡ଼ିଣ ସନ୍ଦେଶ ମୋ ମନୁ ପ୍ରାଣେଶ୍ୱରୀ । ୧।
କହଇ ସନ୍ଦେଶ ଯାହା ଶୁଣ ମନ ଦେଇ
ଅନାମ ବୃତ୍ତାନ୍ତ ମୋତେ କହିବ ବୁଝାଇ ଗୋ ।୨।
କେମନ୍ତେ ସେ ଅନାମିକା କାହୁଂ ଜାତ ହେଲେ
ପଞ୍ଚମାତ୍ରା କିଏ କାହିଂ କେମନ୍ତେ ରହିଲେ ଗୋ ।୩।
ପଞ୍ଚବୀଜ ପଞ୍ଚବର୍ଣ୍ଣ ପଞ୍ଚଭୂତ କେହୁ
ଗୁରୁ ଶିଷ୍ୟ ଜଗନ୍ନାଥ ପୁଣ୍ୟ ଭଜ କେହୁ ଗୋ ।୪।
ଚଉଷଠି ବୀଜେ ଆଠ ଅକ୍ଷର ହିଂ କେତେ
ଗାଇର ବୃତ୍ତାନ୍ତ ତହିଂ ବୁଝାଇବ ଥୋକେ ଗୋ ।୫।
ଗାବ କେହୁ ବଛା କେହୁ ରକ୍ଷକ କେ ପୁଣି
ଶବଦ କେହୁ ପୁଣି କେ କେହୁ ଯେ ଛନ୍ଦଣି ଗୋ ।୬।
ଦୁଗ୍ଧ କେହୁ କେହୁ ପୁଣି ତାକୁ ଯେ ଭକ୍ଷଇ
ଭକ୍ଷିଲେଣ ପୁଣ୍ୟ ତାକୁ କିସ ଯେ ହୁଅଇ ଗୋ ।୭।
ଆହୁରି ଯେ କଥା ଯେକ କହଇ ସଂଗାତ
ମନ୍ତ୍ରରାଜ ବୋଲିଣ ଅକ୍ଷର ଷଟଦଶ ଗୋ ।୮।
କେମନ୍ତେ ସେ ଅନାମିକା ଯୁକ୍ତ ହୋଇଛନ୍ତି
ଅନାମେ ବୁଝାଇ ମୋତେ କୁହ କୁନ୍ଦଦନ୍ତୀ ଗୋ ।୯।
ଶୁଣି ରାଧା ଠାକୁରାଣୀ ହସିଣ କହନ୍ତି
ଦେବେ ଅଗୋଚର ଯାହା ପଚାରିଲୁ ଦୂତୀ ଗୋ ।୧୦।
କୋଟି ଯଜ୍ଞ ବାରବ୍ରତ ତପ କରିଥିଲେ
ଯେ ଭେଦ ଜାଣଇ ପୂର୍ବ ତପଫଳ ବଳେ ଗୋ ।୧୧।
ଗୁପତ କରିବୁ ଯେହା ନ କହିବୁ କାହିଁ
ଅନାମିକା ବୃତ୍ତାନ୍ତ ଯେ ଶୁଣ ମନ ଦେଇ ଗୋ ।୧୨।
ମହାଶୂନ୍ୟ ଶବଦ ଯେ ଉତପତି ହେଲା
ଅକାର ଶବଦ ଧରି ଶୂନ୍ୟରେ ବ୍ୟାପିଲା ଗୋ ।୧୩।
ପଞ୍ଚମାତ୍ରା ସଙ୍ଗେ ଘେନି ମଣ୍ଡଳା ହୋଇଲା
ଆକାର ଉକାର ଯେ ଯେକାର ବୋଲାଇଲା ଗୋ ।୧୪।
ଇକାର ଅଂକାର ଏହି ପଞ୍ଚମାତ୍ରା ଜାଣ
ପଞ୍ଚବୀଜ ଯେହି ହେଲେ ମନେ ପରିମାଣ ଗୋ ।୧୫।

ଆକାର ଯେ ହ୍ରୀଂ ହେଲେ ଉକାର ଯେ ଶ୍ରୀଁ
କ୍ଲୀଁ ଯେ ଯେକାର ହେଲେ ଇକାର ଯେ ଧ୍ରୀଁ ଗୋ ।୧୬।
ଆକାର ଯେ କ୍ଲୀଁ କହି ପଞ୍ଚବୀଜ ଯେହି
ଶ୍ୱେତ ପୀତ ଲୋହିତ କୁଙ୍କୁମ ନୀଳ ହୋଇ ଗୋ ।୧୭।
ପୃଥ୍ୱି ଆପ ତେଜ ବାୟୁ ଆକାଶ ଯେ ପାଞ୍ଚ
ଓଁ ହ୍ରୀଁ ଶ୍ରୀଁ କ୍ଲୀଁ ପ୍ଲୀଁ ଗୋପୀଜନ ବଲ୍ଲଭାୟ ସ୍ୱାହା
ଆକାର ଉକାର ଇକାର ଯେହି ପାଞ୍ଚ ଗୋ ।୧୮।
ଙଂକାର ଅକାର ପଞ୍ଚଭୂତ ଆତ୍ମା ଯେହି
ଗୁରୁ ଶିଷ୍ୟ ଜଗନ୍ନାଥ ଶୁଣ ଯେବେ କହି ଗୋ ।୧୯।
ଉକାର ଯେ ଅକାର ଯେ ବ୍ରହ୍ମ ଗୁରୁ ଯେହି
ଆକାର ଇକାର ଦୁଇ ଶିଷ୍ୟ ବୋଲି କହି ଗୋ ।୨୦।
ଯେକାର ଅଂକାର ଜଗନ୍ନାଥ ବୋଲି ଜାଣ
ଚଉଷଠି ବୀଜ ଆଠ ଅକ୍ଷର ଯେବେ ଶୁଣ ଗୋ ।୨୧।
ଆକାର ଯେ ପର କହି ରଜ ଯେବେ ଶୁଣ
ଉକାର ଅଂକାର ରଜ ବୋଲି ପରିମାଣ ଗୋ ।୨୨।
ଆକାର ଇକାର ସସ ଦୁଇଅକ୍ଷର ହୋଇ
ଯେକାର ଆକାର ବନ୍ଦ ଦୁଇବୋଲି କହି ଗୋ ।୨୩।
ଅବନା ଆଠ ଅକ୍ଷର ଅନାମରେ ସ୍ଥିତି
ଗାୟତ୍ରୀ ଚରିତ୍ର ତୁହି ଶୁଣ ଯେବେ ଦୂତୀ ଗୋ ।୨୪।
ଆକାର ଯେ ଗାବ ହୋଇ ପଞ୍ଚମାତ୍ରା ବଛା
କାମ ବୀଜ ଗୋପାଳ ଯେ ଗାବ କରେ ରକ୍ଷା ଗୋ ।୨୫।
ପରା ବୀଜ ଶବଦ ଦୁହୁଁଣି ରମା ବୀଜ
ଧ୍ରୀଁକୁ ଛନ୍ଦଣି କହି ପ୍ଲୀଁ ଦୁଗ୍ଧ ହେଜ ଗୋ ।୨୬।
ପରମରୁ ଗଳେ ଯେଣୁ ପ୍ରେମ ଦୁଗ୍ଧ ନାମ
ପାଇଣ ସୁଜ୍ଞାନୀ ଜନେ ହୁଅନ୍ତି ନିମଗ୍ନ ଗୋ ।୨୭।
ମନ୍ତ୍ରରାଜ ଷଟଦଶ ଅକ୍ଷର ଯେ କହି
ରମା ଗୋପୀ ଉକାରରେ ଛନ୍ତି ସ୍ଥିତି ହୋଇ ଗୋ ।୨୮।
ପରା ବୀଜ ଜନ ଘେନି ଅକାରରେ ରହି
କାମ ବୀଜ ବଲ୍ଲଭାୟ ଯେକାର ଅଟଇ ଗୋ ।୨୯।
ଇକାର ଅଂକାର ସ୍ୱାହା ମନେ ହେଜି ଘେନ
ଦ୍ରିୟ ବୀଜ ପୁନରପି ବସଇ ଅନାମ ଗୋ ।୩୦।

ଏତେ ଛନ୍ଦେ ଅନାମିକା ପ୍ରକଟ ହୋଇଛି
କେତେକ କହିବି ଅବତାର ପରିପାଠି ଗୋ ।୩୧।
ଶୁଣି ଦୂତୀ ରାଧା ପାଦେ ପ୍ରଣମିତ କଲା
ସନ୍ଦେଶ ଫିଟିଲା ନିସ୍ତରିଲି ଯେ ବୋଇଲା ଗୋ ।୩୨।
କଳ୍ପବଟ ମୂଳେ ବସି ସେବା ଖଟିଥିଲି
ଦୂତୀକି କହିଲେ ରାଧା କର୍ଣ୍ଣରେ ଶୁଣିଲି ଗୋ ।୩୩।
ଗୁରୁଦେବ ପ୍ରସନ୍ନେଣ ବୁଝାଇଲେ ମୋତେ
ଶୁଣି ସଜ୍ଜନେ ଦୋଷ ନ ଧରିବ ଚିତ୍ତେ ଗୋ ।୩୪।
ବିପ୍ରକୁଳେ ଜାତ ହୋଇ କିଛି ନ ଜାଣଇଂ
ଅତିବଡ଼ ବୋଲି ଶ୍ରୀ ଚୈତନ୍ୟଚନ୍ଦ୍ର କହି ଗୋ ।୩୫।
ଜଗନ୍ନାଥ ଦାସ ବୋଲି ନାମ ମୋ ହୋଇଲା
ସଦଗୁରୁ କୃପାରେଣ ସନ୍ଦେଶ ଫିଟିଲା ଗୋ ।୩୬।
ସଜ୍ଜନ ହିତେ ଯେହା କଲଇଂ ପ୍ରକାଶ
କଣ୍ଠେ ବସି କହିଦେଲେ ପ୍ରଭୁ ପୀତବାସ ଗୋ ।୩୭।
ଅଷ୍ଟତ୍ରିଂଶ ପଦ ଯହୁଂ ହୋଇଲାକ ଶେଷ
ଜଗନ୍ନାଥ ଦାସ କଲା ନୀଳଗିରି ଆଶ ଗୋ ।୩୮।

ଇତି ଶ୍ରୀ ଦୂତୀବୋଧ ଗୁରୁଶିଷ୍ୟ ସମ୍ବାଦେ ନାମବ୍ରହ୍ମ ସଦାଜୟେ ସମ୍ପୂର୍ଣ୍ଣ ।
ପାଠାନ୍ତର:-

୧-୨ ମୋ=ମୋର (ଖ)। ୩-୨କି ଏ=କେ (କ)। ୮-୧ ସଂଗାତ=ସଘାଂତ (କ)। ୧୬-୨ ଯେକାର=ଇଂକାର (କ)।୧୭-୨ ଶ୍ୱେତ=ସେତ (କ)। ୨୩-୧ ସସ=ସମ (କ), ହୋଇ= କ୍ଷୋଇ (କ)। ୨୪-୨ ଗାୟତ୍ରୀ=ଗାଇସ୍ତ୍ରୀ (କ)।୩୦-୧ ଘେନ = ଘେନି (କ), ୩୧-୧ ପ୍ରକଟ = ପ୍ରଘଟ (ଖ) ୩୩-୧ ମୂଳେ=ତଳେ (ଖ)। ୩୬-୧ ମୋ ହୋଇଲା=ମୋର ହେଲା (ଖ)। ୩୭-୧ ସଜ୍ଜ=ଗ୍ରନ୍ଥ (ଖ), ହିତେ ଯେହା କଲଇଂ= ହିତରେ ଯେ କରଇଂ (ଖ), ୩୭-୨ ପୀତବାସ=ଶ୍ରୀନିବାସ (ଖ)। ୩୮-୧ ଯହୁଁ ହୋଇଲାକ ଶେଷ=ଏହୁ ହୋଇଲା ସମ୍ପୂର୍ଣ୍ଣ (ଖ), ୩୮-୨ କଲା=କଲେ (ଖ), ଆଶ=ଧ୍ୟାନ (ଖ)

୦୦୦

ନାମ ଚନ୍ଦ୍ରିକା

ପୋଥି ପ୍ରାପ୍ତି

(କ) ପ୍ରକାଶକ-ବଡ଼ ଓଡ଼ିଆ ମଠ, ପୁରୀ, ୧୯୭୯

(ଖ) ପଣ୍ଡିତ ଶ୍ରୀନିବାସ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

(ଗ) ଶ୍ରୀ ଗୌତମ ସ୍ୱାଇଁ, ସା-ଛତାହର, ଜି-ପୁରୀ

ପ୍ରଥମ ଅଧ୍ୟାୟ

ଶ୍ରୀ ଗଣେଶାୟ ନମଃ । ଅବିଘ୍ନମସ୍ତୁ ।

ଗୁରୁଃ ବ୍ରହ୍ମା ଗୁରୁଃ ବିଷ୍ଣୁ ଗୁରୁଦେବ ମହେଶ୍ୱରଃ
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।

ନମଇଂ ଶ୍ରୀଗୁରୁ ପୟର । ପୟର ଅଟେ ଗଙ୍ଗାନୀର ।୧।
ସେ ନୀର ସ୍ମରଣର ମାତ୍ରେ । ଦୁରିତ ନରହଇ ଗାତ୍ରେ ।୨।
ନମଇଂ ପ୍ରଭୁ ପଦ୍ମ ପାଦ । ନମସ୍ତେ ଚରଣାର ବିନ୍ଦ ।୩।
ଗୋବିନ୍ଦ ପାଦେ ଆଶ୍ରାକରି । ଭବୁତରିବେ ନରନାରୀ ।୪।
ସେ ପାଦ ଚିନ୍ତି ସାଧୁଜନେ । ତରିଲେ ଅଶେଷ ବନ୍ଧନେ ।୫।
ଗୋବିନ୍ଦ ଚରଣ କମଳ । ସ୍ମରନ୍ତେ ଖଣ୍ଡେ ଅମଙ୍ଗଳ ।୬।
ନାମ ମାତ୍ର କେ ପାପନାଶେ । ଅଶେଷ କଳୁଷ ବିନାଶେ ।୭।
ସେ ନାମ ତତ୍ତ୍ୱ ସାରବ୍ରହ୍ମ । ଭାବିଲେ ଭକ୍ତିମୁକ୍ତି ଜାଣ ।୮।
ନାମର ତତ୍ତ୍ୱଟି ଅନାମ । ଭଗତ ଠାବ କଲେ ପୁଣ ।୯।
ଭଗତି ଭାବେ ଭାବକରି । ଅନେକ ଦ୍ୱାରାବତୀ ପୁରୀ ।୧୦।
ନାମ ପରମ ରସ ସାର । ଭାବି ତରିଲେ ସାଧୁନର ।୧୧।
ନାମଟି ସାରସତ୍ତ୍ୱ ଜ୍ଞାନ । ନାମଟି ସ୍ୱୟଂ ପରବ୍ରହ୍ମ ।୧୨।
ନାମକୁ ଯେହୁ ଆଶ୍ରା କରେ । ଭବସାଗରୁ ପ୍ରାଣୀତରେ ।୧୩।
ଏ ନାମ ଭଜିଣ ନାରଦ । ବୀଣା ଯନ୍ତ୍ରରେ ବାଦ୍ୟନାଦ ।୧୪।
ନାମକୁ ଭଜି ପ୍ରହଲ୍ଲାଦ । ମେଣ୍ଟିଲେ ଅଶେଷ ବିପଦ ।୧୫।
ନାମକୁ ଭଜି ଧ୍ରୁବସିନା । ବାସ ପାଇଲେ ଶିଶୁମନା ।୧୬।
ନାମକୁ ଭଜି ହନୁମାନ । ଅମରେ ବାସ ପାଇପୁଣ ।୧୭।
ନାମକୁ ଭଜିଣ ଭୁଷଣ୍ଡ । ଅମର କଲା ନିଜ ପିଣ୍ଡ ।୧୮।

ବଶିଷ୍ଠ ଭଜିଲେ ସେନାମ	।	ଋଷିଙ୍କ ମଧ୍ୟେ ହେଲେ ଧନ୍ୟ	।୧୯।
ନାମକୁ ଈଶ୍ୱର ଭଜିଲେ	।	ପ୍ରଳୟ କାଳ ମେଣ୍ଟାଇଲେ	।୨୦।
ଉଦ୍ଧବ ଶ୍ରୀକୃଷ୍ଣ ପାଶରେ	।	ଚରଣେ ଦଣ୍ଡବତ କରେ	।୨୧।
ସମସ୍ତ କୁଶଳ ବାରତା	।	ପୁଚ୍ଛିଲେ ପ୍ରଭୁ ଜଗନ୍ନତା	।୨୨।
ଭକ୍ତିରେ ବଶଟି ଉଦ୍ଧବ	।	କିବା କହିବା ପଦ୍ମନାଭ	।୨୩।
ତୋ ପାଦପଦ୍ମ ସୁଧାନିଧି	।	ନିତ୍ୟେ ଚିନ୍ତଇ ବାରାନିଧି	।୨୪।
ଏବେ ମୋ ମନରେ ସନ୍ଦେହ	।	ଫେଡ଼ି କହିବା ଅନୁଗ୍ରହ	।୨୫।
ଏ ଜୀବ ମାୟା ମୋହେ ପଡ଼ି	।	ମରୁଛି ଭବଜଳେ ବୁଡ଼ି	।୨୬।
କେମନ୍ତେ ସଂସାରୁ ତରିବ	।	କାରଣ କହ ପଦ୍ମନାଭ	।୨୭।
ଉଦ୍ଧବ ବାକ୍ୟେ ଚକ୍ରପାଣି	।	ନାମର ମହିମା ବଖାଣି	।୨୮।
ଶୁଣ ଉଦ୍ଧବ ଜ୍ଞାନପଥ	।	ସେ ନାମ ଜଗତ ପବିତ୍ର	।୨୯।
ସେ ନାମ ହୃଦରେ ସୁମର	।	ଅଶେଷ ଦୁରିତୁ ନିସ୍ତାର	।୩୦।
ନାମକୁ ଆଶ୍ରେ କଲେ ପ୍ରାଣୀ	।	ତରନ୍ତି ଭବତରଙ୍ଗିଣୀ	।୩୧।

ଉଦ୍ଧବ ଉବାଚ

ଭୋ ପ୍ରଭୁ ଜଗତ ଜୀବନ	।	କେମନ୍ତେ ଚିହ୍ନିବି ମୁଁ ନାମ	।୩୨।
ନାମର ତତ୍ତ୍ୱ କହ ଫେଇ	।	ଚରଣେ ଶରଣ ପଶଇ	।୩୩।
ଭୋ ପ୍ରଭୁ କମଳ ଲୋଚନ	।	କହିବା ନାମ ତତ୍ତ୍ୱ ଜ୍ଞାନ	।୩୪।
ଉଦ୍ଧବ ବାକ୍ୟେ ଦୟାମଣି	।	କହନ୍ତି ଜୀବ ଆତ୍ମା ବାଣୀ	।୩୫।
ତ୍ରିଗୁଣ ରୂପି ସନାତନ	।	ଏ ଜୀବ ସ୍ୱୟଂ ଅଟେ ବ୍ରହ୍ମ	।୩୬।
ଜୀବ ଅବିନାଶୀ ବୋଲାଇ	।	ଅବ୍ୟକ୍ତ ବ୍ୟକ୍ତିଟି ନୁହଁଇ	।୩୭।
ପରମ ପୁରୁଷ ଚରଣ	।	ଆଶ୍ରୟେ ଜୀବର କାରଣ	।୩୮।
କରତୁ ସତ୍ୟ ବାକ୍ୟଧରି	।	ଗୁରୁ ଚରଣେ ସେବା କରି	।୩୯।
ମୁହିଁଟି ବ୍ରହ୍ମ ଗୁରୁ ରୂପ	।	ମୋ ବିନୁ ନୁହେଁ ଅନ୍ୟକଳ୍ପ	।୪୦।
ତୁ ଏବେୟେକ ମନେକର	।	ପାଇବୁ ବ୍ରହ୍ମର ବିଚାର	।୪୧।
ସାତ୍ତ୍ୱିକ ଭାବ ହୃଦେଧରି	।	ମନ ଚୈତନ୍ୟ ୟେକ କରି	।୪୨।

ବୁଦ୍ଧି କି ବିବେକ ବିଚାର	।	ପରମ ଜ୍ଞାନ ହୃଦେଧର	।୪୩।
ସାଧନା ସାଧି ହେତୁ କରି	।	ଅଷ୍ଟାଙ୍ଗେ ଯୋଗକୁ ବିଚାରି	।୪୪।
ଅଷ୍ଟାଦଶ ଯେ ସିଦ୍ଧି ଯେତେ	।	ଏ ମଧ୍ୟେ ଅଷ୍ଟାଙ୍ଗ ଭକତେ	।୪୫।
କହିବା ତେତେ ଦିବ୍ୟ ଜ୍ଞାନ	।	ଉଦ୍ଧବ ସାଧୁତୋ ବଚନ	।୪୬।

ଶ୍ଳୋକ

ମନ୍ତ୍ର ଯନ୍ତ୍ର ତନ୍ତ୍ର ଷୈର୍ବ୍ୟା ଜ୍ୟୋତି ଅବାଡ଼କଂ
ହୃଦିସ୍ଥିତଂ ପରମାତ୍ମାନାଂ ଏତାନି ସାଧକ ଲକ୍ଷଣଂ ।

ଗୀତ

ହରେ ରାମ କୃଷ୍ଣ ଯେ ମନ୍ତ୍ର	।	ଉଜ୍ଜ୍ୱଳ ସାର ସତ୍ତ୍ୱତତ୍ତ୍ୱ	।୪୭।
ଓମତି ଅର୍ଦ୍ଧମାତ୍ରା ବିନ୍ଦୁ	।	ଅକ୍ଷର ଓଁ କାର କୁ ଛନ୍ଦୁ	।୪୮।
ଏଥିରୁ ତିନି ବୀଜ ହେଲା	।	ହ୍ଲୀ, ଶ୍ରୀଂ, କ୍ଲୀଂ, ତ୍ରିୟ ର୍ବୋଲାଇଲା	।୪୯।
ହ୍ଲୀଂଟି ଯେ ହରେ ବଳଦେବ	।	ଶ୍ଳୀଂ ଟି ରାମ, ସୁଭଦ୍ରା ଭାବ	।୫୦।
କ୍ଲୀଂଟି କୃଷ୍ଣ ଜଗନ୍ନାଥ	।	ତ୍ରିନାମେ ତ୍ରିବେଦ ପ୍ରତ୍ୟକ୍ଷ	।୫୧।
ହରେରାମ କୃଷ୍ଣଟି ନାମ	।	ଏଥୁ ଦ୍ୱାତ୍ରିଂଶ କ୍ଷର ଜାଣ	।୫୨।
ଷୋଳ ନାମଟି ବୋଲାଇଲା	।	ଏମନ୍ତ ମନ୍ତ୍ରକୁ ଲିହିଲା	।୫୩।

ମନ୍ତ୍ର

ହରେ ରାମ ହରେ ରାମ ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ

ଏ ହରେ ରାମ ମନ୍ତ୍ର ରାଜ	।	ଏହାକୁ ହେତୁ ମତି ହେଜ	।୫୪।
ବୋଲଇ ଜଗନ୍ନାଥ ଦାସ	।	ନାମଚନ୍ଦ୍ରିକା ତତ୍ତ୍ୱ ରସ	।୫୫।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀ କୃଷ୍ଣ ଉଦ୍ଧବ ସମ୍ବାଦେ ନାମ ପ୍ରଥମ ଅଧ୍ୟାୟ

ଦ୍ୱିତୀୟ ଅଧ୍ୟାୟ

ଶ୍ରୀକୃଷ୍ଣ ପଦ୍ମ ପାଦେ ପଡ଼ି । କହେ ଉଦ୍ଧବ କରଯୋଡ଼ି ।୧।
ଭୋ ନାଥ କମଳ ଲୋଚନ । କହନ୍ତୁ ଭକ୍ତିର ଲକ୍ଷଣ ।୨।

ଶ୍ରୀ ଭଗବାନ ଉବାଚଃ

କହନ୍ତି ପ୍ରଭୁ ନାରାୟଣ । ଶୁଣ ଉଦ୍ଧବ ତୁ ନିର୍ଗୁଣ ।୩।
ଅଣାକାର ସ୍ୱରୂପ ମୁହିଁ । ଆକାରେ ପୂରିଅଛି ମୁହିଁ ।୪।
ମୁହିଁ ଅନନ୍ତ ନିରଞ୍ଜନ । ଚାରି ଖାନିରେ ମୁଁ ବିଶ୍ରାମ ।୫।
ଶୁଣ କହିବା ମନ୍ତ୍ର ଭେଦ । ପ୍ରଥମେ ଅବେଦ ଅଭେଦ ।୬।
ଶୂନ୍ୟରୁ ଶୂନ୍ୟ ହେଲା ଜାତ । ତହୁଁ ଉପୁଜିଲା ମହତ୍ତ୍ୱ ।୭।
ଶୂନ୍ୟ ଶବଦ ଅଣାକାର । ଶୁଣ ତୁ ଯନ୍ତ୍ର ଭେଦ ସାର ।୮।
ପ୍ରଥମେ ବିନ୍ଦୁ ପାଶେ ରେହ । ପାରୁଶେ ଆକାରକୁ ଥୁଅ ।୯।
ଦକ୍ଷିଣେ ଦଣ୍ଡକୁ ଦେଇଣ । ମଣ୍ଡଳେ ବସାଇବ ଶୂନ ।୧୦।
ଅର୍ଦ୍ଧମାତ୍ରାକୁ ବାମେ ଦେଇ । ତା ତଳେ ଐକାରକୁ ଥୋଇ ।୧୧।
ତା ପରେ ଚାରିବକ୍ର ଭାବ । ଏମନ୍ତେ ଅଣାକାର ହେବ ।୧୨।
ଏହିଟି ଆଦିନାଥ ଚିହ୍ନ । ଏମନ୍ତ ଅଟଇ ନିର୍ଗୁଣ ।୧୩।
ଏହିଟି ସ୍ୱୟଂ ଆଦିନାଥ । ନୀଳ କନ୍ଦରେ ସେ ଗୁପତ ।୧୪।
ଜଗନ୍ନାଥ ନାମ ବୋଲାଇ । ସକଳ ଜୀବେ ଜୀବହୋଇ ।୧୫।
କହିଲି ତତ୍ତ୍ୱସାର ଅର୍ଥ । ଶୁଣ ଉଦ୍ଧବ ଜ୍ଞାନ ତତ୍ତ୍ୱ ।୧୬।
ଏଥୁ ଓଁ କାର ଜାତ ହେଲା । ଚାରିଦେହ ସେ ବୋଲାଇଲା ।୧୭।
ଶ୍ରୀ ମୂର୍ତ୍ତି ମଧ୍ୟେ ଯନ୍ତ୍ର ଭେଦ । ତନ୍ତ୍ରରେ ହେଳି କରିବୁଝ ।୧୮।
ଓଁ ମତି ଶେଷଦେବ ସିନା । ଅନନ୍ତ ସିଂହାସନ ବାନା ।୧୯।
ଶ୍ରୀ ବଳ ଦେବ ଯେ ବିରାଟ । ଆପଣା ଦେହରେତୁ ଭେଟ ।୨୦।
ଏଥୁ ସଚରାଚର ହେଲା । ଜଗତୁ ସର୍ବଦା ହୋଇଲା ।୨୧।
ଅର୍ଦ୍ଧମାତ୍ରା ସୁଭଦ୍ରା ଚିହ୍ନ । [illegible]

ଏଥିରୁ ହରେ ରାମ କୃଷ୍ଣ	।	ଆର ହରେଟି ସୁଦର୍ଶନ	।୨୩।
ଏ ତତ୍ତ୍ୱ ଯେ ଜନ ଜାଣନ୍ତି	।	ଭକ୍ତଙ୍କ ମଧ୍ୟ ଶ୍ରେଷ୍ଠ ହୋନ୍ତି	।୨୪।
ଏ ଭେଦ ନ ଜାଣନ୍ତି ଯେହୁଁ	।	ସଂସାରେ ତରିବେ ସେ କାହୁଁ	।୨୫।
ପଞ୍ଚାତ୍ମିକ ଯେ ପଞ୍ଚକଳା	।	ପଞ୍ଚମାତ୍ରାରେ କରେ ଲୀଳା	।୨୬।
ପଞ୍ଚଭୂତ ମଧ୍ୟରେ ବାସ	।	ପ୍ରକୃତି ମଧ୍ୟେ ପରକାଶ	।୨୭।
ପରାବୀଜଟି ବଳଦେବ	।	ଏ ଷଷ୍ଠ ମାତ୍ରାକ୍ଷର ଭାବ	।୨୮।
ରମାବୀଜଟି ପଞ୍ଚ ହେଲେ	।	କାମ ବୀଜ ପଞ୍ଚ କଳାରେ	।୨୯।
ଏ ଭେଦ ନ ଜାଣନ୍ତି ଯେହି	।	ସାଧୀ ପାତକ ନଖଣ୍ଡଇ	।୩୦।
ଭେଦନ ଜାଣି ଶିଷ୍ୟକରେ	।	ବସଇ ପଥର ନାବରେ	।୩୧।
ମହା ପାତକୀ ସେହୁ ନର	।	ସେ କାହିଁ ଜାଣିବ ସଂସାର	।୩୨।
ବୋଇତ ବଣିଜାରେ ବସି	।	ସମୁଦ୍ରେ ଯେହ୍ନେ ଥାଇ ଭାସି	।୩୩।
ନାନା ପ୍ରକାରେ ବାହୁଥାନ୍ତି	।	କେବେ ହେଁ କୂଳେ ନଲାଗନ୍ତି	।୩୪।
ଯାବତ ଗୁରୁ ସେବା ନାହିଁ	।	ସଂସାରୁ ତରିବେ ସେ କାହିଁ	।୩୫।
କିଞ୍ଚିତ କରି ସେ ଭାବରେ	।	ମାସେ କି ପକ୍ଷେ ଦେଖିଥରେ	।୩୬।
ତେବେକି ଏଜୀବ ତରିବ	।	ଅପ୍ରାଧୀ ହୋଇ ନାଶଯିବ	।୩୭।
ସକଳ ଜୀବେ ଥିବଦୟା	।	ସାଧୁ ସଙ୍ଗମେ ବହୁ ସ୍ନେହା	।୩୮।
ତେବେ ଏ ଭକ୍ତି ପଣ ନାବ	।	ଭବ ବାରିଧି ତରିଯିବ	।୩୯।
ଶୁଣ ଉଦ୍ଧବ ଶୁଦ୍ଧ ଜ୍ଞାନ	।	ଏ ଜୀବ ସାଧୁଙ୍କ ଅଧୀନ	।୪୦।
ନିରତେ ସାଧୁ ସଙ୍ଗ କର	।	ତରିବୁ ଏ ଭବ ସାଗର	।୪୧।
ଯାବତ ସାଧୁ ସଙ୍ଗନାହିଁ	।	ଏ ଜୀବ ତରି ନ ପାରଇ	।୪୨।
କହଇ ଜଗନ୍ନାଥ ଦାସ	।	ନାମ ଚନ୍ଦ୍ରିକା ତତ୍ତ୍ୱ ରସ	।୪୩।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ମନ୍ତ୍ର ଯନ୍ତ୍ର ତନ୍ତ୍ର କଥନେ ନାମ ଦ୍ୱିତୀୟ ଅଧ୍ୟାୟ ।

ତୃତୀୟ ଅଧ୍ୟାୟ

ଉଦ୍ଧବ କୃଷ୍ଣ ପାଦେ ପଡ଼ି	।	ବୋଲଇ ବେନିକର ଯୋଡ଼ି	।୧।
ଭୋ ନାଥ କମଳ ଲୋଚନ	।	କହିବା ବିରାଟ ସାଧନ	।୨।
କେମନ୍ତେ ବିରାଟ ହୋଇଲା	।	ଛଡ଼ ଚକ୍ରରେ ସେ ଉଠିଲା	।୩।
ପଞ୍ଚାଶ ଦଳ ଭେଦ କରି	।	ଅକ୍ଷର ମାତ୍ରାକୁ ବିଚାରି	।୪।
ଦେବତା ଶକ୍ତି ଯେ ବାହାନ	।	କି ରୂପେ ତାହାଙ୍କୁ ଭଜନ	।୫।
କହି କୃତାର୍ଥ ମୋତେ କର	।	ବେଗେ ସଂଶୟ ମନୁ ହର	।୬।

ଶ୍ରୀ ଭଗବାନ ଉବାଚ

କହନ୍ତି ପ୍ରଭୁ ନାରାୟଣ	।	ଉଦ୍ଧବ ସାଧୁତୋ ବଚନ	।୭।
ତୁ ଯେ ପଚାରୁ ବ୍ରହ୍ମ ଜ୍ଞାନ	।	କହିବା ବିରାଟ ବିଧାନ	।୮।
ପ୍ରଥମେ ମହାଶୂନ୍ୟ ଥିଲା	।	ଶୂନ୍ୟରୁ ପ୍ରଳୟ ହୋଇଲା	।୯।
ପ୍ରଳୟୁ ବିନ୍ଦୁ ହେଲା ଜାତ	।	ବିନ୍ଦୁରୁ ବିରାଟ ସମ୍ଭୁତ	।୧୦।
ବିରାଟୁ ଜଗତ କ୍ଷରିଲା	।	ବିରାଟ ତେବେହେଂ ଉଠିଲା	।୧୧।
କହିବା ଶୁଣ ହେ ଉଦ୍ଧବ	।	ପ୍ରଥମ ଚକ୍ରର ସ୍ୱଭାବ	।୧୨।
ଗୁହ୍ୟ ବୋଲିଣ ନାମ ହେଲା	।	ପ୍ରଥମ ଚକ୍ର ସଂପାଦିଲା	।୧୩।
ତହିଂରେ ଦେବତା ଗଣେଶ	।	ବକ୍ରତୁଣ୍ଡି ଶକ୍ତି ବିଶେଷ	।୧୪।
ଇନ୍ଦୁର ବାହାନ ଅଟଇ	।	ଚକ୍ର ସ୍ଫଟିକ ବିରାଜଇ	।୧୫।
ବ, ଶ, ଷ,ସ ଏ ଚାରି ଅକ୍ଷର	।	ଏ ଚାରି ପବନ ସେଠାର	।୧୬।
ଭଜନ ହ୍ଲୀଂ ହରେ ତହିଂ	।	ଶୁଣ ଉଦ୍ଧବ ମନ ଦେଇ	।୧୭।
କହିବା ଲିଙ୍ଗ ଚକ୍ର ସାର	।	ଦେବତା କନ୍ଦର୍ପ ବିଚାର	।୧୮।
କାମାକ୍ଷୀ ଶକ୍ତି ତହିଁ ରହି	।	ବାହଂନ ତାହୁକ ଅଟଇ	।୧୯।
ଏଠାରେ ପଦ୍ମ ଛଡ଼ ଦଳ	।	ବସଇ ଛଡ଼ ଯେ ଅକ୍ଷର	।୨୦।
ଛଡ଼ ପବନ ତହିଂ ସାଜେ	।	ଚକ୍ର ହାରିଦ୍ର ବର୍ଣ୍ଣ ତେଜେ	।୨୧।

ଏଠାରେ ଶ୍ରୀରାମ ଭଜନ । ଉପୃଭି ଦ୍ୱାର ଏହୁଜାଣ ।୨୨।
କହିବା ଅକ୍ଷର ବିଚାର । ବ, ଲ, ମ, ଯ, ର, ଳ, ସାର।୨୩।
ଏମନ୍ତେ ଛଡ଼ ଯେ ପବନ । ଉପୃତି ଦ୍ୱାର ଏହୁ ଜାଣ ।୨୪।
ଉଦ୍ଧବ ଶୁଣ ଏବେ କହି । ବ୍ରହ୍ମାର ଭଜନଟି ଏହି ।୨୫।
ନାଭି ଚକ୍ରଟି ଯେଉଁ ସ୍ଥାନ । ତୃତୀୟ ଚକ୍ର ତାର ନାମ ।୨୬।
ବ୍ରହ୍ମାର ଭୁବନ ଅଟଇ । ସାବିତ୍ରୀ ଘେନି ତହିଂ ରହି ।୨୭।
ହଂସ ବାହାନେ ବେଦପତି । ନିଷ୍ଠଳେ ବିହାରଇ ତଥି ।୨୮।
ଏଠାରେ ଅଟେ ଦଶାକ୍ଷର । ଦଶ ପବନ ତହିଂଠୁଳ ।୨୯।
ଡ,ଢ,ଣ,ତ,ଥ,ଦ,ଧ,ନ,ଟି । ପ, ଫ କୁ ଘେନି ଦଶଗୋଟି ।୩୦।
ଏଠାରେ ଭଜନ ଏମନ୍ତ । ହ୍ଲୀଂ,ଶ୍ରୀଂ ଏହି ଯେ ଦୁଇ ମାତ୍ର ।୩୧।
ଅକ୍ଷର ଧରି ଘେନି ଶବ୍ଦ । ଦଶ ପବନ କରଠାବ ।୩୨।
ଏଥୁ ଅନନ୍ତେ ଶୁଣ ରୀତି । ଦ୍ୱାଦଶ ଦଳର ଯେ କାନ୍ତି ।୩୩।
କ,ଖ,ଗ,ଘ,ଙ,ଚ,ଛ, । ଜ,ଝ,ଞ,ଟ,ଠ, ।୩୪।
ଏମନ୍ତେ ଦ୍ୱାଦଶ ପବନ । ଦେବତା ତହିଂ ନାରାୟଣ ।୩୫।
ଲକ୍ଷ୍ମୀ ଯେ ଆଦିଶକ୍ତି ତହିଂ । ଗରୁଡ଼ ବାହାନ ଅଟଇ ।୩୬।
ହୃଦୟ ପୁର ଯେ ବିଚାର । ଭଜନ ତ୍ରିବିଧ ଓଁ କାର ।୩୭।
ଏଠାରେ ଚକ୍ର ନୀଳ ବର୍ଣ୍ଣ । ବହୁଛି ପ୍ରେମଦା ପବନ ।୩୮।
ଶୁଣ ଉଦ୍ଧବ ଜ୍ଞାନ ସାର । ଚକ୍ର ବିରାଜ ହୃଦୟର ।୩୯।
ତଦନ୍ତେ କଣ୍ଠ ଚକ୍ର ଶୁଣ । ଦେବତା ତହିଁ ତ୍ରିଲୋଚନ ।୪୦।
ପାର୍ବତୀ ତହିଂ ଶକ୍ତିହୋଇ । ବୃଷଭ ବାହାନ ଅଟଇ ।୪୧।
ଏଠାରେ ପଦ୍ମ ଷୋଳ ଦଳ । ଷୋଳ ହିଂ ପୁର ନାମତାର ।୪୨।
ଅ,ଆ,ଇ,ଈ, ଯେ ଚାରିକ୍ଷର । ଉ,ଊ, ଋ,ୠ, ଲୁ ନବକ୍ଷର ।୪୩।
ଲୁ, ଏ,ଐ,ଓ, ଔ, ଅଂ,ଅଃ ସପ୍ତ । ଷୋଳ ଅକ୍ଷର ଯେବିଦିତ ।୪୪।
ଏମନ୍ତେ ଷୋଳ ପବନ । ଭଜନ ହରେ କୃଷ୍ଣ ନାମ ।୪୫।
ଚକ୍ର ନୀଳାଦ୍ରି ପୁଷ୍ପ ବର୍ଣ୍ଣ । ଉଦ୍ଧବ ଏକ ମନେ ଶୁଣ ।୪୬।
ଶୁଣ ଉଦ୍ଧବ ସାଧୁଧୀର । ଲଲାଟ ଚକ୍ରର ବିଚାର ।୪୭।

ହଅ, କ୍ଷଅ ଯେ ବେନିଦଳ	।	ବେନିପବନ ସେଠାବର	।୪୮।
ଦେବତା ତହିଁ ନିରଞ୍ଜନ	।	ଆଦି ଶକ୍ତି ଯେ ପାଟ ଜାଣ	।୪୯।
ମୟୁର ବାହାନ ସେଠାରେ	।	ଭଜନ ରାଧା କୃଷ୍ଣ ହରେ	।୫୦।
ଏ ଛଡ଼ ଚକ୍ର ଯେ କହିଲି	।	ସାଧନା ସାଧ୍ ବିଚାରିଲି	।୫୧।
ହେତୁରେ ଧର ହେ ଉଦ୍ଧବ	।	ତେବେତୋ ଜ୍ଞାନ ସିଦ୍ଧି ହେବ	।୫୨।
କହିଲି ନିତ୍ୟର ବିଚାର	।	ସୁଜନେ ହେତୁ ମତି କର	।୫୩।
କହଇ ଜଗନ୍ନାଥ ଦାସ	।	ନାମ ଚନ୍ଦ୍ରିକା ତତ୍ତ୍ୱରସ	।୫୪।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀ କୃଷ୍ଣ ଉଦ୍ଧବ ସମ୍ବାଦେ ନାମ ତୃତୀୟ ଅଧ୍ୟାୟ

ଚତୁର୍ଥ ଅଧ୍ୟାୟ

ଉଦ୍ଧବ କୃଷ୍ଣ ପାଦ ଧରି । ଶୋକ ସାଗରେ ନେତ୍ର ପୁରି ।୧।
ବୋଲନ୍ତି ପ୍ରଭୁ ଭଗବାନ । ଭୋ ନାଥ କମଳ ଲୋଚନ ।୨।
ଅଷ୍ଟାଙ୍ଗ ବିଧିର ବିଚାର । ସାଧନା ସୂତ୍ରେ ଯେତେ ସାର ।୩।
ତୁମ୍ଭ ଶ୍ରୀ ଭକ୍ତି ପଦାମ୍ବୁଜ । ସେବା କରିବା ସେହୁ ଭଜ ।୪।
କହିବା ବିରାଟ ସାଧନ । ଛାୟାର ଯେତେ ବର୍ଣ୍ଣ ଚିହ୍ନ ।୫।
ସଙ୍କେତ ସୁଫଳ କୁଶଳ । କହିବା ପ୍ରଭୁ ଆଦିମୂଳ ।୬।

ଶ୍ରୀ ଭଗବାନ ଉବାଚଃ

ବୋଲନ୍ତି ପ୍ରଭୁ ନାରାୟଣ । ଶୁଣ ଉଦ୍ଧବ ବ୍ରହ୍ମ ଜ୍ଞାନ ।୭।
କହିବା ତତ୍ତ୍ୱ ଉପଦେଶ । ବିରାଟ ନିର୍ଣ୍ଣୟ ବିଶେଷ ।୮।
ସମାନ ଭୂମି ସମସରି । ନିର୍ମଳ ଭୂମି ସମସରି ।୯।
ତୁଲ୍ୟ ଭୂମିରେ ଉଭାହୋଇ । ପୂର୍ବରେ ଛାୟା ନାଥ ଥାଇ ।୧୦।
ପଶ୍ଚିମ ମୁଖେ ଉଭାହେବ । ଷୋଳ ଦଳରେ ଦୃଷ୍ଟିଦେବ ।୧୧।
ପଲକ ଲହରୀ ନିଶ୍ଚଳ । କିରଣ ରହିବ ନିର୍ମଳ ।୧୨।
ତ୍ରିଦଣ୍ଡ ବିସ୍ମରିବ ତହିଂ । ଆକାଶ ମାର୍ଗେ ଦୃଷ୍ଟି ଦେଇ ।୧୩।
ହାରିଦ୍ର ବର୍ଣ୍ଣ ଯେବେ ହେବ । ସ୍ୱର୍ଗ ସମ୍ପଦ କି ମିଳିବ ।୧୪।
ଶୁଦ୍ଧ ସ୍ଫଟିକ ଶ୍ୱେତ ବର୍ଣ୍ଣ । ଦେଖିଲେ ଭକ୍ତି ଶୁଦ୍ଧ ଜାଣ ।୧୫।
ରକ୍ତ ବର୍ଣ୍ଣରେ ବିତ୍ତ ପ୍ରାପ୍ତି । ଲୋହିତ ବର୍ଣ୍ଣରେ ବିପରି ।୧୬।
କୃଷ୍ଣ ବର୍ଣ୍ଣରେ କାଳ ଜାଣ । ବର୍ଣ୍ଣରେ ସୁଖ ଦୁଃଖ ଚିହ୍ନ ।୧୭।
ପାଣ୍ଡୁ ବର୍ଣ୍ଣକୁ ଯେକ କର । ସିଦ୍ଧାନ୍ତ ଦେବତା ଶରୀର ।୧୮।
ନଦିଶେ ଆପଣା ମୂର୍ଦ୍ଧନି । ପିଣ୍ଡଟି ନାଶ ଯାଇ ପୁଣି ।୧୯।
କହିଲି ସିଦ୍ଧଙ୍କ ବିଚାର । ଆଦ୍ୟରେ ଉପଦେଶ ଧର ।୨୦।
ଦ୍ୱାଦଶ ବରଷେ ସମ୍ପୂର୍ଣ୍ଣ । ନିଶ୍ଚୟେ କହିବ ବଚନ ।୨୧।
ସିଦ୍ଧାଙ୍ଗ ଶରୀର ହୋଇବ । ସୁମନେ ଶୁଣ ହେ ଉଦ୍ଧବ ।୨୨।

କଳିଯୁଗେ ପାଷାଣ୍ଡ ଜନ । ଛାୟାକୁ ନକରି ଦର୍ଶନ ।୨୩।
ମିଛେ ହେ ଜ୍ଞାନି ବୋଲାଇବେ । ଅଳପ ଦିନେ ନାଶ ଯିବେ ।୨୪।
ଏ ଛାଇ ସ୍ୱୟଂ ବଳଦେବ । ଅଙ୍ଗତା ଅଟେ ଶେଷ ଦେବ ।୨୫।
ନାମରେ ହରେ ରସ ଏହି । ଏହାକୁ ନିନ୍ଦୁଥିବେ ଚହିଁ ।୨୬।
ଅପ୍ରାଧ୍ ହୋଇନାଶ ଯିବେ । ବିରାଟ ନିନ୍ଦା ସେ କରିବେ ।୨୭।
ଏହିଟି ଆଦି ନାଥ ଚିହ୍ନ । ସ୍ୱରୂପେ ପାଇବୁ ଦର୍ଶନ ।୨୮।
କହଇ ଜଗନ୍ନାଥ ଦାସ । ନାମ ଚନ୍ଦ୍ରିକା ପ୍ରେମ ରସ ।୨୯।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀ କୃଷ୍ଣ ଉଦ୍ଧବ ସମ୍ବାଦେ ନାମ ଚତୁର୍ଥ ଅଧ୍ୟାୟ ।

ପଞ୍ଚମ ଅଧ୍ୟାୟ

ପଞ୍ଚମ ଅଧ୍ୟାୟ

ଉଦ୍ଧବ ଉବାଚ

ଶୁଣ ଉଦ୍ଧବ ତତ୍ତ୍ୱବାଣୀ । ଶେଷ ଅଶେଷ ଅଙ୍ଗ ପୁଣି ।୧।
ପଲକ ଲହରି ସଙ୍କୁଳେ । ଛାବଟି ଦୃଷ୍ଟି ରୂପ ଧରେ ।୨।
ଲହରି ନିଶ୍ଚଳ କରିବ । ମନ ନିଶ୍ଚଳ ସର୍ବଭାବ ।୩।
ଶୂନ୍ୟକୁ ଦୃଷ୍ଟି ଥିବ ଦେଇ । ବିନ୍ଦୁଟି ପୃଥିବୀ ଘୋଟଇ ।୪।
ଯେସନେ ନିଦାଘ କାଳରେ । ମୃଗତୃଷ୍ଣା କି ନୃତ୍ୟ କରେ ।୫।
କି ଅବା ଜଳଧାର ରୀତି । ପୃଥିବୀ ଘୋଟି ଥାଇ ମତି ।୬।
ଜାକ ମାଳାର ପ୍ରାୟ ହୋଇ । ତା ମଧ୍ୟେ ବିନ୍ଦୁ ପ୍ରକାଶଇ ।୭।
ଦିବସେ ନୀଳ କାନ୍ତି ଶୋଭା । ନିଶିରେ ହାରିଦ୍ର କି ଆଭା ।୮।
ଲୋହିତ କୁଙ୍କୁମ ଆରକ୍ତ । ସାୟଂ କାଳରେ ବର୍ଣ୍ଣଶ୍ୱେତ ।୯।
ନିତ୍ୟରେ ଶେଷ ଦେବ ଜାଣି । ଏହାଙ୍କ ପରେ ସପ୍ତ ଫେଣୀ ।୧୦।
ଦେଖିଲେ ଦିବ୍ୟ ଦେହ ହେବୁ । ସୁଅଙ୍ଗ ଜ୍ଞାନ ତୁ ପାଇବୁ ।୧୧।
ଦୁର୍ଲ୍ଲଭ ଏ ସୂକ୍ଷ୍ମ ଭଜନ । ପାଷାଣ୍ଡେ ନ କହିବୁ ଜ୍ଞାନ ।୧୨।
କଳିଯୁଗରେ ଗୁରୁ ହୋଇ । ଏ ଭେଦ ନ ଜାଣନ୍ତି ଯେହି ।୧୩।
ଅନେକ ଶିଷ୍ୟ ହିଂ କରିବେ । ଅପ୍ରାଧି ହୋଇ ବୁଡ଼ି ଯିବେ ।୧୪।
କେବଳ ବିତ୍ତପ୍ରାପ୍ତି ଅର୍ଥେ । କାରଣ ପ୍ରକାଶିବେ ପଥେ ।୧୫।
ଶିଷ୍ୟହିଁ ନିନ୍ଦା କରୁଥିବେ । ଅତି ତମରେ ସେ ବୁଡ଼ିବେ ।୧୬।
ଏ ଭାବ ରହସ୍ୟ ଦୁର୍ଲ୍ଲଭ । ଉଦ୍ଧବ ବେଗେ କର ଠାବ ।୧୭।
ଅନ୍ୟରେ ନ କହିବୁ କାହିଁ । ନଷ୍ଟ ହୋଇବ ତୋର ଦେହି ।୧୮।
ଶ୍ରୀକୃଷ୍ଣ ବଚନେ କାତର । ଉଦ୍ଧବ ପ୍ରଭୁ ପାଦତଳ ।୧୯।
ବୋଲନ୍ତି ପ୍ରଭୁ ଗୁରୁଦେବ । ଅନନ୍ତ ଋଷି ଆଦି କନ୍ଦ ।୨୦।
ମୁଁ ଛାର ଅଧମ ଜୀବନ । କାହୁଁ ପାଇବି ତୋ ଚରଣ ।୨୧।
କହଇ ଜଗନ୍ନାଥ ଦାସ । ବିରାଟ ନିରାଟ ଉଦ୍ଦେଶ ।୨୨।

ଇତିଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ୍ ସମ୍ବାଦେ ବିରାଟ ବର୍ଣ୍ଣନେ ନାମ ପଞ୍ଚମ ଅଧ୍ୟାୟ ।

ଷଷ୍ଠ ଅଧ୍ୟାୟ

ଉଦ୍ଧବ ବେନି କରଯୋଡ଼ି । ଶ୍ରୀକୃଷ୍ଣ ପାଦତଳେ ପଡ଼ି ।୧।
କହହେ ପ୍ରଭୁ ଜଗନ୍ନାଥ । ଜୀବ ପରମ ଗତି ତତ୍ତ୍ୱ ।୨।
କେମନ୍ତେ ଗୁରୁ ଶିଷ୍ୟ ଭାବ । ଜୀବ ପରମ ଯେକ ଠାବ ।୩।
ଗୁରୁ ଆପଣେ ନିରଞ୍ଜନ । କେମନ୍ତେ ପାଇବି ଦର୍ଶନ ।୪।
ଆଦ୍ୟରେ ଉପଦେଶ ବାଣୀ । କହିବା ହେଉ ଚକ୍ରପାଣି ।୫।
କହନ୍ତି ପ୍ରଭୁ ପଦ୍ମ-ଲାଭ । ଶୁଣ ହେ ଭକତ ଉଦ୍ଧବ ।୬।
ପ୍ରଥମେ ଗୁରୁ ରୂପ ମୂର୍ତ୍ତି । ଚରଣେ ଦଣ୍ଡବତ ହୋଇ ।୭।
ନିଉନ ଭାବେ ଉଭା ହେବ । କାଠିନ୍ୟ ଭାବ ହୋଇଥିବ ।୮।
ଯେବେ ସେ ଆଜ୍ଞା ଦେବେଗୁରୁ । ବଚନ ମଣିବୁ ତୁ ମେରୁ ।୯।
ମେରୁ ସମାନେ ଫଳପାଇ । ସେଠାରେ ନ୍ୟୁନ ଭାବବହି ।୧୦।
ପୂଜାବିଧି ସଂପାଦି ତହିଂ । ପଞ୍ଚାମୃତକୁ ଆଗେ ଥୋଇ ।୧୧।
ଶ୍ରୀଫଳ ମୁଖ ବାସ ପାଣି । ଦୂର୍ବା ଅକ୍ଷତ ମାଳ ଆଣି ।୧୨।
ହାରିଦ୍ର ନବୀନ ବସନ । ନୈବେଦ୍ୟ ସଂପାଦିବ ପୁଣ ।୧୩।
ଦକ୍ଷିଣା ମତେ ମାଟ ସୁନା । ତୁଲ୍ୟ ନୋହିବ ଯେ ଦକ୍ଷିଣା ।୧୪।
ନାସ୍ତିକ ଭାବହିଂ ନୋହିବ । ଦୟା ସର୍ବ ଜୀବେ କରିବ ।୧୫।
ଉଦ୍ଧବ ଶୁଣି କୃଷ୍ଣବାଣୀ । ଚରଣ ଧରି କହେ ପୁଣି ।୧୬।
ତୁମ୍ଭେ ଯେ ମୋର ଗୁରୁଦେବ । ଆଉ କେ ମୋର ଗୁରୁ ହେବ ।୧୭।
ମୁଁ ଛାର ଦୁଃଖିତ ଅଧମ । କାହିଂ ପାଇବି ଦ୍ରବ୍ୟ ଗୁଣ ।୧୮।
ଯଥା ଶକ୍ତି ଭାବେ କରିବି । ଆଜ୍ଞା କରିବା ଦୟାନିଧି ।୧୯।
ବୋଇଲନ୍ତି ପ୍ରଭୁ ଚକ୍ରଧର । ଉଦ୍ଧବ ସଞ୍ଜା ବେଗ କର ।୨୦।
ତକ୍ଷଣେ ଉଦ୍ଧବ୍ ଚଳିଲେ । ଯଥା ଶକ୍ତିରେ ଭିଆଇଲେ ।୨୧।
ଆଦୌ ଯନ୍ତ୍ର ଭେଦକୁ କରି । ପଞ୍ଚାମୃତରେ ନ୍ୟାସ ଧରି ।୨୨।
ଶ୍ରୀ ଫଳ ଗୁଆ ମଣ୍ଡକରେ । ନବୀନ ନୂତନ ବସ୍ତ୍ରରେ ।୨୩।
ଦୂର୍ବା ଅକ୍ଷତ ଦେଇ ପୁଣ । ଯଥୋଚିତ ଦକ୍ଷିଣା ଜାଣ ।୨୪।

ପୂଜାର ବିଧି କରି ଚହିଂ । ସମ ଆସନ କରି ଦେଇ ।୨୫।
ଅଦ୍ୟେ ଜିହ୍ବା ପୃଷ୍ଠ ଗୋଲକ୍ଷେ । ଖେଳାଇ ଦେଖାଇଲେ ଥୋକେ।୨୬।
ଚଦଚେ ଧୀର କରି ଦେଲେ । କଠିଣ କଷଟି ଖଞ୍ଜିଲେ ।୨୭।
ଆଦ୍ୟ ଉପରେ ଚନ୍ଦ୍ରକାନ୍ତି । ଚଦଚେ ଆଚ ପକ୍ଷି ଜ୍ୟୋତି ।୨୮।
ଦିଗୁଣ ବର୍ଣ୍ଣ ତେଜ ଚାର । ମୟୁର ଚନ୍ଦ୍ରିକା ଆକାର ।୨୯।
ମଧ୍ୟେଣ କଳା ମେଘ ଉର୍ଣ୍ଣ । ତା ମଧ୍ୟେ ଶ୍ୱେତ ଚନ୍ଦ୍ର ରହି ।୩୦।
ଦେଖିଣ ଉଦ୍ଧବ ହରଷ । ମନ ପ୍ରମୋଦେ ସାଧୁରସ ।୩୧।
କି ବୋଲି କୃଷ୍ଣ ପଚାରିଲେ । ଉଦ୍ଧବ ସମସ୍ତେ କହିଲେ ।୩୨।
ବୋଇଲେ ଏହି ଭାବ ଧର । ଭବ ସାଗରୁ ହେବୁ ପାର ।୩୩।
ବୋଲିବୁ ରତ୍ନ ଦକ୍ଷିଣାଟି । ଶ୍ରୀ କୃଷ୍ଣ ଯେ ମନେ ନେଲେଟି ।୩୪।
ମୁଁ ଯେବେ ଏହା ନକରିବି । ଭକ୍ତଙ୍କ ଆଶା ବୁଡ଼ାଇବି ।୩୫।
ଶିଷ୍ୟଙ୍କୁ ଗୁରୁଟି ଦକ୍ଷିଣା । ନ ଦେଲେ ନିଶ୍ଚେ ହେବ ବଣା ।୩୬।
କହିଲା ଏ ତତ୍ତ୍ୱ ରହସ । ଭଣିଲେ ଜଗନ୍ନାଥ ଦାସ ।୩୭।

ଇତି ଶ୍ରୀନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ନାମ ଷଷ୍ଠ ଅଧ୍ୟାୟ

ସପ୍ତମ ଅଧ୍ୟାୟ

ଶ୍ରୀ ଭଗବାନ ଉବାଚ

ଉଦ୍ଧବ ବିନୟ ବଚନ । ପୁଚ୍ଛଇ କୃଷ୍ଣ ସନ୍ନିଧାନ ।୧।
ଭୋ ନାଥ ପ୍ରଭୁ ଦାମୋଦର । କହିବା ଅବାଡ଼ ବିଚାର ।୨।
କେମନ୍ତେ ଜୀବତତ୍ତ୍ୱ ଗତି । ଲଭିବ ନିର୍ମଳ ଭକତି ।୩।
ତହିଁ ବିଚାର ସାରନାମ । ନିର୍ମଳ ଜ୍ୟୋତି ନିରଞ୍ଜନ ।୪।
କହିବା ମୋତେ ଦେବହରି । ମନରେ ସଂଶୟ ଉଦ୍ଧରି ।୫।
କହନ୍ତି ପ୍ରଭୁ ଚକ୍ର ପାଣି । ଶୁଣ ଉଦ୍ଧବ ସାଧୁବାଣୀ ।୬।
ଲୟ ଅଙ୍ଗରେ ଭାବଥିବ । ନୀଳାଙ୍ଗେ ଜୀବ ବଞ୍ଚାଇବ ।୭।
ଯୋଗାଙ୍ଗେ କରି ଯୋଗ ସାଧ । ଭୋଗାଙ୍ଗେ ଭୋଗ ନିବେଦିବ ।୮।
ତେବେ ଲଭିବୁ ସୂକ୍ଷ୍ମ ଗତି । ହସି କହନ୍ତି ଯଦୁପତି ।୯।
ସମ ଆସନେ ବସି ଧୀରେ । ଲଏ ଯେ ତ୍ରିକୂଟ ଗୁମ୍ଫାରେ ।୧୦।
ଷୋଳ ଡମ୍ବରୁକୁ ନିଶ୍ଚଳ । ପ୍ରକୃତି ଇନ୍ଦ୍ରିକରି ଧୀର ।୧୧।
ସମାନ ବାର ତୁ ନିଶ୍ଚଳ । ପଲକ ଲହରିକୁ ଧର ।୧୨।
ଅଳ୍ପ ଭୋଜନ ଉନିଦ୍ରରେ । ବସିବୁ ରଜନୀ ମଧ୍ୟରେ ।୧୩।
ନିଦ୍ରା ଉଜାଗରେ ବିସରି । ରହିବୁ ଆସନ ସୁମରି ।୧୪।
ସୁଅଙ୍ଗ ସୂକ୍ଷ୍ମେ ଭାବ ଏହି । ମନ ନିଶ୍ଚଳ କର ତୁହି ।୧୫।
ଆକାଶେ ଉଦେ ଛାୟା ନାଥ । ନିଶ୍ଚଳ ଜ୍ୟୋତିମୟେ ପଥ ।୧୬।
ଘନେ ବିଦ୍ୟୁ ଖେଳୁଥାଇ । ଦୋହଲି ଆଳାପ କରଇ ।୧୭।
ତା ମଧ୍ୟେ ସୁବର୍ଣ୍ଣ ଆସନ । ଆତ୍ମାର ରୂପ ନୀଳ ଘନ ।୧୮।
ସ୍ୱରୂପ ମାଧବ ମୂରତି । ଜାଣ ତୁ ଏହି ରୂପେ ଚିହ୍ନି ।୧୯।
ତା ମଧ୍ୟେ ବିଜେ ହୁତାଶନ । ନିଶ୍ଚଳେ କରିବୁ ଦର୍ଶନ ।୨୦।
ଏହିଟି ଅବନା ଅଚିହ୍ନ । ଏହିଟି ସ୍ୱୟଂ ନିରଞ୍ଜନ ।୨୧।
ଏହି ଭାବରେ ଭାବକର । ତରିବୁ ସଂସାର ସାଗର ।୨୨।

ଭକ୍ତି ମୁକ୍ତି ର ପଣ ଏହି । ସାଧିଲେ ମୁକତି ମିଳଇ ୧୨୩
ଏଥି ବିଶ୍ୱାସ ଭାବ ଜଳେ । ନିର୍ମଳ ପଥ ଦିଶେ ଭଲେ ୧୨୪
ଏଠାରେ ଏକ ଆତ୍ମା ହେବୁ । କାମ କ୍ରୋଧରୁ ସଂହରିବୁ ୧୨୫
ଶ୍ରୀ ଗୁରୁ ପାଦେ କରି ଆଶ । ଲଭିବୁ ସୁଅଙ୍ଗ ପୁରୁଷ ୧୨୬
ଅବାଡ଼ ରୂପ ନୀଳ ଘନ । ସାକ୍ଷେ ପାଇବୁ ଦର୍ଶନ ୧୨୭
କହଇ ଜଗନ୍ନାଥ ଦାସ । ନାମ ଚନ୍ଦ୍ରିକା ଚକ୍ଷୁ ରସ ୧୨୮

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଅବାଡ଼ ଭେଦ କଥନେ ନାମ ସପ୍ତମ ଅଧ୍ୟାୟ ।

ଅଷ୍ଟମ ଅଧ୍ୟାୟ

ଉଦ୍ଧବ କୃଷ୍ଣ ପାଦେ ପଡ଼ି । ବୋଲଇ ବେନି କରି ଯୋଡ଼ି ।୧।
ଭୋ ନାଥ କମଳ ଲୋଚନ । କହିବ ମୋତେ ତତ୍ତ୍ୱ ଜ୍ଞାନ ।୨।
ଅନହତ ବିଚାର ସାର । ହତ ବୋଲିଣ ସେ ସାଗର ।୩।
କେମନ୍ତେ ଶବଦ ପ୍ରକାଶ । ଅନାମ ନାମର ପରଶ ।୪।
କହିବା ହେଉ ଦୟାନିଧି । ଶୁଣିଲେ ତରିବି ବାରିଧି ।୫।

ଶ୍ରୀ ଭଗବାନ ଉବାଚ

ଶୁଣ ଉଦ୍ଧବ ସାଧୁବାଣୀ । ପରମ ବ୍ରହ୍ମ ତତ୍ତ୍ୱ ପୁଣି ।୬।
ପ୍ରଥମେ ଅନହତ ପୁରୀ । ଅନନ୍ତ ଅବ୍ୟକ୍ତ ନଗରୀ ।୭।
ଅନହତରେ ମନଦେବ । ନିଶ୍ଚଳେ ସମାଧି ଜାଣିବ ।୮।
ନିଶା ଅର୍ଦ୍ଧ ନିଘୋଡ଼ କାଳେ । ବସିବ ସମାଧି ନିଶ୍ଚଳେ ।୯।
ବେନି କର୍ଣ୍ଣରେ ମନଦେଇ । ଶବଦ ସେଠାରେ ଶୁଭଇ ।୧୦।
ପ୍ରଥମେ ସିନ୍ଧୁ ଘରଢନ । ଦ୍ୱିତୀୟେ ଶଙ୍ଖ ଶବ୍ଦ ଜାଣ ।୧୧।
ତୃତୀୟେ ଘଣ୍ଟାର ଶବଦ । ଚତୁର୍ଥେ ପାରୁଆର ନାଦ ।୧୨।
ପଞ୍ଚମେ କାହାଳୀ ଶବଦ । ଷଷ୍ଠମେ ଶାର୍ଦ୍ଦୁଳର ନାଦ ।୧୩।
ସପ୍ତମେ ସଂକୀର୍ତ୍ତନ ବାଣୀ । ଅଷ୍ଟମେ ଫୁ ଫୁ ଶବ୍ଦ ପୁଣି ।୧୪।
ନବମେ କପୋତର ନାଦ । ଦଶମେ ଝିଙ୍କାରୀ ଶବଦ ।୧୫।
ଏକାଦଶେ ମେଘ ଗର୍ଜ୍ଜନ । ଦ୍ୱାଦଶେ ବଂଶୀ ଶବ୍ଦ ଜାଣ ।୧୬।
ଏ ବଂଶୀ ସ୍ୱନେ ମନ ଦେଇ । ରାଧିକା ମୋହ ଗଲେ ତହିଁ ।୧୭।
ଶ୍ରୀ ବୃନ୍ଦାବନେ ଗୋପବାଳୀ । ମୋହ ହୋଇଲେ ସର୍ବବାଳୀ ।୧୮।
ଯମୁନା ଉଛାଣି ବହିଲା । ଗିରି ତରଳ ହୋଇଗଲା ।୧୯।
ଶୁଷ୍କ ତରୁ ଏ ପଲ୍ଲବିତ । ଏ ନାଦ ନାମ ଅନହତ ।୨୦।

ଏଠାରେ ଭୂରୂ ମଧ୍ୟେ କରି	।	ମନରେ ଦୃଷ୍ଟିକି ବିଚାରି	।୨୧।
ଯେଠାରେ ନିଶ୍ଚଳ ଧିଆନ	।	ପ୍ରକାଶ ମୂଳ ଜ୍ୟୋତି ବ୍ରହ୍ମ	।୨୨।
ଅନାମ ଅନାଦି ବିଚାର	।	ଏହି ଅନାଦି ନିରାକାର	।୨୩।
ସୂର୍ଯ୍ୟ କିରଣ ପରିମାଣି	।	ଉଦେ ହୋଇବେ ଦିନମଣି	।୨୪।
ତେବେ ତ ସଂଶୟ ଫିଟିବ	।	ପୂର୍ବେ ବାସନା ପ୍ରକାଶିବ	।୨୫।
ଅଶେଷ ଜନ୍ମ ପାପ ମାନ	।	କ୍ଷଣକେ ହୋଇବ ଦହନ	।୨୬।
ଏ ଯୋଗ ସାରତତ୍ତ୍ୱ ଜ୍ଞାନ	।	ଭକ୍ତ ଜନଙ୍କ ଗଣ୍ଠିଧନ	।୨୭।
ଏହି ଯେକାକ୍ଷର କରତା	।	ଯେଠାରେ ହୋଇବ ନର୍ମତା	।୨୮।
ଜୀବ ଅଜୀବ ସମସରି	।	ସାନବଡ଼ହିଁ ନବିଚାରି	।୨୯।
ସ୍ତିରୀ ପୁରୁଷ ଏକ ଜାଣ	।	ସ୍ଥାବର ଆଦି ଯେ ବ୍ରାହ୍ମଣ	।୩୦।
ସମସ୍ତେ ନାମ ଜପୁଛନ୍ତି	।	ନାମଟି ଜଗତେ ପୁରିଛି	।୩୧।
ନାମ ନ ଥିଲା ଠାବ ନାହିଁ	।	ନାମ ନାବଟି ଏକ ହୋଇ	।୩୨।
ନାମଟି ଜଗତେ ପୁରିଛି	।	ନାମକୁ ଖୋଜି ଘେନ ବାଛି	।୩୩।
ଶୁଣି ଉଦ୍ଧବ ତୋଷ ହେଲା	।	ଶ୍ରୀକୃଷ୍ଣ ଚରଣେ ପଡ଼ିଲା	।୩୪।
କହଇ ଜଗନ୍ନାଥ ଦାସ	।	ନାମ ଚନ୍ଦ୍ରିକା ତତ୍ତ୍ୱ ରସ	।୩୫।

ଇତି ଶ୍ରୀ ନାମଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ୱାଦେ ଅନହତ ବିଚାରଣେ ନାମ ଅଷ୍ଟମ ଅଧ୍ୟାୟ ।

ନବମ ଅଧ୍ୟାୟ

ଉଦ୍ଧବ ଉବାଚ

ଭୋନାଥ କମଳା ରମଣ । କହିବା ସହଜ ସାଧନ ।୧।
ତୁମ୍ଭ ଚରଣେ ଆଶାମୋର । ବାରେ ଉଦ୍ଧର ଚକ୍ର ଧର ।୨।
କହନ୍ତି ଦେବକୀ ନନ୍ଦନ । ଶୁଣ ଉଦ୍ଧବ ତତ୍ତ୍ୱଜ୍ଞାନ ।୩।
ପ୍ରଥମେ ୟେକାକ୍ଷର କର୍ତ୍ତା । ଜୀବର ଅଟେ ମୁଖ୍ୟଦାତା ।୪।
କହିବା ୟେକାକ୍ଷର ଗୁଣ । ଉଦ୍ଧବ ସାବଧାନେ ଶୁଣ ।୫।
ଅନ୍ୟରେ ନ କହିବୁ କାହିଁ । କହିଲେ ତରି ନ ପାରଇ ।୬।
ଶୂକର ଯୋନିରେ ଜନ୍ମିବୁ । ବର୍ଣ୍ଣ ଶଙ୍କରେ ଜାତ ହେବୁ ।୭।
କୀଟ ପତଙ୍ଗେ ହେବୁ ଜାତ । ନାଶ ହୋଇବୁ ତୁ ନିହତ ।୮।
ଗୁପତ ଭାବେ ରଖିଥିବୁ । ମନକୁ ମନ ମଜାଇବୁ ।୯।
କହିବା ଯନ୍ତ୍ର ଭାବଫେଇ । ଶୁଣ ଉଦ୍ଧବ ମନଦେଇ ।୧୦।
ସୁଅଙ୍ଗ ସାଧନା ବିଚାର । ଲୟାଙ୍ଗେ ତ୍ରିକୂଟ ମଧର ।୧୧।
ସାଧନା ସିଦ୍ଧି ନାହିଁ କିଛି । ଏକା ଅନାଦି ଭାବ ଅଛି ।୧୨।
ୟେଠାରେ ଦୃଷ୍ଟି ରୂପେ ଜୀବ । ଲୟାଙ୍ଗେ ଲୀଳାଙ୍ଗ ଧରିବ ।୧୩।
ଯୋଗ ଭୋଗରେ ଆଶା କରି । ଶବଦ ଅନହତ ଧରି ।୧୪।
ବଙ୍କ ନାଳରେ ଦୃଷ୍ଟି ଦେବ । ଧୀର ଧୀର ହୋଇ ଚଳିବ ।୧୫।
ଭୁରୁ ମଧ୍ୟରେ ଠାବ ହେବ । ନିଷ୍କଳ ରୂପକୁ ପାଇବ ।୧୬।
ଆକାଶ ପଥ ଠାବ କରି । ଗଣିବୁ ଅବ୍ୟକ୍ତ ନଗରୀ ।୧୭।
ବୁଡ଼ିଲେ ମିଶିବୁ ତୁ ତହିଁ । ମିଶିଲେ ଆସି ନ ପାରଇ ।୧୮।
ଅନହତରେ କରି ଖେଳା । ଓଲଟି ଆସି କରନୀଳା ।୧୯।
ୟେଠାରେ ଶ୍ରୀ ଗୁରୁ ପୟର । ଭାବ ଆଶ୍ରିତ ନିର୍ବିକାର ।୨୦।
ସିଦ୍ଧାଙ୍ଗ ଦେବ ଦେହ ହେବ । ପୂର୍ବର ବାସନା ଫିଟିବ ।୨୧।
ଏହିଟି ସହଜ ଭାବନା । ସୂକ୍ଷ୍ମରୁ ସୂକ୍ଷ୍ମ ଏ ସାଧନା ।୨୨।

ଜୀବନ ଜନ୍ମ ମୃତ୍ୟୁ ଯେହି । ଜିଇଁବା ମରିବା ଆସଇ ।୨୩।
ଏଥୁଁ ଦୁର୍ଲଭ ନାହିଁ ସ୍ଥାନ । ସୁଅଙ୍ଗେ କରନ୍ତୁ ଗମନ ।୨୪।
ଯେସନେ ଲାଙ୍ଗଳ ବୃକ୍ଷରେ । ମାନବ ଗମନ୍ତି ସଧୀରେ ।୨୫।
ତେମନ୍ତ ଭକ୍ତିଟି ଅଟଇ । ଜୀବର ମୁଖ୍ୟ ଲାଭ ଏହି ।୨୬।
ଏଥୁଁ ଅଧିକ ନାହିଁ ଆଉ । ଅନାଦି ନିରଞ୍ଜନ ଏହୁ ।୨୭।
ଶୁଣ ଉଦ୍ଧବ ଯେବେ କହି । ଅଷ୍ଟାଙ୍ଗ କହିଲୁ ବୁଝାଇ ।୨୮।
ଏ ଭେଦ ନ ଜାଣି ଭ୍ରମନ୍ତି । ସାଧନା କରି ଭ୍ରମ ହୋନ୍ତି ।୨୯।
ସାଧନା ପଥକୁ ଚ ଛାଡ଼ । ଅଣ ସାଧନା ଭାବେ ବଡ଼ ।୩୦।
କହିଲି ସାରତତ୍ତ୍ୱ ଜ୍ଞାନ । ଉଦ୍ଧବ ହେତୁରେ ତୁ ଘେନ ।୩୧।
କହଇ ଜଗନ୍ନାଥ ଦାସ । ନାମ ଚନ୍ଦ୍ରିକା ତତ୍ତ୍ୱରସ ।୩୨।

ଇତି ଶ୍ରୀ ନାମଚନ୍ଦ୍ରିକା ହିତାୟାଂ ସହଳ ସାଧନ । ଅଷ୍ଟାଙ୍ଗ ଯୋଗ କଥନେ ନାମ ନବମ ଅଧ୍ୟାୟ

ଦଶମ ଅଧ୍ୟାୟ

ଶୁଣ ଉଦ୍ଧବ ମନ ଦେଇ	।	କହିବା ଏକାକ୍ଷର ଫେଇ	।୧।
ତନ୍ତ୍ରରେ ଭେଦାଇଲି ତୋତେ	।	ସାଧନା କହିଲି ଏ ତନ୍ତେ	।୨।
ଯନ୍ତ୍ରରେ ଭେଦିକର ଠାବ	।	ମନ୍ତ୍ରରେ କହିବା ଉଦ୍ଧବ	।୩।
ଆଦ୍ୟେ ଅର୍ଦ୍ଧ ଦଣ୍ଡକୁ ଦେଇ	।	ତା ପାର୍ଶ୍ୱେ ଉର୍ଦ୍ଧଦଣ୍ଡ ଦେଇ	।୪।
ପାଦ ତଳରେ ଇଙ୍ଗିତ କୁ	।	ତା ପରେ ରଖି ଇମିତାକୁ	।୫।
ବିନ୍ଦୁମିଶାଇ ବକ୍ର କର	।	ବାମେ ବାଁଇଁଶି ଦେଇତଳ	।୬।
ତା ତଳେ ଅହି ଘୋଡ଼ାଇବ	।	ଏମନ୍ତେ ଏକାକ୍ଷର ହେବ	।୭।
ଏ ଭେଦ ଜାଣନ୍ତି ଯେ ଜନ	।	ସେ ମୋର ଭକ୍ତ ପ୍ରିୟ ଧନ	।୮।
ଗୁରୁ ଉପରେ ଗୁରୁ ହେଲେ	।	ଏହାକୁ ନ କହିବୁ ଭଲେ	।୯।
ଏ ଭେଦ ଗୁପତ ଅଟଇ	।	ମନୁଷ୍ୟ ଜନ୍ମ ସାର ଏହି	।୧୦।
କହିଲେ ନାରଖାର ହେବୁ	।	ସାକ୍ଷ୍ୟ ଭାବରେ ବୁଝାଇବୁ	।୧୧।
ଧନରେ ଲୋଭ ନ କରିବୁ	।	ଏକାକ୍ଷରକୁ ନ କହିବୁ	।୧୨।
ପର୍ବତ ତୁଲ୍ୟ ଧନଦେଲେ	।	ଏହାକୁ ନ କହିବୁ ଭଲେ	।୧୩।
ଯାହାକୁ କହି ଦେବୁ ତୁହି	।	ବାସନା ତୁଟିଯିବ ଦେହି	।୧୪।
ସକଳ ଧର୍ମ ବ୍ୟର୍ଥ ହେବ	।	ଦିବସ ଅନ୍ଧାର ହୋଇବ	।୧୫।
ଉଦ୍ଧବ ବୋଲେ ଚକ୍ରପାଣି	।	ଗୁରୁ ନ କହିଲେ କେଜାଣି	।୧୬।
କେମନ୍ତେ ଜାଣିବେ ସଂସାରେ	।	ଅପ୍ରତେ ଯାଉଛି ମନରେ	।୧୭।
ଶ୍ରୀକୃଷ୍ଣ କହନ୍ତି ଉଦ୍ଧବ	।	ମୋର ଯାହାକୁ ଦୟାହେବ	।୧୮।
ଶ୍ରୀ ଗୁରୁ ରୂପଧାରୀ ମୁହିଁ	।	ସ୍ୱପନେ କହିଦେବି ତହିଁ	।୧୯।
ସେ ମୋର ଶାଖା ଭକ୍ତ ଜନ	।	କେମନ୍ତେ ନ ଦେବି ଏ ଧନ	।୨୦।
ଖଣ୍ଡ ଜ୍ଞାନୀ ଯେ ନ ପାଇବେ	।	ଏକାକ୍ଷର ବୋଲି ଭାବିବେ	।୨୧।
ଅଣାକ୍ଷର କୁ ଏକାକ୍ଷର	।	ବୋଲିବେ କଳିଯୁଗ ନର	।୨୨।
ଭକ୍ତ ମୋ ନିଜ ବାନ୍ଧବଟି	।	ତାହାକୁ ଦେବି ଏକ୍ଷରଟି	।୨୩।

ଏ ମୋର ନିତ୍ୟର ସେବକ । ଏକାକ୍ଷରରେ ସେ ଆଶ୍ରିତ ।୨୪।
ତୁ ବୋଲୁ ଉପଦେଶ ଦେଲେ । ଏକାକ୍ଷର ଗୁରୁ କହିଲେ ।୨୫।
ଏମନ୍ତ ନୁହଁଇ ଉଦ୍ଧବ । ଅଣାକ୍ଷରଟି ଗୁରୁଦେବ ।୨୬।
ଶିଷ୍ୟକୁ ଅଣାକ୍ଷର କହି । ଏକାକ୍ଷର ମୋ ନିଜ ଦେହି ।୨୭।
ମୋହର ସୁଦୟା ନୋହିଲେ । ସେ କାହିଁ ପାଇବ ଏ ଭଲେ ।୨୮।
କହଇ ଜଗନ୍ନାଥ ଦ.ସ । ଉଦ୍ଧବ କୃଷ୍ଣ ବାକ୍ୟେ ତୋଷ ।୨୯।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଏକାକ୍ଷର ବର୍ଣ୍ଣନେ ନାମ ଦଶମ ଅଧ୍ୟାୟ

ଏକାଦଶ ଅଧ୍ୟାୟ

ଉଦ୍ଧବ ଉବାଚଃ

ଉଦ୍ଧବ ବେନି କର ଯୋଡ଼ି । କହେ ଶ୍ରୀକୃଷ୍ଣ ପାଦେପଡ଼ି ।୧।
ଠିକରେ ଅଷ୍ଟାଙ୍ଗ କହିବ । ମନୁ ମୋ ସଂଶୟ ଫିଟିବ ।୨।
ଉଦ୍ଧବ ବାକ୍ୟେ ଦୟାମଣି । କହନ୍ତି ଜ୍ଞାନ ସାରବାଣୀ ।୩।
ମନ୍ତ୍ରଟି ମହାମନ୍ତ୍ର ଜାଣ । ମନ୍ତ୍ର ଶ୍ରୀ ମୂର୍ତ୍ତି ପରିମାଣ ।୪।
ତନ୍ତ୍ର ଅକ୍ଷର ଯନ୍ତ୍ର ଭେଦ । ତଦନ୍ତେ ଛାୟା ହେ ଉଦ୍ଧବ ।୫।
ପୂର୍ବେ ସୂର୍ଯ୍ୟଟି ଥିବ ଯେବେ । ପଶ୍ଚିମ ମୁଖେ ଉଭା ତେବେ ।୬।
ଷୋଳ ଦଳରେ ଦୃଷ୍ଟି ଧରି । ଗଗନ ମାର୍ଗେ ସେ ସଞ୍ଚରି ।୭।
ଶୁଦ୍ଧ ଶୁକଳ ବର୍ଣ୍ଣତାର । ସେ ଯେବେ ହୁଏ ନାନାକାର ।୮।
ରକ୍ତ ବର୍ଣ୍ଣରେ ଶୁଭଫଳ । କୃଷ୍ଣ ବର୍ଣ୍ଣରେ ବ୍ୟାଧିଜାଳ ।୯।
ହାରିଦ୍ରେ ସମ୍ପଦ ସୁଫଳ । ଧୂମ୍ର ବର୍ଣ୍ଣରେ ନାଶ କୁଳ ୧୦।
ଶିର ବିହୁନେ ଆପେ ନାଶ । ପାଦରେ ନାଶ ହୁଏ ଶିଷ୍ୟ ।୧୧।
ଦେହରେ ମାତା ନାଶଯାଇ । ବାହାରେ ଭ୍ରାତା ଲୀନ ହୋଇ ।୧୨।
ଏବେ କହିବା ଜ୍ୟୋତି ଭାବ । ପଦ୍ମ ଆସନରେ ବସିବ ।୧୩।
କଷଟି କଷଟି କଷାଇ । ଉଦୟେ ଅଗ୍ନି ପ୍ରାୟେ ହୋଇ ।୧୪।
ଦଗଧ କାଞ୍ଚନ ଯେସନ । ତା ମଧ୍ୟେ ଶୋଭା ନୀଳଘନ ।୧୫।
ଏହିଟି ଅବନା ଅକ୍ଷୋଭ । ଆହୁରି କହିବା ଉଦ୍ଧବ ।୧୬।
ପଲ୍ଲକେ ଜୀବ ଖେଳାଇବୁ । ଝଟକ ବିନ୍ଦୁକୁ ଦେଖିବୁ ।୧୭।
ଏମନ୍ତେ ବଙ୍କୁ ନାଳଠାରେ । ବିସରି ରହିବ ସଧୀରେ ।୧୮।
ଶେତ ଚିତା ସଳଖେ ସିନା । ଚୁମ୍ବକ ଭାବ ହୁଏ ଅନା ।୧୯।
ପଲକ ମନକୁ ନିସ୍ତର । ତ୍ରିପଞ୍ଚ ସପ୍ତ ଦଣ୍ଡ ଠାର ।୨୦।
ବିଜୁଳି ମାଳିକା ଖେଳଇ । ଦର୍ପଣେ ପ୍ରତିବିମ୍ବ ସେହି ।୨୧।
ନବୀନ ଘନ ରୂପ ଶୋଭା । ଯର୍ଦ୍ଦି ଜଗତ ମନଲୋଭା ।୨୨।
ଆହୁରି ଶୁଣ ହେ ଉଦ୍ଧବ । ଯାକ ମାଳାର ପ୍ରାୟ ହେବ ।୨୩।
ତା ମଧ୍ୟେ ବିନ୍ଦୁ ଘୋଟେ ପୃଥ୍ୱୀ । ମୃଗ ତୃଷ୍ଣାର ପ୍ରାୟ କାନ୍ତି ।୨୪।

ହାରିଦ୍ର ନୀଳ ଶୋଭାବନ । ପଞ୍ଚ ବର୍ଣ୍ଣରେ ବିତପନ ।୨୫।
କହିବା ଅନହତ ବାଣୀ । କହିବା ସ୍ୱରଶବ୍ଦ ପୁଣି ।୨୬।
ବଙ୍କନାଳ ତ୍ରିକୂଟ ଧରି । ନିଦ୍ରା ଉଜାଗରେ ବିସରି ।୨୭।
ଅଳପ ଭୋଜନ କରିବୁ । ଜାଗ୍ରତେ ନିଦ୍ରା ସଧେ ବାବୁ ।୨୮।
ତେବେତୁ ଦେଖିବୁ ସାକ୍ଷାତେ । ଅରୁଣ କାନ୍ତି ନେତ୍ରପଥେ ।୨୯।
ଏଠାରେ ଉଦ୍ଧବ ତୁ ଶୁଣ । ଆକାଶେ ନିଦ୍ରା ଘନଘନ ।୩୦।
ଅଚେତ ନିଦ୍ରା ହିଁ ନୋହିବୁ । ଶୂନ୍ୟକୁ ନିଶୁଣୀ ବାନ୍ଧିବୁ ।୩୧।
ଚଳିବୁ ଧୀର ଧୀର ହୋଇ । ଶଙ୍ଖ ଶାୟେକ ବାଟେ ତହିଁ ।୩୨।
ଦେଖିବୁ ଦୂଲ୍ଲଭ ମୂରତି । ଚେତା ଚୈତନ୍ୟ ମନେ ଘେନି ।୩୩।
ଏଥି ସୁଅଙ୍ଗ ଆଉନାହିଁ । କହିଲୁ ସୂକ୍ଷ୍ମ ଭାବ ଏହି ।୩୪।
ବଦ୍ରିକାଶ୍ରମେ ବେଗେ ଚଳ । ନାଶ ହୋଇବେ ଯଦୁକୂଳ ।୩୫।
ମୁଁ ପୁଣି ଯିବି ନିଜ ସ୍ଥାନ । ଦୁଃଖିତ ପୃଥ୍ୱୀ ହେବ କ୍ଷୁର୍ଣ୍ଣ ।୩୬।
ଶୁଣିଣ ଉଦ୍ଧବ କାତର । ନୟନୁ ପଡୁଅଛି ନୀର ।୩୭।
କୃଷ୍ଣଙ୍କୁ ପ୍ରଦକ୍ଷିଣ କରି । କୃଷ୍ଣ ବଚନ ଶିରେ ଧରି ।୩୮।
ମିଳିଲେ ଉତ୍ତର ଭୁବନ । ଶ୍ରୀ କୃଷ୍ଣ ପାଦେ ଦେଇ ମନ ।୩୯।
ଉତ୍ତର ହିମାଳୟ ଗଲେ । ବଦ୍ରିକାଶ୍ରମେ ସେ ରହିଲେ ।୪୦।
ଶ୍ରୀ କୃଷ୍ଣ ଗଲେ ନିଜସ୍ଥାନ । କଳି ଆଗମ ସେହିଦିନ ।୪୧।
ଏ କଳି ଯୁଗେ ପ୍ରାଣୀ ମାନେ । ନାଶକୁ ଇଭିବେ ଅଜ୍ଞାନେ ।୪୨।
ଅଳ୍ପ ଆୟୁଷ ଖଣ୍ଡ ଜ୍ଞାନୀ । ଶିଷ୍ୟ ପ୍ରଶିଷ୍ୟ ଗୁରୁଘେନି ।୪୩।
ଅନେକ ଶିଷ୍ୟ ହିଁ କରିବେ । ଅପ୍ରାଧୀ ହୋଇନାଶ ଯିବେ ।୪୪।
ଶିଷ୍ୟହିଁ ପାଞ୍ଚସାତ ଗୁରୁ । କରିବେ ମନ ଦନ୍ଧ ମେରୁ ।୪୫।
ନାମରେ ଗୋଚର ନୋହିବେ । ଅଜ୍ଞାନୀ ତମରେ ବୁଡ଼ିବେ ।୪୬।
ଏଗୁପ୍ତ ନାମ ତତ୍ତ୍ୱସାର । ଶୁଣିଲେ ସଂସାରୁ ଉଦ୍ଧାର ।୪୭।
ଗୁରୁ ଶିଷ୍ୟରେ ବଖାଣିବୁ । ଅନ୍ୟେ କହିଲେ ଦ୍ରୋହି ହେବୁ ।୪୮।
କହିଲେ ଜଗନ୍ନାଥ ଦାସ । ଏ ନାମ ତତ୍ତ୍ୱ ପ୍ରେମରସ ।୪୯।

ଇତି ଶ୍ରୀ ନାମ ଚନ୍ଦ୍ରିକା ହିତାୟାଂ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଏକାଦଶ ଅଧ୍ୟାୟ ।

ପାଠାନ୍ତର

ପ୍ରଥମ ଅଧ୍ୟାୟ

୪-୧ ଆଶ୍ରା=ଆଶ୍ରେ (ଖ) । ୯-୨ ଉଗତ=ଭକତ (ଗ) ୧୦-୧ ଭଗତି=ଭକତି (ଗ) । ୨୨-୨ ଜଗନ୍ନିତା=ଜଗତ୍‌ପିତା (ଗ) । ୨୩-୨ ପଦ୍ମଲାଭ=ପଦ୍ମନାଭ (ଗ) ୨୬-୨ ପଦ୍ମଲାଭ= ପଦ୍ମନାଭ (ଖ) । ୩୩-୨ ପଶଇ=ମାଗଇ (ଗ) । ୪୨-୧ ସାତ୍ତ୍ୱିକ=ସାତ୍ତ୍ୱକ୍ୟ (କ), ସାତ୍ୱକ୍ୟ (ଖ) । ୫୧-୨ ପ୍ରତ୍ୟକ୍ଷ=ପ୍ରଚକ୍ଷ (କ)(ଖ)(ଗ) ।

ଦ୍ୱିତୀୟ ଅଧ୍ୟାୟ

୨-୨ କହନ୍ତୁ=କହତୋ (କ), କହତେ (ଖ) । ୫-୨ ମୁଁ= ମୋ (ଗ) । ୧୩-୧ ଚିହ୍ନ=ଜାଣ (ଗ) । ୧୮-୨ କରି =କର (ଖ) । ୨୬-୨ ଲୀଳା=ନୀଳା (ଗ) । ୩୧-୧ କରେ=କଲେ (ଗ) । ୩୩-୧ ବୋଇତେ=ବୋଇତ (କ) । ୩୯-୨ ବାରିଧି=ବାରାଧି (କ)(ଖ) ।

ତୃତୀୟ ଅଧ୍ୟାୟ

୩-୨ ଛଡ଼=ଷଡ଼ (ଗ) । ୫-୧ ବାହାନ=ବାହନ (କ) । ୬-୨ ମନୁ =ବେଗେ (କ)(ଖ) ୭-୧ ନାରାୟଣ=ନାରାୟେଣ (ଗ) । ୫୨-୨ ସିଦ୍ଧ=ସିଦ୍ଧି (ଗ)

ଚତୁର୍ଥ ଅଧ୍ୟାୟ

୧-୨ ପୂରି=ଭରି (ଗ) । ୧୦-୧ ହୋଇ=ରହି (ଗ) । ୧୪-୨ ସ୍ୱର୍ଗ=ସର୍ଗ (କ) । ୧୫-୧ ଶ୍ୱେତ=ଶେତ (କ) । ୨୨-୧ ସିଦ୍ଧାଙ୍ଗ=ସିଦ୍ଧଙ୍ଗ (ଖ), ଶରୀର=ଶରୀରେ (କ)(ଖ) । ୨୮-୨ ଦର୍ଶନ=ଦ୍ରର୍ଶନ (କ) ଦ୍ରଷନ (ଗ) ।

ପଞ୍ଚମ ଅଧ୍ୟାୟ

୧୭-୧ ରହସ୍ୟ=ରହସ (କ)(ଖ) ।

ଷଷ୍ଠ ଅଧ୍ୟାୟ

୩-୨ ଯେକ=ଏକ (ଖ) । ୪-୨ ଦର୍ଶନ=ଦ୍ରଶନ (କ) । ୬-୧ ପଦ୍ମଲାଭ=ପଦ୍ମନାଭ (ଖ), ୬-୨ ଭକତ=ଭଗତ (କ) । ୧୪-୨ ଯେ=ଏ (ଖ) । ୨୩-୨ ବସ୍ତ୍ରରେ=ବସ୍ତ୍ରରେ (କ) । ୩୦-୨ ଶ୍ୱେତ=ଶେତ (ଖ) ।

ସପ୍ତମ ଅଧ୍ୟାୟ

୧-୨ କୃଷ୍ଣ=ଶ୍ରୀକୃଷ୍ଣ (କ) । ୩-୨ ଭକତି=ଭଗତି (କ) (ଖ) । ୫-୨ ମନର=ମନରେ (କ) । ୧୨-୧ ବାର ତୁ =ବାରୁତ (ଖ) । ୨୦-୨ ଦର୍ଶନ=ଦ୍ରଶନ (କ) ।

ଅଷ୍ଟମ ଅଧ୍ୟାୟ

୧୩-୨ ଶାର୍ଦ୍ଦୁଳ=ଶାର୍ଦ୍ଦୋଳ (କ)(ଖ) । ୩୧-୨ ଜଗତେ=ଜଗତ୍ରେ (କ)(ଖ) ।

ନବମ ଅଧ୍ୟାୟ

୧-୨ ସାଧନ=ସିଧାନ (କ)(ଖ) । ୮-୨ ନିରତ=ନିହତ (ଖ) । ୩୦-୨ ସାଧନା=ସାସନା (କ)

ଦଶମ ଅଧ୍ୟାୟ

୧୮-୨ ହେବ=ଥିବ (ଗ) ।

ଏକାଦଶ ଅଧ୍ୟାୟ

୩୧-୨ ନିଶୁଣୀ=ନିଶାଣି (କ)(ଖ) । ୩୬-୨ ହେବ=ଦେବ (ଖ), କ୍ଷୁର୍ଣ୍ଣ=କ୍ଷୀନ୍ନ (କ)(ଖ) । ୪୬-୨ ଅଜ୍ଞାନ=ଅଜ୍ଞାତ (କ) ୪୯-୧ କହିଲେ= ଭଣିଲେ (ଗ) ।

□□□

ଷୋଳ ଚଉପଦୀ

ପୋଥି ପ୍ରାପ୍ତି

(କ) ଷୋଡ଼ଶ ଚତୁଷ୍ପଦୀ-ପ୍ର. ବଡ଼ ଓଡ଼ିଆ ମଠ, ପୁରୀ, ୧ମ ସଂସ୍କରଣ

ଷୋଳ ଚଉପଦୀ:-

(କ) ଶ୍ରୀ ଦାମୋଦର କାନୁନ୍ ଗୋ, ସା/ପୋ-ମାଧବ, ଜି:- ପୁରୀ

(ଘ) ଚାରି ଚଉପଦୀ:- (ଷୋଳ ଚଉପଦୀର ଅନ୍ୟ ଏକ ପ୍ରତିଲିପି)

ଶ୍ରୀ ମନମୋହନ ଦାଶ, ସା/ପୋ:- ତୁଳସୀପୁର, ଜି:- ପୁରୀ

ପ୍ରଥମ ଚଉପଦୀ

ଶ୍ଲୋକଃ

ଭଜ ନୀଳାଚଳ ପତିମିଦଂ ରୂପଂ ପ୍ରମାଣକଂ ।
ଯୋ ଯେନ ଭ୍ରମୟାମାସ ହେମନଃ କ୍ୱନହିଭ୍ରମଂ ।
ଓଁ ନାମରେ ହରେ । ବୀଜ ଶ୍ରୀଁ । ସେ ଶିବ । ତମୋ ଗୁଣ ।
ସେ ବଳଭଦ୍ର । ଅଙ୍ଗଂ ଚନ୍ଦ୍ରାବଳୀ । ରାଗ ଗୁଜ୍ଜରୀ ।୧।

ଗୀତ

ଭଜ ନୀଳାଚଳ ପତିଙ୍କି ଏହି ରୂପ ପ୍ରମାଣ ।
ଯେ ଯେତେ ରୂପେ ଭ୍ରମାଇଲେ ମନ ନୋହିବୁ ଭ୍ରମ ।୨।

ଶ୍ଲୋକଃ

ଅୟଂ ମୂର୍ତ୍ତି ଜଗନ୍ନାଥୋ ଶ୍ଚତୁର୍ବେଦେଷୁ ଗୁପ୍ତବାନ୍ ।
ସର୍ବେଷୁ ଯନ୍ତ୍ରେ ମନ୍ତ୍ରେଷୁ ଗୁରୁ ବାକ୍ୟେନ ତତ୍ତ୍ୱକିଂ ।୩।

ଗୀତ

ଏହି ଜଗନ୍ନାଥ ମୂରତି ଚାରିବେଦେ ଗୁପତ ।
ସକଳ ଯନ୍ତ୍ର ମନ୍ତ୍ର ସାର ଗୁରୁ କହିବା ତତ୍ତ୍ୱ ।୪।

ଶ୍ଲୋକ

ଚରାଚରେଷୁ ଜୀବେଷୁ ତେଷୁ ପରମ ଏ ବହି ।
ବ୍ରହ୍ମାଣ୍ଡେ ପ୍ୟବଧାନଶ୍ଚ ନୀଳ କନ୍ଦର ସଂସ୍ଥିତିଃ ।
ଜ୍ୟୋତିଶ୍ଚକ୍ରାନ୍ତେ ଗୋଲୋକେ ରାଧାଙ୍ଗେ ବିଳସନ୍ତିହି ।୫।

ଗୀତ

ସଚରାଚର ଜୀବ ଯେତେକ ତହିଁ ପରମ ଏହି ।
କୋଟି ବ୍ରହ୍ମାଣ୍ଡେ ଅବଧାନ ନୀଳ କନ୍ଦରେ ଧ୍ୟାଇ ।
ଏହି ବ୍ରହ୍ମାଣ୍ଡେ ଯେତେ ନର ସବୁ ହୃଦେ ଯା ବାସ ।
ଜ୍ୟୋତି ଚକ୍ର ଅନ୍ତେ ଗୋଲୋକ ରାଧା ଅଙ୍ଗେ ବିଳାସ । ।୬।

ଶ୍ଲୋକଃ

ବ୍ରହ୍ମାନନ୍ଦ ସ୍ୱୟଂ ମୂର୍ତ୍ତିର୍ଘଟତି ନୀଳ କନ୍ଦରେ ।
ଅବତାରା ବଳୟୋ ଯେ ଚ ସର୍ବେଷାଂ ସ୍ଥଳ ବିଶ୍ରମଂ ।୭।

ଗୀତ

ସ୍ୱୟଂ ବ୍ରହ୍ମାନନ୍ଦ ମୂର୍ତ୍ତିଏ ନୀଳାଚଳେ ଘଟଣା ।
ଅବତାର ଶ୍ରେଣୀ ଯେତେକ ସବୁ ବିଶ୍ରାମ ଠଣା ।
ଅବତାର ଶ୍ରେଣୀ ଯେତେକ କ୍ଷେତ୍ରକୁଳ ବିଶେଷ ।
ଏ ଜଗନ୍ନାଥ ପ୍ରତିବିମ୍ବଂ ତହିଁ ପଦ୍ମ ଯା ବାସ ।୮।

ଶ୍ଲୋକ

ଅନନ୍ତୋ ବଳଭଦ୍ରସ୍ୟ ସେବା ଚମ୍ମା ନିବେଦନଂ ।
କରୋତି ଯଂ ଚାଙ୍ଗତି ସଜାସନ ପର୍ଯ୍ୟଙ୍କ ଧାରଣଂ ।
ଶେଷ ବୃକ୍ଷବରେ ଚୈବ ଫଣା ଛତ୍ରେ ତଥୈବଚ ।
ରତ୍ନ ହେମ ମଣ୍ଡପେଚ କୁର୍ଯ୍ୟାନିତ୍ୟ ବିହାରକଂ ।୯।

ଗୀତ

ଅନନ୍ତ ବଳଭଦ୍ର ସେବା ଆତ୍ମା ନିବେଦନକୁ ।
ଅଙ୍କଶ-ଯାସନ ପର୍ଯ୍ୟଙ୍କ କରିଛନ୍ତି ଯାହାକୁ ।
ଶେଷ ତରୁବର ଘଟଣା ଫଣାଛତ୍ର ଆକାର ।
ରତ୍ନ ହେମ ମଣି ମଣ୍ଡପେ କରେ ନିତ୍ୟ ବିହାର ।୧୦।

ଶ୍ଳୋକ

ଅତ୍ର ସିଂହାଚଳଚୈବ ଜଗନ୍ନାଥସ୍ୟ ବାଚକଂ ।
ରାଧା ସ୍ନେହାମୃତା ସ୍ୱାଦ ଲାଭପାନେ ସଜ୍ଜୀବତି ।
ଶ୍ରୀ ମୁଖଂ ଜଗନ୍ନାଥସ୍ୟ ମହାନନ୍ଦେନ ନିର୍ମିତଂ ।
ପ୍ରେମାନନ୍ଦ ତନୁଂ ଧୃତ୍ୱା ରସା ନନ୍ଦେନ ସାଧନଂ ।୧୧।

ଗୀତ

ଏମନ୍ତ ସିଂହାସନେଥାଇ ଜଗନ୍ନାଥ ବୋଲାଇ ।
ରାଧାରମଣି ସ୍ନେହଲାଭ ରସ ପାନେ ଜିଅାଁଇ ।
ଶ୍ରୀ ଜଗନ୍ନାଥଙ୍କ ଶ୍ରୀମୁଖ ମହାନନ୍ଦେ ଘଟନା ।
ପ୍ରେମାନନ୍ଦ ଜନ ଧରିଣ ରସାନନ୍ଦେ ସାଧନା । ।୧୨।

ଶ୍ଳୋକ

ରାଧାଙ୍ଗେ ପାଙ୍ଗପ୍ରୁଟିତଂ ଲେଶ ନହି ପ୍ରକାଶତେ ।
ଯଥା ବୀଜାତ୍ ଅଙ୍କୁରିତଂ ତଥା ଦୃଶ୍ୟେଚ ସାଦୃଶମ୍ ।୧୩।

ଗୀତ

ରାଧା ଅଙ୍ଗେ ଅଙ୍ଗେ ପୁଟିଚ ଚିଙ୍କେ ନାହିଁ ପ୍ରକାଶ ।
ଯେହ୍ନେ ବୀଜରୁ ଅଙ୍କୁରିଚ ତେହ୍ନେ ଦିଶେ ସାଦୃଶ ।୧୪।

ଶ୍ଲୋକ

ତ୍ରିରୂପଂ ଯେ ଚ ଜାନନ୍ତି ଚେତନେ ବିଳସନ୍ତ ହି ।୧୫।

ଗୀତ

ଏ ତିନିରୂପ ଯେ ଜାଣଇଁ ଚେତନାରେ ବିଳାସ ।
ଜଗନ୍ନାଥ ଦାସ ବୋଲଇ ସନ୍ଥ ଚରଣେ ଆସ ।୧୬।

ଦ୍ୱିତୀୟ ଚଉପଦୀ

ଶ୍ରୀ ରାଗ ଚୋଖି । ନାମରେ ରାମ । ବୀଜରେ ହାଁ ।
ସେ ସୁଭଦ୍ରା । ସେ ରାଧାଙ୍ଗ । ସେ ବ୍ରହ୍ମା । ସେ ରଜୋଗୁଣ

ଶ୍ଲୋକ

ଶ୍ରୀ ପୁରୁଷୋତ୍ତମ ପୁରଃ କୋଟି ବ୍ରହ୍ମାଣ୍ଡତଃ ପୁରେ ।
ବ୍ରହ୍ମାନନ୍ଦ ସ୍ୱୟଂ ଯତ୍ର ଘଟତେ କ୍ଷେତ୍ର ଧାରଣା ।
ସ୍ଥାବରା ଜଙ୍ଗମା କୀଟଃ ପତଙ୍ଗା ଦ୍ୟାଶ୍ଚ ଯେନରାଃ ।
କ୍ଷେତ୍ରାଦସ୍ମାଜାୟନ୍ତେ ଭିଦ୍ୟନ୍ତେ ବିଭ୍ରମନ୍ତି ଚ
ରେବତୀଶଃ କ୍ଷେତ୍ର ବରୋ ଶରୀର ଜୀବ ମୂର୍ତ୍ତିମାନ୍ ।
ଇଦଂ ପଞ୍ଚକ୍ରୋଶ ଜାତଂ ଶ୍ରୀ ମନ୍ନାରାୟଣଂ ସ୍ୱୟଂ ।

ଭୂ ଶକ୍ତି ବିଶ୍ୱରୂପେଣ କ୍ଷେତ୍ରସ୍ୟ ଘଟନଂ ତଥା ।
ପ୍ରକାଶ ଚେତ ମାୟାଙ୍ଗ ସଂକୋଚଂ ବ୍ରହ୍ମ ରୂପକଂ ।
ଅନେନ ହେତୁନା କୋଽପି ନ ଜ୍ଞାତ୍ୱା ଭ୍ରମତି ପୁନଃ ।
ନୀଳ କନ୍ଦର ସଂଭୂତଃ ପ୍ରକୃତି ପୁରୁଷ ସ୍ତଥା ।୧।

ଗୀତ

ଶ୍ରୀ ପୁରୁଷୋତ୍ତମ ପୁର କୋଟି ବ୍ରହ୍ମାଣ୍ଡ ଉପର-
ସ୍ୱୟଂ ବ୍ରହ୍ମାନନ୍ଦ ଯହିଁ କ୍ଷେତ୍ର ଘଟଣା,
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଯେତେ ଲୋକ-
ଏହି କ୍ଷେତ୍ରୁଂ ଜାତ ହୋଇ ହୁଅନ୍ତି ବଣା ।
କ୍ଷେତ୍ରବର ରେବତୀ ପତି ।
ସକଳ ଶରୀରେ ଯେହୁ ଜୀବ ମୂରତି ।
ଏହୁ ପଞ୍ଚକ୍ରୋଶ ଜାଣ ସ୍ୱୟଂ ଶ୍ରୀମନ୍ନାରାୟଣ
ଭୂଶକ୍ତି ବିଶ୍ୱରୂପରେ କ୍ଷେତ୍ର ଧାରଣା ।
ମାୟା ଅଙ୍ଗ ପ୍ରକାଶିଣ ବ୍ରହ୍ମଅଙ୍ଗ ସଂକୋଚିଣ-
ଏଣୁ କେହି ନ ବୁଝନ୍ତି ହୁଅନ୍ତି ବଣା ।
ଦେଖ୍ ଆତ୍ମା ଅଭେଦ ମତ
ପ୍ରକୃତି ପୁରୁଷ ନୀଳାଚଳେ ସମ୍ଭୂତ ।୨।

ଶ୍ଳୋକ

ମାୟାବ୍ରହ୍ମ ପରେ ଯୋହି ପରଂବ୍ରହ୍ମ ସ ଏବ ଚ ।
ସଚ୍ଚିଦାନନ୍ଦରୂପେଣ ଦେହ ଧାରଣଂ କାରଣଂ ।
କୃଷ୍ଣେତି ଯସ୍ୟ ନାମୈବ ଶ୍ରୀ ମୂର୍ତ୍ତି ତସ୍ୟ ଧାମ ଚ ।
ଦ୍ୱୟାଙ୍ଗଂ ମେକ ମେକାଙ୍ଗ ମର୍କାଙ୍ଗ କିରଣଂ ମତଂ ।
ସୂର୍ଯ୍ୟଜ୍ୟୋତି ଯଥା ଖ୍ୟାତି ଭବନ୍ତି ଜଗତସ୍ତଥା । ।୩।

ଗୀତ

ମାୟାବ୍ରହ୍ମପରେ ଯେହୁ ପରମ ବ୍ରହ୍ମଟି ସେହୁ ।
ସଚ୍ଚିଦାନନ୍ଦ ସ୍ୱରୂପ ଦେହ ଧାରଣ ।
ଶ୍ରୀ କୃଷ୍ଣ ବୋଲି ଯା ନାମ ଜଗନ୍ନାଥ ତାଙ୍କ ଧାମ ।
ଦୁଇଚନ୍ଦ୍ର ଏକ ଅଙ୍ଗ ଏମନ୍ତ ଜାଣ
ଅର୍କ ଅଙ୍ଗ କିରଣ ମତ ।
ଯେହ୍ନେ ସୂର୍ଯ୍ୟ ଜ୍ୟୋତି ବୋଲି ଖ୍ୟାତି ଜଗତ । ।୪।

ଶ୍ଲୋକ

ପରଂବ୍ରହ୍ମ ଦିବ୍ୟଜ୍ୟୋତିଃ ଶ୍ରୀ ଜଗନ୍ନାଥସ୍ତୁ ମୂର୍ତ୍ତିମାନ୍ ।
ଅତ୍ରପୁରେ ରାଧାକୃଷ୍ଣୌ ବିଳସତ ସର୍ବଦା ସୁଖୀ ।
ଦ୍ୱୟଂ ବାବରଣଂ ପଞ୍ଚଏକ ଏକୈକ ଦ୍ୱିଗୁଣଂ ।
ଷଟ୍‌କୋଣ ପ୍ରେମଶଯ୍ୟାୟାଂ ବିଳସେତ୍ ପ୍ରେମ ରାଧିକାଂ ।
ପ୍ରେମାନନ୍ଦ ଶକ୍ତିମ୍ପି ମହାନନ୍ଦେଚ ସ୍ୱାଦତି ।୫।

ଗୀତ

ଶ୍ରୀ ଜଗନ୍ନାଥ ମୂରତି ପରଂବ୍ରହ୍ମ ଦିବ୍ୟ ଜ୍ୟୋତି-
ଏମନ୍ତ ପୁରରେ ରାଧାକୃଷ୍ଣ ବିଳାସେ ।
ବେନି ପାଞ୍ଚ ଆବରଣ କଲୁ ଏକ ଦୁଇଗୁଣ ।
ଷଟକୋଣ ପ୍ରେମଶଯ୍ୟା ପ୍ରେମ ରାହାସେ ।
ପ୍ରେମାନନ୍ଦ ଶକ୍ତି କି ଘେନି
ମହାନନ୍ଦେ ଆସ୍ୱାଦନ୍ତି ଏ ରସ ବେନି ।୬।

ଶ୍ଳୋକ

ସ୍ଥଳେ ତସ୍ମିନ୍ ରୋପୟିତ୍ୱା ରାଧିକାଙ୍ଗଂଚଯେ ନରାଃ ।
ରାଧାଙ୍ଗେ କୃଷ୍ଣ ମାସ୍ୱାଦ୍ୟ କୃଷ୍ଣୋ ଭର୍ତ୍ତା ମମୈବଚ ।
ଅହଂତୁ ବଲ୍ଲଭା ନାରୀ କୃଷ୍ଣସ୍ୟ ନାନ୍ୟ ଭାବନଂ ।୭।

ଗୀତ

ସେ ସ୍ଥଳେ ଯେତେକ ଜନ ରାଧାଙ୍ଗ ନିରୂପଣ ।
ରାଧାଅଙ୍ଗେ ଆତ୍ମାଥୋଇ କୃଷ୍ଣ ଆସ୍ୱାଦି ।
କୃଷ୍ଣଙ୍କୁ ମୋହର କରି ମୁହିଁ ସେ କୃଷ୍ଣର ନାରୀ ।
ଏହିଭାବ ବିନୁ ଅନ୍ୟ ଭାବ ନ ଭାବି
ଜଗନ୍ନାଥ ଦାସ ଅଯୋଗ୍ୟ ।
ସନ୍ଥ ପାଦରଜ କୃପାରୁ ରସ ଭୋଗ୍ୟ ।

ତୃତୀୟ ଚଉପଦୀ

ଶ୍ରୀ ରାଗ-ଗୁଜ୍ଜରୀ । ନାମରେ ହରେ ।
ବୀଜ କ୍ଲୀଁ ଯେ କୃଂ ସେ କୃଷ୍ଣ
ସେ ଜଗନ୍ନାଥ । ସେ ବିଷ୍ଣୁ । ସେ ସତ୍ୱଗଣ ।

ଶ୍ଳୋକ

ରାତ୍ର୍ୟାବଶେଷେ ଦୃଷ୍ଟ୍ୱାଷ୍ଟ ଶୋରେ ନୀଳାଦ୍ରି ନାୟକଂ ।
ରାଧାକୃଷ୍ଣଷ୍ଟ ଏକାଙ୍ଗ ସ୍ନିଗ୍ଧ ଲୀଳାଂ କରୋତି ଚ ।୧।

ଗୀତ

ନିଶି ଅବଶେଷେ ଦେଖିଲି ଶୋଭା ନୀଳାଦ୍ରିପତି ।
ରାଧାକୃଷ୍ଣ ଏକା ହୋଇଣ ସୁଖେ ଲୀଳା କରନ୍ତି ।୨।

ଶ୍ଳୋକ

ଉପମାନଂ ପ୍ରଦାତବ୍ୟା ବଚନଂ ଯତ୍ର ନାସ୍ତି ଚ ।
ଦୃଷ୍ଟଃ ସିଂହାସନଂ ଚୈବ ଯୋଗମାୟା ଚ ତତ୍ର ହି ।୩।

ଗୀତ

କି ଉପମା ଦେବି ମହିମା ତହିଁ ବଚନ ନାହିଁ ।
ସିଂହାସନ ପ୍ରାୟେ ଦିଶଇ ଯୋଗମାୟା ସେଠାଇଁ ।୪।

ଶ୍ଳୋକ

ଦ୍ବୈଠୀ କଟୀ ପାଦ ଯୁଗ୍ମ ଜଗନ୍ନାଥସ୍ୟ କେବଳମ୍ ।
ପ୍ରେମ୍ ଶାଚୈବ ମହାମେରୁ ଲୁପ୍ତୋରାଧା ଘନେ ସ୍ତନେ ।୫।

ଗୀତ

ଜଗନ୍ନାଥ ପାଦ ବଇଠି କଟି ସୁଖ କେ କହିପାରୁ ।
ରାଧା ବେନି କୁଚ ଘଞ୍ଚେ ଲୁଚିଛି ପ୍ରେମେ ଏ ମହାମେରୁ ।୬।

ଶ୍ଳୋକ

ରାଧା ମୁଖ ସୁଧାପାନେ ଲୁପ୍ତଂ କୃଷ୍ଣାନନା ମୃଙ୍ଗଂ ।
ନାସା ଶ୍ରୋତ୍ର କପୋଳାଦି କୋଽପି ତତ୍ର ନିବାରିତଂ ।୭।

ଗୀତ

ରାଧାମୁଖ ପଙ୍କଜ ସୁଧାପାନେ କୃଷ୍ଣ ମୁଖ ଲୁଚିଲା ।
ନାସା ଶ୍ରବଣ କପୋଳାଦି କେହି ବାରି ନୋହିଲା ।
ଜଗନ୍ନାଥର ସହଜେ ଲୁଚିଛି ଭୁଜ କୋଳାଗ୍ରତ ଲମ୍ଭଟେ ।
ଜଗନ୍ନାଥ ଦାସ ଭେଟିଲେ ସଜ୍ଜନଙ୍କ ବାଟେ ।୮।
ଚତୁର୍ଥ ଚଉପଦୀ
ରାଗ-ଗୁଜରୀ । ନାମରେ- ରାମ, ବୀଜ-ଗୋ ।

ଶ୍ଳୋକ

ଅହଂମେବା ପୂର୍ବ ରାସଂ ଦୃଷ୍ଟଂ ଶ୍ରୀ ନୀଳକନ୍ଦରେ ।
ଅଷ୍ଟପତ୍ରେ ନାୟିକା ଷ୍ଟୌ ଚାନନ୍ତ ଶିରସି ସ୍ଥିତା ।୧।

ଗୀତ

ମୁଁ ଯେ ଦେଖିଲି ନୀଳାଦ୍ରି ରାହାସ ବୀଜେ ନୀଳ କନ୍ଦରେ
ଅଷ୍ଟଦଳେ ଅଷ୍ଟନାୟିକା ଅନନ୍ତର ଶିରରେ ।୨।

ଶ୍ଳୋକ

ହୀରାଙ୍ଗଣେ ଚତୁଃପାର୍ଶ୍ୱେ ଶିଖା ମରକତସ୍ୟହି ।
ପଦ୍ମାଷ୍ଟ କେଶର ମଧ୍ୟେ ବିଜୟୀ କୃଷ୍ଣ ରାଧିକା ।
ଅଙ୍ଗ ଅଙ୍ଗ ଭେଦନଂଚ ତୌଚ ଏକ ସ୍ୱରୂପକୌ ।
ଭାତି ହେମଲତା ରାଧା ଶ୍ରୀକୃଷ୍ଣ ନୀଳ ନାୟକଃ ।୩।

ଗୀତ

ଚଉପାଶେ ହୀରା ପ୍ରାଙ୍ଗଣ ମରକତର ଶିଖା ।
ଅଷ୍ଟଦଳ ମଧ୍ୟେ କେଶରେ ବୀଜେ କୃଷ୍ଣ ରାଧିକା ।

ଅଙ୍ଗକୁ ଅଙ୍ଗ ଭେଦାଭେଦି ବେନି ସ୍ୱରୂପ ଏକ ।
ହେମଲତା ପ୍ରାୟ ରାଧିକା କୃଷ୍ଣ ନୀଳା ନାୟକ ।୪।

ଶ୍ଳୋକ

ଶ୍ରୀକୃଷ୍ଣ ବାମ ଜାନୌଚ ରାଧାୟାଃ କୁଚ ପୈଠକଂ ।
ଧୃତ୍ୱା ଚିବୁକ ମାଲିଙ୍ଗ୍ୟକୁର୍ଯ୍ୟାଦ୍ ଗୋଲୋକ ନାୟକଃ ।୫।

ଗୀତ

କୃଷ୍ଣ ବାମଜାନୁରେ ବୀଜେ ରାଧାକୁଚ ପୈଠି ଦେଇ ।
ଚିବୁକ ଧରି ଆଲିଙ୍ଗନ କରେ ଗୋଲକ ସାଇଁ ।୬।

ଶ୍ଳୋକ

ଦୌ ଜନୌ ମୁରଲିମେକାଂ ବାଦୟେ ଦଡି ସୁସ୍ୱରାଂ ।
କୋଟି ବ୍ରହ୍ମାଣ୍ଡ ଜାତି ସ୍ୱାସେ ନା ପ୍ନୋତି ଶେଷ ଲେଶକଂ । ।୭।

ଗୀତ

ଶ୍ରୀକୃଷ୍ଣ ଅଙ୍ଗେ କି ଉପମା ଦେବା ସବୁ ଶୋଭାଙ୍କ ଘର ।
ଏକ ମୁରଲୀ ବେନି ଜନେ ସ୍ବରେ ଅଟି ସୁସ୍ୱର ।
କୋଟି ବ୍ରହ୍ମାଣ୍ଡ ଯାନ୍ତି ପଲକେ ଶେଷ ଲେଶ ନ ପାଇ ।
ରାଧାକୃଷ୍ଣ ବେନି ଚରଣେ ଜଗନ୍ନାଥ ଦାସ ସେବଇ ।୮।

ପଞ୍ଚମ ଚଉପଦୀ

ରାଗ-ଗୁଜ୍ଜରୀ । ବୀଜରେ ଫ୍ଲାଁ
ନାମରେ ରାମ ।

ଶ୍ଳୋକ

ରାଧାକୃଷ୍ଣ ନିତ୍ୟ ଲୀଳାସ୍ଥାନଂ ନିଜ ବିଳାସକଂ ।
ମଣି ମଣ୍ଡପ ପଦ୍ମାଷ୍ଟୌ ଭୂଷଣଂ ଶେଷ ମସ୍ତକେ ।୧।

ଗୀତ

ରାଧାକୃଷ୍ଣଙ୍କ ନିତ୍ୟ ଲୀଳା ନିଜ ବିଳାସ ସ୍ଥାନ ।
ଅଷ୍ଟଦଳ ମଣି ମଣ୍ଡପ ଶେଷଶିରେ ଭୂଷଣ ।୨।

ଶ୍ଳୋକ

ମଣି ମାଣିକ୍ୟ ଜ୍ୟୋତି ଷ୍ଚ କୋଟି ସୂର୍ଯ୍ୟଂଚରଞ୍ଜୟେତ୍ ।
ରସେ ବିଳାସ ହାସ୍ୟେ ଶ୍ରୀ ରାଧାକୃଷ୍ଣ ବିରାଜତେ ।
ଶେଷା ଶେଷ ପ୍ରକୃତେଷ୍ଚ ପ୍ରେମାରୂପାଚ ଯାୟତେ ।
ତଦଂଶାତ୍ ଚରେଦ୍ ଯୋଗମାୟା କେବଳ ବାରିତା ।୩।

ଗୀତ

ମଣି ମାଣିକ୍ୟ ଦିବ୍ୟ ଜ୍ୟୋତି କୋଟି ସୂର୍ଯ୍ୟକୁ ଗଞ୍ଜେ ।
ରସବିଳାସ ହାସରସେ ରାଧା ଶ୍ରୀକୃଷ୍ଣ ବିଜେ ।
ଶେଷ ଅଶେଷ ପ୍ରକୃତିରୁ ପ୍ରେମରୂପା ଏ ନାରୀ ।
ତାହାଙ୍କ ଅଂଶୁ ସଞ୍ଚରିଲେ ଯୋଗମାୟା ଏ ବାରି ।୪।

ଶ୍ଲୋକ

ଚତୁଃ ପୃଷ୍ଠେ ଚତୁଃଶକ୍ତି ରାଚରେ ଭକ୍ତି ଯୋଗାଙ୍ଗ ।
ତଦଂଶାସଂଚରେ ନିତ୍ୟଂ ନାୟକାଶ୍ଚ ଚତୁଃ ପୁନଃ ।୫।

ଗୀତ

ଚାରି ପୃଷ୍ଠରେ ଚାରି ଶକ୍ତି ଭକ୍ତି ଯୋଗ ଆଚରି ।
ତାହାଙ୍କ ଅଂଶୁ ସଞ୍ଚରିଲେ ନିତ୍ୟ ନାୟିକା ଚାରି ।୬।

ଶ୍ଲୋକ

ତ୍ରିକୋଣେ ତ୍ର୍ୟକ୍ଷରଂ ଚୈବ ଲକ୍ଷ୍ମୀଂ ଲଜ୍ୟାଚ ମନ୍ମଥଃ ।
ତତ୍ର ତ୍ରିକୋଣକଂ ଭୂତ୍ୱା ରାଧାକୃଷ୍ଣଂ ସଦା ଭଜ ।୭।

ଗୀତ

ତ୍ରୟ କୋଣରେ ତ୍ରୟ ଅକ୍ଷର ଲକ୍ଷ୍ମୀପରା କ୍ଲୀଁ ବୀଜ ।
ତ୍ରିକୋଣ ଭେଦ ତଥିପରେ ରାଧାକୃଷ୍ଣଙ୍କୁ ଭଜ ।୮।

ଶ୍ଲୋକ

ଷଡ଼କ୍ଷରଂ ଚ ଷଟ୍‌କୋଣେ ଶକ୍ତିରୂପେଣ ଧ୍ୟାୟତି ।
ଦଶାର୍ଣ୍ଣଂ କୃଷ୍ଣ ଚନ୍ଦ୍ରଂ ଚ କଥଂ ତେ ଗୁରୁଣା ପୁନଃ ।୯।

ଗୀତ

ଷଟ କୋଣ ଷଟ ଅକ୍ଷର ଶକ୍ତିରୂପେଣ ଧାୟି
ଦଶାକ୍ଷର କୃଷ୍ଣ ସ୍ୱରୂପ ଗୁରୁ ଅଛନ୍ତି କହି ।୧୦।

ଶ୍ଲୋକ

ଷୋଡ଼ଶାର୍ଣ୍ଣଂ ମହାମନ୍ତ୍ରଂ ମେନଂ ଯନ୍ତ୍ରେଣ ଭିଦ୍ୟତେ ।
ବିଚାରଃ କୃଷ୍ଣ ରୁକ୍ମିଣ୍ୟୋ ଦୀକ୍ଷା ଚ ପରମଂ ପଦଂ ।୧୧।

ଗୀତ

ଷୋଡ଼ଶାକ୍ଷର ମହାମନ୍ତ୍ର ଏହା ଯନ୍ତ୍ରରେ ଭେଦ ।
କୃଷ୍ଣ ରୁକ୍ମିଣୀଙ୍କ ବିଚାର ଦୀକ୍ଷା ପରମ ପଦ ।
ଶ୍ରୀ ଗୁରୁ ଆଜ୍ଞା ଉପଦେଶ ଏହୁ ଗୁପତ ବାଣୀ ।
ନବକିଶୋରୀ ଅଙ୍ଗ ସଙ୍ଗ ଜଗନ୍ନାଥ ଦାସ ବଖାଣି ।୧୨।

ଷଷ୍ଠ ଚଉପଦୀ

ରାଗ କୌଶିକ । ନାମରେ ରାମ ବୀଜରେ ଜ ।

ଶ୍ଲୋକ

ପରମ ପ୍ରକୃତି ଷୈବ ଦ୍ୱୌଜନୌ ଶେଷ ମସ୍ତକେ ।
ସୁଖେନା ସ୍ୱାଦତି କୃଷ୍ଣୋ ଶ୍ରୀରାଧାରମଣି ସଦା ।୧।

ଗୀତ

ଶୁଣ ସୁଜନେ ପରମରସ ବିଦ୍ୟା ପରମ ଗୁହ୍ୟ ପରାୟଣ ।
ପଞ୍ଚପୁରୁଷ ପ୍ରବୃତ୍ତି ବେନିଜନେ ବିଜେ ଶେଷ ଦେବେଣ ।
ଏକ ସଙ୍ଗରୁ ବେନିରୁ ସ୍ୱରୂପ ଶୋଭାକରେ ।
ରାଧାରମଣି ଶ୍ରୀକୃଷ୍ଣ ଆସ୍ୱାଦନ୍ତି ସର୍ବସୁଖ ଯେ ଅନ୍ତରେ ।୨।

ଶ୍ଳୋକ

ନୟନେ ନୟନଂ ବଧ୍ୱା ଚାଧରେଽ ଧରସ୍ୱାଦନଂ
ହୃଦ ଯାବକେ ତୌ ନିବିଡ଼ ଘନ ଚଞ୍ଚଳ ନିଶ୍ଚଳୌ ।୩।

ଗୀତ

ନୟନ ଚକ୍ଷେ ନୟନ ବନ୍ଧା ବନ୍ଧି ଅଧରେ ଅଧରା ସ୍ୱାଦରେ ।
ଚିରେ ଚିରୋଇ ଚଉଷଠି ଯନ୍ତ୍ର ରାହାସ କୋଟି କଳ୍ପାନ୍ତରେ ।
ଅସ୍ଖଳିତ ଅଙ୍ଗ ରାଧା ଅଙ୍ଗେ ହୋଇ ପ୍ରକାଶ ।୪।

ଶ୍ଳୋକ

ଅଷ୍ଟକୋଣେ ଅଷ୍ଟକାରୀ ବଲ୍ଲଭୀ ବୃବେଲ୍ଲଭଂ ।
ପ୍ରେମବୀଜ ମହାଶକ୍ତିଃ ଷଟ୍ କୋଣେ ଗୁଣମାଚରେତ୍ ।
ଯୋଗମାୟା ଦିବ୍ୟଜ୍ୟୋତି ଭୂତ୍ୱା ବିଷ୍ଣୁ ପ୍ରଭୃତୟଃ
ବିନା ଯନ୍ତ୍ରେଣ ମନ୍ତ୍ରେଣ ନ ପଶ୍ୟନ୍ତି ଚ ତତ୍ ସ୍ଥଳଂ ।୫।

ଗୀତ

ପ୍ରାଣ ବଲ୍ଲଭଙ୍କୁ ବଲ୍ଲଭି ବେଷ୍ଟିତ ଷଟ୍‌କୋଣେ ଷଟକିଶ୍ୱରୀ ।
ଷଟକୋଣେ ପ୍ରେମବୀଜ ମହାଶକ୍ତି ସର୍ବଗୁଣେ ଲୀଳା ଆଚରି ।
ଚଦ୍ ଅନ୍ତରେ ଯୋଗମାୟାଙ୍କୁ ଭେଦି ଦିବ୍ୟ ଜ୍ୟୋତି ।
ବିନା ଯନ୍ତ୍ରେ ମନ୍ତ୍ରେ ମହାବିଷ୍ଣୁ ଆଦି ସେ ସ୍ଥଳେ କେହି ନ ଦେଖନ୍ତି ।୬।

ଶ୍ଳୋକ

ଅସୌମୂର୍ତ୍ତି ଜଗନ୍ନାଥଃ ରାଧାକୃଷ୍ଣଃ ସ ଏ ବହି ।
ଦ୍ୱୟାଙ୍ଗ ଭେଦୋ ନାସ୍ତୀତି ଯନ୍ତ୍ରସ୍ଥଳ ସୁଖେ ନ ହି ।୭।

ଗୀତ

ସେହୁ ରାଧାକୃଷ୍ଣ ଏହୁ ଜଗନ୍ନାଥ ଦୁଇଅଙ୍ଗ ଭେଦନୁହଁତି
ତଦନ୍ତରେ ଯନ୍ତ୍ର ସ୍ଥଳ ଆଦି ଅଂଶ ଘେନି ସୁଖେ ଲୀଳା କରନ୍ତି ।
ଯେଉଁ ସାଧକ ଏହୁ ମନ୍ତ୍ରକୁ ଧ୍ୟାନ କରେ ।
ଜଗନ୍ନାଥ ଦାସ ସେ ସାଧୁଚରଣେ ପଡ଼େ ଅବଶେଷ ଆସରେ ।୮।

ସପ୍ତମ ଚଉପଦୀ

ରାଗ ବସନ୍ତ । ନାମରେ ହରେ । ବୀଜରେ ନ ।

ଶ୍ଳୋକ

କରୋତି ରାଧା ଭୋଗଂ ଚ ନୀଳାଦ୍ରି ଦେବତା ତଥା ।
ଯୁଗୋକୋଟି ଗତେ ଲୀଳାଭଙ୍ଗୋ ନ ଜାୟତେ ।୧।

ଗୀତ

ନୀଳାଦ୍ରି ଦେବତା ରାଧା କରନ୍ତି ଭୋଗ ।
କୋଟିଯୁଗ ଗଲେ ଲୀଳା ନୁହଇ ଭଙ୍ଗ ।
ଶ୍ରୀ ଚରଣୁ ଯନ୍ତ୍ର ଶ୍ୱେତ ତିଳକ ଯାଏ ।
ପ୍ରତି ଅଙ୍ଗ ହୋଇଶେଷ ଶିବେ ବିଜୟେ ।୨।

ଶ୍ଳୋକ

ନ ଦୃଶ୍ୟତେ ଦ୍ୱୟାଙ୍ଗ ଚ ଦ୍ୱୟାଙ୍ଗ ଦୃଶ୍ୟତେ ତଥା ।
ଯଃ ସାଧୁଃ ପରମଃ ସୋଽପି ବୃଷ୍ଟିନା ଦୃଶ୍ୟତେ ଽପିଚ ।୩।

ଗୀତ

ଦୁଇଅଙ୍ଗ ନ ଦିଶଇ ଦିଶଇ ଦୁଇ ।
ପରମ ସାଧୁ ଯେ ସେହୁ ଦୃଷ୍ଟିରେ ଦେଖଇ ।
ଅଶେଷ ବ୍ରହ୍ମାଣ୍ଡ ଯାର ଦାସୀ କରଇ ।
ସେ ରମଣୀ ଘେନି ଜଗନ୍ନାଥ ବିହରଇ ।୪।

ଶ୍ଳୋକ

ସିଂହାସନଂ ଯୋଗମାୟା ତତ୍ର ଶେଷଶ୍ଚ ଲୁପ୍ୟତେ ।
ମାୟାଙ୍ଗେନ ଶେଷ ପାର୍ଶ୍ବେ ତିଷ୍ଠତି ଚାପି ସର୍ବଦା ।
ଅୟଂ ସୋ ଽପିଚାୟଂ ଏବଂ ଜାନି ହି ସର୍ବଦା ।୫।

ଗୀତ

ଯୋଗମାୟା ସିଂହାସନେ ଶେଷ ଲୁଚିଛି ।
ମାୟା ଅଙ୍ଗ ହୋଇ ଶେଷ ପାସେ ବସିଛି ।
ଏହି ସେହି ସେହୁ ଏହୁ ଏମନ୍ତ ଜାଣ ।
ଜଗନ୍ନାଥ ଦାସ ଭଜେ ଶ୍ରୀ ରାଧା ଚରଣ ।୬।

ଅଷ୍ଟମ ଚଉପଦୀ

ରାଗ ବସନ୍ତ । ନାମରେ ହରେ । ବୀଜରେ ବ ।

ଶ୍ଳୋକ

ଅବିଦ୍ୟାୟାଃ କୋଟି କୋଟି ବ୍ରହ୍ମାଣ୍ଡୋ ଭବତି ତଥା ।
ଯଂ ବ୍ରହ୍ମ ଚାନ୍ତରଂଭୂତ୍ୱା ତ୍ୱମେବ କେବଳଂ ପୁନଃ ।୧।

ଗୀତ

ଅବିଦ୍ୟାରୁ କୋଟି କୋଟି ବ୍ରହ୍ମାଣ୍ଡ ହୋଇ ।
ବ୍ରହ୍ମ ଯେ ଅଛନ୍ତି ତାକୁ ଅନ୍ତର ହୋଇ ।
ଶ୍ରୀ କୃଷ୍ଣ ଶ୍ରୀ ରାଧାଙ୍କର ରହସ୍ୟ ଯହୁଁ ।
ଅଧିବିଘ୍ନ ସେବା ବାସନାଙ୍ଗ ଚ ଦେହୁଁ ।୨।

ଶ୍ଲୋକ

ରାଧାଙ୍ଗ ଭବଚି ତଦ୍ର ବାସନା ଙ୍ଗଚ ସର୍ବଦା ।
ଶ୍ରୀ କୃଷ୍ଣାନୁଭବଂ ଯାଚି ରାଧାଙ୍ଗେ ଯୋଃ ପି- ତିଷ୍ଠତି ।୩।

ଗୀତ

ବାସନା ଦେହ ରାଧା ଅଙ୍ଗ ଯେ ହୋଇ
ଶ୍ରୀ କୃଷ୍ଣାନୁଭବ ରାଧା ଅଙ୍ଗ କୃଷ୍ଣର ପାଇଁ ।୪।

ଶ୍ଲୋକ

ରସାନନ୍ଦଂ ଗୃହିତ୍ୱାଚ ରତୌନାମ ରତଂ ତଥା ।
ହରେରାମ କୃଷ୍ଣ ମନ୍ତ୍ରଂ ଷୋଡ଼ଶ ନାମ ଲକ୍ଷଣଂ ।୫।

ଗୀତ

ରସାନନ୍ଦକୁ ଘେନି କରନ୍ତି ରତି ।
ସୁରତରେ ନାମ ନିରପି-ରତି ।
ହରେରାମ କୃଷ୍ଣମନ୍ତ୍ର ଯହୁଁ ଏ ତେଣୁ ।
ଷୋଡ଼ଶ ନାମର ଲକ୍ଷଣ ଲକ୍ଷ ବଖାଣୁ ।୬।

ଶ୍ଳୋକ

ଶ୍ରୀ କୃଷ୍ଣୋ ରମତି ରାଧାଂ ରାମନାମସ ଏ ବହି ।
ତ୍ରିନା ମାନ୍ୟୋ କବଦନେ ବଦନ୍ତି ସାଧବା ତଥା ।୭।

ଗୀତ

ଶ୍ରୀକୃଷ୍ଣ ଶ୍ରୀ ରାଧାଙ୍କୁ ଯେ ରମନ୍ତି ଯହୁଁ ।
ରାମନାମ ବୋଲୁ ଆମ୍ଭେ କୃଷ୍ଣଙ୍କୁ ତହୁଁ ।
ଏକ ମୁଖେ ତିନିନାମ କର ବଖାଣ ।
ଜଗନ୍ନାଥ ଦାସ ଭଜେ ଆରତ ତ୍ରାଣ ।୮।

ନବମ ଚଉପଦୀ

ରାଗ-ଚୋଖି । ନାମରେ ହରେ । ବୀଜରେ ଲୁ ।

ଶ୍ଳୋକ

ନିତ୍ୟ ଲୀଳା ଯତ୍ରସ୍ଥାନେ ବ୍ରହ୍ମାଣ୍ଡଃ କିଯତି ତଥା ।
ତସ୍ମାତ୍ ସ୍ଥଳାଚ ଜାୟନ୍ତେ ଦିବ୍ୟ ଭୂନାଗ ମେଦିନୀ ।
ମହାନିତ୍ୟଂ ଶେଷମସ୍ତେ ଦେଂଶଂ ଚାବତାରକଂ ।
ତସ୍ୟ ଶେଷ ଧାରଣାଚ ଶେଷ ପ୍ରକୃତି ସଂମତା ।୧।

ଗୀତ

ଶୁଣ ହେ ସୁଜନ ଜନେ ନିତ୍ୟ ଲୀଳା ଯେଉଁସ୍ଥାନେ ।
କେତେ କେତେ ବ୍ରହ୍ମାଣ୍ଡ, ଏ ସ୍ଥାନୁ ସଂଜାତ ।
ଦିବ୍ୟଭୂମି ନାଗଜାଣି, ବ୍ରହ୍ମାଣ୍ଡେ ଯେତେ ମେଦିନୀ ।
ଅଶେଷ ଧାରଣା ଶେଷ ପ୍ରକୃତି ମତ ।
ମହାନିତ୍ୟ ପ୍ରକାଶ, ଅବତାର ଶ୍ରେଣି ଯେତେ ତାଙ୍କର ଅଂଶ ।୨।

ଶ୍ଲୋକ

ବୃନ୍ଦାବନଂ ଗୋକୁଳାଦି ମଥୁରା ଦ୍ୱାରିକାପିବା ।
ବୈକୁଣ୍ଠେନ ସହାଯୋଧ୍ୟା ବତାର ଭାଗୟ ସ୍ତଥା ।
ନିତ୍ୟ ସ୍ଥଳୀ କ୍ଷରନ୍ତି ଚ ନୀଳା ଦ୍ରିସ୍ଥଳ ଦାସୀଙ୍କଂ ।
ଯଦ୍ରୋପମା ନାସ୍ତି ନାସ୍ତିଂ ପ୍ରଳୟେ ବ୍ରହ୍ମ ବିଶ୍ରମଂ ।୩।

ଗୀତ

ଗୋକୁଳାଦି ବୃନ୍ଦାବନ ମଥୁରା ଦ୍ୱାରକା ସ୍ଥାନ ।
ଅଯୋଧ୍ୟା ସହିତେ ଲୀଳା ବୈକୁଣ୍ଠ ଯେତେ ।
ସର୍ବ ଅବତାର ରାଶି ନୀଳାଦ୍ରି ସ୍ଥଳର ଦାସୀ ।
ନିତ୍ୟ ସ୍ଥଳୁଂ କ୍ଷରାକ୍ଷରି ହୋଇ ସମସ୍ତେ ।
ନାହିଁ ନାହିଁ ଉପମା ସମ ।
ପ୍ରଳୟ କାଳରେ ଯହିଁ ବ୍ରହ୍ମ ବିଶ୍ରାମ ।୪।

ଶ୍ଲୋକ

କୋଟି କୋଟି ବତାରାଶି ଅସ୍ୟାଂଶା ସଭବନ୍ତି ହି ।
ଦ୍ୱାଦଶ ଦେଶ ମୁପୃରି ପ୍ରଳୟୋଭାର ମୁସସେତ୍ ।
ଦୃଷ୍ଟଂ କିଶ୍ୱରୀ ବେଶେନ ଲୀଳା କୃତ୍ୱାଚ ତନ୍ମନାଃ ।
କୋଟ୍ୟା ବତାରକଂ ତତ୍ର ରେଣୁ ବ ବିଶତି ତଥା । ।୫।

ଗୀତ

କୋଟି କୋଟି ଅବତାର ଅଂଶ ଅଂଶୀ ଏହାଙ୍କର ଉତ୍‌ପରି ପ୍ରଳୟକୁ ଦ୍ୱାଦଶ ବେଶ ।
ଭାରାଭାର ଉଶ୍ୱାସିଣ, ବ୍ରହ୍ମାଣ୍ଡେ ଲୀଳା କରିଣ, ଏହାଙ୍କ ମନକୁ ଦୃଷ୍ଟି କିଶୋରୀ ବେଶ ।
କୋଟି ଅବତାର ରମଣୀ
ରେଣୁ ପ୍ରାୟ ମିସି ମିସି କେହି ନ ଜାଣି ।୬।

ଶ୍ଲୋକ

କୋଟି ବୈକୁଣ୍ଠ ଗୋଲୋକେ ଗୋକୁଳଂଚ ପରପରଂ
ନିତ୍ୟୌ ପରି ମହାନିତ୍ୟଂ ରାଧାକୃଷ୍ଣୌ ଚ ତତ୍ପରେ ।
ଯନ୍ତ୍ର ମନ୍ତ୍ର ପରାକାମ ବୀଜଂ ତନ୍ତ୍ର ପ୍ରକାଶୟ ତେ୍ ।୭।

ଗୀତ

କୋଟିଏ ବୈକୁଣ୍ଠ ପୁର ଗୋଲକ ନିତ୍ୟ ବିହାର
ଗୋକୁଳକୁ ପରାନିତ୍ୟ କିଶୋରୀ ବେଶ ।
ନିତ୍ୟପରେ ମହାନିତ୍ୟ ରାଧାକୃଷ୍ଣ ଏକଚିତ୍ର ।
ମନ୍ତ୍ର ଯନ୍ତ୍ର ଲଜ୍ଜାବୀଜ କାମପ୍ରକାଶ ।
ପ୍ରକୃତି ସର୍ବରୂପେ ବିକାଶ
ଜଗନ୍ନାଥ ଦାସ ମନ ଭୃଙ୍ଗ ପିୟୁଷ ।୮।

ଦଶମ ଚଉପଦୀ

ରାଗ ଚୋଖି । ନାମରେ କୃଷ୍ଣ । ବୀଜରେ ଭା ।

ଶ୍ଲୋକ

କୋଟି ବ୍ରହ୍ମାଣ୍ଡ ମାକୃତ୍ୟ ଶ୍ରୀ ନିତ୍ୟଂ ନୀଳ କନ୍ଦରଂ ।
ସର୍ବ ଶିରୋମଣୀ ଷୈବ ସ୍ଥାନଂ ନିଜ ବିଳାସକଂ ।
ସ୍ଥାତ୍ୱା ଚତୁଃ ଯୋଗ ପୀଠଂ ଚତୁ ଷଷ୍ଠି ପଣୀ ମଣୀଃ ।
ଶ୍ରୀକୃଷ୍ଣ ରସଭାବାଚ ସୁଧାପାନଂ କରୋତି ଚ ।
ପଲକଂ ନାସ୍ତି ବିଘ୍ନଚ ତତ୍ କ୍ରୀଡ଼ାରସ ଭାବନଂ ।୧।

ଗୀତ

ଶ୍ରୀ ନିତ୍ୟ ଯେ ନୀଳଗିରି କୋଟି ବ୍ରହ୍ମାଣ୍ଡ ଆବୋରି
ସର୍ବୋପରି ଶିରୋମଣୀ ନିଜ ବିଳାସସ୍ଥାନ ।
ଚାରିଯୋଗ ପୀଠ ଛାଣି ଚଉଷଠି ଫଣୀମଣି
କୃଷ୍ଣ ଭାବରସୁ କରେ ସୁଧା ଆପ୍ୟାନ
ରାଧାକୃଷ୍ଣ କରେ ବିଳାସ
ପଲକେ ହେଁ ବିଘ୍ନନୋହେ ସେ କ୍ରୀଡ଼ା ରସ ।୨।

ଶ୍ଲୋକ

ଗୋଲୋକୋଽଷ୍ଟ ଦଳେ ନିତ୍ୟଂ ଷଟ୍‌ଦଳେ ରାଜତେ ତଥା ।
ତ୍ରିଦଳେ ଶ୍ରୀରାଧା କୃଷ୍ଣୌ ଚୈକାନ୍ତେ ରମତି ସ୍ୱୟଂ ।
ଅଧରେ ଚାଧରାପାନେ ସୁଧାକ୍ଷର ତ୍ୟନୁ କ୍ଷଣଂ ।
ସୁଖେନ ଦ୍ୱୌଜାନୌ ଧ୍ୟାତ୍ୱା ବାରିତଂ ନ ଦ୍ୱୟଂ ବପୁଃ ।୩।

ଗୀତ

ଅଷ୍ଟଦଳେ ଗୋଲାକ ରାଜେ, ଷଟଦେଳେ ନିତ୍ୟ ବିଜେ
ତ୍ରୟ ଦଳେ ରାଧାକୃଷ୍ଣ ଏକାନ୍ତ ହୋଇ ।
ଅଧରେ ଅଧର ପାନେ, ସୁଧାଝରେ ଅନୁକ୍ଷଣେ ।
ବେନି ସୁଖେ ବେନିଜନେ ଅଛନ୍ତି ଧାଇଁ ।
ବାରିନୋହେ ଏ ବେନି ଅଙ୍ଗ ।
ପ୍ରାଣ ପ୍ରୀୟା, ସଖୀ ସଙ୍ଗେ ସର୍ବଦା ସଙ୍ଗ ।୪।

ଶ୍ଲୋକ

ବକ୍ତବ୍ୟଂ ସୁଖରାଶିଶ୍ଚ ବକ୍ତବ୍ୟଂ ବ୍ରହ୍ମରାଶିଶ୍ଚ ।
ପରଂ ପରାଙ୍ଗପଙ୍କ ଶ୍ରୀରାଧାଙ୍ଗଚ ସ୍ୱକଂ ତଥା ।

ପଦ୍ମରାଗ ହୀରାଭାଚ କୃଷ୍ଣଃ ପରମ ଶୋଭନଂ ।
ନିବେଦନା ଲିଙ୍ଗନା ଭ୍ୟାଂ ଶୋଭତେ ଚ ତଦଙ୍ଗକଂ ।
ରାଧା ହେମଲତା ଚାତ୍ର କୃଷ୍ଣାଙ୍ଗ ଶୋଭତେସଦା ।୫।

ଗୀତ

କି କହିବା ସୁଖରାଶି ଅବ୍ୟକତ ବ୍ରହ୍ମରାଶି-
ପରମ ପରାଙ୍ଗ ପଙ୍ଗ ଶ୍ରୀରାଧା ଅଙ୍ଗ ।
ପଦ୍ମରାଗ ହୀରା ଆଭା ଶ୍ରୀକୃଷ୍ଣ ପରମ ଶୋଭା ।
ଆଲିଙ୍ଗନ ନିବେଦନ ଶୋଭା ସେ ଅଙ୍ଗେ ।
କିଶୋରୀ ଅଙ୍ଗ ସର୍ବଦା ତହିଁ ।
ରାଧା ହେମଲତା କୃଷ୍ଣ ଅଙ୍ଗକୁ ଶୋହି ।୬।

ଶ୍ଳୋକ

ପୁରୁଷଃ ପ୍ରକୃତେଃ ସଙ୍ଗ ଦ୍ୱୟାଙ୍ଗଂ ଯୁଗଳଂ ତଥା ।
ରସାନନ୍ଦି ରସାନନ୍ଦେତ୍ୟଭେଦ ଭକ୍ତି ସଂଯୁତା ।
କଳ୍ପକଳ୍ପାନ୍ତରେ ଚୈକଂ ଯାନନ୍ତି ସଦ୍ ବିବେକିନଃ ।
ସେବନ୍ତେ ସଦ୍‌ଗୁରୁଂ ନବ୍ୟରୂପଂ ନୀଳାଦ୍ରି ନାୟକଂ ।୭।

ଗୀତ

ଯୁଗଳ ଏ ଦ୍ୱୈନ୍ତି ଅଙ୍ଗ ପ୍ରକୃତି ପୁରୁଷ ସଙ୍ଗ
ରସାନନ୍ଦୀ ରସାନନ୍ଦେ ଅଭେଦ ପ୍ରୀତି ।
କଳ୍ପ କଳ୍ପାନ୍ତରେ ଏକ ଜାଣନ୍ତି ସନ୍ଥ ବିବେକ
ସଦ୍‌ଗୁରୁ ସେ ବିଥିଲେ ଜାଣେ ଏ ରତି ।
ନବରୂପ ନୀଳାଦ୍ରି ପତି
ଜଗନ୍ନାଥ ଦାସ ରାଧାକୃଷ୍ଣରେ ପ୍ରୀତି ।୮।

ଏକାଦଶ ଚଉପଦୀ

ରାଗ-ଚୋଖି । ନାମରେ ହରେ । ବୀଛନେ ୟ ।

ଶ୍ଲୋକ

କୃଷ୍ଣୋ ଲୀଳାସ୍ଥାନ ନିତ୍ୟସ୍ଥଳେ ଲୀଳାଂ କରୋତି ଚ ।
କୋଟି ଦେବା ନ ଜାନନ୍ତି ତ୍ୟନନ୍ତ ଶେଷ ମୂର୍ତ୍ତିକଂ ।
ଅସୌ ପ୍ରଭୁ ବିଜିୟତେ ଶ୍ରୀ ନିତ୍ୟେ ନୀଳ କନ୍ଦରେ ।
ରଙ୍ଗସ୍ଥଳୀ ଚାଷ୍ଟ ପତ୍ରୈଃ ଶୋଭତେ ଶେଷ ମସ୍ତକେ । ।୧।

ଗୀତ

ଶୁଣ ହେ ସୁଜନ ଜନ ନିତ୍ୟ ଲୀଳା ଯେଉଁ ସ୍ଥାନ-
ନିତ୍ୟସ୍ଥଳେ ଲୀଳାଖେଳ ଖେଳନ୍ତି ହରି ।
କୋଟି ଦେବେ ନ ଜାଣନ୍ତି ଶେଷ ମୂରତି ସେ ପ୍ରଭୁ ।
ବିଜୟ ନିତ୍ୟ ଏ ନୀଳଗିରି ।
ଯେଉଁ ଭୂମି ଏ ରଙ୍ଗ ସ୍ଥଳି ।
ଅଷ୍ଟଦଳେ ବେଢ଼ି ଶୋହେ ଶେଷ ମଉଳି ।୨।

ଶ୍ଲୋକ

ଦକ୍ଷପାର୍ଶ୍ୱେ ନତ ଦେବ ଶିରସୀ ଶୋଭତେ ତଥା ।
ଲୀଳଂ ଚନ୍ଦ୍ର ପରିପଶ୍ୟ ଲାବଣ୍ୟଂ ଭାଷିତଂ ମୁଖଂ ।
ରାଧାକୃଷ୍ଣ ଦକ୍ଷପାଦଃ ଶୋଭିତେ ବଳ ମସ୍ତକେ ।
ରାଧା ପ୍ରକୃତେଃ ସଂଜ୍ଞାତୋ ନିତ୍ୟ ଲୋକସ୍ଥ ଏ ବହି ।୩।

ଗୀତ

ଦକ୍ଷିଣ ପାରୁଶେ ଯେହୁ ଅନନ୍ତ ଦେବଟି ସେହୁ
ସେ ପ୍ରଭୁ ଶିରରେ ଶେଷ ଅଶେଷ ଶୋହେ ।
ତଥିପରେ ଲୀଳା ଦେଖ ଲାବଣ୍ୟ ଭୂଷିତ ମୁଖ
ଏକ ଅଙ୍ଗ ହୋଇ ରାଧାକୃଷ୍ଣ ବିଜୟେ ।
ଦକ୍ଷ ପାଦ ବଳ ମସ୍ତକ-
ରାଧା ପ୍ରକୃତିରୁ ଜାତ ଏ ନିତ୍ୟ ଲୋକ ।୪।

ଶ୍ଳୋକ

ହେମରତ୍ନ ବେଦିକାୟାଂ ଶୋଭତେ ଚାଷ୍ଟ ନାୟିକାଃ ।
ସେବନ୍ତେ ବିବିଧୈ ରଙ୍ଗୈ ଯା ଯସ୍ୟାଶ୍ଚୈବ ସେବୟା ।
ନାନା ମଣୀ ଗଣୈ ରମ୍ୟୋ ଲାବଣ୍ୟ ମଣ୍ଡପ ସ୍ତଥା ।
ଲୀଳାଂ ତଦୁପରି ପଶ୍ୟ ରାଧାକୃଷ୍ଣ ଚ ରାଜତେ ।
ପାଦ ପଙ୍କଜ ମୂଳେ ଚ ଯମୁନା ସ୍ଖଳିତା ଭବେତ୍ ।୫।

ଗୀତ

କନକରତ୍ନ ବେଦିକା ଶୋଭିତ ଅଷ୍ଟ ନାୟିକା-
ଖଟନ୍ତି ବିବିଧରଙ୍ଗେ ଯେ ଯାହା ସେବା ।
ନାନା ମଣୀଗଣ ଖଞ୍ଜି ଲାବଣ୍ୟ ମଣ୍ଡପେ ରଞ୍ଜି-
ତଥିପରେ ଲୀଳା ଦେଖ ଏ ଦେବୀ ଦେବା ।
ଏହି ରୂପ କଦମ୍ବମୂଳେ ।
ଯମୁନା ଉଚ୍ଛୁଳି ପଡ଼େ ଚରଣ ତଳେ ।୬

ଶ୍ଳୋକ

ଚତୁଦ୍ୱାରେ ଚତୁବେଦାଃ ପରଂସ୍କନ୍ଦଂ ପିବନ୍ତି ଚ ।
ଗାୟତ୍ରୀ ବ୍ରହ୍ମସୋପାନଂ ଭବନ୍ତ୍ୟନେକ ଦୂରତଃ ।
ପ୍ରଳୟେ ଯଂ ନା ପ୍ଲୁବନ୍ତି ହର ବ୍ରହ୍ମାଂଦୟ ସ୍ତଥା ।୭।

ଗୀତ

ଚାରିଦ୍ୱାରେ ଚାରିବେଦ ପିବନ୍ତି ପରମସ୍କନ୍ଦ-
ବ୍ରହ୍ମ ଗାୟତ୍ରୀ ଯହିଁ ପାବନ୍ଥ ହୋଇ
ଅନେକ ଦୂର ଅନ୍ତରେ ବ୍ରହ୍ମାଦି ଦେବ ଶଙ୍କରେ-
ଯାକୁ ଭେଟ ନ ପାଇ ।
ଜଗନ୍ନାଥ ଦାସ ଅଯୋଗ୍ୟ ।
ସନ୍ଥ ପାଦ ରଜ କୃପାରୁ ରସ ଭୋଗ୍ୟ ।୮।

ଦ୍ୱାଦଶ ଚଉପଦୀ

ରାଗ-ଗୁଜ୍ଜରୀ ନାମରେ କୃଷ୍ଣ । ବୀଜରେ ସ୍ୱା ।

ଶ୍ଳୋକ

ହରେରାମ ମହାମନ୍ତ୍ରାନ୍ନା ସ୍ତୀତିଜ ପଯନ୍ତକଂ ।
ଗୁରୁ ଶିଷ୍ୟ ଜଗନ୍ନାଥସ୍ତତ୍ରା ଭେଦ ଭବନ୍ତି ହି ।
କାକ୍ଷରଂ ଚ ଗୁରୁଶ୍ଚୈବ କାକ୍ଷରଂ ଶିଷ୍ୟ ଏବ ଚ ।
କାକ୍ଷରଂ ଚ ଜଗନ୍ନାଥ ହେ ଗୁରୋବଦମା ପ୍ରଭୋ ।
କାକ୍ଷରଂ ବାରୁଣୀ ବୀଜଂ ମାୟା କାକ୍ଷର ମେବ ଚ ।୧।

ଗୀତ

ହରେରାମ ମହାମନ୍ତ୍ର ଏଥୁ ନାହିଁ ଜପଯନ୍ତ
ଗୁରୁଶିଷ୍ୟ ଜଗନ୍ନାଥ ଅଭେଦ ହୋଇ ।
କେଉଁକ୍ଷର ଗୁରୁହୋଇ କେଉଁକ୍ଷର ଶିଷ୍ୟହୋଇ-
କେଉଁକ୍ଷର ଜଗନ୍ନାଥ କହ ବୁଝାଇ ।
କେଉଁକ୍ଷର ବାରୁଣୀ ବିଜେ
ମାୟା ହୋଇ କେଉଁକ୍ଷର ହୋଇଛି ଉଦେ । ।୨।

ଶ୍ଲୋକ

ଅତିଗୁହ୍ୟଂ ମହାମନ୍ତ୍ରଂ ଜ୍ଞାତ୍ୱାତୁ ଭଜ ସର୍ବଦା ।
ବିନାଗୁରୁ ସେବୟାନ ଦୃଷ୍ଟିଭବତି କସ୍ୟନ ।
ଗୁରୁଂ ପୃଷ୍ଟା ମାନସିକେ ପ୍ରକୃତି ପୁରୁଷ ସ୍ତଥା ।
ଗୁରୁ ନାମ୍ନି ବିଜୟତେ ହେ ଜନାଃ ସର୍ବଦା ଭଜ । ।୩।

ଗୀତ

ମହାମନ୍ତ୍ର ଚିହ୍ନିଭଜ ମହାମନ୍ତ୍ର ଅତି ଗୁହ୍ୟ
ବିନାଗୁରୁ ନ ସେବିଲେ ଦୃଷ୍ଟି ନ ହୋଇ ।
ମାନସିକେ ଗୁରୁପୁଚ୍ଛ ପ୍ରକୃତି ପୁରୁଷ ଭଚ୍ଛ ।
ପରମ ଗୋପ୍ୟାନ କଥା ତେବେ ସେ ପାଇ ।
ସାଧୁଜନେ ଗୁରୁଙ୍କୁ ଭଜ ।
ନାମରେ ଗୁରୁବୀଜ ଜପ ବଦନେ ହେଜ ।୪।

ଶ୍ଲୋକ

ଦେହଶ୍ଚୈବ ମହାମନ୍ତ୍ରଂ ସର୍ବମନ୍ତ୍ରେ ଦରେ ସହି ।
ଏବଂ ବୀଜ ଦ୍ରୟଂ ଜୀବ ଦେହଂ ଭବତି ସର୍ବଦା ।
ବୀଜ ଜୀବୌ ଦ୍ୱୟୋରେକ ଚତ୍ପରେ ପରମ ଏ ବହି ।
ଏକ ରୂପାଚୟଃ।ଭୂତ୍ୱା ଚୈକତ୍ର ମିଶ୍ରିତେ ପୁନଃ ।
ଏକା ଦନେକ ରୂପାଣ୍ଷ ଜାନନ୍ତି ସନକା ଦୟଃ ।୫।

ଗୀତ

ମହାମନ୍ତ୍ର ଦେହ ହୋଇ ସର୍ବମନ୍ତ୍ର ଗର୍ଭେରହି ।
ଏକ ବୀଜେ ତହିଁ ଜୀବ ଦେହ ହୁଅଇ ।
ବୀଜ ଜୀବ ଦୁଇ ଏକ ଚିଥିରେ ପରମ ରୂପ ।

ଏକରୁ ତିନି ହୋଇଛି ଏକରେ ରହି ।
ଭଲା ଏକ ଅନେକ ରୂପ
ଏକକୁ ଶୁକ ସନକ କରନ୍ତି ଜପ । ।୬।

ଶ୍ଲୋକ

ବୀଜ ବୃକ୍ଷ ଗୁରୁଂ ପୃଚ୍ଛ ବ୍ରହ୍ମଜୀବ ଦ୍ୱୟୋଃ କଥାଂ ।
ଜୀବୋଯଦ୍ ବ୍ରହ୍ମଯଉସ୍ୟ ସନ୍ଦେହଂ କଥୟ ପ୍ରଭୋ ।୭।

ଗୀତ

ଜୀବବୋଲ । ଯେଉଁ ଗଛ ଗୁରୁ ସେହି ତାହା ପୃଚ୍ଛ
ଜୀବ ବ୍ରହ୍ମ ଦୁଇକଥା କେମନ୍ତେ କହ ।
ଜୀବ କେଉଁଷର ହୋଇଂ ବ୍ରହ୍ମ କେଉଁଷରେ ରହିଂ
ଏ କଥା ତ ମୋତେ ବଡ଼ ଲାଗେ ସନ୍ଦେହ ।
ମୋରେ ଜ୍ଞାନ କହ ବୁଝାଇ ।
ଭବରେ ପଡ଼ିଣ ବଣା ହୋଇଲିମୁହିଁ । ।୮।

ଶ୍ଲୋକ

ନାମଗୁରୁ ଜଗନ୍ନାଥ ତ୍ରିବିଧାଗମ୍ୟ ମାର୍ଗକାଃ ।
ତ୍ରୟ ମେକତ୍ର କୃତ୍ୱାଚ ଭଜନ୍ତି ଭକ୍ତି ଭାବନେ ।୯।

ଗୀତ

ନାମଗୁରୁ ଜଗନ୍ନାଥ ତ୍ରିବିଧି ଅଗମ୍ୟ ପଥ
ଏ ତିନି ଏକତ୍ର କରି ଭଜିବୁ ତୁହି ।
ଜାଣିବୁ ଭକତି ଭାବ କରିବୁ ମୁକତି ଠାବ
ଭକ୍ତି ମୁକ୍ତି ଦୁଇ କଥା ଏକହିଁ ହୋଇ

ଅନୁଭବ ଶ୍ରୀଗୁରୁ ଚାହିଁ ।
ଜଗନ୍ନାଥ ଦାସ ରାଧାକୃଷ୍ଣରେ ଧ୍ୟାୟି ।୧୦।

ତ୍ରୟୋଦଶ ଚଉପଦୀ

ରାଗ- ଚୋଖି । ନାମରେ କୃଷ୍ଣ । ବୀଜରେ ହା ।

ଶ୍ଳୋକ

ନିତ୍ୟାଧି କାରଣା ଚୋକ୍ତଂ ଶେଷଦେବ ପଦେ ପତେତ୍ ।
ବୋଧୟିତ୍ୱା ମହାମନ୍ତ୍ରଂ ବଦମାହେ ମହା ପ୍ରଭୋ ।
ହରାଦି ଯଚତୁ ର୍ବୀଜଂ କେନ ମାର୍ଗେଣ ତ୍ୱଂ ପ୍ରଭୋ ।
କାକ୍ଷରେ ନାମରୂପଂ ଚ ପ୍ରତ୍ୟୟଂ କୁରୁ ସର୍ବଦା ।
ପଞ୍ଚନାମ ଦ୍ୱୟଂ ପ୍ରୋକ୍ତଂ ମୂଷ୍ଠ ପ୍ରେମ୍‌ଣା ଚ ସଂଶୟଂ ।୧।

ଗୀତ

ଶେଷ ଦେବ ପାଦେ ପଡ଼ି, ବୋଲେ ନିତ୍ୟ ଅଧିକାରୀ
ମହାମନ୍ତ୍ର ବୁଝାଇଣ କହିବ ମୋତେ ।
ହରାଦି ଯେ ଚତୁର୍ବୀଜ କେମନ୍ତ ପ୍ରକାରେ ଭଜ
କେଉଁକ୍ଷରେ ନାମରୂପ କର ପରତେ ।
ପଞ୍ଚେ ବେନି ନାମ କହିବା ।
ପ୍ରେମଦାନ ଦେଇଣ ସଂଶୟ ଫେଡ଼ିବା ।୨।

ଶ୍ଳୋକ

ମନ୍ତ୍ରବର୍ଣ୍ଣଂ ଷଡ୍‌ଦଶାର୍ଣ୍ଣଂ ପୂର୍ବେ ମନସି ସଂପଠେତ୍ ।
ଷଡ଼ଦଶା ତ୍ରୟବୀଜାଷ୍ଟ ପ୍ରକାଶଂ ତ୍ରୟବୀଜକଂ ।

ଏବଂ ଭୂତ୍ୱା ତ୍ରୟଂ ବୀଜଂ କୁତ୍ରଚିନ୍ନାଂ ବଦ ସ୍ୱମାଂ ।
କାମବୀଜଂ କୁତୋଭୂତଂ ଷଟକୋଣେକେନ ମିଳିତଂ ।୩।

ଗୀତ

ଆହୁରି କଥାଏ ପୂର୍ବେ ମନରେ ପଡ଼ିଲା ଏବେ
ମନ୍ତ୍ରରାଜ ବୋଲି ଷଟଦଶ ଅକ୍ଷର ।
କେମନ୍ତେ ସେ ଷଟଦଶ ତ୍ରୟ ବୀଜଂ ପରକାଶ ।
ତ୍ରୟ ବୀଜ ଏକ ହୋଇ କେଉଁ ଠାବରେ ।
କାମ ବୀଜ କାହୁଁ ହୋଇଲା ।
କେମନ୍ତେ ପ୍ରକାରେ ଷଟ କୋଣ ରହିଲା ।୪।

ଶ୍ଳୋକ

ଷଡ଼ଙ୍ଗେ କିୟତି ମୂର୍ତ୍ତି ପରୋକ୍ଷଂ କେନ ଗମ୍ୟତେ ।
କୁତ୍ରଚି ଚ କିମଂ ରୂପଂ କସ୍ୟୋ ପରିଚ ସର୍ବଦା ।
ଷଟ୍ କୋଣେ ଷଟସଖୀ ଚୈବ ତନ୍ମଧ୍ୟେ ବକ୍ର କିଳକଂ
କୁତ୍ର ସିଦ୍ଧ ବାମପାଦଂ କୃଷ୍ଣ ପାଦଂଚ କୁତ୍ରହି ।
ଏତଦ୍‌ଭୁବଂ ଚ ନଜ୍ଞାତ୍ୱା ପ୍ରେମୈବ କୁତ୍ର ଜାୟତେ ।୫।

ଗୀତ

ଷଡ଼ାଙ୍ଗରେ ମୂର୍ତ୍ତିକେତେ କେମନ୍ତେ ଯିବା ପରତେ ।
କେଉଁଠାରେ କେଉଁରୂପେ କାହାର ପରେ ।
ଷଟ୍‌କୋଣେ ଷଟ୍ ସଖୀ ମଧ୍ୟରେ ବକ୍ର କିଳକୀ ।
ସିଦ୍ଧ ବାମପାଦେ ଅଛି କାହାଉପରେ ।
କୃଷ୍ଣ ପାଦ କାହିଁ ରହିଲା ।
ଏ ଭାବ ନ ଜାଣି ପ୍ରେମ କାହୁଁ ଅଇଲା ।୬।

ଶ୍ଳୋକ

ଯତ୍‌ପୃଷ୍ଟ ମାଂଚନ ଜାନେ ସିଦ୍ଧ ଶଙ୍କର ଧାତୃଭିଃ ।
ଆଗମେ ଯଂ ନ ଜାନାତି ଜାନାତି ନିଗମଂ କଥଂ ।
ବିନା କୃପା ସଦ୍‌ଗୁରୋଷ୍ଟେ ନ ଜାନେ ସୁର କିଙ୍କରାଃ ।୭।

·ଗୀତ

ଯାହା ପଚାରିଲୁ ମୋରେ ନ ଜାଣେ ସିଦ୍ଧ ଶଙ୍କରେ-
ବ୍ରହ୍ମାଦି ସହିତେ ସୁର ନର କିନ୍ନର ।
ଆଗମଯାହା ନ ଜାଣି ନିଗମ କାହିଁ ବଖାଣେ
ସଦଗୁରୁ କୃପାବିନୁ ନ ଜାଣେ ଆର
ରାଧାକୃଷ୍ଣ ଚରଣେ ଆସ
ଜଗନ୍ନାଥ ଦାସ ଭଜେ ହୋଇ ବିଶ୍ୱାସ ।୮।

ଚତୁର୍ଦ୍ଦଶ ଚଉପଦୀ

ରାଗ -ଚୋଖି । ନାମରେ କୃଷ୍ଣ । ବୀଜରେ କ୍ଲୀଁ

ଶ୍ଳୋକ

ଯଃ କୃଷ୍ଣଂ ସ ଜଗନ୍ନାଥ ସ୍ତତ୍ରୈବ ସର୍ବ ଚକ୍ରକଂ ।
ଶୁକ୍ଳ- ଗୌରରଙ୍ଗ କୃଷ୍ଣୌ ମୂର୍ତ୍ତି ଶ୍ଚୈବ ବିନିର୍ମିତଃ ।
ଅନେନାପି ଚତୁଃ ପ୍ରୋକ୍ତ ମକ୍ଷରଂଚ ଚତୁସ୍ତଥା ।
ପୁରୁଷୋତ୍ତମେ ବିଜୟତେ ଚତୁର୍ବାମୂର୍ତ୍ତି ରେବଚ ।
ମିଶ୍ରିତ୍ୱାକଃ ପଞ୍ଚଭୂତ୍ୱା କାମ ପଞ୍ଚାମୂକଂ କଳାଂ । ।୧।

ଗୀତ

ଯେଉଁ ପ୍ରଭୁ ଜଗନ୍ନାଥ ତହିଁ ସିନା ସର୍ବ ତତ୍ୱ
ଶୁକଳ ଗଉର ରଙ୍ଗ କଳା ମୂରତି ।
ଏମନ୍ତେ ଚାରି ହୋଇଲା ଅକ୍ଷରେ ଚାରି କହିଲା
ଶ୍ରୀ ପୁରୁଷୋତ୍ତମେ ବୀଜେ ଚତୁର୍ଦ୍ଧା ମୂର୍ତ୍ତି ।
କେହୁ ମିଶି ପାଞ୍ଚ ହୋଇଲା ।
କାମକଳା ପଞ୍ଚାତ୍ମିକ ନାମ ବହିଲା ।୨।

ଶ୍ଳୋକ

ରତ୍ୟାକୃତି କୀୟଦ୍‌ଦୂରଂ ଢୀୟତି ପ୍ରୀତିରା କୃତିଃ ।
କୀୟତି ଦୂର ବିସ୍ତାରଂ ଷ୍ଟୁତ୍ୟାକୃତି ସ୍ତଥୈବଚ
କଃ କସ୍ମୈ କୀୟତିହରଂ କଃ କୁତ୍ର ଭବତି ପ୍ରୀୟଃ ।
କିମଂ ମନ୍ତ୍ରଂ ଭଜିତ୍ୱାଚ ତତ୍ ଫଳଂ ଗୋଚରଂ ଭବେତ୍ ।
କଷ୍କଂ ସେବତେ ମନ୍ତ୍ରଂ ତତ୍ ଫଳଂ ଚ ଗମିଷ୍ୟସି ।୩।

ଗୀତ

ରତିର ଆକୃତି କେତେ ପ୍ରୀତିର ଆକୃତି କେତେ
ସ୍ତୁତିର ଆକୃତି କେତେ ଦୂର ବିସ୍ତାର ।
କେ କାହାକୁ କେତେ ଛଡ଼ା, କେ କାହାକୁ କରେ ଲୋଡ଼ା
କେଉଁ ମନ୍ତ୍ର ଭଜିଲେ ସେ ଫଳ ଗୋଚର ।
କାହାକୁ କେ କରଇ ସେବା
କେଉଁ ମନ୍ତ୍ର ଜପିଲେ ସେ ଫଳକୁ ଯିବା । ।୪।

ଶ୍ଲୋକ

କୃତଃ କମକଳାଭୂତା ବହେ ପଞ୍ଚାମ୍ ନାମକଂ
ତ୍ରି ତତ୍ତ୍ୱଂ ରାଜତେ କେନ ପୁନ ଦ୍ୱୌଚିଷ୍ଟଚ ସ୍ତତଃ ।
ଏତକ୍ରଥା ସଂଶୟଂ ମେ-ବଦ ନାମସ୍ୟ ଭେଦକଂ ।୫।

ଗୀତ

କାମକଳା କାହୁଁ ହୋଇ ପଞ୍ଚାମ୍ନିକ ନାମ ବହି-
ତ୍ରୟତତ୍ତ୍ୱ କେମନ୍ତ ପ୍ରକାରେ ରହିଛି ।
ଆଉ ଦୁହେଁ କେତେଚର୍ହି କେମନ୍ତେ ଅଛନ୍ତି ରହି-
ଏହି କଥା ମତେ ତ ସଂଶୟ ଲାଗୁଛି ।
କହ ଭେଦନାମ ବୀଜର ।
ଲଭିବି ପରମ ଗତି ସୁଖ ସାଗର ।୬।

ଶ୍ଲୋକ

ସ୍ଥିତନାମ୍ନ୍ୟପି ପଞ୍ଚାଙ୍ଗ ମନ୍ତ୍ରେ ଚ ପଞ୍ଚତତ୍ତ୍ୱକଂ ।
ଜାନାତି ପଞ୍ଚତତ୍ତ୍ୱକଂ ଯୋପ୍ୟୁତ୍ତମୋ ବୈଷ୍ଣବୋମତଃ ।୭।

ଗୀତ

ନାମେ ପଞ୍ଚ ଅଙ୍ଗ ହେବ ମନ୍ତ୍ରେ ପଞ୍ଚତତ୍ତ୍ୱ ଥିବ
ତତ୍ତ୍ୱରେ କହିବ ପଞ୍ଚ ପରିକରଣ ।
ପଞ୍ଚତତ୍ତ୍ୱ ବୁଝିଥିବ ତାକୁ ଟି ବୋଲି ବୈଷ୍ଣବ ।
ମୋତେ ହେତୁ କରି କହ ତୋରେ ଶରଣ ।
ଗୁରୁସେବା ଏଥକୁ ସିନା
ଜଗନ୍ନାଥ ଦାସ ଭଜେ ପଦ୍ମ ଲୋଚନା ।୮।

ପଞ୍ଚଦଶ ଚଉପଦୀ

ରାଗ ଚୋଖି । ନାମରେ ହରେ । ବୀଜରେ ହ୍ରୁଁ ।

ଶ୍ଳୋକ

ଅଶେଷ ଭୂମୀ ସାରଣ୍ଣ ଚାନନ୍ତ ଶିରସଃପରେ ।
ନୀଳାଦ୍ରିରବ୍ୟ ୟୋ ନିତ୍ୟସ୍ଥଳ ଗୋଲୋକ ଏ ବହି ।
ରାଧାକୃଷ୍ଣଃ ପ୍ରେମରସଃ କିଶୋରୀ କିଶୋର ବେଶକଂ ।
ଦ୍ୱାସପ୍ତତି ତମାଂକ୍ରୀଡ଼ା ରହସ୍ୟଂଚତୁ ଷଷ୍ଟିକଂ ।
ବଦନାଧର ପାନ ଚ ବଦନେ କୁରୁ ତୋରପ୍ୟସା ।
ବନ୍ଧୂକ କୁସୁମେ ଯଦ୍ ବଦନ୍ତି ଷ୍ଟୁୟତି ସର୍ବଦା ।୧।

ଗୀତ

ଅଶେଷ ବ୍ରହ୍ମାଣ୍ଡସାର ଅନନ୍ତ ଶିର ଉପର-
ନୀଳାଦ୍ରୀ ଅବ୍ୟୟନିତ୍ୟ ସ୍ଥଳ ଗୋଲୋକ ।
ରାଧାକୃଷ୍ଣ ପ୍ରେମରସ କିଶୋର କିଶୋରୀ ବେଶ ।
ଚଉଷଷ୍ଠି ବାସ୍ତରି ଯେ କ୍ରୀଡ଼ା ରହସ୍ୟ ।
ମୁଖେ ମୁଖ ଅଧର ପାନ ।
ବଧୂଲି କୁସୁମ ଅଳି ଚୁମ୍ବେ ଯେସନ ।୨।

ଶ୍ଳୋକ

ହେମ ମର୍କତ ଭାଷା ଖେମ୍ପୀ ଭୂଜବନ୍ଧ ନିବୀଡ଼ତୌ ।
ହୃଦିରୟ ସୁଧା ପ୍ରେମ ଲାବଣ୍ୟ ଜଳଧି ସ୍ଥିତୌ ।
ପ୍ରେମାନନ୍ତଶିର ସ୍ଥାଷ୍ଟ ପଦ୍ମ କେଶର ମଧ୍ୟକେ ।୩।

ଗୀତ

ହେମ ମରକତ ଭେରି ଦୁଇ ଅଙ୍ଗେ ଏକ ଜୋରି ।
ଭୁଜେ ଆଲିଙ୍ଗନ କିଏ ବନ୍ଧ ଘନରେ ।
ହୃଦେ ପରି ରମୁକରି ସୁଧା ଲାବଣ୍ୟରେ ଭରି
ବୁଡ଼ିଲେ ନିବିଡ଼େ କିଏ ପ୍ରେମ ଜଳରେ ।
ପ୍ରେମ ସୁଖ ଶେଷ ଶରୀରେ ।
ଅଷ୍ଟଦଳ କମଳ କେଶର୍ ମଧ୍ୟରେ ।୪।

ଶ୍ଳୋକ

ସୁଖ ଲାବଣ୍ୟ ଜଳଧୌ ଦ୍ୱୟାଙ୍ଗ ଯୁଗଳଂ ତଥା ।
ଯତ୍ରକୋଟି ମାରବାସୀ ଚରଣେ ଶରଣ ଗତା ।
ସ୍ଥିତାବ ଭେଦ ସାରୌ ତୈ । ପ୍ରେମଶାନାସ୍ତି ବିକାରକଂ ।୫।

ଗୀତ

ମାରକୋଟି ଯହିଁ ଦାସୀ ଚରଣେ ଶରଣ ପଶି ।
ଦୁଇଅଙ୍ଗ ଦୁହିଁଙ୍କି ଦିଶଇ ଶୋଭିତ ।
ଲାବଣ୍ୟ ମୁଖ ପୟୋଧି ଦୁଇ ଅଙ୍ଗ ଭିନ୍ନ ବିଧି ।
ଏକ ପୁରି ଯୁଗଳ ଶୟନ କରତା
ଦୁଇ ଅଙ୍ଗ ଅଭେଦ ସାର ।
ଅଛନ୍ତି ପ୍ରେମରେ ରହିନାହିଁ ବିକାର ।୬।

ଶ୍ଳୋକ

ମୋହିନୀ ଲଳିତା ଭଦ୍ରା ତ୍ରିପୁରାବ୍ୟାତୀ ନିର୍ଗୁଣୀ
ତଥା ଶକ୍ତି ସୁଭଦ୍ରାଚ ରାସଂଚ କନ୍ଧ ମୂଳକେ
ଅଷ୍ଟପତ୍ରେ ଅଷ୍ଟଶକ୍ତି ଯୋଗମାୟା ମହାସତୀ

ମହାମାୟା ପ୍ରେମମୂର୍ତ୍ତି ତଥା ଚ ସ୍ଥିତି କର୍ମଣୀ
ନବ ନବ ନୈକ ଶୋଭା ଚ କିଶୋରୀ ବେଶ କଳ୍ପନଂ ।୭।

ଗୀତ

ମୋହିନୀ ଲଳିତାଭଦ୍ରା ତ୍ରିପୁରା ଆଦି ସୁଭଦ୍ରା-
ଶକ୍ତିରେ ଅଛନ୍ତି ରହି ଅଟି ନିର୍ଗୁଣୀ ।
ଅଷ୍ଟପତ୍ରେ ଅଷ୍ଟଶକ୍ତି ଯୋଗରୂପା ମହାସତୀ
ମହାମାୟା ପ୍ରେମମୂର୍ତ୍ତି ସ୍ଥିତି କର୍ମଣି ।
କଳ୍ପତରୁ ମୂଳେ ରାହାସ ।
ଏକ ଶୋଭାନବ ନବ କିଶୋରୀ ବେଶ ।୮।

ଶ୍ଳୋକ

କୋଟି ବିଷ୍ଣୁ ଯସ୍ୟ ଦାସା ତ୍ରିଦଶାଃ ଶେଷ ଦେବକାଃ ।
ସତ୍ୱ ରଜ ତମଂ ସ୍ତ୍ରିଣୀ ଯତ୍ର ସୋପାନ ଭୂତିକାଃ ।
ବେଦମାତା ସ୍ଥିତ ତତ୍ର କରୋତି ଚରଣେ ସ୍ତୁତିଂ ।
ଧର୍ମାର୍ଥ କାମ ମୋକ୍ଷାନୀ ନାସ୍ତିତତ୍ର ବିଚାରଣୀ ।୯।

ଗୀତ

କୋଟି ବିଷ୍ଣୁତାର ଦାସ ଅଶେଷ ଦେବ ତ୍ରିଦଶ-
ସତ୍ୱ ରଜ ତମଂ ତିନି ପାବଚ୍ଛ ଯହିଁ ।
ଦେବମାତା ରହି ତଥି କରୁଛି ଚରଣେ ସ୍ତୁତି
ଧର୍ମ ଅର୍ଥ କାମ ମୋକ୍ଷ ନାହିଁ ବୋଇଲ ।
ମତେ କୃଷ୍ଣଙ୍କର କରୁଣା ।
ଅଭୟ ଚରଣ ଚିତ୍ତ ନ କରି ବଣା ।୧୦।

ଶ୍ଳୋକ

ଚଳତି ସକଳ ଲୋକୋ ନୀଳାଚଳସ୍ଥ ନିଶ୍ଚଳଃ ।
ନିତ୍ୟ ଲୀଳା ଚକ୍ରଭୂତା ସଦା କାଳେ ଚ କେବଳମ୍ ।
ସ୍ଥଳଭାବଂ ନ ଜାନାତି ସର୍ବ ଦେବଗଣ ସ୍ତଥା ।
ଜାନାତି ଚ ଶିବଃ କିଂ ରି ଦକ୍ଷାଙ୍ଗ ଯୋଗ ସଂସ୍ଥିତଃ ।୧୧।

ଗୀତ

ସକଳଚଳେ ନିଶ୍ଚଳ ଅଟଇ ସେ ନୀଳାଚଳ-
ନିତ୍ୟ ଲୀଳାହୋଇ ତହିଁ ସର୍ବଦା କାଳେ ।
ସକଳ ଦେବତା ଦେବ ନ ଜାଣନ୍ତି ସ୍ଥଳ ଭାବ ।
ଜାଣନ୍ତି କେବଳ ରସ ଦେବ ଶଙ୍କରେ ।
ଅଷ୍ଟାଙ୍ଗ ଯୋଗରେ କରତା ।
ଜଗନ୍ନାଥ ଦାସର ଏ କଥାକୁ ଚିନ୍ତା ।୧୨।

ଷୋଡ଼ଶ ଚଉପଦୀ

ରାଗ-ବସନ୍ତ, ନାମରେ-ହରେ । ବୀଜରେ ଶ୍ରାଁ ।

ଶ୍ଳୋକ

ରାଧାଚୈବ କୃଷ୍ଣସଙ୍ଗେ ରାଧାସଙ୍ଗେ ଚ କୃଷ୍ଣ ଏ ବହି ।
ଅଙ୍ଗାଙ୍ଗଚ ଗୃହୀତ୍ୱା ଦୌ ବୀଜୟୀ ସର୍ବ ପ୍ରେମକେ ।୧।

ଗୀତ

ରାଧା କୃଷ୍ଣଙ୍କ ସଙ୍ଗରେ କୃଷ୍ଣ ରାଧିକା ସଙ୍ଗରେ ।
ଅଙ୍ଗୀ ଅଙ୍ଗ ଘେନି ବୀଜେ ଦୁହେଁ ସର୍ବ ସୁଖରେ ।୨।

ଶ୍ଳୋକ

ତା ବୁପୃରି ପ୍ରଳୟ ସ୍ଥିତଂ କିଂ ଚିନ୍ନ ଜାନିତଂ ।
କୋଟି କୋଟି ବ୍ରହ୍ମ ଯୁଗେ ଗତେତୌ ସୁଖ ସଂସ୍ଥିତୌ ।୩।

ଗୀତ

ସେ ଯେ ଉପୃରି ପ୍ରଳୟ ସ୍ଥିତି କିଛି ନ ଜାଣନ୍ତି ।
କୋଟି କୋଟି ବ୍ରହ୍ମଯୁଗ ଗଲେ ସେ ସୁଖେ ଥାନ୍ତି ।୪।

ଶ୍ଳୋକ

କୋଟି ସୂର୍ଯ୍ୟାଦପି ତେଜଃ କୋଟି ଚନ୍ଦ୍ରାଚ୍ଚ ଶୀତଳଃ ।
ନାସ୍ତିଚନ୍ଦ୍ର ଦିବାରାତ୍ରଂ ସତ୍ୟ ନୀଳାଚଳ ସ୍ତଥା ।୫।

ଗୀତ

କୋଟି ରବି ତେଜ କୋଟି ଚନ୍ଦ୍ରରୁ ଶୀତଳ ।
ନାହିଁ ଯହିଁ ଦିବାନିଶି ସତ୍ୟ ନିତ୍ୟ ସ୍ଥଳ ।୬।

ଶ୍ଳୋକ

ପ୍ରବାହାନନ୍ତ ରାଧା ସାଚାସ୍ୱାଦ ରସ ପାଳକଂ ।
ଭୁନ୍କ୍ତି କୃଷ୍ଣୟସାପି ପୁନଶ୍ଚ ସର୍ବଦା ।୭।

ଗୀତ

ପ୍ରବାହ ଅନନ୍ତ ରାଧାକୃଷ୍ଣ ସ୍ୱାଦରସ ପାଇ
ଭୁଞ୍ଜିଚିତ ଜାଣି ତୃଷ୍ଣା ତୋରେ ହଉଁ ଠାଇଁ ।୮।

ଶ୍ଲୋକ

ଯତ୍ର ନାମ ରୂପ ସେବା ପ୍ରଭୃତ୍ୟୋ ସହ ଚାଷ୍ଠିଚ ।
ସଦା ଶ୍ରୀରାଧିକା ସଙ୍ଗ ଶ୍ରୀକୃଷ୍ଣାନୁ ଭଜେ ପୁନଃ ।୯।

ଗୀତ

ଯହିଁ ନାହିଁ ରୂପ ରସ ଯା ଆଜ ସହିତେ ଅଛି ।
ଶ୍ରୀରାଧାଙ୍କ ଶ୍ରୀଅଙ୍ଗ ଶ୍ରୀ କୃଷ୍ଣାନୁ ଭଜି ।୧୦।

ଶ୍ଲୋକ

ବ୍ରହ୍ମାଦି ଦେବୈ ର୍ଯଦ ବ୍ରହ୍ମାନନ୍ଦଂ ଚାଗୋଚରଂ ସଦା ।
ତଦ୍ ରାଧାକୃଷ୍ଣ ଯଦ୍ଧୂଳୀଂ ଚୈତତ୍ପଦ ସମଂ ନହି ।୧୧।

ଗୀତ

ଦେବେ ଅଗୋଚର ଯେଉଁ ବ୍ରହ୍ମଆନନ୍ଦ ।
ଚର୍ହିର ରଜକୁ ସରି ନୁହେଁ ଏହି ପଦ ।୧୨।

ଶ୍ଲୋକ

ଅୟଂ ଶ୍ରୀ ରାଧିକା କୃଷ୍ଣୋ ନୀଳକନ୍ଦର ସଂସ୍ଥିତିଃ ।
ମୟା ଖେଳଂ ଖେଳଚିଚ ଚାନନ୍ଦ ରୂପ ଭାବୁକଃ ।୧୩।

ଗୀତ

ଏହି ରାଧାକୃଷ୍ଣ ନୀଳଗିରୀରେ ଥାଇ ।
ଖେଳ ଖେଳୁଛନ୍ତି ଜଗନ୍ନାଥ କହଇ ।୧୪।

ଇତି ଶ୍ରୀ ଜଗନ୍ନାଥ ଦାସ ଗୋସ୍ୱାମୀନାକୃତ
ଷୋଡ଼ଶ ଚତୁଷ୍ପଦୀ ।

ପାଠାନ୍ତର

ପ୍ରଥମ ଚଉପଦୀ

୨-୧-ଏହି =ଏହୁ (ଖ), ୨-୨ ମନ=କେଉଁ (ଗ) । ୩-୨ ସର୍ବେଷୁ ଯନ୍ତେ=ସର୍ବ ଯନ୍ତ୍ରେଷୁ (ଖ) । ୪-୧ ମୂର୍ତ୍ତି=ମୂରତି (ଗ) । ୬-୧ ଯେତେକ=ଯେତେ (କ), ୬-୩ ଏହି ବ୍ରହ୍ମାଣ୍ଡେ=ବ୍ରହ୍ମାଣ୍ଡ ମଧ୍ୟେ (ଖ) । ୭-୨ ବିଶ୍ରମଂ=ବିଶ୍ରାମଂ (ଗ) । ୧୦-୪ କରେ=ଯାର (ଖ) । ୧୨-୧ ଥାଇ= ପରେ (ଗ), ୧୨-୩ ଘଟନା=ଘଟଣା (ଖ) । ୧୬-୨ ବୋଲଇ= କହଇ (ଖ) ।

ଦ୍ୱିତୀୟ ଚଉପଦୀ

୨-୭ ପଞ୍ଚକ୍ରୋଶ=ପଞ୍ଚକୋଶ (ଖ), ୨-୭ ଶ୍ରୀମନ୍=ପ୍ରଭୁ (ଖ), ୨-୧୦ ବୁଝନ୍ତି=ବୁଝିଣ (ଗ), ୨-୧୧ ମତ=ତତ୍ତ୍ୱ (ଗ) । ୪-୩ ବୋଲି=ବୋଲିଣ (ଖ), ୪-୪ ଏମନ୍ତ =ଏହା ହିଁ (ଖ), ୪-୫ ମତ=ସତ (ଖ) । ୬-୩ କଲୁ=କଲା (ଗ), ୬-୪ ରାହାସେ=ରହସେ (ଖ) । ୮-୧ ରାଧାଙ୍ଗ= ରାଧା ଅଙ୍ଗ (ଖ), ୮-୪ ଭାବି =ଚିନ୍ତି (ଖ) ।

ତୃତୀୟ ଚଉପଦୀ

୨-୨ ଏକା=ଏକ (ଗ) ଲୀଳା=ନୀଳା (ଗ) । ୮-୨ କେହି=କିଛି (ଗ) ।

ଚତୁର୍ଥ ଚଉପଦୀ

୨-୧ ମୁଁ ଯେ= 'ଖ' ପୋଥିରେ ନାହିଁ । ୪-୨ ମଧ୍ୟେ=ମଧ (ଖ), ୪-୪ ନୀଳା=ଲୀଳା (ଖ) । ୬-୨ ଗୋଲକ=ଗୋଲେକ (ଗ) ।
୮-୧ ଶ୍ରୀକୃଷ୍ଣ=ଶ୍ରୀକୃଷ୍ଣେ (ଖ) (ଗ), ଅଙ୍ଗେ=(ଖ) ଓ (ଗ) ରେ ନାହିଁ, ସବୁ= ସର୍ବ (ଖ) (ଗ) ।

ପଞ୍ଚମ ଚଉପଦୀ

୨-୧ ରାଧାକୃଷ୍ଣଙ୍କ =ଶ୍ରୀରାଧା (ଖ), ଲୀଳା=ନୀଳା (ଖ), ୨-୨ ଷିରେ ଭୂଷଣ= ମଉଳି ଭୁବନ (ଖ) । ୪-୧ ମଣି=ଫଣୀ (ଖ), ୪-୨ ହାସ ରସେ ରାଧା ଶ୍ରୀକୃଷ୍ଣ ବିଜେ= ରାଧାକୃଷ୍ଣ ନିତ୍ୟପୁରରେ ବିଜେ (ଖ), ୪-୩ ଏ=ଯେ (ଖ), ୪-୪ ଯୋଗମାୟା । ଏ ବାରି=ନିତ୍ୟେ ନାୟେକା ଚାରି (ଖ) । ୬-୧ ଆଚରି= ଯେ ଚାରି (ଗ), ୬-୨ ସଞ୍ଚରିଲେ= ଜନ୍ମିଲେ (ଗ), ଚାରି=ନାରୀ (ଖ) । ୮-୧ କୋଣରେ=ଦଳେ (ଖ), ପରା କ୍ଲିଁ ବୀଜ=କାମ ସ ବୀଜ (ଖ)(ଗ) । ୮-୨ ତ୍ରିକୋଣ ଭେଦ=ତ୍ରିୟ ଭେଦିଣ (ଖ)(ଗ) । ୧୦-୧ ଷଟକୋଣ= ଷଟକୋଣେ (ଖ), ରୂପେଣ=ରୂପରେ (ଖ) । ୧୨-୧ ଯନ୍ତ୍ରରେ=ଯନ୍ତ୍ରେଣ (ଗ), ୧୨-୩ ଏହୁ ଗୁପତ=ଗୁରୁ କୃପା ଯେ (ଖ), ୧୨-୪ ନବ=ନବୀନ (ଖ) ।

ଷଷ୍ଠ ଚଉପଦୀ

୨-୧ ପରାୟଣ=ପାରାୟଣ (ଖ), ୨-୪ ରମଣି =ରମଣ (ଗ), ୪-୩ ପ୍ରକାଶ=ପ୍ରବେଶ (ଖ) । ୬-୩ ଚଦ୍=ତହୁଁ (କ), ଭେଦି=ଭେଦିଣ (ଖ) , ୬-୪ ଘଳେ=ଘଳ (ଗ) । ୮-୧ ସେହୁ=ସେହି (ଖ), ୮-୨ ଲୀଳା =ନୀଳା (ଖ), ୮-୩ ଯେଉଁ=ଯଉଁ (ଖ) ।

ସପ୍ତମ ଚଉପଦୀ

୨-୨ ନୁହଇ=ନୁହେଁ ସେ (ଗ) । ୪-୨ ସେହୁ=ସେ (ଗ), ୪-୩ କରଇ=କରାଇ (ଖ) । ୬-୨ ପାସେ=ପାଖେ (ଖ), ୬-୪ ଏହି ସେହି=ଏହୁ ସେହୁ (ଖ) ।

ଅଷ୍ଟମ ଚଉପଦୀ

୪-୨ କୃଷ୍ଣର ପାଇଁ= କୃଷ୍ଣ ବୋଲାଇ (ଖ) । ୬-୨ ଘେନି=ବେନି (ଖ) ।

ନବମ ଚଉପଦୀ

୨-୧ ହେ ସୁଜନ=ଆହେ ସୁଜ୍ଞ (ଗ), ଲୀଳା=ନୀଳା (ଗ), ୨-୨ ସଂଜାତ=ସଂଘାତ (ଗ), ୨-୪ ମତ=ଗତ (ଗ), ୨-୫ ତାଙ୍କର =ତାଙ୍କରି (ଗ) । ୪-୧ ସ୍ଥାନ=ଥାନ (ଖ), ୪-୬ କାଳରେ ଯହିଁ=କାଳ ଯହିଁରେ (ଗ) । ୬-୧୨ ବେଷ =ଭେଷ (ଖ), ୬-୩ ଭାରାଭାର=ଭାରାଭର (କ), ୬-୪ ଦୃଷ୍ଟି=ଦୃଷ୍ଟ (କ), ୬-୬ ଜାଣି= ଘଣି (ଖ) ।

ଦଶମ ଚଉପଦୀ

୨-୬ ନୋହେ=ନୁହେ (ଖ) । ୪-୧ ଗୋଲାକ=ଗୋଲାକ (ଖ), ୪-୨ ଏକାନ୍ତ=ଯେକାନ୍ତ (ଖ) । ୮-୨ ଋସାନନ୍ଦୀ=ଋସାନନ୍ଦ (ଗ), ୮-୩ କଳ୍ପାନ୍ତରେ=କଳ୍ପନ୍ତରେ (କ), ୮-୪ ଜାଣେ ଏ =ଜାଣଇଁ (ଗ) ।

ଏକାଦଶ ଚଉପଦୀ

୨-୨ ଖେଳ=ଖେଳା (ଖ) ୨-୬ ଶୋହେ=ଶୋଭେ (ଖ) । ୪-୨ ସେ ପ୍ରଭୁ ଶିରରେ=ସେହି ପ୍ରଭୁ ଶିରେ (ଗ), ୪-୩ ତଥି=ତହିଁ (ଗ) । ୬-୧ ରତ୍ନ ବେଦିକା=ରହ ଦେଦିକା (କ), ୬-୩ ଖଞ୍ଜି=ଖଞ୍ଜ (କ), ୬-୫ ରୂପ=ରୂପେ (ଗ), ୮-୩ ଦୂର=ହର (କ), ଦେବ=ବେଦ (କ) ।

ଦ୍ୱାଦଶ ଚଉପଦୀ

୨-୧ ରାମ=କୃଷ୍ଣ (ଗ), ଏଥୁ=ଏଥୁଂ (ଗ), ୨-୨ ଅଭେଦ=ଅଭିନ୍ନ (ଖ)(ଗ), ହୋଇ=ନୋହି (ଗ), ୨-୩ କ୍ଷର=କ୍ଷରେ (ଗ), ହୋଇ=ରହିଂ (ଗ), ୨-୪ କହ (ଗ)=(କ) ରେ ନାହିଁ, ୨-୫ ବାରୁଣୀ=କାରେଣୀ (ଗ), ୨-୬ ମାୟା ହୋଇ କେଉଁକ୍ଷର=କେଉଁଠାରେ ଯୋଗମାୟା (ଗ) । ୪-୧ ଚିହ୍ନି=ଚିହ୍ନ (କ), ୪-୨ ହୋଇ

=ରହି (ଗ), ୪-୩ ପୁଚ୍ଛ=ପୁଚ୍ଛ (କ), ୪-୬ ନାମ ରୂପେ ଗୁରୁ ବିଦ୍ୟା ଭଜନେ ହେଯ (ଗ), ୬-୨ ୟେକ ବୀଜ ଦେହ ଚହିଂ ଜୀବ ବୋଲାଇ (ଗ), ୬-୬ ୟେକକୁ ଅତ ନ କଲେ ଶୁକ ସନେକ (ଗ) । ୮-୩ ଜୀବ ବୋଲି ବୋଲି ତାହା ବ୍ରହ୍ମ ବୋଲି ବୋଲି (କ), ୮-୬ ହୋଇଲି=ହୋଇଣ (କ) । ୧୦-୧ ଅଗମ୍ୟ=ପ୍ରକାରେ (ଗ) । ୧୦-୨ ଭଜିବୁ=ଭଜ (କ), ୧୦-୩ ଜାଣିବୁ=ତେବେ ସେ (କ),

ତ୍ରୟୋଦଶ ଚଉପଦୀ

୨-୧ ପାଦେ=ପାୟେ (ଗ), ୨-୨ କହିବ=କହିବା (କ), ୨-୬ ମହାମନ୍ତ୍ର ଭେଦାଇ ସମସ୍ତ କହିବା (ଗ) । ୪-୬ ପ୍ରକାରେ=ପ୍ରକାର (କ) । ୬-୧ ଷଡ଼ାଙ୍ଗରେ =ଷଡ଼ଙ୍ଗରେ (କ), ୬-୪ ସଖୀ=ଶକ୍ତି (ଗ), ୬-୫ କାହା ଉପରେ=କାହିଁରେ ପରେ (ଗ) । ୮-୩ ଜାଣେ=ଜାଣି (କ), କାହିଁ ବଖାଣେ=ଯାହା ବଖାଣି, (କ), ୮-୫ ରାଧାକୃଷ୍ଣ=ସଛଜନ (ଗ) । ୮-୬ ଭଜେ ହୋଇ ବିଶ୍ବାସ=ସେବେ ୟେ ପ୍ରେମରସ (ଗ) ।

ଚତୁର୍ଦ୍ଦଶ ଚଉପଦୀ

୨-୧ ସର୍ବ=ସବୁ (କ), ୨-୨ ଗଉର=ଗୌର (କ), ୨-୪ ଶ୍ରୀ ପୁରୁଷୋତ୍ତମେ ଶ୍ରୀ ପୁରୀସୋଚୀମେ (ଖ), ୨-୫ ମିଶି=ଶିଷ୍ୟ (ଖ) । ୪-୩ କାହାକୁ କେତେ ଛଡ଼ା କେ ନାହିଁ କିହୋ ଏ ଲୋଡ଼ା (କ) । ୬-୨ ରହିଛି=ହୋଇଛି (ଗ), ୬-୪ ଲାଗୁଛି=ନାଗୁଛି (ଗ), ୬-୫ ନାମ=ମାମ (କ) । ୮-୩ ବୈଷ୍ଣବ=ସୁବୈଷ୍ଣବ (ଗ), ୮-୬ ଭଜେ=ସେବେ (ଗ)

ପଞ୍ଚଦଶ ଚଉପଦୀ

୪-୪ କିଏ=ଅବା (ଖ), ୪-୬ ମଧ୍ୟରେ=ମଝିରେ (ଖ) । ୬-୩ ଭିନ୍ନ=ଅନ୍ୟ (ଖ), ୬-୫ ଅଭେଦ=ଅଭିନ୍ନ (ଖ) । ୮-୧ ଆଦି=ଦିଏ (କ), ୮-୩ ଷଣ୍ଡି=ସଖୀ (ଗ), ୮-୫ ମୂଳେ ରାହାସ ମୂଳରେ ରାସ (ଗ) । ୧୦-୨ ଯହିଁ=ତହିଁ (ଖ), ୧୦-୩ ଚଥି=ଏଥି (ଖ)

ଷୋଡ଼ଶ ଚଉପଦୀ

୨-୧ ରାଧିକା ସଙ୍ଗରେ=ରାଧିକା ଅଙ୍ଗରେ (ଖ) । ୪-୨ ଗଳେ=ଅନ୍ତେ (ଗ) । ୬-୨ ଯହିଁ=ନାହିଁ (କ) । ୧୨-୨ ଏହି=ଏ (ଗ) । ୧୪-୨ ବୋଲଇ=ଭଜଇ (ଗ) ।

□□□

ଶ୍ରୀ ଗୁଣ୍ଡିଚା ବିଜୟ

ପୋଥି ପ୍ରାପ୍ତି

(କ) ଡଃ କୃଷ୍ଣ ଚରଣ ସାହୁ - ଶ୍ରୀ ଜଗନ୍ନାଥ ଲୀଳାମୃତ
ପ୍ର - ସାଥୀ ମହଲ, କଟକ (୧୯୭୮), ପୃ. ୨୬-୩୫

(ଖ) ଓଡ଼ିଶା ରାଜ୍ୟ ସଂଗ୍ରହାଳୟ - Cat No. OL./1486 (G)

(ଗ) ଶ୍ରୀ ବନମାଳୀ ଶତପଥି, ରାଏରଙ୍ଗ, ପୋ.-ବାଳପୁର, ଜି.-ପୁରୀ

ହରିହର ବ୍ରହ୍ମା ସ୍ୱୟଂ ଅବତାର ନୀଳଗିରିରେ ପ୍ରକାଶ
ନାନା କଉତୁକେ ଲୀଳା କରିବାକୁ ବଉଦ ରୂପେ ପ୍ରକାଶ, ହେ ହରି ।
କରେ ଶଙ୍ଖ ଚକ୍ର ଗଦା ଧରି ହେ । ନୀଳ କନ୍ଦରେ ବିଜୟେ କରି ହେ ।
ମହୀ ଭାରାକୁ ଉଶ୍ୱାସ କରି ସେ । ।୧।
ହଳ ମୁଷଳ କରେଣ ଶୋଭାବନ ଶିରେ ଶୋହେ ସପ୍ତଫେଣୀ
ଧରଣୀ ଛଳେ ଶଙ୍କର ଅବତାରେ ବୋଲାଇଲ ହଳପାଣି, ସେ ରାମ ।
ରୂପେ ଦିଶନ୍ତି ଅତି ଉପାମ ସେ । ସେ ଯେ ପ୍ରତକ୍ଷେ ଅଟନ୍ତି କାମ ।
କାମ ଦହି କାମପାଳ ନାମ ସେ ।୨।
ଗୋବିନ୍ଦ ଭେଟ ନ ପାଇ ବେଦପତି ବଛା ହରି ଘେନିଗଲା
ଶାପରୁ ମୁକତି ହୋଇବା ନିମନ୍ତେ ସୁଭଦ୍ରା ରୂପ ଧଇଲା, ସେ ଭଲା ।
ବେନିଭାଇଙ୍କ ମଧ୍ୟେ ରହିଲା ସେ । ହରି ଦର୍ଶନ ପୂଜା ପାଇଲା ସେ ।
କୋଟି ଜନ୍ମର ପାତକ ଗଲା ସେ । ।୩।
ସଂସାରେ ଯେତେକ ଉଛବ ଆନନ୍ଦ ସବୁହିଁ ତାହା ଭିଆଣ
ଫଗୁଣେ ଦୋଳ ବୈଶାଖରେ ଚନ୍ଦନ କଉତୁକେ ନାରାୟଣ, ସେ ହରି ।
ଦେବସ୍ନାନ ମଣ୍ଡପେ ବିଜେ କରି ସେ । ଯେବେ ଅଣସରେ ବିଜେ କରି ସେ ।
ମଥା ଭାରି ହେଲା ବୋଲି କରି ସେ । ।୪।
ପନ୍ଦର ଦିନ ଅଣସର ସାରିଣ ଦିନେକ ନେତ୍ର ଉଛବେ
ଦେବ ଦାନେବ ମାନେବ ଆଦିକରି ଦେଖିଣ ମୁକତି ସର୍ବେ, ସେ ଜନେ
ସ୍ୱର୍ଗୁଂ ଅଇଲେ ଦେବତାମାନେ ସେ । ହରିବାଣୀ ଶୁଣୁଥିଲେ କର୍ଣ୍ଣେ ସେ
କଳା ଶ୍ରୀମୁଖ ଦେଖି ନୟନେ ସେ ।୫।
ବଳରାମ ହରି ସୁଭଦ୍ରା ସହିତେ ବସିଣ କରନ୍ତି ପଞ୍ଚା
ଆମ୍ଭ ବିଚାରକୁ ଯେମନ୍ତ ଦିଶିଲା । କାଲି ହୋଇବ ଗୁଣ୍ଡିଚା, ସେ ଭାଇ ।
ତୁମ୍ଭ ବିଚାରକୁ କି ଯୋଗାଇ ସେ । କାଲି ଦିନ ଉତ୍ତମ ଅଟଇ ସେ ।
ପାପୀ ନିସ୍ତାର ହୋଇବେ ଚାହିଁ ସେ ।୬।

ଶୁଣି ବଳଦେବ ହରିଙ୍କି ବୋଇଲତି କିସ ବିଚାରିବୁ ଆମ୍ଭେ
ଘରଣୀ ତୁମ୍ଭର ବଡ଼ ଦୁରୁଦଣ୍ଡ ତାଙ୍କୁ ବୋଧକର ତୁମ୍ଭେ, ସେ ମୁରାରୀ ।
ବଡ଼ ପ୍ରତାପୀ ସିନ୍ଧୁ କୁମାରୀ ସେ । ତାଙ୍କ ବୋଇଲେ ସେ ଯାଇ ପାରି ସେ ।
ତୁମ୍ଭେ ଚଳ ଯା ଲକ୍ଷ୍ମୀଙ୍କ ପୁରୀ ସେ । ।୭।
ପ୍ରଭୁଙ୍କ ବଚନେ ନିଜେ ଜଗନ୍ନାଥ ମିଳିଲେ କମଳା ପାଶ
ହସି ଜଗନ୍ନାଥ ବଚନ ବୋଇଲତି ଭାଳିବା ଯେଠାକୁ ଆସ, ଗୋ ଜୀବନ ।
ଚିତ୍ତେ ନ ଧରିବ ତୁମ୍ଭେ ଆନ ଗୋ । ଆମ୍ଭେ କଥାଯେ କହିବୁ ଘେନ ଗୋ ।
ତୁମ୍ଭେ କୋପ ନ କରିବ ମନ ଗୋ । ।୮।
ରଜନୀ ପାହିଲେ ଗୁଣ୍ଡିଚା ଉଚ୍ଛବ ଶୁଣ ଗୋ ସିନ୍ଧୁ କୁମାରୀ
ତେଣୁ ତୁମ୍ଭଙ୍କୁ କହିବାକୁ ଅଇଲୁ କାଲି ଯିବୁ ଯାତ୍ରାକରି, ଗୋ ସଙ୍ଗାତ ।
ତୁମ୍ଭେ କୋପ ନକରିବ ଚିତ୍ତ ଗୋ । ରହିଂ ନ ଥିବୁ ଦିନ ବହୁତ ଗୋ ।
ଯାତ୍ରା ସାରି ଆସିବୁ ତୁରିତ । ।୯।
ପ୍ରଭୁଙ୍କ ବଚନ ଶୁଣି କମଳଣୀ ବୋଇଲତି ଶୁଣ ମୁରାରି
ତୁମ୍ଭ ମନେ ଯେବେ ଶରଧା ନୋହିଲା ଯେକାଯିବ ଯାତ୍ରା କରି, ହେ ମାଧବ
କେବେ ଯାତ୍ରା କରି ତୁମ୍ଭେ ଯିବ ହେ । ଫେଡ଼ି ମୋହ ଆଗରେ କହିବ ହେ ।
ମାୟା ମୋହଠାରେ ନ କରିବ ହେ । ।୧୦।
ଶ୍ରୀହରି ବୋଇଲେ ଶୁଣ ହେ କମଳା ସଙ୍ଗେ ଯିବେ ଜ୍ୟେଷ୍ଠ ଭାଇ
ଲୋକ ଗହଳେ ଛୁଆଁଛୁଇଁ ହୋଇବ ତୁମ୍ଭ ଯିବା ନ ଯୋଗାଇ, ହେ କମଳା ।
ସରସ୍ୱତୀ ସଙ୍ଗେ କରି ଖେଳା ଗୋ । ପାଶେ ଖଟିଣେ ଥିବ ବିମଳା ଗୋ ।
ତାଙ୍କୁ ଘେନି କରୁଥିବ ଲୀଳା ଗୋ । ।୧୧।
ଲକ୍ଷ୍ମୀଙ୍କି ତିଆରି ଦେବ ଜଗନ୍ନାଥ ବଳଦେବଙ୍କୁ ରାଇଲେ
ବିବିଧ ବେଶ ହୋଇ ତିନି ମୂରତି ଚଡ଼ାଉ ଲାଗି ହୋଇଲେ, ସେ ନରେ ।
ଦାରୁବ୍ରହ୍ମ ରୂପ ହରିହରେ ହେ । ଦେଖି ପାପ ନ ରହେ ଶରୀରେ ହେ ।
ସେବା ଲୋକଙ୍କୁ ଆଜ୍ଞା ସେ ଦେଲେ ହେ । ।୧୨।
ପଶୁପାଳେଙ୍କ ସେ ଭଣ୍ଡାର ନାୟକ ପଣ୍ଡା ମୁଦିରଥ ଗଲେ
ପନୀର ନୀର ସେ କର୍ପୂର ଚନ୍ଦନ ପ୍ରଭୁ ଅଙ୍ଗରେ ଲେପନ କଲେ, ସେ ବେଢ଼ିଣ ।
ଗନ୍ଧ ଲେପନ୍ତି ଫେଡ଼ାଫେଡ଼ିଣ ସେ । ଚୂଳେ ସେବତୀ ଭିଡ଼ି ବାନ୍ଧିଣ ସେ ।
ପ୍ରଭୁ ପହଣ୍ଡି ବିଜେ କରିଣ ସେ । ।୧୩।

ପହଣ୍ଡି ବିଜୟେ କରି ଜଗନ୍ନାଥ ରଥେ ବିଜେ କରି ଯାଇ
ଲଙ୍କାଗଡ଼ରୁ ପାଚେରୀ ତୁଟିଗଲା ଦେଖିଲଇଂ ଲଙ୍କସାଇଂ, ସେ ହରି ।
ଶୁଭେ ବାଜେ ମଙ୍ଗଳ ମହୂରୀ ସେ । ତିନି ମୂର୍ତ୍ତି ରଥେ ବିଜେ କରି ସେ ।
ମୁଖ ଶବଦେ ବ୍ରହ୍ମାଣ୍ଡ ପୂରି ସେ । ।୧୪।

ଦଉଡ଼ି ଧରିଣ ରଥ ଓଟାରନ୍ତେ ତିନି ରଥ ଗଲା ଚଳି
ଦେବ ମାନବେ ହରିହରି ବୋଲନ୍ତେ ଶବଦେ ସିନ୍ଧୁ ଉଚ୍ଛୁଳି, ସେ ଦେଖ ।
ଶୋଭା ପାଉଛି କଳା ଶ୍ରୀମୁଖ ସେ । ହରିହର ବୋଲି ସର୍ବ ଲୋକ ସେ ।
ଚାହିଁ ସକଳ ପାପ ଉପେଖ ସେ । ।୧୫।

ଫଳ କଦଳୀ ନଡୀକାକ ଆଣିଣ ବେନିପାଖେ କଲେ ଚାର
କେ କେଣେ ଛିଣ୍ଡାଇ ଘେନି ପଳାବନ୍ତି କେ ବୋଲଇ ମାରଧର, ସେ ତହିଁ ।
ହୁରି ଜୁରି କେ ଘେନି ପଳାଇ ସେ । ମାତାପିତା ବୋଲି କେ ରୋବଇ ସେ ।
ଫୁଟି ପାଣିପଣା କେ ପିଅଉ ସେ । ।୧୬।

ଯେମନ୍ତ ସମୟେ ଏକ ପରିବାରୀ ଲକ୍ଷ୍ମୀଙ୍କି କହିଲେ ଯାଇ
ଆଗେ ବଳଭଦ୍ର ପଛେ ଜଗନ୍ନାଥ ମଧ୍ୟରେ ସୁଭଦ୍ରା ଦେଇ, ଗୋ ମାୟେ ।
ଚଳିଗଲେ ବଳଗଣ୍ଡି ଯାୟେ ଗୋ । ଆଗେ ଉଭା ଗଜପତି ରାୟେ ଗୋ ।
ତାଙ୍କ ସଙ୍ଗେ ସର୍ବ ଦେବତାୟେ । ।୧୭।

ଶୁଣି କମଳଣୀ କୋପେ ଗରୁତର ମୁଖ ଶୁଖାଇ ବିରସ
ସରସ୍ୱତୀ ଦେବୀ ବିମଳା ସହିତେ ହକାରି ଆଣିଲେ ପାଶ, ସେ ଦେଖ ।
ଆଉ ଚାହିଂବେକି ଆମ୍ଭ ମୁଖ ଗୋ । ଯେକା କରିଗଲେ ପଦ୍ମମୁଖ ଗୋ ।
ଆଉ ଲୋଡ଼ିଲେ କାହିଂଛି ସୁଖ ଗୋ । ।୧୮।

ତେଣୁକରି ମୋତେ ଆଗୁଂ ଡିଆରିଲେ ବେଳହୁଁ ଥିଲେ ବିଚାରି
ବଢ଼ିଲା ଭୟେଣୀ ସଙ୍ଗେ ଘେନି କରି ଉପେଖିଲେ ନିଜ ନାରୀ, ଗୋ ସହି ।
ତାଙ୍କ ବିଚାର କିସ ଯୋଗାଇ ଗୋ । ବୋଇଲେ ଆମ୍ଭେ ଯିବୁ ଦୁଇ ଭାଇ ଗୋ ।
ଯେବେ ସୁଭଦ୍ରା ରଙ୍ଗେ ଚଳଇ ଗୋ । ।୧୯।

ତାଙ୍କ ବିଚାରେ ଶରଧାରେ ନ ନେଲେ ଲୋକେ ଶୁଣିବାକୁ ଲାଜ
ଛନ୍ଦ ଭୂମିକି କଢ଼ାଇ ଘେନିଗଲେ ଅବଶ୍ୟ ଲଭିବେ କାର୍ଯ୍ୟ, ଗୋ ସଖୀ ।
ଆଜ ଜାଣନ୍ତା ହଳଦୀମୁଖୀ ଗୋ । ତୁମ୍ଭେମାନେ ହୋଇଥାଆ ସାକ୍ଷୀ ଗୋ ।
ମୋତେ କରିଗଲେ ନିରିମାଖି ଗୋ । ।୨୦।

ଦେଢ଼ଶୁର ମୋର ମଉନ କଷିଆ ମିଛେ ତୁନି ହୋଇଥାନ୍ତି
ଭୟେଣୀ ନାରୀକି ସଙ୍ଗତରେ ଘେନି ଆଗେ ରଥ ବହିଯାନ୍ତି, ଗୋ ଶୁଣ ।
ମୋତେ ବାହୁଥାଅ ତାଙ୍କ ଗୁଣ ଗୋ । ଅବେଭାର କଲେ ନାରାୟଣ ଗୋ ।
ଭାଇ ଭଉଣୀଙ୍କର ଏ ଗୁଣ ଗୋ । ।୨୧।

ବେନି ଭାଇଙ୍କର ମଧ୍ୟରେ ସୁଭଦ୍ରା ଦୋହିତା ପ୍ରାୟେ ଦିଶଇ
ଝାମ୍ପିଲା ବାଘୁଣୀ ଭାଇଙ୍କି ଘେନିଣ ତାଙ୍କୁ ନ ଦେଖିଲା କେହି, ଗୋ ସଜନୀ ।
ଲାଜେ ପଳାଇଲା ଯେ ରଜନୀ ଗୋ । ଉଠିଗଲେ ଭୟେଣୀ କି ଘେନି ଗୋ ।
ଉଠା ବଇଠା ଯେ ହିନିମାନି ଗୋ । ।୨୨।

ଆତ୍ମ-ମୁହାଂସ ଛଡ଼ାଇ ଜଗନ୍ନାଥ ଯିବାବେଳେ ନ କହିଲେ
ନୀଳଗିରି ଆଶ ନିଶ୍ଚୟେ ଛଡ଼ାଇ ଡ଼ିଙ୍କିଶାଳ ଆଶ କଲେ, ଗୋ ସଙ୍ଗାତ ।
ଯେବେ ଘରଣୀ ପାଇଲେ ସତ ଗୋ । ତେଣୁ ଘର କରିବେ ନିଶ୍ଚିନ୍ତ ଗୋ ।
ତାଙ୍କ ଜାଣିଲା ସେ ମନଚିର ଗୋ । ।୨୩।

ମନ ଜାଣିକରି ଅନ୍ନ ପରିଷିବ ମୁହିଁ ଚାହୁଁଥିବି ବସି
ଲକ୍ଷ୍ମୀଙ୍କ ବଚନ ଶୁଣି ସରସ୍ୱତୀ ବିମଳାଙ୍କୁ ଚାହିଁ ହସି, ଗୋ ପୋତୁ ।
ଯେବେ ଭିଣୋଇ ହୋଇଲେ ସତୁ ଗୋ । ବାହି ଆଗେ ପିନ୍ଧାଇବେ ଖଡୁ ଗୋ ।
ଲାଜ ଚରୁରେ ଖାଇଲେ ଲଡୁ ଗୋ । ।୨୪।

ଯେତେ କାଳଯାକ ଗୁପତରେ ଗଲା ଯେବେ ହେଲାଣି ନିଅତ
କେମନ୍ତ କରି ଜନମୁଖ ଚାହିଁବେ ନାହିଁ ଲାଜ ବଳକିତ, ଗୋ ମିତ ।
କିସ ବୋଲିବେ ତାଙ୍କୁ ଜଗତ ଗୋ । ଲଜ୍ଜା ନ ପାଇ ମିଳିଲେ ଯେଥଗୋ ।
ମୋତେ କରିଗଲେ ଅରଖିତ ଗୋ । ।୨୫।

ମୋହନି ବିଦ ସେ ବାହେ ବାନ୍ଧିଥାଇ କେହି ନ ଜାଣନ୍ତି ସନ୍ଧି
ପାର୍ଥ ଧନୁର୍ଦ୍ଧର କିଞ୍ଚିତେ ଭୁଲିଲା ଯେବେ ଭାଇଙ୍କି ସେ କଲା ବନ୍ଦୀ, ଗୋ ଚାଲ ।
କେହି ନ କଲ ତ ମୋର ବୋଲ ଗୋ । ଯେବେ ଦେଖିବ ମୋହର ବୋଲ ଗୋ ।
ଭେଟ ପଡ଼ିଲେ ସାରିବି ସଲ ଗୋ ।୨୬।

ନିଜ ସେବକନ୍ତ ରାଇ କମଳଣୀ ହାଦୋଳାରେ ବିଜେ କଲେ
କେତେଦୂର ଯାଇ ଲୋକନ୍ତ ପଚାରି ବଳଗଣ୍ଡି ଠାରେ ଭେଟ ହେଲେ, ସେ ଯାଅ ।
ମାରି ସେବକ ଲୋକ ଲୋଟାଅ ସେ । ରଥ ଭାଙ୍ଗି ତୁରିତେ ପକାଅ ସେ ।
ତୁମ୍ଭ ଜଗନ୍ନାଥଙ୍କୁ ସେ କହ ଗୋ । ।୨୭।

ଆଗ୍ୟାଁ ପାଇ ଦାସୀ ଗୋଳ ଭିଆଇଲେ ଡରି ସେବକ ପଳାଇ
ଯାଇ ଜଗନ୍ନାଥ ଆଗରେ କହିଲେ କମଳା ଅଇଲେ ବାହି, ହେ ହରି ।
ଧନ ବସ୍ତ୍ର ନେଲେ ଜୁର କରି ହେ । ଭୟେ ପଳାଇଲୁ ଆମ୍ଭେ ଡରି ହେ ।
ଦାସୀମାନେ କଲେ ହୁରିଢୁରି ହେ । ।୨୮।
ତରେ ଜଗନ୍ନାଥ ଛାମୁକୁ ନ ଯାଇ ଯମେଶ୍ୱରଙ୍କୁ ସେ ରାଇ
ନାଉକେଶ୍ୱର ସେ ମାରକଣ୍ଡେଶ୍ୱର ବେଗେ ତୁମ୍ଭେ ଯାଅ ଧାଇଂ, ହେ ଯାଅ
ଆମ୍ଭ ବିନିତ ବୋଲି ବୁଝାଅ ହେ । ଦାସୀମାନଙ୍କୁ ଲାଞ୍ଚ ଦିଆଅ ହେ ।
ତାଙ୍କ ମନ ସନ୍ତୋଷ କରାଅ ହେ । ।୨୯।
ପ୍ରଭୁ ଆଗ୍ୟାଁ ପାଇ ତିନି ଦେବ ଯାଇ ମିଳିଲେ ଲକ୍ଷ୍ମୀଙ୍କ ଆଗେ
ଅନେକ ପ୍ରକାରେ ପ୍ରବୋଧି କହନ୍ତି ଦେବୀ କଥା ନ ଶୁଣନ୍ତି ରାଗେ, ଗୋ ମାୟେ ।
ତୁମ୍ଭେ କେଣିକି କଲ ବିଜୟେ ଗୋ । ତରେ ଜଗନ୍ନାଥ କଲେ ଭୟେ ଗୋ ।
ଆମ୍ଭେ ସ୍ୱରୂପ କହୁଁ ଥୋକାୟେ ଗୋ । ।୩୦।
ତିନି ଦେବ ଆମ୍ଭେ ଆଗେ ହୋଇଥିବୁ ବାହୁଡ଼ା ବିଜୟେ କର
ନବଦିନେ ନୀଳଗିରିରେ ପ୍ରବେଶ ହୋଇବେଟି ଦାମୋଦର, ଗୋ ଯିବ ।
ଜଗନ୍ନାଥଙ୍କ ଦୋଷ କହିବ ଗୋ । ଆମ୍ଭ ବିନୟ କାରେ ଘେନିବ ଗୋ ।
ଦାସୀମାନେ ଲକ୍ଷ୍ମୀଙ୍କି କହିବ ଗୋ । ।୩୧।
ଦାସୀ ଲାଞ୍ଚେ ପାଇ କମଳାଙ୍କୁ କହିଲେ ଚାଲ ଯିବା କମଳଣୀ
ଭୟେ ଜଗନ୍ନାଥ ପାଶକୁ ନଇଲେ ଆମ୍ଭ କୋପାନଳ ଜାଣି, ଗୋ ଯିବା ।
ତାଙ୍କ କଷ୍ଟ ଜାଣି ବାହୁଡ଼ିବା ଗୋ । ଦିନା ଚାରି ତୁନି ହୋଇଥିବା ଗୋ ।
ତାଙ୍କ କଷ୍ଟ ପୂରିଲେ ଆସିବେ ଗୋ । ।୩୨।
ବାହୁଡ଼ି ଦେବୀ ନିଜ ପୁରେ ପ୍ରବେଶ ମନରେ ନାହିଁ ହରଷ
ପ୍ରତିପ ଠାରୁ ଦିନା ଚାରି ଗଲା ପଞ୍ଚମୀ ହୋଏ ପ୍ରବେଷ, ଲୋ ଶୁଣ ।
ଆଜଯାୟେ ତ ନଇଲେ ପୁଣ ଲୋ । ଯେବେ ଆସିବେ ତ ଲେଉଟିଣଲୋ
ତାଙ୍କ କାର୍ଯ୍ୟ ନାହିଁ ଆମ୍ଭରେଣ ଲୋ । ।୩୩।
ହେରା ବୁଲି ଚାଲି ଘାଟିୟେକ ଯିବା ସେବକମାନନ୍ତ ରାଇ
ରତ୍ନ ହାନ୍ଦୋଳାରେ ବିଜେ କମଳଣୀ କାଲି ନବରକୁ ଯାଇ, ରେ ବନ୍ଧ ।
ଜିଜେ ତାହାଙ୍କ ସଙ୍ଗରେ ଅଛରେ । ବଡ଼ ଗଣ୍ଠିଆ ସେହୁ ଶ୍ରୀବସରେ ।
ଯେତେ କଥା କହୁଥିଲେ ମିଛରେ । ।୩୪।

ଶ୍ରୀ ଜଗନ୍ନାଥ ବଚନ କହନ୍ତି ଆମ୍ଭର ଦୋଷ ନ ଘେନ
ଆଉ ଚାରିଦିନ ମୁଁ ଛଥାଅ ତୁମ୍ଭେ ବାହୁଡ଼ା ବିଜୟେ ପୁଣ, ରେ ପ୍ରିୟା ।
ମନ ଥିର କରିଥିବ ହିଆରେ । ତୁମ୍ଭେ ପାଟବଂଶୀ ଅଟ ଶ୍ରୀୟାରେ ।
କିଂପା ଚମ୍ପରେ କରିବ ମାୟାରେ । ୩୫।

ପ୍ରବୋଧନା ପାଇ ଦେବୀ କମଳଣୀ ଶ୍ରୀନୀଳଗିରିକୁ ଗଲେ
ଦିନା କେତେ ରହି ବ୍ରହ୍ମାଣ୍ଡ ଠାକୁର ବାହୁଡ଼ା ବିଜୟେ କଲେ, ସେ ହରି ।
ନବଦିନ ଯାତ୍ରା ତହିଂ ସାରି ସେ । ରଥ ଦକ୍ଷିଣ ମୂରତି କରି ସେ ।
ଶୁଭେ ବାଜେ ମଙ୍ଗଳ ମହୁରୀ ସେ । ୩୬।

ଦତ୍ୟ ଦାନବ ଯେକାକାର କରିଣ ପତିତ ଚାଣ୍ଡାଳ ଯାୟେ
ଯେକ ଆରକେ କୈବଲ୍ୟ ଭରାଭରି ଦେଖୁଛନ୍ତି ଦେବରାୟେ, ହେ ଶୁଣ ।
ଚାହୁଁ ଅଛନ୍ତି ଚକାନୟନ ହେ । ରଥ ଟଳଟଳ କରି ପୁଣ ହେ ।
ଯାଇ ମିଳିଲେ ସିଂହ ଦୁଆର ହେ । ୩୭।

ସିଂଘ ଦୁଆରେ ବିଜୟେ ତିନି ମୂର୍ତ୍ତି ଯିବାକୁ ନ ପାନ୍ତି ବାଟ
ଦାସୀମାନଙ୍କୁ ବୋଲନ୍ତି କମଳଣୀ ପାରିଣ ଦିଅ କବାଟ, ଗୋ ଶୁଣ ।
ଟାଙ୍କୁ ଭାଷାୟେ ନ ଦେବ ପୁଣ ଗୋ । ଆମ୍ଭ କାର୍ଯ୍ୟ ନାହିଂ ତାଙ୍କରେଣ ଗୋ ।
ଆନ ନବରେ ରହନ୍ତୁ ପୁଣ ଗୋ । ।୩୮।

ଇନ୍ଦ୍ରଙ୍କୁ ଚାହିଁ ବୋଲନ୍ତି କମଳଣୀ ପଥର ପାଣି ବରଷ
ନୂଆ କନ୍ୟା ଦେହ ଜଳା କରୁଅଛି ତାଙ୍କ ରଥ ଭାଙ୍ଗି ଆସ, ସେ ଶୁଣି ।
ଇନ୍ଦ୍ର ବରଷନ୍ତି ବାଆ ପାଣି ସେ । ଭଲା ରହିଲା ଲକ୍ଷ୍ମୀଙ୍କ ବାଣୀ ସେ ।
ଶୀତେ କମ୍ପନ୍ତି ତିନି ପରାଣୀ ସେ । ।୩୯।

ତିନ୍ତିବା ଦେଖି ବୋଲନ୍ତି କମଳଣୀ ବଡ଼େ ଭିତରକୁ ଯାନ୍ତୁ
ନୂଆ ଘରଣୀ ଦେହ ଜଳା ହେଉଅଛି ତାଙ୍କ ସାନଭାଇ ସଙ୍ଗେ ତିନ୍ତୁ ସେ ତହିଂ ।
ଦାସୀ କବାଟ ପୂଡ଼ାୟେ ଫେଇ ସେ । ଭାଇ ଭଉଣୀ ତିନନ୍ତୁ ରହି ସେ ।
ବଳଦେବ ଭିତରକୁ ଯାଇ ସେ । ।୪୦।

ଗୋବିନ୍ଦ ବୋଇନ୍ତି ଶୁଣ ଗୋ କମଳା ଆମ୍ଭେ କଲୁ କେଉଁ ଦୋଷ
ଯେକା ହୋଇ ଆମ୍ଭେ ଦ୍ୱାରେ ତିନ୍ତୁ ଅଛୁ ବରଷା କରେ ବିଶେଷ, ସେ କହ ।
ଦାସୀ କବାଟ ଫିଟାଇ ଦିଅ ଗୋ । ଦୋଷ କମଳଣୀ କି ଚଣାଅ ଗୋ ।
ଶୀତେ କମ୍ପୁଅଛି ଆମ୍ଭ ଦେହ ଗୋ । ।୪୧।

ଉତ୍ତର ନ ଦେଇ ଦେବୀ କମଳଣୀ ପଲଙ୍କେ ଶୁତିଲେ ଯାଇ
ସର୍ବ ଅଳଙ୍କାର ଘେନି ଜଗନ୍ନାଥ ଦାସୀକି ଦେଲେ ବଢ଼ାଇ, ସେ ଦାସୀ ।
ତାଙ୍କୁ ଅଳଙ୍କାର ନେଇ ଦିଅସି ଗୋ । ତାଙ୍କୁ ବିନୟୀ କହ ଆଶ୍ୱାସି ଗୋ ।
ତାଙ୍କ ମନ ଯେବେ ହେଏ ତୋଷି ଗୋ । ।୪୨।

ହାଥେ ହାଥେ ଲାଞ୍ଚ ପାଇ ଦାସୀମାନେ କବାଟ ପୁଡ଼ାୟେ ଫେଇ
ଧାଇଁ ଜଗନ୍ନାଥେ ଭିତରେ ପଶିଲେ ଲକ୍ଷ୍ମୀକି ଭେଟିଲେ ଯାଇଁ, ସେ ଭବାନୀ ।
କିଂପା କରୁଅଛ ଅଭିମାନି ଗୋ । ମଥା ଟେକିଣ ଚାହଁ । ସଜନୀ ଗୋ ।
ଭଲା ଉପାଧି ଆସିଛୁ ଘେନି ଗୋ । ।୪୩।

ମଥା ପୋତିକରି ଦେବୀ କମଳଣୀ ଝିଙ୍ଗାସି କହେ ବଚନ
ନୂଆ ଘରଣୀ ପାଇ ଯେତେକାଳେ ତାକୁ ଦିଅ ଅଳଙ୍କାରମାନ, ହେ ମାଧବ ।
ତୁମ୍ଭ ଭୟେଣୀ ବଡ଼ ସୁଲଭ ହେ । ତାଙ୍କୁ ସୁନ୍ଦର ବଡ଼ ସୁଲଭ ହେ ।
ତୁମ୍ଭେ ଭୟେଣୀ ସଙ୍ଗରେ ଭାବ ହେ । ।୪୪।

ଭଇ ଘରଣୀ ପାଇଲ ଯେତେକାଳେ ଯିବାବେଳେ ନ କହିଲ
କେଉଁ ଅପରାଧୀ ହେଲି ତୁମ୍ଭ ଠାରେ ନାନା କଷ୍ଟ ଦେଇଗଲ, ହେ ମାଧବ ।
ତୁମ୍ଭେ ନିର୍ଦ୍ଦୟା ପାଷାଣ ଭାବ ହେ । କେଉଂ ନବରେ ଘର କରିବ ହେ ।
ଦିନେ ମୋତେ ମନେ କରୁଥିବ ହେ । ।୪୫।

ତୁମ୍ଭେ ଗଲା ଦିନୁ ଅନେକ ଅବସ୍ଥା ସନ୍ଧ୍ୟାଦୀପ ଠାରୁ ନାହିଂ
କଳମ ଶାଗକୁ ଦାଳୁଅ ଚାଉଳ ଯେହା ସେ ଗଲ ଭିଆଇ, ହେ କାହ୍ନୁ ।
ବଡ଼ ଦୁଃଖ ତୁମ୍ଭ ଗଲାଦିନୁ ହେ । ଦଣ୍ଡେ ବିସୋର ନ ଯାଇ ମନୁ ହେ ।
ତୁମ୍ଭେ ନିର୍ଦ୍ଦୟା ପାଷାଣ ତନୁ ହେ । ।୪୬।

ଯାତ୍ରାକଲୁ ଆମ୍ଭେ ଯହିଁର ନିମନ୍ତେ ତୁମ୍ଭେ ଶୁଣ ଗୋ ସଂଘଂଚ
ବଳି ବିଭୀଷଣ ଦର୍ଶନ ନିମନ୍ତେ ପୂର୍ବେ କରିଅଛୁ ସତ୍ୟ, ହେ ମିତ ।
ତାଙ୍କ ପାଇଁ ସେ ଗୁଣ୍ଡିଚା ଯାତ ହେ । ବେଢ଼ି ଦେଖିଲେ ତିନି ଜଗତ ଗୋ ।
ତାଙ୍କୁ କରି ଅଇଲୁ ମୁକତ ଗୋ । ।୪୭।

ଭଗତ ବଚନ ଲଙ୍ଘିତ ନ ପାରି ତହିଂ ପାଇଂ ଗଲି ଧାଇଂ
ନବଦିନ ଆମ୍ଭେ ପରବାସ କଲୁ ଆମ୍ଭ ମନ ଯେ ତୁମ୍ଭରି ତହିଂ, ଗୋ ପ୍ରାଣ ।
କେତେ କରୁଅଛ ଅଭିମାନ ଗୋ । ସଖୀ ଛାଡ଼ ତୋ ମନୁ ଗୁମାନ ଗୋ ।
କିମ୍ବା ମୋହଠାରେ ଅଭିମାନ ଗୋ । ।୪୮।

ବୋଲନ୍ତି କମଳା ଶୁଣ ପଦ୍ମମୁଖ ତୁମ୍ଭେ ରସିକ ସିହାଣ
ଆପଣା ଇଚ୍ଛାୟେ କହି ଆଣୁଅଛ ତୁମ୍ଭ ନୂଆ କନ୍ୟାଙ୍କର ପୁଣ, ହେ ନାଥ ।
ତାଙ୍କୁ ପ୍ରଦାନ ହୋଇଲା ପାର୍ଥ ହେ । ତୁମ୍ଭେ ତାହାଙ୍କୁ ନେଇ ସଙ୍ଗତ ହେ ।
କିସ ବୋଲିବେ ଏବେ ଜଗତ ହେ । ।୪୯।

ତୁମ୍ଭେ ବଡ଼ଲୋକ କୁଳରେ ଜନମ ଲାଜ ନାହିଁ ନା ତୁମ୍ଭରି
ଗୁଣ୍ଡିଚା ନବରେ ଘର କରିବାକୁ ଆସିଅଛ କଥା ଭାଳି, ହେ ହରି ।
ତୁମ୍ଭେ ତିନି ହେଂ ତହିଂ ବିଚାରି ହେ । ନିଷ୍ଠେ ଛାଡ଼ିଲ ତ ନୀଳଗିରି ହେ ।
ବେଗେ ଦିଆଅ ତେଙ୍ଗା ପାଚେରୀ ହେ । ।୫୦।

ଲକ୍ଷ୍ମୀଙ୍କ ଠାରୁ ନିରାଶ ବାଣୀ ଶୁଣି ଉଠିଲେ ମଧୁସୂଦନ
ରତ୍ନ ଅଳଙ୍କାର ଘେନି ଜଗନ୍ନାଥ ଅଙ୍ଗରେ ଦେଲେ ମଣ୍ଡିଣ, ସେ କାହ୍ନୁ ।
ଅଷ୍ଟରତ୍ନେ ମଣ୍ଡିଦେଲେ ତନୁ ସେ । ରୋଷ ଛାଡ଼ିଲା କମଳା ମନୁ ସେ ।
ଅନ୍ୟ ଲକ୍ଷ୍ୟ ନୋହେ କୃଷ୍ଣ ବିନୁ ସେ । ।୫୧।

ଲକ୍ଷ୍ମୀ ଅଭିମାନ ଦେଖି ଜଗନ୍ନାଥ କୋଳେ ବସାଇଲେ ଆଣି
କମଳମୁଖୀ କମଳାଙ୍କୁ ବୋଧନ୍ତି ଶୁଣିମା ମଧୁର ବାଣୀ, ଗୋ ସଖୀ ।
କିମ୍ପା ହୋଉଅଛ ଯେଡ଼େ ଦୁଖି ଗୋ । ଆମ୍ଭେ କ୍ରୋଧ ତୋ ଅବସ୍ଥା ଦେଖି ଗୋ ।
ବାରେ ହସି ଚାହାଁ ଚନ୍ଦ୍ରମୁଖୀ ଗୋ । ।୫୨।

ସକଳ ସଂସାରେ ଖେଡ଼ଘର ଯାର ଶ୍ରୀହରି ଭିଆଣ ଲୀଳା
ଯାର ଲୀଳାରେ ହେଠମାଥ ଶଙ୍କର ତହିଂ ଭିନ୍ନ କମଳା, ସେ ନରେ ।
ଲକ୍ଷ୍ମୀ ପଡ଼ିଲେ ପଦ୍ମପାଦରେ ସେ । ବିଜେ ରତ୍ନପଲଙ୍କ ଉପରେ ସେ ।
ପଦ୍ମମୁଖ ଚାହାନ୍ତି ସଧିରେ ସେ । ।୫୩।

ଯେହୁ ନିତ୍ୟେ ସେହୁ ଶ୍ରୀପୁରୁଷୋତ୍ତମ ପ୍ରେମପଦ ଯେ ପ୍ରକାଶ
ଭଗତ ପଦରେ ଲୀଳା କରିଛନ୍ତି ଭଣେ ଜଗନ୍ନାଥ ଦାସ, ସେ ତହିଂ ।
ବ୍ରହ୍ମା ଶଙ୍କରେ ଅଛନ୍ତି ଧ୍ୟାଇ ସେ । ଲକ୍ଷ୍ମୀ ନାରାୟଣ ଭେଟ ହୋଇ ସେ ।
କୋଟି କଳ୍ପଗଲେ ଶେଷ ନୋହି ସେ । ।୫୪।

ପାଠାନ୍ତର

୧-୧ ସ୍ୱୟେଂ=ସଂୟ (କ) (ଖ); ସ୍ୱୟେଂ ଅବତାର=ଏ ତିନି ପ୍ରକାଶ (ଗ) ।
୧-୨ ଲୀଳା=ନୀଳା (କ) (ଖ) (ଗ) । ୧-୪ ଭାରାକୁ ଉଶ୍ୱାସ=ଭାରା ଅର୍ଥେ ବିଜେ (ଗ) । ୨-୧ କରେଣ=ଯେ କରେ (କ) । ୨-୨ ଧରଣୀ ତଳେ=ଅବନୀ ତଳେ (ଖ) ।୨-୪ ଦହିଂ=ଦଳି (ଗ) ।
୩-୨ ଶାପ=ଶାପ୍ୟ (କ) (ଖ); ସୁଭଦ୍ରା=ସୋଭଦ୍ରା (ଗ) ।
୩-୩ ବେନିଭାଇ=ତିନିଦେବ (କ) (ଖ); ଦର୍ଶନ=ଦ୍ରଶନ (ଖ) (ଗ) ।
୩-୪ କୋଟି=ପୂର୍ବ (ଗ) । ୪-୧ ଉଛବ=ଉସବ (କ); ହିଂ=ଇ (ଗ); ତାହା=ତାଙ୍କ (କ) (ଖ) । ୫-୩ ସ୍ୱର୍ଗୁଂ=ସ୍ୱର୍ଗୁ (ଗ); ବାଣୀ=ଧ୍ୱନି (ଗ) ।
୬-୩ ବିଚାରକୁ କି=ମନକୁ ଯେହୁ (ଗ) । ୭-୧ ହରିକି=ବଚନ (ଗ) ।
୭-୩ ପ୍ରତାପୀ=ହୃଦଣ୍ଡ (କ) (ଖ) । ୮-୧ କମଳା=ଲକ୍ଷ୍ମୀଙ୍କ (କ) (ଖ) ।
୧୧-୩ ସରସ୍ୱତୀ=ସୋରସୋତି (ଗ) । ୧୧-୪ ଲୀଳା=ନୀଳା (କ) ।
୧୨-୧ ରାଇଲେ=କହିଲେ (ଗ) । ୧୩-୨ କର୍ପୂର=କ୍ରପୁର (ଖ) ।
୧୪-୩ ମୂର୍ତ୍ତି=ମୂତି (ଖ) (ଗ) । ୧୫-୧ ଧରିଣ ରଥ ଓଟାରନ୍ତେ=ଧରି ତିନି ରଥ ଓଟାରି (କ) (ଖ) ।
୧୫-୨ ଦେବ ମାନବେ=ସକଳ ଜନେ (ଗ) । ୧୬-୨ କେଣେ=ତହୁଁ (ଗ) ।
୧୭-୧ ଯେମନ୍ତ=ଯେସନ (ଗ) । ୧୮-୧ ଗରୁତର=ଗୁରୁତର (କ) (ଖ) ।
୧୮-୩ ଯେକା କରି=ମତେ ଛାଡ଼ି (ଗ) ।୧୯-୨ କରି=ଗଲେ (ଗ) ।
୨୧-୧ ଭୟେଣୀ ନାରୀକି=ବଢ଼ିଲା ଭଉଣୀ (ଗ) । ୨୩-୨ ନିଷ୍ଠୟେ=ନିଅଯେ (ଗ) ।
୨୩-୩ ସତ=ଚହିଁ (କ); ନିଶ୍ଚିନ୍ତ=ନିଚିନ୍ତ (ଗ) ।
୨୪-୧ ମୁହିଁ=ମୁଖ (ଗ) । ୨୪-୨ ସରସ୍ୱତୀ=ସୋରସୋତି (ଗ)
୨୫-୧ ନିଅଚ=ବିଦିତ (ଗ) । ୨୬-୨ ଧନୁର୍ଦ୍ଧର=ଧନୁର୍ଧର (ଖ) (ଗ) ।
୨୮-୨ ଯାଇ=ଥାଇ (କ) ୨୯-୧ ଡରେ=ଭୟେ (ଗ); ଛାମୁକୁ=କତିକି (ଗ) ।
୩୪-୧ ସେବକମାନନ୍ତ=ଦାସୀମାନଙ୍କୁ (କ) (ଖ) । ୩୯-୧ ଚାହିଁ=ରାଇ (ଗ)
୪୦-୧ ବଡ଼େ ଭିତରକୁ ଯାନ୍ତୁ=ଭିତରେ ସେ ନ ପଶନ୍ତୁ (କ) (ଖ) ।
୪୧-୩ ଫିଟାଇ ଦିଅ=ପୁଡ଼ାୟେ ଫିଟାଅ (କ) (ଖ) । ୪୪-୧ ଝିଙ୍ଗାସି=ଧ୍ୱାଙ୍ଗାସି (ଗ) ।
୪୬-୧ ଅବସ୍ଥା=ଅବସ୍ତା (ଗ) । ୪୬-୨ କଳମ=କଳୟ (ଗ) ।
୪୯-୩ ତାହାଙ୍କୁ=ତାଙ୍କୁ (କ) । ୪୯-୪ ଏବେ ଜଗତ=ଜଗତ ଲୋକ (କ) ।
୫୧-୧ ମଧୁସୂଦନ=ମଧୁସୋଦନ (ଗ) । ୫୪-୩ ନାରାୟାଣ=ନାରାୟେଣ (କ) (ଖ) ।

□□□

ଗଜ ନିସ୍ତାରଣ

ପୋଥି ପ୍ରାପ୍ତି

(କ) ପ୍ରକାଶିତ ପୁସ୍ତକ - ପ୍ର : ଓଡ଼ିଶା କୋହେନୂର ପ୍ରେସ, ଚୌଧୁରୀ ବଜାର,
କଟକ । ନୂତନ ସଂସ୍କରଣ- ୧୯୬୭ ।

(ଖ) ପୋଥି :- ଶ୍ରୀ ବାଞ୍ଛାନିଧି ପଣ୍ଡା, ଅଣ୍ଡିଆ ସାହି, ପୋ. :- ନିମାପଡ଼ା,
ଜି. :-ପୁରୀ ।

ଗଜନିସ୍ତାରଣ

ଦ୍ୱାରକା ପୁରେ ଭାବଗ୍ରାହୀ । ସମସ୍ତ ଯାଦବ ବନ୍ଦାଇ ।୧।
ଆପଣେ ପ୍ରଭୁ ଯଦୁପତି । ବସିଲେ ଦେବାର୍ଚ୍ଚନ କରି ।୨।
ଯାଦବ ମଧ୍ୟରେ ଉଦ୍ଧବ । କୃଷ୍ଣଙ୍କ ଅତି ପ୍ରିୟଭାବ ।୩।
ଉଦ୍ଧବ ବୋଲଇ ଗୋସାଇଁ । ଯେମନ୍ତ ପଚାରୁଛି ମୁହିଁ ।୪।
କାହୁଁ ପଡ଼ିଲା ଆସି ଚକ୍ର । ମୋ ଆଗେ କହ ପଦ୍ମନେତ୍ର ।୫।
ବୋଲନ୍ତି ଶରଣ ସୋଦର । ଶୁଣ ହେ ଭକତ ଶେଖର ।୬।
ସରଯୂ ନଦୀର ତଟରେ । ଦକ୍ଷିଣ ସମୁଦ୍ର କୂଳରେ ।୭।
ବୈଶାଖ ଏକାଦଶୀ ଦିନ । ଢୁଆର ମାଡ଼ିଲାକ ପୁଣ ।୮।
ମତ୍ସ୍ୟ କଚ୍ଛପ ଯେ ମଗର । ଆବର ଯେତେ ଜଳଚର ।୯।
ଥୋକାଏ ଢୁଆରେ ଉଠିଲେ । ଦ୍ୱାଦଶ ଯୁଣ ଯାଏ ଗଲେ ।୧୦।
ବିକର୍ମା ନାମେଣ କୁମ୍ଭୀର । ସେ ପଛେ ହୋଇଲା ବାହାର ।୧୧।
ମତ୍ସ୍ୟ କଚ୍ଛପ ଯେ ଆସିଣ । ପଶନ୍ତି ତାହାର ତୁଣ୍ଡେଣ ।୧୨।
ଏମନ୍ତେ ଅତି ସୁଖ ପାଇ । ସୁଖେଣ ଆହାର କରଇ ୧୩।
ଅଣ୍ଟୀ ଯେ କୋଶଯାଏ ଗଲା । ତେଣିକି ଯାଇ ନପାରିଲା ।୧୪।
ତକ୍ଷଣେ ଛାଡ଼ିଲା ଢୁଆର । ଶୁଷ୍କରେ ପଡ଼ିଲା କୁମ୍ଭୀର ।୧୫।
ଚାରି ଚରଣ ତାର ନାହିଁ । ଆରତେ କୁମ୍ଭୀର ଗଡ଼ଇ ।୧୬।
ନିଶ୍ଚୟ ପ୍ରାଣ ଯିବ ତାର । ମରଣେ ପଡ଼ିଛି କୁମ୍ଭୀର ।୧୭।
ଏମନ୍ତ ସମୟରେ ତହିଁ । ଗଜ ଆସଇ ପାଣି ଖାଇ ।୧୮।
କୁମ୍ଭକ ନାମେ ମତ୍ତହସ୍ତୀ । ସଙ୍ଗତେ ବାଳକ ଅଛନ୍ତି ।୧୯।
କୁମ୍ଭୀର ପଡ଼ିଣ ଯେ ଥିଲା । ଦୂର ରୁ ଅନାଇଣ ଦେଲା ।୨୦।
କୁମ୍ଭୀର ବିଚାରଇ ଚିତ୍ତେ । ଆସୁଅଛନ୍ତି ଗଜଯୁଥେ ।୨୧।
ଏଠାରେ ଉପାୟ କରିବି । ମଇତ୍ର ବୋଲିଣ ଡାକିବି ।୨୨।
ମଇତ୍ର ବୋଲିବି ମୁଁ ଯେବେ । ସେ ମୋତେ ତାରିନେବ ତେବେ ।୨୩।

ଏମନ୍ତ ବିଚାରୁ କୁମ୍ଭୀର । ଗଜ ହୋଇଲା ନିକଟର ।୧୨୪।
ଆସ ମଇତ୍ର ମୋର ପାଶ । କହିବି ଏକାନ୍ତ ବିଶ୍ୱାସ ।୧୨୫।
ଏମନ୍ତ ବୋଇଲାକ ଯହୁଁ । ଗଜ ଯେ ପାଲଟିଲା ତହୁଁ ।୧୨୬।
ସଙ୍ଗତେ ତାର ପୁତ୍ରଥିଲେ । କିମ୍ପାଇ ଯାଉଛ ବୋଇଲେ ।୧୨୭।
ଗଜ ବୋଲଇ ପୁତ୍ରମଣି । ତୁମ୍ଭର ଜ୍ଞାନ ନାହିଁ ପୁଣି ।୧୨୮।
ପୂର୍ବେ ଯେ ଧର୍ମ ହିଁ ନକଲ । ସେ ପାପ ପଶୁ ଜନ୍ମ ହେଲ ।୧୨୯।
ଆଚଙ୍କ କାଳେ ଯେଉଁ ପ୍ରାଣୀ । ତାହାର ଉପଦେଶ ଶୁଣି ।୧୩୦।
ସେ ତାକୁ କଲେକ ନିରାଶ । ଅବଶ୍ୟ ଘୋର ନର୍କେ ବାସ ।୧୩୧।
ଏକଥା ଶୁଣିଅଛି ମୁହିଁ । ଛାଡ଼ି ତ ନପାରଇ ଯାଇ ।୧୩୨।
ତାର ନିକଟ ଯାଏ ଯିବି । ଉଚିତ ବାରତା ଶୁଣିବି ।୧୩୩।
ଏମନ୍ତେ ପୁତ୍ରକୁ ମେଲାଣି । ଦେଲା ସେ ଗଜ ନୃପମଣି ।୧୩୪।
କୁମ୍ଭୀର ନିକଟେ ମିଳିଲା । କି ଅର୍ଥେ ଡାକିଲ ବୋଇଲା ।୧୩୫।
କୁମ୍ଭୀର ବୋଲଇ ଗୋସାଇଂ । ଉଠିତ ନ ପାରଇ ଯାଇ ।୧୩୬।
ସେ କଥା କହଇ ମୁଁ ତୋତେ । ଏଥୁ ଉଦ୍ଧାର ହୋ ସଙ୍ଗାତେ ।୧୩୭।
ସାନ ସାନରେ ବନ୍ଧୁମତି । ବଡ଼ ବଡ଼ରେ ଯେ ପୀରତି ।୧୩୮।
ଯେଣୁ ଯେ ମଇତ୍ର ମୋହୋର । ସ୍ୱରୂପ କହିଲି ବିଚାର ।୧୩୯।
ଗଜ ମନରେ ବିଚାରିଲା । ପ୍ରାଣ ରଖିତ ଆଚରିଲା ।୧୪୦।
ମଇତ୍ର ପଣ ପଛେ ଥାଉ । ଆଗେ କୁମ୍ଭୀର ପ୍ରାଣ ପାଉ ।୧୪୧।
ଏହା ବିଚାରି ମତ୍ତହସ୍ତୀ । ଥୋର ଲଗାଇ ତାକୁ ଟେକି ।୧୪୨।
ଦନ୍ତର ମଧ୍ୟରେ ବସାଇ । ଚାଲଇ ଧୀର ଧୀର ହୋଇ ।୧୪୩।
ବ୍ୟଥା ପାଇବ ମୋ ମଇତ୍ର । ଅପ୍ରାଧ ହୋଇବ ବହୁତ ।୧୪୪।
ସ୍ୱଭାବେ ବଡ଼ାଇ କୁମ୍ଭୀର । ଅତି ଗରିଷ୍ଠ ତା ଶରୀର ।୧୪୫।
ତିନିଶ ହାତ ଲମ୍ବ ହୋଇ । ଶଏ ହାତ ବିସ୍ତାର ଦେହୀ ।୧୪୬।
ଭଙ୍ଗା ପର୍ବତ ପ୍ରାୟ ଦେହୀ । ସଧୀରେ ପଥ ବହିଯାଇ ।୧୪୭।
ସମୁଦ୍ର ନିକଟେ ମିଳିଲା । ମଇତ୍ର ଯାଅ ହେ ବୋଇଲା ।୧୪୮।
ମଇତ୍ର କର ହୋ ମେଲାଣି । ଏଠାରେ ପହଂରାଏ ପାଣି ।୧୪୯।
ତହିଁକି କୁମ୍ଭୀର ବୋଲଇ । ଶୁଣିମା ସାବଧାନ ହୋଇ ।୧୫୦।

ଆହୁରି ଖଣ୍ଡେଦୂର ମୋତେ ନିଅ । ଗଭୀର ଜଳରେ ପକାଅ ।୫୧।
ପୁଣି ନିଅନ୍ତେ ଭଡ଼ା ଚାରି । ଗଜ ଶରୀର ଗଲା ବୁଡ଼ି ।୫୨।
ମାପନ୍ତେ ତିନି ଯେ ଆଙ୍ଗୁଳ । ଗଜର ଦିଶେ ଥୋର ଆଳ ।୫୩।
ଲହଡ଼ି ଆସେ ଯେତେବେଳେ । ଗଜ ବୁଡ଼ଇ ତେତେବେଳେ ।୫୪।
ଲହଡ଼ି ଉଣା ହୁଏ ଯହୁଁ । ଗଜ ନିଶ୍ୱାସ ଛାଡ଼େ ତହୁଁ ।୫୫।
କୁମ୍ଭୀର ଡେଇଣ ପଡ଼ିଲା । ଗଭୀର ଜଳରେ ବୁଡ଼ିଲା ।୫୬।
ଖଗେ ଧରିଲା ପାଦ ଚାରି । ଦନ୍ତେଣ ତଣ୍ଟିଚା କାମୋଡ଼ି ।୫୭।
କାମୋଡ଼ି କରେ ରୁଣଝୁଣ । ବୋଲଇ ଘେନିବି ପରାଣ ।୫୮।
ଶାଙ୍କୋଲି ଦେଲାପ୍ରାୟେ କରି । ଚାରିଚରଣ ଆଣ୍ଟେ ଧରି ।୫୯।
କୁମ୍ଭୀର ବୋଲଇ ଗୋସାଇଂ । ଧନ୍ୟ ବିଧାତା ଅଟୁ ତୁହି ।୬୦।
ତିନିଦିନର ଉପାସକୁ । ଆହାର ମିଳିଲା ଆମ୍ଭକୁ ।୬୧।
ଖାଇବି ଅତି ସୁସ୍ଥ ହୋଇ । ତୋଷ କରିବି ବନ୍ଧୁଭାଇ ।୬୨।
ଏମନ୍ତ ମନରେ ବିଚାରି । ଗଜକୁ ଅଛି ଆଣ୍ଟେଧରି ।୬୩।
ଘାଣେ ଲୁଣି ପାଣି ଲାଗି । ଗଜ ହୋଇଲା ଚିନ୍ତାଭାଗି ।୬୪।
ଗଜ ଯେ ମନେ ବିଚାରଇ । ଦେଖ ପାପିଷ୍ଠ ଏହା ଦେହି ।୬୫।
ଦେଖ ଯେ ଅଘୋର ପାତକୀ । ହୋଇଲା ବିଶ୍ୱାସ ଘାତକୀ ।୬୬।
କାଳ ଅନ୍ୟାୟପଣ କଲା । ମୋ ପ୍ରାଣ ନେବାକୁ ପାଞ୍ଚିଲା ।୬୭।
ମୁଁ ଯେବେ ନଆଣନ୍ତି ବହି । ସେଠାବେ ଯାଆନ୍ତା ମିଳାଇ ।୬୮।
କାକ ଶୃଗାଳ ଯେ ଭକ୍ଷନ୍ତେ । ଶରୀରେ କୃମିତା ପଡ଼ନ୍ତେ ।୬୯।
ପୁତ୍ରଙ୍କ ବୋଲି ମୁଁ ନକରି । ଏହାକୁ ବହି ମୁଁ ଆଣିଲି ।୭୦।
କାଳ ଏ ହୋଇଲା ପାପିଷ୍ଠ । ନିଷ୍ଠଂ କରିବ ମୋତେ ନଷ୍ଟ ।୭୧।
ଶରୀରେ ଜ୍ଞାନ ଉପୁଜିଲା । ପୂର୍ବର ହେତୁ ସୁମରିଲା ।୭୨।
ଗଜ ଯେ ବିଚାରଇ ମନେ । ଯେ କାଳେ ଥିଲି ଘୋରବନେ ।୭୩।
ଶତସିଂହ ଯେ ପର୍ବତରେ । ଥିଲି ମୁଁ ଯେବଣ କାଳରେ ।୭୪।
ମୁହିଁ ମାରଇ ବୋଲିକରି । ରୁଣ୍ଡ ହୁଅନ୍ତି ତପଚାରୀ ।୭୫।
ମୁନି ହୁଅନ୍ତି କୁହାକୋହି । ଆତଙ୍କ କାଗେ ଭାବଗ୍ରାହୀ ।୭୬।
ଅବଶ୍ୟ ରଖନ୍ତି ଗୋସାଇଂ । ଏଥୁ ଆତଙ୍କ ଆଉ ନାହିଁ ।୭୭।

ଥରେ ମୁଁ ବିଡ଼ିବି ଗୋସାଇଁ ।	ମନରେ ପ୍ରତେ ଯିବି ମୁହିଁ	।୭୮।
ଏମନ୍ତ ମନେ ବିଚାରିଲା ।	ଜଗନ୍ନାଥଙ୍କୁ ଚନ୍ତାକଲା	।୭୯।
ଥୋର ହସ୍ତରେ ଦରାଣ୍ଡିଲା ।	ପଦ୍ମ ନାଡ଼େକ ଯେ ପାଇଲା	।୮୦।
ତୋଳି ଧଇଲା ପଦ୍ମମୂଳ ।	ଡାକିଲା ରଖ ଆଦିମୂଳ	।୮୧।
ରଖ ହେ ଦେବକୀ ନନ୍ଦନ ।	ରଖ ହେ ଶ୍ରୀମଧୁସୂଦନ	।୮୨।
ତୁମ୍ଭେ ତ ନରଖିବ ଯେବେ ।	ନିଶ୍ଚୟ ଗଜ ମଲାତେବେ	।୮୩।
ଅନ୍ୟାୟ ହୋଇଲା ଗୋସାଇଁ ।	ଜଳର ଜୀବ ମୁଁ ନୁହଇ	।୮୪।
ବିଶ୍ୱାସ କରି ମୋତେ ଆଣି ।	ପ୍ରାଣରେ ମାରୁଅଛି ପୁଣି	।୮୫।
ଦୃଷ୍ଟିରେ ତୋତେ ଦେଖିନାହିଁ ।	ଗୁରୁ ମୋ କର୍ଣ୍ଣେ କହିନାହିଁ	।୮୬।
ମୁନି ଏ କହିଛନ୍ତି ମୋତେ ।	ଆତଙ୍କ କାଳେ ଜଗନ୍ନାଥେ	।୮୭।
ଆତଙ୍କ ନାଶନ ତୋ ବାନା ।	ବାରେ ତୁ ହୁଅ ବକ୍ରସେହ୍ନା	।୮୮।
ଶରଣ ରକ୍ଷଣ ମୁରାରି ।	ବାରେକ ନେବାକୁ ଉଦ୍ଧରି	।୮୯।
ଗୋବିନ୍ଦ ଗୋବିନ୍ଦ ଗୋସାଇଁ ।	ତୋ ବିନୁ ଅନ୍ୟଆଶ୍ରା ନାହିଁ	।୯୦।
ଏମନ୍ତ ବୋଲିକରି ତହିଁ ।	ଉଚ୍ଚେ ଡାକିଲା ଭାବଗ୍ରାହୀ	।୯୧।
ଦ୍ୱାରକା ଅଣ୍ଠୀସସ୍ର ଯୁଣ ।	ଲକ୍ଷ୍ମୀଙ୍କ ତୁଳେ ନାରାୟଣ	।୯୨।
ପଶାଖେଳରେ ଯଦୁପତି ।	ଦାନ ପଡ଼ିଛି ପଞ୍ଚୁଆତି	।୯୩।
ଲକ୍ଷ୍ମୀ ବାହିବେ ଯେବେସାର ।	ହାରିବେ ପ୍ରଭୁ ଚକ୍ରଧର	।୯୪।
ଖେଳର ଡାନମାନ କାଳେ ।	ଗଜ ଯେ ଡାକିଲା ବିକଳେ	।୯୫।
ସେ ଡାକ କର୍ଣ୍ଣରେ ଶୁଣିଲେ ।	ରଖିଲୁ ବୋଲିଣ ବୋଇଲେ	।୯୬।
ତକ୍ଷଣେ ସୁଦର୍ଶନ ରାଇ ।	ପେଶିଲେ ବ୍ରହ୍ମାଣ୍ଡ ଗୋସାଇଁ	।୯୭।
ହେ ଚକ୍ର ଅତିବେଗେ ଯିବୁ ।	କୁମ୍ଭୀର ଚଣ୍ଟିରେ ପଡ଼ିବୁ	।୯୮।
ଛିଡ଼ିବ ବେନି ଖଣ୍ଡ ହୋଇ ।	ମୋ ଗଜ ଦେବୁ ମୁକୁଳାଇ	।୯୯।
ଆଜ୍ଞା ପ୍ରମାଣେ ଚକ୍ର ଗଲା ।	କୁମ୍ଭୀର ଚଣ୍ଟିରେ ପଡ଼ିଲା ।	।୧୦୦।
ଛିଡ଼ିଲା ବେନିଖଣ୍ଡ ହୋଇ ।	ଗଜ ଉଦ୍ଧାର ହେଲା ତହିଁ	।୧୦୧।
ଚକ୍ର ସମୁଦ୍ରେ ସ୍ନାନ କଲା ।	ପ୍ରଭୁଙ୍କ ନିକଟେ ମିଳିଲା	।୧୦୨।
ଚକ୍ର କୁ ଅନାଇ ଗୋସାଇଁ ।	ବୋଲନ୍ତି ରଖିଲୁ କି ତୁହି	।୧୦୩।
ଲକ୍ଷ୍ମୀ ବୋଲନ୍ତି ମହାବାହୁ ।	କେତେହେଁ ମିଥ୍ୟା ପ୍ରଭୁ କହୁ	।୧୦୪।

ଖେଳେ ହାରିଛ ଯଦୁମଣି । ମୋତେ ଚ ଭଣ୍ଡିଲୋଡ଼ ପୁଣି ।୧୦୫।
ମୁଁ ଗୋପଗିରୀ ଯେ ନୁହଇ । ଭଣ୍ଡିବ ମୁରଲୀ ବଜାଇ ।୧୦୬।
ଗୋପ ନଗରେ ଜାତ ହୋଇ । ଭଣ୍ଡିଇ ନାନା ଭୃଷା କହି ।୧୦୭।
ରାଜା ଯୁଧିଷ୍ଠି ମହୀପାଳେ । ରାଜୁସି ଯାଗ କଲାବେଳେ ।୧୦୮।
ହସ୍ତରେ ଯୋଡ଼ାବେତ ଧରି । ନାମ ଅନନ୍ତ ପଡିହାରୀ ।୧୦୯।
ଏମନ୍ତ ପ୍ରାୟ ମୋତେ କରି । ମିଛେ ଭଣୁଛ ନରହରି ।୧୧୦।
ବୋଲନ୍ତି ପ୍ରଭୁ ଦଇତାରି । ଶୁଣ ଗୋ ସିନ୍ଧୁର କୁମାରୀ ।୧୧୧।
ଅଶୀ ଯେ ସହସ୍ର ଯୁଗର । ଗଜକୁ ଧଇଲା କୁମ୍ଭୀର ।୧୧୨।
ସେ ମୋତେ ଆତଙ୍କେ ଡାକିଲା । ରଖ ହେ ଶ୍ରୀକୃଷ୍ଣ ବୋଇଲା ।୧୧୩।
ରଖିଲୁ ସୁଦର୍ଶନ ରାଇ । ଗଜକୁ ଦେଲୁ ମୁକୁଳାଇ ।୧୧୪।
ଲକ୍ଷ୍ମୀ ବୋଇଲେ ଭାବଗ୍ରାହୀ । ମୋତେ ଟା ଦେଖାଇବ ନେଇ [illegible]
ଯେବେ ଦେଖିବ ମୋ ନୟନ । ପ୍ରତେ କରିବି ଭଗବାନ [illegible]
ଗଜ ମୋକ୍ଷଣ ବାନା ଯେବେ । ମୋତେ ଚ ଦେଖାଇବ ତେବେ [illegible]
କେତେ ଦୂରରେ ଏ ବାରତା । କେମନ୍ତେ ଜାଣିଲ ସେ କଥା [illegible]
କି କର୍ଣ୍ଣ ହୋଇଲା ତୁମ୍ଭର । ମୋତେ ଲାଗିଲା ଅଗୋଚର [illegible]
ତକ୍ଷଣେ ଶ୍ରୀ ମଧୁସୂଦନ । ରାଇଲେ ବିନତା ନନ୍ଦନ [illegible]
ହରିଙ୍କି ଦରଶନ କଲା । ଆନନ୍ଦେ ଚରଣେ ପଡ଼ିଲା [illegible]
ରତ୍ନ ପଲଙ୍କ ଯେ ପଡ଼ିଲା । ଗରୁଡ଼ ପିଠି ବିସ୍ତାରିଲା [illegible]
ଲକ୍ଷ୍ମୀଙ୍କୁ ଘେନି ଭାବଗ୍ରାହୀ । ଗରୁଡ଼ ପିଠିରେଣ ଯାଇ [illegible]
ବିନିତା ମୁଁ ବିକ୍ରମିଲା । ସମୁଦ୍ର ତଟରେ ମିଳିଲା [illegible]
ଦେଖିଲେ ସମୁଦ୍ରର ଜଳ । ରୁଧିରେ ହୋଇଛି [illegible]
କୁମ୍ଭୀର ବେନିଖଣ୍ଡ ହୋଇ । ପଡ଼ିଛି ଗିରି [illegible]
ଅଙ୍ଗୁଳି ଅଗ୍ରରେ ଦେଖାଇ । ବୋଲନ୍ତି ପ୍ରଭୁ [illegible]
ଲକ୍ଷ୍ମୀତା ନୟନେ ଦେଖିଲେ । ଲଜ୍ଜାରେ ବଦନ ପୋତି [illegible]
ହେଂ ବଦନ ହୋଇ ମାୟୀ । କୃଷ୍ଣଙ୍କ ମୁଖକୁ ନଚାହିଁ [illegible]
ଲଜ୍ଜା ପାଇଲେ ସିନ୍ଧୁଝିଅ । ହସି ବୋଲନ୍ତି ନନ୍ଦପୁଅ [illegible]
ନଜାଣି ତୁମ୍ଭେ ପ୍ରାଣସଖୀ । ମିଥ୍ୟା ବୋଇଲ ଯେ ନଦେଖି ।୧୩[illegible]

ଆତଙ୍କ ନାଶନ ମୋ ବାନା । ଆରତ ଜନେ ହୋଇ ସେହ୍ନା ।୧୩୨।
ଯେ ମୋତେ ଆତଙ୍କେ ଡାକଇ । ମୁଁ ତାର ପାଶେ ଶୁଣୁଥାଇ ।୧୩୩।
ଲକ୍ଷ୍ମୀ ବୋଲନ୍ତି ଦେବହରି । ମୁହିଁ ତୁମ୍ଭର ପରିଚାରୀ ।୧୩୪।
ସ୍ୱଭାବେ ସ୍ତିରୀ ଜନ୍ମ ହୋଇ । ଧର୍ମ ଅଧର୍ମ ନଜାଣଇ ।୧୩୫।
ଶୁଣ ଗୋ ସାଗର ଦୁଲଣୀ । ମିଥ୍ୟା ଯେ କରୁଥିଲ ପୁଣି ।୧୩୬।
ସେଠାରୁ ବିଜେ କରିଗଲେ । ଗଜକୁ ବାଟରେ ଦେଖିଲେ ।୧୩୭।
ଗଜ ଅନେକ କଲା ସ୍ତୁତି । ମେଲାଣି ଦେଲେ ଦାଶରଥି ।୧୩୮।
ତକ୍ଷଣେ ବାହୁଡ଼ା ବିଜୟେ । ଦ୍ୱାରକାପୁରେ ଦେବରାୟୋ ।୧୩୯।
ଗରୁଡ଼ ପିଠିରୁ ଉତୁରି । ଶୀତଳ ମଣୋହିକି ସାରି ।୧୪୦।
ଶୀତଳ ମଣୋହି ସାରିଲେ । କର୍ପୂର ଚାମ୍ବୁଳ ଭୁଞ୍ଜିଲେ ।୧୪୧।
ଲକ୍ଷ୍ମୀ ସହିତେ ଭାବଗ୍ରାହୀ । ସୁଖେଣ ପହୁଡ଼ିଲେ ଯାଇ ।୧୪୨।
ସୁଜନ ଜନମାନେ ଶୁଣ । ପାଇବ ବୈକୁଣ୍ଠ କାରଣ ।୧୪୩।
ଏହା ଯେ ପଢ଼ନ୍ତି ଶୁଣନ୍ତି । କୋଟି ପୁରୁଷ ଉଦ୍ଧାରନ୍ତି ।୧୪୪।
ଗୋ ହତ୍ୟା ବ୍ରହ୍ମ ହତ୍ୟା ମାନ । ବୃଷଳୀ ଆଦି ସୁରା ପାନ ।୧୪୫।
ଏ ଦୋଷ ସର୍ବକ୍ଷୟ ପାଇ । ଯେ ତୁଣ୍ଡେ ରାମନାମ ଗାଇ ।୧୪୬।
ଅପୁତ୍ରୀ ହୋଇ ଯେଉଁ ନର । ବିଶ୍ୱାସ କଲେ ହୋଏ ପାର ।୧୪୭।
ଅଶାନ୍ତି ଅବୁଦ୍ଧି ପ୍ରାପତ । ସୁଜନ ଜନଙ୍କର ହିତ ।୧୪୮।
ସୁଜନେ ନଘେନିମା ଦୋଷ । କହଇ ଜଗନ୍ନାଥ ଦାସ ।୧୪୯।

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ଅଷ୍ଟମ ସ୍କନ୍ଧେ ଗଜ ନିସ୍ତାରଣେ ନାମ ଚତୁର୍ଥୋଽଧ୍ୟାୟଃ ।।

ପାଠାନ୍ତର

୮-୨ ମାଡ଼ିଲାକ=ମାଡ଼ିଲାଯେ (କ) । ୯-୨ ଆବର=ଯେ ଆଦି (ଖ) । ୧୩-୧ ସୁଖ ପାଇ=ସୁସ୍ଥ ହୋଇ (କ) । ୧୩-୨ ସୁଖେଣ=ସୁଖେ ସେ (କ) । ୨୯-୨ ପାପେ=ହେତୁ (କ) । ୩୩-୧ ନିକଟ=ସନିଦ୍ଧ (ଖ) । ୩୯-୧ ଏହାଚ=ପୂର୍ବରୁ ଅଛଇ (କ) । ୩୯-୨ (=୫୦-୨) (କ) । ୪୦-୧ ମନରେ ବିଚାରିଲା=ସଂପତେ ଚାହାକଲା (କ) । ୪୦-୨ ରଖିଚ=ର ଘିତି (କ) । ୪୫-୧ ବଡ଼ାଇ=ବଡ଼ ଯେ (କ) । ୪୫-୨ ଗରିଷ୍ଠ=ହିଁ ଶ୍ରେଷ୍ଠ (ଖ) । ୪୬-୧ ହାତ=ହଥ (ଖ) । ୪୭-୧ ଦେହି=ହୋଇ (କ) । ୪୮-୧ ସମୁଦ୍ର=ସମୋଦ୍ର (ଖ) । ୫୦-୨ ଶୁଣିମା-ଶୁଣ ହେ (କ) । ୫୧-୧ ଆହୁରି ଖଣ୍ଡେ ଦୂର=ଯେମନ୍ତେ ପାର ମୋତେ (କ) । <u>।୫୨। ପରେ ଅଧିକା</u> । (କ) :- ଗଜ ଶରୀର ବୁଡ଼ିଗଲା । ଦେହ ତା କିଛି ନ ଦିଶିଲା । ୫୭-୨ ଦନ୍ତେଣ=ଦନ୍ତରେ (ଖ) । ୫୯-୧ ଦେଲା=ଦେବା (କ) । ୬୬-୧ ଯେ ଅଘୋର=ହେ ଯେ ଘୋର (କ) । ୬୮-୨ ସେଠାବେ=ସେଠାରେ (କ) । ୧୦୭-୨ ରୁଷ୍ଟ=ରୋଷ୍ଟ (ଖ), ଭୋଟ (କ) । <u>।୧୦୭। ପରେ ଅଧିକା</u> । (କ) :- ଭୋଟିଆ ନାମ ଯେ ତୁମ୍ଭରି । ଭୋଟ ଭଣ୍ଡଛ ନରହରି । <u>।୧୦୯। ପରେ ଅଧିକା</u> । (କ) :- ଗୋପ ନଗରେ ଜାତ ହରି । ବନେ ମୁରଲୀ ନାଦ କରି । ୧୪୦-୧ ମଣୋହି=ମୁଣୋହି (ଖ) । ୧୪୧-୨ କର୍ପୂର=କ୍ରପୁର (ଖ) । ୧୪୭-୧ ଯେ ନର ଅପବିତ୍ର ହୋଇ (କ) । ୧୪୭-୨ ହୋଏ ପାର-ପୁତ୍ର ପାଇ (କ) । ୧୪୮-୧ ଅଶାନ୍ତି ଅବୁଦ୍ଧି=ଆଶନୁରୂପ ଯେ (କ) । ୧୪୯-୧ କହଇ ବିପ୍ର ଜଗନ୍ନାଥ (କ) । ୧୪୯-୨ ଅଷ୍ଟମ ସ୍କନ୍ଧ ଭାଗବତ (କ) ।

ooo

ଉଦ୍ଧବ ଜଣାଣ

ପୋଥି ପ୍ରାପ୍ତି

(କ) ଏକାଦଶ ସ୍କନ୍ଧ - ପ୍ର ଓଡ଼ିଶା କୋହିନୂର ପ୍ରେସ, କଟକ- ୧୯୬୨

(ଖ) ଓଡ଼ିଶା ରାଜ୍ୟ ସଂଗ୍ରହାଳୟ- Cat. No. OL/449 (A)

(ଗ) ଶ୍ରୀ ମାନକେତନ ଦାସ - ସା-ତେଲିଆ ପଡ଼ା, କଟକ

ଉଦ୍ଧବ ଉବାଚ

ଉଦ୍ଧବ ବିନୟ ବଚନେ । ବୋଇଲଇ କୃଷ୍ଣ ସନ୍ନିଧାନେ ।୧।
ଭୋ ନାଥ ପ୍ରଭୁ ଭଗବାନ । ତୁମ୍ଭେ ଯେ ଅନାଦି ନିଧନ ।୨।
ପରମ ବ୍ରହ୍ମ ତୋ ମହିମା । କେ ଜାଣି ପାରେ ଗୁଣ ସୀମା ।୩।
ବିଶ୍ୱ ଉତ୍ପତ୍ତି ସ୍ଥିତି ନାଶ । ତୋହୋର ଚରଣୁ ପ୍ରକାଶ ।୪।
ସକଳ ଭୂତେ ତୋର ସ୍ଥିତି । ତୁ ନାଥ ତ୍ରିଭୁବନ ପତି ।୫।
ଭଗତି କରି ତୋ ଚରଣେ । ଯେ ଭାବେ ମହା ଋଷିଗଣେ ।୬।
ତୋ ପାଦପଦ୍ମ ଯେତେ ସ୍ଥାନେ । ଭଜନ୍ତି ଭକ୍ତି ଅନୁମାନେ ।୭।
ସେ କଥା କହ ଭଗବାନ । ସଂଶୟ କର ମୋ ଛେଦନ ।୮।
ତୁ ଆତ୍ମା ସର୍ବଭୂତେ ପୂରି । ବସୁ ଗୁପତ ରୂପ ଧରି ।୯।
ସକଳ ଦେଖୁ ତୁ ନୟନେ । ତୋତେ ନ ଦେଖେ କେହିଜଣେ ।୧୦।
ତୋହର ମାୟାରେ ଜଗତ । ଅଜ୍ଞାନ ନିଦ୍ରାରେ ମୋହିତ ।୧୧।
ଯେ ତିନିପୁରେ ତୋ ବିଭୂତି । ଯହିଁ ବା ଯେଉଁ ରୂପେ ସ୍ଥିତି ।୧୨।
ସକଳ କହ ନାଥ ମୋତେ । ନମଇଁ ତୋର ପାଦଗତେ ।୧୩।
ତୋ ପାଦ ସର୍ବତୀର୍ଥ ସ୍ଥାନ । ନମଇଁ ତୋର ଭଗବାନ ।୧୪।
ଯେମନ୍ତ ଶୁଣି ବ୍ରହ୍ମରାଶି । ଉଦ୍ଧବ ମୁଖ ଚାହିଁ ହସି ।୧୫।

ଶ୍ରୀ ଭଗବାନୁବାଚ

ବୋଲନ୍ତି କମଳାର ବର । ଶୁଣ ହେ ଭଗତ ଶେଖର ।୧୬।
କୁରୁ ପାଣ୍ଡବ ମହାଘୋର । ଯେ କାଳେ ହୋଇଲା ସମର ।୧୭।
ଉଭୟେ ଦଳ ମଧ୍ୟେ ନେଇ । ସ୍ଥାପିଲି ନନ୍ଦିଘୋଷ ମୁହିଁ ।୧୮।
ଅର୍ଜୁନ ବନ୍ଧୁବର୍ଗ ଦେଖି । ବସିଲା ସମର ଉପେଖି ।୧୯।
ମୁ ତାକୁ ଅନେକ ବୁଝାଇ । ବହୁତ ଉପଦେଶ ଦେଇ ।୨୦।

ଜ୍ଞାନେ ମୋହିଲେ ତାର ମନ । ମୋତେ ପଚାରିଲା ଅର୍ଜୁନ ୨୧।
ତିନିଭୂବନେ ମୋ ବିଭୂତି । ଯହିଁ ଯେମନ୍ତ ରୂପେ ସ୍ଥିତି ।୨୨।
ମୁହିଁ ତାହାକୁ ଭଣ ମଧ୍ୟେ । ପ୍ରସନ୍ନେ କହିଲି ଆନନ୍ଦେ ।୨୩।
ଯେବେ କହିବି ତୋତେ ମୁହିଂ । ଯହିଂ ଯେମନ୍ତ ରୂପେ ଥାଇ ।୨୪।
ସକଳ ଭୂତେ ବାସ ମୋର । ମୁଂ ଆତ୍ମା ସୁହୃଦ ଈଶ୍ୱର ।୨୫।
ସକଳ ଭୂତମୟ ବ୍ରହ୍ମ । ପ୍ରକୃତି ପୁରୁଷ ପରମ ।୨୬।
ମୋହୋର ଚହୁଂ ସୃଷ୍ଟିଜାତ । ମୁହିଂ ସେ ପାଳଇ ଜଗତ ।୨୭।
ମୁ ଯେ ସଂସାର ଗତିପତି । କାଳ ସଂହାରଣ ଶକତି ।୨୮।
ମୁହିଂ ସେ ସତ୍ତ୍ୱ ରଜ ତମ । ପ୍ରକୃତି ପୁରୁଷ ଉତ୍ତମ ।୨୯।
ମୁହିଂ ମହତ ଅହଂକାର । ସକଳ ଜୀବ ସୂକ୍ଷ୍ମ ସାର ।୩୦।
ଦୁର୍ଜ୍ଜୟ ମଧ୍ୟେ ମନ ମୁହିଂ । ବେଦେ ହିରଣ୍ୟ ଗର୍ଭ ହୋଇ ।୩୧।
ସକଳ ମନ୍ତ୍ର ମଧ୍ୟେ ସାର । ତ୍ରିଧାମ ବ୍ରହ୍ମ ମୁ ଓଂକାର ।୩୨।
ଆକାର ଅକ୍ଷରଙ୍କ ମଧ୍ୟେ । ଗାୟତ୍ରୀ ଛନ୍ଦ ବେଦ ବାଦ୍ୟେ ।୩୩।
ଦେବଙ୍କ ମଧ୍ୟେ ଇନ୍ଦ୍ର ମୁହିଂ । ବସୁଙ୍କ ମଧ୍ୟେ ଅଗ୍ନି ହୋଇ ।୩୪।
ବିଷ୍ଣୁ ମୁ ଆଦିତ୍ୟ ମଧରେ । ନୀଳଲୋହିତ ରୁଦ୍ରଙ୍କରେ ।୩୫।
ବ୍ରହ୍ମଋଷିରେ ଭୃଗୁ ମୁହିଁ । ରାଜଋଷିରେ ମନୁ ହୋଇ ।୩୬।
ଦେବଋଷିରେ ମୁ ନାରଦ । ମୁ କାମଧେନୁ ଧେନୁ ମଧ ।୩୭।
ସିଦ୍ଧେଶ୍ୱରଙ୍କ ମଧ୍ୟେ ମୁହିଁ । କପିଳ ବୋଲି ଜାଣ ତୁହି ।୩୮।
ପକ୍ଷୀଙ୍କ ମଧ୍ୟେ ଖଗେଶ୍ୱର । ମୁ ଦକ୍ଷ ପ୍ରଜାପତି ସାର ।୩୯।
ପିତୃଗଣଙ୍କ ମଧ୍ୟେ ବର । ଅର୍ଯ୍ୟମା ନାମଟି ମୋହର ।୪୦।
ପ୍ରହ୍ଲାଦ ଦୈତ୍ୟ ମଧ୍ୟେ ମୁହିଁ । ନକ୍ଷତ୍ର ମଧ୍ୟେ ଚନ୍ଦ୍ର ହୋଇ ।୪୧।
ଯକ୍ଷଙ୍କ ମଧ୍ୟେ ମୁ କୁବେର । ଐରାବତ ଗଜସାର ।୪୨।
ଜଳଚରଙ୍କ ମଧ୍ୟେ ଜାଣ । ଉଦ୍ଧବ ମୁହିଁଟି ବରୁଣ ।୪୩।
ତେଜସ୍ୱୀ ମଧ୍ୟେ ରବି ମୁହିଁ । ମନୁଷ୍ୟ ନୃପତି ବୋଲାଇ ।୪୪।
ଅଶ୍ୱଙ୍କ ମଧରେ ଉତ୍ତମ । ଉଚଇଶ୍ରବା ମୋର ନାମ ।୪୫।
ଧାତୁଙ୍କ ମଧ୍ୟେ ମୁ ସୁବର୍ଣ୍ଣ । ସଂଯମ କର୍ତ୍ତା ମଧ୍ୟେ ଯମ ।୪୬।
ସର୍ପଙ୍କ ମଧ୍ୟେ ମୁ ବାସୁକି । ଅନନ୍ତ ନାଗ ମଧ୍ୟେ ଲେଖି ।୪୭।
ମୃଗଙ୍କ ମଧ୍ୟେ ସିଂହ ମୁହିଂ । ଆଶ୍ରମେ ସନ୍ନ୍ୟାସ ବୋଲାଇ ।୪୮।
ମୁ ବିପ୍ର ଚାରିବର୍ଣ୍ଣ ପତି । ତୀର୍ଥଙ୍କ ମଧ୍ୟେ ଭାଗୀରଥୀ ।୪୯।

ଭୋଗ ମଧ୍ୟେ ସିନ୍ଧୁ ମୁହିଁ । ଶସ୍ତ୍ରଙ୍କ ମଧ୍ୟେ ଧନୁ ହୋଇ ।୫୦।
ଧନୁକି ମଧ୍ୟେ ମୁହିଁ ହର । ପର୍ବତେ ମେରୁ ମହୀଧର ।୫୧।
ଗହନ ମଧ୍ୟେ ହିମ ଗିରି । ବୃକ୍ଷେ ଅଶ୍ୱତ୍‌ଥ ରୂପଧରି ।୫୨।
ଶସ୍ୟଙ୍କ ମଧ୍ୟେ ଧାନ୍ୟ ମୁହିଁ । ଆଚାର୍ଯ୍ୟେ ବଶିଷ୍ଠ ବୋଲଇ ।୫୩।
ମୁ ବୃହସ୍ପତି ବେଦବାଦେ । କୁମାର ଦେବସେନା ମଧ୍ୟେ ।୫୪।
ଅଗ୍ରଣୀମାନଙ୍କ ମଧ୍ୟରେ । ବ୍ରହ୍ମା ମୁ ବୋଲାଇ ବେଭାରେ ।୫୫।
ଯଜ୍ଞମାନଙ୍କ ମଧ୍ୟେ ପୁଣ । ମୁ ବ୍ରହ୍ମଯଜ୍ଞ ବୋଲି ଜାଣ ।୫୬।
ବ୍ରତମାନଙ୍କ ମଧ୍ୟେ ମୁହିଁ । ଅହିଂସା ବୋଲି ଜାଣ ତୁହି ।୫୭।
ପବନ ଅଗ୍ନି ଅର୍କ ଜଳ । ବଚନ ଆତ୍ମା ଯେ ନିର୍ମଳ ।୫୮।
କରଚି ଯେତେ ମଧ୍ୟେ ଥାଇ । ସକଳ ଶୁଚି ମୁ କରଇ ।୫୯।
ଯୋଗଙ୍କ ମଧ୍ୟେ ମୁ ସମାଧି । ଜିଣିବା ଲୋକ ମନ୍ତ୍ରବିଧି ।୬୦।
କୁଶଳ ମାନଙ୍କରେ ମୁହିଁ । ଆତ୍ମା-ବିବେକ ବିଦ୍ୟା ହୋଇ ।୬୧।
ମୁ ଶତରୂପା ନାରୀଙ୍କରେ । ମୁ ସ୍ୱାୟମ୍ଭୁବ ପୁରୁଷରେ ।୬୨।
ମୁନିଙ୍କ ମଧ୍ୟେ ସାଧୁଗୁଣ । ମୁହିଁଟି ନର ନାରାୟଣ ।୬୩।
ମୁଂ ପୁଣି ବ୍ରହ୍ମଚାରୀଙ୍କର । ମଧ୍ୟରେ ସନତ କୁମାର ।୬୪।
ଧର୍ମମାନଙ୍କ ମଧ୍ୟେ ପୁଣ । ସନ୍ୟାସ ଧର୍ମ ବୋଲି ଜାଣ ।୬୫।
ଅଭୟ ସ୍ଥାନ ମାନଙ୍କରେ । ଅତର ନିଷ୍ଠା ମୁ ବେଭାରେ ।୬୬।
ମୁ ସତ୍ୟ ଗୁହ୍ୟ ଗଣ ମାଝେ । ବତ୍ସର କାଳଯୁଗ କାର୍ଯ୍ୟେ ।୬୭।
ଋତୁଙ୍କ ମଧ୍ୟେ ମୁ ବସନ୍ତ । ଅଗ୍ରହାୟଣ ମାସ ନାଥ ।୬୮।
ନକ୍ଷତ୍ର ମଧ୍ୟେ ଅଭୀଜିତ । ଯୁଗଙ୍କ ମଧ୍ୟେ ମୁହିଁ ସତ୍ୟ ।୬୯।
ଧୀରଙ୍କ ମଧ୍ୟେ ମୁ ଦେବଳ । ବ୍ୟାସେ ମୁ ସତ୍ୟବତୀବାଳ ।୭୦।
କବିଙ୍କ ମଧ୍ୟେ ଶୁକ୍ର ମୁହିଁ । ମୋ ରୂପ ଭଲ ମଧ୍ୟ ତୁହି ।୭୧।
ବାନର ମଧ୍ୟେ ହନୁମାନ । ମୁ ବିଦ୍ୟାଧରେ ସୁଦର୍ଶନ ।୭୨।
ସୁନ୍ଦର ମଧ୍ୟେ ପଦ୍ମକୋଷ । ମୁ ତୃଣମାନଙ୍କରେ କୁଶ ।୭୩।
ହବିଙ୍କ ମଧ୍ୟେ ଗବ୍ୟଘୃତ । ରତ୍ନେ ମୁ ପଦ୍ମରାଗ ଖ୍ୟାତ ।୭୪।
ବ୍ୟବସାୟୀଙ୍କ ଲକ୍ଷ୍ମୀ ମୁହିଁ । କପଟ ମଧ୍ୟେ ଦ୍ୟୁତ ହୋଇ ।୭୫।
ସତ୍ତ୍ୱ ମୁ ଜାଣ ସତ୍ତ୍ୱବତେ । ଇନ୍ଦ୍ରିୟ ବଳ ବଳବତେ ।୭୬।
ଯେ ପୁଣି ଭାଗବତ ଜନ । ମୁ ତାଙ୍କ ଭକ୍ତି କର୍ମମାନ ।୭୭।
ବାସୁଦେବ ଯେ ସଙ୍କର୍ଷଣ । ପ୍ରଦ୍ୟୁମ୍ନ ଅନିରୁଦ୍ଧ ପୁଣ ।୭୮।

ନାରାୟଣ କୋଳ ନୃସିଂହ । ଯେ ହୟଗ୍ରୀବ ପିତାମହ ।୭୯।

ଯେ ନବ ମୂର୍ତ୍ତି ଆଦିଦେବ । ମୁ ବାସୁଦେବ ହେ ଉଦ୍ଧବ ।୮୦।

ଗନ୍ଧର୍ବେ ବିଶ୍ୱାବସୁ ଖ୍ୟାତି । ଅପରା ମଧ୍ୟେ ପୂର୍ବଚିତ୍ତି ।୮୧।

ପର୍ବତ ମଧ୍ୟେ ସ୍ଥିର ଭାବ । ଭୂମିର ଗନ୍ଧ ମୁ ଉଦ୍ଧବ ।୮୨।

ପରମରସ ଭୂମିରସେ । ଶବଦ ସଂଗ୍ରହ ଆକାଶେ ।୮୪।

ମୁ ଦାଶ ବଳି ନୃପମଣି । ଅର୍ଜୁନ ବୀରମଧ୍ୟେ ଗଣି ।୮୫।

ପ୍ରାଣୀମାନଙ୍କ ମୁ ନିଶ୍ଚୟ । ଉତ୍ପତ୍ତି ସ୍ଥିତି ଯେ ପ୍ରଳୟ ।୮୬।

ସର୍ବ ଇନ୍ଦ୍ରିୟମାନଙ୍କର । ମୁହିଂ ସେ ବିଷୟ ଗୋଚର ।୮୭।

ପୃଥିବୀ ପବନ ଆକାଶ । ସଳିଳ ଅନଳ ପୁରୁଷ ।୮୮।

ପ୍ରକୃତି ସତ୍ୱ ରଜ ତମ । ବିକାର ମହତ ପରମ ।୮୯।

ମୁ ଗୁଣ ଗୁଣୀ ମୁହିଁ ଜୀବ । ନିର୍ଗୁଣ ମୁହିଂ ସଦାଶିବ ।୯୦।

ମୁ ଆତ୍ମା ସର୍ବଜୀବ ଦେହୀ । ମୋ ବିନୁ ସ୍ଥୂଳ ସୂକ୍ଷ୍ମ ନାହିଁ ।୯୧।

କେ ମୋତେ ତ୍ରିଭୁବନେ ଜାଣେ । କେ ଅବା ସୂକ୍ଷ୍ମରେଣୁ ଗଣେ ।୯୨।

ତେଜ ସମ୍ପଦ ଅଇଶ୍ୱର୍ଯ୍ୟ । ତିତିକ୍ଷା ଜ୍ଞାନ ଲାଜ ବୀର୍ଯ୍ୟ ।୯୩।

ଭାଗ୍ୟ ସୌଭଗ ତ୍ୟାଗ ଯଶ । ଯେ ସର୍ବଜାଣ ମୋର ଅଂଶ ।୯୪।

ଯେଣୁ ତୁ ସାଧୁ ଶୁଦ୍ଧମତି । ତେଣୁ କହିଲି ମୋ ବିଭୂତି ।୯୫।

ସଂସାରେ ଦେଖୁ ଯେତେ ଅଂଶ । ଯେ ସର୍ବଜାଣ ମୋର ଅଂଶ ।୯୬।

ବିଜୁଳି ଗଗନେ ଯେସନ । ଶୟନେ ଯେସନେ ସ୍ୱପନ ।୯୭।

ଯେବେ ତୁ ବୁଝି ମୋ ବଚନ । ସାଧ ତୁ ଯେ ମନ ପବନ ।୯୮।

ସର୍ବ ସଂକଳ୍ପ ଛାଡ଼ ତୁହି । ସକଳ କର୍ମ ମୋତେ ଦେଇ ।୯୯।

ଯେକାଳେ ବୀର ଭଜ ମୋତେ । ସଂସାରେ ଚିନ୍ତା ଛାଡ଼ିଚିତ୍ତେ ।୧୦୦।

ମୋର ବଚନ ଅନୁସର । ଯେ ଭବଜଳୁ ହୁଅ ପାର ।୧୦୧।

ହରି ଚରଣେ ଦେଇ ଚିତ୍ତ । କହଇ ଦାସ ଜଗନ୍ନାଥ ।୧୦୨।

ଉଦ୍ଧବ କୃଷ୍ଣର ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ୧୦୩।

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ଯେକାଦଶ ସ୍କନ୍ଧେ ଶ୍ରୀକୃଷ୍ଣୋଦ୍ଧବ ସମ୍ବାଦେ ବିଭୂତି ଯୋଗ କଥନଂ ନାମ ସପ୍ତଦଶୋଽଧ୍ୟାୟଃ । ।୧୭।

ପାଠାନ୍ତର

୨-୨ ଯେ ଅନାଦି ନିଧନ = ଅନାଦି ନିରଞ୍ଜନ (କ) (ଗ) ।
୪-୨ ତୋହୋର = ତୋହର (ଖ) । ୬-୧ ଭଗତି = ଭକତି (କ) (ଖ),
୬-୨ ଯେ ଭାବେ = ସଂସାରେ (କ) । ୮ ପଦ (କ) ରେ ନାହିଁ ।
୯-୨ ଗୁପତ = ଗୁପତେ (ଖ) (ଗ) । ୧୦-୨ କେହି ଜଣେ = ସର୍ବଜନେ (କ) ।
୧୪-୧ ପାଦ =ପଦେ (କ) (ଗ), ତୀର୍ଥ = କ୍ଷିତି (କ) (ଗ); ୧୪-୨ ନମସ୍ତି =
ନମସ୍ତେ (କ) । ୧୬-୨ ଭଗତି ଶେଖର = ଭକତ ଶିଖର (କ) (ଖ) ।
୧୮-୧ ନେଇ = ମୁହିଁ (କ), ମୁହିଁ = ନେଇ (କ) । ୨୦-୧ ମୁ ତାଙ୍କୁ ଅନେକ =
ତେବେ ମୁଁ ଅର୍ଜୁନେ (କ) (ଗ) । ୨୨-୨ ଯେମନ୍ତ = ଯେଉଁ (କ) (ଖ) ।
୨୪-୨ ଯହିଁ = ମୁହିଁ (କ) । ୨୫-୨ ସୁହୃଦ = ଜଗତ (କ) (ଗ) ।
୨୬-୧ ଭୂତ ମୟ = ଭୂତେ ମାୟା (କ) (ଗ) । ୨୭-୧ ମୋହୋର = ମୋହର
(ଗ) । ୨୮-୧ ୟେ = ଯେ (ଖ) । ୩୧-୨ ବେଦେ ହିରଣ୍ୟ ଗର୍ଭ ହୋଇ =
ବେଦରେ ବ୍ରହ୍ମ ମୁଁ ବୋଲଇ (କ) । ୩୨-୨ ତ୍ରିଧାମ = ତ୍ରିବିଧ (କ) (ଖ) (ଗ) ।
୩୪-୨ ବସୁଙ୍କ ମଧ୍ୟେ ଅଗ୍ନି ହୋଇ = ଋଷିଙ୍କ ମଧ୍ୟେ ଭୃଗୁ ହୋଇ (କ) (ଗ) ।
୩୫ ପଦ (କ) ରେ ନାହିଁ । ୩୮-୨ ତହିଁ = ମୁହିଁ (ଖ) ।
୪୦-୧ ପିତୃଗଣଙ୍କ = ଆଦିତ୍ୟଗଣ (କ) (ଗ) । ୪୧-୨ ହୋଇ = ରହି (ଗ) ।
୪୩-୧ ଜାଣ = ଶୁଣ (କ) । ୪୬-୨ ସଂଯମ କର୍ତ୍ତା ମଧ୍ୟେ ଯମ = ସର୍ବ ସଂହାରେଣ
ମୁଁ ଯମ (କ) (ଖ) । ୫୧-୧ ମୁହିଁ ହର = ମହେଶ୍ୱର (କ) । ୫୨-୨ ଅଶ୍ୱତ୍ଥ
= ପିପ୍ପଳ (କ) (ଖ) । ୫୩-୧ ଶସ୍ୟଙ୍କ = ଫଳଙ୍କ (କ) । ୫୪-୧ ବେଦ ବାଦେ
= ଗୁହ ମଧ୍ୟେ (କ) (ଗ) । ୫୬-୨ ଜାଣ = ଘଣ (ଗ) ।
୬୩-୧ ଗୁଣ = ପଣ (କ), ପୁଣ (ଖ) । ୬୩-୨ ନର = ଜାଣ (କ) ।
୬୫-୨ ବୋଲି = ଭାବେ (ଗ) । ୬୭-୨ କାଳ = କଳି (କ) (ଖ) ।
୭୧-୨ ମଧ୍ୟେ = ମଧେ (ଗ) । ୭୭-୧ ଭାଗବତ = ଭାବଗତ (ଖ) ।
୭୮-୨ ପୁଣ = ଜାଣ (ଖ) (ଗ) । ୮୩-୨ ଆକାଶେ = ପ୍ରକାଶେ (ଗ) ।
୮୭-୨ ସେ = ଯେ (ଖ) (ଗ) । ୯୪-୧ ସୌଭଗ = ସୌଭାଗ୍ୟ (ଖ) ।
୧୦୨-୨ କହଇ = ବୋଲଇ (ଗ) ।

□□□

૩୯୪

ପାହାନ୍ତି ଅବକାଶ

ପୋଥି ପ୍ରାପ୍ତି

(କ) ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର - Cat. No. cy/372

(ଖ) ଶ୍ରୀ ଦେବରାଜ ଆଚାର୍ଯ୍ୟ, ଅଣିଆ ସାହି, ନିମାପଡ଼ା, ପୁରୀ ।

ଉଠ ଉଠ ପାହିଲା ରଜନୀରେ ବେଣୁପାଣି । ଉଠ ଉଠ ।
ଉଠରେ ଦୁଃଖ୍ ସଂଖାଳି ଶ୍ରୀମୁଖ ଦେବି ପଖାଳି
ଝରିରେ ରଖିଛି ବାସ ନୀରରେ । ବେଣୁପାଣି । ଘୋଷା ।
ଶୁକ ପିକ କାକ ସ୍ୱନ । ତାମ୍ରଚୂଡ଼ ରାବଘନ
କୁମୁଦେ କଲେ ଶୟନ । ଫୁଟିଲେ ନି ପଦ୍ମବନ
ନିଦ୍ରା ତେଜି ଚାହାଂ ନୀଳମଣିରେ । ବେଣୁପାଣି ।୧।
କେବଣ ଦେଶ ବ୍ରାହ୍ମଣ । ଅଟନ୍ତି ସେ ବଡ଼ଜଣ
ଚଢ଼ି ମରାଳ ବାହନ । ଚତୁର ମୁଖ ବଦନ
ଚାରିମୁଖେ ଚାରିବେଦ ଭଣିରେ ।୨।
ଆଉରି ଯେକ ସନ୍ୟାସୀ । ବୃଷଭ ବାହନେ ବସି
ମାଥେ ଟେକି ଇର୍ଦ୍ଧେ ଶଶୀ । ନାରୀଯେ ତା କୋଳେ ବସି
ବେନି ଜନେ ତୋ ନାମ ବଖାଣିରେ । ।୩।
କେଉଂ ତପୀ ବ୍ରହ୍ମଚାରୀ । ବୀଣା ଗୋଟା କରେ ଧରି
ନାଚେ ନୃତ୍ୟେ ରଙ୍ଗେ ହେରି । ଉଚ୍ଚେ ତୋ ନାମ ଉଚ୍ଚାରି
ସାମ ବେଦୁ ନାମ ସ୍ତୁତି ଭଣିରେ ।୪।
ଐରାବତ ପରେ ବିଜେ । ସହସ୍ରେ ନେତ୍ର ବିରାଜେ
କି ଅବା ସେ ଦେବରାଜେ । ତେଜେ ଦିବାକର ଗଞ୍ଜେ
ଅନୁକ୍ଷଣେ ତୋର ନାମ ଗୁଣିରେ ।୫।
ଦେବତା ସନ୍ୟାସ ଯତି । ସିଂହଦ୍ୱାରେ ପୂରିଛନ୍ତି
ଡାକନ୍ତି ଆହେ ଶ୍ରୀପତି । ଦର୍ଶନେ ହେବୁ ମୁକତି
ଯାଇ ତାଙ୍କୁ କର ଯା ମେଲାଣିରେ ।୬।
ଶୁଣି ମାତାଙ୍କ ଉତ୍ତର । ପଲଙ୍କ ତେଜି ସତ୍ୱର
ଅନ୍ତଃପୁରରୁ ବାହାର । ପ୍ରବେଶ ସିଂହ ଦୁଆର
ଦେଖି ଦେବେ ନାମ ସ୍ତୁତି ଭଣିରେ ।୭।
କହେ ଜଗନ୍ନାଥ ଦାସ । ଆହେ ଶ୍ରୀରାଧା ବିଳାସ
ଯେ ଦୁର୍ଜୟ କାଳପାଶ । କେ କରିପାରେ ବିନାଶ
ତୁମ୍ଭ ବିନା ଅଛି କେ ଧରଣୀ ହେ । ବେଣୁପାଣି ।୮।

୩୯୬

ପାଠାନ୍ତର

୧-୧ ବେଣ୍ଣୁ = ବେନୁ (କ) । ୧-୨ ଦୁଃଖୁ = ଦୁଖୀ (କ) (ଖ) । ୧-୪ ତାମ୍ର =ତାମ୍ବ (କ) (ଖ) । ୨-୨ ବାହନ = ବାହାନ (କ) । ୪-୩ ସ୍ତୁତି = ତୁସ୍ତି (କ) (ଖ) । ୬-୨ ଦର୍ଶନେ = ଦ୍ରଶନେ (କ) । ୭-୨ ଅନ୍ତଃପୁରରୁ = ଅନ୍ତପୁରରୁ (କ) (ଖ) ।

□□□

୩୯୭

ହାତୀ ଝୁଲଇରେ

ପୋଥି ପ୍ରାପ୍ତି

(କ) ଡଃ. କୃଷ୍ଣ ଚରଣ ସାହୁ - ଶ୍ରୀ ଜଗନ୍ନାଥ ଲୀଳାମୃତ- ପ୍ର -ସାଥୀମହଲ, କଟକ (୧୯୭୮), ପୃ - ୨୫ ।

(ଖ) ଶ୍ରୀ ଚକ୍ରଧର ମହାପାତ୍ର, ରଙ୍ଗଣି ସାହି, ବାଙ୍କପୁର, ପୁରୀ ।

ହାତୀ ଝୁଲଇରେ ଆସିବାର ବେଳ
ହାତୀ ଦେହୁ ବହୁଅଛି ମଏମଉ ଝାଳ (ଘୋଷା) ।
ଶ୍ରୀନୀଳ କନ୍ଦରେ ହାତୀ ବନ୍ଧା ହୋଇଥିଲା
ସ୍ନାହାନ ନିମିର ହାତୀ ଶାଳରୁ ଫିଟିଲା ।୧।
ଚନ୍ଦନ ପଲଙ୍କେ ହାତୀ ହୋଇଅଛି ଝଳି
ଚାଲିବା ଝଟକେ ହାତୀ ପଡୁଅଛି ଢଳି ।୨।
କି ସୁନ୍ଦର ହୋଇ ହାତୀ ହୋଇ ମଏ ମତ୍ତା
ଚଉଦ ଭୁବନେ ହାତୀ ଅଟଇ କରତା ।୩।
ଯେମନ୍ତ ସୁନ୍ଦର ହାତୀ ଦେଖିବାକୁ ନାହିଁ
ଜଗନ୍ନାଥ ଦାସ ବୋଲେ ହାତୀ ନାମ କହ୍ନାଇ ।୪।

ପାଠାନ୍ତର

୧-୨ ସ୍ନାହାନ = ଶ୍ରାହାନ (ଖ) । ୨-୨ ଢଳି = ଟଳି (ଖ) । ୪-୨ ବୋଲେ = କହେ (ଖ) ।

ଠଠଠ

ଗୁରୁ ନିରାକାର ତୁମ୍ଭେ

ପୋଥିପ୍ରାପ୍ତି

(କ) ଡଃ. କୃଷ୍ଣ ଚରଣ ସାହୁ - ରିଡର, ଓଡ଼ିଆ ବିଭାଗ,
ବାଣୀବିହାର, ଭୁବନେଶ୍ୱର, ପୁରୀ ।

(ଖ) ଶ୍ରୀ ସନାତନ ସାହୁ - ବାଙ୍କପୁର, ପୁରୀ ।

ଗୁରୁ ନିରାକାର ତୁମ୍ଭେ   କାରଣ କରିବା ଯେବେ
ତୁମ୍ଭ ପଦ୍ମ ଚରଣରେ ଗଲି ଶରଣ ।
କେମନ୍ତେ ମୁଁ ପାଇବି ଗତି
କେମନ୍ତ ପ୍ରକାରେ ତ୍ରୟ ନାମ ବୋଲନ୍ତି   ।୧।
ହରେ ରାମ କୃଷ୍ଣ ଯେହୁ   କେମନ୍ତ, ଅଟଇ ସେହୁ
ଗୁରୁ ଶିଷ୍ୟ ଜଗନ୍ନାଥ କେମନ୍ତ ହୋଇ ।
କେଉଁଠାରେ କାହାସ୍ଥାନ   କେମନ୍ତେ ଯେ ତ୍ରୟ ନାମ
ଯେ କଥା ବୁଝାଇ ମୋତେ କହ ଗୋସାଇଁ
ତୁମ୍ଭ ବିନୁ ନାହିଁ ମୋ ଆନ
ବୁଝାଇ କହିବ ମୋତେ ଯେ ତ୍ରୟ ନାମ   ।୨।
ଶିଷ୍ୟର ବଚନ ଶୁଣି   ଶ୍ରୀଗୁରୁ କହନ୍ତି ବାଣୀ
ଯାହା ପଚାରିଲୁ ଶୁଣ କହିବା ତୋତେ
ହରେ ଶିଷ୍ୟ ଗୁରୁ ରାମ   କୃଷ୍ଣ ଜଗନ୍ନାଥ ଜାଣ
ତ୍ରୟନାମ ବୋଲି ଯେହା ଯିବୁ ପରତେ ।
ଶ୍ରୀବୀଜ ଅଟଇ ଯେହୁ   ସୁଭଦ୍ରିକା ବୋଲି ସେହୁ
ହ୍ରୀଁ ବୀଜ ବଳଭଦ୍ର ହୃଦରେ ଘେନ ।
କୀଳକଂ ଯେ ଅଟଇ ବ୍ରହ୍ମ
ତ୍ରୟ ତତ୍ତ୍ୱ ତ୍ରୟରୂପ ଯେ ତିନି ନାମ   ।୪।
ସାମ ଯଜୁ ଋକ ଯେହି   ତ୍ରୟ ବେଦ ବୋଲି କହି
ଶ୍ରୀଗୁରୁ ଅଟନ୍ତି ଋକ ବେଦ ସଂଜାତ ।
ଯଜୁ ବେଦ ବୋଲି ଯାହା   ବଳଭଦ୍ର କହି ତାହା
ଶିଷ୍ୟ ଅଙ୍ଗ ଧରି ଯେ ହୋଇଛି ଗୁପତ ।
ସାମ ବେଦ କୃଷ୍ଣ ମହିମା
ଆକାର ଉକାର ଯେ ମକାର ପ୍ରତିମା   ।୫।

ଅକାରଟି ରାମ କହି ଉକାର କୃଷ୍ଣ ବୋଲଇ
ମକାରଟି ହରେ ବୋଲି ଯେ ତିନି ନାମ ।
ଲକାରଟି ଶ୍ରୀଂ ଜାଣ କକାର କ୍ଲୀଂ ବୋଲିଣ
ଈକାର ଟି ହ୍ରୀଂ ବୋଲି ହୋଇଛି ନାମ ।
ଶ୍ରୀଂ ଅକ୍ଷରୁ କାରୁଣୀ ବିଜେ
ହ୍ରୀଂ ଶ୍ରୀଂ କ୍ଲୀଂ ରୁ ଯୋଗମାୟା ହୋଇଛି ଉଦେ ।୬।
ହରେ ଯନ୍ତ୍ର କୃଷ୍ଣ ମନ୍ତ୍ର ରାମ ତନ୍ତ୍ର ସର୍ବମନ୍ତ୍ର
ଯେ ତ୍ରୟ ଯେକତ୍ର ହୋଇ ଅନାମ ଯନ୍ତ୍ର ।
ଅନାମରୁ ନାମ ହୋଇ ଅନାମେ ପୁଣି ସମ୍ଭାଇ
ଯେଣୁ ଯେକବ୍ରହ୍ମ ଯେ ତ୍ରୟ ନାମ ।
ନାମ ଶୂନ୍ୟ ପରମ ବ୍ରହ୍ମ [illegible]
ଅନାମୁ ଯେରୂପେ ସବୁଠାରେ ବିଶ୍ରାମ ।୭।
ପର ରଜ ସସ ଯେହି ବ୍ରହ୍ମା ବିଷ୍ଣୁ ଶିବ କହି
ପ୍ରକୃତି ପୁରୁଷ ନୀଳାଚଳେ ବିଜୟେ
ପର ବିଷ୍ଣୁ ରଜ ବ୍ରହ୍ମା ସସ ମହେଶ୍ୱର ନାମ।
ପ୍ରକୃତି ଅଙ୍ଗରୁ ଯେହୁ ସମ୍ଭବ ହୋଏ
ପର ବିଷ୍ଣୁ ହୃଦେ ସୁମର
ରଜ ବ୍ରହ୍ମା ସସ ରୁଦ୍ର ଲୟ ହୃଦର ।୮।
ଯେ ତ୍ରୟ ଯେକତ୍ର ହୋଇ ଅର୍ଦ୍ଧମାତ୍ରା ଶିରେ ରହି
ଯେଥିରେ ମଧରେ ଦେଖ ଯେ ବିନ୍ଦୁ ବ୍ରହ୍ମ ।
ବିନ୍ଦୁ ବ୍ରହ୍ମ ବୋଲି ଯାହା ପଞ୍ଚାସିକ ବୋଲି ତାହା
ତଥିପରେ ଅନହତ ହୋଏ ଶାସନ
ଯେକ ଆତ୍ମା ପଞ୍ଚ ପ୍ରକାଶ
ଜଗନ୍ନାଥ ଦାସ କହେ ପରମ ରସ [illegible]।

ପାଠାନ୍ତର

୧-୪ ତ୍ରୟ = ତ୍ରିୟ (ଖ) । ୨-୨ ଜଗନ୍ନାଥ = ଜଗନାଥ (କ); ହୋଇ = ହୋଈ (କ) (ଖ) । ୨-୩ ସ୍ଥାନ = ଥାନ (ଖ) । ୨-୨ ତ୍ରୟ =ତ୍ରିୟ (ଖ) । ୪-୧ ସୁଭଦ୍ରିକା = ସୁଭଦ୍ରିବୀ (ଖ) । ୫-୫ କୃଷ୍ଣ = କୃଷ୍ଣ (କ) (ଖ) । ୫-୬ ପ୍ରତିମା = ପ୍ରତ୍ରିମା (ଖ) । ୭-୧ ସର୍ବ = ସର୍ବ୍ବ (ଖ) । ୭-୩ ସମ୍ଭାଇ = ସର୍ମ୍ଭାଳି (କ) ।
୭-୬ ଅନାମୁ = ଅନାମରୁ (ଖ); ବିଶ୍ରାମ = ବିଶ୍ରୀମ (ଖ) ।
୮-୧ ବିଷ୍ଣୁ = ବିର୍ଷ୍ଣୁ (କ) । ୮-୨ ନୀଳାଚଳେ = ନୀଳାଂଚଳେ (କ) । ୮=୪ ସମ୍ଭବ =ସର୍ମ୍ଭବ (କ) । ୮-୬ ଇୟ = ଯେ ପ୍ରକଣ୍ଠ (ଖ) । ୯-୪ ଅନହତ ହୋଏ ଶାସନ = ଅନହତ ଶାସନ (କ) ।